ମଇ ୨୦୨୧




Photo by Dr. Ranjit Kumar Sahu, USA

**ISSN NO – 2582-208X**

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଓଡିଆମାନେ ହେଲେ ଶାନ୍ତିପ୍ରିୟ । ଏଣୁ ଆଗରୁ ଓଡିଆମାନେ ଓଡିଶା ବାହାରକୁ ଯିବାକୁ ଚାହୁଁନଥିଲେ । ପାଠଶାଠ ପଢି ଛୋଟ ଚାକିରୀଟିଏ ହେଲେ ମଧ୍ଯ ଓଡିଶାରେ ଯଦି ମିଳିଗଲା ତେବେ ତାହାଠାରୁ ଭଲକଥା କିଛି ନାହିଁ ବୋଲି ଭାବୁଥିଲେ । ତେଣୁ ଘରର ଆଖପାଖରେ, ଆଉ ଅଧିକ ବାଟ ହେଲେ ଭୁବନେଶ୍ୱର ପର୍ଯ୍ୟନ୍ତ ଚାକିରି ଖୋଜା ଯାଉଥିଲା । ମୋର ମନେଅଛି, ୧୯୯୭ ମସିହାରେ ମୋର ଯେତେବେଳେ ବ୍ୟାଙ୍କରେ ପ୍ରଥମ ପୋଷ୍ଟିଂ ଗୌହାଟୀରେ ହେଲା, ସେତେବେଳେ ପରିବାର ପରିଜନ, ସାଙ୍ଗସାଥି ଆଉ ବନ୍ଧୁବାନ୍ଧବମାନେ ଅନେକ ପ୍ରକାର କଥା କହି ଏତେ ଦୂରରେ ଚାକରୀ ନକରିବା ପାଇଁ ପରାମର୍ଶ ଦେଇଥିଲେ ଆଉ ବହୁତ କଷ୍ଟରେ ମୁଁ ଘର ବାହାରକୁ ପାଦ କାଢିଥିଲି । କିନ୍ତୁ, ଆଜିକାଲି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ । ଆଜିକାଲି କେବଳ ଭାରତବର୍ଷରେ ନୁହେଁ, ଓଡିଆମାନେ ପହଞ୍ଚି ପାରିଛନ୍ତି ପୃଥିବୀର ଅନେକ ଦେଶରେ ଆଉ ସହରରେ କେବଳ ନିଜ ଦକ୍ଷତା ଯୋଗୁ । ଜୀବିକା ଅର୍ଜନ ପାଇଁ ଦୂରରେ ରହିବା ସତ୍ତ୍ୱେ ବାହାରେ ରହୁଥିବା ଓଡିଆମାନେ ନିଜର ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅନେକ ପ୍ରକାରର ଚେଷ୍ଟା ମଧ୍ଯ କରି ଚାଲିଛନ୍ତି ।

ବିଭିନ୍ନ ସ୍ଥାନ ମାନଙ୍କରେ ଓଡିଆ ସମାଜ ଗଠିତ ହୋଇ ଓଡିଶାର ସଂସ୍କୃ ତି କୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ଯମରେ ମନେ ପକେଇବା, ଓଡିଆ ପର୍ବପର୍ବାଣୀ ପାଳନ କରିବା ଏବଂ ଏହା ସଙ୍ଗେ ସଙ୍ଗେ ନୂଆ ପିଢିକୁ ଓଡିଶାରେ ଐତିହ୍ୟ ଓ ସଂସ୍କୃତିକୁ ଜଣାଇବା କାର୍ଯ୍ୟ ଚଳାଇଛନ୍ତି । ଆଉ ଏଇଥିପାଇଁ ଆଜି ଓଡିଶା ବାହାରେ ରହିଲେ ମଧ୍ଯ, ନିଜ ଜନ୍ମଭୂମି ଆଉ ମାତୃଭାଷା ପାଇଁ କିଛିଟା ଅବଦାନ କରିବାର ଇଚ୍ଛା ପ୍ରତ୍ୟେକ ଓଡିଆଙ୍କ ପାଖରେ ଦେଖାଯାଇଛି ।

ଓଡିଶାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ, ମନ୍ଦିର, ପାହାଡ, ପର୍ବତ, ନଦୀ, ହ୍ରଦ ଓ ସମୁଦ୍ର । କିନ୍ତୁ ଏସବୁ ଥିବା ସତ୍ତ୍ୱେ ଓଡିଶା ଆଜି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରୁନାହିଁ । ଏହାର କାରଣ ହେଉଛି ପ୍ରଚାର ଓ ପ୍ରସାରର ଅଭାବ । ଆମ ରାଜ୍ୟରେ ଅନେକ ନଦୀ ଏବଂ ସମୁଦ୍ର ଥିବାବେଳେ ଏପର୍ଯ୍ୟନ୍ତ ଗୋଟିଏ ଭଲ "ୱାଟର୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ" ଦେଖିବାକୁ ମିଳେନାହିଁ । ଆମ ରାଜ୍ୟରେ ଏପରି ଅନେକ ସୁନ୍ଦର ସ୍ଥାନ ଅଛି ଯେଉଁଠାକୁ ଗଲେ ସେଠାରୁ ଆଉ ଫେରିବାକୁ ମଧ୍ୟ ଇଚ୍ଛା ହୁଏନାହିଁ ଏହାର ସୌନ୍ଦର୍ଯ୍ୟତା ଓ ପ୍ରାକୃତିକ ପରିବେଶ ଯୋଗୁ । ଚାରିଆଡେ ପ୍ରକୃତିର ସୁନ୍ଦର ପରିବେଶ । କିନ୍ତୁ ଏହିସବୁ ଯାଗା ବିଷୟରେ ଅନେକ ଲୋକେ ଜାଣିନାହାନ୍ତି । ଆମ ଓଡିଶାରେ ଅନେକ ପ୍ରକାରର ପର୍ବପର୍ବାଣୀ ପାଳନ କରାଯାଏ । ଆଉ ଯଦି ଏହି ପର୍ବପର୍ବାଣୀମାନଙ୍କୁ ନେଇ କିଛିଟା ଭିନ୍ନ ଧରଣର ପରିବେଶ ସୃଷ୍ଟି କରାଯାଇ ପାରନ୍ତା, ତାହାହେଲେ ପର୍ଯ୍ୟଟକମାନେ କେବଳ ଯେ ଓଡିଶା ପ୍ରତି ଆକର୍ଷିତ ହୁଅନ୍ତେ ତାହାନୁହେଁ, ଓଡିଶା ବିଷୟରେ ଅନେକ କଥା ମଧ୍ୟ ଜାଣି ପାରନ୍ତେ ।

ଓଡିଶା ହେଉଛି ଏକ ଗ୍ରାମ ବହୁଳ ରାଜ୍ୟ । ଏକ ଗ୍ରାମ ବହୁଳ ରାଜ୍ୟ ହିସାବରେ, ଏଠାରେ "ରୁରାଲ୍ ଟୁରିଜିମ୍" ଆରମ୍ଭ କରିବାପାଇଁ ଯଥେଷ୍ଟ ସୁଯୋଗ ରହିଛି । ଆଜିକାଲି ଅନେକ ରାଜ୍ୟରେ “ରୁରାଲ୍ ଟୁରିଜିମ୍” ଏବଂ “ବ୍ରେଡ୍ ଆଣ୍ଡ୍ ବ୍ରେକଫାଷ୍ଟ” ସ୍କିମ ଆରମ୍ଭ ହୋଇଗଲାଣି ଏବଂ ପର୍ଯ୍ୟଟକଙ୍କ ଦ୍ୱାରା ଆଦୃତ ହୋଇପାରିଛି ମଧ୍ୟ । ଅବଶ୍ୟ ଓଡିଶା ସରକାର ପର୍ଯ୍ୟଟନର ବିକାଶ ପାଇଁ ଏବେ ଅନେକ ପ୍ରକାର ପଦକ୍ଷେପ ନେଉଛନ୍ତି, କିନ୍ତୁ ତାହା ଆଜିର ଦିନରେ ଯଥେଷ୍ଟ ନୁହେଁ । ପର୍ଯ୍ୟଟନ ମାନଚିତ୍ରରେ ଓଡିଶାକୁ ଆଗକୁ ନେବାକୁ ହେଲେ ଅନ୍ୟ ରାଜ୍ୟମାନଙ୍କ ପରି ଆକ୍ରାମକ ନତି ଗ୍ରହଣ କରିବାକୁ ପଡିବ ଯେଉଁଥିପାଇଁ ପ୍ରତ୍ୟେକ ଓଡିଆଙ୍କ ଅବଦାନ ମଧ୍ୟ ଆବଶ୍ୟକ ।

ଜୟ ଓଡିଶା, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

# ଭିତର ପୃଷ୍ଠାରେ....


| | | |
|---|---|---|
| ରାମ ନବମୀର ତାତ୍ପର୍ଯ୍ୟ | ଦାଶରଥି ଶତପଥୀ | ୧୨ |
| ଚାକିରୀ ଜୀବନ | ଡ. ପ୍ରସନ୍ନ କୁମାର ବଳ | ୧୫ |
| ଖାଦ୍ୟ ସୁରକ୍ଷା | ସନାତନ ମହାକୁଡ | ୧୭ |
| କାହ୍ନା ତୁମ ବିରହରେ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୮ |
| ଧାଡିରେ ଛିଡା ମଣିଷ | ଡକ୍ଟର ବିଜ୍ଞାନୀ ଦାସ | ୧୯ |
| ଅବିର ଖେଳା ରେ.. | ଡ. ଶକୁନ୍ତଳା ଗୁପ୍ତା | ୩୧ |
| ଶୈଶବରୁ ପ୍ରିୟ ସାଥୀ | ବିନୋଦିନୀ ଦାଶ | ୩୩ |
| କର୍ମ ହିଁ ଭଗବାନ | ଅଲେଖ ମେହେର | ୩୫ |
| ବିଶେଷ ଅତିଥି | ଅଳକା ମହାନ୍ତି | ୩୬ |
| ପଳାସ ଫୁଲ.. | ଝିଲିମିଲି ସାହୁ | ୪୦ |
| କଣ ଲେଖିବି, କାହାକୁ କହିବି, କୁଆଡେ ଯିବି | ଭାସ୍କର ଚନ୍ଦ୍ର ଖଣ୍ଡା | ୪୨ |
| ରାଜଧାନୀରେ ହଜିଗଲାଣି ବସନ୍ତ | ଶଶଧର ମହାପାତ୍ର | ୪୫ |
| ସେଇ ମୁହଁ ଟି | ଶାନ୍ତିଲତା ମିଶ୍ର | ୪୬ |
| କରୋନା | ସସ୍ମିତା ପଟ୍ଟନାୟକ | ୫୧ |
| ବୋଲେ ହୁଁଟି | ପ୍ରାଧାପିକା ଜ୍ୟୋସ୍ନା ରାୟ | ୫୨ |
| ବନ୍ଧୁତା | ଡକ୍ଟର ମନୋରଞ୍ଜନ ବିଷୋୟୀ | ୫୪ |
| ବଞ୍ଚିବାର ସୂତ୍ର | ସୁଲୋଚନା ପଟ୍ଟନାୟକ | ୫୬ |
| ମା' ଭାରତୀ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୬୪ |
| ପଞ୍ଚ ମହାଭୁତ | ପ୍ରିୟଦର୍ଶିନୀ ମହାନ୍ତି | ୬୬ |
| ବୋହୂମା' ତୁମକୁ ଅଳ | ଶିଶିର କୁମାର ପଣ୍ଡା | ୬୭ |

| | | |
|---|---|---|
| ନିଃସଙ୍ଗତାର ଝଙ୍କାର | ଡକ୍ଟର ମଧୁସ୍ମିତା ମିଶ୍ର | ୭୮ |
| ସେଦିନ, ଆଜି ଓ ହୋଲି | ହାସ୍ୟମୟୀ ରାଜ୍ | ୭୯ |
| ଦେବୀ | ମନୀଷା ପଣ୍ଡା | ୮୧ |
| ଭାଙ୍ଗି ଯାଉଥିବା ମଣିଷଟି... | ଅର୍ପିତା ଦାସ | ୮୩ |
| ଅସାଧାରଣ ସୁନ୍ଦରବନ | ଅଶୋକ ବିଶ୍ୱାଳ | ୮୪ |
| ରଙ୍ଗ ତୂଳୀ | ଶକୁନ୍ତଳା ପରିଡ଼ା | ୯୨ |
| ଭବିଷ୍ୟତର ସ୍ମୃତିକୁ ବହନ କରି | ସନ୍ଧ୍ୟାରାଣୀ ଦାଶ | ୯୩ |
| ହୋଲି ରଙ୍ଗ କହୁଛି | ନନ୍ଦିନୀ ରାଉତ | ୯୫ |
| ପଳାସର ଗନ୍ଧ | ସରୋଜ ଲକ୍ଷ୍ମୀ ମହାନ୍ତି | ୯୭ |
| କୌଆ ଉଡ଼୍ | ଆରତୀ ସାହୁ (ଆଶା) | ୯୯ |
| ସ୍ୱର୍ଗ ନର୍କ ଯମପୁରେ | ଅର୍ଜୁନ ମେହେର (ଆଶ୍ରିତ) | ୧୦୪ |
| ନୟନାଭିରାମ | ଡ. ଅର୍ଜୁନ ଚରଣ ବାରିକ୍ | ୧୦୬ |
| କର୍ମ ହିଁ ଭଗବାନ | ଅଲେଖ ମେହେର | ୧୦୮ |
| ଜୀବନ୍ତ ଶବ | ସତ୍ୟନାରାୟଣ ମିଶ୍ର | ୧୦୯ |
| ଅମୀମାଂସିତ | ସାବିତ୍ରୀ ମହାପାତ୍ର | ୧୧୨ |
| ମୁଁ ରାଜା ତୁ ରାଣୀ | ଅମୂଲ୍ୟ କୁମାର ପଣ୍ଡା | ୧୧୪ |
| ଇଏ କପରିକା ମଣିଷ ପଣିଆ | ଶୁଭଲକ୍ଷ୍ମୀ ସାହୁ | ୧୧୫ |
| ଜଙ୍ଗଲ ସୁନ୍ଦରୀ ମହୁଲ ଫୁଲ | ରୀତା ଅପରାଜିତା ମହାନ୍ତି | ୧୧୭ |
| ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର | ବରଦା ପ୍ରସନ୍ନ ଦାସ | ୧୧୮ |
| ରେ ମେଘ | ପୂର୍ଣ୍ଣଚନ୍ଦ୍ର ରଣା | ୧୨୧ |
| ମୁଁ | ପୁଷ୍ପାଞ୍ଜଳି ପଣ୍ଡା | ୧୨୨ |
| ସ୍ୱପ୍ନ | ଡା.ରାଜକୁମାରୀ ବେହେରା | ୧୨୪ |
| ପୁଣି ବହୁତ ଦିନ ପରେ | ସଞ୍ଜୟ କୁମାର ନାଏକ(ସଞ୍ଜୁ ) | ୧୨୫ |

| | | |
|---|---|---|
| ସଂଘର୍ଷ ମୟ ଏ ମଣିଷ ଜୀବନ | ଅମ୍ବିକା ସ୍ୱାଇଁ | ୧୨୮ |
| ଯାଯାବର | ତ୍ରିପତି ପ୍ରଧାନ | ୧୩୦ |
| ସକାଳ ସୁନ୍ଦରୀ | ନବ କୁମାର ଦାସ | ୧୩୧ |
| ଗ୍ରୀଷ୍ମ କାଳ | ରୋହିତ ସେଠୀ | ୧୩୨ |
| ମନ କାଗଜ | ରାମ ଚନ୍ଦ୍ର ପ୍ରଧାନ | ୧୩୪ |
| ଶଙ୍ଖା ସିନ୍ଦୂର | ବାସନ୍ତୀ ଲତା ଜେନା | ୧୩୫ |
| ଜୀବନ ଯୋଉଠି | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୩୮ |
| ମାରିବୁନ ଚିଟିକାରି | ନରେନ୍ଦ୍ର ପ୍ରସାଦ ବେହେରା | ୧୩୯ |
| ଶୁଣ ମୋ ଭାଇଭଉଣୀ | ରାଜକିଶୋର ସାଇଁ | ୧୪୨ |
| କରୁଣା ସିନ୍ଧୁ ଶ୍ରୀହରି | ଡଃ ଅର୍ଜୁନ ଚରଣ ବାରିକ | ୧୪୪ |
| ଅନ୍ୱେଷଣ | ଅଭିମନ୍ୟୁ ଧଳ | ୧୪୬ |
| ଦୁଃଖର ଉକ୍ତି | ଅଚ୍ୟୁତାନନ୍ଦ ଭୂଏ | ୧୪୭ |
| ଆତ୍ମଦର୍ଶନେ ମୁଁ "ନାରୀ" | ଶୋଭାଗିନ ବିଶି | ୧୪୮ |
| ଡାଆଣୀ | ମୀନାକ୍ଷି ପାଢୀ | ୧୫୦ |
| ଏ ମନ ମାନେନା | ନିରଞ୍ଜନ ସାହୁ | ୧୫୮ |
| ବହି | ଉମେଶ ବିଶ୍ୱାଳ | ୧୫୯ |
| ଅନ୍ୱେଷା | ଅଜୟ କୁମାର ସାହୁ | ୧୬୧ |
| ଫସର ଫାଟିଲ୍ | କୁଞ୍ଜ ବିହାରୀ ସାହୁ | ୧୬୩ |
| ମୁଁ ନୁହେଁ ପ୍ରେମ | କଳ୍ପନା ସାହୁ | ୧୬୬ |
| ଅଭୁଲ୍ ସ୍ୱପ୍ନ | ଛବିରାଣୀ ପତି | ୧୬୭ |
| ଜୀବନ | ଅନନ୍ତ କୁମାର | ୧୬୯ |
| ମଞ୍ଜୁଳ ପ୍ରକୃତି | ଜ୍ୟୋତି ପଧାନ | ୧୭୦ |
| ତ୍ୟାଗ ର ରଙ୍ଗ | ଆଶୁତୋଷ ମେହେର | ୧୭୨ |
| ପ୍ରତିଶ୍ରୁତି | ଓଜସ୍ୱିନୀ ଶତପଥୀ | ୧୭୫ |

| | | |
|---|---|---|
| ଓଡ଼ିଆ ନୂଆ ବରଷ | ଦୀନବନ୍ଧୁ ପୋଇ | ୧୭୭ |
| ଜଆଁ - ଝୁଲ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି | ୧୭୮ |
| ସୁବାଷ ସ୍ମରଣେ | ଶେଷଦେବ ପଣ୍ଡା | ୧୮୧ |
| ଅଯୋଗ୍ୟ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୮୩ |
| ପ୍ରଣୟିନୀ | ବିଜୟ କୁମାର ସାହୁ | ୧୮୭ |
| ତୁମକୁ ଖୋଜୁଛି | କୀର୍ତ୍ତି ଦେବୀ | ୧୮୮ |
| ବୃକ୍ଷ ମହିମା | ଜନ୍ମଜୟ ନାୟକ | ୧୮୯ |
| ମା ତାରିଣୀ | ଅମରନାଥ ବାରିକ | ୧୯୧ |
| ଲୋକ ସାହିତ୍ୟିକ ଦୃଷ୍ଟିରେ ଓଡିଶାର କୁମ୍ଭକାର ସମ୍ପ୍ରଦାୟ-ଏକ ଆଲୋଚନା | ଚତୁର୍ଭୁଜ ରଣ | ୧୯୩ |
| ରେ ଶକୁନ | ନୂତନ କୁମାର ବେହେରା | ୧୯୯ |
| ଋତୁରାଜ ବସନ୍ତ | ଉମାରାଣୀ ବେହେରା | ୨୦୨ |
| ଶିକ୍ଷକତାର ଆବାହନୀ ସଙ୍ଗୀତ | ଆଲୋକ କୁମାର ପଣ୍ଡା | ୨୦୩ |
| ଇଂରେଜଙ୍କ ଦୃଷ୍ଟିରେ ସିପାହୀ ବିଦ୍ରୋହ: ଚର୍ବିଲଗା ଗୁଳିର କାହାଣୀ | ପ୍ରିୟବ୍ରତ ପାତ୍ର | ୨୦୫ |
| ଭୁଲ | ଅନଙ୍ଗ ମଞ୍ଜରୀ | ୨୧୦ |
| ଅସହାୟ ଅନୁଗତ | ଧୀରେନ୍ଦ୍ର କୁମାର ପ୍ରଧାନ | ୨୧୩ |
| ହେ ଯୁବକ ! | ଜଗନ୍ନାଥ ପ୍ରଧାନ | ୨୧୪ |
| ଇଚ୍ଛା | ଭକ୍ତବନ୍ଧୁ ବିଶ୍ୱାଳ | ୨୧୫ |
| ଗବର ଓ ନିର୍ବାଚନ | ବିଜୟ କୁମାର ଜେନା | ୨୧୭ |
| ଅର୍ଜୁନ | ମଧୁସ୍ମିତା ପୃଷ୍ଟି | ୨୨୧ |
| ଖୋଲା ଆକାଶ ର ପ୍ରେମ | ମୈତ୍ରେୟୀ କମିଳା | ୨୨୩ |
| କଣଟା କରିଛ? | ଡ. ଜ୍ଞାନେଶ୍ୱର ମିଶ୍ର | ୨୨୪ |
| ଆହ୍ୱାନ | ବିନୟ ମିଶ୍ର | ୨୨୬ |

| | | |
|---|---|---|
| ଏମିତି ବି ହୁଏ | ଝରଣା ବାରିକ | ୨୨୭ |
| ଫଗୁଣ ଫଗୁରେ ଖେଳ ହୋଲି | ସରୋଜ କୁମାର ଜେନା | ୨୩୦ |
| ଭକ୍ତ ଓ ଭକ୍ତି | ସୁଲୋଚନା ବେହେରା | ୨୩୧ |
| ଗଙ୍ଗ ଶିଉଳ | ବିଶ୍ୱ ରଞ୍ଜନ ମହାନ୍ତି | ୨୩୪ |
| ଆଜିର ପ୍ରକୃତି | ସରୋଜ କୁମାର ସାହୁ | ୨୩୬ |
| ଅଚହ୍ନା ବନ୍ଧନ | ଜୟଲକ୍ଷ୍ମୀ ସେଠୀ | ୨୩୭ |
| ସ୍ୱାର୍ଥପର | ତପସ୍ୱିନୀ ଷଢଙ୍ଗୀ | ୨୪୨ |
| "ମୀରାବାଈ" ପରି ପ୍ରେମ | ଶଶୀକାନ୍ତ ମେହେର | ୨୪୪ |
| ରେ ମଣିଷ | ସମ୍ବିତ ଦାଶ | ୨୪୬ |
| ଜ୍ଞାନ | କଳେଶ କୁମାର ଭୋଇ | ୨୪୭ |
| ଅଣୁ ଗଳ୍ପ "ଫଟୋ" | ସିଦ୍ଧେଶ୍ୱର ତ୍ରିପାଠୀ | ୨୪୯ |
| "ଅଭିଶପ୍ତ" ସହର | ଅଜିତ ପାଢ଼ି | ୨୫୧ |
| ରାୟଗଡ଼ାର ନାଗାବଳୀ ନଦୀ ଓ ନୟମଗିରି ପାହାଡ଼ | ପ୍ରଦୀପ କୁମାର ଜିଲିକାର୍ | ୨୫୩ |
| ସନ୍ଦେହୀ ପ୍ରିୟା | ତପନ କୁମାର ସାହୁ | ୨୫୬ |
| ଛୋଟ ମୋର ନାଆଟି | ପ୍ରଫେସର ଅନତା ପଣ୍ଡା | ୨୫୮ |
| ମୋ ବାହାଘର | ସଙ୍ଗୀତା ମହାନ୍ତି | ୨୬୮ |
| ଉତ୍କଳ ଦିବସ | ସେବକାନ୍ତ ନନ୍ଦ | ୨୭୦ |
| କରୋନା କୋଇଲି | ସୂର୍ଯ୍ୟକାନ୍ତ ମଲିକ | ୨୭୨ |
| ପରୀକ୍ଷା | ଖଗେଶ୍ୱର ବାଗ | ୨୭୮ |
| କାମନା | ସୁଶୀଲ୍ କୁମାର ଭୋଇ | ୨୮୩ |
| ଅପେକ୍ଷା ମିଠା ଦୁର୍ଘଟଣାକୁ | ଶରତ କୁମାର ନାଏକ | ୨୮୫ |
| ମା | ସନାତନ ଦାସ | ୨୮୭ |
| ଗୁରୁ | କେଶରୀ ପ୍ରସାଦ ମହାନ୍ତି | ୨୮୮ |

| | | |
|---|---|---|
| ଜିଇଁ ବାର କଳା | ଗୁପ୍ତେଶ୍ୱର ଗୁନ୍ଦ | ୨୯୦ |
| କବିତା | ଜଗନ୍ନାଥ ରଥ | ୨୯୨ |
| ମୃତ୍ୟୁ | ଜନ୍ମଜୟ ନାୟକ | ୨୯୩ |
| ଜୟ ମା ବାଗୀଶ୍ୱରୀ | ଜ୍ୟୋତିର୍ମୟୀ ପଣ୍ଡା | ୨୯୫ |
| ଅବଶୋଷ ପ୍ରେମ | ଦୁଷ୍ମନ୍ତ ବେହେରା | ୨୯୬ |
| ମୁଁ ଯଦି | ଅର୍ଜୁନ ଦାସ | ୩୦୧ |
| ଅଦୃଶ୍ୟ ଦାନବର ଯନ୍ତ୍ରଣା | ମୟଙ୍କ | ୩୦୨ |
| ଖରାଦିନ | ଯଶୋବନ୍ତ ନାୟକ | ୩୦୪ |
| ପ୍ରିୟତମା | ଦୀନେଶ ଅଗ୍ରୱାଲ୍ | ୩୦୬ |
| ମୁଇଁ ତ ଗରିବ ଛୁଆ | ମହେଶ୍ୱର ସାହୁ | ୩୦୭ |
| ଶିକ୍ଷକ | ଲକ୍ଷ୍ମୀ ନାରାୟଣ ରଥ | ୩୧୭ |
| ମୋ ଗାଁ ହସୁଛି | ଲଲାଟେନ୍ଦୁ ବାରିକ | ୩୧୯ |
| ଇନ୍ଦ୍ରଧନୁର ଛାଇ | ଜ୍ୟୋତିର୍ମୟୀ ପାଣିଗ୍ରାହୀ | ୩୨୧ |
| ଜନନୀ | ଦେବାର୍ଚ୍ଚନ ମେହେର | ୩୨୩ |
| ସନ୍ନ୍ୟାସୀ ବାବାଙ୍କ ପ୍ରତ୍ୟାବର୍ତ୍ତନ | ବାଲ୍ମୀକ ନାୟକ | ୩୨୪ |
| ପରିଚୟ | ବିନ୍ଧ୍ୟାରାଣୀ ଦାଶ | ୩୩୩ |
| ବସନ୍ତ ପ୍ରବେଶ | ରଞ୍ଜନ କୁମାର ବ୍ରହ୍ମା | ୩୩୫ |
| ମୋତେ କେହି ଭୁଲିବନି | ବିଜୟ କୁମାର ଛାଟୋଇ | ୩୩୭ |
| ତୁମକୁ ପତ୍ରରେ... | ସୌମ୍ୟ ରଂଜନ ଦାସ | ୩୪୦ |
| ନାରୀ | ଦୀପକ କୁମାର ନାୟକ | ୩୪୧ |
| ଆଜି ମୁଁ ଏକା | ପବିତ୍ର ବେହେରା | ୩୪୩ |
| ନଦାଘରେ ବସନ୍ତ | ମନଜିତ ମୋହନ ଗୁନ୍ଦ | ୩୪୫ |
| ଆମ୍ରପଲ୍ଲୀ | ମେନକା ସାହୁ | ୩୪୬ |
| କାହିଁକି ଏମିତି କଲ | ବିଶ୍ୱନାଥ ସେଠୀ | ୩୫୧ |

| | | |
|---|---|---|
| ଅଭିମାନୀ ପ୍ରିୟତମା | ଆନନ୍ଦ ସାହୁ | ୩୫୩ |
| ବାପୁ ତମେ କଣ ଭୁଲ କଲ | ସୁଧାଂଶୁ କୁମାର ନାୟକ(ବିକ) | ୩୫୪ |
| ମହାଭାରତ କଥା | ନରେନ୍ଦ୍ର ପ୍ରସାଦ ବେହେରା | ୩୫୫ |
| ଗୁରୁଜୀ ଓ ଗୁରୁମା | ରାଧାରାଣୀ ରାଉଳ | ୩୫୮ |
| ତୁମେ ଆଉ ମୁଁ | କରଣ ମନଷା ମହାନ୍ତି | ୩୫୯ |


# ଆଞ୍ଚଳିକ


| | | |
|---|---|---|
| ଦାଦନ୍ | ବାଙ୍କାବିହାରି ମହାକୁର | ୩୬୨ |
| ଦୁହି ପର୍ବନର୍ ଭଞ୍ଜୁର୍ କୁଟୁର୍ | ମନୋରଞ୍ଜନ ସୁରୁଜାଲ | ୩୬୪ |
| ପସ୍ତଉଥିବୁ ମନେ | ଶ୍ୟାମସୁନ୍ଦର କୁମ୍ଭାର | ୩୬୬ |
| ମୁନୁଷ୍ ରୂପୀ ରାକ୍ଷସ | ଦିନେଶ ମେହେର | ୩୬୯ |
| ଧାନ୍ ମଣ୍ଡି | ସନ୍ତୋଷ କୁମାର ଅଦାବର | ୩୭୧ |
| ଅଁହକାର୍ ମୋର୍ ବୁଝା | ଶୁକଦେବ ସାହୁ | ୩୭୩ |


# ଶିଶୁ ବିଭାଗ


| | | |
|---|---|---|
| ପଡ଼ିଶା ବାଡ଼ିର ଫଳ | ଡ଼ଃ ରଞ୍ଜିତ କୁମାର ସାହୁ | ୩୭୬ |
| ପଢ଼ା ଲେଖା ସେତ | ଅଜୟ କୁମାର ବେହେରା | ୩୮୦ |
| ଚତୁର ଠେକୁଆ | ଦୀପ୍ତିମୟୀ ସାହୁ | ୩୮୨ |
| ଆମରି ପୁଷି | ମନୋରମା ସାହୁ | ୩୮୬ |
| ଶାଳବଣର ଛାଇ | ନୀଳମାଧବ ସାହୁ | ୩୮୭ |
| ଦୁଇବନ୍ଧୁଙ୍କ କଥା | ବିନୟ କୁମାର ଦାସ | ୩୯୧ |
| ଚନ୍ଦ | ରିୟାନ୍ସ ପଣ୍ଡା | ୩୯୪ |

| | | |
|---|---|---|
| ଚନ୍ଦ୍ର | ସାଇ ସ୍ୱରୂପ ପଣ୍ଡା | ୩୯୫ |
| ମଇ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୩୯୬ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୩୯୭ |



[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

ଯୋଗାଯୋଗ

Whatsapp:+ 91 9594993733

# ରାମ ନବମୀର ତାତ୍ପର୍ଯ୍ୟ

ଦାଶରଥି ଶତପଥୀ

ଇଶ୍ୱର ହିଁ ବିଶ୍ୱ ବ୍ରହ୍ମାଣ୍ଡର ରଚୟିତା । ସେ ଅତୁଳନୀୟ, ରହସ୍ୟମୟ ଯାହାକୁ କଳନାକରିବା ମନୁଷ୍ୟର ଜ୍ଞାନର ବାହାରେ । ଜୀବମ୍ବା ସହିତ ରୂପହୀନ, ଅସୀମ ଗୁଣାତୀତ, ଅନନ୍ତ, ଅଦ୍ଭୁତ, ଦିବ୍ୟମୟ ଆଧାତ୍ମିକ ଚେତନା ଭିତରେ ଯାହାକୁ କେବଳ ଅନୁଭୂତି ମାଧ୍ୟମରେ ଅନୁଭବ କରାଯାଇପାରେ । କନ୍ତୁ ସାଧାରଣ ମାନବ ପକ୍ଷରେ ଏହା ପରିପ୍ରକାଶ କରିବା ସମ୍ଭବ ହୋଇପାରେନା । ଧ୍ୟାନ ଧାରଣା, ସତକର୍ମ, ସତଭାବନା ମାଧ୍ୟମରେ ହିଁ ଉତ୍ତମ କର୍ମ କରି ଏ ମଣିଷ ସଂସାର ସାଗରରୁ ପାରିହୋଇଥାଏ ।

ସତ୍ୟ, ତ୍ରେତୟା ଏବଂ ଦ୍ୱାପର ଯୁଗରେ ଯେଉଁପରି ପୂଜା, ଆରାଧନା, ଯଜ୍ଞ ଓ ଯୋଗଦ୍ୱାରା ଯାହା ପ୍ରାପ୍ତି ହୋଇଛି ସେହିପରି ଭାବରେ କଳଯୁଗରେ କେବଳ ନାମ ସଂକୀର୍ତ୍ତନ ଦ୍ୱାରା ତାହା ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ରାମଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସଙ୍କ ମତରେ :-

କଳଯୁଗ କେୱଳ ହରି ଗୁନ ଗାହା ।
ଗାୱତ ନର ପାୱହିଁ ଭବ ତାହା ॥
କଲିଯୁଗ ଯୋଗ ନ ଜଗ୍ୟ ନ ଜ୍ଞାନା ।
ଏକ ଆଧାର ରାମ ଗୁନ ଗାନା ॥
ସବୁ ଭରୋସ ତଜି ଜୋ ଭଜ ରାମହି ।
ପ୍ରେମ ସମେତ ଗାୱ ଗୁନ ଗ୍ରାମହି ॥
ସୋଇ ଭବ ତର କଛୁ ସଂଶୟ ନାହିଁ ।
ନାମ ପ୍ରତାପ ପ୍ରଗଟ କଲି ମାହିଁ ॥

କଳଯୁଗରେ ତ କେବଳ ଶ୍ରୀହରିଙ୍କ (ରାମନାମ) ଗୁଣଗାନ କରିବା ହିଁ ମନୁଷ୍ୟର ଭବ ସାଗରରୁ ତରିଯାଏ ବୋଲି ଉଲ୍ଲେଖ ରହିଛି ।

ସମସ୍ତ ଜୀବ ଜଗତକୁ ଉଲ୍ଲସିତ କରି ରଖିବା ଜୀବନ ପକ୍ଷେ ଯାହାର କାର୍ଯ୍ୟ ବ୍ୟାପାର ଥିଲା ସେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ତ୍ରେତୟା ଯୁଗରେ ଚୈତ୍ର ଶୁକ୍ଳ ନବମୀ ତିଥୀରେ ମାନବ ଧର୍ମ ପାଳନ ଓ ଧର୍ମରକ୍ଷା ନିମିତ୍ତ ଅଧର୍ମ, ଅନ୍ୟାୟ, ଅସତ୍ୟ ଉପରେ ସତ୍ୟ ପ୍ରତିଷ୍ଠା କରିବା ପାଇଁ ମର୍ତ୍ତରେ ଜନ୍ମ ନେଇଥିଲେ ।

ଧରାପୃଷ୍ଠରେ ବିଶ୍ରବା ପୁତ୍ର ରାବଣର ଅସହ୍ୟ ଉତପୀଡନ ଦ୍ୱାରା ପ୍ରଭାବିତ ହୋଇ ଦେବଗଣ ଭଗବାନ ଶ୍ରୀବିଷ୍ଣୁଙ୍କୁ ଗୁହାରି କଲେ । ଫଳରେ ଭଗବାନ ବିଷ୍ଣୁ ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ରଭାବେ ଜନ୍ମଲାଭ କରି ଭରାପୃଷ୍ଠରେ ଦୁଃଖମୋଚନ କରିବେ ବୋଲି ଅଭୟବାଣୀ ଶୁଣାଇଥିଲେ । ଫଳରେ ଚୈତ୍ର ମାସ ଶୁକ୍ଳ ନବମୀ ଶୁଭଅବସରରେ ଦେବୀ କୌଶଲ୍ୟାଙ୍କ ଗର୍ଭରୁ ଶ୍ରୀରାମ ରୂପେ ମର୍ତ୍ତକୁ ଓହ୍ଲାଇଥିଲେ ।

ରାମଚନ୍ଦ୍ର ସ୍ୱୟଂ ବିଷ୍ଣୁଙ୍କ ଅଂଶଭୁକ୍ତ ଥିଲେ । ତାଙ୍କର ଅତି ରମଣୀୟକାନ୍ତି ସମସ୍ତଙ୍କୁ ଆକର୍ଷିତ କରିଥିଲା । ଗୁରୁ ବଶିଷ୍ଠଙ୍କ ଠାରୁ ବିଦ୍ୟା ଶିକ୍ଷା କରି ଯୁଦ୍ଧ ବିଦ୍ୟାରେ ପାରଙ୍ଗମ ଥିବା ଶ୍ରୀରାମଚନ୍ଦ୍ରଙ୍କୁ ବିଶ୍ୱାମିତ୍ର ତାଙ୍କୁ ଅସୁରଙ୍କ ଦାଉରୁ ପ୍ରାୟଜିତ କରିଥିବା ଯଜ୍ଞଙ୍କୁ ରକ୍ଷା କରିବା ପାଇଁ ନେଇଥିଲେ । ଏବଂ ଜନକ ରାଜ୍ୟରେ ପଂହଞ୍ଚି ଶିବଧନୁ ଭଂଗ୍ନ କରି ଦେବୀ ସୀତାଙ୍କୁ ବିବାହ କରିଥିଲେ ।

ବାର୍ଦ୍ଧକ୍ୟ ଅବସ୍ଥାରେ ଦଶରଥ ରାମଚନ୍ଦ୍ରଙ୍କୁ ରାଜ୍ୟ ପଦରେ ଅଭିଷକ୍ତ କରିବାକୁ ଯାଉଥିବାବେଳେ କୈକେୟୀଙ୍କ ଚକ୍ରାନ୍ତରେ ରାଜପଦ ହରାଇ ପିତୃ ସତ୍ୟ ପାଳନ କରି ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସରେ ଗଲେ । ଅରଣ୍ୟରେ ମୁନ ରଷିମାନଙ୍କର ପ୍ରିୟ, ଗୁହକ, ସବରୀର ପ୍ରିୟ ହେବା, ରାକ୍ଷାସଙ୍କୁ ମାରିବା ଶେଷରେ ସୁଗ୍ରୀବ, ହନୁମାନଙ୍କ ସହ(ଭକ୍ତ ଓ ଭଗବାନଙ୍କ ମିଳନ) ସଂପର୍କ ସ୍ଥାପନ କରିଥିଲେ । ସୀତାଙ୍କୁ ହରାଇ ସମୁଦ୍ରରେ (ରାମେଶ୍ୱରଠୁ ଲଙ୍କା) ସେତୁ ବନ୍ଧ ବାନ୍ଧି ଲଙ୍କା ଜୟ କରି ଘରକୁ ଫେରିଥିଲେ ରାମରାଜ୍ୟ ପ୍ରତିଷ୍ଠା କରିବା ପାଇଁ ।

ପ୍ରଭୁ ଶ୍ରୀରାମଚନ୍ଦ୍ର ଅଟନ୍ତି ପ୍ରମୁଖ ପିତୃଭକ୍ତ, ମାତୃଭକ୍ତ, ଜନ୍ମଭୂମିପ୍ରେମୀ, ପ୍ରଚଣ୍ଡ ପରାକ୍ରମୀ, ସତ୍ୟପ୍ରିୟ, ପ୍ରଜାନୁରଂଜନ, ଦିବ୍ୟରୁପକାନ୍ତି ସଂପୂର୍ଣ୍ଣ ପୁରୁଷ ଯାହାର ମୁଖରୁ ଅମୃତବାଣୀ ଝରେ । ତାଙ୍କଠାରେ ଥିବା ବାସ୍ତବ ପୁରୁଷୋତ୍ତମ ତତ୍ତ୍ୱ ଅଲୌକିକ ମହିମା, ଦିବ୍ୟଗୁଣ, ବିଶିଷ୍ଟତା, ଅତି ଚମତ୍କାର ସେ ସାକ୍ଷାତ ବିଷ୍ଣୁ ଅବତାର ବୋଲି ରାମାୟଣରେ ଅନେକ ସ୍ଥାନରେ ପୁଂଖାନୁପୁଂଖଭାବେ ବର୍ଣ୍ଣନା କରାଯାଇଛି । ଯାହାକୁ ଏ ମାନବସମାଜ ତାଙ୍କ ଜନ୍ମ ଦିନକୁ ଆବାହମାନ କାଳରୁ ରାମନବମୀଭାବେ ମାନିଆସିଛି । ସମଗ୍ର ଭାରତ ବର୍ଷର ବିଭିନ୍ନ ସ୍ଥାନରେ ମହା ଆଡମ୍ବରରେ ଶ୍ରୀ ରାମଙ୍କ ଜୟନ୍ତୀ ପାଳନ କରାଯାଇ ଆସୁଅଛି ।

ଏହି ପରିପ୍ରେକ୍ଷୀରେ ଜାମୁର ରଘୁନାଥ ମନ୍ଦିର, ଅଯୋଧ୍ୟାର କନକ ଭବନ, ମୁମ୍ବାଇର ବକେଶ୍ୱର ମନ୍ଦିର, ରାମେଶ୍ୱରଠାରେ ରାମନାଥ ମନ୍ଦିର, ପୁରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଆଧୁନକ ରାମମନ୍ଦିର, ନୟାଗଡର ଓଡଗାଁ ରଘୁନାଥ ମନ୍ଦିରରେ ମହା ଆଡମ୍ବର ସହକାରେ ପାଳନ କରାଯାଇଥାଏ । ଏହି ତିଥିରେ(ରାମ ନବମୀ) ହିନ୍ଦୁମାନେ ଅନେକ ବ୍ରତ ପାଳନ କରିଥାନ୍ତି । ଉକ୍ତ ପୂଜା ପାଳନ ଦ୍ୱାରା ମନସ୍କାମନା ପୂର୍ଣ୍ଣ ସହିତ ଶ୍ରୀବିଷ୍ଣୁଙ୍କ କୃପା ଲାଭ ହୋଇଥାଏ ବୋଲି ଦୃଢ ବିଶ୍ୱାସ ରହିଛି ।

ଦାଶରଥି ଶତପଥୀ, ଭା.ପ୍ର.ସେ.
ସଚବ, ଓଡିଶା ବିଧାନସଭା

# ଗ୍ଭକରୀ ଜୀବନ



ଡ. ପ୍ରସନ୍ନ କୁମାର ବଳ

ଗ୍ଭକରୀ ଜୀବନ ଆରମ୍ଭ ତ ହେଲ୍ ପଢା ଶେଷ ହେବା ପରେ,
ମନରେ ଉତ୍ସାହ ଉତ୍କଣ୍ଠା ତ ପୁଣି କେତେ ଯେ ସ୍ୱପ୍ନ ଭରେ ।୧।
ବୟସ ତ ପୁଣି ବେଶି ନୁହେଁ ସେବେ ଯୌବନ ପାଦ ଦେଶରେ,
ସ୍ୱପ୍ନ ଭର୍ ଆଖି, ଆଶା ଭର୍ ମନ ଫରଫର ହୋଇ ଉଡେ ।୨।
ଭ୍ବିଥିଲ୍ ମନ ଆକାଶର ତାର୍, ଚନ୍ଦ୍ରକୁ ଛୁଇଁବା ପାଇଁ,
ଏବେ ତ ଜାଣୁଛି ବହୁଦୂର ତାହା ଏହି କର୍ମଗ୍ଭରୀ ପାଇଁ ।୩।
ସରକାରୀ ଗ୍ଭକରୀର ତ ଅଲଗା ମହତ୍ତ୍ୱ ତ ପୁଣି ଥାଏ,
ଆଶା ରହିଥିଲ୍ ସବୁ କଛି ପୁଣି ଠିକ୍ ଠାକ୍ ହୋଇଥାଏ ।୪।
ଗ୍ଭକରୀ ଜୀବନ ଆରମ୍ଭରେ ପୁଣି କେତେ ଅସୁମାରୀ ଆଶା,
ଜାଣିତ ନଥିଲି ଏହି ଆଶା ପୁଣି କରି ତ ପାରେ ନର୍ଶା ।୫।
କେତେ କେତେ ଯାଗା ଭ୍ରମଣ କରିଛି ସ୍ଥାନାନ୍ତର ଅନ୍ତର୍ଳେ,
ସବୁବେଳେ ଭ୍ବେ ଭ୍ଗ୍ୟର ଲିଖନ ଯାହା ରହି ଅଛି କାଳେ ।୬।
ବହୁ ସମୟରେ ବହୁ ସହଯୋଗୀ ସୁନ୍ଦର ଜାଗାକୁ ଯାଏ,
ଭ୍ବିପାରେ ନାହିଁ ତାଙ୍କ ଭ୍ଗ୍ୟ ପୁଣି କପରି ତ ସାଥି ଦିଏ ।୭।
ପ୍ରୋମୋସନ୍ ପରୀକ୍ଷାକୁ ପୁଣି ଆମେ ବୀର ପରି ଗ୍ଭଲିଯାଉ,
ଜାଣେନା କାହିଁକ ଆମର ବିରତ୍ୱ ଏତେ ଶିଘ୍ର ହାରିଯାଉ ।୮।
ଆତ୍ମ ସମୀକ୍ଷାର ସମୟତ ଆମେ ପର୍ଜୀତ ହେବା ପରେ,
ଲ୍ଗେ ନାହିଁ କନ୍ତୁ କେଉଁଥିରେ ଆମେ ଅସମର୍ଥ ହୋଇ ପାରେ ।୯।
ବହୁ କଛି ହୁଏ ପରଦାର ଅନ୍ତର୍ଳେ ପୁଣି ଜଣାଗଲ୍,
ଆମେ ତ ଦୁର୍ଭାଗ୍ୟ କାହାକୁ କହିବୁ କେ ଶୁଣିବ ଅବା ଭଲ୍ ।୧୦।

ଚାକରୀ ଜୀବନ କ୍ଷେତ୍ରରେ ଦେଖିଲି ସବୁ ନୁହେଁ ଠିକ୍ ଠାକ୍,
ଯିଏ ତ ଯେମିତି ନାଟକ କରିଛି ଦେଖାଇଛି ତାର ଫାର୍ସ ।୧୧।
ବେଳେ ବେଳେ ମନ ବିଦ୍ରୋହ କରେ ଏ ଅନ୍ୟାୟ ସବୁ ଦେଖି,
ଶେଷରେ ଭାବେ ମୁଁ ଉତ୍ତମ ସବୁଠୁ ଦେଖି ନଦେଖଇ କିଛି ।୧୨।
ଏପରି ଅବସ୍ଥା ହୁଏ ବୋଲି ମୁହିଁ ଭାବିତ ନଥିଲି ପରା,
ଭାବିଥିଲି ମୁହିଁ ଚାକରୀ ଜୀବନେ ସ୍ୱଚ୍ଛତା ଥିବ ପୁରା ।୧୩।
ଆଜି ଚାକରୀର ସାୟନ୍ନ କାଳରେ ପହଞ୍ଚି ଯାଇଛି ସତେ,
ଗର୍ବ କରି ମୁହିଁ କହିତ ପାରଇ ମଥା ଟେକ ଚାଲି ପାରେ ।୧୪।
ଅବସର ଏଇ ମାତ୍ର ମୁଁ ନେଇଛି ମନ ବିଚଳିତ ପ୍ରାୟ,
ମନେପଡେ ଆଜି ବିଗତ ଦିନର ପ୍ରତିଟି ମୁହୂର୍ତ୍ତ ହାୟ ।୧୫।
ମନରେ ମୋହର ଅନେକ ଆନନ୍ଦ କର୍ମ ବଳିଦାନ ପାଇଁ,
ସୁ-କର୍ମଚାରୀ ହିସାବରେ ମୁହିଁ ଅନେକ ସନ୍ତୋଷ ପାଇ ।୧୬।
ଏହି କର୍ମମୟ ଜୀବନରେ ଯଦି କା ମନେ ଦେଇଛି ଦୁଃଖ,
ଉଦାର ହୃଦୟ ଖୋଲ୍‌କରି ବନ୍ଧୁ କ୍ଷମା କରି କର ମୋକ୍ଷ ।୧୭।
ଯିଏ ଯାହା କହୁ ଯିଏ ଯାହା କରୁ ମୋର କିଛି ଚିନ୍ତା ନାହିଁ,
ଯାହା ମୁଁ କରିଛି ଯହା ଯାହା ମୁଁ ଭାବିଛି ଠିକ୍ କରିଛି ଗୋସାଇଁ ।୧୮।

ଉପ ମହାପ୍ରବନ୍ଧକ,
ପଞ୍ଜାବ ନେସନାଲ୍ ବ୍ୟାଙ୍କ, କୋଲକତା

# ଖାଦ୍ୟ ସୁରକ୍ଷା



ସନାତନ ମହାକୁଡ

ମଣିଷ ପାଇଁକି ଖାଦ୍ୟ ବସ୍ତ୍ର ବାସ
ଅଟେ ଅତି ଆବଶ୍ୟକ
ପଶୁ ପକ୍ଷୀଙ୍କର ଖାଦ୍ୟ ଖାଲି ଲୋଡ଼ା
ଅଦରକାର ପୋଷାକ ।

ପକ୍ଷୀ ଖୋଜେ ନୀଡ଼ ପଶୁର ଗୁହାଳ
ଖାଦ୍ୟ ହେଲେ ଯାଇଁ ଭୋକ
ପିମ୍ପୁଡି ସଞ୍ଚଇ ବର୍ଷା ଦିନ ଲାଗି
ମଣିଷ ବରଷ ଯାକ ।

ବନ୍ୟା ବାତ୍ୟା ଆଉ ଦୁର୍ବିପାକ ବେଳେ
ଖାଦ୍ୟ ଅତି ଆବଶ୍ୟକ
ରୋଗୀ ଭୋଗୀ ଆଉ ଯୋଗୀ ସଭିଙ୍କର
ଖାଦ୍ୟ ଯୋଗାଏ ପୋଷକ ।

ଅତି ଆବଶ୍ୟକ ଖାଦ୍ୟର ସୁରକ୍ଷା
ନ ମରୁ କେହି ଭୋକରେ
ମଣିଷ ସହିତ ପଶୁ ପକ୍ଷୀ ବୃକ୍ଷ
ଅଛନ୍ତି ଯେତେ ମହୀରେ ।

କୃଷକ ଶ୍ରମିକ ଖାଦ୍ୟ ଉତ୍ପାଦକ
ଅନ୍ନ ଦାତା ଆମ ପାଇଁ
ସମ୍ମାନ ଦେବା ହେ ଆମେ
ସେମାନଙ୍କୁ
ଦାନାଟେ ଫିଙ୍ଗିବା ନାହିଁ ।

ବେରୁଆଁବାରୀ, ନୟାଗଡ, ଓଡିଶା

# କାହ୍ନା ତୁମ ବିରହରେ..



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଜାଣେନା କାହିଁକି ଆଖି ମୋ
ଖୋଜୁଛି କେବଳ ତୁମକୁ
ହରାଇଦେବା ଭୟରେ ନିଦ
ଆସୁନାହିଁ ରାତିରାତି ଆଖିକୁ

ଏକା ଏକା ବସି ନଈତିରେ
ଝିରଇ ତୁମ ବଇଁଶୀ ସୁରକୁ
ବଇଁଶୀର ସୁର ଶୁଣି ଯେ ମୁହିଁ
ଚେଇଁ ସପନ ଦେଖେ କେବଳ ତୁମକୁ

ତୁମ ବିରହରେ କାନ୍ଦେ ଆଜି ମୁହିଁ
ଲାଗେ ମୋତେ ଏକାଏକା
ଚାଲିଗଲାଣି ଯେ ବହୁତ ଦିନ
ହୋଇପାରୁନ କାହ୍ନା ତୁମ ସହ ଦେଖା

ଝରେ ଆଖିରୁ ଅଶ୍ରୁ, ମୋହର
ଭାବି ଭାବି ତୁମ କଥା
ଆସିବ କେବେ ପାଖକୁ ମୋହର
ଭାବି ହୁଏ ମନ ବ୍ୟଥା ॥

ମଠସାହି, ତୁଳସିପୁର

# ଧାଡିରେ ଛିଡା ମଣିଷ



ଡକ୍ଟର ବିଜ୍ଞାନୀ ଦାସ

ଅନେକ ଦିନ ପରେ ଏମିତି ଧାଡିରେ ଠିଆ ହୋଇଥିଲା ଛନ୍ଦା । କେମିତି ସମୟ ବିତି ଯାଉଥିଲା । ଧୀରେ ଧୀରେ ଧାଡିର ସଂଖ୍ୟା ବଢୁଥିଲା, ଧାଡିରେ ଲୋକ ସଂଖ୍ୟା ବଢୁଥିଲେ। ପ୍ରଥମେ ଯେବେ ସିଏ ଧାଡିରେ ଠିଆ ହେବାକୁ ଆରମ୍ଭ କରିଥିଲା, ସେତେବେଳେ ଗଣିଥିଲା, ୬ଟି ଧାଡି । ପ୍ରତି ଧାଡିରେ ମୋଟାମୋଟି ୪୦ ଜଣ ବ୍ୟକ୍ତି ଠିଆ ହୋଇଥିଲେ । ହେଲେ ଏବେ ଧାଡିର ସଂଖ୍ୟା ବଢିବଢି ୧୦ ହୋଇଗଲା । ଲୋକ ତଥାପି ଆସୁଥିଲେ । "ବାପ୍ ରେ, ଏତେ ଲୋକଙ୍କ ମେଳରେ କରୋନା ବ୍ୟାପିଯିବନ ତ ଆଉ?"

ଏମିତି ଭାବି ଦେବା କ୍ଷଣି ଡରମାଡିଲା । ଯଦିଓ ସମସ୍ତେ ମୁଖା ପିନ୍ଧିଥିଲେ ଓ ନଜନଜର ଭାବନା ରାଜ୍ୟରେ କମ୍ବା ସେଲ୍ ଫୋନ୍ ରେ ବ୍ୟସ୍ତ ଥିଲେ, ତଥାପି, ବ୍ୟକ୍ତି ମାନଙ୍କ ମଧ୍ୟରେ ଦୂରତା ଯେ ୬ ଫୁଟ୍‌ରୁ କମ୍, ତାହା ସ୍ପଷ୍ଟ ଥିଲା । ଏମିତି ସବୁ ଧାଡିରେ କରୋନା ପରୀକ୍ଷଣ ପାଇଁ ଠିଆ ହୋଇଥିବାର ଚନ୍ଦ ଦେଖିଥିଲା ଛନ୍ଦା ଟିଭିରେ ଓ କଂପ୍ୟୁଟରରେ। ଏବେ ସବୁ ସମୂହ ଟିକାକରଣ କେନ୍ଦ୍ର ମାନଙ୍କରେ ଏମିତି ଧାଡିରେ ଠିଆ ହୋଇ ଟିକା ନେବାକୁ ପଡୁଛି। ହେଲେ ଛନ୍ଦା ସେ ଏମିତି ଏକ ସମୂହ ଟିକାକରଣ କେନ୍ଦ୍ରକୁ ଆସୁଛି, ସେ କଥା ଜାଣିନଥିଲା। କାରଣ କେତନ ହିଁ ଟେଲିଫୋନ୍ ରେ କଥାବାର୍ତ୍ତା କରି ସେ ଦୁଇଜଣଙ୍କର ଆପଏଣ୍ଟମେଣ୍ଟ୍ ରଖିଥିଲେ । ଏବେ ଏ ସମୂହ ଟିକାକରଣର ପ୍ରତ୍ୟକ୍ଷ ଅନୁଭୂତି ହୋଇଗଲା।

କେତନ ଠିଆ ହୋଇଥିଲେ ଆଗ ଧାଡିରେ । ସେମାନେ ଧାଡିରେ ଆଗକୁ ବଢିବା ବେଳେ ପରସ୍ପରକୁ ଅତିକ୍ରମ କରିବାର ସୁଯୋଗ ମିଳୁଥିଲା ଓ ସେମାନଙ୍କର ଭେଟ ହେଉଥିଲା । ସେତେବେଳେ ଛନ୍ଦା ତାଙ୍କର ଗୋଟିଏ ଫଟୋ ଉଠାଇ ଦେଉଥିଲା ଆଉ କେତନଙ୍କୁ ବି

ଫଟୋ ନେବାକୁ କହୁଥିଲା । ତାପରେ ସିଏ ପୁଣି ତାଙ୍କ ଧାଡିରେ ଗ୍ଲୁଥିଲେ ଓ ଛନ୍ଦା ନିଜ ଧାଡିରେ ଗ୍ଲୁଥିଲା । ଅସଲ କଥା ହେଲା, କେତନଙ୍କର ଟିକା ନେବା ପାଇଁ ଆପଏ ମେଣ୍ଟ ଥିଲା ଅପରାହ୍ନ ୨ଟା ବେଳେ ଓ ଛନ୍ଦାର ୨ଟା ୩୦ରେ । ସେତିକି ସମୟର ପାର୍ଥକ୍ୟ ପାଇଁ ଗାର୍ଡ ମାନେ ସେମାନଙ୍କୁ ଅଲଗା ଅଲଗା ସମୟରେ ଧାଡିରେ ଠିଆ ହେବା ପାଇଁ ଅନୁମତି ଦେଲେ । ପ୍ରଥମେ କେତନ ଗଲେ, ଯେହେତୁ ସେତେବେଳେ କେବଳ ସାଢେ ଗୋଟିଏରୁ ଦୁଇଟା ଭିତରେ ଯେଉଁମାନଙ୍କର ଆପଏଣ୍ଟମେଣ୍ଟ ଥିଲା, ସେମାନଙ୍କୁ ଧାଡିରେ ଠିଆ ହେବାକୁ ଅନୁମତି ମିଳିଲା । ଛନ୍ଦା କହିଲା, "ତମେ ତାହେଲେ ଯାଅ । ଯଦି ତମର ଆଗେ ଟିକା ନେବା ସରିଯିବ, ତେବେ ବାହାରକୁ ଆସି ଡାହାଣ ପଟ ବଗିଚ୍ଚା ପାଖରେ ଠିଆ ହୋଇ ଅପେକ୍ଷା କରିବ । ମୁଁ ସେଇଠି ଆସି ତୁମକୁ ଖୋଜିବି ।"

କେତନ ଯାଇ ଧାଡିରେ ଠିଆ ହୋଇଗଲେ । ହେଲେ ତାଙ୍କ ଆଗରେ ଦୁଇଶହରୁ ଅଧିକ ଲୋକ । ସିଏ କଣ ଏତେ ସହଜରେ, ଏତେ ଶୀଘ୍ର ଯାଇପାରିବେ ? ସେମିତି ଧାଡିରେ ଠିଆ ହୋଇ ରହିଲେ । ପ୍ରାୟ ପନ୍ଦର ମିନଟ୍ ପରେ ଜଣେ ଗାର୍ଡ ଘୋଷଣା କଲେ, "ଏବେ ଯେଉଁମାନଙ୍କର ଆପଏଣ୍ଟମେଣ୍ଟ ଦୁଇଟା ତିରିଶ ପୂର୍ବରୁ ଅଛି, ଧାଡିରେ ଠିଆ ହୋଇ ପଡ"। ତେଣୁ ଛନ୍ଦା ଯାଇ ଧାଡିରେ ଠିଆ ହୋଇପଡିଲା । ହେଲେ ଧାଡିରେ ଲୋକମାନେ ଶିଘ୍ର ଯାଇପାରୁନଥିଲେ । ଏମିତି ଅବସ୍ଥାରେ ତ କେହି ବି ସେମାନଙ୍କ ଆପଏଣ୍ଟମେଣ୍ଟ ସମୟରେ ପହଞ୍ଚି ପାରିବେନ । ଆପଏଣ୍ଟମେଣ୍ଟ ଥାଇ ମଧ୍ୟ ଏମିତି ବିଶୃଙ୍ଖଳା କଣ ପାଇଁ ? ଆପଏଣ୍ଟମେଣ୍ଟର ଭରସାରେ ହିଁ ଛନ୍ଦା ଆସିଥିଲା । ଅବଶ୍ୟ ବେଳେବେଳେ ତାର ପ୍ରାଇମେରୀ କେୟାର୍ ଫିଜିସିଆନ୍ ସହିତ ଆପଏଣ୍ଟମେଣ୍ଟ ରେ ସେମିତି ହୁଏ । ଆପଏଣ୍ଟମେଣ୍ଟ ଥିବ ଦିନ ୧୧ଟାରେ । ସିଏ ଯାଇ ଉପସ୍ଥିତ ଥିବ ଦଶ ମିନଟ୍ ଆଗରୁ । ରେଜିଷ୍ଟ୍ରେସନ୍ କରି ଅପେକ୍ଷା କରି ବସି ରହିଥିବ । କେତେବେଳେ ତାକୁ ଡାକରା ଆସିବ ? ବେଳେବେଳେ ଡାକରା ଆସେ ଘଣ୍ଟାଏ ଡେରିରେ । ସେମିତି ମାଗାଜିନ୍‌ଟିଏ ପଢିପଢି ସିଏ ସମୟ କଟାଏ । ଡାକରା ଆସିଲେ ସ୍ୱସ୍ତିର ଦୀର୍ଘନିଃଶ୍ୱାସ ନିଏ । ଯାହାହେଉ, ଅପେକ୍ଷା ସରିଲା । ହେଲେ ସେ ଅପେକ୍ଷା ସତରେ ସରେନ । ପରୀକ୍ଷା କୋଠରିରେ ବସେଇ ନର୍ସ ପ୍ରଥମେ ରକ୍ତ ଚାପ ମାପି ପକାଏ । ଓଜନ କରେଇନିଏ । ବାସ୍ ତାପରେ ଛାଡି ଦେଇ ଯାଏ ଓ କହେ, "ଡାକ୍ତର କିଛି ସମୟ ପରେ ଆସିବେ ।" ଡାକ୍ତର ବେଳେବେଳେ ଅଧଘଣ୍ଟାଏ ଡେରିରେ ଆସନ୍ତି । ପୁଣି ସେମିତି ମାଗାଜିନ୍ ପଢା । ହେଲେ ସବୁ ଡାକ୍ତରଙ୍କ

ସହିତ ସେମିତି ହୁଏନ । ଛନ୍ଦାର ଦନ୍ତ ଚକସ୍କ ଠିକ୍ ଆପଏଣ୍ଟମେଣ୍ଟ ସମୟରେ ହିଁ ଚକସ୍ପା କରିଥାନ୍ତି ।

ଏମିତି ବାହାରେ ବାହାରେ ସେମାନେ ପ୍ରାୟତଃ ଦେଢଘଣ୍ଟା ଧାଡିରେ ଠିଆ ହୋଇ ରହିଲେ । ସେତେବେଳକୁ ସେମାନଙ୍କର ଆପଏଣ୍ଟମେଣ୍ଟ ସମୟ ଯାଇସାରିଲାଣି । ହୁଏତ ଅନ୍ୟ ମାନଙ୍କର ବି ସେଇ ଅବସ୍ଥା । କାରଣ ଗାର୍ଡ ଧାଡିରେ ଠିଆ କରାଉଥିବା ସମୟରେ ଛନ୍ଦା ଶୁଣିଛି ଅନେକଙ୍କ ଠାରୁ ଯେ ସେମାନଙ୍କର ଆପଏଣ୍ଟମେଣ୍ଟ ୨ଟା ୧୫, ୨ଟା ୩୦ରେ ଅଛି ବୋଲି । ତେବେ ଧୈର୍ଯ୍ୟ ଧରି ଠିଆ ହେବାକୁ ପଡିବ । ନହେଲେ ଆଉ ଗତ୍ୟନ୍ତର ନାହିଁ । କେତେ କଷ୍ଟରେ ଏ ଆପଏଣ୍ଟମେଣ୍ଟ ମିଳିଛି । କରୋନା ଭୟରୁ ମୁକ୍ତିର ଗୋଟିଏ ପନ୍ଥା ଖୋଲିଛି । ଏବେ ଯେମିତି ତାହା ଅମୃତ ତୁଲ୍ୟ ହୋଇଯାଇଛି । କଣ୍ଟ୍ରୋଲ୍ ଚନ, ଚାଉଳ ଭଳ । ଥରେ ସୁଯୋଗ ହରେଇଦେଲେ, ପୁଣି ମିଳିବନି । କେବଳ ଭାଗ୍ୟବାନ ଓ ଭାଗ୍ୟବତୀ ମାନେ ସେ ଦୁର୍ଲଭ ଅମୃତ ପାଇବାକୁ ଅନୁମତି ପାଇଛନ୍ତି ।

ବାହାରେ ଥଣ୍ଡା । ଯାହାହେଉ ସିଏ ଜ୍ୟାକେଟ୍ ପିନ୍ଧି ଆସିଥିଲା । ନହେଲେ ଏତେ ଶୀତରେ ଏତେ ସମୟ ବାହାରେ ଠିଆ ହେବା ସମ୍ଭବ ହୋଇନଥାନ୍ତା । ତେବେ ପାଗ ବହୁତ ଭଲ ଥିଲା । ନହେଲେ ଏବେ ଏ ମାସରେ ଅସମୟରେ ଯେଉଁ ବର୍ଷା ହୋଇଯାଏ, ସେଥିପାଇଁ ବେଳେବେଳେ ଡର ଲାଗେ । ଧାଡିରେ ଛିଡା ହୋଇଥିବା ବ୍ୟକ୍ତିମାନେ ବିଭିନ୍ନ ବୟସର ଥିଲେ । ଯଦିଓ ଏବେ ଫେଜ୍-୧ ବୁକଙ୍ଗ୍ ଚାଲିଥିଲା, ତେବେ ଅନେକ ଅଳ୍ପ ବୟସର ବ୍ୟକ୍ତିଙ୍କୁ ମଧ୍ୟ ସିଏ ସେଠି ଦେଖିଲା । ହୁଏତ ସେମାନଙ୍କର କାମ ସେମିତି ଥିବ, ଯାହା ଫଳରେ ଅନ୍ୟମାନଙ୍କ ସଂସ୍ପର୍ଶରେ ଆସିବାକୁ ପଡୁଥିବ । ଅନ୍ୟ ଏକ ଗେଟ୍ ଦେଇ ବୟସ୍କ ବ୍ୟକ୍ତି ମାନେ ଓ ହୁଇଲ୍ ଚେୟାରରେ ବସିଥିବା ବ୍ୟକ୍ତିମାନେ ଟିକା ନେବାକୁ ଯାଉଥିଲେ । ନହେଲେ ଧାଡିରେ ଠିଆ ହୋଇଥିଲେ ସେମାନଙ୍କ ଅବସ୍ଥା ବାର ବାଜି ଯାଇଥାନ୍ତା । ସେ ଧାଡିରେ ବି କେତେକ ଭାରତୀୟ ଥିଲେ । ଜଣେ ତାଙ୍କ ଭିତରେ ଶାଢୀ ପିନ୍ଧି ଆସିଥିଲେ । ସିଏ ବାରମ୍ବାର ଛନ୍ଦାକୁ ଚାହୁଁଥିଲେ । ଆଉ ଜଣେ ବ୍ୟକ୍ତି ପ୍ରଚଳିତ ମୁଖା ନ ପିନ୍ଧି ମୁହଁ ଓ ନାକରେ ଗୋଟିଏ ବଡ ରୁମାଲ୍ ଲଗେଇଥିଲେ । ଛନ୍ଦା ଶୁଣିଥିଲା, ସେସବୁ ପିନ୍ଧି ଗହଳକୁ ଯିବାକୁ ଅନୁମତି ଦିଆଯାଉନ । ତେବେ ତାକୁ ତ କେହି କିଛି କହୁନଥିଲେ। ଛନ୍ଦା ଦେଖୁଥିଲା, କେତନ ତାଙ୍କ ଆଗ, ପଛରେ ଠିଆ ହୋଇଥିବା ବ୍ୟକ୍ତିମାନଙ୍କ ସହିତ କଥୋପକୋଥନରେ ମଜ୍ଜି ଯାଉଥାନ୍ତି । ତାକୁ ବହୁତ ରାଗ ଲାଗୁଥାଏ । ଟିକେ ଚୁପ୍‌ଚାପ୍

ଠିଆ ହୋଇ ରହିପାରୁନାହାନ୍ତି । ସହଜେ ତ ସେ ଭୂତାଣୁ ଏ ପାଟିବାଟେ ହିଁ ବାହାରେ । ଗହଳ ସ୍ଥାନରେ ଦରକାର ନଥିଲେ ଏତେ ପାଟି କରିବାର କଣ ଦରକାର ? ହେଲେ କେତନ ସେମିତି ଲୋକ । ଚୁପ୍‌ଚାପ୍ ରହିପାରିବେନ । ଛନ୍ଦା କନ୍ତୁ ଅଲଗା ରକମର । ଦରକାର ନଥିଲେ, ତାକୁ ଯଦି ମୌନବ୍ରତ ରଖିବାକୁ ପଡେ, ତାର ଭଲ । ସିଏ ପାଟି ଜମା ନ ଖୋଲିଲେ ବି ତାକୁ କଛି ଅସୁବିଧା ହୁଏନ ।

ପ୍ରକୃତରେ ଏମିତି ଧାଡିରେ ଠିଆ ହେବାକୁ ପଡିବ ବୋଲି ସିଏ ଅନୁମାନ କରିନଥିଲା । ଆପଏଣ୍ଟମେଣ୍ଟ ତ ନଆଯାଇଛି ଗୋଟିଏ ଗୋଟିଏ ନର୍ଦ୍ଧାରିତ ସମୟ ପାଇଁ । ଆଉ ସମସ୍ତେ ଯଦି ସେମାନଙ୍କର ନର୍ଦ୍ଧାରିତ ସମୟରେ ପହଞ୍ଚିବେ, ତେବେ ଯିଏ ଯେଉଁ ସମୟରେ ଟିକା ନେବା କଥା ନେବେ । ଯଦି ବିନା ଆପଏଣ୍ଟମେଣ୍ଟ ରେ ଟିକା ନେବାର ଥାଆନ୍ତା, ସେକଥା ଅଲଗା । ସେମିତି ହୋଇଥିଲେ, ହୁଏତ ଛନ୍ଦା ଆସିନଥାନ୍ତା । ତେଣୁ ପ୍ରଥମେ ଏ ଧାଡି ଦେଖି ଛନ୍ଦା ଆଶ୍ଚର୍ଯ୍ୟ ହୋଇଥିଲା ଓ ହଡବଡେଇ ଯାଇଥିଲା । ତାର କଛି ସାଙ୍ଗ ସି.ଭି.ଏସ୍. ଫାର୍ମାସୀରେ ଟିକା ନେଇଥିଲେ, ଯେଉଁଠିକ ଏ ଲମ୍ବା ଧାଡିର ପ୍ରଶ୍ନ ହିଁ ନାହିଁ । ହେଲେ ସେମାନେ ଯେତେବେଳେ ଫୋନ୍ ରେ ଡାକ ଆପଏଣ୍ଟମେଣ୍ଟ ରଖିଥିଲେ, ସେତେବେଳେ ସେମାନେ ବାଲ୍‌ଟିମୋର୍‌ର ଏମ୍.ଆଣ୍ଡ.ଟି ଷ୍ଟାଡିଅମରେ ହିଁ ଆପଏଣ୍ଟମେଣ୍ଟ ପାଇଲେ । ପରିସ୍ଥିତି ଏମିତି ଥିଲା କ ଯାହା ମିଳୁଛି, ତାକୁ ଗୋଟେଇ ନଅ । ତେଣୁ ଆଉ ଯୁକ୍ତିତର୍କ କରି ଆପଏଣ୍ଟମେଣ୍ଟ ଏଠି ଦିଅ, ସେଠି ଦିଅ, ଘର ପାଖରେ ଦିଅ, ସେସବୁ ଅନୁରୋଧ କରିହେଲାନ । ନହେଲେ ତ ସେମାନଙ୍କ ଘରଠାରୁ ୧୦ ମିନଟ୍ ଭିତରେ କେତେକେତେ ଫାର୍ମାସୀ ରହିଛି । ସେସବୁ ଫାର୍ମାସୀରେ ଆପଏଣ୍ଟମେଣ୍ଟ ମିଳଥିଲେ ସେମାନଙ୍କୁ ସୁବିଧା ହୋଇଥାନ୍ତା । ହେଲେ ଏ ସମୟରେ ସେ ରକମର ସୁବିଧା କଥା ଭାବୁଛି କଏ । ଏବେ ଖାଲି ଟିକା ନେବାର ଝୁଙ୍କ୍ । ଟିକା ନେଇଗଲେ ଅନ୍ତତଃ ମଣିଷ ଟିକେ ନଶ୍ଚିତରେ ଘରୁ ବାହାରି ପାରିବ । ଏମିତି ନୁହେଁ କ ଟିକା ନେଇ ଜଣେ ଅତି ଉଚ୍ଛନ ହେବ ଓ ମୁଖା ବାହାର କରି ଆରାମରେ ସବୁଆଡେ ବୁଲିବ । କେବଳ ଗୋଟିଏ କଥା ହେବ କ ଯଦି କୌଣସି କାରଣରୁ ସଙ୍ଗରୋଧତା ରଖିନହେଲା, ତେବେ ସଂକ୍ରମଣର ଆଶଙ୍କା କମି ଯିବ । ଲୋକମାନେ ତ ଏମିତି ଅଜବ କାମ କରୁଛନ୍ତି ଯେ ଭାବିହେବନ । ଟିକା ନେଇ ଅନେକ ଲୋକ ଏବେ ଫ୍ଲୋରିଡା ଯାଇ ସ୍ପ୍ରିଂଗ୍‌ବ୍ରେକ୍ କରୁଛନ୍ତି । ସେଠି ମୁଖା ନ ପିନ୍ଧି ଇଆଡେ ସିଆଡେ ବେଳାଭୂମିରେ ବୁଲୁଛନ୍ତି ।

ଏମିତିରେ ତ ଆଜିକାଲିର ଜୀବନରେ ପ୍ରତିକ୍ଷେତ୍ରରେ ମଣିଷକୁ ଧାଡିରେ ଠିଆ ହେବାକୁ ପଡୁଛି । ଗ୍ରୋସରି ଷ୍ଟୋର୍ ଠାରୁ ଆରମ୍ଭ କରି ଏୟାର୍ ପୋର୍ଟରେ ଟିକେଟ୍ କରିବା ଓ ଚେକ୍-ଇନ୍ କରିବା ପର୍ଯ୍ୟନ୍ତ । ଧାଡି ମଣିଷକୁ ଶୃଙ୍ଖଳା ଶିଖାଏ । ଯିଏ ଯେତେବେଳେ ପହଞ୍ଚିଛ ଓ ଧାଡିରେ ଯେଉଁ ଅନୁରୂପେ ଠିଆ ହୋଇଛ, ତମ କଥା ସେତେବେଳେ ବୁଝାଯିବ। ଆମେରିକା ଦେଶରେ ଧାଡି ଗୁଡିକ ଶୃଙ୍ଖଳତ ଥିବାରୁ ମନରେ ଆଶା ରହିଥାଏ। କୌଣସି ସମୟରେ ତ ଏ ଧାଡି ସରିବ । ସେତେବେଳେ ଛନ୍ଦାର ପାଳ ଆସିବ । ସେଥିପାଇଁ ସେ ଅବସ୍ଥାକୁ ଗ୍ରହଣ କରିନେବାକୁ ମନ ସ୍ୱୀକାର କରିନଏ। ଏବେ ଧାଡିରେ ଠିଆ ହେବାକୁ ଥିଲେ ଛନ୍ଦା ଯୋଜନା କରି ଯାଇଥାଏ । ବହିଟିଏ କ ମାଗାଜିନ୍‌ଟିଏ ପାଖରେ ରଖିଥାଏ ଓ ସମୟ ବିତାଇବାରେ ସେସବୁ ବହୁତ ସାହାଯ୍ୟ କରନ୍ତି ।

ଯେତେବେଳେ ବାହାରର ଧାଡି ଶେଷ ହେବାକୁ ଆସିଲା, ସିଏ କାହିଁକ କେଜାଣି ତଳକୁ ଗ୍ଚହିଁଦେଲା । ଦେଖିବା ବେଳକୁ ତଳେ ସବୁ ଦୂରତା ରଖି ଛିଡା ହେବା ପାଇଁ ଚହ୍ନଟ କର୍‌ଯାଇଛି । ହେଲେ କେହି ବି ସେ ଚହ୍ନକୁ ସବୁ ଦେଖିଥିଲେ କ ନା କେଜାଣି ? ଏ ପର୍ଯ୍ୟନ୍ତ ତ ଘଣ୍ଟାଟିଏ ଧାଡିରେ ଠିଆ ହୋଇ ମଧ ସିଏ ଦେଖିନଥିଲା । ଦେଖିବା ପରେ ଛନ୍ଦା ସେ ଅନୁଯାୟୀ ଦୂରତା ରଖି ଗ୍ଚଲୁଥିଲା । ଏମିତିରେ ଦେଖିଲେ ଏତେ ସମୟ ଧାଡିରେ ଠିଆ ହେଲେ ବି ସିଏ ସେମିତି କଛି କ୍ଲାନ୍ତି ଅନୁଭବ କରୁନଥିଲା । ବରଂ ଭଲ ଲାଗୁଥିଲା । ଘର ଭିତରେ ଆବଦ୍ଧ ରହିଥିବା ମଣିଷ ଜଣେ ପ୍ରାୟ ବର୍ଷକ ପରେ ହଠାତ୍ ଏତେ ଲୋକ ଗହଳ ମଧକୁ ଆସିଛି । କରୋନା ଘଟଣା ହେବା ପରଠାରୁ ଛନ୍ଦା କେଉଁ ଲୋକ ଗହଳକୁ ଯାଇନଥିଲା । ଦୋକାନ ସଉଦା ସବୁ ପ୍ରତି ଚଉଦ ଦିନରେ ଥରେ କେତନ କରୁଥିଲେ । ଆଉ ଯାହା କଣାକଣି ସମସ୍ତ ଅନ୍‌ଲାଇନ୍ ରେ ହେଉଥିଲା । ସାଙ୍ଗମାନଙ୍କ ଭେଟାଭେଟି ମଧ ସବୁ ଅନ୍‌ଲାଇନରେ ହେଉଥିଲା । ଏତେ ଲୋକମାନଙ୍କ ଗହଣରେ କେମିତି ଅଜବ ଅନୁଭବ ଥିଲା । ସିଏ ବିଭିନ୍ନ ଲୋକମାନଙ୍କୁ ଦେଖିଦେଖି ହିଁ ଉପଭୋଗ କରୁଥିଲା । ତାଙ୍କ ଭିତରୁ ଜଣେ ବ୍ୟକ୍ତି ଗୋଟିଏ ବହି ପଢିପଢି ସମୟ ବିତାଉଥିଲେ । ଏବେ ବାହାରର ଧାଡି ଶେଷ ହୋଇ ଆସିଲା । ଛନ୍ଦା ଯେତେବେଳେ ଭିତରେ ପଶିଲା, ସେତେବେଳେ ଭାବିଲା, ଏବେ ଆଉ ଅପେକ୍ଷା କରିବାକୁ ପଡିବନ । ତେବେ ଛନ୍ଦାର ଅନୁମାନ ପୂର୍ବପୂରି ଭୁଲ୍ ବାହାରିଲା । କାରଣ ଭିତରେ ମଧ ୭ଟି ଧାଡି ରହିଥିଲା । ଭିତର ଧାଡିରେ ସେମିତି ଗୋଟିଏ ଘଣ୍ଟା ଗ୍ଚଲିଗଲା । ଯେତେବେଳେ କେତନ ଓ ଛନ୍ଦା ପରସ୍ପରକୁ ଅତିକ୍ରମ କରୁଥିଲେ, କେତନ କହୁଥିଲେ, "ତୁ ମୋ ପଛକୁ ପଳେଇଆସୁନୁ ।" ହେଲେ ଛନ୍ଦାକୁ ଭଲ ଲାଗୁନଥିଲା ।

ନିୟମ ଯେତେ ଅମୂଳକ ହେଲେ ବି ନିୟମକୁ ଅମାନ୍ୟ କରିବା ତା' ଜାତକରେ ନାହିଁ । ସିଏ ସବୁବେଳେ ନିୟମ ମାନେ । କୌଣସି ନିୟମର ତ୍ରୁଟି ଦେଖିଲେ, ସିଏ ସେ ବିଷୟରେ ଅଧିକାରୀଙ୍କୁ ଜଣାଏ, ହେଲେ ଯେ ପର୍ଯ୍ୟନ୍ତ ନିୟମ ଥାଏ, ସିଏ ମାନେ ।

ମନେ ପଡିଯାଉଥିଲା ଓଡିଶାରେ ବସ୍ ପାଇଁ ଧାଡିରେ ଠିଆହେବାର ଦୃଶ୍ୟ । ସେଠି କେହି କାହାକୁ ପରୱାରନ୍ତିନି । ଜୋର୍ ଯାର ମୁଲକ ତାର । ଯାହାର ଶକ୍ତି ଅଛି, ସିଏ ଅନ୍ୟମାନଙ୍କୁ ଅତିକ୍ରମ କରି ଆଗକୁ ଚାଲି ଆସିବ ଓ ପ୍ରଥମେ ବସ୍ ଭିତରେ ପଶି ସିଟ୍ ମାଡି ବସିବ । ଏମିତି ଥରେ ଘଟିଲା କାଳିଆ ଦାଦାଙ୍କ ସହିତ । ସେତେବେଳେ ଗାଁରୁ ଜେଜେମା ସହିତ ଗାଁର ଆଉ ଦୁଇଜଣ ବୟସ୍କା ମହିଳା, ଛନ୍ଦା ଓ ତାର ସାନ ଭଉଣୀ ନନ୍ଦା କାଳିଆ ଦାଦାଙ୍କ ସହିତ ଚଣ୍ଡିଖୋଲ ଆସିଥିଲେ । ଗାଁରୁ ଆସିବା ବେଳକୁ ତ ଭଲରେ ଭଲରେ ଆସିଲେ । ସମସ୍ତେ ବସରେ ସିଟ୍ ପାଇଥିଲେ । ହେଲେ ଫେରିବା ବେଳକୁ ବଡ ହିନସ୍ତା । ସବୁ ବସ୍ ରେ ଲୋକ ଭର୍ତ୍ତି । ବସିବା ଲୋକଙ୍କ ତୁଳନାରେ ଠିଆ ହେବା ଲୋକଙ୍କ ସଂଖ୍ୟା ଆହୁରି ଅଧିକ । ଚାରିଟା ବସ୍ ପାଇଁ ଧାଡିରେ ଠିଆ ହୋଇ ବି ସେମାନଙ୍କୁ ବସ୍ ଭିତରେ ପଶିବାର ସୁଯୋଗ ମିଳୁନଥିଲା । ସବୁ ଗୁଣ୍ଡା ପ୍ରକୃତିର ଲୋକ ଆସୁଥିଲେ ଓ ସମସ୍ତଙ୍କୁ ଠେଲିପେଲି ନିଜେ ଭିତରେ ପଶିଯାଉଥିଲେ । ସେତେବେଳକୁ ଦିନ ଚାରିଟା ବାଜିଲାଣି । ଏବେ ବସରେ ନ ବସିଲେ, ଘରେ ରାତି ପୂର୍ବରୁ ପହଞ୍ଚିବା କଷ୍ଟ ହେବ । ତେଣୁ ପଞ୍ଚମ ବସ୍ ରେ ଯେତେବେଳେ ଗୁଣ୍ଡା ପ୍ରକୃତିର ଲୋକ ଠେଲିପେଲି ପଶିଯିବାକୁ ଲାଗିଲେ, କାଳିଆ ଦାଦା ବି ସେମିତି ତାଙ୍କ ଦାଦାଗିରି ଦେଖେଇଦେଲେ । "ଆମେ ଆଗରୁ ଠିଆ ହୋଇଛୁ, କଣ ଦେଖିପାରୁନାହାନ୍ତି । ପ୍ରଥମେ ଆମେ ଭିତରକୁ ଯାଉ, ତାପରେ ତମେ ପଶିବ ।" ବାସ୍, ଏତିକି କଥା । ସେଥିରେ ସେ ନିଶ ଗଜୁରି ଆସୁଥିବା ଟୋକାଟା ଚହଟିକି ଉଠିଲା । "ଆବେ, ଏ ବସ୍ କଣ ତୋ ବୋପାର ? ଶକ୍ତି ଯଦି ଅଛି ତ, ମୋ ଆଗରୁ ଚଢିକି ଦେଖା ।" କାଳିଆ ଦାଦା ବି ଜିଦ୍ ରେ ପ୍ରଥମେ ଜେଜେମାକୁ ଚଢେଇଦେଲେ ଓ ଅନ୍ୟ ଦୁଇଜଣ ବୟସ୍କା ମହିଳାଙ୍କୁ ଚଢେଇଦେଲେ । ଛନ୍ଦା ଓ ନନ୍ଦା ଚଢୁଛନ୍ତି ତ, ସେ ଟୋକା ଏମିତି ଧକ୍କା ଦେଲା ଯେ, କାଳିଆ ଦାଦାଙ୍କ ସହିତ ଉଭୟ ଛନ୍ଦା ଓ ନନ୍ଦା ତଳେ ପଡିଗଲେ । ଜେଜେମା କାନ୍ଦିବାରେ ଲାଗିଲା । "ଆରେ, ଆରେ, ମୋ ଛୁଆ ଦିଜଣ ପଡିଗଲେ ରେ; ଏ କଣ୍ଡକ୍ଟର ବାବୁ, ଆରେ କିଏ ଅଛରେ । ମୋ ନାତୁଣୀକୁ ରକ୍ଷା କର ।" ଜେଜେମା ଉପରେ ଦୟା ଦେଖେଇ ତିନି ଜଣ ଯୁବକ ଆସି ସେ ଗୁଣ୍ଡା ଟୋକାକୁ ବସ୍ ପାଖରୁ ବାହାର କଲେ । କଷ୍ଟେମଷ୍ଟେ କାଳିଆ ଦାଦା ଛନ୍ଦା ଓ ନନ୍ଦାକୁ ତଳୁ ଉଠେଇ ବସ୍ ଭିତରକୁ ଆଣିଲେ । ସେଇ

ଦିନରୁ ସେମାନେ ଆଉ କେଉଁ ଜାଗାକୁ ଏମିତି ବୁଲି ଯାଇନାହାନ୍ତି । ବୁଲି ଗଲେ, ସାଙ୍ଗରେ ଅନ୍ତତଃ ଚାରି, ପାଞ୍ଚ ଜଣ ପୁଅ ପିଲା ଥାଆନ୍ତି ।

ଅନେକ ଦିନ ହେଲାଣି ଓଡିଶାରେ କ ଭାରତର କୌଣସି ସ୍ଥାନରେ ସେମାନେ ବସରେ ଯାଇନାହାନ୍ତି । କୁଆଡେ ଯିବାକୁ ପଡିଲେ, ଘରେ ତ ସମସ୍ତଙ୍କର କାର୍ । ତା' ସହିତ ଦରକାର ପଡିଲେ କାର୍ ବି ରିଜର୍ଭ କରିବାରେ କଛି ଅସୁବିଧା ନଥାଏ । ସେମାନେ ପ୍ରାଇଭେଟ୍ ଗାଡିରେ ଯାଉଥିବା ବେଳେ, ଯେତେବେଳେ ସେ ରାସ୍ତାରେ ଯାଉଥିବା ବସ୍ ଉପରେ ନଜର ପଡେ ଓ ସେଥିରେ ଓହଳ ଥିବା ଲୋକମାନଙ୍କୁ ଦେଖେ ଛନ୍ଦା, ସେତେବେଳେ କାଳଆ ଦାଦାଙ୍କ ସହିତ ଘଟିଥିବା ଚଣ୍ଡିଖୋଲର କାହାଣୀ ତାର ମନେ ପଡିଯାଏ । ତେବେ, ଏବେ ଗାଁରେ ବି ଅନେକ ଲୋକ ଗାଡି ଚଲେଇଲେଣି । ଝିଅ, ବୋହୁ, କ ଛୋଟ ପିଲାଙ୍କୁ ଧରି କୁଆଡେ ଗଲେ ଅଧିକାଂଶ ଲୋକ ପ୍ରାଇଭେଟ୍ ଗାଡି କରି ଯାଉଛନ୍ତି।

ଲୋକଗହଳ ଓ ଧାଡିରେ ଠିଆ ହେବାକୁ ଭଲପାଏନ ଛନ୍ଦା । ତେବେ ଫ୍ଲାଇଟରେ ଯିବାଆସିବା ସମୟରେ ତ ନହାତି ଧାଡିରେ ଠିଆ ହେବାକୁ ପଡେ । ଯଦିଓ ସେସବୁ ଧାଡି ଶୃଙ୍ଖଳତ । କଏ କାହା ଉପରେ ମାଡିଯାଏନ । ସେମିତି ସବୁ ଟୁରିଷ୍ଟ ସ୍ଥାନ ମାନଙ୍କରେ ମଧ୍ୟ ଧାଡିରେ ଠିଆ ହେବାକୁ ପଡେ । ନହେଲେ ନ ଚଳେ । ସେସବୁ ସ୍ଥାନରେ ଚଳେଇ ନେବାକୁ ପଡେ । ହେଲେ ମନ୍ଦିରରେ ପ୍ରସାଦ ପାଇବାକୁ କ କୌଣସି ବିବାହ ଭୋଜି ଅବା ମେଳା ମହୋତ୍ସବରେ ଯଦି ଖାଇବାକୁ ଧାଡିରେ ଛିଡାହେବାକୁ ପଡେ, ସେତେବେଳେ ଛନ୍ଦା ଶେଷ ପର୍ଯ୍ୟନ୍ତ ଅପେକ୍ଷା କରେ । ସାଙ୍ଗମାନେ ଡାକନ୍ତି, "ଆରେ ଖାଦ୍ୟ ସରିଯିବ । ଧାଡିକୁ ଆସିଯା ।" ହେଲେ ଛନ୍ଦା ଯାଏନ । "ହାଁ, ଖାଇବା ପାଇଁ ଧାଡିରେ ଠିଆ ହେବ ମଣିଷ ।" ଏମିତି କହି ନଜକୁ ବୁଝେଇଦିଏ ସେ । ବରଂ ସରିଯାଉ ଖାଦ୍ୟ, ଘରକୁ ଫେରି ଘରେ ଖାଇବ । ସେ ଗହଳ ଭିତରକୁ ଯିବନ ବୋଲି ଓ୍ୱାସିଂଟନ୍ ଡିସି ସହର ପାଖରେ ଦୀର୍ଘ ପଚଶି ବର୍ଷର ରହଣି ଭିତରେ ବି ସିଏ କେବେ ଚେରିବ୍ଲସମ୍ ଫେଷ୍ଟିଭାଲ୍ ଦେଖିବାକୁ ଯାଇନ କ କୌଣସି ପ୍ରେସିଡେଣ୍ଟଙ୍କର ଇନାଗୁରେସନ୍ ବି ଦେଖିବାକୁ ଯାଇନ । ତାକୁ ଭୟ ଲାଗେ । ଷ୍ଟାମ୍ପେଡ୍ ହୋଇଯିବାର ଭୟ । ଝାଡା, ପରିସ୍ରା ଲାଗିବାର ଭୟ । ଅପେକ୍ଷାର ଭୟ । ପିଲାମାନେ କେତେ ଥର କହିଲେଣି, "ଚାଲ, ଥରେ ନୟୁର୍କରେ ନୂଆବର୍ଷ ବିତେଇବାକୁ ଯିବା।" ଛନ୍ଦା କହେ, "ହଁ, ଯିବା । ହେଲେ ଏମିତି ଦୟନୀୟ ଭାବେ ନୁହେଁ । ଟିକେ ଅଧିକ ଖର୍ଚ୍ଚ ବରଂ ପଡୁ, ଟାଇମ୍ ସ୍କୋୟାରରେ ଗୋଟିଏ ହୋଟେଲ୍ ବୁକଂ କରି ରହିବା ଓ

ସେ ହୋଟେଲ୍‌ରୁ ହିଁ ବଲ୍ ପଡିବା ଦେଖିବା । ମୁଁ ସେ ଶୀତରେ ବାହାରେ ଏମିତି ଗହଳ ଭିତରେ ଠିଆ ହେବିନି ଜମା ।"

ଆଉ ଏ କରୋନା ମହାମାରୀ ବ୍ୟାପୁଥିବା ସମୟରେ ଜମା ତ ନୁହେଁ । ଛନ୍ଦା ଆଶ୍ଚର୍ଯ୍ୟ ହେଉଥିଲା ଯେତେବେଳେ ନିର୍ବାଚନ ସମୟରେ ଲୋକମାନଙ୍କର ଭୋଟ୍ ବୁଥ୍ ଆଗରେ ଲମ୍ବା ଧାଡିର ଦୃଶ୍ୟ ଟିଭିରେ ଦେଖାଉଥିଲା । ସେମାନେ ପାଞ୍ଚପାଞ୍ଚ ଘଣ୍ଟା ଧରି ଭୋଟ୍ ଦେବାକୁ ଠିଆ ହୋଇ ରହିଥିଲେ । ଛନ୍ଦା ଓ କେତନ ମେଲ୍ ରେ ହିଁ ନିଜର ଭୋଟ୍ ଦେଇ ପଠେଇ ଦେଇଥିଲେ । ଏ ସଂକ୍ରମଣ ଭିତରେ ବି କେତେ କଣ ସବୁ ଘଟିଗଲା । ବ୍ଲାକ୍ ଲାଇଭ୍‌ସ୍ ମ୍ୟାଟର୍‌ସ୍ ଆନ୍ଦୋଳନ ସମୟରେ ପ୍ରତିଦିନ ହଜାର ହଜାର ଲୋକଙ୍କର ମେଳ । ବାପରେ ..... ।

ସେତିକି ବେଳେ ଜଣେ ଗାର୍ଡ ଚେକିଙ୍ଗ୍ ବିଷୟରେ ଘୋଷଣା କଲେ । ଖିଆଲରୁ ମୁକ୍ତ ହୋଇ ଏବେ ଛନ୍ଦା ସଚେତନ ହେଲା । ନିଜ ଡ୍ରାଇଭିଂ ଲାଇସେନ୍‌ସ୍ ଓ ସେଲ୍ ଫୋନ୍‌କୁ ପର୍ସ ଭିତରୁ କାଢି ଜ୍ୟାକେଟ୍ ଭିତରେ ରଖିଲା । ତାହେଲେ ସହଜରେ ବାହାର କରିହେବ ।

ଭିତର ଧାଡିରେ ପାଖାପାଖି ଘଣ୍ଟାଏ ଠିଆ ହେବା ପରେ ସେମାନଙ୍କୁ ଚେକିଙ୍ଗ୍ କରାଗଲା । ପ୍ରାୟତଃ ୧୦-୧୫ ଜଣ ବ୍ୟକ୍ତି ସେଠି ଚେକିଙ୍ଗ୍ ପାଇଁ ଉଦ୍ଦିଷ୍ଟ ତମ୍ବୁ କୋଠରିରେ ବସିଥିଲେ ଓ ସମସ୍ତଙ୍କର ଡ୍ରାଇଭିଂ ଲାଇସେନ୍‌ସ୍ ଓ ରେଜିଷ୍ଟ୍ରେସନ୍ ଜାଞ୍ଚ୍ କରୁଥିଲେ । ଛନ୍ଦାର ଚେକିଙ୍ଗ୍ ଯେଉଁଠି ହେଉଥିଲା, ସେଠି ଜଣେ ବ୍ୟକ୍ତି ଯୁକ୍ତିତର୍କ କରୁଥିଲା । ପ୍ରକୃତରେ ସେ ବ୍ୟକ୍ତିର ଆପଏଣ୍ଟମେଣ୍ଟ ଗତ କାଲି, ମାର୍ଚ୍ଚ ୧୬ ତାରିଖରେ ଥିଲା । ହେଲେ ସିଏ ୧୭ ତାରିଖରେ ଭାବି ଟିକା ନେବାକୁ ଆସିଛି ଓ ଲାଇନରେ ପ୍ରାୟଃ ଅଢେଇ ଘଣ୍ଟା ଠିଆ ହୋଇ ସାରିଲାଣି । ଡ୍ରାଇଭିଂ ଲାଇସେନ୍‌ସ୍ ଜାଞ୍ଚ କରୁଥିବା ସ୍ତ୍ରୀ  ଲୋକ ଜଣକ ସେ ବ୍ୟକ୍ତିର ରେଜିଷ୍ଟ୍ରେସନ୍ ସଂଶୋଧନ କରି ତାକୁ ଛାଡିଲେ । ଛନ୍ଦା ଡରିଗଲା । କେତନଙ୍କର କିଛି ଅସୁବିଧା ହେଲାନି ତ?

ଅସଲ କଥା ହେଲା, କେତନ ତାଙ୍କ ଡ୍ରାଇଭିଂ ଲାଇସେନ୍‌ସ୍ ଆଣିବାକୁ ଭୁଲି ଯାଇଥିଲେ । ଘରୁ ବାହାରିବା ବେଳେ ଖାଲି ତରତର ହେଉଥିଲେ, ଏମିତି କ ଛନ୍ଦା କାହିଁକି ଡେରି କରୁଛି ବୋଲି ପାଟି କରୁଥିଲେ ଓ କାର୍ ଭିତରେ ବସି ତୁହାକୁ ତୁହା ଡାକ ଛାଡୁଥିଲେ । ଛନ୍ଦା ସମସ୍ତ ଆବଶ୍ୟକୀୟ କାଗଜପତ୍ର ଓ ସାନିଟାଇଜର୍ ଇତ୍ୟାଦି ଧରି ପ୍ରସ୍ତୁତ ହୋଇ ଆସିଲା ।

ସେମାନେ ରୁଟ୍ ୩୨ରେ ଭଲରେ ଭଲରେ ଆସିଲେ । ଏତେ ଟ୍ରାଫିକ୍ ନଥିଲା । ହେଲେ ପ୍ରଥମେ ପ୍ରଥମେ ଯେତେବେଳେ ଇଣ୍ଟରଷ୍ଟେଟ୍ ୯୫ରେ ଭିଡ ହୋଇଗଲା, ଛନ୍ଦା ଉପରେ ସିଏ ଅନେକ ଚଡିଲେ । "ଦେଖେ କେମିତି ଭିଡ ହେଲାଣି । କହୁଚ, ଶୀଘ୍ର ବାହାରେ । ଏବେ ଯଦି ଡେରିହୁଏ, ତେବେ ଟିକା ମିଳବ କ ନାହିଁ ।" କନ୍ତୁ ସେମିତି କଛି ହେଲାନ । ଭିଡ ପୁଣି ପାଞ୍ଚ ମିନଟ୍ ଭିତରେ କମିଗଲା ଓ ସେମାନେ ରସେଲ୍ ଷ୍ଟ୍ରିଟ୍ ଏକ୍‌ଜିଟ୍ ନେଇ ପାର୍କିଙ୍ଗ୍ ଲଟ୍ ବି. ରେ ସାଢେ ଗୋଟାଏ ବେଳକୁ ପହଞ୍ଚିଗଲେ । ଗାଡିରୁ ବାହାରି ପନ୍ଦର ଫୁଟ ଆସିଛନ୍ତି କ ନାହିଁ, ପକେଟ୍ ଅଣ୍ଡାଳବା ବେଳକୁ କେତନଙ୍କର ଡ୍ରାଇଭିଂ ଲାଇସେନ୍‌ସ୍ ନାହିଁ। ତାଙ୍କ ମୁଣ୍ଡ ଗୋଳମାଳ ହୋଇଗଲା । "ଏବେ କଣ କରିବି ? ତୁ ନହେଲେ ଯା, ମୁଁ ହୁଏତ ଫେରିଯିବି ।" ଛନ୍ଦା ପରାମର୍ଶ ଦେଲା, "ଯାଇକ ଆଉଥରେ ଗାଡି ଭିତରେ ଦେଖ । ହୁଏତ ଭିତରେ କେଉଁଠି ପକେଟରୁ ବାହାରି ପଡି ଯାଇଥିବ ।" କେତନ ଗାଡି ଭିତରକୁ ଗଲେ । ଡ୍ରାଇଭିଂ ଲାଇସେନ୍‌ସ୍ ପାଇଲେନ । ଛନ୍ଦା କହିଲା, "ତୁମେ ବ୍ୟସ୍ତ ହୁଅନ । ଚାଲ । ତୁମ ଫୋନରେ ତ ରେଜିଷ୍ଟ୍ରେସନ୍ କରିଛ ବୋଲି ପ୍ରମାଣ ଅଛି । ସେଇଟା ଦେଖେଇଦେବ । ଦେଖାଯାଉ କଣ ହେଉଛି ।" ଏମିତି ଭାବି ସେମାନେ ଧାଡିରେ ଠିଆ ହୋଇଥିଲେ । ଯାହାହେଉ ନଜ ଚେକଙ୍ଗ୍ ପରେ ବାହାରି ଦେଖିଲା ତ କେତନ ସେଠି ଅଛନ୍ତି ଓ ଖୁସି ଅଛନ୍ତି । ସିଏ ଛନ୍ଦାକୁ ଦେଖି କହିଲେ, "ଏବେ ମତେ ଟିକା ନେବାକୁ ଅନୁମତି ମିଳଗଲା ।"

ଚେକଙ୍ଗ୍ ପରେ ପୁଣି ଥରେ ଧାଡିରେ ଠିଆ ହେବାକୁ ପଡିଲା । ସେଠି ଦାୟିତ୍ୱରେ ଥିବା ଷ୍ଟାଫ୍ ଏବେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଟାବଲେଟ୍ ଧରେଇଦେଇ ରେଜିଷ୍ଟ୍ରେସନ୍‌ର ଅନ୍ତିମ ଭାଗ ପୂରଣ କରିବାକୁ କହିଲେ । ସେମାନେ ପୂରଣ କଲେ। ପୂରଣ କରିସାରି ଉପର ମହଲାର ଟିକାକରଣ ସ୍ଥାନକୁ ଯିବା ସମୟରେ ଛନ୍ଦା କେତନଙ୍କ ପାଖକୁ ଚାଲିଆସିଲା । ସେଠି ଅନ୍ୟାନ୍ୟ ଦଂପତି ମାନେ ମଧ୍ୟ ଏକାସାଙ୍ଗରେ ଯାଉଥିଲେ । ଅତଏବ, କେତନ ଓ ଛନ୍ଦା ମଧ୍ୟ ଏକାସାଙ୍ଗରେ ଗଲେ । ଏବେ ଛନ୍ଦା ଟିକେ ସ୍ୱସ୍ତିର ନଃଶ୍ୱାସ ମାରିଲା । ଉପର ମହଲା ଶୀତତାପ ନୟନ୍ତ୍ରିତ ଥିଲା ଓ ସେଠି ଧାଡି ବି ସାନ ଥିଲା । ଏବେ ଆଉ ସେ ଧାଡି ଦେଖି ଦୀର୍ଘଶ୍ୱାସ ନେବାକୁ ପଡିଲାନ । ଭିତରେ ଲାଗୁଥିଲା ଯେମିତି ମେଳା ବସିଛି । ଟିକା ଦେବାକୁ ଡାକ୍ତର ଓ ନର୍ସମାନେ ସବୁ ଧାଡିଧାଡି ହୋଇ ବସିଥିଲେ । ଯେଉଁ ମାନଙ୍କର ପାଳ ଆସୁଥିଲା, ସେମାନେ ଆସି ବିଭିନ୍ନ ଟିକା ଷ୍ଟେସନରେ ଟିକା ନେଉଥିଲେ । ମନା କରାଯାଇଥିଲା ଫଟୋ ନେବାକୁ । ତେବେ ସେମାନଙ୍କୁ ଯେଉଁ ଡାକ୍ତର କ ନର୍ସ ଟିକା ଦେଲେ, ତାଙ୍କୁ ଫଟୋ ନେଇହେବ କ ବୋଲି ପଚାରିବାରୁ, ସିଏ ହଁ କହିଲେ । ତେଣୁ କେତନ ଟିକା

ନେବାବେଳେ ଛନ୍ଦା ଫଟୋ ଉଠାଇଲା ଓ ଛନ୍ଦା ଟିକା ନେବାବେଳେ କେତନ ଫଟୋ ଉଠାଇଲେ । ଟିକା ନେବା ପରେ କାଳେ କଛି ପ୍ରତିକ୍ରିୟା ହେବ, ସେଥିପାଇଁ ସେମାନଙ୍କୁ ୧୫ ମିନଟ୍ ପର୍ଯ୍ୟନ୍ତ ସେଠି ପର୍ଯ୍ୟବେକ୍ଷଣରେ ରଖାଗଲା । ସେଠି ଦାୟିତ୍ୱରେ ଥିବା ନର୍ସ ଜଣେ କହିଲେ, "ଦ୍ୱିତୀୟ ଡୋଜ୍ ପାଇଁ ଆପଣମାନେ ଏବେ ଆପଏଣ୍ଟମେଣ୍ଟ ରଖିଦିଅନ୍ତୁ ।" ସେଲ ଫୋନ୍ ରେ ଗୃହପୃଷ୍ଠାକୁ ଯାଇ ଆପଏଣ୍ଟମେଣ୍ଟ ରଖିବାକୁ ଚେଷ୍ଟା କରି କେତନ ବିଫଳ ହେଲେ । ସେଠି କଛି ଷ୍ଟାଫ୍ ଆପଏଣ୍ଟମେଣ୍ଟ ରଖିବାରେ ସାହାଯ୍ୟ କରିବାକୁ ରହିଥିଲେ । ଏହି ସମୟରେ ଆଉ ଜଣେ ଷ୍ଟାଫ୍ ଆସି ପରାମର୍ଶ ଦେଇଗଲେ, "ଆପଏଣ୍ଟମେଣ୍ଟ ସକାଳ ସମୟ ପାଇଁ ରଖିଲେ ଭିଡ ନଥିବ । ଉପରବେଳା ହିଁ ଭିଡ ବଢିଯାଏ ।" ତାଙ୍କ ପରାମର୍ଶ ମାନି ସେମାନେ ଦ୍ୱିତୀୟ ଡୋଜ୍ ନେବାପାଇଁ ଏପ୍ରିଲ୍ ତେର ତାରିଖକୁ ଆପଏଣ୍ଟମେଣ୍ଟ ରଖିଦେଲେ ।

ସେ ବିଲ୍ଡିଂ ଭିତରୁ ବାହାରିବା ବେଳକୁ ସାଢେ ଗ୍ଚାରିଟା ବାଜି ଯାଇଥିଲା । ଏବେ ବାହାରେ ଅଧିକ ଧାଡି ନଥିଲା । କାରଣ ପାଞ୍ଚଟା ବେଳକୁ ସବୁକଛି ବନ୍ଦ ହୋଇଯିବାର ଥିଲା । ଛନ୍ଦା ଅନୁମାନ କଲା, ହୁଏତ ଆଜି ଦିନରେ ଆପାପତଃ ୫୦୦୦ ବ୍ୟକ୍ତି ଟିକା ନେଇଥିବେ । କେତନ ପଗ୍ଚରିଲେ, "ମୋର ତ ଡ୍ରାଇଭିଙ୍ଗ୍ ଲାଇସେନ୍ସ୍ ନାହିଁ । ଗାଡି ତୁ ଚଲେଇବୁ ନା ମୁଁ।" ଛନ୍ଦା ଗୋଟିଏ ଗପ ବହି ପଢିବାକୁ ନେଇଥିଲା । ଗାଡି ଚଲେଇଲେ ଆଉ ବହି ପଢି ହେବନି । ତେଣୁ ସିଏ କହିଲା, "ତମେ ଚଲାଅ । ଟିକେ ଦେଖି ଜଗି ଚଲେଇବ ।"

ସେମାନେ ପ୍ରାୟ ପାଞ୍ଚଟା ପନ୍ଦର ବେଳକୁ ଆସି ଘରେ ପହଞ୍ଚିଲେ । ସାଙ୍ଗେସାଙ୍ଗେ ଟିକାକରଣର ଫଟୋ ସବୁ ହ୍ୱାଟ୍ସ୍ଆପ୍ ଗ୍ରୁପ୍ ରେ ପରିବାର ଲୋକଙ୍କ ପାଖକୁ ପଠାଗଲା । ଅନେକଙ୍କର ଶୁଭେଚ୍ଛା ପହଞ୍ଚିଲା, "ଯାହା ହେଉ, ଟିକା ନେଇଗଲ । ଏବେ ଟିକେ ଭେଟାଭେଟି ହୋଇପାରିବ ।"

ଏପ୍ରିଲ୍ ୧୩ ତାରିଖରେ ଦ୍ୱିତୀୟ ଡୋଜ୍ ନେବାର ଦିନ । ଆପଏଣ୍ଟମେଣ୍ଟ ଥାଏ ୯ଟା ୧୫ ରେ । ସେମାନେ ସକାଳୁ ଉଠି ନିତ୍ୟକର୍ମ ସାରି ୮ଟା ପନ୍ଦର ବେଳକୁ ଘରୁ ବାହାରିଗଲେ । ଆଇ-୯୫ ରାସ୍ତାରେ କଛିଟା ଟ୍ରାଫିକ୍ ଥିଲା, ହେଲେ ଚଳନୀୟ । ସେମାନେ ପାର୍କିଙ୍ଗ୍ ଲଟ୍ ବି. ରେ ପହଞ୍ଚିବା ସମୟରେ ଘଣ୍ଟାରେ ୮ଟା ୫୦ ବାଜିଥିଲା । ଏଥର କେତନ ପୁରୁଣା ଭୁଲ୍ କରିନଥିଲେ । କାରଣ ଘରୁ ବାହାରିବା ସମୟରେ ଛନ୍ଦା ବାରମ୍ବାର ସଚେତନ କରି କହିଥିଲା, "ଡ୍ରାଇଭିଂ ଲାଇସେନ୍ସ୍ ରଖିଲ ତ?"

ସେମାନେ ଏମ୍.ଆଣ୍ଡ.ଟି. ବ୍ୟାଙ୍କର ଏ. ଗେଟ୍ ସାମନାକୁ ଯାଇ ଦେଖିଲା ବେଳକୁ କଛି ବି ଧାଡି ନାହିଁ । ଗତଥର ଏତେ ଲମ୍ବା ଧାଡିକୁ ଦେଖି ଯେମିତି ଏକ ଶକ୍ତ ଧକ୍କା ଲାଗିଥିଲା, ଆଜି ଧାଡିକୁ ନଦେଖି ସେମିତି ଲାଗିଲା । ସେମାନେ ଯାଇ ସିଧା ଭିତରେ ପଶିଲେ । ଭିତରେ ଯଦିଓ ଛୋଟ ଧାଡିଟିଏ ଥିଲା, ସିଏ କଛି ବି ନୁହେଁ । ସାଙ୍ଗସାଙ୍ଗେ ସବୁ କଛି ସରିଗଲା । ରେଜିଷ୍ଟ୍ରେସନ୍, ଶେଷ ଚେକ୍ ଇତ୍ୟାଦି ସାରି ଟିକା ଦେଉଥିବା ଡାକ୍ତରଙ୍କ ପାଖରେ ପହଞ୍ଚିବା ବେଳକୁ ୯ଟା ୧୦ ହୋଇଥିଲା । ସେମାନେ ଯେଉଁ ଟେବୁଲ୍ ପାଖକୁ ଗଲେ, ସେଠି ଦୁଇଜଣ ଡାକ୍ତର ଥିଲେ । ଜଣେ ପୁରୁଷ ଓ ଆଉ ଜଣେ ନାରୀ । ପୁରୁଷ ଜଣକ ଟିକା ଦେବାପାଇଁ ପ୍ରସ୍ତୁତ ହୋଇଗଲେ । ଅଭ୍ୟାସ ଅନୁଯାୟୀ କେତନ ପଚାରିଲେ, "ଆମେ ଫଟୋ ନେଇପାରିବୁ **?"** ନାରୀ ଜଣକ କହିଲେ, "ନା, ସେଥିପାଇଁ ଏ ଟିକା ଦେବା ସ୍ଥାନରେ ଅନୁମତି ନାହିଁ । କନ୍ତୁ ପର୍ଯ୍ୟବେକ୍ଷଣ କୋଠରିରେ ଫଟୋ ନେବାପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରଖାଯାଇଛି । ସେଠାରେ ଯାଇ ଆପଣ ଫଟୋ ନେଇପାରିବେ ।"

ଟିକା ନେବା ପରେ ସେମାନେ ସେଇଆ କଲେ । ସେମାନଙ୍କ ପୂର୍ବରୁ ଆଉ କେତେଜଣ ମଧ୍ୟ ସେଠାରେ ଫଟୋ ଉଠାଉଥିଲେ । ଭଲ ମୋବାଇଲ୍ ଯୁଗ ହେଲା ଯେ, ଯୋଉଠି ନାହିଁ ସେଠି ଫଟୋ । ଯେତେ ଇଚ୍ଛା, ସେତେ ଫଟୋ । ୯ଟା ୩୦ ପର୍ଯ୍ୟନ୍ତ ସେମାନେ ପର୍ଯ୍ୟବେକ୍ଷଣରେ ରହିଲେ । ତାପରେ ସେମାନେ ସେ କୋଠାର ବାହାରକୁ ଆସିଲେ । ବାହାରେ ବି ସେମିତି କଛି ଧାଡି ଥିବାର ଦେଖାଗଲାନ । "ସେ ନର୍ସ ଜଣକ ଠିକ୍ କହୁଥିଲେ । ଏ ସମୟରେ ଏତେ ଗହଳ ନଥାଏ ।"

କେତନଙ୍କର ଏ ମନ୍ତବ୍ୟ ଶୁଣି ଛନ୍ଦା କହିଲା, "କିଏ ଜାଣେ, ହୁଏତ ଅନ୍ୟ ସବୁ ଟିକାକେନ୍ଦ୍ରରେ ଲୋକମାନେ ଟିକା ନେଇଯାଉଛନ୍ତି । ତେଣୁ ଏ ସ୍ଥାନରେ ଏତେଟା ଗହଳ ହେଉନ । ମତେ ତ ଏ ଗୋଟିଏ ସପ୍ତାହ ହେଲା, ପ୍ରତିଦିନ ଇମେଲ୍ ଆସୁଛି ଯେ, "ଆଜି ଅମକ କେନ୍ଦ୍ରରେ ଟିକା ନେବାପାଇଁ ଅନେକ ସ୍ଥାନ ବାକି ଅଛି । ଶୀଘ୍ର ରେଜିଷ୍ଟ୍ରେସନ୍ କର ।"'

ସେମାନେ ଏମ୍.ଆଣ୍ଡ.ଟି. ବିଲଡିଙ୍ଗରୁ ବାହାରି ପାର୍କିଂ ଲଟ୍ ରେ ୯ଟା ୩୫ ବେଳକୁ ପହଞ୍ଚିଗଲେ । ଏତେ ଶୀଘ୍ର ସବୁ ସରିଗଲା । ବିଶ୍ୱାସ ହେଉନଥାଏ । ଗତଥରର ଅଭିଜ୍ଞତାକୁ ଭାବି ଛନ୍ଦା ସାରାଦିନ ଛୁଟି ନେଇଥିଲା । ଟିକା ପାଇଁ ତ ସମୟ ଲାଗିବ । ପୁଣି ଏଇଟା ଦ୍ୱିତୀୟ ଡୋଜ୍ । ପ୍ରତିକ୍ରିୟା କଣ ହେବ, ଜଣାନାହିଁ । ହେଲେ ଏବେ ଆଉ ସାରା

ଦିନଟା ଛୁଟି ନେବାର ଦରକାର ନାହିଁ । କେତନ ଗାଡି ଷ୍ଟାର୍ଟ କଲେ । ଛନ୍ଦା ନଜ ବହିର ପୃଷ୍ଠା ଓଲଟାଇଲା । ଯାହାବି ହେଉ । ଏବେ ଏ କରୋନା ଟିକାର ଦୁଇଟି ଡୋଜ୍ ନିଆ ସରିଲା । ହୁଏତ ବର୍ଷଟିଏ ଧରି ଯେମିତି ଭାବେ ଜୀବନ ଜିଇଁଛି ମଣିଷ, ସେଥିରେ କିଛିଟା ପରିବର୍ତ୍ତନ ଅଣାଯାଇପାରିବ ।

ଏମିତି ଆଶା ସ୍ୱପ୍ନରେ ମଜ୍ଜିଥିବା ସମୟରେ, ରେଡିଓରୁ ଖବର ଆସିଲା, "୧୨ ଜଣ ସଂପୂର୍ଣ୍ଣ ଟିକାକୃତ ଲସ୍ ଆଞ୍ଜେଲେସ୍ ବାସିନ୍ଦା କୋଭିଡ୍-୧୯ ଦ୍ୱାରା ଆକ୍ରାନ୍ତ ।"

-୦-

ରଦରଫୋର୍ଡ ୱେ, ଡେଟନ୍,ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ଅବିର ଖେଳା ରେ..

(ବୃତ୍ତ - କାମୋଦୀ)



ଡ. ଶକୁନ୍ତଳା ଗୁପ୍ତା

ଚଉସମ ସୁଗନ୍ଧି, କନ୍ଦୁଳ ପାଟ ରୁନ୍ଧି.. ବକୁଳେ, ସୁଆଙ୍ଗୀ ସଙ୍ଗିୟା
ଗ୍ଳମୀକର ରଙ୍ଗିଆ, ଯୋଡ଼ି ଝଲଝଲିଆ... ନାଗୁଲେ, ଭଣିତି ଭଙ୍ଗିୟା ରେ
ଗ୍ୱଇବର
ଧାତା ସେ ଗୋପ ବଲ୍ଲଭରେ
ପଞ୍ଚରଙ୍ଗୀ ଝୁଲେ ଦୋଳରେ
ବସନ୍ତଗ୍ୱସେ ରସି, ଧାଇ ବରଷେ ଖସି.. ଶ୍ରୀଅଙ୍ଗ, ନୀପକେଳ ରଙ୍ଗ ରେ । (୧)

କୁହୁକ କୁହାଟିଲ୍, ପାଦେ ଧଣ୍ଡ ଶିକୁଳା.. କୁଞ୍ଜରେ, କୁନ୍ଦ ପ୍ରତିହାରୀ
କୁସୁମିତ କବରୀ, ବିଦମାଳୀ ବଲ୍ଲରୀ.. ବାହୁରେ, ଘେରେ ନଦୀନାରୀ ରେ
ବଂଶୀଧର
ଅବିର ଖେଳା ନ ସରିଲ୍
ଗ୍ୱଧିକା କଟୀରେ ଧଇଲ୍
ଅସି କାମର ଦାଢ଼, ଭିଆଣ ମଧୁ ଭିଡ଼... ଅଶୀଳା, ପିରତି କବଲ୍ ରେ । (୨)

----------------

କଛି ଶବ୍ଦାର୍ଥ ଭ୍ଷାକୋଷ ରୁ:

ଗ୍ଳମୀକର - ସୁନା, ସ୍ୱର୍ଣ୍ଣମୟ
ଝଲଝଲିଆ - ଦୀପ୍ତି ଯୁକ୍ତ, ଝୁଲୁଥିବା
ନାଗୁଲ - କର୍ଣ୍ଣର ନାଗାକୃତି ଅଳଙ୍କାର

ବିଦମାଳୀ - ଭୁଜ ର ଅଳଙ୍କାର

ଭଣିତି- କଥନ, ବାକ୍ୟ; କଥା

ସୁଆଙ୍ଗୀ - ଭଣ୍ଡ

ଧାଇ - ଧାତକୀ, ପାଟଳୀ, ଫୁଲ ବିଶେଷ

କୁନ୍ଦ – ମଲ୍ଲିଫୁଲଜାତୀୟ ଗୁଳ୍ମ ଓ ତହିଁର ଧଳା ଫୁଲ, ବିଷ୍ଣୁଙ୍କ ନାମବିଶେଷ

ରଙ୍ଗିଆ - ରସିକ

ଅସି - ଖଡ୍ଗ; ଖଣ୍ଡା

କବଲ୍ କର୍‌ଇବା - ଆପଣା ନାମରେ ଅନ୍ୟ ବ୍ୟକ୍ତିଠାରୁ କବଲ୍ ଲେଖାଇ ନେବା (ସମ୍ପତି)

ରାଉରକେଲା

# ଶୈଶବରୁ ପ୍ରିୟ ସାଥୀ

ବିନୋଦିନୀ ଦାଶ

ଶୈଶବରୁ ନାନା ପ୍ରିୟ ସାଥୀ ମଧ୍ୟେ
ମାଆ ସ୍ଥାନ ଅଟେ ଶ୍ରେଷ୍ଠ,
ସେ ଅମୃତ ବୋଲା ମୁଖ ଚାହିଁଦେଲେ
ମନୁ ଲିଭେ ସବୁ କଷ୍ଟ,
ସେତ ମମତାର ଗନ୍ତାଘର,
ଯେତେ ବାଣ୍ଟୁଥିଲେ ସରେ ନାହିଁ କେବେ
ଥାଏ ସେ ଅକ୍ଷୁଣ୍ଣ ଚର ।

ଚାନ୍ଦ ପରି ତା'ର ମୁହଁକୁ ଯୋଖିଣ
ଶିଶୁ ମୁଖେ ହସ ଦିଏ,
କହିବା ଶିଖାଏ, ଚାଲିବା ଶିଖାଏ
ଝୁଣ୍ଟିଲେ ତୋଳ ସେ ନଏ,
ତାହା ସରି ହେବ କଏ !
ପ୍ରତି ପଦକ୍ଷେପେ ପାଖେ ପାଖେ ରହି
ସୁଖଦୁଃଖ ବୁଝୁଥାଏ ।

ଅଝଟ କରିଲେ ଖାଦ୍ୟ ନ ଖାଇଲେ
ଦେଖାଇଣ ଜହ୍ନ, ତାର୍
କୋଳରେ କୋଳେଇ ଅତି ଆଦରରେ
ଖୋଇ ଦିଏ ସେତ ପର୍,
ଧୋ-ରେ-ଧୋ ବାଇଆ,

ଗୀତକୁ ଗାଇଣ ଶୁଆଇଣ ଦିଏ
ସିଏ ତ ଶିଶୁ ଦୁନଆ ।

ମାଆ ପରି ସାଥୀ ଜଗତରେ ନାହିଁ
ସନ୍ତାନର ସେତ ପ୍ରିୟ,
ତା'କୋଳ ଝୁଲଣା ସବୁଠାରୁ ଶ୍ରେଷ୍ଠ
ଆଶ୍ରୟସ୍ଥଳ ଅଭୟ,
ସେତ ଶିକ୍ଷା, ଦୀକ୍ଷା ଗୁରୁ,
ସନ୍ତାନର ପଥପ୍ରଦର୍ଶକ ହୋଇ
ସାଜିଥାଏ ମହାଗରୁ ।

ବଡ଼ ହୋଇ ପିଲ୍ ସେ ଅମୂଲ୍ୟ ସାଥୀ
ମହତ୍ୱକୁ ଭୁଲିଯାଇ,
ବୃଦ୍ଧାଶ୍ରମେ ନେଇ ଛାଡିଣ ଆସୁଛି
ତା' ଆଖିରେ ଲୁହ ଦେଇ,
ଆଗପଛ ନ ବିଗ୍ଭରି,
ହଜାଇ ଦେଉଛି ତା' ବିବେକ ବୁଦ୍ଧି
ସେ ସାଥୀକୁ ନ ପଗ୍ଭରି ।

କୁରୁଆଁ, ମୁଗପାଳ, ଯାଜପୁର

# କର୍ମ ହିଁ ଭଗବାନ



ଅଲେଖ ମେହେର

ଗ୍ରୀଷ୍ମ ବର୍ଷା ହିମ ଅଜଗର ସମ ଶ୍ରମିକ ସହଇ କଷଣ,
ଭାଲେ ମାରି ସ୍ୱେଦ ମନୁ ତେଜି ଖେଦ ଯୋଗାଏ କୁଟୁମ୍ବେ ପୋଷଣ ।
ଶକତି, ଖଟାଇ ଆପଣା କାୟର,
ଆତ୍ମଜ ଜାଆର ମୁଖେ ଦେଖି ହାସ ହୃଦେ ଭରେ ସ୍ୱପ୍ନ ଅମ୍ବାର ।
ଉଚ୍ଚ ନୀଚ ଭେଦଭାବର ବିଗ୍ରହ କର୍ମ ବିଧାନରେ ନଉନ,
ତୁନ୍ଦ ପାଳନରେ ନୁହଇ ବାଧକ ସେ ଯେ ସାକ୍ଷାତ ଭଗବାନ ।
ନହିତ, ଜୀବର ତହିଁରେ ପରାଣ,
କର୍ମ ଭୀରୁ ଲଭେ ଭବ ଶୟଳରେ ଆଜୀବନ ଦୁଃଖ ଦାରୁଣ ।
କଷ୍ଟ ଆରପାରେ କୃଷ୍ଣ ସଙ୍ଗତରେ ହାଦେ ଯିବ ହୋଇ ସାକ୍ଷାତ,
ସୁ-କରମ ବଳେ ଭାଗ୍ୟ ଦୀପ ଜଳେ ବଇକୁଣ୍ଠ ହୁଏ ପ୍ରାପତ ।
ଧରମ, ସହିତରେ ଉଚ୍ଚ ଆସନ,
ଲଭେ କର୍ମବୀର ସୁଧା ମକରନ୍ଦ ସର୍ବଜନେ ପାଇ ସମ୍ମାନ ।
ହସ୍ତର ଅଳସେ ନଶ ବଙ୍କା ହୋଇ ଯେସନେ କୁରୂପ ଲପନ,
କୂପ କି ଆସିବ ତୃଷାର୍ତ୍ତ ସମିପେ ନକରି ତିଳେହେଁ ଆଟନ ।
ବର୍ଜିତ, ସର୍ବଦା ଅଳସ ସ୍ୱଭାବ,
କର୍ମର ଆୟତ୍ତ ଏସାରା ଜଗତ ମଧୁମୟ ଅମୀୟ ଭାବ ।

---

ଭାଲେ-କପାଳରେ, ସ୍ୱେଦ-ଝାଳ, ଖେଦ-ଦୁଃଖ, ଅମ୍ବାର-ଭଣ୍ଡାର, ତୁନ୍ଦ-ପେଟ, ହାଦେ-ନଷ୍ଟୟ, ସୁଧା-ଅମୃତ, ମକରନ୍ଦ – ପୁଷ୍ପମଧୁ, ଲପନ-ମୁଖଶ୍ରୀ, ଅଟନ-ଗମନ ।

ସୋହେଲା, ବରଗଡ

# ବିଶେଷ ଅତିଥି



ଅଳକା ମହାନ୍ତି

ଝିଅ ବାହାଘର ପାଇଁ ସୁକନ୍ୟା ଲାଷ୍ଟ ମିନଟ୍ ସପିଂ ସାରି ଘରକୁ ଫେରୁ ଥାନ୍ତି । ଫୋନ ତ ଅନବରତ ଚାଲିଛି କେତେବେଳେ ନିଜ ଫୋନ ରେ କେତେବେଳେ ସୁବ୍ରତ ଙ୍କ ଫୋନ ରେ.. ନିଶ୍ଚୟ ଆସିବେ, ପରିବାର ଙ୍କୁ ନେଇ ଆସିବେ, ସଙ୍ଗୀତ ଦିନ ପହଞ୍ଚିବେ, ଏୟାରପୋର୍ଟ ଆମେ ଯାଇ ନେଇ ଆସିବୁ, ଷ୍ଟେସନ କୁ ଯିବୁ ଆଣିବାକୁ, କିଛି ଅସୁବିଧା ନାହିଁ.. ଏହିପରି ପୁଳାଏ କଥା  ବିଭିନ୍ନ ଲୋକ ଙ୍କୁ କହିବାକୁ ପଡୁଥାଏ । ସେତିକିବେଳେ ସୁବ୍ରତ ଙ୍କ ଫୋନ କୁ ସେମିତି ଗୋଟେ କଲ୍ ଆସି ଲା ସୁବ୍ରତ ଙ୍କ ଫୋନ ରେ । ସୁବ୍ରତ କହୁଥିଲେ,-

- କିଛି ଅସୁବିଧା ହେବନି । ମୁଁ ସବୁ ମ୍ୟାନେଜ କରିଦେବି । ତୁମେ ଖାଲି ଏୟାରପୋର୍ଟ ରେ ପହଂଚ ଯାଅ ସବୁ ଦାୟିତ୍ୱ ମୋର । ସୁକନ୍ୟା ଭାବିଲେ ଅନ୍ୟ  ବନ୍ଧୁ ବାନ୍ଧବ ପରି କିଏ ହେଇଥିବେ ।

ଜିନିଷ ପତ୍ର କିଣା କିଣି ସାରିବା ପରେ ଝିଅ ଶାଶୁ ଘରକୁ ସବୁ ଜିନିଷ କିପରି ସୁନ୍ଦର ଭାବରେ ଗିଫ୍ଟ ରାପ୍ କରି ଦେବାକୁ ହେବ ସେ କଥା ଭାବି ଚାଲି ଥାନ୍ତି । ଝିଅ କୁ ବିଦା କରିବା ପାଇଁ ଅନେକ ଦିନରୁ ତାଙ୍କର ଆୟୋଜନ ଚାଲିଛି । ଅନ୍ୟ କୁ ଖୁସି କରିବା ଯେମିତି ତାଙ୍କର ଅସ୍ତି ମଜାଗତ ଗୁଣ । ସେକଥା ପରିବାର ଛଡ଼ା ସୁବ୍ରତ ଆଉ ଝିଅ ଅନନ୍ୟା ଙ୍କ ସାଙ୍ଗ ସହପାଠୀ ମଧ୍ୟ ଜାଣନ୍ତି.. ପରୋପକାରୀ ଆଉ ତାଙ୍କ ଆତିଥେୟତା ର ଚର୍ଚ୍ଚା ବହୁତ ସେ ସହରରେ ।

ଗୋଟେ ବୋଲି ପିଲା, ସୁକନ୍ୟା ଙ୍କର.. ଖୁବ୍ ଅଲିଅଳ । ସୁବ୍ରତ ଟିକେ ଭାବୁକ ହୋଇ ଯାଉଥାନ୍ତି କାମ କରୁ କରୁ । ଝିଅ ଏବେ ସେ ବାଳ ସୁଲଭ ଗୁଣ ଛାଡିନି । ପାପା ଆସିଲେ

କୋଳରେ ବସି ଗେଲ ହେବ । ମାମା ନା ରେ ଦୁଇପଦ କହି ମଜା ନେବ, ମାମା କଛି କହିଲେ, କହିବ *ପାପା, ପ୍ଲୀଜ୍ କଣ୍ଟ୍ରୋଲ ଇଓର୍ ୱାଇଫ*!!!

ସୁବ୍ରତ, ହସି ଦେଇ କହିବେ - *ନୋ ୱାନ୍ କ୍ୟାନ୍ ଡୁ ଦିସ*..

ମନରେ ଅସଂଖ୍ୟ ପ୍ରଶ୍ନ କୁ ଭ୍ରୂକ୍ଷେପ ନକରି ମା ବାପା ଦୁଇଜଣ କାମ କରି ଗ୍ଲଲିଛନ୍ତି.. ଅନନ୍ୟା କହିଲା, ମାମା.. ଗ୍ଲଲ ଯିବା ଭେନ୍ୟୁ ଟା ଦେଖି ଆସିବା। ସଙ୍ଗୀତ ପାଇଁ ଯେଉଁ ଥିମ୍ କହିଥିଲେ ସେ କରିଛି କ ନାହିଁ..

--ହଉ ହଉ.. ଅନ୍ୟ କାମ ଟିକେ ସରୁ..

ଘରେ ଆଉ କଛି ବନ୍ଧୁ ବାନ୍ଧବ ଆସିଯାଇଛନ୍ତି.. କଏ ଘରେ ତ କଏ ଗେଷ୍ଟ ହାଉସ ରେ । କଛି ଲୋକଙ୍କ ପାଇଁ ଲଞ୍ଚ ଘରେ ରନ୍ଧା ଗ୍ଲଲିଛି.. ସଙ୍ଗୀତ ଦିନ ସୁବ୍ରତ କହିଲେ, --ମୁଁ ଯାଉଛି ଏୟାରପୋର୍ଟ.. ମୋ ସାଙ୍ଗ ଆସୁଛି.. ଆସିଲେ ଖାଇବୁ ।

--ହଉ, ତୁମେ ଆସିଲେ ମୁଁ ଖାଇବି..ସୁକନ୍ୟା ସରଳତା ରେ ଉତ୍ତର ଦେଇ ଅନ୍ୟ କାମ ରେ ବ୍ୟସ୍ତ ହୋଇ ଗଲେ..

କଛି ଲୋକ ଖାଇବାକୁ ବସିଲେଣି, କଛି ବାକ.. ମିନ, ସୁକନ୍ୟା ଙ୍କ ନଣନ୍ଦ ପାଖକୁ ଆସି କହିଲା, "ନୂଆବୋଉ, ଜାଣିଛ!? ମୁନା'ଇ ତାର ପିଲା ଦିନ ଗାର୍ଲ ଫ୍ରେଣ୍ଡ କୁ ଆଣିବାକୁ ଯାଇଛି । ତୁମକୁ ମୁଁ କହିଥିଲି ନା ସେ ଝିଅ କଥା, ସେ ଆମ ଜାତିର ନଥିଲା ବୋଲି, ମୁନା'ଇ ତାକୁ କଛି କହି ପାରିଲାନ.. ହେଲେ ଦି ଜଣ ଯାକ ବହୁତ ଭଲ ପାଉଥିଲେ ଦି ଜଣ ଙ୍କୁ.. "

ଟିକେ ଚୁପ୍ ହୋଇ ଗଲେ, ପୁଣି ପ୍ରକୃତିସ୍ଥ ହୋଇ କହିଲେ ସୁକନ୍ୟା, "ଆସନ୍ତୁ. ଭଲ ହେଲା, ସେ ବି ତ ତାଙ୍କ ସାଙ୍ଗ..!

ମିନ ତାଙ୍କ ନିର୍ବିକାର ମୁହଁ କୁ ଲକ୍ଷ୍ୟ କରୁଥିଲେ ମଧ୍ୟ କଛି ବୁଝି ପାରିଲେନ.. ଅଳ୍ପ ସମୟ ପରେ ସୁବ୍ରତ ଗାଡି ରୁ ଓହ୍ଲାଇ ପଛ ସିଟ ରୁ ଗୋଟେ ବାଗ୍ କାଢୁ କାଢୁ ମିନ କୁ ଡାକ କହିଲେ, "ନନ୍ଦିନୀ କୁ ଘରକୁ ନେଇ ଯା"। ସୁନ୍ଦର, ସରଳ ମୁଖ ସହିତ ପରିପକ୍ୱ କେଶ - ଏକ ସୁସ୍ଥ, ଅନୁଭବୀ ବ୍ୟକ୍ତିତ୍ୱ କୁ ପ୍ରତିବିମ୍ବିତ କରୁଥାଏ। ସହାସ୍ୟ ବଦନରେ, ବିନା ସ୍ୱାଗତ ରେ ଯେମିତି କେଉଁ ପ୍ରିୟଜନ ଙ୍କୁ ଭେଟିବାକୁ ଆକୁଳ ପ୍ରୟାସ କରୁଥିବା ପରି ପ୍ରତୀତ ହେଉଥିଲେ। ସୁକନ୍ୟା ମଧ୍ୟ ମିନ ପଛେ ପଛେ ଆସି ବାହାରୁ ତାଙ୍କୁ ସାଥିରେ ନେଇ ଘରକୁ ଚାଲି ଗଲେ।

ଲଞ୍ଚ ସମୟ ଅତିକ୍ରାନ୍ତ ହେଉ ଥିବା ଜାଣି ଆଉ ସମୟ ନଷ୍ଟ ନକରି ସମସ୍ତେ ଖାଇବା କାମ ସାରି ଦେବେ ବୋଲି କହି ବସି ପଡିଲେ। ଜଲଦି କାମ ସରିଲେ ମଙ୍ଗନ ହାଣ୍ଡି ବସିବ, ପୁଣି ସେମାନେ ସନ୍ଧ୍ୟା ପୂର୍ବ ରୁ ସଙ୍ଗୀତ ପାଇଁ ଯିବେ..

ନନ୍ଦିନୀ ବି ନିଜ ଘର ଲୋକ ଭଳି ଏପରି ମିଳାମିଶା କରୁ ଥିଲେ, କେହି କହିବେନି ଦୀର୍ଘ **40** ବର୍ଷ ପରେ ସେ ସୁବ୍ରତ କୁ ଭେଟିଲେ ଆଉ ତାଙ୍କ ଘର କୁ ବିବାହ ପରେ ପ୍ରଥମ ଥର ଆସିଛନ୍ତି। ଚିଠି ଦେବା ନେବା କି ଫୋନ କଲ୍ କରୁଥିବେ। କିନ୍ତୁ ପ୍ରଥମ ଥର ପୂରା ପରିବାର ଙ୍କ ପାଖକୁ ଆସିଛନ୍ତି। ମିନ ସୁକନ୍ୟା କୁ ବଲ ବଲ କରି ଚାହୁଁ ଥାଏ ଖାଲି.. କଣ ଭାବୁ ଥାଏ କେଜାଣି..**???**

ସୁବ୍ରତ ମିନ କୁ ଡାକ କହୁଥିବା ସୁକନ୍ୟା ଦେଖିଲେ, ମିନ, "ନନ୍ଦିନୀ କୁ ଠିକ୍ ଠାକ୍ ବିଦା କରିବ**!** ସେ ପ୍ରଥମ ଥର ପାଇଁ ଆମ ଘର କୁ ଆସିଛି"।

--ହଁ ମୁନା 'ଇ

ମାଙ୍ଗଳିକ କାର୍ଯ୍ୟ ସାରିବା ପରେ, ନନ୍ଦିନୀ କୁ ଗେଷ୍ଟ ରୁମ୍ ରେ ସନ୍ଧ୍ୟା ପର୍ଯ୍ୟନ୍ତ ଆରାମ କରିବାକୁ କହି ନଣନ୍ଦ ଭାଉଜ ଟିକେ ଗଡ଼ ପଡ ହେଉ ହେଉ..

ମିନ.. ନୂଆ ବୋଉ, ତୁମେ ଖରାପ ଭାବୁନ ତ.. ମୁନା'ଇ ତା ଝିଅ ସାଙ୍ଗ କୁ, ପୁଣି ମନେ ମନେ ଯାହାକୁ ଭଲ ପାଉଥିଲା ଆଣିଛି ବୋଲି??

ମିନ, ତୁମେ ବୁଝି ପାରିଲନ ମୋତେ ତା ହେଲେ । ଯେତେ ବେଳେ ମୁଁ ନଥିଲି, ନନ୍ଦିନୀ ଭାଇ ଙ୍କର ଖୁସି ର ସାଗର ଥିଲେ.. ପ୍ରେମ ଦେବା ର ନାଁ, ନେବାର ନୁହେଁ.. ନା ପ୍ରେମ କେବେ ମରେ.. ସେ ଚର ଶାଶ୍ୱତ । ସାଙ୍ଗ ର କଛି ଲିଙ୍ଗ କ ବୟଷ ନାହିଁ..ତୁମେ ତାହେଲେ ରୁକ୍ମଣୀଙ୍କ କଥା ଭୁଲିଗଲ.. ସେ ବି ରାଧା, ଦ୍ରୌପଦୀ, ସୁଦାମା ଙ୍କୁ କେବେ ଆପଣା ର ଭାବି ନଥାନ୍ତେ..

ଭାଇ କେବେ ମୋର ସ୍ତ୍ରୀ ର ଅଧିକାର କାହାକୁ ଦେଇ ନାହାନ୍ତି । କ ନନ୍ଦିନୀ ମୋର କଛି କ୍ଷତି କରି ନାହାଁନ୍ତି । ମୁଁ ତ ତାଙ୍କୁ ମୋର ପରିବାର ର ଆଉ ଗୋଟେ ହିତକାଂକ୍ଷି ବୋଲି ଭାବୁଛି । ନହେଲେ ଷାଠିଏ ବର୍ଷ ବୟସ ରେ, ସୁଦୂର ଦିଲ୍ଲୀ ରୁ ମୋ ଝିଅ କୁ ଆଶିର୍ବାଦ କରିବାକୁ କଏ କାହିଁକ ଆସିବ । ଭାଇ ମୋତେ ନକହିଲେ ବି, ତାଙ୍କ ମନରେ ମୋ ପ୍ରତି ଯୋଉ ବିଶ୍ୱାସ ଅଛି, ସେଇ ବିଶ୍ୱାସ ନେଇ ସେ ଆଜି ନନ୍ଦିନୀ କୁ ତାଙ୍କ ଝିଅକୁ ଆଶିର୍ବାଦ ଦେବାକୁ ଆଣି ଆମକୁ ସମ୍ମାନତ କରିଛନ୍ତି ବରଂ ।ସେ ମୋର ସର୍ବ ଶ୍ରେଷ୍ଠ ଅତିଥି.. ମିନ ତାଙ୍କର ଯେମିତି କଛି ଅସୁବିଧା ନ ହୁଏ ।

--ନୂଆ ବୋଉ, ତୁମ ଉଦାରତା ଆଉ ମାନବିକତା ଆଗରେ ମୋ ମୁଣ୍ଡ ନଇଁ ଯାଉଛି, ସତରେ.. ଗ୍ରେଲ ରେଡି ହୁଅ..

ମିନ ମନେ ମନେ ଭାବୁ ଥିଲା, ଏ ନୂଆବୋଉ ସତ ରେ... କେତେ ବିଶାଳ ହୃଦୟ ର..!!!

ନଭି ମୁମ୍ବାଇ, ମହାରାଷ୍ଟ୍ର

# ପଳାସ ଫୁଲ..



ଝିଲିମିଲି ସାହୁ

ଭାବିଥିଲି.....
ତୁମେ ଏକ ଚଞ୍ଚଳ ଶାମୁକା
ହେଲେ ତୁମ କଥାକୁହା ଢଳଢଳ ଆଖି
କହିଦେଇଗଲା ଅନେକ ଅବ୍ୟକ୍ତ କଥା
ଆଉ ମୁଁ ବୁଝିଗଲି.....
ତୁମେ ଏକ ଗହୀରମଥା ଶାମୁକା। ।।
ଭାବିଥିଲି.....
ତୁମେ ଏକ ଶାନ୍ତ ସମୀରଣ
ହେଲେ ତୁମ ପ୍ରତି ପ୍ରଶ୍ୱାସରେ
ଚହଟୁଥିଲା ଅସୀମ ଧୈର୍ଯ୍ୟର ବାର୍ତ୍ତା
ଆଉ ମୁଁ ବୁଝିଗଲି.....
ତୁମେ ଏକ ଅଦୃଶ୍ୟ ଝଡ଼ର ଗାଥା। ।।
ଭାବିଥିଲି.....
ତୁମେ ଅନନ୍ୟା, ଏକ ସୁନେଲି ସ୍ୱପ୍ନ
ହେଲେ ତୁମ ମଧୁଝରା ଓଠତଳେ
ସଠିକ୍ ବାରି ପାରୁଥିଲି ମୌନତା ର କୋହ
ଆଉ ମୁଁ ବୁଝିଗଲି.....
ତୁମେ ଅମରାବତୀ ର ଏକ ପାହାନ୍ତି ମୋହ ।।
ଭାବିଥିଲି.....
ତୁମେ ଏକ ସରଗରାଇଜ ପରୀ
ହେଲେ ତୁମ ଝାଉଁଳା ମୁହଁର ମଳନ ଆଭା
ବର୍ଣ୍ଣନା କରୁଥିଲା ବାସ୍ତବତାର କାୟା

ଆଉ ମୁଁ ବୁଝିଗଲି.....
ତୁମେ ସୁନା ପଞ୍ଜୁରୀର  ଜୀବନ୍ତ ଶୁଆ ।।
ଭାବିଥିଲି.....
ତୁମେ ରାଜପ୍ରାସାଦର ସାଧବବୋହୁ
ହେଲେ ତୁମ ଜୀବନର ପ୍ରତି ପ୍ରତିବିମ୍ବେ
ଝଟକୁଥିଲା ହୃଦୟ ର ନତ୍ୟ କମ୍ପନ
ଆଉ ମୁଁ ବୁଝିଗଲି.....
ତୁମ ପାଦେ ଶୃଙ୍ଖଳର  ଶକ୍ତ ବନ୍ଧନ ।।
ଭାବିଥିଲି.....
ତୁମେ କାନନର ଶ୍ରେଷ୍ଠ ଗୋଲାପ ଫୁଲ
ହେଲେ ତୁମ ଯନ୍ତ୍ରଣା ଭରା ମରମ ବେଦନା
ଦର୍ଶାଉଥିଲା ଭଙ୍ଗା ସ୍ୱପ୍ନର ନୈରାଶ୍ୟ ମନ
ଆଉ ମୁଁ ବୁଝିଗଲି.....
ତୁମେ ପାଲଟିଯାଇଛ ପଳାସ ଫୁଲ!!!

ଶିକ୍ଷୟିତ୍ରୀ, ନୟାଗଡ଼

# କଣ ଲେଖିବି, କାହାକୁ କହିବି, କୁଆଡେ ଯିବି



ଭସ୍କର ଚନ୍ଦ୍ର ଖଣ୍ଡା

ଭାବିଲି କଣ ଲେଖିବି ବୋଲି
ଅତୀତ ବର୍ତ୍ତମାନ ଭବିଷ୍ୟତ
କାହା ବିଷୟରେ
ନା ଦେଶର ପାରିପାର୍ଶ୍ୱିକ ଅବସ୍ଥା
ସମାଜର ସ୍ଥିତି
ହୃଦବୋଧ ହେଲା
ସବୁ କଛି କ୍ଷଣସ୍ଥାୟୀ
ହେଲେ ଚରନ୍ତନ ଶାସ୍ୱତ ଅଟେ
କେବଳ ହିଁ ସତ୍ୟ ।୧।

କଳ କାରଖାନା ରେ ନର୍ମିତ
କୌଣସି ସାମଗ୍ରୀ ପରି
ଏଠି ଆଇନ ତିଆରି ହୁଏ
ତାକୁ ଭାଙ୍ଗିବା ପାଇଁ
ବିଶେଷ କରି ଯେଉଁମାନେ କରିଥାନ୍ତି
ସେମାନେ ହିଁ ଭାଙ୍ଗିଥାନ୍ତି ।୨।

ପୋଲିସ ଥାନା ଭିତରେ ଥିବା ଗାଡିରେ
ଏଠି ଅର୍ଦ୍ଧନଗ୍ନ ଦଳିତ ଶବ ମିଳେ
ପରିସ୍ଥିତି କୁ ନବୁଝି
ଠିକ୍ ରୂପେ ନ ପରଖି

ପାଦ ମକଚ ଗଲେ ବିରୋଧି ଦଳର
ସାଜିସ ର ରୂପ ଦିଆଯାଏ
ସତ୍ୟବାଦୀ ବୋଲାଉଥିବା
ତଥାକଥିତ ରାଜନୀତିଜ୍ଞ ମାନେ
ପରସ୍ପରକୁ ଦୋଷାରୋପ କରନ୍ତି ।୩ ।

ମନେ ପଡେ ଛୋଟ ବେଳର
ସ୍କୁଲରେ ପଢିଥିବା କବିତାରୁ ପଦେ
ଆମେ ଚଳାଉଛୁ ଦେଶ ଆମରି
ଆମରି ନାଆରେ ଆମେ ନାଉରୀ
ମନେ ହୁଏ ଯଦି ମୋ ହାତରେ ଥାଆନ୍ତା
କ୍ଷମତା ଲୋଭରେ ଦେଶକୁ ବିକ ଦେବା ପାଇଁ
ଟିକଏ ବି କୁଣ୍ଠାବୋଧ ନ କରନ୍ତି ।୪ ।

ସତ୍ୟତା ନଥିଲେ ବି
ନଜର ଆଭିମୁଖ୍ୟ ହାସଲ ପାଇଁ
ଯିଦି ରେ ଅଟଳ ରହି
ରାସ୍ତା ରୋକ ରେଲ ରୋକ
ପ୍ରୟାସ ସହିତ
ସରକାରଙ୍କୁ ଗାଦିଚ୍ୟୁତ ଉଦ୍ଦେଶ୍ୟରେ
ବିଧାନସଭା ନିର୍ବାଚନ ହେବାକୁ ଥିବା
ରାଜ୍ୟ ମାନଙ୍କରେ ଭୋଟ ପ୍ରଚାର କରନ୍ତି
କୃଷକ ଆନ୍ଦୋଳନ ସହିତ
ଭୋଟ ପ୍ରଚାରର ସାମଞ୍ଜସ୍ୟ କ ପ୍ରକାରର **?**
କୋର୍ଷ ବହିର୍ଭୂତ ପ୍ରଶ୍ନ ପରି
ଇଂଲଣ୍ଡ ବିରୁଦ୍ଧରେ ଅକ୍ଷର ପଟେଲଙ୍କ
ବୋଲିଂ ପରି

ଠିକ୍ ରୂପେ ବୁଝି ହେଉନାହିଁ
ଅତୀତ ବର୍ତ୍ତମାନ କୁ ରୋମନ୍ଥନ କଲେ
ଆମର ଭବିଷ୍ୟତଟା କେଉଁ ଗ୍ରିଡ଼ ଛକରେ ।୫ ।

କଣ ଲେଖିବି
କାହାକୁ ବା କଣ କହିବି
କେଉଁ ରାସ୍ତାରେ କୁଆଡେ ଯିବି ? ।୬ ।

ରୋଡ୍ ନମ୍ବର ୩,
ଜଗନ୍ନାଥ ନଗର, ଭୁବନେଶ୍ୱର

# ରାଜଧାନୀରେ ହଜିଗଲାଣି ବସନ୍ତ



ଶଶଧର ମହାପାତ୍ର

ଆମ ରାଜଧାନୀ ଭୁବନେଶ୍ୱରରେ
ବସନ୍ତ ଗଲାଣି ହଜି
"ମାଘମାସ'ଟାରେ ଚାଳିଶି ଡିଗିରୀ
ଝାଳରେ ଯାଆନ୍ତି ଭିଜି
"ମାଘମାସ' ଶୀତ ଉଭେଇ ଗଲାଣି
ଅସହ୍ୟ ହେଲାଣି ତାତି
ତ୍ରାହିତ୍ରାହି ଡାକ ଛାଡିଲେଣି ଲୋକେ
କି ଦିନ କି ରାତି
ସମୁଦ୍ରଆଡୁ ମଳୟ ବହେ
ଅପରାହ୍ନ ଚାରିଟାରେ
ଶୀତଳ ପବନ ବହେ ଧୀରେ ଧୀରେ
ରାତି କଟେ ଆନନ୍ଦରେ
ଅନେଶୋତ ମହାବାତ୍ୟାପରେ ସବୁ
ସବୁଜିମା ଉଜୁଡିଛି
ସେଥିପାଇଁ ଜ୍ଞାନୀଜନେ କହୁଛନ୍ତି
ପାଣିପାଗ ବିଗିଡିଛି
କୋଠାବାଡି ଆଉ କଂକ୍ରିଟ ରାସ୍ତା
ଏଥିପାଇଁ ଦାୟୀ କିଛି
ଆଶାତୀତ ବୃଦ୍ଧି ଯାନବାହନର

ନଆଁରେ ଘିଅ ଢାଳଛି
ଉତ୍ତାପ ଧାରଣ ଶକ୍ତି କମ୍ ଅଟେ
କଂକ୍ରିଟ ଓ ସିମେଣ୍ଟର
ବିକରଣ କରେ ଅଧିକ ମାତ୍ରାରେ
ତେଣୁ ବଢେ ଉତ୍ତାପର
ରାସ୍ତାକୁ ଚଉଡା କରିବା ପାଇଁକି
ବୃକ୍ଷ କଲେ ଧରାଶାୟୀ
ଆଧୁନିକ ଆମ ଜୀବନଶଇଳୀ
ସମପରିମାଣେ ଦାୟୀ
ଏ.ସି. ଆଉ ଫ୍ରିଜ୍ ବ୍ୟବହାର ପରା
ବଢିଛି ଦିନକୁ ଦିନ
"ଗ୍ରୀନ୍ ହାଉସ'ର ପ୍ରଭାବ ପଡିଛି
ସୁଧୀଜନେ ଏବେ ମାନ
"ଭୁବନେଶ୍ୱର'ଟି "ହଟ୍' ଭାବେ
ହୋଇଅଛି ବିବେଚତ
କେମିତି ଜୀବନ କାଟିବେ ଜନତା
ସେଥିପାଇଁ ଭୟଭୀତ ।

(ଭୁବନେଶ୍ୱରରେ ମାଘମାସରେ ଚାଳିଶି ଡିଗିରୀ ଛୁଇଁବା ଖବର
ଶୁଣିବା ପରେ ଏ' ଲେଖା ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ସେଇ ମୁହଁ ଟି



ଶାନ୍ତିଲତା ମିଶ୍ର

ଆଜି ବେଶ୍ ପେଟ ପୁର୍ ଖାଇବା ମୁରଲୀକୁ ମିଳ ଯାଇଛି । ଖାଲି ସେତିକ ନୁହେଁ, ଯଥେଷ୍ଟ ଖାଦ୍ୟ ମଧ୍ୟ ବଳଛି କାଲି ପାଇଁ ତାର ହେଇଯିବ । ରାସ୍ତା ଆର କଡେ ଥିବା ମନ୍ଦିରରେ କିଛି ପର୍ବ ଯୋଗୁ ପୂଜା ଚାଲିଛି । ଉଠା ଦୋକାନ ବଜାର ବସିଛି । ଲୋକ ଭିଡ ଆଜି । କିଣା ବିକା ଚାଲିଛି । ସେ ଭିଡରୁ ବାହାରି ଆସି ରାସ୍ତା ଏକଡରେ ନରେଳା ଜାଗାଟିଏ ଦେଖି ତା ଛିଠା କନ୍ଥାକୁ ତଳେ ବିଛେଇଦେଇ ବସିଗଲା ମୁରଲୀ । ଦିନ ଯାକ ବୁଲି ବୁଲି ଖାଦ୍ୟ ସଂଗ୍ରହ କରୁ କରୁ ତାର ଦିନ ସରିଗଲା ସଂଧ୍ୟା ପ୍ରାୟ । ଆଉ କିଛି ସମୟ ପରେ ଦୋକାନ ବଜାର ସବୁ ବନ୍ଦ ହୋଇଯିବ । ସନ୍ଧ୍ୟା ଆଳତୀ ପରେ । ଆଜି ଆଉ ତା ଚାଳ ଛପର କୁଡିଆକୁ ସେ ଫେରିବନି । ଯୋଉ ଘରେ ସୂର୍ଯ ଚନ୍ଦ୍ର ଖରା ବର୍ଷା ସମସ୍ତଙ୍କର ସର୍ବଦା ଅନଧିକାର ପ୍ରବେଶ । ସେଇ ଘରକୁ ଫେରିଲେ ନଫେରିଲେ କିଛି ଯାଏ ଆସେ ନାହିଁ ।

ଏମିତିରେ ସବୁଦିନ ତାର ଯୋଉଠି ରାତି ସେଇଠି ଘର । ସେଇଠି ସେ ଭଲ ଜାଗାଟାଏ ଦେଖି ଶୋଇଯାଏ । କେବେ କାହା ଘର ବାରଣ୍ଡା ତ, କେବେ ଦୋକାନ ବାରଠା ତ କେବେ ଫୁଟପାଥ୍ । ବହୁତ ଖାଇଦେଇଥିବାରୁ ଜୋରରେ ନିଦ ଆସି ଗଲାଣି । ଆଉ ଗୋଟାଏ ଛିଣ୍ଡା କନ୍ଥାରେ ଘୋଡେଇ ହୋଇ ଶୋଇଗଲା । ବୁଲି ବୁଲି ଭିକ ମାଗିବାରେ ବି ପରିଶ୍ରମ ଲୋଡା। ଏମିତିରେ ସେ ପିଲାବେଳୁ ଭିକ ମାଗି ଚଳିବାକୁ କେବେବି ପସନ୍ଦ କରୁ ନଥିଲା । ସେ ଦେଖିଛି ମା'ର ଅନ୍ୟକୁ ହାତ ପତେଇବା, ସେମାନଙ୍କର କଟୁକ୍ତି ଶୁଣିବା, କେବେ କେବେ ଅନ୍ୟର ତାଚ୍ଛଲ୍ୟ କୁଭାଷା ଶୁଣି ତାକୁ ଭାରି ଦୁଃଖ ଲାଗୁଥିଲା । ତେଣୁ ସେ ମନେ ମନେ ଏକ ଶପଥ ନେଇ ଯାଇଥିଲା ସେ ବଡ ହୋଇଗଲେ କାମ କରି ପେଟ ପୋଷିବ, ଅନ୍ୟକୁ କେବେ ହାତ ପତେଇବନି ।

କିନ୍ତୁ ତାର ବୟସ ଏବେ ମାତ୍ର ବାର ବର୍ଷ ତାକୁ କାମ ଦବ କିଏ । କି କାମ ବା ସେ କରି ପାରିବ ତାକୁ ଜଣା ନାହିଁ । ବର୍ଷକ ପରେ ବ୍ୟାଧିଗ୍ରସ୍ତ ମା ଯେତେବେଳେ ଚାଲିଗଲା

ସେତେବେଳେ ନିଜ ପେଟ ପୋଷିବା ପାଇଁ କିଛି ଦିନ ହାତ ପତାଇବାକୁ ସେ ବାଧ୍ୟ ହେଲା । କିନ୍ତୁ ପରେ ଏକ ଚା ଦୋକାନରେ ତାକୁ ପ୍ଲେଟ ଧୋଇବା କାମ ମିଳିଗଲା । ସେ ବେଶ୍ ମନ ଲଗେଇ କାମ କଲା । ଯେତିକି ମିଳିଲା ଖୁସିରେ କାମ ଚଳେଇଲା । ସେ ବି ଆଉ ଟିକେ ବଡ ହୋଇଗଲେ ଏମିତି ଏକ ଚା ଦୋକାନ ଖୋଲିବ ବୋଲି ସ୍ୱପ୍ନ ଦେଖିବାରେ ଲାଗିଗଲା ।

କିନ୍ତୁ ଦୁର୍ଭାଗ୍ୟ ତାଠୁ ଦୁରେଇ ଯିବାକୁ ରାଜି ନଥିଲା । ଦିନେ କାମକୁ ଆସୁ ଆସୁ ଏକ କାର ଦୁର୍ଘଟଣାରେ ତାର ବାମ ହାତଟି ଜଖମ ହୋଇଗଲା । ଯନ୍ତ୍ରଣା ସାଙ୍ଗକୁ ଫୁଲି କି ହାତ ଟି ରହିଲା ଦୁଇ ମାସେ ଘରେ ପଡି ରହିବାକୁ ହେଲା । ଚା ଦୋକାନର ମାଲିକ ଅନ୍ୟ ପିଲା ରଖିନେଲା କାମ ପାଇଁ । ପୁଣି ବାଧ୍ୟ ହୋଇ ଛଅ ମାସ ହେବ ସେ ଭିକ ମାଗି ଚଳିବାକୁ ବାଧ୍ୟ ହୋଇଛି । ଏଠାରେ ମନ୍ଦିରରେ କିଛିଦିନ ଏ ମେଳା ଚାଲିବ । ମନ ତାର ଖୁସି । କିଛି ନା କିଛି ତାକୁ ଖାଇବାକୁ ମିଳିଯିବ କିଛି ଦିନ ପାଇଁ ।

ଦିନ ଯାକର କ୍ଲାନ୍ତି ଯୋଗୁ ତାକୁ ଜୋରରେ ନିଦ ହୋଇଗଲା । ହଠାତ୍ ତା ଛିଠା କମ୍ବଳଟି ତା ଦେହରୁ କିଏ ଟାଣିବାର ସେ ଅନୁଭବ କଲା । ଏ ଛିଠା କମ୍ବଳକୁ ନବାକୁ ବି ଏ ଦେଶରେ ଚୋର ଅଛନ୍ତି | ଆଖି ଖୋଲି ଉଠି ବସିଲା ଘଟଣା କଣ ଜାଣିବା ପାଇଁ । ଯାହା ଦେଖିଲା ସେ ଚମକ ପଡିଲା | ଆରେ ଏ ତ ଚୋର ନୁହେଁ ଏକ ପରୀ କି ରାଜକୁମାରୀ ଜଣେ । ତା ବେଶ ପୋଷାକର ଚମକରେ ତା ଆଖି ଝୋସି ହୋଇଗଲା । ଝିଅଟି କମ୍ବଳ ନେଇ ବଡ ବ୍ୟାକୁଳ ହୋଇ କହୁଥାଏ ମତେ ଏ କମ୍ବଳ ଭିତରେ ଲୁଚିବାକୁ ଦିଅ । କିଛି ଗୁଣ୍ଡା ମୋ ପଛରେ ଲାଗିଛନ୍ତି । ମୁରଲୀ ବି କାଳ ବିଳମ୍ବ ନକରି ତାକୁ ଘୋଡେଇ ଦେଲା । ଘଟଣା ଟା କଣ କିଛି ନବୁଝି ନଶୁଣି ।

ପରେ ପରେ କିଛି ଗୁଣ୍ଡା ସେଇବାଟରେ ଏପଟ ସେପଟ ହୋଇ ଝିଅଟିକୁ ଖୋଜିବାରେ ଲାଗିଥିଲେ । କୁଆଡେ ଗଲା ବୋଲି ପରସ୍ପର ଭିତରେ କଥା ବି ହଉଥିଲେ । କିଛି ସମୟ ପରେ ସେମାନେ ସେଠାରୁ ଚାଲିଗଲା ପରେ ଝିଅଟି କହିଲା ମତେ ଆଜି ରାତିକ ତମ ପାଖରେ ଏ କମ୍ବଳ ଭିତରେ ଏମିତି ଘୋଡେଇ ହୋଇ ରହିବାକୁ ଦିଅ । ମୁଁ ମୋ ବାପା ମା'ଙ୍କ ସଙ୍ଗରେ ଆସିଥିଲି ଠାକୁର ଦର୍ଶନ ଓ ମେଳା ଦେଖିବାକୁ । ହଠାତ୍ ମୁଁ ହଜିଗଲି ଏ ଭିଡ ଭିତରେ ବାପା ମା'ଙ୍କୁ ପାଇଲିନ ।

ଏ ଲୋକ ମାନେ କୋଉଠି ଥିଲେ ଆସି ମୋ ହାତରେ ଥିବା ବ୍ୟାଗ ଟିକୁ ଛଡେଇନେଲେ । ଯୋଉଥିରେ କ ମୋର ମୋବାଇଲ ଫୋନ କଛି ଟଙ୍କା କଣିଥିବା ଅନ୍ୟାନ୍ୟ ଜିନଷ ଥିଲା । ତାପରେ ମତେ ନେଇ ଯିବାକୁ ଚେଷ୍ଟା କରୁଥିଲେ ମୁଁ ଦୌଡି ଦୌଡି ରାସ୍ତାର ଏ ପଟକୁ ପଳେଇ ଆସିଲି । ଭାଗ୍ୟବସତଃ ତୁମକୁ ପାଇଗଲି ।

ଝିଅଟିକୁ ଅତି ବେଶିରେ ଦଶ ବା ବାର ଭିତରେ । ମୁରଲୀକୁ ମାତ୍ର ପନ୍ଦର ବର୍ଷ ସେ ବା କପରି ତାକୁ ଏ ବିପଦରୁ ସାହାଯ୍ୟ କରି ପାରିବ ସେ ଜାଣେନା । ତଥାପି ତାକୁ ରାତି ସାରା ତା ଛିଣ୍ଡା କନ୍ଥାରେ ଘୋଡେଇ ହୋଇ ଶୋଇବାକୁ ଦେଲା ଓ ନଜେ ରାତି ସାରା ସେ ଖାଲି ଫୁଟପାଥରେ ଶୋଇଗଲା । ଡରରେ ଯଦିଓ ଭଲ ନଦ ହେଲା ନାହିଁ । ତା ନଜ ପାଇଁ ତାର ଡର ନଥିଲା ସତ କନ୍ତୁ ଝିଅଟିକୁ ସେ ସୁରକ୍ଷା ଦେଇ ପାରିବତ ସେଇ ଡର ତାକୁ ବିଚଳତ କରୁଥିଲା । ଯେମିତି ସେମିତି ହେଉ ରାତି ପାହିଲା ।

ସକାଳର ସୂର୍ଯ୍ୟ କରଣରେ ଝିଅଟିର ମୁହଁ ଦେଖି ଚମକ ପଡିଲା ମୂରଲୀ, ମା ଠୁ ଶୁଣିଥିବା ଗପରେ ଯେମିତି ରାଜକୁମାରୀଙ୍କୁ ସେ କଳ୍ପନା କରେ ପୁରା ସେ ସେମିତି । ଝିଅଟିର ନାମ ରୁପା ସିନା  କନ୍ତୁ ଦେଖିବାକୁ ସୁନା ପରି । ଝିଅ ଟି ଏତେ ଡରି ଯାଇଥିଲା ଯେ ସେ ଦିନ ସାରା ସେଇ କନ୍ଥା ଭିତରେ ମୁହଁ ଢାଙ୍କି ରହିଲା । ମୁରଲୀର କାଲିର ବଳକା ଖାଦ୍ୟ ଖାଇ ଦିନ ଯାକ ରହିଗଲା । ମୁରଲୀ ଦିନ ସାରା କୁଆଡେ ଭିକ ମାଗିବାକୁ ନଯାଇ ରୁପାକୁ ଜଗି ରହିଲା । ରାସ୍ତା କଳରୁ ମୁରଲୀ ତା ଚେପା ଗିଲାସରେ ପାଣି ଆଣିଦେଲେ ସେ ପିଉଥାଏ । ତା ପର ଦିନ ସେଇ ରାସ୍ତାରେ ଜଣେ ପୋଲିସ ଯାଉ ଥିବାର ଦେଖି ତାର ସାହାସ ପାଇଗଲା ପୋଲିସ ପାଖକୁ ଯାଇ ସବୁ ଜଣେଇ ଥିଲା । ପୋଲିସ ରୁପାର ଘରକୁ ଫୋନ କରି ବାପ ମା'ଙ୍କୁ ଜଣେଇଥିଲେ ।

ବାପ ମା ଯେତେବେଳେ ଗାଡି ଧରି ଆସିଥିଲେ ରୁପାକୁ ନବାକୁ ସେ ଜିଦି କରିଥିଲା ମୁରଲୀକୁ ତାଙ୍କ ସାଙ୍ଗରେ ନେଇ ଯିବା ପାଇଁ । ତା କଥା ରକ୍ଷା କରି ବାପ ମା ମୁରଲୀକୁ ଘରକୁ ନେଇ ଯାଇଥିଲେ । ଡାକ୍ତରକୁ ଦେଖେଇ ତା ହାତ ପ୍ରଥମେ ଠିକ୍ କରି ଦେଇଥିଲେ । ତାପରେ ତାକୁ ଘର କାମ ବଗିଚା କାମରେ ଲଗେଇ ଦେଇଥିଲେ । ମୁରଲୀ ବହୁତ ଖୁସି ତାକୁ ହାତ ପତେଇ ଖାଇବାକୁ ଆଉ ପଡିବନ । ସେ କାମ କରି ଖାଇବ । ଆଜି ସେଇ ସୁଯୋଗ ମିଳଥିବାରୁ ସେ ବହୁତ ଖୁସି ।

ଯାଉଣୁ ଆସୁଣୁ ରୁପାର ମୁରଲୀ ଡାକ ତାକୁ ଖୁବ୍ ଭଲ ଲଗୁଥାଏ । ଏଇଟା କରିଦେ ସେଇଟା କରିଦେ ସବୁବେଳେ ରୁପା ମୁହଁରୁ ଶୁଣି ମୁରଲୀକୁ ଯେତିକି ଭଲ ଲାଗୁଥାଏ ରୁପାକୁ ବି ମୁରଲୀ ଡାକବାକୁ ସେତିକି ଭଲ ଲାଗୁଥାଏ । ସମୟ ଗଡି ଚାଲିଲା ରୁପା ସ୍କୁଲ ସାରି କଲେଜ ସାରିଦେଲା ପରେ ତାର ବାହାଘର ହୋଇଗଲା । ସେ ଶାଶୁ ଘର ଚାଲିଗଲା ପରେ ମୁରଲୀ ଏକ ଶୁନ୍ୟ ବୋଧ ଅନୁଭବ କଲା । ତାର ଆଉ କାମରେ ଆଗ୍ରହ ଉତ୍ସାହ ରହିଲାନ। ଅନେକ ଦିନରୁ ପାଣି ନପାଇଥିବା ବଗିଚାର ଫୁଲ ମାନଙ୍କ ପରି ସେ ବି ଝାଉଁଳି ପଡିବା ପରି ଦିଶିଲା ।

ଏଠୁ ଚାଲି ଯିବାକୁ ଇଛାକଲା ତାର ସ୍ୱପ୍ନର ଚା ଦୋକାନ ଟିଏ ଖୋଲି ବସିଯିବ । କନ୍ତୁ ନା ବାବୁ ମା ତାକୁ ପୁଅ ପରି ସ୍ନେହ କରି ଅନେକ ସାହାଯ୍ୟ କରିଛନ୍ତି ତାଙ୍କୁ ଏକା ଛାଡି ଦେଇ ସେ ଯାଇ ପାରିବନ । ରୁପା ଯେତେବେଳେ ଘରକୁ ଆସେ ସେ ପୁଣି ଉଜ୍ଜିବିତ ହୋଇ ଉଠେ ପୁରା ଉତ୍ସାହର ସହି ତ କାମ କରେ ପୁଣି ରୁପା ଚାଲିଗଲେ ତା ଭିତରର ଅର୍ଦ୍ଧାଂଶ ପୁଣି ମରିଯାଏ ।

ରୁପାର ବି ସେଇ ଅବସ୍ଥା । ସବୁଦିନ ସକାଳ ହେଲା ମାନେ ମୁରଲୀ ଚା ଆଣି ଦେ ଏଇଟା କରିଦେ ର ବରାଦ କରିବାରୁ ସେ ଶାଶୁ ଘରେ ବଞ୍ଚିତ ହୋଇଗଲା । ଦିନେ ରୁପା ଆସି କହିଥିଲା ସେ ମୁରଲୀକୁ ସାଥିରେ ନେଇଯିବାକୁ ଚାହେଁ । ତା ଶାଶୁ ଘରେ ବହୁତ କାମ । ମୁରଲୀ ତାକୁ ସାହାଯ୍ୟ କରିବ । ବାପ ମା ରାଜି ହୋଇଗଲା ପରେ ମୁରଲୀର ଖୁସି ଦେଖେ କିଏ । ଏକ ଅଜଣା ସ୍ରୋତର ପ୍ରେମ ତାଙ୍କ ଭିତରେ ଯେ ସମସ୍ତଙ୍କ ଅଲକ୍ଷରେ ବହି ଚାଲିଥିଲା କେହି କେବେ ଲକ୍ଷ କରି ନଥିଲେ । ସେମାନେ ବି । କନ୍ତୁ ଏତିକି ଜାଣିଥିଲେ ପରସ୍ପରର ମୁହଁ ନଦେଖିଲେ ତାଙ୍କର ନା ଦିନ ସରେ ନା ରାତି ଏ ପ୍ରେମର କଛି ନାମ ନାହିଁ କ ପରିଚତି ନାହିଁ ସତ କନ୍ତୁ ତାହା ସ୍ୱର୍ଗୀୟ ।

ରଚେଷ୍ଟର, ମିନେସୋଟା,
ଯୁକ୍ତରାଷ୍ଟ୍ର ଆମେରିକା

# କରେ୍ନା



ସସ୍ମିତା ପଟ୍ଟନାୟକ

କରେ୍ନା ତୁ କେବେ ଯିବୁ ସରି
ସମାଜ ଗଣୁଛି ଦିନ ନତି ନତି
ଛୋଟରୁ ବଡ ହେଲେଣି ବିରକ୍ତି
କେତେଦିନ ରହିବେ ଆଉ କବାଟ ଭିଡି ।

ସୁନ୍ଦର ଦୁନଆଟା ଅଚଳ ହୋଇଲା୍
ଜାନ ବାହନ ଛାଡ଼ ମଣିଷ ବି ସ୍ଥିର ହେଇଗଲା୍
କରେ୍ନା ଏମିତି ବିବ୍ରତ କରିଲା୍
ଘୁରି ଆଡ଼େ ହାହା କାର ପଡିଗଲା୍ ।

ଆମ ଖେଳ ବୁଲା୍ ଦିନ ଦେ ଫେର୍ଇ
ଭ୍ଇ ବନ୍ଧୁ ସାଙ୍ଗଙ୍କୁ ଦେ ମିଳେଇ
ସେଇ ଖୁସି ଦିନ ପୁଣି ଦେ ଦେଖେଇ
କରେ୍ନା, ତୁ ଏ ସଂସରରୁ ଯା ପଳେଇ।

# ବୋଲେ ହୁଁଟି



ପ୍ରାଧାପିକା ଜ୍ୟୋସ୍ନା ରାୟ

ଦାରୁଣ ବିପତ୍ତି ବେଳାଟି.... ବୋଲେ ହୁଁଟି
ମହାମାରୀ ଏ କରୋନାଟି.. ବୋଲେହୁଁଟି।
ମହାକାଳ ମହାବୀଜଟି... ବୋଲେ ହୁଁଟି
ସାରା ବିଶ୍ୱ ଥରହରଟି.... ବୋଲେ ହୁଁଟି।
ହୁ ହୁ ବୃଦ୍ଧି ପାଏଟି .....   ବୋଲେ ହୁଁଟି
ମରଣକୁ ନାହିଁ ଡରଟି......  ବୋଲେ ହୁଁଟି।
ନିଃଶ୍ୱାସେ  ବିଶ୍ୱାସ ହାରେଟି.... ବୋଲେ ହୁଁଟି
ମାଳିକା ବଚନ ସତଟି... ବୋଲେ ହୁଁଟି  ।
କଳିର କରାଳ ରୂପଟି...   ବୋଲେ ହୁଁଟି
ପାପଭାର ବଢ଼ିଯାଏଟି .....ବୋଲେ ହୁଁଟି।
ଧ୍ୱଂସର ତାଣ୍ଡବ ରଚେଟି .....   ବୋଲେ ହୁଁଟି
ଅଜଣାଭୂତାଣୁ  ନାଚଟି ..   ବୋଲେ ହୁଁଟି।
ମଣିଷ କଷଣ ଭୋଗେଟି.... ବୋଲେ ହୁଁଟି
ମିଛ ସମ୍ପର୍କରେ  ଭୁଲେଟି.... ବୋଲେ ହୁଁଟି।
କେହି ବି କାହାର ନୁହେଁଟି ...  ବୋଲେ ହୁଁଟି
ନିଜ ଲୋକ ହେବେ ପରଟି.....ବୋଲେ ହୁଁଟି।
ପ୍ରାଣ ଭୟେ ଯିବେ  ଦୂରେଟି ....ବୋଲେ ହୁଁଟି
ନ ଛୁଇଁବେ କେହି ମଡ଼ାଟି,...  ବୋଲେ ହୁଁଟି ।
ମରଣେ ନ ଦେବେ ନିଆଁଟି... ବୋଲେ ହୁଁଟି
ଶବ ହେବେ ମାଳମାଳଟି..... ବୋଲେ ହୁଁଟି ।
ଶ୍ମଶାନେ ନ ଥିବ ସ୍ଥାନଟି......  ବୋଲେ ହୁଁଟି

ଅକାଳେ ଚଡ଼କ ମାଡ଼ଟି.... ବୋଲେ ହୁଁଟି ।
ଯୁଗ ଅବସାନ ବେଳାଟି.....ବୋଲେ ହୁଁଟି
ଅମାନଆ ହେବନାହିଁଟି ....ବୋଲେ ହୁଁଟି।
ନଘା ରଖିଥିବ ପ୍ରାଣଟି ....ବୋଲେହୁଁଟି
ବାନ୍ଧୁଥିବ ମୁଖେ ତୁଣ୍ଡିଟି..... ବୋଲେ ହୁଁଟି ।
ହସ୍ତ ପ୍ରକ୍ଷାଳନ ମୂଳଟି ......ବୋଲେ ହୁଁଟି
ସଂକ୍ରମଣ ଅତି ଗୂଢ଼ଟି ......ବୋଲେ ହୁଁଟି ।
ଗୃହେବାସ ନସ୍ୱପଦଟି . ... ବୋଲେହୁଁଟି
ନଜ କର୍ମଫଳ ଭୋଗଟି ....ବୋଲେ ହୁଁଟି ।
ପ୍ରକୃତିର ନାହିଁ ଦୋଷଟି ......ବୋଲେ ହୁଁଟି
ପଶୁ ପକ୍ଷୀ ଭୟଶୂନ୍ୟଟି .....ବୋଲେ ହୁଁଟି ।
ପରିବେଶ ସୁନର୍ମଳଟି ... ବୋଲେ ହୁଁଟି
ବ୍ୟବଧାନ ରଖିଚଳଟି ..... ବୋଲେ ହୁଁଟି ।
କରୋନା ଟୀକା ଲଗାଅଟି...... ବୋଲେ ହୁଁଟି
ସର୍ବଦା ସଜାଗ ରୁହଟି .. ... ବୋଲେ ହୁଁଟି।
ପାପରୁ ନବୃତ୍ତ ହୁଅଟି .....ବୋଲେ ହୁଁଟି
ସତକର୍ମରେ ମନ ଦିଅଟି ....ବୋଲେ ହୁଁଟି ।
ମାୟାସଂସାରକୁ ଚହ୍ନଟି ..... .ବୋଲେ ହୁଁଟି
ସୃଷ୍ଟିକର୍ତ୍ତା ନାମ ସ୍ମରଟି .......ବୋଲେ ହୁଁଟି।
ଶିବ ପୁରାଣ ସଙ୍କେତଟି..... ବୋଲେ ହୁଁଟି
କରୋନା ବିନାଶ ପାଇଁଟି...... ବୋଲେ ହୁଁଟି।
ରକ୍ଷା କବଚର ପାଠଟି ... ବୋଲେ ହୁଁଟି
ଦୂରିତ କରିବ ଦୁର୍ଗତି...... ବୋଲେ ହୁଁଟି।
ଅନ୍ଧକାର ହେବ ନାଶଟି. .... ବୋଲେ ହୁଁଟି
ନୂଆ ସୂରୁଯ ଉଇଁବଟି..... ବୋଲେହୁଁଟି।।

ବାଲେଶ୍ୱର,ଓଡ଼ିଶା

# ବନ୍ଧୁତା



ଡକ୍ଟର ମନୋରଞ୍ଜନ ବିଷୋୟୀ

କଲିଜାକୁ ଖଣ୍ଡ ଖଣ୍ଡ କରି
ଚାଖିବାକୁ ଅନେକ ଅଛନ୍ତି ।
ଲୁଣିଆ ରକ୍ତ ସଙ୍ଗେ
ହୋଲି ଖେଳ ଅନେକ ହସନ୍ତି ।
ତେଣୁ ତ ମଝି ନଈରେ କୁମ୍ଭୀର
ମାଙ୍କଡକୁ କଲିଜା ମାଗି ବସିଛି ।
ଝଡର ଈଗଲ ଧରଣୀର କୃଷ୍ଣସାରକୁ
ଝାମ୍ପିନେବ ବୋଲି ମସୁଧା କରୁଛି ।
ତଥାପି ବନ୍ଧୁତାର ନିଘୋଡ ମୋହରେ
ମାଙ୍କଡ ମଝି ନଈକୁ ଚାଲି ଆସିଛି ।
ମନଟାକୁ ବୁଝାଇଦେଇ କୃଷ୍ଣସାର
ବନ୍ଧୁକୋଳରେ ନିଜକୁ ଭୁଲିଯାଇଛି ।
ଏଠି ବନ୍ଧୁତାରେ ବିଶ୍ୱାସ-ଅବିଶ୍ୱାସର
ଅନେକ ଖେଳ ଚାଲିଛି ।
ତଥାପି ବନ୍ଧୁତାରେ
ବିଶ୍ୱାସର ବୀଜ ରୋପିବାକୁ
ବହୁ ଉଦ୍ୟମ ବି ଚାଲିଛି ।
କିନ୍ତୁ ବେଳେବେଳେ ବନ୍ଧୁତାରେ
ବିଶ୍ୱାସଘାତକତାର ଛାଟ ଖାଇ
ମନଟା ଚମକି ଉଠୁଛି ।

ଅଶ୍ରୁ ଧାର ଧାର ହୋଇ
ନଗିଡି ପଡିବା ଆଗରୁ
ରୁମାଲରେ ଘୋଡିରଖି
ଖୁସିଥିବାର ଅଭିନୟ ଚାଲିଛି ।
କାରଣ ଜୀବନର ଅଙ୍କାବଙ୍କା ପଥକୁ
ଅତିକ୍ରମ କରିବାକୁ ହେଲେ
ବିଶ୍ୱସ୍ତ ବନ୍ଧୁଟିର ଲୋଡା ପଡିଛି ।

ସ୍ନାତକୋତ୍ତର ଓଡିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର

# ବଞ୍ଚିବାର ସୂତ୍ର



ସୁଲୋଚନା ପଟ୍ଟନାୟକ

ପରିଛଳ ଗାଁରେ ଘର ଆମର । ଖୋରଧା ଠାରୁ ପ୍ରାୟ ବାର ମାଇଲ ଦୂର । ବାପା ପରିଛଳ ଛାଡି ଖୋରଧା ଆସି ଥିଲେ ପାଠ ପଢିବା ପାଇଁ । ସହରରେ ପାଠ ପଢିବାର ଏକମାତ୍ର ବିଦ୍ୟାଳୟ ଥିଲା ଖୋରଧାରେ । ସେତେବେଳେ ଝିଅ ମାନେ ବଡ ହେଲେ ଘରେ ରହୁଥିଲେ। ବିଦ୍ୟାଳୟରେ ଝିଅ ମାନଙ୍କର ଅଲଗା ସୁବିଧା ନ ଥିଲା । ତେଣୁ ପୁଅମାନଙ୍କ ସହ ଏକାଠି ପଢିବାର ବ୍ୟବସ୍ଥା ନ ଥିଲା । ପ୍ରାୟ ପଞ୍ଚମ ଶ୍ରେଣୀ ପରେ ଝିଅମାନେ ଘରେ ରହି ଘର କାମ, ସିଲାଇ ଇତ୍ୟାଦି ଶିଖୁଥିଲେ । ତାହା ଥିଲା ବାହା ହେବା ପୂର୍ବର ପ୍ରସ୍ତୁତି । ଝିଅ ଦେଖିବାକୁ ପୁଅ ଘର ଆସିଲେ, ସେ ସବୁ ସିଲାଇ ଦେଖାଇ ଗର୍ବ ଅନୁଭବ କରୁଥିଲେ ପରିବାର ବର୍ଗ । ଆମର ପିଇସି ଥିଲେ ଦୁଇଜଣ । ଖୁବ ପିଲାଦିନୁ ବାହା ହୋଇ ଯାଇଥିଲେ | ଝିଅ ମାନଙ୍କର ଅଲଗା ସ୍କୁଲ ହେଲାବେଳକୁ ଆମ ସମୟ ହୋଇ ଯାଇଥିଲା। ମୋ' ବଡ ଦୁଇ ଭଉଣୀ ପୁଅ ଝିଅ ମିଶା ସ୍କୁଲରେ ହାଇ ସ୍କୁଲ ପଢି କଲେଜ ଯାଇଥିଲେ । ବଡ ବାପାଙ୍କ ଗୋଟିଏ ଝିଅ ପାଇଁ ସେ ସବୁ ସୁବିଧା ହୋଇ ପାରି ନଥିଲା । ମାଇନର ସ୍କୁଲ ପରେ ସିଏ ବି ବାହାଘର ପାଇଁ ନିଜକୁ ପ୍ରସ୍ତୁତ କରି ନେଇଥିଲା ବିନା ପ୍ରଶ୍ନରେ । ସ୍ୱାମୀ ତା ଠାରୁ ଦଶ ବର୍ଷ ବଡଥିଲେ, ସେକ୍ରେଟେରିଏଟରେ କାମ କରୁଥିଲେ । ବାପା ମାଆଙ୍କର ଗୋଟିଏ ବୋଲି ପୁଅ, ଦେଖିବାକୁ ଭଲ । ସେତିକି ଯଥେଷ୍ଟ ଥିଲା । କିନ୍ତୁ ବାହାଘର ପରେ ଜଣା ପଡିଲା ଶାଶୁ ବୋହୂକୁ ଭଲ ପାଇଲେ ନାହିଁ । ପୁଅ ଯେ ମାଆ ଛଡା ଆଉ କାହାକୁ ଭଲ ପାଏ ସେକଥା ତାଙ୍କୁ ଭଲ ଲାଗିଲା ନାହିଁ । କିନ୍ତୁ ଜୀବନ ଗଡି ଚାଲିଲା । ବାପା ମଝିରେ ମଝିରେ ଯାଇ ବୀଣାଦେଇକୁ ଦେଖି ଆସନ୍ତି । ସେତିକିରେ ଦେଇ ସନ୍ତୁଷ୍ଟ ଥାଏ । ସାତ ଭାଇରେ ଗୋଟିଏ ମାତ୍ର ଭଉଣୀ । ବାହାଘର ପରେ ସବୁ ସ୍ନେହ ଶ୍ରଧା ତା ଠାରୁ ଦୁରେଇ ଗଲା । ସିଏ ବାଧ ହୋଇ ଶାଶୁ ଘରେ ପଡି ରହିଲା । ସେ ସମୟରେ ବିବାହ ବିଛେଦକୁ ଲୋକ ଭଲରେ ଦେଖୁ ନଥିଲେ । ଜଗି ରଖି ଚଳବାକୁ ପ୍ରାୟ ସମସ୍ତେ ବାଧ ହେଉଥିଲେ । ବାପା ବୀଣାଦେଇକୁ ବୁଝାଇ ଶାଶୁ ମନ ନେଇ ଚଳବାକୁ କହୁଥିଲେ । ଯେଉଁ

କାରଣରୁ ହେଲେ ବି ଭଗ୍ୟକୁ ଦେଇର ଶାଶୁ ବାପାଙ୍କୁ ସ୍ନେହ ଶ୍ରଧାରେ ଊଣା କରୁ ନ ଥିଲେ। ବାପା, ବାପ ଛେଉଣ୍ଡ ପୁଅ ହୋଇଥିବାରୁ ବାପାଙ୍କୁ, ମା ଓ ସାନଭାଇଙ୍କ ଚଳାଇବା ଦାଇତ୍ୱ ନେବାକୁ ହୋଇଥିଲା । କୌଣସି ପ୍ରଶ୍ନ ସିଏ କରିନଥିଲେ । ବାପା ଗାଁ ଛାଡି ପାଠପଢା ପରେ ପରେ ଗ୍ଚକରୀ କରିବାକୁ ଖୋରଧା ସହରକୁ ଆସିଲେ । ଖୋରଧାରେ ଛୋଟ ଘରଟିଏ କରି ରହିଲେ । ଗାଁ ଗହଳର ଲୋକମାନଙ୍କର ପରଷ୍ପର ପ୍ରତି ଥିବା ହିଂସା ଦ୍ୱେଷଠାରୁ ଦୂରେଇ ରହିବାକୁ ଗ୍ଚହୁଁଥିଲେ ବାପା। ଦଳବେହେରା ବଂଶର ପିଲାମାନଙ୍କ ପାଠ ପଢିବା ପାଇଁ ଖୋରଧାରେ ଗୋଟିଏ ଆ ଘରଟିଏ ଥିଲା । ଦୁଇଟି ବଖରା ଘର, ଯେଉଁଠି ସବୁ ପିଲାମାନେ ରହି ପଢିବାର ବ୍ୟବସ୍ଥା ଥିଲା । ଘରକୁ ଲାଗି ପାଖରେ ଗୋପିନାଥ ମନ୍ଦିର ଥିଲା। ଗଳ ଭିତରେ ସେତେବେଳକୁ ଅଳ୍ପ ଘର ଥିଲା । ପ୍ରାୟ ଦୁଇ ମାଇଲ ଗ୍ଚଲି ଗ୍ଚଲି ପିଲାମାନେ ହାଇ ସ୍କୁଲ ଯାଉଥିଲେ । ସେତେବେଳେ ଖୋରଧାରେ ବି.ଜେ.ବି. ହାଇ ସ୍କୁଲ ଓ ପୁରୀରେ ଜିଲ୍ଲା ସ୍କୁଲ ଥିଲା । ଖୋରଧା ପାଖ ଥିଲା ବୋଲି ସେଠାରେ ଥିବା ଘର ସମସ୍ତଙ୍କୁ ସୁବିଧା ଦେଉଥିଲା । ବାପା ସ୍କୁଲରେ ପଢୁଥିଲା ବେଳେ ସତ୍ୟବାଦୀ ଆନ୍ଦୋଳନରେ ଯୋଗ ଦେଇ ଅନେକ ସମୟ ନେତୃବୃନ୍ଦଙ୍କ ସଙ୍ଗେ କଟାଇଥିଲେ । ପୁରୀ ପାଖାପାଖି ବନ୍ୟାଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ସ୍ଥାନମାନଙ୍କୁ ବିନୋବାଙ୍କ ନେତୃତ୍ୱରେ ଯାଉଥିଲେ । କିନ୍ତୁ ଖୋରଧା ତାଙ୍କର ମୁଖ୍ୟ ରହିବା ସ୍ଥାନ ଥିଲା । ତେଣୁ ପରବର୍ତ୍ତି କାଳରେ ସେଇଠି ଘର କରିବା ଠିକ ହେବ ଭାବି ନିଜର ଘର କରିଥିଲେ ସହରର ମୂଖ୍ୟ ସ୍ଥାନରେ, ଯେଉଁଠି କେବଳ ସରକାରୀ କର୍ମଗ୍ଚରୀ ମାନଙ୍କର ସରକାରୀ ଘର ଥିଲା । ପାଖରେ ଜେଲ, ହସପିଟାଲ, ବ୍ୟାଙ୍କ ଓ ହାଇସ୍କୁଲ ମଧ ଥିଲା । କୌଣସି ସାଧାରଣ ବ୍ୟକ୍ତିଙ୍କର ସେ ଅଞ୍ଚଳରେ ଘର ବା ଯାଗା କିଣିବା ସହଜ ନଥିଲା । ତେଣୁ ପାଖରେ ପଡୋଶୀ ନଥିଲେ । ବାପା ଓକିଲ ଥିଲେ । ପାଖରେ ମାଜିଷ୍ଟ୍ରେଟଙ୍କ ସରକାରୀ ଘର ଥିଲା । ନିୟମ ଅନୁସାରେ ସେମାନେ ନିଜ ନିଜର ନିକଟତର ହୋଇ ଚଳିବା ଅନୁଚିତ ଥିଲା । ତେଣୁ ପ୍ରାୟ ମାଇଲିଏ ଦୁଇ ମାଇଲ ଦୂରରେ ଥିବା ସାଙ୍ଗ ମାନଙ୍କ ଘରକୁ ଯାଇ ଆମେ ସବୁ ଖେଳା ବୁଲ କରୁଥିଲୁ । ବାପା ସେଥିପାଇଁ ବ୍ୟସ୍ତ ନଥିଲେ । ଗ୍ଚରି ଝିଅ, ଦୁଇ ପୁଅଙ୍କୁ ନେଇ ତାଙ୍କର ସଂସାର ଥିଲା । ପିଲାମାନେ ନିଜ ନିଜ ସଙ୍ଗରେ ଖେଳା ଖେଳ କରି ସମୟ କଟାଉଥିଲେ । ସାହି ପଡିଶା ନ ଥିବାରୁ ପିଲାଙ୍କର ସାଙ୍ଗ ସୁଖଙ୍କୁ ନେଇ କଳି ଝଗଡାର ପ୍ରଶ୍ନ ବି ନ ଥିଲା । ଘରକୁ ଅଶାନ୍ତି ଆସିବାର ରାସ୍ତା ବନ୍ଦ ଥିଲା ।

ଗାଁରୁ ଖୋରଧା ମାତ୍ର ୧୨ ମାଇଲ ଦୂର ଥିଲା । ସେତେବେଳେ ଲୋକମାନେ ଗାଁରୁ ବାର ମାଇଲ ଚାଲି ଚାଲି ଆସୁଥିଲେ । ଡାକ୍ତରଖାନା, କଲେଜ ଯିବାକୁ ଲୋକ ଚାଲି ଚାଲି ଆସୁଥିଲେ । ଆମ ଘରେ ରହିବା ସେମାନଙ୍କ ପାଇଁ ଏକମାତ୍ର ଆଶ୍ରୟ ସ୍ଥଳ ଥିଲା । ଦିନ ଦିନ, ମାସ ମାସ ରହିଲେ ବି ବାପା ବୋଉଙ୍କର ଆପତ୍ତି ନଥିଲା | ଘର କାମକୁ ସାହାଯ୍ୟ କରିବାକୁ ଲୋକ ଥିଲେ । ରୋଷେଇ କରିବାକୁ ଦଉେଇ ଓ ବାହାର କାମ କରିବାକୁ ରମା ମାଉସୀ ଥିଲା । ସେତେବେଳେ କାମ ବାଲି ମାନଙ୍କର ଅଭାବ ନ ଥିଲା । ରମା ମାଉସୀ ଘର ବହାର ଓଳାଓଳ ଓ ବାସନ ମାଜି ଦେଉଥିଲା । ସେତେବେଳେ ପାଣି ପାଇଁ କଳ ନଥିଲା । କାମକୁ ସାହାଯ୍ୟ କରିବାକୁ ରହିଥିବା ଲୋକମାନେ କୂଅରୁ ପାଣି କାଢି କୁଣ୍ଡମାନଙ୍କରେ ରଖି ଦିଅନ୍ତି । ଗାଧୁଆ ପାଧୁଆ ରୋଷେଇ ବାସ ସେଇ ପାଣିରୁ ହୋଇଥାଏ। ବେଳେ ବେଳେ ରୋଷେଇଆ ମାନେ କିଛି ବର୍ଷ ରହି ଅନ୍ୟ ଯାଗାକୁ ଚାଲି ଯାଆନ୍ତି । କେହି କେହି ୫/୧୦ ବର୍ଷ ରହିଯାଉଥିଲେ । ଆମ ଘରେ ରହିବାତକ, ବାପା ସେମାନଙ୍କର ଖଇବା, ପିନ୍ଧିବା, ଡାକ୍ତର ଖର୍ଚ୍ଚ ସବୁ ବହନ କରନ୍ତି । ଘରର ପିଲାଙ୍କ ପରି ସେମାନଙ୍କୁ ସମାନ ବ୍ୟବହାର କରନ୍ତି ବାପା ବୋଉ | ମାସ ଶେଷରେ ପାଉଥିବା ଟଙ୍କା ସଞ୍ଚିବା ସଙ୍ଗେ ସଙ୍ଗେ ବୋଉ ତାଙ୍କ ଘରକୁ ଟଙ୍କା ପଠାଇଦିଏ । ସ୍ୱଳ୍ପରେ ସେମାନେ ଖୁସି ଥାଆନ୍ତି । ପର୍ବ ପର୍ବାଣୀରେ ସେମାନେ ନିଜ ପିଲାଙ୍କ ପରି ନୂଆ ଲୁଗା ପିନ୍ଧନ୍ତି । ଘରକୁ ପରିବାରଙ୍କ ପାଇଁ ଧୋତି, ଗାମୁଛା ପଠାଇବାକୁ ବୋଉ କେବେ ହେଁ ହେଳା କରେ ନାହିଁ । ଦଶହରା, ରଜ, ଦୋଳ ଓ କୁମାରପୂର୍ଣିମା ପର୍ବ ମାନଙ୍କରେ ଚାରିଥର ସେମାନେ ଲୁଗା ପାଇଥାଆନ୍ତି । ତା ଛଡା ମନେ ପଡୁଛି ପିଲାଙ୍କର ଅନାବଶ୍ୟକ ପୁରୁଣା ଲୁଗାପଟା ଦେଇ ବୋଉ ସେମାନଙ୍କୁ ସାହାଯ୍ୟ କରିଥାଏ । ଗାଁ ଜମିରୁ ଆସିଥିବା ଚାଉଳ, ମୁଗ, ଆମ୍ବ, ପଣସରୁ କିଛି ସେମାନେ ଘରକୁ ଗଲାବେଳେ ନେଇଥାଆନ୍ତି । ବୋଉକୁ ଏ ଭଳି ଦାନ ଧର୍ମ କରିବାକୁ ଭଲ ଲାଗେ । ପିଲାଙ୍କ ସହ ପିଲା ଭଳି ସମସ୍ତେ ମିଳମିଶି ଚଳନ୍ତି । ପାଠ ପଢିବାକୁ ଚାହିଁଲେ ସେ ସୁଯୋଗ ବି ମିଳଥାଏ ।

ମନେ ପଡେ, ସେଦିନ ବାପା ନୟାଗଡରୁ କଚେରୀସାରି ଫେରିବା ବେଳେ ୧୦ ବର୍ଷର ଅରଖିତକୁ ସାଙ୍ଗରେ ନେଇ ଫେରିଥିଲେ । ସେତେବେଳେ ଘରେ କାମକୁ ସାହାଯ୍ୟ କରିବାକୁ ଦଉେଇ ଓ ରମା ବୋଉ ଥିଲେ । ଅରଖିତକୁ ନେଇ ବୋଉ ପ୍ରଶ୍ନ କରିଥିଲା । ବାପା କିନ୍ତୁ ଖୁସି ହୋଇ କହିଥିଲେ, ନୟାଗଡରୁ ବସରେ ଫେରିବା ବେଳେ ବୋଲଗଡ

ବସଷ୍ଟାଣ୍ଡର ବାପା ଗୁହା ପିଇବାକୁ ଓହ୍ଲାଇଥିଲେ । ଗୁହା ଦୋକାନୀ ତା ଦୋକାନରେ କାମ କରୁଥିବା ଅରକ୍ଷିତକୁ ବାପାଙ୍କୁ ନେଇଯିବାକୁ କହିଥିଲା । ଖାଇବା ପିଇବାର ଅଭାବ ପିଲାଟିର ମେଣ୍ଟିଯିବ ବୋଲି ସିଏ ଭାବିଥିଲା | ଅରକ୍ଷିତର ହୋଲ ଡୋଲ ନଥିଲା । ଜଳଖିଆ ଦୋକାନୀଠାରୁ ଖାଇବାତ ନିଶ୍ଚୟ ଭଲ ମିଳବ, ସେଇଆ ଭାବିଥିଲା ଅରକ୍ଷିତ । ଏମିତି ରହୁ ରହୁ ସିଏ ଆଠ ବର୍ଷ ରହିଗଲା । ବଡ ପିଲାଟିଏ ହେଲାପରେ ସିଏ ବାହାରେ କାମ କରିବ ବୋଲି କହିଲା । ଘରେ ବଢିଲା ଝିଅ ଥିଲେ । ବୋଉ ସେଥିରେ ଖୁବ ଶୀଘ୍ର ରାଜି ହୋଇଗଲା । ଅରକ୍ଷିତ ବସରେ କଣ୍ଡକଟର ସାହଯ୍ୟକାରି ହୋଇ କାମ କରିବ ବୋଲି ଠିକ କରି ବୋଉକୁ କହିଲା । ବୋଉ ବି ଖୁସି ହୋଇଗଲା । ଯାହା ହେଉ ବୋଉ ତା ଇଛା ଅନୁସାରେ କାମ ପାଇଛି ଜାଣି ଖୁସିଥିଲା । ବୋଉଠାରୁ ଶୁଣି ବାପା ବି ଖୁସିହେଲେ । ଅରକ୍ଷିତକୁ ମନ ଦେଇ କାମ କରିବାକୁ କହିଲେ । ଅରକ୍ଷିତ ଘରେ ରୁହେ । ସକାଳୁ ଉଠି ବସରେ ଯାଏ । ରାତି ୧୦ଟା ବେଳକୁ ଫେରି ଆସେ । କେତେବେଳେ କେମିତି ଭୋକ ଲାଗିଲେ ପୂର୍ବ ପରି ପଖାଳ ଗଣ୍ଡାଏ ମାଗେ । କିଛି ନଥିଲେ ବାରିରୁ ବାଇଗଣଟାଏ ଆଣି, ଗ୍ୟାସରେ ପୋଡି କଞ୍ଚାଲଙ୍କା ଭାଙ୍ଗି ଖୁସିରେ ଦି ଗୁଣ୍ଡା ଖାଏ, ଆଉ କେତେବେଳେ ବୋଉ ତା ପାଇଁ ମାଂସ, ମାଛ କରିଥିଲେ ଦି ଖଣ୍ଡ ରଖି ତାକୁ ଖାଇବାକୁ ଡାକେ । ଦିନେ ରାତିରେ ଫେରି ଅରକ୍ଷିତ ଶୋଇଗଲା । ସକାଳୁ ଉଠିବାରେ ଡେରି ଦେଖି ବୋଉ ତାକୁ ଉଠାଇଲା । ଉଠାଇଲାବେଳକୁ ଦେଖିଲା ତା ଦେହ ଖଣ୍ଡିଆ ଖାବରା, ଜାମା ପଟା ଛିଣ୍ଡା । ଅରକ୍ଷିତ ଉଠିବାର ଚେଷ୍ଟା କରୁ ନାହିଁ । ବସ୍ ଯାତ୍ରୀଙ୍କ ସହ ତାର ଟିକେଟ ପାଇଁ ଧସ୍ତା ଧସ୍ତି ହୋଇ ମାଡଖାଇ ଆଉ ସିଏ ବସ୍ କାମ କରିବାକୁ ରାଜି ହେଲା ନାହିଁ | ସେତେବେଳକୁ ଘରେ ଆଉ ଗୋଟିଏ ପିଲା କାମକୁ ସାହାଯ୍ୟ କରିବାକୁ ରହି ସାରିଥାଏ । ବୋଉ ଭାରି ବ୍ୟସ୍ତ ହେଲା । ବାପା କଚେରୀରୁ ଫେରି ଅରକ୍ଷିତ ଗୁହା ଦେଉଛି ଦେଖି ଖୁସିହେଲେ, କିନ୍ତୁ ଆଶ୍ଚର୍ଯ୍ୟ ହେଲେ । ବିଶେଷ କିଛି କହିଲେ ନାହିଁ । ବୋଉ ପାଖରେ ଠିଆ ହୋଇଥିଲା । ଅରକ୍ଷିତ କାମ ଛାଡି ଦେଇଛି ବୋଲି ବାପାଙ୍କୁ ଜଣାଇଲା । ବାପା ଏକ ଅନ୍ୟ ଧରଣର ମଣିଷ । କିଛି କହିଲେ ନାହିଁ । ତେବେ ଏତିକି କହିଲେ, "ସବୁ ଭଗବାନଙ୍କର ବରାଦ । ଯାହା ଭଗ୍ୟରେ ଥିବ" ।

ମାସେ ଗାଲିଗଲା | ଅରକ୍ଷିତ ଘରେ ଥାଏ । କାମ ଦାମରେ ସାହାଯ୍ୟ କରେ । ବାରିରେ ବଗିଚା କରବାରେ ଲାଗିଗଲା । ମାଟି ଖୋଳ ମଞ୍ଜି ପୋତି ନିଜର ଛୋଟ ବଗିଚାଟିଏ କଲା ।

ସେତେବେଳେ ବର୍ଷାଦିନ ଥିବାରୁ ପାଣି ଦେବାର କଷ୍ଟ ବି ପଡିଲ୍ ନାହିଁ । ଗଛ ମାନେ ସୁସ୍ଥ ସବଳ ହୋଇ ବଢିବାରେ ଲ୍ଗିଲେ । ଜହ୍ନି, କାକୁଡି, ଲଙ୍କା, ଭେଠି, ଗ୍ବରି ମାସରେ ଫଳ ଦେଇ ଅରଖିତକୁ ନୁହେଁ, ବାପା ବୋଉଙ୍କୁ ଅନେକ ଖୁସି ଦେଲେ । ବାପାଙ୍କର ଗଛ ପତ୍ରରେ ସଉକ ବେଶୀ । ଗାଁରୁ ହଳଆ ମୂଲିଆଙ୍କୁ ନେଇ ସିଏ ବାରିରେ କାମ କରନ୍ତି । ନଜେ ବି ତାଙ୍କ ସଙ୍ଗେ ସାଙ୍ଗ ହୋଇ ଖୋଳା ଖୋଳ କରି ଗଛ ଲଗାଇଥାନ୍ତି । ଫଳ ଫଳବା ଓ ଫୁଲ ଫୁଟିବା ସମୟରେ ମାଳଟିଏ ଡାକ ସକାଳେ ସଞ୍ଜେ ଘଣ୍ଟେ ଦୁଇଘଣ୍ଟା ବଗିଗ୍ବରେ ଲ୍ଗନ୍ତି । ଗଛର ସବୁଜିମାରେ ନଜକୁ ମିଶାଇ ଦିଅନ୍ତି ବାପା । ଅରଖିତ ବପାଙ୍କର ସେଇ ଗୁଣ ନେଇ ଗୁଣି ହୋଇଛି । ଘରେ ପିଲ୍ ପରି ବଢିଛି । ଲେମ୍ବୁ ଗଛରୁ ଲେମ୍ବୁ ନେଇ ଦୋକାନରେ ହେଉ ବା ନଜେ ବସି ବିକ୍ରି କରିଛି । ଯାହା ଦଶ କୋଡିଏ ଟଙ୍କା ପାଇଛି, ବୋଉକୁ ସମର୍ପିଛି ପ୍ରଥମେ । ସେତିକରେ ବୋଉର ଖୁସି ଆନନ୍ଦର ସିମା ରହେନ ।

ଅରଖିତ ନଜ ପିଲ୍ଙ୍କ ଠାରୁ ଅଧିକ ନଜର ମନେ ହୁଏ ତାର । ନଜ ପୁଅ ଅନୁପ ଠାରୁ ଯାହା ଆଶା କରି ପାରିନ, ତାଠାରୁ ବେଶି ଅରଖିତ ଠାରୁ ପାଇଛି । ଲେମ୍ବୁ ବିକା ଟଙ୍କା ସିଏ ତା ପାଇଁ ସଞ୍ଚି ଥାଏ । ସେ ଟଙ୍କା ତା ପରିବାରକୁ ପଠାଇ ଦେଇଥାଏ । ଅରଖିତର ନମ୍ର ସ୍ବଭାବ । ବାହାର ସାଙ୍ଗ ସୁଖ ତାର ନଥାନ୍ତି । ବାପା ବୋଉ ହିଁ ତାର ସାଙ୍ଗ । ଦିପହର ଖର୍ ଦିନେ ଦାଣ୍ଡ ଘରଟା ଧୋଇ, ତଳେ ମଶିଣା ଖଣ୍ଡେ ପକାଇ ସିଏ ଶୁଏ । ବାପା ଦାଣ୍ଡ ଘରେ ପଡିଥିବା ଖଟରେ ଗଡନ୍ତି । ଖର୍ ପୂର୍ବରୁ ଘର ଝରକା କବାଟ ବନ୍ଦ କରିଦିଏ ଅରିଖିତ । ସେତେବେଳେ ଫ୍ୟାନ, ଏଆରକଣ୍ଡିସନର ନଥାଏ । ନଜେ ନଜେ ତାଳ ପତ୍ରର ବିଛଣା ଧରି ବିଞ୍ଚନ୍ତି ଲ୍ବେକମାନେ । ଯଦି ବାହାର କେହି ଲ୍ବେକ ନଥାନ୍ତି, ଅରଖିତ ଓ ବାପା ଦାଣ୍ଡ ଘରେ ଗଡନ୍ତି । ବାପା ତାକୁ ନଜ ପିଲ୍ଦିନ କଥା ଗପନ୍ତି । ବାପ ଛେଉଣ୍ଡ ପିଲ୍ ଥିଲେ ବାପା । ତିନ ବର୍ଷରୁ ବାପାଙ୍କୁ ହରାଇ ଥିଲେ । ନଜର ବିଧବା ମାଆ ଓ ସାନ ଭାଇର ଦୟିତ୍ବ ନେଇଥିଲେ ବାପା । ନଜର ନାର୍ଯ୍ୟ ସମ୍ପତି ପାଇଁ ଖୁବ ଲଢିବାକୁ ପଡିଥିଲ୍ ବଡବାପା ପୁଅ ଭାଇଙ୍କ ସହିତ । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ଜମି ଜମା ପାଇଁ ଦୁଇ ଭାଇଙ୍କର ଲଢାଇ ଗ୍ବଲିଥିଲେ ମଧ୍ୟ ପାରିବାରିକ ସମ୍ପର୍କରେ କେହି ଆଘାତ ଆଣିନଥାନ୍ତି । ବଡବାପା ଆସିଲେ ଆମ ଘରେ ରୁହନ୍ତି, ଖାଆନ୍ତି ପିଅନ୍ତି, କନ୍ତୁ ଏକାଠି ଘରୁ ବାହାରି ଦୁହେଁ ଦୁଇ ଦିଗରେ ଯାଆନ୍ତି କୋର୍ଟକୁ । କଚେରୀ କାମ ସରିଲେ ଘରେ ବସି ଏକାଠି ଖା ପିଅ କରନ୍ତି । କଚେରୀ କଥାର ପ୍ରସଙ୍ଗ ପଡେ ନାହିଁ ସେଠି । ଦୁନଆ ଯାକର ଗପ ପଡେ ।

ବଡବାପା ଆମକୁ ସର୍କସ ଓ ଥିଏଟର ନେଇ ଯାଆନ୍ତି ସାଙ୍ଗରେ । ବଡବାପା ନଥିଲେ ଆମେ କେବେ ଥିଏଟର ଦେଖିବାର ସୁଯୋଗ ପାଇ ନଥାନ୍ତୁ । ବାପାଙ୍କୁ ସିନେମା ଥିଏଟର ଭଲ ଲାଗେ ନାହିଁ । ବାପାଙ୍କର ସଉକ କେବଳ ସର୍କସରେ । ସର୍କସ ଆମଘର ସାମନା ଗୁନ୍ଦମାରୀ ପଡିଆରେ ପଡେ । ବାପା କିଛି ଟଙ୍କା ଦେଇ ସର୍କସ ପାସ କଣିଥାନ୍ତି । ସର୍କସ ମ୍ୟାନେଜର ଆମ ଘରୁ ପାଣି ବ୍ୟବହାର କରନ୍ତି । ପାସ କଣିବା ହେତୁ ଆମେ ବେଶିଥର ସର୍କସ ଦେଖିବାର ସୁଯୋଗ ପାଉ । ସର୍କସ ପଡିଲା ମାନେ ଆମ ଘରେ ଭିଡ ଲାଗେ । ଗାଁରୁ ଲୋକମାନେ ଦଳ ଦଳ ହୋଇ ଆସି ଶନିବାର ରବିବାର ହେଲେ ଆମ ଘରେ ରୁହନ୍ତି । ବାପା ସେମାନଙ୍କ ପାଇଁ ଟିକେଟ କଣି ଦିଅନ୍ତି । ଆମ ଘରେ ଖିଆ ପିଆ କରି ସେମାନେ ଫେରି ଯାଆନ୍ତି ।

ସେଦିନ ସବୁ ମନେ ପଡିଲେ ମନ ଖରାପ ହୋଇଯାଏ | ଭାବେ, ମୁଁ ଯଦି ଜାଣିପାରେ ତାଙ୍କ ଗୁଣ ଆଣିଥାଆନ୍ତି ! ଦୁଇ ଜଣ ମଣିଷ ସବୁବେଳେ ଦୟା ଧର୍ମରେ ଚାଲୁଥିଲେ । ଘରକୁ ଆସୁଥିବା ହଳିଆ ମୁଲିଆଙ୍କୁ ମଧ୍ୟ ଅତିଥି ମାନ୍ୟ କରନ୍ତି । ସେମାନଙ୍କ ରହିବା, ପିଇବା, ଖାଇବା ସବୁର ଦାୟିତ୍ୱ ହସି ହସି ବହନ କରନ୍ତି । ମୁଁ କିନ୍ତୁ ଘରେ ଜଣରୁ ଦୁଇଜଣ କୁଣିଆ କିଛି ଦିନ ରହିଗଲେ ହାଲିଆ ହୋଇଯାଏ । ସେମାନଙ୍କୁ ଅତିଥି ଆପାୟନର ଖୁସି ଛଡା ମୁଁ କିଛି ବି ପାଏନି । ମନେ ପଡେ ତିରିଶ ବର୍ଷ ତଳର କଥା । ଓଡିଶାରୁ ନୂଆ ହୋଇ ଆସିଥିବା ପରିବାର କେଉଁଠୁ ଆମ ଠିକଣା ପାଇ ଆମକୁ ଯୋଗାଯୋଗ କରନ୍ତି । ଆମ ଘରେ ଆସି ନିଜେ ଥଇଥାନ ନହେଲା ପର୍ଯ୍ୟନ୍ତ ରୁହନ୍ତି । ମୋର ସ୍ୱାମୀଙ୍କର ସେଥିରେ ଖୁସି ଥାଏ । କାମରୁ ଫେରି ସନ୍ଧ୍ୟାବେଳେ କାହା ସହ ନିଜ ମାତୃଭାଷାରେ କଥା ହୋଇ ପାରନ୍ତି ବୋଲି ତାଙ୍କୁ ଭଲ ଲାଗେ । ମୋ' କଥା ଅଲଗା । କେହି ନ ଆସିଲେ ମୁଁ ଘରକୁ ଫୋନରେ କଥା ହୋଇ ଖୁସି ହୋଇଥାଏ । ଘର କାମ ନିଜେ କରେ ବୋଲି ଗର ଗର ମଧ୍ୟ ହୁଏ । ମୋ' ଶାଶୁ ବେଳେ ବେଳେ କୁହନ୍ତି, "ତୋର କାମ କଣ ? ମେସିନରେ ବାସନ ପୁରାଇଦେଲେ ସିଏ ସଫା କରିଦେବ । ଭାକୁମ ଲଗାଇଦେଲେ କାରପେଟ୍ ସଫା । ତୋର ଚାକରର ଆବଶ୍ୟକତା କଅଣ?" ସିଏ ଜାଣି ପାରନ୍ତି ନାହିଁ ମେସିନରେ ପୁରାଇବା ପୂର୍ବରୁ ଆନୁସଙ୍ଗିକତା କଅଣ ପଡିଥାଏ । କିନ୍ତୁ ତାଙ୍କ ମତରେ ମେସିନ ସଫା କରିବା କଥାଟି ସତ। ମଝିରେ ଶାଶୁ ଆସି କିଛି ଦିନ ପାଖରେ ଥିଲେ । ଓଡିଆରେ ସାମୟିକ କଥାବାର୍ତ୍ତା

କରିବାର ସୁଯୋଗ ଥିଲେ ମଧ୍ଯ ତାଙ୍କୁ ଏଠି ବେଶିଦିନ ରହିବାକୁ ଭଲ ଲାଗିଲା ନାହିଁ । ସିଏ ଖୁବ ଏକୁଟିଆ ଅନୁଭବ କରୁଥିଲେ ।

ଶନିବାର/ରବିବାର ନ ହେଲେ କାହାକୁ ଦେଖିବା ଅସମ୍ଭବ ବ୍ୟାପାର । ଶନିବାର/ରବିବାର ହେଲେ ମଧ୍ଯ ସାଙ୍ଗ ମାନଙ୍କୁ ଡାକ, ସେମାନଙ୍କର ଖୋଲା ସମୟ ଅଛି କି ନାହିଁ ନ ଜାଣି, କାହା ଘରକୁ କେହି ସିଧା ସଳଖ ଯାଆନ୍ତି ନାହିଁ । ଆଗକାଳେ ଓଡିଶାରେ ତା ମଧ୍ଯ ସମ୍ଭବ ନଥିଲା । ସମସ୍ତଙ୍କ ପାଖେ ଆଜି ଭଳି ସେଲ ଫୋନର ବ୍ୟବହାର ନଥିଲା । ଯୋଗା ଯୋଗ ରଖିବାକୁ ହେଲେ କେବଳ ଚଠି ଦ୍ୱାରା ହିଁ ସମ୍ଭବ ହୋଇପାରୁଥିଲା । ତେଣୁ ଲୋକମାନେ ଆମ ଘରକୁ ଧର୍ମଶାଳା ରୂପେ ଭାବି ନେଉଥିଲେ ବୋଧେ । ମୋର ପିଲାଦିନ କଥା ମନେ ପଡେ । ଥରେ ଦାଦା ଆମକୁ ପୁରୀ ନେଇଯାଇଥିଲେ ସ୍ନାନପୂର୍ଣ୍ଣିମା ସମୟରେ । ଦାଦାଙ୍କ ବଡଝିଅ ଚନୁଅପା ଓ ଆମେ ଦୁଇଭଉଣୀ ଏକାଠି ପୁରୀ ଯାଇଥିଲୁ ଜଗନ୍ନାଥ ଦର୍ଶନ ପାଇଁ। ପୁରୀ ଗଲେ ସେତେବେଳେ ଆମେ ଧର୍ମଶାଳାରେହିଁ ରହୁଥିଲୁ । ଧର୍ମଶାଳାରେ ରହିବାକୁ ହେଲେ ଖାଲି ଖଟରେ ଶୋଇବାକୁ ହେଉଥିଲେ ମଧ୍ଯ କଷ୍ଟ ଲାଗୁନଥିଲା । ଖୁସିର ମାତ୍ରା ଅଧିକ ଥିବାରୁ ଖାଲି ଖଟବି ମୁଲାଏମ୍ ଲାଗୁଥିଲା । ପୁରୀ ସମୁଦ୍ରର ବେଳାଭୂମିରେ ମଥା ପିଟୁଥିବା ଲହଡି ଦେଖି ସମୁଦ୍ରରେ ଗାଧୋଇବାର ଆନନ୍ଦ କହିବା ନଥିଲା । ପୂର୍ଣ୍ଣମୀ ସମୟରେ ବଡ ଜୁଆର ଆସେ ଏବଂ ତାହା କାହିଁକି ହୁଏ ସେତେବେଳେ ଜଣାନଥିଲା । ଜହ୍ନ ଆଉ ପୃଥିବୀର ସଂପର୍କର ଅନନ୍ୟତା ମନକୁ ବରମ୍ବାର ଅନେକ ପ୍ରଶ୍ନ ଆଣିଥାଏ । ତେବେ ଧର୍ମଶାଳାରେ ରହି ଅଭଡା ଭୋଗ ଖାଇ ସମୁଦ୍ରବେଳାରେ ସମୟ କଟାଇବା ସେତେବେଳେ ସ୍ୱର୍ଗସୁଖ ପରି ଲାଗୁଥାଏ । ଏବେ ସେସବୁରେ ଆଗ୍ରହ କମିଗଲାଣି । ବାପା ବୋଉଙ୍କ ସଙ୍ଗେ ଯାଇ ପୁରୀ ଦେଖିବା, ଜଗନ୍ନାଥ ଦର୍ଶନ କରିବା ଓ ସମୁଦ୍ର କୂଳରେ ମୁଢି ମିକ୍ସଚର ଖାଇବାର ଆନନ୍ଦ କହିବା । ସେତେବେଳେ ସମୁଦ୍ର କୂଳରେ ଏତେ ଭିଡ ନ ଥାଏ | ଜଣେ ଅଧେ ନେଉଳିଆ ସଂଖ ବିକ୍ରିକରୁଥାନ୍ତି । ବର୍ତ୍ତମାନ ସମୁଦ୍ରକୂଳରେ ଖୁବ ଭିଡ । ପାଖରେ ଗଢି ଉଠିଛି ଅନେକ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ବୁଲା ବିକାଳୀଙ୍କର ସଂଖ୍ୟା, ଅନେକ ପ୍ରକାରର କଉଡି ଓ ସାମୁକା ବିକା । ସେସବୁ କିଣିବା ପାଇଁ ମୁଲାମୁଲି ଚାଲେ । ଠିକ ଦର ବୋଲି କିଛି ନଥାଏ । ଆଜିକାଲି ସେଠି ଓଟ ଓ ହାତିପିଠିରେ ବସିବା ଏକ ସଉକ । ପିଲା ବଡ କିଛି ତଫାତ ନାହିଁ । ବେଳାଭୂମିର ଗୋଟିଏ ପାଖରୁ କିଛି ଦୂର ଯିବା ପାଇଁ ଲୋକ ପଇସା ଖର୍ଚ୍ଚ କରିବାରେ କୁଣ୍ଠିତ ନୁହନ୍ତି । ନେଉଳିଆମାନେ ଆହୁରି ରଙ୍ଗ ରଙ୍ଗର ମା

ହାର ଓ ମୁକ୍ତା ବିକନ୍ତି ଓ ତାର ଗ୍ରହିଦା ମଧ୍ୟ ଅନେକ । ଉପହାର ଦେବା ପାଇଁ ଏହା ସହଜ ଓ ଶସ୍ତା ମନେହୁଏ । ଗଲ୍ ଦୁଇ ବର୍ଷ ତଳେ ମୁଁ ଯାଇ ଦୁଇଟି ସଂଖ ଆଣିଥିଲି । ଠାକୁରଙ୍କୁ ପାଣି ଦେବାଲ୍ଗି ଦକ୍ଷିଣାବର୍ତ୍ତ ସଂଖ ଓ ବଜାଇବା ସଂଖ ଦୁଇଟି ଏଯାଏଁ ବ୍ୟବହାର କରୁଛି । ଏବେ ମୁଁ ସଂଖ ବଜାଇବା ସିଖିଗଲିଣି । କୋଉ କାଳରୁ ଆଣିଥିବା ସଂଖ ଏବେବି ବୋଉର ଠାକୁର ଘରେ ରହିଛି । ଏବେ ବାପା ବୋଉ ଗଲେଣି କନ୍ତୁ କଛି କଛି ସ୍ମୃତି ପଡିରହିଛି । ସ୍ମୃତିକୁ ନେଇ ବଞ୍ଚିବା କଥା । ଜୀବନର ସ୍ୱାଦ ବଢିଥାଏ ଏ ଭଳ କଛି ସ୍ମୃତି ନେଇ । ପିଲ୍ଦିନର ବା ବଡଦିନର ଛୋଟ ଛୋଟ ସ୍ମୃତିକୁ ନେଇ ଜୀବନ ଆଗେଇ ଗ୍ଲେ । ବାପା ବୋଉଙ୍କର ମିଠା ମିଠା ସ୍ମୃତି ଏବେବି ମନରେ ଜୀବିତ, ହୃଦୟରେ ଅକ୍ଷତ, ଅମ୍ଳାନ । ଜାଣେନା ମୋର ପିଲ୍ଙ୍କର ଏସବୁରେ ବିଶ୍ୱାସ ଅଛି ବା ନାହିଁ । କନ୍ତୁ ମୁଁ ସେଇ ବିଶ୍ୱାସ ନେଇ ବଞ୍ଚିଛି । ଏହାହିଁ ମୋର ବଞ୍ଚିବାର ଏକମାତ୍ର ସୂତ୍ର ।

ଏଲକ୍ରିଜ, ମେରିଲ୍ଯାଣ୍ଡ

# ମା' ଭାରତୀ



ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ନୀଳ ପାରାବାର ଧୁଏ ଯା ପୟର
ହିମାଳୟ ଯାର ଚୂଳ
ଯା କୋଳେ ବହୁଛି ପୁଣ୍ୟ ତୋୟା ଗଙ୍ଗା
ଶୀତଳ ଯମୁନା ଜଳ ।।

ଶୁଭ ଶଙ୍ଖ ଧ୍ୱନି କମ୍ପାଏ ମେଦିନୀ
ଯେଉଁ ଦେଶ ଅଗଣାରେ
ହିନ୍ଦୁ, ମୁସଲମାନ, ଶିଖ, ବୌଦ୍ଧ, ଜୈନ
ଚଳୁଛନ୍ତି ଆନନ୍ଦରେ ।।

ଯା ପାଣି ପବନ କରୁଥାଏ ଗାନ
ପ୍ରୀତି ମୈତ୍ରୀ ଭାବ ନେଇ
ବଙ୍କିମ, ରାଜଗୁରୁ, ଭଗତ ଆଦିଙ୍କୁ
ମନେ ମନେ ଝୁରୁଥାଇ ।।

ଯେ ଦେଶେ ଜନମ ଲଭି ବଳରାମ
ଦେଲେ ସଂସ୍କାରର ବାର୍ତ୍ତା
ସଂଘମନ୍ତ୍ର ଫୁଙ୍କି ମନେ ଦେଲେ ଆଙ୍କି
ଭ୍ରାତୃ ଭାବର ଏକତା ।।

ସାଧୁ ସନ୍ଥ ଅବା ମୁନ ଋଷି ଗଣ
   ଗାଉ ଥାନ୍ତି ଯାର ଗାଥା
ଶସ୍ୟ ଶ୍ୟାମଳା ବୀର ପ୍ରସବିନୀ
   ସେହି ମୋ ଭାରତ ମାତା ।।

କୋଟି ପୁଣ୍ୟ ବଳେ ଜନମି ତା'କୋଳେ
   ଧନ୍ୟ ହୋଇଛି ମୁହିଁ
ଦେବି ବଳଦାନ ମୋର ଏ ଜୀବନ
   ତାହାରି ସମ୍ମାନ ପାଇଁ ।।

ଚକାପଦା, ବେଗୁନଆ, ଖୋର୍ଦ୍ଧା

# ପଞ୍ଚ ମହାଭୁତ



ପ୍ରିୟଦର୍ଶିନୀ ମହାନ୍ତି

ଜଳ ବାୟୁ ମାଟି ଆକାଶ ଅନଳେ
ଶରୀର ତୋହର ଗଢ଼ା,
ପିଣ୍ଡରୁ ପ୍ରାଣଟି ଗ୍ଲଲିଗଲା ପରେ
ପଡ଼ିବୁ ହୋଇଣ ମଡ଼ା ।

ପଞ୍ଚ ମହାଭୂତ କଳୁଷିତ କରି
ମୃତ୍ୟୁକୁ ଡାକେ ମଣିଷ,
ଦିବାଲୋକ ସିଏ ଦେଖୁଛି ସପନ
ହ୍ରାସ କରି ତା ଆୟୁଷ ।

ସ୍ୱପ୍ନ ଦେଖୁଛି ସେ ହେବ ବଡ଼ ଲୋକ
ସବୁକୁ କରି ନପାତ,
ପ୍ରକୃତିକୁ ସିଏ ଛାରଖାର କରି
ହେଉଅଛି ଯା ଉତ୍ପାତ ।

ଦୂଷିତ କରୁଛି ଜଳ ବାୟୁ ମାଟି
ଆକାଶ ଆଉ ଅନଳ,
ତଥାପି ଚେତୁନ ମଣିଷ ସମାଜ
ପାଇବି ତାହାର ଫଳ ।

ଶିକ୍ଷୟିତ୍ରୀ, ଖୋର୍ଦ୍ଧା

# ବୋହୂମା' ତୁମକୁ ଅଳ



ଶିଶିର କୁମାର ପଣ୍ଡା

କାହିଁକି ହେଉଛ ଗରଗର ତୁମେ
ସବୁବେଳେ ବୋହୂ ମାଆ
ଶାଶୂ ମଲ୍‌ପରେ ତୁମକୁ ଛାଡ଼ିକି
କଏ ଅଛି ଆଉ ସାହା ?
ବୟସ ହେଲାଣି କାମକୁ ପାରୁନ
ଆଉ ଏବେ ଆଗ ପରି
ପୁଅ ଘରକଲା ଟଙ୍କାଦେଲି ତାକୁ
ସଞ୍ଚୟ ଗଲାଣି ସରି ।
ଏଇ ସମୟରେ ତୁମେ କଲେ ପର
କୁଆଡ଼େ ଯିବି ବା କୁହ
କେବେବି ତୁମର ମଙ୍ଗଳ ହେବନ
ଆଖିରୁ ଝରିଲେ ଲୁହ ।
ଯେତେ ଅଣଦେଖା କଲେ ପଛେ କର
ଫିଟାଉ ନାହିଁ ମୋ ପାଟି
ତୁମେ ହେଲେ ଅପମାନିତ କେଉଁଠି
ଛାତି ଯିବ ମୋର ଫାଟି ।
କେତେଦିନ ଆଉ ବଞ୍ଚିବି କହିଲ
ଡାକରା ଆସିଲା ଭଳ
ପର ଭାବନାହିଁ ଆଉ ମତେ କେହି
"ବୋହୂମା' ତୁମକୁ ଅଳ" ।

କୁଆଁସ, ମେରଦା କାଟିଆ, ଯାଜପୁର

# ନିଃସଙ୍ଗତାର ଝଙ୍କାର



ଡକ୍ଟର ମଧୁସ୍ମିତା ମିଶ୍ର

କଲିଂଗ୍ ବେଲର ଘନଘନ ଶବ୍ଦରେ ସୁମନା ବାଧ୍ୟ ହୋଇ ଉଠିଲା । ବେଡ ରୁମ୍ ରୁ ସାଲ୍ ଟା ଆଣି ଦେହରେ ପକାଇ ଦେଇ ଦୁଆର ଖୋଲିଲା । ସାମ୍ନାରେ ପ୍ରୀତି କୁ ଦେଖି ଅଶ୍ଚର୍ଯ୍ୟ ହେଲା ।

ଆଲୋ, ତୁ ଏତେ ସକାଳୁ!

ପ୍ରୀତିର ଅସ୍ତବ୍ୟସ୍ତ ଅବସ୍ଥା ଦେଖି ସୁମନା ଆଶ୍ଚର୍ଯ୍ୟ ହେଉଥିଲା । ବୋଧହୁଏ ଶେଯରୁ ଉଠି ସିଧା ଉପରକୁ ତା ଫ୍ଲାଟକୁ ଚାଲି ଆସିଛି । ଆଖି ଗୁଡାକ ବି ଲୁହଭିଜା ବତୁରା ବତୁରା ଦିଶୁଛି ।

ସୁମନା କଥା ଶୁଣିବ କଣ ପ୍ରୀତି ଘର ଭିତରକୁ ପଶି ଆସି ସୁମନାକୁ କୁଣ୍ଢାଇ ଧରି ଭେଁ ଭେଁ ହେଇ କାନ୍ଦି ଉଠିଲା । ହେନା ଚାଲିଗଲା । କାହାକୁ କିଛି ନକହି ଚାଲିଗଲା । ତୋତେ ରାତିରୁ ଫୋନ୍ ଲଗାଇ ଲଗାଇ ତୁ ଧରୁନୁ । ତୋ ଫୋନ୍ ସୁଇଚ ଅଫ ଆସୁଛୁ । ହେନା ପୁଅ ମନୀଷ ତୋତେ ମଧ୍ୟ ଫୋନ୍ କରିଥିଲା ।

ସୁମନା ଲଠ କରି ଡିଭାନ୍ ଟା ଉପରେ ବସି ପଡିଲା । ତା ମୁଣ୍ଡରେ କିଛି ପଶୁନଥିଲା । କିଛି ବି ସେ ବୁଝିପାରୁ ନଥିଲା ।

ସକାଳ ୮.୩୦ ବେଳକୁ ଡ୍ରାଇଭର ଭାନୁ ଆସି ଗାଡି ଚାବି ମାଗିଲା । ମାଡାମ ଯିବାଟି? ଗାଡି ବାହାର କରିବି?

ହଁ, ଯିବା, ତୁମେ ଗାଡି ବାହାର କର । ଆମେ ସାଙ୍ଗେ ସାଙ୍ଗେ ବାହାରିଯିବା । ସୁମନା, ତୁ ଯା ଜଲଡି ରେଡି ହେଇଯା । ମୁଁ ବୁଝିଛି, ମନୀଷ କହିଛି ଆମେ ପହଞ୍ଚିବା ପୂର୍ବରୁ ଶବ ଦାହ କରିବେନ । ପ୍ରୀତି ଏତକ କହି ଚୁପ୍ ହେଲା ।

ଗାଡି ଚ୍ଛଲିଛି । ପାଖରେ ବସି ପ୍ରୀତି ଆଖି ପୋଛି ଚ୍ଛଲିଛି । ସୁମନା ଧୀରେ ଧିରେ ତାହାଣ ହାତଟି ପାଖରେ ବସିଥିବା ପ୍ରୀତି କୋଳରେ ରଖିଲା ।

ପ୍ରୀତି ସତରେ ମୁଁ ଜାଣିନଥିଲି ମନୀଷ ହେଉଛି ହେନା ପୁଅ । ମୋ ସ୍ୱାମୀ ମାନସ ତ ଟୁରରେ ଯାଇଛନ୍ତି । ଏଠି ସେଠି ଆଧାର କାର୍ଡ ଦେଲାରୁ ବହୁତ ଫାଲତୁ କଲ୍ ଆସୁଛି । ତେଣୁ ରାତିରେ ଟିକଏ ଶାନ୍ତିରେ ଶୋଇବି ବୋଲି ଫୋନ୍ ଅଫ କରି ଦେଇଥିଲି ।

ସୁମନା କଥା ଶୁଣି ପ୍ରୀତି ମୁଁ ମୁଁ ହେଉ ହେଉ ଉତ୍ତର ଦେଲା, ତୋ ଫୋନଟା ରିସିଭ କରିଥିଲେ କଣ ହେନା ଆଉ ଫେରି ଆସନ୍ତା ନା କଣ । ତୁ ଏମିତି ସମୟରେ ଏତେ କୁଲ୍ କେମିତି ମୁଁ ବୁଝି ପାରୁନ ।

ସୁମନା ହସିଲା । କଛି କହିଲାନ । ମନରେ ଭାବୁଥିଲା ସେ ତ ହେନା ବିଷୟରେ ଯାହା ଜାଣିଛି ତାହା ପ୍ରୀତି ଆଗରେ ପ୍ରକାଶ କରିବାର ସମୟ ଏ ନୁହେଁ । ହସିଲା କେବଳ ।

ହଉ ଛାଡ । ଜଗନ୍ନାଥଙ୍କୁ ଡାକେ କେମିତି ବାଟରେ ଟ୍ରାଫିକ ନ ଥାଉ ଆଉ ଆମେ ବାରଟା ସୁଦ୍ଧା ଯେମିତି ରତ୍ନଗିରିରେ ପହଞ୍ଚିଯିବା । ପ୍ରୀତି ଏତିକ କହି ପୁଣି ଲୁହ ଗଡାଇବାରେ ବ୍ୟସ୍ତ ରହିଲା ।

ଗଲା ବର୍ଷକ ତଳେ ଗୋଟିଏ ଫ୍ୟାମିଲି ପିକନକ୍ ରେ ଯାଇଥିବା ବେଳେ ଅନ୍ୟ କାହା ସହ ଆସିଥିବା ହେନା ସହ ଚଣ୍ଡୀଖୋଲ ରେ ଦେଖା । ଖାଇସାରି କଳ ପାଖରେ ହାତ ଧୋଇବା ବେଳେ ହେନା ସାଙ୍ଗରେ ଦେଖା ।

ମୋନା, ତୁ ମୋନା ନା?

ମୋନା ଡାକ ଶୁଣି ସୁମନା ମୁହଁରେ ପାଣି ପୁରାଇ କୁଳ କଣ କରିବ, ପାଟିରୁ ପାଣିତକ ଫୋପାଡି ଦେଇ ଚ୍ଛହିଁଲା ବେଳକୁ ସେହି ସଜ ଫୁଟା ଗୋଲାପର ମଧୁର ହସ । ଏ ଡାକ ଟା କେବଳ ବହୁବର୍ଷ ତଳେ ଜଣେ ହିଁ ଡାକୁଥିଲା । ହଁ ସୁମନା, ହେନା କୁ ଡାକୁଥିଲା ହନୀ ଆଉ ହେନା ତାକୁ ଡାକୁଥିଲା ମୋନା । ଏତେ ବର୍ଷ ମାନେ ହାରାହାରି ଚ୍ଛଳଶି ବର୍ଷ ପରେ ଦେଖା । ସେହି ଅଭୁଲା ସୌନ୍ଦର୍ଯ୍ୟର ପସରା ଧରି ଠିଆ ହେଇଛି ହେନା ।

କଟକରେ ସେମାନେ, ହେନା ଓ ସୁମନା ଏକା କ୍ଲାସରେ ସନତ୍ ମଞ୍ଜରୀ ବାଳକା ବିଦ୍ୟାଳୟରେ ସାଙ୍ଗ ହେଇ ପଢୁଥିଲେ । ଦଶମ ଶ୍ରେଣୀରେ ପ୍ରୀତି ମଧ ଆସି ତାଙ୍କ କ୍ଲାସରେ

ଆଡମିସନ୍ ନେଇଥିଲା । ଏକାଦଶ ଶ୍ରେଣୀ ପାସ କଲା ପରେ ସୁମନା ଓ ପ୍ରୀତି ରେଭେନସା କଲେଜରେ ପଢିଥିଲେ । ହେନା ମାଥୁର ତା ବାପାଙ୍କ ବଦଳି ହେତୁ ସେ ଅନ୍ୟ ରାଜ୍ୟକୁ ଚାଲିଯାଇଥିଲା ।

ଅଳ୍ପ ସମୟ ସାକ୍ଷାତ ପରେ ସେମାନେ ଫେରିଥିଲେ । ପ୍ରତିଦିନ ସୁମନା, ହେନା ଘଣ୍ଟା ଘଣ୍ଟା ଧରି କଥା ହେଉଥିଲେ । ମୋବାଇଲ୍ ଉଦ୍ଭାବନ କୁ ଦୁଇ ବାନ୍ଧବୀ ମନଭରି ଧନ୍ୟବାଦ ଦେଉଥିଲେ ।

ହେନା, ସୁମନା ପରି ପିଲାଦିନର ବାନ୍ଧବୀକୁ ପୁଣିଥରେ ଜୀବନରେ ଫେରି ପାଇ ନୂଆ ଜୀବନ ପାଇଲା ପରି ମନେ କରୁଥିଲା । ସୁମନା ଆଗରେ ସେ ନିଜ ଜୀବନ କାହାଣୀର ପେଡି ଖୋଲିଥିଲା । ବି.ଏ. ପାସ୍ କରି ଏମ୍.ଏ. ପଢିବା ବେଳେ ଭଲ ପାଇ ଚନ୍ଦ୍ର ମିଶ୍ର ଙ୍କୁ ବିବାହ କରିଥିଲା । ଉତ୍ତର ଭାରତର କାୟସ୍ଥ କନ୍ୟା ନୈଷ୍ଠିକ ରକ୍ଷଣଶୀଳ ହିନ୍ଦୁ ବ୍ରାହ୍ମଣ ପରିବାରରେ ବିବାହ କରିଥିଲା । ପ୍ରଥମରୁ ଗ୍ରହଣ କରି ନଥିବା ସଦସ୍ୟମାନେ, ଧୀରେ ଧୀରେ ହେନାର ବ୍ୟବହାରରେ ବଦଳିଥିଲେ । ସମସ୍ତଙ୍କୁ ଆପଣେଇ ନେବା ସହ ହେନା ଓଡିଆ ବ୍ରାହ୍ମଣ ପରିବାରର ରୀତି, ନୀତି, ପରମ୍ପରାରେ ନିଜକୁ ଢାଳେଇ ନେଇଥିଲା ।

ଜୀବନ ତା ଗତିରେ ଗଡି ଚାଲିଥିଲା । ପୁଅ, ଝିଅଙ୍କର ମା ହେଇଥିଲା । ସନ୍ତାନମାନଙ୍କର ବିବାହ ମଧ୍ୟ ସୁରୁଖୁରୁରେ ଶେଷ ହେଇଥିଲା । ଦାୟିତ୍ୱମୁକ୍ତ ହେଇ ଜୀବନକୁ ମନଭରି ଉପଭୋଗ କରିବା ଯିବାବେଳେ ଠିକ୍ ଅବସର ଗ୍ରହଣ କରିବାର ଅଳ୍ପ କିଛି ବର୍ଷ ପୂର୍ବରୁ ଚନ୍ଦ୍ର ମିଶ୍ରଙ୍କର ସ୍ୱାସ୍ଥ୍ୟ ହଠାତ୍ ଖରାପ ହେଇଥିଲା । ବହୁ ଚକସା ପରେ କେତେ କେତେ ଡାକ୍ତରଖାନା ବୁଲି ସାରିବା ପରେ ରୋଗ ନିରୂପିତ ହେଇଥିଲା । ଚନ୍ଦ୍ରମିଶ୍ର ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ । ରୋଗ ତୃତୀୟ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ବଞ୍ଚିବାର ଆଶା ଧୀରେ ଧିରେ ମଉଳୀ ଯାଉଥିଲା । ପ୍ରଥମେ ଯେଉଁଦିନ ରୋଗ ସୁନିଶ୍ଚିତ ଭାବରେ ନିରୂପିତ ହେଇଥିଲା, ଉଭୟ ଉଭୟଙ୍କୁ ଦେଖାଇବାକୁ ଚେଷ୍ଟା କରିଥିଲେ ଯେ ସେମାନେ ଏଥିରେ ପ୍ରଭାବିତ ବା ବ୍ୟଥିତ ନୁହଁନ୍ତି ।

ସେହିଦିନ ରାତିରେ ବାଲକୋନୀରେ ବସି ଚନ୍ଦ୍ରମିଶ୍ର ଗଭୀର ଘନ ଅନ୍ଧକାର ଆକାଶର ଚନ୍ଦ୍ରମାଙ୍କୁ ହାତଠାରି ଆଙ୍ଗୁଳ ଦେଖାଇ ହେନାଙ୍କୁ ଆଲିଙ୍ଗନ କରି କହିଥିଲେ, ହେନା, ମୁଁ ଚାଲିଗଲାପରେ ତୁମେ ଏହି ଚନ୍ଦ୍ରମାଙ୍କୁ ଦେଖିବ । ତୁମେ ତାଙ୍କ ଭିତରେ ମୋତେ

ପାଇବ ।ହେନା ସିନା ସମସ୍ତଙ୍କୁ ନଜର କରିଥିଲା, କିନ୍ତୁ କିଏ ଯେ ତାକୁ ନଜର କରିଥିଲେ ତା ଚନ୍ଦ୍ର ଓ ହେନାଙ୍କ ପାଇଁ ଏକ ଅସମାହିତ ପ୍ରଶ୍ନବାଚୀ ହେଇ ଠିଆ ହେଇଥିଲା ।

ଈଶ୍ୱରଙ୍କ ଦୟାରୁ ଏତେ ଯନ୍ତ୍ରଣା ସତ୍ତ୍ୱେ ଚନ୍ଦ୍ର ମିଶ୍ର ମୃତ୍ୟୁ ପର୍ଯ୍ୟନ୍ତ ଦୁଇଟି ବିଷୟରେ ଦୃଢ ରହିଥିଲେ । ନିଜ ଡାଇରୀ ଲେଖିବା ଚନ୍ଦ୍ର ମିଶ୍ର, ମୃତ୍ୟୁ ଯାବତ୍ ପ୍ରତିଦିନ ଜାରୀ ରଖିଥିଲେ । ଦ୍ୱିତୀୟ ଦୃଢତା ଟି ସେ ହେନା ଠାରୁ ପ୍ରତିଶୃତି ଛଳରେ ଆଦାୟ କରିଥିଲେ, ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଓ ମୃତ୍ୟୁ ପରେବି ହେନା ଏକ ଷୋଡଶି ସୁନ୍ଦରୀର ମୁଖା ପିନ୍ଧି ଜୀଇଁବ । ଚନ୍ଦ୍ରଙ୍କର ଡାଇରୀ ଥିଲା ତାଙ୍କର ମୃତ୍ୟୁକାଳୀନ ଜମାନବନ୍ଦୀ । ହେନା ସବୁବେଳେ ମୋବାଇଲ ରେ କହୁଥିଲା, ମୋନା ତୁ ତ ଏତେ ଲେଖାଲେଖି କରୁ । ଚନ୍ଦ୍ରଙ୍କ ଡାଇରୀ ପଢିବୁ । କାହାକୁ ସିନା ମୁଁ ମୋ ଜୀବନର ଗାଥା କହିପାରିନି, କିନ୍ତୁ ତୁ ପଢିବୁ ଆଉ ତୋ କଲମ ମୁନରେ ସଂସାର ଆଗରେ ବଖାଣି ଦେବୁ ।

ସୁମନା ତାକୁ ପ୍ରତିଶୃତି ଦେଇଥିଲା, ସେ ଆସନ୍ତା ରବିବାର ଚନ୍ଦ୍ରଗିରି ଯାଇ ତା ପାଖରେ କିଛି ସମୟ ବିତାଇବ ଓ ଚନ୍ଦ୍ରଙ୍କ ଡାଇରୀଟି ଆଣି ପଢିବ ।

କିନ୍ତୁ ସୁମନା, ହେନା ପାଖକୁ ଯିବା ପୂର୍ବରୁ ଚନ୍ଦ୍ରଙ୍କ ଡାଇରୀ ତା ପାଖରେ ପହଞ୍ଚି ଯାଇଥିଲା । ଆଉ ଥିଲା ଛୋଟ ଚିଠିଟିଏ:

"ମୋନା, ଲାଗୁଛି ଏ ସୁନ୍ଦର ପୃଥିବୀରେ ମୋର ବୋଧହୁଏ ଆଉ ବେଶୀ ଦିନ ନାହିଁ । କାଳେ କିଛି ହେଇଯିବ, ସେଥିପାଇଁ ଡାଇରୀଟି ପଠାଇଦେଲି । ମୁଁ ଏ ସଂସାରରୁ ଚାଲିଗଲା ପରେ କାଳେ କିଏ ଅଦରକାରୀ ଭାବି ଏ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଫୋପାଡିଦେବ । ତୁ ଯେମିତି ବି ହେଉ ଏହି ଅକୁହା କଥାକୁ ଲୋକଲୋଚନ କୁ ଆଣିବୁ । ହୁଏତ ସେଥିପାଇଁ ମୋ ଜୀବନର ସାୟାହ୍ନରେ ତୋ ସହ ପୁଣିଥରେ ଭେଟ ହେଇଥିଲା ।"

ସୁମନା ଉତ୍ସୁକତାର ସହ ଡାଇରୀଟି ଖୋଲିଥିଲା । ପୃଷ୍ଠା ପରେ ପୃଷ୍ଠା ଲେଉଟାଇ ଚାଲିଥିଲା

ତା. ୭.୮.୨୦୦୭ – ଚନ୍ଦ୍ରଙ୍କ ଲେଖା-

ଆଜି ଖୁଡୀ ଏତେ ଜୋରରେ ହେନା ଉପରେ ପାଟି କରୁଥିଲେ ଯେ ମୁଁ ଚନ୍ଦ୍ରମିଶ୍ର ଖଟରେ ଶୋଇ ଶୋଇ ଶୋଇବା ଘରୁ ସବୁ ଶୁଣୁଥିଲି । ଆଉ ପୋଡାମୁହିଁ ତୋତେ ଏତେ ଟିକିଏ ଲାଜ ଲାଗୁନି । ସେ ଯନ୍ତ୍ରଣାରେ ଛଟପଟ ହେଉଛି । ଏପଟେ ଗ୍ରେଷେଇ ଘରେ ଡାଇନିଂଗ୍ ଟେବୁଲ

ରେ ବସି ପଖାଳ ମାଛଭଜା ଖାଉଛୁ । ତୋ ତଣ୍ଟିରେ ଗୁଣ୍ଡା କେମିତି ଗଳୁଛି? ତୋତେ ଏତେ ଟିକଏ ବି ଖରାପ ଲାଗୁନ ।

ଖୁଡୀଙ୍କ କଥା ମୁଁ ସବୁ ଶୁଣୁଥିଲି । ମୁଁ ଜାଣି ପାରୁଛି, ହେନା ସିନା କଛି କହୁନ, କନ୍ତୁ ସେ ମୋ ଆସନ୍ନ ମୃତ୍ୟୁ କୁ ସାମନା କରିବା ଚନ୍ତାରେ ଅହରହ ଜଳୁଛି । ହେନାକୁ ଯେ ମୁଁ ଦୁଃଖୀ ଦେଖିବାକୁ ଚାହୁଁନ । ମୋ ଅବର୍ତ୍ତମାନ ରେ ସେ ଯେମିତି ସାଧାରଣ ଜୀବନ ଜୀଇଁ ପାରିବ ସେହି ଅବସ୍ଥା ପାଇଁ ସେ ମୋ ପାଖରେ ପ୍ରତିଶୃତିବଦ୍ଧ । ପୁଣି ବୋଉ ପାଟି ଶୁଭୁଥିଲା, ଖୁଡିଙ୍କୁ କହୁଥିଲା, କାହିଁ ତା ସହ ଲାଗୁଛୁ । ହେନା ଖାଇକରି ସାଷାମ ହେଲେ ତ ପୁଣି ଚନ୍ଦ୍ରର ସେବା ଶୁଶୃଷା କରିବ । ଖୁଡି କହୁଥିଲେ, ତୁମେ ଯାହା କହିଲେ କୁହ । ମରଣ ମୁହଁରେ ଆମ ପୁଅ ଚନ୍ଦ୍ର ପଡିଛି ଆଉ ଏ ଛୋପରୀ ମୋ କଥା ଶୁଣି ଆହୁରି ହସି ହସି ମାଛଭଜା ଖାଉଛି । ହେନା ଉତ୍ତର ଦେଉଥିଲା, ଆପଣଙ୍କର ଯିଏ ପୁଅ, ମୋର ସେ କଣ କଛି ନୁହେଁ ।

ହେନା ହାତ ଧୋଇବାକୁ ଉଠିଗଲା ପରେ ବୋଉ କହୁଥିଲା ଖୁଡୀଙ୍କୁ, ତା ହସ ଭିତରେ ଲୁକ୍କାୟିତ ଯନ୍ତ୍ରଣାର ଦାରବତାକୁ ତୁ ବୁଝିବାପାଇଁ ଚେଷ୍ଟା କର ।

ଆଉ ଗୋଟିଏ ଦିନ –

କାଲି ଆମର ବିବାହ ବାର୍ଷିକୀ ଥିଲା । ଆଗାମୀ ବର୍ଷ ବିବାହ ବାର୍ଷିକୀ ପାଳବାକୁ ମୁଁ ହୁଏତ କଣ, କେବେ ମଧ ବଞ୍ଚି ନଥିବି । ହେନାକୁ କହିଥିଲି ଚତୁର୍ଥୀ ରାତିରେ ବଧୂବେଶରେ ତାକୁ ଦେଖିବାକୁ ଚାହେଁ। ମୋର ଅତି ବାଧ୍ୟବାଧକତାରେ ପନ୍ଦର ଦିନ ପୂର୍ବରୁ ବ୍ୟାଙ୍କ ଯାଇ ଗହଣା କାଢି ଆଣିଥିଲା । କାଲି ହଠାତ୍ ପୁଅ, ବୋହୂ ଆସି ପହଞ୍ଚିଥିଲେ, ପାପା, ମମ୍ମିଙ୍କ ଜୀବନର ଶେଷ ବିବାହ ବାର୍ଷିକୀରେ ଅଭିନନ୍ଦିତ କରିବାକୁ । ରାତିରେ ହେନା ସମସ୍ତେ ଶୋଇଯିବା ପରେ ନଭୃତ କୋଠରୀରେ ସାଜିଥିଲା ସଦ୍ୟ ବିବାହିତା ନବ ପରିଣତା ବଧୂ ବେଶ । କୌଣସି ମାତ୍ରାରେ ଦେବୀ ଦୁର୍ଗାଙ୍କ ଠାରୁ କମ ଲାଗୁ ନଥିଲା । ସମସ୍ତ ଅକଥନୀୟ ଯନ୍ତ୍ରଣା ସତ୍ତ୍ୱେ ଚନ୍ଦ୍ରଙ୍କ ମୁହଁରେ ହସ ଫୁଟି ଉଠିଲା । ହେନାର ଈଶ୍ୱରଦତ୍ତ ସୌନ୍ଦର୍ଯ୍ୟ ଭରା ମୁହଁକୁ ମନଭରି ଉପଭୋଗ କରୁଥିଲି ମୁଁ ଚନ୍ଦ୍ର, ହେନାର ହତଭାଗା ସ୍ୱାମୀ । ମୋ କୋଳରେ ପରମ ନଶ୍ଚିନ୍ତରେ ଶୋଇ ଯାଇଥିଲା ହେନା । ଦିନ ନଅଟା ବେଳେ ପୁଅ ଈଶ ଦୁଆର ବାଡେଇ ଥିଲା । ଚନ୍ଦ୍ରଙ୍କ କୋଳରୁ ଉଠି ଦୁଆର ଖୋଲିଥିଲା ହେନା । ସାମନାରେ ଠିଆ

ହେଉଥିଲେ ପୁଅ ବୋହୂ । ଅପ୍ରସ୍ତୁତ ହେଉଥିଲେ ସେମାନେ । କିନ୍ତୁ ଅବିଚଳିତ ଥିଲା ହେନା । ଦୁଆର ଖୋଲିଦେଇ ହେନା ବାଥରୁମ୍ ରେ ପଶିଯାଇଥିଲା ।

ତୁଳସୀ ଚଉରାରେ ପାଣି ଦେବାକୁ ଯିବାବେଳେ ବୋହୂ ରୁମ୍ ରୁ ଅସ୍ପଷ୍ଟ କଥା ଭାସି ଆସୁଥିଲା – ବାପାଙ୍କର ଏ ଅବସ୍ଥାରେ ମମ୍ମି ଏମିତି ବେଶ ହେବାକୁ ସାମାନ୍ୟ ଲାଜ ଲାଗୁନି । ଏ ବୟସରେ ପୁଣି ବୋହୂ ବେଶ । ଛିଃ, ଛିଃ, କି ଅଲାଜୁକ କଥା ।

ହେନା ତୁଳସୀରେ ପାଣି ଦେଇ ଆସିଲା ପରେ ବୋଉ ଆସିଥିଲା । ଚନ୍ଦ୍ର, ତୋ କଥା ଶୁଣି ମନ ଉଣା କରିବନି ବୋଲି ହେନାକୁ କହିବୁ ।

ମୁଁ ବା ବୋଉକୁ କେମିତି ବୁଝାଇବି, ହେନା ସୌନ୍ଦର୍ଯ୍ୟରେ ଯେମିତି ଭରପୁର, ମନରେ ମଧ୍ୟ ସେ ସେତିକି ଉଦାର ।

ଫେବୃଆରୀ ୧୧, ୨୦୧୧:

ହେନା କୁହେ, ସବୁକିଛି ହାସଲ କରିଗଲେ ଜୀବନର ମାନେ କିଛି ହୁଏନା । ଯେତେବେଳେ ଆମେ କିଛି ହରାଇ ବସୁ, ସେତେବେଳେ ଜୀବନ ଆମକୁ ସବୁ ବୋଲି ମନେ ହୁଏ । ଜୀବନ୍ତ ଲୋକର ମୂଲ୍ୟାୟନ କେବଳ ତାର ଅନୁପସ୍ଥିତିରେ ହିଁ କରାଯାଇପାରେ ।

ମୋର ସମ୍ପୂର୍ଣ୍ଣ ବିଶ୍ୱାସ, ମୋର ମୃତ୍ୟୁ ପରେ ହେନା ନିଶ୍ଚିନ୍ତ ଭାବରେ ବଞ୍ଚି ପାରିବ । ହେନା କୁହେ, ଜଣେ ଲୋକର ମନ୍ଦ ଗୁଣ, ଖରାପ ବ୍ୟବହାର ବିଷୟରେ ଭାବିବା ବା ଚର୍ଚ୍ଚା କରିବା ପୂର୍ବରୁ ନିଜକୁ ସେହି ବ୍ୟକ୍ତିର ସ୍ଥାନରେ ରଖି ଭାବିବା ଉଚିତ । ସେକ୍ସପିୟର ଯାହା କହିଥିଲେ, ନିରାଟ ସତ କଥା । ଆମେ ସମସ୍ତେ ଜଣେ ଜଣେ ଅଭିନେତା । ସଂସାର ରଙ୍ଗମଞ୍ଚରେ ନିଜନିଜର ଅଭିନୟ ସାରି ବାହୁଡିଯିବା । କାହା ବିରୁଦ୍ଧରେ ହେନାର କେବେ ବି କିଛି ବି ଅଭିଯୋଗ, ଅଭିମାନ ନାହିଁ । ତାର ନୀତି "ଆଜି"ରେ ବଞ୍ଚି କେବଳ ଦେଇଯାଅ । ତୁମକୁ ଦେବା ବାଲା ଠିକଣା ସମୟରେ ତୁମର ପ୍ରୟୋଜନାନୁଯାୟୀ ସାମଗ୍ରୀ ଅବଶ୍ୟ ନିଶ୍ଚୟ ଦେବ ଏଥିରେ ସନ୍ଦେହ ହିଁ ନାହିଁ ।

ବେଳେବେଳେ ହେନାର ବିଶାଳ ବ୍ୟକ୍ତିତ୍ୱ ସମ୍ମୁଖରେ ଗର୍ବିତ ହେବି ନା ଆଶ୍ୱସ୍ତ ହେବି, ଭାବିବାବେଳେ ସନ୍ଦିହାନ ହେଇପଡେ ।

ଫେବୃଆରୀ ୧୧, ୨୦୦୯:

ଆଜି ହେନା ଠାରୁ ପ୍ରତିଶୃତି ନେଇଛି । ମୁଁ ଜାଣେ ମୋର ଆଉ ଅଳ୍ପ ଦିନ, ମୋ ମୃତ୍ୟୁ ପରେ ମଧ୍ୟ ସେ ସଧବାର ଜୀବନ ଜୀଇଁବ । କୌଳକ ବ୍ରାହ୍ମଣ ଘରର ବିଧବା ନାରୀର ବେଶ ସେ କେବେ ବି କଦାପି ଧାରଣ କରିବନ ।

ବୋଉକୁ ମଧ୍ୟ ବୁଝାଇ ଦେଇଛି । ବୋଉ ଯହା ବା କଛି ପ୍ରତିବାଦ କରିଥାଆନ୍ତା, ମୁଁ ତାକୁ କହିଦେଇଛି ଯଦି ମୋ ପୂର୍ବରୁ ହେନାର ମୃତ୍ୟୁ ଘଟିଥାନ୍ତା, ତାହେଲେ ମୁଁ କଣ ରଙ୍ଗୀନ ସାର୍ଟ ପ୍ୟାଣ୍ଟ ପିନ୍ଧିବା ଛାଡିଦେଇଥାନ୍ତି? ମୁଁ କଣ ଆମିଷ ଖାଇବା ଛାଡି ଦେଇଥାନ୍ତି? ମୋର ଏହି ଯୁକ୍ତି ସାମନାରେ ବୋଉ କେବଳ ଲୁହ ଗଡାଇଥିଲା । କହିଥିଲା, ଚନ୍ଦ୍ର ତୋର ଯେଉଁଥିରେ ଖୁସି ସେଥିରେ ଆମେ ଖୁସି ।

ମାର୍ଚ୍ଚ ୧୫, ୨୦୧୦;

ହେନା ଗୋଟିଏ ଉଚ୍ଛ୍ୱାସର ତରଙ୍ଗାୟିତ ନଇ । ଏହା ନୁହେଁ ଯେ ସେ ମୋର ଆସନ୍ନ ମୃତ୍ୟୁକୁ ନେଇ ଚନ୍ତିତ ନୁହେଁ । ନଜଠାରୁ ଅଧିକ ଭଲପାଉଥିବା ଲୋକଟିକୁ ନଜ ଆଖି ସାମ୍ନାରେ ମରଣ ମୁହଁକୁ ଯାଉଥିବାର ଦେଖି କେଉଁ ସ୍ତ୍ରୀର ବା ଧୈର୍ଯ୍ୟ ରହିବ । କେଉଁ ମୁହୂର୍ତ୍ତ ଟା ମୋ ଜୀବନର ଶେଷ ମୁହୂର୍ତ୍ତ ହେବ ସେହି ଚନ୍ତାରେ ହେନା ଅହରହ ଜଳୁଛି । କନ୍ତୁ ସେ ଭଲ ଭାବରେ ଜାଣିଛି ମୁଁ ତା ମୁହଁରେ ଲୁହ ଦେଖି ପାରିବିନ । ତେଣୁ ସେ ସମସ୍ତଙ୍କ ଆଗରେ ଖୁସି ହେବାର ଅଭିନୟ କରି ଚାଲିଛି । ସମସ୍ତଙ୍କ ଟାହିଟାପରା କୁ ବିନା ପ୍ରତିବାଦରେ ହଜମ କରି ଯାଉଛି ।

ଆଜି ମଧ୍ୟ ହେନା କୁ ଦେଖିଲେ କେହି କହିବେନ ଯେ ସେ ପୁଅ, ଝିଅ ବାହା କରି ସାରିଛି । ସତେ ଯେମିତି ଷୋଡଶି ତରୁଣୀ । ମୃତ୍ୟୁ ପୂର୍ବରୁ ତାକୁ ଏ ସବୁ ସାଂସାରିକ ସାମାଜିକ ଆକ୍ଷେପ ସହିତ ଅଭ୍ୟସ୍ତ କରାଇ ଦେଇ ଯିବି । କାରଣ ମୋ ମୃତ୍ୟୁ ପରେ ଏ ସବୁ ତା ପ୍ରତି ହେଉଥିବା କଟାକ୍ଷ ଶୁଣିବାଉ ମୁଁ ନଥିବି କମ୍ବା ମୋତେ ଏଡାଇ ଯିବାପାଇଁ ତା ପାଇଁ ମୋ ଅସ୍ତିତ୍ୱ ମଧ୍ୟ ତା ପାଇଁ ନଥିବ । କମ୍ବା ମୋତେ କହିବା ପାଇଁ ସେ ମୋତେ ଖୋଜୁ ନଥିବ ।

ଡିସେମ୍ବର ୧୧, ୨୦୧୧:

ଆସ୍ତେ ଆସ୍ତେ ମୁଁ ନଥର ହେଉଯାଉଛି । ମୁଁ ଜାଣୁଛି ମୋ ଶରୀର ଆଉ ମୋତେ ଧରି ରଖିବାକୁ ଚାହୁଁନ । ରୁଗଣ, ଜୀର୍ଣ୍ଣ ଶରୀରକୁ ଦର୍ପଣରେ ଦେଖିଦେଲେ କଷ୍ଟ ଲାଗୁଛି । ଏକ ସବଳ, କର୍ମଠ ଆଇ.ଏ.ଏସ୍. ଅଫିସରର ଜୀବନର ଏ କ କରୁଣ ମର୍ମନ୍ତୁଦ ପରିଣତି । ମୋତେ ତ ନଜେ ନଜକୁ ଦେଖି ଏତେ ଘୃଣା ଲାଗୁଛି । ହେନା କେମିତି ମୋତେ, ମୋ ଶରୀରକୁ, ମୋର ଏ ରୂପକୁ ଦେଖି ମଧ ପ୍ରତିଟି ସମୟରେ ନର୍ବିକାର ଭାବରେ ମୋର ସେବା କରି ଚାଲିଛି । ଦିନେ ମଧ କ୍ଲାନ୍ତି, ପ୍ରତିବାଦ ପ୍ରକାଶ କରିନ ।

ଜାନୁଆରୀ ୨୧, ୨୦୧୨:

ଏ ଡାଇରୀ ମୋ ସାଙ୍ଗ । ମୋ ପାଖରେ ମୋର ଅନ୍ତିମ ମୁହୂର୍ତ୍ତ ଯାଏଁ ହେନା ମୋ ସହ ଥିବ । ହେଲେ ମୋ ଅନ୍ତେ ତା ପାଖରେ ତ ମୁଁ ନଥିବି । ଏ ଡାଇରୀ ତା ପାଖରେ ଛାଡିଯାଉଛି । ମୁଁ ସିନା ମରୁଛି ହେଲେ ଜୀବନର ପ୍ରତି କ୍ଷଣ ମୃତ୍ୟୁ କୁ ଅନୁଭବ କରୁଥିବା ହେନା ପାଇଁ ଏ ଡାଇରୀ ମୋର ପ୍ରତିନଧିତ୍ୱ କରିବ ।

କେବଳ ଗୋଟିଏ ଶେଷ ଅନୁରୋଧ । ମୁଁ ମୃତ୍ୟୁ ବରଣ କରିବା ପରେ ମୁଁ ଛାଡିଯାଇଥିବା, ଲେଖି ନଥିବା ଅବଶିଷ୍ଟ ଅବ୍ୟକ୍ତ ଅନୁଭବକୁ ହେନା ଏହି ଅସମ୍ପୂର୍ଣ୍ଣ ଡାଇରୀଟିର ପ୍ରତିଟି ପୃଷ୍ଠାରେ ଭରିଦେବ ।

ସୁମନା ରାତ୍ରୀ ଅନଦ୍ରା ରହି ପୃଷ୍ଠା ପରେ ପୃଷ୍ଠା ଡାଇରୀ ଟି ପଢିଚାଲିଥିଲା । ଚନ୍ଦ୍ରଙ୍କର ମୃତ୍ୟୁ ହେଇଥିଲା ୨୦୧୨ ମସିହା ଜାନୁଆରୀ ୨୨ ତାରିଖରେ ।

ତା ପରଦିନ ସୁମନା ସିନା କଲେଜରେ ପିଲାମାନଙ୍କୁ ପାଠ ପଢାଉଥିଲା, କନ୍ତୁ ମନ ତାର ଥିଲା ହେନା ପଠାଇଥିବା ଡାଇରୀ ପାଖରେ । ସତରେ କଣ ହେନା ପୂର୍ଣ୍ଣ କରିପାରିଲା ଚନ୍ଦ୍ରଙ୍କ ଡାଇରୀ?

ପୁଣି ପରଦିନ ଛୁଟିନେଇ ଡାଇରୀଟି ପଢିଥିଲା । ଚନ୍ଦ୍ରଙ୍କ ଲେଖା ପରେ ଆରମ୍ଭ ହୋଇଥିଲା ହେନାର ଲେଖା ।

-ଚନ୍ଦ୍ର ଚାଲିଯିବାର ମାସେ ଖଣ୍ଡେ ପରେ ଆଜି ଜୀବନରେ ପ୍ରଥମ ଥର ପାଇଁ ଡାଇରୀ ଲେଖୁଛି । ଯାହା ମୋର ଅତି ପ୍ରିୟ ଚନ୍ଦ୍ରଙ୍କ ଜୀବିତାବସ୍ଥାରେ କରିପାରିନଥିଲି । ଆଜି କନ୍ତୁ

ଲେଖିବି । କହିବି ଡାଇରୀର ପୃଷ୍ଠାମାନଙ୍କୁ ମୋ ଜୀବନର ଗାଥା । ଶୁଣିବ ଚନ୍ଦ୍ରଙ୍କର ମୃତ କିନ୍ତୁ ମୋ ପାଇଁ ଜୀବିତ ଆତ୍ମା । ତୁମ ଦେହଟା ସିନା ପାଉଁଶ ହେଇଛି, କିନ୍ତୁ ମୁଁ ତ ପ୍ରତି ମୁହୂର୍ତ୍ତରେ ତୁମ ସତ୍ତାକୁ ମୋ ସ୍ମୃତିପଟରେ ଅନୁଭବ କରୁଛି ।

ଚନ୍ଦ୍ର, ଯେଉଁଦିନ ଜାଣିଲି ତୁମର ଆଉ ବେଶିଦିନ ନୁହଁ, ମୋ ପାଦତଳୁ ମାଟି ଖସିଗଲା । ଲାଗିଲା ମୁଁ ହାରିଗଲି । ଶୋଇବା ଘରେ ଥିବା ଗାଧୁଆଘରେ ସାୱାର ତଳେ ଘଣ୍ଟାଘଣ୍ଟା ଧରି ଗାଧୋଇଲି । ସାୱାରର ପାଣିରେ ମୋ ଲୁହ ଏକାକାର ହେଇଗଲା । ତୁମେ ସିନା ଚନ୍ଦ୍ର ମରିଯିବ, ମୋତେ ତ ରକ୍ତକର୍କଟ ରୋଗ ହେଇନି । ମୁଁ ତ ମରିପାରିବିନି । ସତେ ଯେମିତି କେଉଁ ଅଦୃଷ୍ଟ ଶକ୍ତି ଆହ୍ୱାନ ଦେଉଥିଲା, "ହେନା, ତୁ ନିଜ ଉପରେ ବିଶ୍ୱାସ ରଖ । ଯେତିକିଦିନ ଚନ୍ଦ୍ର ବଞ୍ଚିବ, ତୁ ହସିଲେ ସେ ହସିବ ।" ଏକ ପରାସ୍ତ ସୈନିକ ବିଜୟ ଲାଭ କରିବାର ସାଞ୍ଜୁ ପିନ୍ଧି ଜୀବନ ଯୁଦ୍ଧ କ୍ଷେତ୍ରେରେ ପଦାର୍ପଣ କଲି । ମୋ ମନର ଭାବନା, ସୁଖ, ଦୁଃଖ, ସଫଳତା, ବିଫଳତା, ଚନ୍ଦ୍ରଙ୍କୁ ସବୁଦିନ ପାଇଁ ହରାଇବାର ଯନ୍ତ୍ରଣାକୁ ଓଠ ଚପି, ଦାନ୍ତ କାମୁଡି ଲୁହ ନ ଗଡାଇ ମୁହଁରେ ଥିବା ଗୋଲାପି ଓଠରେ ଧାରେ ହସରେ ଜାବୁଡି ଧରି ମୁଁ ହସିଲି । ମୋ ଅନୁଭୂତିରେ ମୁଁ ହେଲି ସ୍ୱାର୍ଥପର । ସେଥିରେ କେହି ଭାଗୀଦାର ହୋଇପାରିବେନି । ମାଛଭଜା, ଶୁଖୁଆ ପୋଡା, ପଖାଳ ଖାଉଥିବା ବେଳେ ଖୁଡୀ, ନାନୀ ଆଦିଙ୍କ କଟାକ୍ଷ, ଝିଅର ନଣନ୍ଦର ଦେଖାଇ ଶୁଣାଇ କହୁଥିବା କଥା ବଡ ବାଧୁଥିଲା । ମୁଁ ବି ତ ମଣିଷ ।

ମୋ ସ୍ୱାର୍ଥାନ୍ଧତାରେ ଚନ୍ଦ୍ରଙ୍କୁ ନେଇ ମୋର ଶାଶ୍ୱତ ଭଲ ପାଇବାକୁ ଏହି ସଂକୀର୍ଣ୍ଣ ମନ୍ତବ୍ୟ, ଟାହିଟାପରା ଦୋହଲାଇ ଦେଇ ନପାରେ । ମୁଁ କଣ ମଣିଶ ନୁହେଁ । ସ୍ୱାମୀର ଆସନ୍ନ ମୃତ୍ୟୁକୁ ଆଖି ସାମନାରେ ମୁହୂର୍ତ୍ତ ମୁହୂର୍ତ୍ତ ଦେଖି କେଉଁ ନାରୀ ବା ହସି ପାରିବ । ହଁ, ମୁଁ ହସୁଥିଲି, ନିଜ ପାଇଁ, ଚନ୍ଦ୍ରଙ୍କ ପାଇଁ ହସୁଥିଲି । ଅନ୍ତର କୋହରେ ବିଦୀର୍ଣ୍ଣ ହୋଇ ଉଠୁଥିଲା । ହୃଦୟର ଗୋଟି ଗୋଟି ଧମନୀ ମାନସିକ ଅକୁହା ଯନ୍ତ୍ରଣାରେ ଛିନ୍ ଭିନ୍ ହୋଇ ଉଠୁଥିଲା । ତଥାପି ଚନ୍ଦ୍ରଙ୍କ ଖୁସି ପାଇଁ ଚତୁର୍ଥୀ ରାତ୍ରୀର ନବବଧୁ ସାଜିଥିଲି । ମୋ ସ୍ୱାମୀର ଖୁସି ପାଇଁ ମୁଁ ସ୍ତ୍ରୀ ଯଦି ସଜାଇ ହେଲି ଏଥିରେ ଭୁଲ ରହିଲା କେଉଁଠି । ମୋ ଠାରୁ ମୋତେ ନେଇ ଅନ୍ୟମାନେ ବେଶି ଚିନ୍ତିତ ଥିଲେ ।

ଜୁଲାଇ ୧୨, ୨୦୧୪:

ଚନ୍ଦ୍ର ଯିବାର ଦୁଇବର୍ଷ ହେଇଗଲାଣି । ସମସ୍ତେ ଭାବନ୍ତି କେମିତି କା ସ୍ତ୍ରୀ ଲୋକଟିଏ ମୁଁ । ମୋ ପଛପଟେ ଫୁସଫାସ ହୁଅନ୍ତି । ବିଧବା ହେଲା ପରେ ବି ଚୁଡି ପିନ୍ଧୁଛି ଆଇଁଷ ଖାଉଛି, ରଙ୍ଗୀନ ଲୁଗା ପିନ୍ଧୁଛି । କୌଣସି ଭେଜିଭାତକୁ କଦବା କ୍ୱଚତ ଯିବାବେଳେ କେତେକ ହେନାର ବ୍ୟକ୍ତିତ୍ୱକୁ ତାରିଫ କଲାବେଳେ ଅନେକ ଅନାବଶ୍ୟକ କାରଣର ଦ୍ୱାହି ଦେଇ ଏଡାଇ ଯାଆନ୍ତି । ଆଉ କେତେକଙ୍କ ମନ୍ତବ୍ୟ ଶୁଣାଯାଏ, ବାପରେ ଏ ବୟସ ରେ ବି କେଡେ ସୁନ୍ଦରୀ ଏ ସ୍ତ୍ରୀ ଲୋକଟା ।

ଅଗଷ୍ଟ ୧୫, ୨୦୧୫:

ଆଜି ଠିଆ ହେଇ ଦର୍ପଣରେ ନିଜକୁ ଦେଖୁଥିଲି । ମୋ ପାଇଁ ମୋ ଦର୍ପଣ ଥିଲେ ଚନ୍ଦ୍ର । ତାଙ୍କ ଅନ୍ତେ ବହୁଦିନ ପରେ ଆଜି କାଚର ଦର୍ପଣ ଆଗରେ ନିଜକୁ ଦେଖୁଥିଲି । ଯେଉଁ ସୌନ୍ଦର୍ଯ୍ୟକୁ ଦେଖି ଚନ୍ଦ୍ର ବିମୋହିତ ହେଇଥିଲେ, ସେହି ସୌନ୍ଦର୍ଯ୍ୟ ଆଜି ଆଇନାରେ ବଡ ବିଭତ୍ସ ମନେ ହେଉଛି ।

ରାତି ରାତି ତକିଆ ଭିଜି ଯାଏ । ମନ ଭରି ଲୁହ ଗଡାଏ, ଦର୍ପଣ କଣ ମିଛ କୁହେ? ନା ମୋରି ସୌନ୍ଦର୍ଯ୍ୟ ହିଁ ମୋର ଶତ୍ରୁ । ସବୁ ତ ହରାଇ ସାରିଛି । ଆଉ ହାରିବାର ବା ହରାଇବାର ଡର ନାହିଁ । ବରଂ ମୃତ୍ୟୁ କୁ ହରାଇ ମୃତ୍ୟୁ ପରେ ହୁଏତ ପରଲୋକରେ ଚନ୍ଦ୍ର ମିଳଯାଇ ପାରନ୍ତି ।

ସକାଳ ହେଇଥିଲା । ଖରା ପଡୁଥିଲା । ଆଜି କାହିଁକି ସକାଳୁ ଶେଯ ଛାଡିବାକୁ ଇଚ୍ଛା ହେଉ ନଥିଲା । ପୁଅ ଈଶ କବାଟ ବାଡଉଥିଲା । ମମ୍ମି, ମମ୍ମି ଦୁଆର ଖୋଲ । ଆଠଟା ବାଜିଲାଣି ।

ଶୋଇବା ଘର କବାଟ ହେନା ଖୋଲିଥିଲା । ଘର ଭିତରକୁ ପଶି ଆସି ଈଶ କହିଥିଲା, ମମ୍ମି, ତୁମେ ଜଣେ ବିଜ୍ଞ ନାରୀ । ନିଜ ଛାଇକୁ କିଏ ଦେଖୁଛ । ଦର୍ପଣ ଓ ଛାଇ କେବେ ମଣିଷକୁ ଛାଡନ୍ତି ନାହିଁ । ଦର୍ପଣ ହେଉଛି ସମୟ ଯାହା କେବେ ମିଛ କୁହେ ନାହିଁ । ଆଉ ଛାଇ ହେଉଛି ବୟସ ଯିଏ କେବେ ମଣିଷକୁ ଛାଡି ଯାଏନାହିଁ ।

ହେନା, ପୁଅ ଈଶ କଥା ଶୁଣି ହସିଥିଲା । ଏକ ନିରୁତ୍ତାପ ହସ । କହିଥିଲା, ଈଶ, ଏକ ଭଲ ମନ ଓ ହୃଦୟ ନେଇ ସବୁ କରିବୁ । କାହାଠାରୁ କିଛି ଆଶା ରଖିବୁନି । ତାହେଲେ ଜୀବନରେ କେବେ ଦୁଃଖୀ ହେବୁନି ।

ଡାଇରୀର ପରବର୍ତ୍ତୀ ପୃଷ୍ଠା ଗୁଡିକ ଖାଲିଥିଲା । ଆଜି ଠିକ୍ ସପ୍ତାହେ ପରେ ଖବର ଆସିଲା, ହେନା ଚାଲିଗଲା ।

ଦୁଇଟି ନୈସର୍ଗିକ ଆତ୍ମାର ନିଃସର୍ତ୍ତ ବୁଝାମଣା ଉପରେ ପର୍ଯ୍ୟବେସିତ ଭଲପାଇବା ହୁଏତ ପ୍ରେମ । ସେମାନେ ପ୍ରୀତି ଓ ସୁମନା ଚନ୍ଦ୍ରଗିରି ପହଞ୍ଚି ଯାଇଥିଲେ । ମଥାରେ ନଥିଲା ସିନ୍ଦୁର । କପାଳରେ ଥିଲା କଳା ଟିକିଲି । ହେନା ମୁହଁରେ ଚେନାଏ ହସ । କୋକେଇ ଉଠିଲା । ଶୁଭୁଥିଲା "ରାମ ନାମ ସତ୍ୟ ହେ......."

Madhu1691@gmail.com

# ସେଦିନ, ଆଜି ଓ ହୋଲି



ହାସ୍ୟମୟୀ ରାଜ୍

ଜହ୍ନ ହସୁଥାଏ ଆକାଶ କୋଳରେ
ମୁଁ ଥାଏ ବାପାଙ୍କ କୋଳେ
ଜହ୍ନ କେମିତି ଝୁଲୁଛି ଶୂନ୍ୟରେ
ଭାବେ ମୁଁହି ବେଳେ ବେଳେ ।।

ତାରାଙ୍କ ମେଳରେ ଖେଳନ୍ତି କ ଦୋଳ
ଭାବେ ରାତ୍ରି ଅନ୍ଧକାରେ
ଜହ୍ନ ସହିତ ମିତ ମୁଁ ବସନ୍ତି
ପୁର୍ଣ୍ଣମୀ ଆକାଶରେ ।।

ସ୍ୱପ୍ନ ମୁଁ ଦେଖେ ନୀଳ ପରି ସାଥେ
ବୁଲୁଛି ନନ୍ଦନ ବନେ
ଫୁଲ ଫଳେ ଭରା କାନନ ଗହଳେ
କୋଇଲିର କୁହୁ ସ୍ୱନେ ।।

ସ୍ୱପ୍ନ ସରେନାହିଁ ରାତି ପାହିଯାଏ
ଝୁରିହୁଏ ମନେ ଖାଲି
ଜୀବନଟା ଲାଗେ ଅଥଳ ସାଗର
ତା ଭିତରେ ଚୋରାବାଲି ।।

ପିଲାଦିନ ଏବେ ସ୍ମୃତିରେ ସଜୀବ
ଦୋଳ ଓ ମେଳଣ ହୋଲି
କେତେ ଯେ ବିମାନ ରାଧାମାଧବଙ୍କ
ଆସୁଥାନ୍ତି ଝୁଲି ଝୁଲି ।।

କେବେ ଭାବିନାହିଁ ଝୁଲିବି ବିମାନେ
ତା ସାଥୀରେ ଯାଏ ଚାଲି
ମେଳଣ ପଡିଆ ରଙ୍ଗ ଓ ଅବିର
ବାଣ ଫୁଟେ ଭଳ ଭଳ ।।

ହୋଲି ଆସେ ଆଜି ମନ ବୁଝେନାହିଁ
ମନେପଡେ ପିଲାଦିନ
ଅପେକ୍ଷା କରେ ମୁଁ ଦୁଆର ମୁହଁରେ
ଆସିବ ଦୋଳ ବିମାନ।।

ଆଖି ଦେଖେ ଯାହା ସବୁ ଲାଗେ ମିଥ୍ୟା
ସତ ସେ ଅନନ୍ତ ହରି
ତା ବିନା ଜୀବନ ଶୂନ୍ୟ ମହାଶୂନ୍ୟ
ଦୀଗ ହୀନ ତରି ପରି ।।

ଓରାଳ, ହାଟଡିହି, କେନ୍ଦୁଝର

# ଦେବୀ



ମନୀଷା ପଣ୍ଡା

ଗୋଟି ଗୋଟି ଭରସା
ତୁଟି ଯିବାର ବେଳେ
ଆଶ୍ୱାସନା ବାଢ଼ି ଦିଏ
ବେହ୍ନ ଚକ୍ଷୁ ତବ ।

ସାହସ ର ବୀଜମନ୍ତ୍ର
ନୁପୁର ର ତାଳେ,
ଆଣ୍ଠୁମାଡ଼ି ବସିଯାଏ
କ୍ଷତାକ୍ତ ବେଳରେ
ଜୀବନ ଯୁଦ୍ଧର
ବସେ କରଯୋଡି
ଦେଖେ  ମୁଖ ପାଇଯାଏ
ସଂଜୀବନୀ ମନ୍ତ୍ର ।

ବଇରୀ ର କବଳତ
ଭୟାତୁର ଆମ୍।
ଧରିଥିବା ଅସ୍ତ୍ର ଗୋଟି
ଦିଏ ବଳ ଲଢ଼ିବାର ।

ପାଦର ଧାରେ  ସେ
ଆଲକ୍ତକ ରେଖା
ଦେଖାଇ ଯାଏ

ବକ୍ଷ ଲହୁ କେଉଁ
ପାଶବର ।

ଲମ୍ବିଥିବା ବକ୍ଷ ପଟେ
ମାଳା ର ମନ୍ଦାର
ଗୋଟି ଗୋଟି ଖପୁରୀ
ସତେଅବା ଦୁର୍ବୃର୍ତ୍ତୀ
ରାକ୍ଷସ ଖପୁରୀ।

ବନ୍ଦନୀୟା ଜଗତଧନ୍ୟା
ପିନ୍ଧାପାଟ ର ଅଞ୍ଚଳେ
ଆତ୍ମଗୋପନ କରିଛି
ଏହି ଜଗତ  ସୌନ୍ଦର୍ଯ୍ୟ,
ମୁଁ ସଜ୍ଜିତ ଅଳଙ୍କାରେ
ଦିଶେ ଦାଉ ଦାଉ
ପ୍ରତିଟି କ୍ଷଣରେ ଅବା
ଯୋଗାଏ ଇଂଗିତ
ନିର୍ଭୟ ପ୍ରତିଶ୍ରୁତି
ଦିଏ ଯିବାକୁ ଆଗକୁ
କନ୍ୟା ମୁଁ ଅଛି
ହଁ ... ଅଛି...
ଦେବୀ ଜନନୀ ରୂପା
ଆଦ୍ୟାଶକ୍ତି ସ୍ୱରୂପିଣୀ
ଶତ୍ରୁନାଶିନୀ
ଦେବୀ ମା ।।।

ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ଅଙ୍ଗାରକ୍ରନ୍ତିପୁର, ଢେଙ୍କାନାଳ ।

# ଭାଙ୍ଗି ଯାଉଥିବା ମଣିଷଟି...



ଅର୍ପିତା ଦାସ

ଦେଖୁଥିବା ସ୍ୱପ୍ନ ଗୁଡାକ ବାସ୍ତବରେ ଛିନଛତର ହୋଇ ହୋଇ ଯାଉଛି
ମନଟା କୁ ବି ଗୋଟେ ଅଜଣା ଭୟ
ଯେମିତି ଖିନ୍ ଭିନ୍ କରି ପକାଉଛି
ସ୍ୱପ୍ନ ଦେଖିବା ଟା ଯେତେ ସହଜ
ବାସ୍ତବିକ ଜୀବନ ଟା ତାଠୁ ଆହୁରି କଷ୍ଟ
କେଜାଣି କାହିଁକି ଆଖିକୋଣରେ ଜକେଇ ଥିବା ଅମାନିଆ ଲୁଣିଆ
ଲୁହ ଗୁଡାକ ବି
ମୋ ଅଜାଣତେ ବୋହି ଆସୁଛନ୍ତି
କିଛି ଅସୁମାରି ଆଶା ସାଇତା ସ୍ୱପ୍ନ ପାଇଁ ତ ମଣିଷ ପ୍ରତି ମୁହୁର୍ତ୍ତରେ
ସଂଘର୍ଷ କରେ
ଯଦି ସେତିକି ସ୍ୱପ୍ନ ଆଉ ଆଶା ଟିକକ ମୋଉଳି ଯାଏ
ତେବେ ଜୀବନର ମାନେ ପ୍ରହେଳିକା, ହତାଶ ଆଉ କିଛି ମିଥ୍ୟା
ପ୍ରତିଶ୍ରୁତିର ପ୍ରହସନ ମାତ୍ର ।.....

# ଅସାଧାରଣ ସୁନ୍ଦରବନ- ୮



ଅଶୋକ ବିଶ୍ୱାଳ

ସବୁ ଝରକା ବନ୍ଦ କରାଯିବ । କିନ୍ତୁ କିଛି ଝରକା ଦୁର୍ବଳ ଅଛି । ଏଣୁ ସାବଧାନ ହେବାକୁ ପଡିବ । ଯଦି ବାଘ ସେଇ ଝରକା ପାଖକୁ ଆସିଲା ତାହେଲେ ସମସ୍ତେ ମିଶି ରେଞ୍ଚିରେ ତା' ଆଗ ଗୋଡକୁ ଜୋରରେ ପିଟିବେ । ବାଘ ଯେମିତି ମୋଟେ ଝରକା ଉପରେ ଗୋଡ ରଖି ପାରିବ ନାହିଁ ।

ଏହା ହେଉଛି ଏକମାତ୍ର ଉପାୟ । ସମସ୍ତେ ପାଳ କରି ଜଗିବେ । ବାଘ ଯଦି ଚଢିବାକୁ ଚେଷ୍ଟା କରେ ତା'ର ନଖ ଆମ୍ପୁଡା ଶବ୍ଦ ଶୁଣାଯିବ । ଜଗିଥିବା ଲୋକ ସମସ୍ତଙ୍କୁ ଉଠାଇ ଦେବେ । ସମସ୍ତେ ଖୁବ ଜୋରରେ ପାଟି କରିବେ । ଆଲୁଅକୁ ବାଘ ଆଖିରେ ପକାଯିବ । ତାହେଲେ ତା' ଆଖି ଝଲସି ଯିବ । ଆଉ ସହଜରେ ସେ ଚଢିପାରିବ ନାହିଁ ।

ତେଣୁ ବଞ୍ଚିବାର ଏକମାତ୍ର ଉପାୟ ହେବା ରାତିସାରା ଅନିଦ୍ରା ରହି ଜଗିବା । ସମସ୍ତେ ପାଳକରି ଜଗିବେ ।

ପ୍ରଥମେ ଅରିନ୍ଦମଙ୍କର ପାଳ ପଡିଲା । ଅନ୍ୟମାନେ ନିଜ ବିଛଣାରେ ପଡି ଆଖି ବନ୍ଦ କରିଦେଇଥିଲେ । ସେମାନେ ଚେଇଁଥିଲେ କି ଶୋଇଥିଲେ ସେଇଟା ଜାଣିବା ଅରିନ୍ଦମ ପାଖରେ ସମ୍ଭବ ନଥିଲା । ବୋଟର ଆଲୋକ ଲିଭାଇ ଦିଆଯାଇଥିଲା । ତାଙ୍କ ପରେ ରାତିର ଅଧା ସପନବାବୁ ଜଗିବେ । ମହିଳାମାନେ ଚେଇଁ ରହିବେ ।

ବାହାରେ କିଛି ସୋର ଶବ୍ଦ ନାହିଁ । ବହୁତ ସମୟ ବିତିଗଲା । ଥଣ୍ଡା ଲାଗୁଥିଲା । କୁହୁଡି ଏକଦମ ପାଖକୁ ଆସିଯାଇଥିଲା । ରାତି ଅନେକ ହୋଇଗଲାଣି । ସେ ଅନ୍ୟମାନଙ୍କୁ

ଅନାଉଥିଲେ । ସମସ୍ତେ ବିଛଣାରେ ପଡି ଧଳା ଗୁଦରରେ ନିଜକୁ ଢାଙ୍କି ଦେଇଥିଲେ । ତାଙ୍କୁ ଲାଗୁଥିଲା ଯେମିତି ତିନିଟା ଖଟରେ ତିନିଟା ଶବ ପଡିଛି । ସେଗୁଡାକ ଟିକିଏ ହଲୁ ନାହାନ୍ତି । କିଛି ଯୋର ଶବ୍ଦ ନାହିଁ । କାହାର ଘୁଙ୍ଗୁଡି ନାହିଁ । ବଡ଼ ଆଶ୍ଚର୍ଯ୍ୟର କଥା ।

ସେ ବାହାରକୁ ଅନାଇଲେ । ସବୁଆଡେ ଧଳା କୁହୁଡି । ଆଉ ଝରକା ଖୋଲିବାକୁ ସାହାସ ହେଉ ନଥିଲା । ଆଖି ପତା ଭରି ହୋଇ ଯାଉଥିଲା । ତାଙ୍କୁ ଆହୁରି ଅଧଘଣ୍ଟା ପହରା ଦେବାର ଅଛି । ସେ ପାଣି ଢୋକେ ପିଇନେଲେ । ମୁଣ୍ଡଟାକୁ ଜୋରରେ ହଲାଇଲେ । ଆଖିଟା ବୋଲ ମାନୁନି । ତାଙ୍କ ମନରେ କିଛି ପଶୁ ନଥିଲା । ଅଧାଖୋଲା ଆଖିରେ ବାହାରକୁ ଝରକାର ଫାଙ୍କଦେଇ ଅନାଇଲେ । ତାପରେ ନିଜ ବିଛଣାରେ ପଡିଗଲେ । ଶୋଇ ସେ କିଛି ଶବ୍ଦକୁ ଅପେକ୍ଷା କରିବେ । ବାହାରକୁ ଅନାଇବା ମୂଲ୍ୟହୀନ । କିଛି ତ ଦିଶୁନି ।

ଏଇ ଭିତରେ କେତେବେଳେ ସେ ନିଦରେ ଶୋଇଗଲେ । ଡରରେ ପ୍ରଥମରୁ ସେ ଝରକା ବନ୍ଦ କରିଦେଇ ଥିଲେ । ରାତିରେ ସପନବାବୁ ଉଠି ଅରିନ୍ଦମଙ୍କୁ ଦେଖିଲେ । ଜଗୁଆଳୀ ନିଘୋଡ ନିଦରେ ଶୋଇଛନ୍ତି । ସେ ମହିଳାମାନଙ୍କୁ ଅନାଇଲେ । ସେମାନେ ମଧ୍ୟ ଶୋଇଯାଇଛନ୍ତି । ଆଉ କାହାକୁ ଉଠାଇ କିଛି ଲାଭ ନାହିଁ । ସେ ଅରିନ୍ଦମଙ୍କ ବିଛଣାରେ ପଡିଥିବା ଟର୍ଚ୍ଚକୁ ନେଇ ଝରକା ଖୋଲି ବାହାରକୁ ପକାଇଲେ । ଘନ କୁହୁଡି । ଜଙ୍ଗଲ ମଧ୍ୟ ଭଲ ଦିଶୁନି । ଆଉ ଦି ଘଡିରେ ସକାଳ ହେବ । ସେ ଜାକିଜୁକି ହୋଇ ବସି ରହିଲେ। ବାହାରେ ପାଣିର କଳ କଳ ଶବ୍ଦ ଶୁଣାଯାଉଥିଲା । ପରେ ରାତିରେ ଆଉ କେହି ଉଠି ନାହାନ୍ତି ।

ସକଳତା ସମୟରେ ହେଲା । ସପନବାବୁ ଟିକେ ଶେଜରେ ଢୁଳେଇ ପଡିଲେ । ବାଘ ଗତରାତିରେ ଆକ୍ରମଣ କରିନି । ସକାଳେ ବାଘ ଉପରେ ଏକ ବଡ଼ ଚର୍ଚ୍ଚା ହେଲା । ଲମ୍ବା ଚର୍ଚ୍ଚା ।

"ତାରୁକ ଭାଇ, ତୁମକୁ ଡର ଲାଗିଲାନି?"- ଗୋବିନ୍ଦର ଥୁରୁଥରୁ କଣ୍ଠରୁ ଗୋଟିଏ ପରେ ଗୋଟିଏ ଶବ୍ଦ ଧିରେଧିରେ ବାହାରୁଥିଲା । ବାହାରର ଶୀତ ତା' ଭିତରେ ଧସେଇ ପଶି

ଯାଇଥିଲା । ଗତ ରାତିରେ ଯେ ତାରୁକ ବାହାରେ ଡେକ ଉପରେ ଏକା ଶୋଇଥିଲା । ସକାଳ ଖୁବ ଜଲଦି ହୋଇ ଯାଇଥିଲା । ବାହାର ଦୁନିଆ କୁହୁଡର ଚାଦର ଭିତରେ ଥିଲା । କୂଳ ପାଖ ଗଛ ଭଲକରି ଦିଶୁ ନଥିଲା ।

ଗୋବିନ୍ଦ ଗତ ରାତି ସାରା ଗଡପଡ ହେଉଥିଲା । ତା'କୁ ଟିକଏ ନିଦ ଲାଗିନି । ବାଘର ଡର ତା' ଭିତରେ ବସା ବାନ୍ଧିଥିଲା । ତା'କୁ ସବୁଆଡେ ବାଘମୟ ଲାଗୁଥିଲା । ଅନ୍ଧାର ରାତିରେ ସବୁ ଗଛମୂଳୁ ଜୁଳୁଜୁଳିଆ ପୋକ ଭଳିଆ ଆଖିମାନ ଯେମିତି ଉଙ୍କି ମାରୁଥିଲା । ସେ ତ ଭିତରେ ଥିଲା । ତା'କୁ କିଛି ଦେଖା ଯିବା କଥା ନୁହେଁ । କିନ୍ତୁ ତା'କୁ ଲାଗୁଥିଲା ଏବେବି ଯେମିତି ବାଘ ଡେକ ଉପରେ ତାରୁକ ପାଇଁ ଅପେକ୍ଷା କରି ବଡ଼ ଡାହାଳ କୁକୁର ଭଳିଆ ଶୋଇଛି । କେତେବେଳେ ତାରୁକ କବାଟ ଫିଟାଇଲେ ବାଘ ଧରିବ । ବିରାଟ ବାଘର ଆଖି ବନ୍ଦ ଶୋଇଛି । ନାଲି ଚମଡାରେ ପଟା ପଟା ଦାଗ ପଡିଛି । ବାଘର କାନ ଠିଆ, କାନ ସଜାଗ ।

ତାରୁକ ଟିକେ ହସିଲା । ପିଲାଟା ତା'ର କେତେ ଚିନ୍ତା କରୁଛି । ତା'ର ନରମ ଦୃଷ୍ଟି ଗୋବିନ୍ଦ ଉପରେ ପହଁରି ଗଲା ।

"ମୋତେ ଭାରି ଡର ଲାଗୁଥିଲା ।"- ଗୋବିନ୍ଦ କହିଲା । ତାରୁକର ଡେରି ଦେଖି ତା' ଭିତରର ଶବ୍ଦ ଗୁଡା ବାହାରି ଆସିଲା । କଥା ତ ସତ । ତା'କୁ ସତରେ ସେତେବେଳେ ଡର ଲାଗୁଥିଲା । ସୁନ୍ଦରବନ ଭିତରେ ରହି ବାଘକୁ ନ ଡରିବା ଭଳିଆ ଲୋକ କେହି ନାହାନ୍ତି । ସେ ନିଜର ଡର ଅନ୍ୟ ଆଗରେ ପ୍ରକାଶ କରେ ନାହିଁ ।

"ବାଘକୁ ଏତେ ଡରିଲେ ସୁନ୍ଦରବନରେ କଣ ଚଳିହେବ? ଯେଉଁଠି ଦେଖ ସେଇଠି ବାଘ । ନିଜକୁ ସାବଧାନ ହେବାକୁ ହେବ ।"- ତାରୁକ କହିଲା । ପିଲାଟାକୁ ସାନ୍ତ୍ୱନା ଦେବାକୁ ହେବ । ଅଠର କୋଡିଏ ବର୍ଷ ତରୁଣର ମନରେ ସିନା ସାହାସ ଅଛି କିନ୍ତୁ ଶୈଶବରୁ ଏପର୍ଯ୍ୟନ୍ତ ଶୁଣି ଆସିଥିବା ଡର କାହାଣୀଗୁଡିକ ତା'କୁ ଚିନ୍ତାର ଜାଲ ଆଉ ଡର ଭିତରୁ ବାହାରିବାକୁ ଦେଉନାହିଁ ।

ସେ ଜଙ୍ଗଲ ଉପରେ ଆଖି ପକାଇଲା । ସବୁଆଡ ଶାନ୍ତ । ସକାଳେ ଏମିତି ପାଣିବି ବି ଶାନ୍ତ। କିଛି ଜୀବ ଜନ୍ତୁର ଦର୍ଶନ ନାହିଁ । ତା'ର ମୁହଁ ଟିକଏ ଉଜ୍ଜ୍ୱଳ ହୋଇ ଉଠିଲା ।

ନିର୍ମଳ ପାଖରେ ଥିଲା । ସେ ତାରୁକର କଥାକୁ ଖୁବ ଧ୍ୟାନରେ ଶୁଣୁଥିଲା । ବାଘର ଡର ପରେ ସେ ଆଉ ଗୋବିନ୍ଦ ସାଙ୍ଗ ହୋଇ ଗଲେଣି । ସବୁବେଳେ ସେ ଗୋବିନ୍ଦକୁ ଛିଗୁଲାଉ ନାହିଁ ।

"ତମେ ଯାହା କୁହ ତାରୁକ ଭାଇ, ମୋତେ ଭାରି ଡର ମାଡୁଥିଲା । ଆମେ ଦୁଇଜଣ କେତେ କଥା ହୋଇଛୁ । ତମେ ଯାହା ହେଲେ ଏକୁଟିଆ ଥିଲ । ବାଘ ସତରେ ଯଦି ବୋଟ ଉପରକୁ ଚଢି ଆସିଥାନ୍ତା ତେବେ?"- ଗୋବିନ୍ଦ କହୁଥିଲା । ତା'ର ମନରେ ବି ସେଇ ଡର।

"ବାଘ ଏ ବୋଟ ଉପରକୁ ଚଢି ପାରିବ ନାହିଁ । ତା' ହାତ ପାଇବ ନାହିଁ ।"– ତାରୁକ କହିଲା ।

ଗୋବିନ୍ଦର ମୁହଁ ହାଁ ହୋଇଗଲା । ଆଖି ଫୁଲିଗଲା । ତାରୁକ ଭାଇ କ କଥା କହୁଛି କେଜାଣି ? ବାଘ କେତେ ଡଙ୍ଗା ଆକ୍ରମଣ କରି ଲୋକଙ୍କୁ ଗାତିରେ ଟାଣି ନେଇଛି । ନିର୍ମଳ ମଧ୍ୟ ମୁଣ୍ଡ ଟୁଙ୍ଗାରୁଥିଲା । ସେ କିଛି ଭାବି ପାରୁ ନଥିଲା । ବୋଟର ଧାରରେ ସ୍କୁଟର ଟାୟାର ଲାଗିଛି । ତେଣୁ ବାଘର କଣ ଅସୁବିଧା ହେବ ?

ତାରୁକ ସେମାନଙ୍କ ମନର କଥା ବୁଝି ପାରୁଥିଲା । ଏକ ଭଲ ବୋଟ ଚାଳକ ଖାଲି ବୋଟ କଥା ନୁହେଁ ତା'ର ଆଖପାଖରେ ଥିବା ଲୋକଙ୍କ କଥା ଭଲ ଭାବରେ ବୁଝି ପାରେ ।

ତା'ର ମୁହଁ ଟିକେ ଲମ୍ବା ହୋଇଗଲା । ସେ ଗମ୍ଭୀର କଥା କହିଲା ବେଳେ ଶାନ୍ତ ଭାବରେ କୁହେ । ତା'ର ସ୍ୱର ମୋଟେ ଥରେ ନାହିଁ । ଏମିତି କଥା କହିଲେ ଅନ୍ୟ ଜଣେ ବିଶ୍ୱାସ କରେ ଆଉ ମନରେ କିଛି ଦ୍ୱିଧା ରହେନାହିଁ ବୋଲି ତାରୁକର ବିଶ୍ୱାସ ।

"ପହଁରିଲା ବେଳକୁ ବାଘର ଖାଲି ମୁଣ୍ଡ ଦିଶେ । କାନ୍ଧ ପାଖରୁ ତା'ର ଆଗ ଥାବା ଦୁଇ ବା ତିନ ଫୁଟ ହେବ । ଡେକ ପାଣିରୁ ଚାରି ଫୁଟ ଉପରେ । ତା' ହାତ ପାହାନ୍ତାରୁ ଉଚ୍ଚ । ତେଣୁ ଚଢି ପାରିବ ନାହିଁ ।"- ସେ ବୁଝାଉଥିଲା ।

ସୁନ୍ଦରବନରେ ରହିବାକୁ ହେଲେ ସବୁ ଜୀବ ଜନ୍ତୁ, ପାଣି ବିଷୟରେ ଭଲ ଜ୍ଞାନର ଆବଶ୍ୟକତା ଅଛି । ଏ ଭିତରେ ସପନବାବୁ ଆସି ଯାଇଥିଲେ । ସେ ତାରୁକ କଥାରେ ମୁଣ୍ଡ ଟୁଙ୍ଗାରୁ ଥିଲେ । ତାଙ୍କର ଚଷମା ତଳେ ଆଖିମାନ ତାରି ଭଳ ଉଜ୍ଜ୍ୱଳ ଦେଖା ଯାଉଥିଲା ।

ବାଘ ଯେତେ ଲମ୍ବା ବା ଶକ୍ତିଶାଳୀ ହେଲେ କଣ ହେବ, ଶିକାର ତା'ର ହାତ ପାହାନ୍ତାକୁ ଆସିବା ଦରକାର । ତେବେ ଯାଇ ବାଘ କଛି କରି ପାରିବ । ପାଣି ଭିତରେ ତଳେ ତ ଗୋଡ ଲାଗୁନ । ତେଣୁ ନଜକୁ ଭାରି ଦେବା ତା' ପାଇଁ ସମ୍ଭବ ନୁହେଁ । ଏଣୁ ବାଘ ଚାହିଁଲେ ମଧ୍ୟ ତା' ହାତଠାରୁ ଉଚ୍ଚ ସ୍ଥାନକୁ ପାଣି ଭିତରେ ଚଢି ପାରିବ ନାହିଁ ।- ସେ ନଜର ବକ୍ତବ୍ୟ ଦେଉଥିଲେ । କାଲି ନଜେ ସପନବାବୁ ତ ଡରି ଯାଇଥିଲେ । ରାତିସାରା ବହୁତ ଭାବିଛନ୍ତି । ଆଜି ସକାଳେ ଏକ ନଷ୍କର୍ଷରେ ପହଞ୍ଚିଛନ୍ତି ।

"କେତେ ଡଙ୍ଗାରୁ ଲୋକ ଟାଣି ନେଇଛି ।"- ନର୍ମଳ କହି ପକାଇଲା । ସେ କହୁ କହୁ ଯେମିତି ଭୁଲ ଧାଡିଏ କହି ପକାଇଥିଲା । ସେ ନଜ ଜିଭ କାମୁଡି ପକାଇଲା ।

ସପନବାବୁ ତାଙ୍କ ଅତିଥି । ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ । ଲମ୍ବା ଗୋରା ଶରୀର । ସିଧା ଲମ୍ବା ବାଳ ଭଲ ଭାବରେ ପଛୁଆ ହୋଇ କୁଣ୍ଡା ଯାଇଛି । ଆଖିରେ ଚଷମା । ସେ ଏକ ବିଶ୍ୱବିଦ୍ୟାଳୟର ପ୍ରଫେସର ଭଳ ଲାଗୁଥିଲେ । ଏମିତିଆ ଲୋକଙ୍କ କଥାରେ ସେ କେମିତି ଯୁକ୍ତି କରିପକାଇଛି ।

ସପନବାବୁ ନର୍ମଳ ଆଡକୁ ଚାହିଁଲେ । ସେ ଦୃଷ୍ଟିରେ ସାମାନ୍ୟ ବିରକ୍ତି ଥିଲା । ଲୋକଟା କଣ କଛି ବୁଝି ପାରୁ ନାହିଁ । ନର୍ମଳର ପତା ପଡୁନଥିବା ଆଖି ଦେଖି ସେ ନର୍ମଳ ମନର ଦ୍ୱନ୍ଦ ବୁଝିଗଲେ ।

"ଡଙ୍ଗାଗୁଡାକର ଆକାର ଛୋଟ । ମୋଟେ ଫୁଟେ ବା ଦୁଇଫୁଟ ଉପରେ । ତେଣୁ ପହଁରୁଥିବା ବାଘ ସହଜରେ ଥାବା ମାରି ଚଢି ଯାଇପାରେ । ଥାବା ଲାଗିଲେ ଗୋଟିଏ ପଟ ପାଣି ଆଡକୁ ନଇଁ ଆସେ । ଡଙ୍ଗା ଆହୁରି ତଳୁଆ ହୋଇଯାଏ ।" – ସପନବାବୁ କଥାଟା ଭଲଭାବେ ବୁଝାଉଥିଲେ ।

"ତାହେଲେ ଅନ୍ୟ ଜୀବମାନେ?"- ଅରିନ୍ଦମ ପଚାରିଲେ । ସେ ସପନବାବୁଙ୍କ ସହ ଆସିଛନ୍ତି । ସବୁ କଥାରୁ କଛି ଖିଅ ବାହାର କରିବା ତାଙ୍କର ଅଭ୍ୟାସ । ଧୀରେଧୀରେ ଅନ୍ୟ ଅତିଥିମାନେ ଆସି କଥାରେ ଯୋଗ ଦେଲେଣି ।

ସପନବାବୁ ତାରୁକ ଆଡକୁ ଅନାଇଲେ । ତାଙ୍କର ପୁସ୍ତକଗତ ଜ୍ଞାନ । ସବୁ କଥା ବହିରେ ଲେଖା ଯାଇ ନାହିଁ । ବହି ହିସାବରେ ସେମିତି କଛି ବାଘ ମଣିଷକୁ ଆକ୍ରମଣ କରିନ ।

"କୁମ୍ଭୀରଗୁଡା ପାଣିରେ । ସେମାନେ ବୋଟଠାରୁ ଆକାରରେ ଛୋଟ । ତେଣୁ ବୋଟକୁ ଆକ୍ରମଣ କରିପାରିବେନ ।"– ସେ କହୁଥିଲେ । କନ୍ତୁ କଥା ଗୁଡାକ ରହି ରହି ଆସୁଥିଲା। ସେ ଗୁହୁଁଥିଲେ ତାରୁକ କଛି ଧାଡି ଯୋଡୁ । ତାରୁକର ଜଙ୍ଗଲ ଉପରେ ଅଗାଧ ଜ୍ଞାନ । ସେ ତାରୁକ ଆଡକୁ ଅନାଇଲେ ।

"ସାପ କଥା ଭିନ୍ନ । ଖାଲି ଅହିରାଜ ସାପ ଗୁଡାକ ବୋଟ ଉପରକୁ ଚଢି ଆସିପାରନ୍ତି ।"- ତାରୁକ କହିଲା ।

ସେ ଏକ ଲମ୍ବା ନିଃଶ୍ୱାସ ନେଲା । ଗୋଟାଏ ଧାଡିରେ ତା'ର ଶ୍ୱାସ ଯମିତି ଫୁଲୁଥିଲା । ସାପ ନିଃଶ୍ୱାସ ନେଲେ ଖୁବ ଫୁଲି ଯାଆନ୍ତି ।

"ବିରାଟ ସାପ । ଖୁବ ଜୋରରେ ପାଣି ଉପରେ ପହଁରନ୍ତି । ଏହି ସାପ ଗୁଡିକ ବୋଟ ଉପରକୁ ଗୁହିଁଲେ ଆସି ପାରିବେ । ସାପକୁ ସାବଧାନ ହେବାର କଥା ।"– ତାରୁକ କଥାଟାକୁ ଭଲଭାବେ କହୁଥିଲା ।

"ପାଣିରେ ଏତେ ଡରିଲେ ହେବ?"– ସେ ନିଜକୁ ନିଜେ କହୁଥିଲା । ଏ ବାଘ, ସାପ ବିଷୟରେ ସେ ବହୁତ ଜାଣିଛି । ଏମାନଙ୍କ ସବୁ ଗୁଣ ଜାଣିଛି । ତେଣୁ ଏତେ ଡରେନି । ତା'ର ମୁହଁରେ ହସ ଫୁଟୁଥିଲା । କିନ୍ତୁ ଗୋବିନ୍ଦ ଆଉ ନିର୍ମଳ ଶୀତୁଆ ପବନରେ ଥରି ଯାଉଥିଲେ ।

"ତମେ ତା' ହେଲେ କିଛିକୁ ଡରନି?"- ଗୋବିନ୍ଦ ପଚାରିଲା । ଏକ ଛୁଆର ପ୍ରଶ୍ନ ଭଳି ତା'ର ପ୍ରଶ୍ନ । ସେ ନିଜ ଭିତରେ ଏକ ଅତି ସାଧାରଣ ଉତ୍ତର ଖୋଜୁଥିଲା ।

"ତାରୁକ ଭାଇ ତୁମକୁ ସତରେ କିଛି ଡର ଲାଗେନି?"- ନିର୍ମଳ ପଚାରିଲା । ତା' ଜିଭ ବରଡା ପତର ଭଳିଆ ଥରୁଥିଲା ।

ନିର୍ମଳଟା ବଡ଼ ପାଟିଆ । କିନ୍ତୁ ଡର କଥା ଶୁଣିଲେ ତା'ର ପାଟି ପ୍ରଥମେ ଖିନ ମାରିଯାଏ ।

"ଡରିବାର କଣ ଅଛି?"- ତାରୁକର ଉତ୍ତରରେ ଜୋର ନଥିଲା ଭଳି ଲାଗୁଥିଲା । କିଛି ତ ଅଛି ଯାହା ବିଷୟରେ ସେ କହିବାକୁ ଚାହୁଁ ନଥିଲା ।

"ପାଣି ଭିତରେ ଆତ୍ମାମାନ ଛପି ରହିଥାନ୍ତି । କେଉଟମାନଙ୍କ ଆତ୍ମା ପାଣି ଭିତରେ ଛପି ରହିଛି ।"- ନିର୍ମଳ କହିଲା ।

"ଡର ଲାଗେନି କହିଲେ ଭୁଲ ହେବ । ପୂର୍ଣିମା ରାତିରେ ପାଣି ଭିତରେ ଏକ ବଡ଼ ଆକୃତି ଦେଖାଯାଏ । ପାଣି ଉପରେ ଚାଲୁଛି । ସେମିତିଆ ଜିନିଷ ଦେଖିଲେ ଡର ଲାଗେ ।"- ତାରୁକ କହିଲା । "କଣ ହୋଇପାରେ?"- ଗୋବିନ୍ଦ ପଚାରିଲା ।

"ଜାଣେନି । କିନ୍ତୁ ମୋତେ ଦେଖାଯାଏ । ବହୁତ ଲୋକେ ଦେଖିଛନ୍ତି ।"– ତାରୁକ କହିଲା। ତା'ର ଆଖି ମନକୁ ମନ ବନ୍ଦ ହୋଇଗଲା । ସତେ ଯେମିତି ସେ ସେହି ଅଜଣା ଆକୃତିକୁ ଦେଖୁଛି ।

"କଣ କର ? ଘ୍‌ତିରେ ତମେତ ଏକା । ଉପରେ ତମେ ଏକା ଶୋଉଛ । ତମକୁ କେତେ ଥର କହିଛି ତଳେ ଆସି ଆମ ସହ ଶୋଇବା ପାଇଁ । କନ୍ତୁ ତମେ କେଉଁ ଶୁଣ?"- ଗୋବିନ୍ଦ ଅଣନଃଶ୍ୱାସୀ ହୋଇ ପଘ୍‌ରିଲ୍‌ । ଏ ଭୂତ କଥାଗୁଡା ତା'ର ଶ୍ୱାସକୁ ଜୋରରେ ମୁଠେଇ କରି ଧରି ନଏ । ତା' ଭିତରର କଛି ଅଭିମାନ ଥିଲ୍‌ । ସେଗୁଡାକ ଖୋଲ୍‌ ପାଟିଦେଇ ବାହାରି ଆସୁଥିଲ୍‌ । ଶୀତରେ ତା'ର ପାଟିରୁ ଗରମ ବାମ୍ପ ବାହାରୁଥିଲ୍‌ ।

"ଗୁରୁ ମନ୍ତ୍ର ନଏ ।"- ତାରୁକ ଧିରେକହିଲ୍‌ । ତା' ଆଖି ତଥାପି ବନ୍ଦ ଥିଲ୍‌ ।

"ହରେ କୃଷ୍ଣ ହରେ ଘ୍‌ମ, ଘ୍‌ମ ଘ୍‌ମ ହରେ ହରେ – ଏହି ତ ହେଉଛି ମହାମନ୍ତ୍ର । ଏହି ମନ୍ତ୍ର ପ୍ରଭବରେ ସବୁ ଡର ଭୟ ଘ୍‌ଲିଯାଏ ।"– ତାରୁକର ଆଖି ଖୋଲିଗଲ୍‌ ।

ତାରୁକ ଆଗକୁ ଅନାଇଲ୍‌ । ଆକାଶଟା ସଫା । କୁହୁଡି ମୋଟେ ନାହିଁ । ତା'କୁ ଶ୍ରୀହରିଙ୍କ ବିଶାଳ ରୂପ ଦେଖା ଯାଉଥିଲ୍‌ । ସେ ତା' ଆଗରେ ଠିଆ ହୋଇଛନ୍ତି । ସେହି ବିଶାଳ ଆକାର ଆଗରେ ସବୁକଛି କ୍ଷୀଣ ହୋଇ ଯାଇଛି । ସେ ନଜ ଗୁରୁଙ୍କୁ ମନେ ମନେ ପ୍ରଣାମ କଲ୍‌ । ତା'ର ହାତ ଯୋଡି ହୋଇଗଲ୍‌ । ମୁଣ୍ଡ ନଇଁଗଲ୍‌ ।

ସକାଳର କରଣ ପାଣି ଉପରେ ଉଜ୍ଜ୍ୱଳ ହୋଇ ପଡିଲ୍‌ଣି । "ଆରେ ଗୋବିନ୍ଦ ଜଲଦି କର।"- ତାରୁକ ନଜର କାମ କଥା ମନେପଡିଲ୍‌ । ସକାଳ ବେଶ ହେଲ୍‌ଣି । ଗୋବିନ୍ଦ ଝଟ କରି ଗାଧୋଇ ଆସି ମଙ୍ଗ ପୂଜା କରିବାକୁ ଲ୍‌ଗିପଡିଲ୍‌ । ତାରୁକର ଆଖି ତା' ଉପରେ ଲ୍‌ଗିରହିଥିଲ୍‌ । ଟୋକାଟା ଭଲକରି କାମକରୁ ।
ଟିକଏ ପରେ ଇଞ୍ଜିନ ଷ୍ଟାର୍ଟ ହୋଇଗଲ୍‌ । ବୋଟଟା ଥରି ଉଠିଲ୍‌ । ଲଙ୍ଗର ଉଠିଯାଇଥିଲ୍‌। ତାରୁକ ବୋଟର ହୁଇଲ ଚକ ଉପରେ ପ୍ରାୟ ପେଟେଇ ପଡି ଆଗକୁ ଅନାଇରହିଲ୍‌ । ଆଗରେ ପାଣି ନାଚୁଥିଲ୍‌ । ବୋଟ ଆଗେଇଗଲ୍‌ ।

କ୍ରମଶଃ -

ସେକ୍ଟର-୩, ସଲ୍ଟଲେକ, କଲିକତା

# ରଙ୍ଗ ତୂଳୀ



ଶକୁନ୍ତଳା ପରିଡ଼ା

ଏ ହୃଦୟର  କାଗଜରେ କାହାକୁ ମୁଁ ଦିନେ ଯାଗା ଦେଇଥିଲି
ତାକୁ ମୁଁ ମୋ ରଙ୍ଗ ତୂଳୀର ପ୍ରଥମ ପ୍ରେମ ବୋଲି କହୁଥିଲି
ଯାହାକୁ ମୁଁ ମୋ କାୟ, ମନ, ବାକ୍ଯରେ ବସେଇସାରିଥିଲି
ତା ପାଇଁ ହସୁଥିଲି କାହିଁକନା ତାକୁ ମୋ ହସ ଭଲଲାଗୁଥିଲା
ତାକୁ ମୋ ଜୀବନର ସବୁ କଥା କହୁଥିଲି
କାହିଁକନା ତାକୁ ମୁଁ ମୋ ଜୀବନଠାରୁ ବି ବହୁତ ଭଲପାଉଥିଲି
ପ୍ରଥମ ଥର ପାଇଁ ଛବି ତାର ଆଙ୍କିଥିଲି ମୋର ଏ ରଙ୍ଗ ତୂଳୀରେ
ଆଉ ସଜେଇଥିଲି  ତାକୁ ପ୍ରକୃତି ରାଣୀର ରାଜକୁମାର ଭାବରେ
ବାସ୍ ସେ ଛବିକୁ ଟିକେ ସ୍ନେହ, ମମତା,ଭଲପାଇବା ମାଗିଥିଲି
ହେଲେ ସେ ଯେବେ ଭାଙ୍ଗିଦେଲା ହୃଦୟକୁ ମୋର
ସେବେଠୁ ଛାଡ଼ିଦେଇଚ ରଙ୍ଗ ତୂଳୀ ମୋର
ସେ କାଇଁ ବୁଝିବ ସେ ମୋ ରଙ୍ଗ ତୂଳୀର କେବଳ
ପ୍ରଥମ ଛବି ନଥିଲା, ଥିଲା ମୋର ପ୍ରଥମ ପ୍ରେମ
ସେ ଯେବେ ଚାଲିଗଲା ଜୀବନରୁ ମୋର
ସେବେଠୁ ସେ ରଙ୍ଗ ତୂଳୀ ଆଙ୍କିନ ଛବି କାହାର
ସେ ଗଲା ପରେ ତା ଛବିକୁ ପୋଡ଼ି ପାଉଁଶ କରିଦେଇଛି ସତ
ହେଲେ ସେ ବୀରହର ନିଆଁ ଏବେବି ମନରେ କୁହୁଳୁଛି ଅନବରତ
ଏବେବି ହୃଦୟ ତା ପାଇଁ କଇଁ କଇଁ ହୋଇ କାନ୍ଦୁଛି
ହେଲେ ତା ଛବିକୁ ଆଉଥରେ ମନରେ ଆଙ୍କିବା ପାଇଁ ହୃଦୟ ମନା କରୁଛି

ଗାରେଇ(ଡ଼ାହାଣିଖିଆ),ନାଉଗାଁ, ଜଗତସିଂହପୁର

# ଭବିଷ୍ୟତର ସ୍ମୃତିକୁ ବହନ କରି



ସନ୍ଧ୍ୟାରାଣୀ ଦାଶ

ଦୁଃଖର ଦିନ ଯାଉଛି ଅପସରି
ଆଶାର କ୍ଷୀଣ ଆଲୋକେ
ଦିଶୁଛି ମୋତେ ଏକ ନୂଆ ପୃଥିବୀ
ନୂତନତାର ସ୍ୱାଦ ସବୁଠି
ବୋଧ ହୁଏ ଆଉ ଅଳ୍ପ କ୍ଷଣରେ
ପାଲଟି ଯିବି ମୁଁ ଏ ନୂଆ ପୃଥିବୀର
ନୂତନ ଅତିଥି...
ସବୁକଛି ନୂଆ ନୂଆ
ଜାଣେ ନାହିଁ ଏ ନୂତନତାରେ
କ'ଣ ରହିଛି ମୋ ପାଇଁ**??**
ହେଲେ ସ୍ୱପ୍ନ ଦେଖିବା କ'ଣ ମନା**??**
ଭାବି ନାହିଁ ଭବିଷ୍ୟତର ନରାଶା
କଏ ଜାଣେ, ଏ ନୂତନତାରେ
ଭରିଥିବ ସେହି ପୁରାତନ ସ୍ୱାଦ
ପୁରାତନ ଅଭ୍ୟାସର ମୋହ
ଆଉ ପ୍ରାଚୀନର ବର୍ବରତା
ଅବା ଜଛି ନୂତନ ଦୁଃଖ, ନୈରାଶ୍ୟର ପରିଭାଷା
ଦୁଃଖର ବିଷ ପାନ କରି କରି
ଆଜି ମୁଁ କ୍ଲାନ୍ତ ଆଉ ଶ୍ରାନ୍ତ..

ତେଣୁ ତୁମ ପାଖେ ଅନୁରୋଧ
ମୋତେ ଲୋଡା ତୁମର କଛି
ସ୍ନେହ ଆଉ ପ୍ରେମର ପରଶ
ଦୁଃଖଦ ଅତୀତର ସ୍ମୃତିକୁ
ଘୋଡାଇବା ପାଇଁ
କାରଣ ଏହା ଲିଭି ପାରେନା ମୋ
**ସ୍ମୃତିପଟଳରୁ....**

କୋରାପୁଟ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ହୋଲି ରଙ୍ଗ କହୁଛି



ନନ୍ଦିନୀ ରାଉତ

ରଙ୍ଗ ପର୍ବ ହୋଲି ଆସିକରି ଆଜି
ଏମିତି ବାରତା ଦେଇଛି
ଭେଦ ଭାବ, ଦ୍ଵେଷ ଭୁଲିଯାଅ ସର୍ବେ
ସାତ ରଙ୍ଗ କହି ଯାଇଛି...

ଭାଇ ଚାରା ଭାବ ହୃଦୟ ରେ ଆଣ
ସକଳେ ହୋଇବା ଗୋଟିଏ
ବିଶ୍ୱ ହୋଇଯିବ ଏକ ପରିବାର
ମନ ମିଶିଯିବ କୋଟିଏ....

ଜାତି ଧର୍ମ ବର୍ଣ୍ଣ ଭୁଲି ଯାଅ ସବୁ
ଆମେ ବିଶ୍ୱ ପିତା ସନ୍ତାନ
ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଇସାଇ, ଜୌରଷ୍ଟ୍ରର  ସମାନ....

ହେଉ ଜ୍ଞାନୀ, ମାନ ଅବା କଏ ଧନୀ
ସଭିଙ୍କ ସ୍ଥାନ ତ ପୃଥିବୀ
ଗଛ ଦିଏ ଫଳ, ଛାଇ ସୁଶୀତଳ
ସମସ୍ତଙ୍କ ପାଇଁ ସାଇତି.....

ରାଜା ପ୍ରଜା ହେଉ ଅବା ରଙ୍କ ଟିଏ
ସ୍ମଶାନ ରେ ଶେଷ ହୋଇବ
ତେଣୁ ରାଗ, ଦ୍ୱେଷ କରିଣ କାହିଁକି
ବୃଥା ଟାରେ ଶତ୍ରୁ କରିବ.....

ହୋଲି ରଙ୍ଗ ଆସି ଲାଗିଗଲେ ଅଙ୍ଗେ
କାହାକୁ ବା ମନା କରିବ
ଭାରତ ମାତାର ସନ୍ତାନ ଆମେରେ
ସେଥିପାଇଁ ଗର୍ବ କରିବ

ବାଲିପଙ୍ଗା, ଅନୁଗୁଳ

# ପଳାସର ଗନ୍ଧ



ସତ୍ୱେଜ ଲକ୍ଷ୍ମୀ ମହାନ୍ତି

ହଁ ସେ  ଆସିବ
ଫେରିବ ନଷ୍ଟନୀଡ଼
କହିବା ତ ଖୁବ୍ ସହଜ
ପ୍ରତିକ୍ଷା ର ବୁନ୍ଦା ବୁନ୍ଦା ଉଷୁମ ଲୁହ
ଯନ୍ତ୍ରଣାର ଶବ୍ଦରେ
ମୁହୂର୍ତ୍ତ  ସବୁର ଅଲୋଡାପଣ
ଅଦିନ ବାର୍ଦ୍ଧକ୍ୟ  ର ଛିଟା
ମାନନେବା ମାନେ ନୁହେଁତ
ସେଇଟା ହିଁ ଠିକ୍
ଅଳସ ଅପରାହ୍ନ  ର
ଅଭୁଲା ସ୍ମୃତି କୁ ପୁଟୁଳରେ ବାନ୍ଧି
ହୋଇପାରେ ସହିଷ୍ଣୁତାର
ଗୃହର ଢାଙ୍କିବା
କ୍ଷମାର ସୁକ୍ଷ୍ମ ପରଳ
ସ୍ମୃତି ଗଦାରୁ ତାଜା କ୍ଷତର ଗନ୍ଧବାରି
ସମୟବି ପନ୍ଦରଝଡା ଦିଏ
ଶେଷ ବସନ୍ତ ପରି
ତୁମେ କ'ଣ ଫେରାଇ ପାରିବ
ସେଦିନର ସାମାନ୍ୟ ରୋମାଞ୍ଚ
ବିନ୍ଦୁଏ ପୁଲକ
ଓ ନବିଢ଼ତାର ମୋହ
ହୁଏତ ଫେରିପାର
ଫେରାଇ ପାରିବକି

ସେ ବିଶୃଙ୍ଖଳ ଚଇତି ପବନର ସମର୍ପଣ
ସେ ବର୍ଷ, ମାସ, ଦିନ ଦଣ୍ଡ
ବର୍ଷାଭିଜା ରାତି
ସେ ବୈଶାଖର ତାତି
ସେ ବସନ୍ତର ମହକତ ସନ୍ଧ୍ୟା
ସେ ନିସର୍ତ୍ତ ଭଲପାଇବା
ମୁହୂର୍ତ୍ତର ସାଦାପଣ
ଭାବପ୍ରବଣତା ଓ ଦରଦ
ତୃପ୍ତି ଆଉ ସନ୍ତୋଷ ଟିକକ
ସେ ନିବିଡ଼ତାର ସ୍ମୃତି
ଯାହାପାଇଁ ଜୀବନ ଧୂସର
ଶୀତଳ ପିରାମିଡ ଆଜି
ସତେ ଅବା ଗନ୍ଧହୀନ
ପଳାସ ବନଟେ।

**271/3,** ଏ.ଭି. ରେସିଡେନ୍ସି,
ପୋ-କଟ୍, ଭୁବନେଶ୍ୱର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# କୌଆ ଉଡ଼୍



ଆରତୀ ସାହୁ (ଆଶା)

କଳା ମଚମଚ ମୁହଁର ବର୍ଣ୍ଣ । ମଝି ସୁନ୍ଥାଣୀ ସହିତ କଳା ମଚମଚ ଦୁଇଟା ମୋଟା ମୋଟା ଲମ୍ବା କଦଳୀ ବେଣୀ ସାମନା କାନ୍ଧରେ ଝୁଲୁଥାଏ । କଳା ରିବନର ବଡ଼ ବଡ଼ ଫୁଲ କାନ ଉପରକୁ । ତୀଖ ଧାରୁଆ ଖଣ୍ଡାପରି ନାକ । ଚକ୍କଣ ତେଲିଆ ଗାଲ । ଧଳା ସାଲ୍‌ଓ୍ୱାର, ଇସ୍କୁଲିଆ ନୀଳ ରଙ୍ଗର ଜମ୍ପର୍ । ଆମେ ସେଇ ଆକାଶୀ ନୀଳ ରଙ୍ଗଟାକୁ ଇସ୍କୁଲିଆ ରଙ୍ଗ କହୁଥିଲୁ । ଧଳା ଜର୍ଜେଟ ଓଢ଼ଣୀ ଚକ୍କଣ ହେଇ ଛାତି ଉପରେ ପଡ଼ିଥାଏ ପେଟ ପର୍ଯ୍ୟନ୍ତ। ଡେଙ୍ଗୀ ଓ ସୁଠାମ ଗଢ଼ଣର ପତଳୀ ଝିଅଟିଏ । ଦଶମ ଶ୍ରେଣୀର ପଢେ ।

ସିଏ କୁନ୍ତି ମାହାନ୍ତ । ମୋର ସର୍ବାଧିକ ପ୍ରିୟ ଛାତ୍ରୀ । ସେ ଦେଖିବାକୁ ଏତେ ସୁନ୍ଦରୀ ନା ମୋରି ଆଖିକୁ ଏତେ ସୁନ୍ଦରୀ ଦେଖା ଯାଉଥିଲା ଏଇଟା ଏକ ଗହନ ପ୍ରଶ୍ନ ।

ସୌନ୍ଦର୍ଯ୍ୟ କୁଆଡ଼େ ଆଖିରେ ଥାଏ । ଆଉ, ଗୁଣ ମଣିଷକୁ ସୁନ୍ଦର ଅସୁନ୍ଦର କରିବାର ଦାୟିତ୍ୱ ନେଇ ଥାଏ, ସବୁବେଳେ ।

ମୋର ଟେବୁଲ ସାମନା ବେଞ୍ଚରେ ସିଏ ସଦାବେଳେ ବସେ ମୋତେ ଅର୍ନିମେଷ ଦୃଷ୍ଟିରେ ଅନେଇ ରହି । ସେହି ଆଖି ଆଡୁ ମୋ ଭିତରର ସବୁ ବିଦ୍ୟା ସେ ଆତ୍ମସ୍ଥ କରେ ।

ମାହାନ୍ତ ଘରର ଝିଅ ହୋଇ ଏତେ ପ୍ରତିଭାଶାଳିନୀ ଯେ, କେବଳ ମୁଁ ନୁହେଁ ବିଦ୍ୟାଳୟରେ ସବୁ ଶିକ୍ଷକ ଶିକ୍ଷୟିତ୍ରୀ ତାଠାରୁ ବହୁତ ଅଧିକ ଆଶା କରୁଥିଲୁ । ଷ୍ଟାଫ କମନ ରୁମରେ ଅଧିକାଂଶ ତାହାରି ଚର୍ଚ୍ଚା ହେଉଥିଲା ।

ଚୁପଚାପ ଝିଅଟାଏ । ଖେଳ ଛୁଟିରେ ସ୍କୁଲ ପଛର ବଉଳ ମୂଳରେ ବସି କଣ ଗୋଟାଏ ପଢୁଥିବ ନହେଲେ ନୋଟ୍ ତିଆରି କରୁଥିବ । ନହେଲେ ଏକା ଏକା ଖେଳୁଥିବ ଗୋଟି ଆଠ ଦଶଟା ଧରି । ମୁଁ ଅନେକ ଥର କୌତୁହଳ ହେଇ ଲୁଚଛପି ତାର ଖେଳ ଦେଖେ ।

ଗୋଟି ମାନଙ୍କୁ ଉପରକୁ ଫିଙ୍ଗି ଫିଙ୍ଗି କହୁଥିବ,
କୁଆ ଉଡ୍,
ବଣୀ ଉଡ୍,
ପାରା ଉଡ୍,
କୁନ୍ତି ଉଡ୍,
ଉର୍ମିଳା ଉଡ୍,
ପ୍ରମିଳା ଉଡ୍ ।

ଉର୍ମିଳା ପ୍ରମିଳା ତାର ଯଥାକ୍ରମେ ବଡ଼ ନାନୀ ଓ ସାନ ଭଉଣୀ । ମୋତେ ତାର ପିଲାଳିଆମୀ ଦେଖି ହସ ମାଡେ । କିନ୍ତୁ ତାର ଏହି ଖେଳରେ ଯେ ଅନ୍ତର୍ନିହିତ ଏକ ସ୍ୱପ୍ନ ଥିଲା ଏକଥା କେବଳ ସିଏ ବୁଝୁଥିଲା ।

ବେଳେବେଳେ ଧରା ପଡ଼ିଗଲେ ସେ ବାଁରେଇ ପଚାରେ, - ଦିଦି, କୁକୁଡ଼ା,  ହଁସ, ମୟୁର କାହିଁକି ଉଡ଼ନ୍ତି ନାହିଁ ?

ମୁଁ ହସି ଦେଇ କୁହେ, - ତୁ ଉଡେଇବୁ ସେମାନଙ୍କୁ । ହେଲା ?

କିନ୍ତୁ.....

ତାର ଡେଣା ହଠାତ୍ କାଟି ଦିଆଗଲା । ପର ସବୁ ବଳାତ୍ ଟାଣି ଦିଆଗଲା । ସେ ସ୍କୁଲ ଆସିଲା ନାହିଁ । ମୋତେ ଚିନ୍ତା ଘାରିଲା । ଆଉ ଅଳ୍ପଦିନ ରହିଲା ଦଶମ ବୋର୍ଡ । ମାର୍ଚ୍ଚ ପନ୍ଦରରୁ ପରୀକ୍ଷା ଆରମ୍ଭ । ମୋର ଗୋଟେ ବଡ଼ ଉଚ୍ଚ ଆଶା ଥିଲା ଯେ ଦଶମ ବୋର୍ଡରେ

ସେ ଅନ୍ତତଃ ଆମର ଏହି ସବଡିଭିଜନ ଭିତରେ ସର୍ବୋଚ୍ଚ ମାର୍କ୍ସ ନେଇ ଆମ ବିଦ୍ୟାଳୟର ନାମ ରଖିବ ।

ଆଠଦିନ ଗଲା, ମାସେ ଗଲା । କୁନ୍ତି ଆସିଲା ନାହିଁ । ମୋର ମନ ଥୟ ଧରି ପାରିଲା ନାହିଁ। ମୋ ସାମନାର ରିକ୍ତ ବେଞ୍ଚ ମୋତେ ଧୈର୍ଯ୍ୟ ଧରିବାକୁ ଦେଲା ନାହିଁ । ମୁଁ ସ୍କୁଲର ଏଡମିସନ୍ ଫାଇଲ୍ ଅଣ୍ଡାଳଲି । ତାର ଠିକଣା ଟିପିଲି ।

ମାର୍ଚ୍ଚ ଆଠ ତାରିଖ । ମୁଁ ଭାଇସ ପ୍ରିନ୍ସିପାଲଙ୍କ ହାତରେ ସ୍କୁଲ୍ ତଦାରଖର ଦାୟିତ୍ୱ ଦେଇ ଆମର ପିଅନ୍ ମାର୍କଣ୍ଡ କାକାଙ୍କ ସହିତ ତାର ଗାଁକୁ ବାହାରିଲି ।

ନଈ ସେପାରି ଗାଁରେ ତାର ଘର । ଆମେ ଡଙ୍ଗାରେ ଅଣ ଓସାରିଆ ପଥୁରିଆ ନଈ ପାରକରି ତାଙ୍କ ଘରେ ପହଞ୍ଚିଲୁ ।

ଟିପିକାଲ୍ ମାହାନ୍ତ ଘର । ସିଜୁବାଡ଼ ଘେର୍ ଚକ୍କଣ ଗୋବରଲିପା ଦାଣ୍ଡ ଅଗଣା । ଅଗଣା ମଝାମଝି ଖୁବ୍ ଝଙ୍କାଳଆ ଏକ ବଉଳ ଗଛ । ନାଲି ମାଟିରେ ଲିପା ମାଟି କାନ୍ଥ । ଖପର୍ ଘୂଳରେ ବୋଇତାଳୁ, ଜହ୍ନି ଡଙ୍କର ସମ୍ଭାର । ଧଡ଼ି ଖୋଲି ପଶୁ ପଶୁ ଗୋଟାଏ ସ୍ତ୍ରୀ ପାଟି ଶୁଭୁଥିଲା,

- ହୟ ଲୋ, ହୟ, ତୁଇ ତ ମୋକେ ପୁଷବୁ ନା କ ? ନାଇଁ ଯାଇତେ ହେବ ପରିଖାକୁ। ମାହାନ୍ତ ଘରର ଝି ହେଇକରି ଯେତକ ପଢ଼ଲୁ ସେତକ । କାନ୍ଦ୍ ନାଇଁ ?? ବୋଲି ଦେଉଛେଇଁ । ତୋର ବାପକେ ଆସଲେ ନା କହିବୁ । ମୁଇଁ ନାଇଁ ପାରେଇଁ ଏତେ ଦିକ୍ ଦାର୍ ହେଇ । ମାଡ଼୍ ଖାଇ ଖାଇ ପିଠିରେ ରଢ଼ି ବସି ଗଲାନ ।

ତାପରେ ଦୁଇ ଜଣକର ମିଳତ କାନ୍ଦଣା ଶବ୍ଦ ଲହରେଇ ଲହରେଇ ମୋ କାନରେ ବାଜେ । ତା ସହିତ ଆଉ ଗୋଟାଏ କୁନ କାନ୍ଦ ଯୋଗ ଦିଏ ।

ମୁଁ ଶିକୁଳ ଖଡ଼ଖଡ଼ କରେ । ସବୁ କାହୁର୍ ମୁହଁ ଏକାବେଳକେ ମୋ ସାମନାରେ ଆସି ଠିଆ ହେଇ ଯାଆନ୍ତି । ତା ମାଆ, କୁନ୍ତି ଓ ପାଞ୍ଚ ଛଅ ବରଷର କୁନ ପ୍ରମିଳା ।

ମୋର ପରିଚୟ ଜାଣି ତରଛରରେ ବାହାରେ ଗୋଟିଏ ଦଉଡ଼ି ଖଟିଆ ପକେଇ ଦିଅନ୍ତି ।

କୁନ୍ତି ମାଆ କାନ୍ଦି କାନ୍ଦି ନଜ ଦୁଃଖ ଓ ଅକ୍ଷମତା, ଝିଅର ପାଠ ପ୍ରତି ଆଗ୍ରହ ଆଉ ସ୍ୱାମୀର ସ୍ୱେଚ୍ଛାଗ୍ବର ବିଷୟରେ ବଖାଣି ବସେ । କୁନ୍ତିର ବାହାଘର ଭଲ ଜାଗାରେ ଠିକ୍ ହୋଇଛି ଓ ତାର ବାପା ହାତଛଡା କରିବାକୁ ଗ୍ବହୁଁନ ବୋଲି କହେ ।

ସେ ଯାହାହେଉ, ଗାଁରେ ଚହଳ ପଡି ଯାଇଥିଲା ଯେ ହେଡ ମାଷ୍ଟର୍ଣୀ ଆସିଛନ୍ତି କୁନ୍ତିକୁ ଡାକବାକୁ । ଦାଣ୍ଡରେ ଲୋକେ ଆସି ଭିଡ଼ ଜମାନ୍ତି । ଲୋକମାନେ ଓ କୁନ୍ତିର ବାପା ନଶ୍ଚିତ ଭ୍ବବେ  ପ୍ରଭ୍ବବିତ ହୋଇ ପଡ଼ନ୍ତି ।

ମୁଁ କୁନ୍ତିର ଉଜ୍ଜ୍ୱଳ ଭବିଷ୍ୟତ କଥା କୁହେ । ଓ ତାକୁ ପରୀକ୍ଷା ଦେବାକୁ ଅନୁମତି ଦେବାପାଇଁ ଅନୁରୋଧ କରେ । କୁନ୍ତିର ଶାଶୁଘର ମଧ୍ୟ ସେହି ଗାଁରେ । ମୋର ସେ ଗାଁରେ ପାଦ ଦେବା ତାଙ୍କୁ ମଧ୍ୟ ପ୍ରଭ୍ବବିତ କରେ ।

ସମସ୍ତେ ମାନ ଯାଆନ୍ତି । କୁନ୍ତି ପରୀକ୍ଷା ଦିଏ । ସେ ସମ୍ପୂର୍ଣ୍ଣ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରେ । ତାର ବିବାହ ବି ହୁଏ । କନ୍ତୁ ତାର ବୀରବାଜ ପର ଆଉଥରେ କଅଁଳ ସାରିଥାଏ ।

ସେ ଉଡ଼ିଲା, ଉପରକୁ, ଆହୁରି ଉପରକୁ । ପ୍ରମିଳାକୁ ବି ଉଡ଼ିବା ଶିଖାଇଲା । ଆଉ, ସେ ଆଜି ହେଡ ମାଷ୍ଟ୍ରାଣୀ ସେହି ସ୍କୁଲରେ । ମୁଁ କେବେ ତାକୁ ଭେଟିବାକୁ ଗଲେ ଯାଏ ତାଙ୍କ ଗାଁକୁ । ସେ ବର୍ତ୍ତମାନ ବି ଗୋଟି କେତେଟା ବଦଳରେ କଛି କୁନ କୁନ ପିଲାଙ୍କୁ ନେଇ ବସିଥାଏ ତାଙ୍କରି ଅଗଣାର ଝଙ୍କା ବଉଳଗଛ ମୂଳେ ।

ମୋତେ ଧଡ଼ା ପାଖରୁ ସ୍ପଷ୍ଟ ଶୁଣାଯାଏ, କୁକୁଡ଼ା ଉଡ୍
ହଁସ ଉଡ୍
ମୟୂର ଉଡ୍
କମଳା ଉଡ୍
ତାର୍ ଉଡ୍
ରୁକ୍ମଣୀ ଉଡ୍
......................

ବସନ୍ତ ବିହାର, ନୂଆ ଦିଲ୍ଲୀ

# ସ୍ୱର୍ଗ ନର୍କ ଯମପୁରେ



ଅର୍ଜୁନ ମେହେର (ଆଶ୍ରିତ)

ଜୀବନ ଯୌବନ ଧନ ନୁହଇଟି ସ୍ଥିର
କ୍ଷଣିକ ପାଣି ଫୋଟକା ଜୀବନ ମୋହର
ପୁରୁନ କାହିଁକ କେଜାଣି ଭରସା ମୋହରି
ଆସୁଛି ଗର୍ଜନ କରି ସମୁଦ୍ର ଲହଡ଼ି ॥

ପଞ୍ଚ ଭୁତ ପଞ୍ଚାତ୍ମାରେ ହୋଇବି ବିଲୀନ
ପଞ୍ଚ ଇନ୍ଦ୍ରିୟ କରନ୍ତି ଆଗୁ ସାବଧାନ
ହାଡ଼ ମାଂସ ମେଦ ଗଢ଼ା ଶରୀର ଅଟଇ
ମରିଗଲେ ମଶାଣିରେ ଲଗାଇବେ ଜୁଇ ॥

ଅସ୍ଥି ବିସର୍ଜନ ହେବ ତ୍ରିବେଣୀ ସଂଗମେ
ପୁତ୍ର ପତ୍ନୀ ସଖା କେହି ନଜିବେଟି ଜଣେ
ବ୍ରାହ୍ମଣକୁ ଦାନ ଦେଇ ହେବେ ତିରସ୍କାର
ପଂକ୍ତି ଭୋଜନ କରିବେ ବନ୍ଧୁ ସହୋଦର ॥

ଆବର ସଂପତ୍ତି ଲୋଭେ ହେବେ ଟଣାଟଣି
ନ ମାନବେ ଭାଇ ଭାଇ ହେବେ ହଣାହଣି
କଣ୍ଢେଇ ସାଜିଣ ଥିବ ଜନ୍ମ କଲ୍ ମାତା
ନ ମାନବ ମାତା ଭ୍ରାତା ଆପଣା ଦୁହିତା ॥

ହସିବେ ପଡ଼ୋଶୀ ମାନେ ଦେଇ କରତାଳ
ଲାଗୁ ଲାଗୁ ନ ଛିଣ୍ଡୁ ଆହୁରି ଲାଗୁ କଳ
ଗ୍ରାମ ସଭାର ନଷ୍ପତି ହେବ ପାଣି ଗାର
ପୋଲିସ ସାଲିସି କଥା ପଡ଼ିବ ଦାଣ୍ଡର ॥

ରାମ ନାମ ଭଜ ମନ କୃଷ୍ଣ ନାମ ଭଜ
ମରଣ ଆଗରୁ ପ୍ରଭୁ ନାମକୁ ଯେ ହେଜ
ଜଗତ କରତା ନାଥ ଜଗତ ଚନ୍ତାମଣି
ରତ୍ନ ସିଂହାସନେ ବିଜେ ଭାଇ ଓ ଭଉଣୀ ॥

ହରିନେବେ ଦୁଃଖ ହରି ଆର୍ତ୍ତେ ପଡ଼ିଥିଲେ
ଫେଡ଼ନ୍ତି କଷଣ ପ୍ରଭୁ ନାମକୁ ଚନ୍ତିଲେ
ଯୁଗେ ଯୁଗେ ଉଭାଛନ୍ତି କମଳାର ସ୍ୱାଇଁ
କଳି ଯୁଗେ ମହାମନ୍ତ୍ର ଯାଇଛନ୍ତି ଦେଇ ॥

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ
ହରେ ରାମ ହରେ ରାମ ରାମ ରାମ ହରେ
ହରିବୋଲ ହୁଳହୁଳ ଯେତେ ଦୂରଯାଏ
ଗଉ ହତ୍ୟା ବ୍ରହ୍ମହତ୍ୟା ଛାଡ଼ିଣ ପଳାଏ ॥

ସ୍ୱର୍ଗ ନର୍କ ଯମପୁରେ ବାଟଅଛି ଦୁଇ
ଯେବଣ କର୍ମ କରନ୍ତେ ସେ ସ୍ଥାନ ମିଳଇ ॥

ବୁର୍ଲା

# ନୟନାଭିରାମ



ଡ. ଅର୍ଜୁନ ଚରଣ ବାରିକ୍

ନୟନାଭିରାମ ପୁରୁଷଉତ୍ତମ ଶ୍ରୀକୃଷ୍ଣ ଦଧିବାମନ ।
ନଟନାଗର ଶ୍ରୀଧର ବଂଶୀଧର ଭାବରେ ପାଗଳା ମନ ।୧ ।
ନବ ଜଳଧର ରୂପ ଦାମୋଦର ଜମ୍ବୁକଟକ ରାଜନ ।
ନମନ କର ହରି ରଙ୍ଗାଚରଣ ନିପତ ହେବ ଦହନ ।୨ ।
ନକରିଣ ହେଳା ଭଜ ଚକାଡୋଳା କେଶବ କଞ୍ଜ ଚରଣ ।
ନର୍ତ୍ତନ କରଇ ଦୃଷ୍ଟି ଅଗ୍ର ରହି ସାଧବେ କର ଦର୍ଶନ ।୩ ।
ନବନୀତ ଗ୍ଡ଼ର ନନ୍ଦର କୁମର ନଟବର ଜନାର୍ଦ୍ଦନ ।
ନନ୍ଦ ନନ୍ଦନ ଶ୍ରୀହରି ସ୍ମର ମନ ଭବତାପ ମଧୁସୂଦନ ।
ନଭ ଜଳସ୍ଥଳ ଅନଳ ଅନୀଳ ଯାହାର ନିବାସ ସ୍ଥାନ । ୫ ।
ନରହରି ରୂପ କୋଟୀ ବିଶ୍ୱ ଭୂପ ଭବଭୟ ନିବାରଣ ।
ନବଘନ ଦେଶ ହରି ଜଗଦୀଶ କହକ୍ଷେ କର ମନନ ।୬ ।
ନବଗୁଜର ଶ୍ରୀଧର ରମାବର ଭଗ୍ନୀପତି ଯା ଅର୍ଜୁନ ।
ନମୋ ନାରାୟଣ ପତିତ ତାରଣ କୃଷ୍ଣ କେଶବ ବାମନ ।୭ ।
ନବୀଳ ଘନ ସୁନ୍ଦର ରାଧାବର କେଶୁପାଣି ଶ୍ୟାମଘନ ।
ନକରି ବିଳମ୍ବ ହଜ ପଦ୍ମନାଭ କ୍ଷୀର ସାଗର ଶୟନ ।୮ ।
ନୀପ ମୂଳଆ ସେ କଜ୍ଜ୍ୱଳ କାଳଆ କାଳୀୟ ଦର୍ପ ଦଳନ ।
ନୃହରି କଳାବାମନ ନନ୍ଦନାନ ହରଣକରେ ବୃଜୀନ ।୯ ।
ନମସ୍ତୁତେ ହରି ମୁକୁନ୍ଦ ମୁରାରୀ ଶ୍ରୀକୃଷ୍ଣ ରାଧା ମୋହନ ।
ନବନବ ବେଶ ହରି ଜଗଦୀଶ ନୀଳମଣି ଭଗବନ ।୧୦ ।
ନଟରାଟ ନନ୍ଦଗୃଟ ବଂଶୀବଟ ନିକଟ ଯାର ଭବନ ।
ନଖକୋଣୁ ଶ୍ରୀପଦୁଁ ଗଙ୍ଗାବାହାରି ଜଗତକରେ ପାଳନ ୧୧ ।

ନତୀ ନୂତନ ଶ୍ୟାମ ମୋହନ କୃଷ୍ଣ ବିଷ୍ଣୁ ପତିତପାବନ ।
ନାମ ବ୍ରହ୍ମତାର ବଡ ସୁମଧୁର ସୁଧିଜନେ କର ପାନ ।୧୨ ।
ନାଶକର ଦଣ୍ଡ ଖଣ୍ଡନ ନମନ୍ତେ ବିଜେ ରନ୍ତ ସିଂହାସନ ।
ନମାମି ଗୋବିନ୍ଦ ପରମଆନନ୍ଦ ଗୋପଗ୍ବନ୍ଦ ଗ୍ଧାପ୍ରାଣ ।୧୩ ।
ନୀମଦାରୁରେ ଯା ଶରୀର ନର୍ମାଣ କେଶବ କଳା ବାମନ ।
ନର୍‌କାର ହରି ଦେବ ମଧୁହାରୀ ଶ୍ରୀକୃଷ୍ଣ ନନ୍ଦନନ୍ଦନ ।୧୪ ।
ନବାରଣ କରେ ଭବପାପ ମାନ ଦେଇ ତାର ଦରଶନ ।
ନାଗ୍ୟଣ ହରି ମାଧବ ମୁକୁନ୍ଦ ନାମ ଜପନ୍ତ ଇଶାନ ।୧୫ ।
ନବର ଯାର ଅଟେ କମ୍ବୁ କଟକ ଆୟୁଧ ଯା ସୁଦର୍ଶନ ।
ନରିମାଣ ଯାର ହେଦ ଭୁବନ ଭଶେ ଶିଶୁ ଅରଜୁନ ।୧୬ ।

ଅଧ୍ୟାପକ, ଇଂଗ୍ଜୀ ଭ୍ଷା ସାହିତ୍ୟ,
ସା:ପୋ-ମହୁ, ଜି-କେନ୍ଦ୍ରାପଡା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁଗ୍ରୋଧ
ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# କର୍ମ ହିଁ ଭଗବାନ



ଅଲେଖ ମେହେର

ଗ୍ରୀଷ୍ମ ବର୍ଷା ହିମ ଅଜଗର ସମ ଶ୍ରମିକ ସହଇ କଷଣ,
ଭାଲେ ମାରି ସ୍ୱେଦ ମନୁ ତେଜି ଖେଦ ଯୋଗାଏ କୁଟୁମ୍ବେ ପୋଷଣ ।
ଶକତି, ଖଟାଇ ଆପଣା କାୟାର,
ଆତ୍ମଜ ଜାୟାର ମୁଖେ ଦେଖି ହାସ ହୃଦେ ଭରେ ସ୍ୱପ୍ନ ଅମ୍ବାର ।
ଉଚ୍ଚ ନୀଚ ଭେଦଭାବର ବିଗ୍ରହ କର୍ମ ବିଧାନରେ ନଉନ,
ତୁନ୍ଦ ପାଳନରେ ନୁହଇ ବାଧକ ସେ ଯେ ସାକ୍ଷାତ ଭଗବାନ ।
ନହିତ, ଜୀବର ତହିଁରେ ପରାଣ,
କର୍ମ ଭୀରୁ ଲଭେ ଭବ ଶୟଳରେ ଆଜୀବନ ଦୁଃଖ ଦାରୁଣ ।
କଷ୍ଟ ଆରପାରେ କୃଷ୍ଣ  ସଙ୍ଗତରେ ହାଦେ ଯିବ ହୋଇ ସାକ୍ଷାତ,
ସୁ-କରମ ବଳେ ଭାଗ୍ୟ ଦୀପ ଜଳେ ବଇକୁଣ୍ଠ ହୁଏ ପ୍ରାପତ ।
ଧରମ, ସହିତରେ ଉଚ୍ଚ ଆସନ,
ଲଭେ କର୍ମବୀର ସୁଧା ମକରନ୍ଦ ସର୍ବଜନେ ପାଇ ସମ୍ମାନ ।
ହସ୍ତର ଅଳସେ ନଶ ବଙ୍କା ହୋଇ ଯେସନେ କୁରୂପ ଲପନ,
କୂପ କ ଆସିବ ତୃଷାର୍ତ୍ତ ସମିପେ ନକରି ତିଳେହେଁ ଅଟନ ।
ବର୍ଜିତ, ସର୍ବଦା ଅଳସ ସ୍ୱଭାବ,
କର୍ମର ଆୟତ୍ତ ଏସାରା ଜଗତ ମଧୁମୟ ଅମୀୟ ଭାବ ।

ଭାଲେ – କପାଳରେ, ସ୍ୱେଦ – ଝାଳ, ଖେଦ-ଦୁଃଖ, ଅମ୍ବାର-ଭଣ୍ଡାର, ତୁନ୍ଦ-ପେଟେ,
ହାଦେ-ନିଶ୍ଚୟ, ସୁଧା-ଅମୃତ, ମକରନ୍ଦ-ପୁଷ୍ପମଧୁ, ପଲନ-ମୁଖଶ୍ରୀ, ଅଟନ-ଗମନ ।

ସୋହେଲା, ବରଗଡ

# ଜୀବନ୍ତ ଶବ

ସତ୍ୟନାରାୟଣ ମିଶ୍ର

ସେକ୍ସ ରେକେଟ୍ କାରବାର ଚଳେଇଛି ବୋଲି କେଉଁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଦିନ ସହର ଉପକଣ୍ଠ ତ୍ରିବେଣୀ ଲଜ୍ କୁ ଆସିଛନ୍ତି ଏସ ପି ଶ୍ରୀକାନ୍ତ ବାବୁ । ରାଣୀ ମହୁମାଛି ସହିତ ଦେହଜୀବୀ ଏବଂ ଗ୍ରାହକ ଙ୍କୁ ଆରେଷ୍ଟ କରିବା ଲକ୍ଷ୍ୟରେ ଦଳ ବଳ ସହିତ ସେଇଠି ହାଜର୍ । ପୋଲିସ ଆସିଛି ଜାଣି ଭିତରସ୍ତ ଭାବେ ପଳାଇବାକୁ ଚେଷ୍ଟିତ ତିନ ତରୁଣୀ ଏବଂ ସେମାନଙ୍କ କାମାତୁର ଗ୍ରାହକ । ହେଲେ, ଖସି ପାରିଲେନ ପୋଲିସ ହାତରୁ । ମୁହଁ ଢାଙ୍କି ଥିବା ତିନ ତରୁଣୀ ଙ୍କୁ ମହିଳା କନେଷ୍ଟବଲ୍ ଜୋର ଜବରଦସ୍ତ ଟାଣି ନେବା ବେଳେ ଦୈବତ୍ ଜଣକ ମୁହଁ ରୁ ଖସି ପଡ଼ିଲା ଓଢଣୀ, ଆଉ  ତା ଉପରେ ଦୃଷ୍ଟି ପଡିଲା ଏସ ପି ଶ୍ରୀକାନ୍ତ ବାବୁଙ୍କ ର ।

"ଆରେ ! ଏ ' ତ  ମୌସୁମୀ !  ସ୍ୱତଃ କହି ଉଠିଲେ ମୌସୁମୀ, ତମେ ?

ତରୁଣୀ ପୁନର୍ବାର ମୁହଁ କୁ ଲୁଗାଇ କହିଲା "ନାଇଁ ବାବୁ, ମୁଁ ମୌସୁମୀ ନୁହଁ, ଆପଣ ଭୁଲ୍ ଦେଖୁଛନ୍ତି, କେଉଁ ମୌସୁମୀ ର ଚେହେରା ମୋ ଚେହେରା ସାଙ୍ଗରେ ମେଳ ଅଛି ବୋଧେ ।

ସମସ୍ତଙ୍କୁ ଗାଡିଯିବାକୁ ଇସାରା ଦେଇ ତରୁଣୀ ଟି କୁ ଅଟକାଇ ରଖିଲେ ଶ୍ରୀକାନ୍ତ । ତାକୁ କହିଲେ  "ନା, ତମେ ହି ମୌସୁମୀ, ସେଇ ଚେହେରା, ସେଇ ଭଙ୍ଗୀ, ସେଇ କଣ୍ଠ ସ୍ୱର !! ମୌସୁମୀ ତମେ । ତମେହିଁ ମୋ ପ୍ରଥମ ପ୍ରେମ । ଆଦ୍ୟ ଯୌବନ ର ଜୀବନ ସାଥି ଗାର୍ଲଫ୍ରେଣ୍ଡ ମୌସୁମୀ "..

ତରୁଣୀ ସତତ ଚେଷ୍ଟା କରୁଥାଏ ଶ୍ରୀକାନ୍ତ ବାବୁଙ୍କୁ ଭଣ୍ଡେଇ ଗାଡିଯିବ, ହେଲେ ହାର୍ ମାନଗଲା ତାଙ୍କ ସେଇ ଆନ୍ଦୋଳତ ଅନୁସନ୍ଧିତ୍ସୁ କଥା  ଓ ଆବେଗ ପାଖରେ । କାରୁଣ୍ୟ

ଭାବ ଦେଖି ସତ କହିବାକୁ ବାଧ ହେଇଗଲା ସେ । କାନ୍ଦି କାନ୍ଦି ଭାବୁଛି କହିଦେବ "ହଁ ମୌସୁମୀ । ହେଲେ, ସାହସ ପାଉନ । ଏ ଅବସ୍ଥା ରେ କେମିତି ଆଖିରେ ଆଖି ମିଶେଇ କହିବ ମୁଁ ତମ ପ୍ରଥମ ପ୍ରେମ ବୋଲି **??** କପରି କଥା ହେବ ବୋଲି  ଶର୍ମିନ୍ଦା ହେଇ ଯାଉଥାଏ ବିଚାରି । ଦେହ ରୁ ବହି ଚାଲିଛି ଗମ୍ ଗମ୍ ଝାଳ ।

ହାତ ଧରି ଶ୍ରୀକାନ୍ତ ପଚାରିଲେ "ମୌସୁମୀ **!** ତମେ ଏତେ ଦିନ ହେଲା ହଠାତ କୁଆଡେ ଗାଏବ୍ ହେଇଥିଲ **?** ଆଜି ତମକୁ ଦେଖିଲି ଏମିତି ଏକ ଦୁରବସ୍ଥା ରେ । କଣ ପାଇଁ ତମେ ଏମିତି ପରିସ୍ଥିତି**?** ଅନ୍ତତଃ, ମୋତେ ଟିକେ ଯୋଗାଯୋଗ କରିବାକୁ ବି ଚେଷ୍ଟା କଲନ"**??**

ବିକଳ କଣ୍ଠ ରେ ମୌସୁମୀ କହିଲା "କେମିତି ଆଉ ତମ ସହିତ ଯୋଗାଯୋଗ ରଖିଥାନ୍ତି ଶ୍ରୀକାନ୍ତ **!** ମୁଁ ତ ଗୋଟେ ଶବ । ଜୀଅନ୍ତା ଶବ । ବାସିଫୁଲ ହେଇ କେମିତି ତମ ଭଳ ଦେବତା ଙ୍କ ପୂଜାରେ ଲାଗି ଥାଆନ୍ତି **?**

"ବାସିଫୁଲ  ଜୀଅନ୍ତା ଶବ **!** ଏସବୁ କଣ କହିଯାଉଛ ତମେ  **?**  ଏମିତି କହିବା ତାତ୍ପର୍ଯ୍ୟ କଣ **?**

ସେ ଦିନ ମନ୍ଦିର ବେଢାରେ ଜାଗର ଜାଳବାକୁ ଯାଇ ମହାଦୀପ ଉଠିବା ଆଗରୁ ଭାବିଲି କଳସିଏ ପାଣି ନେଇ ଆସେ । ଝାପ୍ସା ଅନ୍ଧାରୁଆ ଜାଗା ନଳକୂଅ ପାଖରେ ପହଞ୍ଚିବା ମାତ୍ରେ ହଠାତ ଅନୁଭବ କଲି  ରାସାୟନକ ଗନ୍ଧ । ଦୁଇ ତି ବଳଷ୍ଟ ହାତ ମୋ ମୁହଁ କୁ ଚାପି ଧରିଲା । ଅଚେତ କରି ଟେକ ନେଲେ ସେମାନେ । ଚେତା ଫେରିବା ପରେ ଆବିଷ୍କାର କଲି ନଜକୁ ଏକ ଲଜ୍ କୋଠରୀ ଭିତରେ ଆଉ,  ତା ସହିତ ହରାଇ ସାରିଥିଲି ନାରୀ ଜୀବନ ର ସର୍ବ ଶ୍ରେଷ୍ଠ ସମ୍ପଦ  କୁମାରୀତ୍ୱ କୁ । କଛି ସମୟ ପରେ ଦେଖିଲି  ଲଜ୍ ମାଲିକ ଆସି ମୋ ହାତ କୁ ବଢେଇ ଦେଲା ପୁଳାଏ ଶହେ ଟଙ୍କି  ନୋଟ୍ । କହିଲା "ଏମିତି ଧଂଧା କରି କରି ତୁ ରାଣୀ ବନିଯିବୁ ଏସହରରୁ ଆଉ ଗୋଟେ ସହର ବଦଳ ବଦଳ ଜମେଇ ଜେବୁ ଟଙ୍କାର ପାହାଡ଼ । ଗ୍ରାହକ ମାନଙ୍କୁ ଶାନ୍ତି ଦେଇ ମାଲାମାଲ୍ ହେଇଯିବୁ ସୁନା ଆଉ ହୀରା ଗହଣା ରେ"  । ତା ବିକଟାଳ ହସ ଆଉ କୁସସ୍ମିତ କଥା ଦେଖି ଇଛା ହଉଥିଲା ତା ମୁହଁ କୁ ଛେପ ଫିଙ୍ଗିବାକୁ । ସିଦ୍ଧାନ୍ତ ନେଇ ଥିଲି ବିଷ ପିଇ ଆତ୍ମହତ୍ୟା କରି ଦେବାକୁ । କନ୍ତୁ

ପରେ ଭାବିଲି ମୁଁ ତ ମରି ସାରିଛି । ଜୀବନ୍ତ ଶବ ଟିଏ ପାଲଟି ସରିଛି ମୁଁ । ଆଉ ମରିବି କଣ । ଯଦି ଏଇ ଶବ ମାଧ୍ୟମ ରେ କାହାର ଯୌନ କ୍ଷୁଧା ଦୁରୀଭୂତ ହେଇ ପାରୁଛି ତାହେଲେ ତାହା କ୍ଷୁଧାର୍ତ୍ତକୁ ଅନ୍ନ ଦାନ ଭଳ ପୁଣ୍ୟ ହେବ । ଧର୍ମ ହେବ ମୋର ।

ସେଇ ଦିନ ଠୁ ମୁଁ ମୋ ଏଇ ଶବ ଶରୀର ମାଧ୍ୟମରେ ଯୌନ କାଙ୍ଗାଳ ମାନଙ୍କୁ ଆତ୍ମ ଶାନ୍ତି ପ୍ରଦାନ କରି ଗ୍ଳଲିଛି ସାମାନ୍ୟ ଅର୍ଥ ବିନିମୟରେ ।

ତମେ କହ ଶ୍ରୀକାନ୍ତ ! ଏମିତି ପରିସ୍ଥିତି ରେ ଆଉ କଉ ମୁହଁ ନେଇ ତମ ସହିତ ଯୋଗାଯୋଗ ରଖିଥାନ୍ତି " ?

ଶ୍ରୀକାନ୍ତ ନୀରବ । ମନେ ମନେ ଚିନ୍ତା କଲେ ଲଜ୍ ମାଲିକ କୁ କଠୋର ଦଣ୍ଡ ବିଧାନ କରିବେ । ମୌସୁମୀ କୁ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ କରିବେ ଏଇଠୁ ଉଦ୍ଧାର କଲାପରେ । ଗୋଟିଏ ପୁତ୍ର ସନ୍ତାନର ଜନକ ତାକୁ ଘରକୁ ତ ନେଇ ପାରିବେ ନ । ବରଂ ଥଇଥାନ ର ବ୍ୟବସ୍ଥା କରିଦେବେ ମୌସୁମୀ କୁ ।

ସିଂଧେକେଲା, ବଲାଙ୍ଗୀର

# ଅମୀମାଂସିତ



ସାବିତ୍ରୀ ମହାପାତ୍ର

ଅଲିଅଳ ତୁମ କୁଆଁରୀ ମନକୁ
ଫାଶ  ପକାଇ ଦିନେ ବାନ୍ଧି ଆଣିଥିଲି
ମୋର ନିକଟକୁ, ଅତି ନିକଟକୁ ।
ସିନ୍ଦୂରର  ଟିକାରେ ତୁମକୁ ସଜାଇ ଦେଇ
ଶ୍ରୀମନ୍ତିନୀ  କରିଥିଲି, ଆଉ
ବଧୂ ରୂପରେ  ସ୍ୱୀକୃତି  ଦେଇଥିଲି ।

ଭାବି ନେଇଥିଲି ସେଦିନ
ତୁମେ ମୋର ହୋଇଯିବ
ଏକାନ୍ତ ନିଜର,
ହୃଦୟର କେଉଁ  ଏକା ନିବୃତ କୋଣରେ
ବାଜିଉଠେ  ତୁମ ନୂପୁରର
ରୁମଝୁମ ଶବ୍ଦ ।
ମନ ମୁକୁରରେ ତୁମ ଛବି  ଦେଖି
ହୁଏ ମୁଁ ଆତ୍ମ  ବିଭୋର
ଆଉ ହୋଇଯାଏ ଆନନ୍ଦିତ  ।

ତୁମକୁ ପୁଣି କରିଥିଲି
ମାତୃତ୍ୱର  ସଂମ୍ମାନରେ  ସଂମ୍ମାନିତ,
ପାଇଥିଲ  ତୁମେ ସ୍ତ୍ରୀ  ଜନ୍ମର  ସାର୍ଥକତା ।

ସେହି ଆବେଗଭରା ବାହୁଡୋର ରେ
ତୁମକୁ ତୋଳ ଧରିବାକୁ
ମନ ବ୍ୟାକୁଳତ ହୋଇଉଠେ ।

ତୁମେ ବୁଝି ବି ଅବୁଝାହେଲ,
ଜାଣି ବି ଅଜଣା ସାଜିଲ
ଜାଣିବାକୁ ମୋର ମନର ବେଦନା ।
ତୁମର ସେ ଶିଥିଳ ମନକୁ
ମୋର ମନ ଫଗୁଆ ରେ
ବାନ୍ଧିରଖିବାକୁ ଭରି ଇଛା ହୁଏ ।

ମାତ୍ର ଗୋଳା ବାରୁଦ ରେ ଭରା
ତୁମ ସଂଦେହୀ ମନଟା ଆଜି
ହୁଏ ବିସ୍ଫୋରିତ ।
ତେଣୁ ଭାବିନେଲି ଆଜି
ଆମ ସଂଯୋଗ ଟା
ଏକା ଅମୀମାଂସିତ ।
ତଥାପି ଗ୍ରହିଁବି ମୁଁ, ତୁମର ଚଲାପଥ
ହେଉ କୁସୁମିତ ଆଉ
ତୁମ ସ୍ୱପ୍ନ ହେଉ ସଫଳତ ।

# ମୁଁ ରାଜା ତୁ ରାଣୀ



ଅମୂଲ୍ୟ କୁମାର ପଣ୍ଡା

ଲେଖିବାକୁ ଚାହିଁ ଲେଖିପାରେ ନାହିଁ
ପ୍ରେମ କାହାଣୀକୁ ତୋର
ଯୋଉ କାହାଣୀରେ ମୁଁ ରାଜାଥିଲି
ତୁ ରାଣୀ ଥିଲୁ ମୋର ।

ହୃଦୟ କଥାକୁ କାଗଜେ ଉତାରି
କ ଲାଭ ପାଇବି କୁହ
ମନ ଦେଇଥିଲି ତୋତେ ପ୍ରିୟା ମୁହିଁ
ଏବେ ଝରେ ଆଖି ଲୁହ ।

ମୋତେ ସିନା ତୁହି ଭୁଲି ଚାଲି ଗଲୁ
ମୁଁ କିନ୍ତୁ ଭୁଲିନି ମୋଟେ
ଆମ ପ୍ରେମ ଗାଥା ଯୁଗକୁ ରହିବ
ଇତିହାସ ହୋଇ ଗୋଟେ ।

ଅରଙ୍ଗାବାଦ, ବରୀ, ଯାଜପୁର

# ଇଏ କପରିକା ମଣିଷ ପଣିଆ

ଶୁଭଲକ୍ଷ୍ମୀ ସାହୁ

ଅନ୍ଧ ଅନ୍ଧ ଏଠି ସବୁ ଅନ୍ଧ
ଆଲୁଅ ଥାଇ ମଧ ସବୁ ଅନ୍ଧାର
ଜାଣୁଛ, ଶୁଣୁଛ, ଦେଖୁଛ, ବୁଝୁଛ
ହେଲ୍ କଲ୍ ବେଳକୁ ପଶୁ ପରି ବ୍ୟବହାର କରୁଛ ।୧।

ସେ ଏକାଧାରରେ ଭଉଣୀ, ଝିଅ, ପତ୍ନୀ, ମା
ତାକୁ ତମେ ମାରି ଦଉଚ
ନର୍କରେ ବି ସ୍ଥାନ ମିଳବ କ ନାହିଁ
ଥରେ କେବେ ଭ୍ବିଚ ।୨।

ଲକ୍ଷୀ ଆସୁ ଆସୁ ତଡି ଦଉଚ
ପଛରେ ଡାକୁଚ ଆସ ମା
କେମିତି ସେ ଆସିବ ତମ ପାଖକୁ
ହୋଇବ ତୁମକୁ ସାହା ।୩।

ଏତେ ତଳକୁ ଖସି ଯାଉଛ
ତୁଳନା ନାହିଁ ଯାହାର
ନଜ ଖୁସି ପାଇଁ କରୁଛ
ଆଉ କାହା ଜୀବନ ଛାରଖାର ।୪।

ଦେଲ୍ କଏ ଅଧିକାର ତୁମକୁ
ଏହା କରିବା ପାଇଁ

ସ୍ୱୟଂ ଭଗବାନ ତ ସମ୍ମାନ ଦେଉଛନ୍ତି
ତାହେଲେ ତୁମେ କେଉଁଠୁ ଆସଇ ।୫ ।

ଯାହାରି ପାଇଁ ଏହି ଧରିତ୍ରୀ ଅଛି
ଅଛ ଜୀବନ୍ତ ତୁମେ ମାନେ
ଏପରି ଦୁଷ୍କର୍ମ କରିବା ପୂର୍ବରୁ
ଥରୁଟିଏ ଭାବୁନ ମନେ ।୬ ।

ନଜେ ଜଳ ଯିଏ ତୁମକୁ ଆଲୁଅ ଦେଖାଏ
କରେ ତୁମକୁ ବିପଦୁ ପାରି
ତାହାରି ପାଇଁ ଆଜି ତମେ ଶତ୍ରୁ ସାଜୁଛ
ତାହାଲେ ତମେ ତାର ସନ୍ତାନ ହେଲ କପରି ।୭ ।

ସବୁ ସହି ଯାଏ ନାରୀ
ସବୁ କରିପାରେ ନାରୀ
ରହିଛି ଆଜି ସିଏ ସିନା ଶାନ୍ତ
ଦିନେ ନା ଦିନେ ସେ ଧରିବ ରୁଦ୍ର ରୂପ ।୮ ।

ସାଜିବ ସେଦିନ ସେ ଅଗ୍ନି
ଛାରଖାର କରିବ ଜାଳପୋଡି
ସବୁ ସେ କରିବ ଧ୍ୱଂସ
କେହି ରହିବେ ନାହିଁ
ସବୁ ହେବେ ନାଶ ।୯ ।

ନେତୁଆ, କେନ୍ଦ୍ରାପଡା

# ଜଙ୍ଗଲ ସୁନ୍ଦରୀ
# ମହୁଲ ଫୁଲ



ରୀତା ଅପରାଜିତା ମହାନ୍ତି

ଋତୁରାଜ ବସନ୍ତ ଆସିଛି
ମଳୟର ମନ୍ଦ ମନ୍ଦ ସମୀରଣ ରେ
ଧରିଣୀ ରାଣୀ ହସୁଛି
ଆମ ଘଞ୍ଚ ଜଙ୍ଗଲ ଉଆଡ଼ରୁ
ଧୀରେ ଧୀରେ ବାସ ଚହଟୁଛି
ସୁନ୍ଦରୀ ମହୁଲ ଫୁଲ
ତା ଶୁଭ୍ର ଶୁଭ୍ର ଧଳା ତନୁ ନେଇ
ସଭିଙ୍କ ମନ ଚୋରୀ କରେ
ହେଲେ ଏଇ ଧରାରେ କ୍ଷଣିକ ତା ଆୟୁଷ
ମଥାରେ ଖୋସି ଖୋସି
ମେଞ୍ଚେ କୋରେଇ ଫୁଲ
କୁନ୍ତୀ ଯାଉଛି ପାଛିଆ ଧରି
ଗୋଟାଇ ମହୁଲ ଫୁଲ
ଏହି ମହୁଲ ଫୁଲ ଜୀବନ ଜୀବିକା
ଜଙ୍ଗଲ ସୁନ୍ଦରୀ ମହୁଲ ଫୁଲ
ତା ମହକ ମାଦକତା ରେ
ସବୁବେଳେ ବାନ୍ଧିରଖିଥାଏ ପଥଚାରୀ ପଥିକକୁ
କୁନ୍ତୀ ମନ ଆଜି ବଡ଼ ଖୁସି ତା ବୋଉ କରୁଛି
ମହୁଲ ଫୁଲ ର ପିଠା
ଜଙ୍ଗଲ ସୁନ୍ଦରୀ ମହୁଲ ଫୁଲ ମତେ
ସବୁବେଳେ ମୋହିତ କରେ ପାଖକୁ ଡାକେ
ହେଲେ ମୁଁ ସେମିତି ରହିଯାଏ
ମୋ ଚରା ଚରିତ କଂକ୍ରିଟ ର ଜଙ୍ଗଲରେ।

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ ଭୁବନେଶ୍ୱର -୨୧

# ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର

## (୧୮୯୧-୧୯୫୬-୬୫ ବର୍ଷ)



ବରଦା ପ୍ରସନ୍ନ ଦାସ

(୧୩୦ତମ ଜନ୍ମ ଦିବସ ଦେଶରେ ପାଳନ ହେଉଛି)

- ସେ ଦଳତ ବର୍ଗ ର ଯଥାର୍ଥ ପ୍ରତିନଧିତ୍ୱ କରିଥିଲେ।
- ଡକ୍ଟର ଆମ୍ବେଦକର ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଆମ୍ବାଦାବେ ଗ୍ରାମରେ ୧୮୯୧ ମସିହାରେ ଅପ୍ରିଲ ୧୪ ତାରିଖରେ ଏକ ଦରିଦ୍ର ମାହାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ।
- ସେ ଥିଲେ ପିତମାତାଙ୍କର ଚତୁର୍ଦ୍ଦଶ ଓ ସର୍ବ କନଷ୍ଠ ସନ୍ତାନ।
- ତାଙ୍କୁ ୫ ବର୍ଷ ବୟସ ସମୟରେ ତାଙ୍କ ମାତାଙ୍କ ଦେହାନ୍ତ ହୋଇଥିଲା। ତେଣୁ ତାଙ୍କ ଲାଳନ ପାଳନ ଭାର ତାଙ୍କ ପିୟୂଷୀ ମୀରାବାଈଙ୍କ ଉପରେ ପଡିଥିଲା।
- ସେ ଥିଲେ ଜଣେ ମେଧାବୀ ଛାତ୍ର।
- ସେତେବେଳେ ସମାଜରେ ଉଚ୍ଚନୀଚ ଭେଦଭାବ ତଥା ଅସ୍ପୃଶ୍ୟତା ଉତ୍କଟ ରୂପ ଧାରଣ କରିଥିଲା। ଲୋକେ ହରିଜନ ଆଦିବାସୀଙ୍କୁ ସ୍ପର୍ଶ କରୁନଥିଲେ।
- କୂଅ ପୋଖରୀରୁ ସେମାନଙ୍କୁ ପାଣି ମିଳୁନଥିଲା।
- ଜ୍ଞାନ ସଂଗ୍ରହ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଥିଲା। ଦୁଃଖ, ଆର୍ଥିକ ଅନାଟନ ଓ ସାମାଜିକ ଲାଞ୍ଛନା ଆଦି ବିଭିନ୍ନ ଅସୁବିଧା ସତ୍ତ୍ୱେ ତଙ୍କ ପାଠ ପଢାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇନଥିଲା।

- ବରୋଦା ମହାରାଜା ସାୟାଜୀରାଓ ଗାଏକଓ୍ୱାର୍ଡ ଙ୍କ ସାହାଯ୍ୟ ସହାନୁଭୂତି ତାଙ୍କ ପ୍ରତି ଏକ ଆଶୀର୍ବାଦ ସ୍ୱରୂପ ଥିଲା । ତାଙ୍କ ସାହାଯ୍ୟ ଯୋଗୁ ସେ ବିଲାତରେ ଉଚ୍ଚଶିକ୍ଷା ଲାଭ କରିଥିଲେ ।

- ତାଙ୍କର ପୂଜ୍ୟ ବ୍ରାହ୍ମଣ ଶିକ୍ଷକ କ୍ରିଷ୍ଣାଜୀ କେଶବ ଆମ୍ବେଦକର ସ୍କୁଲ ରେଜିଷ୍ଟରରେ ତାଙ୍କ ପୈତୃକ ସଞ୍ଜ୍ଞା କାଟି ନିଜ ସଂଜ୍ଞା ଆମ୍ବେଦକର ଯୋଡି ଦେଇଥିଲେ । ସେହି ଦିନଠାରୁ ଭୀମ ରାଓ ରାମଜୀ ଆମ୍ବେଦକର ଭାବେ ପରିଚତ ହେଲେ ।

- ସାମାଜର ଉପେକ୍ଷିତ ଶ୍ରେଣୀର ଲୋକଙ୍କୁ ନ୍ୟାୟ ଦେବା ପାଇଁ ମୂଳ ନାୟକ, ଜନତା, ବହିଷ୍କୃତ ଭାରତ ପ୍ରଭୃତି ପତ୍ର ପତ୍ରିକା ପ୍ରକାଶ କରିଥିଲେ ।

- ଭାରତର ସେ ଏକମାତ୍ର ବ୍ୟକ୍ତି ଯେ କି ୩୨ ଟି ବିଷୟରେ ସମ୍ମାନସୂଚକ "ଡକ୍ଟରେଟ୍" ଡିଗ୍ରୀ ପାଇଥିଲେ ।

- ଅସ୍ପୃଶ୍ୟ ମାହାର ଜାତିର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସେ ଥିଲେ ପ୍ରଥମ ମାଟ୍ରିକୁଲେଟ ଓ ଭାରତର ପ୍ରଥମ ବାରିଷ୍ଟର ।

- ଭାରତ ସ୍ୱାଧୀନ ହେବାପରେ ସମ୍ବିଧାନ ପ୍ରସ୍ତୁତି ପାଇଁ ସମ୍ବିଧାନ ପ୍ରସ୍ତୁତି ପାଇଁ ଆମ୍ବେଦକରଙ୍କୁ ଡ୍ରାଫଟିଂ କମିଟିର ଅଧ୍ୟକ୍ଷ ଭାବେ ୧୯୪୭ ଅଗଷ୍ଟ ୨୯ ରେ ମନୋନୀତ କରାଯାଇଥିଲା । ପରେ ସେ ଏକୁଟିଆ ଭାରତ ସମ୍ବିଧାନ ପ୍ରସ୍ତୁତ କରିଥିଲେ । ଏଥିପାଇଁ ୨ ବର୍ଷ ୧୧ ମାସ ୧୭ ଦିନ ସମୟ ଲାଗିଥିଲା ।

- ତାହା ପୃଥିବୀର ସର୍ବଶ୍ରେଷ୍ଠ ସମ୍ବିଧାନ ଭାବେ ଗଣନା କରାଯାଉଛି ।

- ଆମେରିକା, ଇଂଲଣ୍ଡ ଓ ଜର୍ମାନ ଯାଇ ୧୭ଟି ଭାଷା ଅର୍ଥନୀତି, ଦର୍ଶନ, ସଂସ୍କୃତ, ଇଂରାଜୀ, ଆଇନ, ରାଜନୀତି, ଇତ୍ୟାଦି ଶାସ୍ତ୍ରରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ ।

- ପଣ୍ଡିତ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଭାରତର ସେ ପ୍ରଥମ ଆଇନମନ୍ତ୍ରୀ ଥିଲେ ।

- ବୌଦ୍ଧ ଧର୍ମ କୁ ସେ ଆପଣେଇ ନେଇଥିଲେ ।

- ୧୯୫୬ ରେ ମୃତ୍ୟୁର ୩୩ ବର୍ଷ ପରେ ୧୯୯୦ ରେ ଭାରତ ସରକାର ମରଣୋତ୍ତର ଭାରତରତ୍ନ ଉପାଧିରେ ତାଙ୍କୁ ଭୂଷିତ କରିଥିଲେ ।
- ବାବାସାହେବ ଆମ୍ବେଦକରଙ୍କ ନୈତୃତ୍ୱରେ ପ୍ରଣୀତ ସମ୍ବିଧାନର ଲକ୍ଷ୍ୟଥିଲା ନ୍ୟାୟ, ସ୍ୱତନ୍ତ୍ରତା, ସମାନତା, ଭ୍ରାତୃତ୍ୱ ପ୍ରତିଷ୍ଠା ।
- ବିଭିନ୍ନ ସମୟରେ ମନ୍ଦିର ପ୍ରବେଶ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।
- ଦଳିତମାନଙ୍କୁ ରାଜନୈତିକ ଅଧିକାରୀ ଦେବା ସମ୍ବନ୍ଧରେ ତାଙ୍କର ଭୂମିକା ଅବିସ୍ମରଣୀୟ ।
- ୧୯୨୮ ମସିହାରେ ବମ୍ବେ ଲ" କଲେଜରେ ପ୍ରଫେସର ପଦରେ ନିଯୁକ୍ତି ପାଇଲେ ଓ ପରେ ସେ ଉକ୍ତ କଲେଜରେ ଅଧକ୍ଷ ରୂପେ ଅବସ୍ଥାପିତ ହୋଇଥିଲେ ।
- ତଙ୍କର ମହନୀୟତା ଓ ଆଦର୍ଶ ଆଜି ଯୁବସମାଜ ପାଇଁ ପ୍ରେରଣାର ଉତ୍ସ ।
- ସେ ଆଜି ନାହାନ୍ତି ସତ ତାଙ୍କର ଅମର କୀର୍ତ୍ତୀ ଚରଦିନ ପାଇଁ ମାନବ ସମାଜକୁ ଦିଗଦର୍ଶନ ଯୋଗାଇ ଆସୁଥିବ ।

ବରଦା ପ୍ରସନ୍ନ ଦାସ, ସଂଗ୍ରାହକ

# ରେ ମେଘ



ପୂର୍ଣ୍ଣଚନ୍ଦ୍ର ରଣା

ରେ ମେଘ
ଗରଜି ଗରଜି ବରଷିଲୁନ ତୁ
ଶୁଖିଲା ରହିଲା ମନ
ବରଷା ଛିଟାରେ ଭିଜେଇଲୁନ ତୁ
ଓଦା ହେଲାନାହିଁ ତନ
କଣ କରିଛୁକ ଅଭିମାନ ?
ରେ ମେଘ
ଜାଣିଛୁ କ ତୁ ମୋ ମନରେ ତୁହି
ଭିଜା ଭିଜା ମିଠା ସ୍ୱପ୍ନ
ମୋ ମନରେ ତୁ ଯେ ଶୀତଳ ଆଲୋକ
ଯେମିତି ପୂର୍ଣ୍ଣିମା ଜହ୍ନ
ତୁ କ ସୂର୍ଯ୍ୟ ଅସ୍ତ ଅପରାହ୍ନ ?
ରେ ମେଘ
ବିସ୍ତୃତ ଦିଶଇ ଜଳଧାରା ତୋର
ଧାଇଁ ଆସୁ କେତେ ଦୂରୁ
ତୋ ମିଠା ପରଶ ପାଇବାକୁ ଟିକେ
ବାହାରି ଆସେ ମୁଁ ଘରୁ
କଣ ଏ ସମ୍ପର୍କ ସାତ ଜନ୍ମରୁ ?
ରେ ମେଘ
ପଶ୍ଚିମ ଦିଶାରେ ଅପେକ୍ଷା କରିଛି
ଲଗେଇବୁ ଟିକେ ଦାଗ
ଧିର ପବନରେ ଧିରେ ଧିରେ ଆସି
କରିନେବୁ ତୋର ସାଙ୍ଗ
ତୁ ଭୁଲିବୁନ କେବେ ଦିଗ
ରେ ମେଘ ! ରେ ମେଘ !

ହାଟସିଂହାପୁର, ଯାଜପୁର

# (( ମୁଁ ))



ପୁଷ୍ପାଞ୍ଜଳି ପଣ୍ଡା

ସୃଷ୍ଟିର ମହାମନ୍ତ୍ର  ମୁଁ
ଆଦ୍ୟ ଶବ୍ଦ ଓଁକାର ମୁଁ
ମୁଁ ଧାରକ, ମୁଁ ବାହକ
ମୁଁ ରକ୍ଷକ, ମୁଁ ଭକ୍ଷକ ।
ସୂର୍ଯ୍ୟଙ୍କର ତୀବ୍ରତେଜ ମୁଁ
ଚନ୍ଦ୍ର ଚନ୍ଦ୍ରମା ସାଜ ମୁଁ
ମୁଁ ଅନନ୍ତ ଆକାଶ ନଳୀମା
ମୁଁ ସୀମାଯୁକ୍ତ  ପୁଣି ଅସୀମା
ମୁଁ ଝରଣାର କୁଳୁକୁଳୁ ନାଦ
ମୁଁ ଅଭିମାନ ମୁଁ ଅପବାଦ
ପ୍ରଶ୍ନ ମୁଁ ଉତ୍ତର ମୁଁ
ଉର୍ଦ୍ଧ ଅର୍ଦ୍ଧୋତ୍ତର ମୁଁ
ନାଦ ଭେଦ ଶବ୍ଦ ବ୍ରହ୍ମ ମୁଁ
ତନ୍ଦ୍ରା ଜଡ଼ ଚେତନ ମୁଁ
ଗତି, ଶକ୍ତି ଅଜେୟ ମୁଁ
ସୃଷ୍ଟି, ସ୍ଥିତି ବିଲୟ ମୁଁ
ଅନ୍ଧାର ଅମାବାସ୍ୟା ମୁଁ
ପୂର୍ଣିମା ଶୀତଳ ଜ୍ୟୋସ୍ନା ମୁଁ
କୁଜ୍ଝଟିକା ଆସ୍ତରଣ ମୁଁ
ବାରିଧାର୍ ଶ୍ରାବଣ ମୁଁ
ନଦାଘ ରୌଦ୍ର ତାପ ମୁଁ

ଉଷ୍ମ ଶୀତଳ ସ୍ପର୍ଶ ମୁଁ
ଶାନ୍ତ କାନ୍ତ ସୌମ୍ୟ ମୂର୍ତ୍ତି ମୁଁ
ଲେଲିହାନ ଅଗ୍ନୀ ଶୀଖା ମୁଁ
ଦେହ ମୁଁ  ପୁଣି ଦାହ ମୁଁ
ପବନ, ମାଟି, ଆକାଶ  ମୁଁ
ପୃଥିବୀ, ନଦୀ, ଝରଣା  ମୁଁ
ଅଭେଦ କେବେ ଭେଦ ମୁଁ
ଜନ୍ମ, ମୃତ୍ୟୁ  ଚକ୍ରବ୍ୟୁହ ମୁଁ
ହସ କାନ୍ଦର ଫସଲ ମୁଁ
କ୍ଷେତର ସବୁଜିମା ମୁଁ
ମୁଁ ପ୍ରକୃତି, ମୁଁ ପୁରୁଷ
ଈଶ୍ୱର ମୁଁ ଅସୁର ମୁଁ
ନିଆଁ, ପାଣି, ମୁଁ ଅମୃତ ବିଷ ମୁଁ
ମୁଁ ପାପ ମୁଁ ପୁଣ୍ୟ
ମୁଁ ଶୁନ୍ୟ ମୁଁ ପୁର୍ଣ୍ଣ
ପବିତ୍ର ଅପବିତ୍ର ମୁଁ
ଅତ୍ର ତତ୍ର ସର୍ବତ୍ର ମୁଁ
ଭୀମ ଭୟଙ୍କର ସମୟ ମୁଁ
ଯୁଗଶେଷ ପ୍ରଳୟ ମୁଁ
ଓଁକାର ବେଦ ଧ୍ୱନୀ ମୁଁ
ଆରମ୍ଭ ମୁଁ ସମାପ୍ତ ମୁଁ
ସର୍ବତ୍ର ପରିବ୍ୟାପ୍ତ ମୁଁ।

ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

# ସ୍ୱପ୍ନ



ଡା.ରାଜକୁମାରୀ ବେହେରା

ସ୍ୱପ୍ନ କେବେ ବାସ୍ତବ ଉପରେ
ଅବାସ୍ତବର ଅନୁଶାସନ ତ
କେବେ ଅନ୍ଧକାର ଉପରେ
ଆଲୋକର ପରିକ୍ଷେପଣ
କେବେ ପ୍ରେମର ଆତ୍ମତୃପ୍ତି  ତ
କେବେ ପ୍ରତାରିତ ହୃଦୟର ପରିସମାପ୍ତି।
କେବେ ପୂର୍ଣ୍ଣମୀର ପୂର୍ଣ୍ଣଶଶୀ ତ
କେବେ ଅମାବ୍ୟାସାର କାଳ ନିଶି।
କେବେ ଲାଲ୍ ଟୁକ୍ ଟୁକ୍
ସାଧବ ବୋହୂର କୋକିଳ ସ୍ୱର ତ
କେବେ କଳଙ୍କିତ କାଳିମାର କରୁଣ ଚିତ୍କାର।
କେବେ ଶ୍ରାବଣର
ଅହରହ ବୃଷ୍ଟିପାତ ତ
କେବେ ମାଘର
ଅହେତୁକ ତୁଷାରପାତ।
କେବେ ଦିବସର ପ୍ରଥମ ସୂର୍ଯ୍ୟୋଦୟ ତ
କେବେ ରାତ୍ରିର ର ଶେଷ ପର୍ଯ୍ୟାୟ।
କେବେ ହସର ସାଗର ତ
କେବେ ଲୁହର ବନ୍ୟା ଧାର।
କେବେ ଜୀବନ ଦର୍ଶନ ତ
କେବେ ମୃତ୍ୟୁର ପର୍ଯ୍ୟବେକ୍ଷଣ।

ଭଞ୍ଜନଗର, ଗଞ୍ଜାମ

# ପୁଣି ବହୁତ ଦିନ ପରେ



ସଞ୍ଜୟ କୁମାର ନାଏକ(ସଞ୍ଜୁ )

ପୁଣି ବହୁତ ଦିନ ପରେ
ତମ ସହ ଦେଖାହେଲା "ତାଳଧ୍ୱଜ" ବସେ,
ମୁଁ ନିଶ୍ଚଳ ଚୁପ୍ ଚାପ ବସିଥାଏ
ବସର ସିଟର ସେ ନିଭୃତ କୋଣରେ
ଆଉ ତମେ,
ଠିକ୍ ମୋ ସିଟରେ ମୋ ପାଖେ ବସିଥାଅ
ଆଉ ମୋତେ ଏକ ପଲକରେ
ନିରେଖି ଦେଖୁଥାଅ,
ସତରେ ମୁଁ କିନ୍ତୁ ଚିହ୍ନି ପାରିଲିନି
ଆଉ ତମେ,
ମୋତେ ଠିକ୍ ଚିହ୍ନି ପାରିଲ ଦେଖି
ତମ ନଭ ସଦୃଶ ନୀଳ ଆଖିରେ ॥୧॥

ମୁଁ ଅବାକ୍ ହୋଇ ଦେଖୁଥାଏ
କେବଳ ତମକୁ,
ତମେ ମୋତେ ଚିହ୍ନି ପଚାରିଦେଲ
ହେଲୋ, ହାଏ ସଞ୍ଜୟ କେମିତି ଅଛ
ମୁଁ ପୁଣି ନିର୍ବିକାର, ଅବାକ୍
କିଛି ସମୟ ପରେ,
ଭାବିଲି ଓ ଚିହ୍ନି ପ୍ରତ୍ୟୁତ୍ତର ଦେଲି
ହାଏ, ତମେ କେମିତି ଅଛ ସଞ୍ଜନା ॥ ୨॥

ସତରେ ମୁଁ କନ୍ତୁ,
ଭୁଲିଯାଇଥିଲି ଆମର ସେ
କଲେଜ୍ ସମୟର କଥା,
ତମ ସହ ମୋ ପ୍ରେମ, ବନ୍ଧୁତ୍ୱର
ଅମଳନ ପ୍ରେମର ପରିଭୁଷା
କନ୍ତୁ, ତମକୁ ଦେଖି
ଗୋଟିଗୋଟି ଛବି ମନେ ପଡିଗଲା
ସେ ଅଭୁଲା ସମୟର କଥା ॥୩॥

ସଞ୍ଜନା, ତମେ ବାହାହୋଇ ଗଲା ଦିନୁ
ମୁଁ କ୍ଷଣିକ ପାଇଁ ପାଲଟି ଯାଇଥିଲି
ନଜେ ବିରହର,
ପ୍ରେମ ପଥର ବିପଥଗାମୀ ପଥିକ
ଆଉ ତମେ ନଷ୍ଟିନ୍ତରେ ଗ୍ଳଲିଗଲ
ମୋତେ ଚରଦିନ ପାଇଁ ଭୁଲି
ମୋ ଜୀବନକୁ ପ୍ରେମାଗ୍ନିରେ ଜାଳ ପୋଡ଼ି ମାରି ॥୪॥

ସତରେ ତମେ ଗଲା ଦିନ ଠାରୁ
ମୁଁ କଛି ଦିନ ହତାଶ ହୋଇଥିଲି,
ନଜକୁ କଛି ସମୟ,
ବିରହ, ଯନ୍ତ୍ରଣାର ଜ୍ୱାଳାଗ୍ନିରେ ଜାଳ
ପୁଣି ନଜକୁ ଗଢିଲି,
ମୁଁ ମଧ ଘର ସଂସାର କଲି
ସୁଖର ଜୀବନ ଅତିବାହିତ କଲି।।୫।।
ମୁଁ ଭୁଲି ଗଲି ସେ ପୁରୁଣା ସ୍ମୃତିଗୁଡିକ
ମୁଁ ଭୁଲି ଗଲି ତୁମକୁ ସବୁଦିନ ପାଇଁ

କାଢ଼ି ଦେଲି ତୁମକୁ ହୃଦୟ ଆଳୟରୁ
ଆଉ ପ୍ରେମ, ପ୍ରୀତି ପାର୍ବଣକୁ ଭୁଲି
ନିଜକୁ ମୁଁ ପୁଣି,
ସଜାଡି ନେଲି, ନିଜକୁ ଗଢ଼ିଲି
ଜୀବନର ସପତ ରଙ୍ଗରେ
ନୂତନ ସପନ ନେଇ
ନୂତନ ସମ୍ଭାବନାର ସ୍ୱର ନେଇ,
ନୂତନ ଆଶା, ଆ କାଂକ୍ଷା ନେଇ,
ନୂତନ ବସନ୍ତ ର ଫଲ୍‌ଗୁରେ
ନିଜକୁ ରଙ୍ଗାୟିତ କରି॥ ୬॥

ବଡଝାଙ୍କରପାଲି, ପିପଲଡାବର,
ଶିକ୍ଷକ-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପାଟଣାଗଡ଼

# ସଂଘର୍ଷ ମୟ ଏ ମଣିଷ ଜୀବନ

(ପ୍ରବନ୍ଧ)



ଅମ୍ବିକା ସ୍ୱାଇଁ

ସଂଘର୍ଷ ମୟ ଏ ମଣିଷ ଜୀବନ, ସଂଘର୍ଷ କରି କରି ବଞ୍ଚେ ଏ ମଣିଷ । ଜୀବନ ର ଅର୍ଥ ଏତେ ସହଜ ନୁହେଁ । ଜୀବନ ମାନେ ହିଁ ଯନ୍ତ୍ରଣା ଜୀବନ ମାନେ ହିଁ ସଂଘର୍ଷ। ଜୀବନ ମାନେ ହିଁ ଆଶା, ନିରାଶା ସମ୍ଭାବନା, ବୁଝାମଣା ଏହି ଜୀବନ ଜଞ୍ଜାଳ ରେ ବୁଡି ରହି ମଣିଷ  କେତେ ଭଲ ମନ୍ଦ ଦୁଃଖ ସୁଖ ଝଡ଼ ଝଂଝା, ରୋଗ ବ୍ୟାଧି  କଷ୍ଟ, ଯନ୍ତ୍ରଣା କୁ ସାମ୍ନା କରେ।

ଏହା ସମୟ ଅନୁସାରେ ଆସିବ ତ ହିଁ ଆସିବ । ମଣିଷ ଏସବୁ କୁ ଅଙ୍ଗେ ଲିଭାଇ  ପଡି ଉଠି ବାଟ ଚାଲେ, ଜୀବନ ନୌକାରେ ବସି ଉଛୁଳା ନଈରେ ପାରି ହେବା ପାଇଁ ପ୍ରୟାସ କରେ । ଆଗକୁ ପାଦ ବଢାଇ ସଂସାର ବୋଝର ଦାୟିତ୍ୱ କୁ ମୁଣ୍ଡାଇ ସବୁ ଭଲମନ୍ଦ କୁ ସହି ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ସୁଖ ସ୍ୱପ୍ନର କଳ୍ପନା ରେ ମସ ଗୁଲ୍ ରହି ରାତି ଦିନ ସଂଘର୍ଷ କରେ ଜୀବନ ଜିଇଁବାକୁ । କ ଧନୀ କ ଗରିବ ସମସ୍ତଙ୍କ ଜୀବନରେ ଆସିଥାଏ ସଂଘର୍ଷ କିଏ କେତେ ପ୍ରକାରେ ଜୀବନ ଅତିବାହିତ କରୁଛି । କିଏ ନଭଶ୍ଚୁମ୍ବି ଅଟ୍ଟାଳିକା ରେ ରହି ଡ଼ନଲପ ଗଦି ଉପରେ ଶୋଇ, ସୁସ୍ୱାଦୁ ଖାଦ୍ୟ ଖାଇ ଆହୁରି ପାଇବାର ଆଶା ନେଇ ସଂଘର୍ଷ କରି ଚାଲିଛି| କିଏ ଫୁଟପାଥ ରେ ଶୋଇ କାଟୁଛି ଜୀବନ ପେଟକୁ ମୁଠେ  ଦାନା ନାହିଁ, ଦେହକୁ ଖଣ୍ଡେ କନା ନାହିଁ, ସିଏ ବି କରୁଛି ସଂଘର୍ଷ । କିଏ ପର ଘରେ କାମ କରି ବାସନ ମାଜି ପେଟ ପୋଷିବା ପାଇଁ କରୁଛି ସଂଘର୍ଷ । ସାଧାରଣ ମଧ୍ୟବିତ୍ତ ମଣିଷ ଜୀବନ ରେ ବି ଅଛି ସଂଘର୍ଷ । ସମସ୍ତେ ସମସ୍ତଙ୍କ ଜାଗାରେ କାଟୁଛନ୍ତି ସଂଘରମୟ ଯନ୍ତ୍ରଣା ଦାୟକ ଜୀବନ ।

କାରଣ ଜୀବନର ଅନ୍ୟ ନାମ ହିଁ ଯନ୍ତ୍ରଣା । ସମୟର ଚକ ଗଡ଼ି ଚାଲିଛି, କିଏ କେତେବେଳେ କେମିତି ଜୀବନ ଅତବାହିତ କରିବ, ତାହା ସଠିକ ଭାବରେ କହି ହେବନ ।

ଜୀବନଟା କେତେବେଳେ ପାଲଟି ଯାଏ ନଗ୍ୱଶା ର  ମରୁବାଲି ତ ବେଳେବେଳେ ଆଶାର ନର୍ଝରଣୀ । ଏହି ଆଶା ନଗ୍ୱଶା ର ଜୀବନ ଜୀବିକା ଭିତରେ ମଣିଷ ଖୋଜି ଗ୍ଲେ ବଞ୍ଚିବାର ଗ୍ୱହା । ମଣିଷ ଜୀବନ  ନା ବିତେ ସବୁଦିନ ଆନନ୍ଦରେ ନା ବିତେ ସବୁଦିନ ଦୁଃଖରେ....ଏହି ମିଶ୍ରିତ ଫଳ ଭିତରେ ମଣିଷ ଖୋଜି ଗ୍ଲେ ସୁଖ ଶାନ୍ତି ଆନନ୍ଦ ର ପଥ । କଏ ଶାଗ ଭ୍ତରେ ଖୋଜେ ଶାନ୍ତି ତ କଏ ମାଛ ଭ୍ତ ରେ ଖୋଜେ ଶାନ୍ତି ତଥାପି କ"ଣ ମଣିଷ ଜୀବନ ରେ ପାଇ ପାରେ ସମ୍ପୂର୍ଣ ଶାନ୍ତି?

ଜୀବନରେ ଆମେ କେହି କହି ପାରିବାନ ଆମେ ସଂପୂର୍ଣ୍ଣ ଅଛୁ ସୁଖ ଓ ଶାନ୍ତିରେ... ମଣିଷର ପାଇବାର ଆଶା ଯେତେ ବଢ଼ି ବଢ଼ି ଗ୍ଲେ, ତାହା ପୂରଣ ନ ହେଲେ, ମନରୁ ଶାନ୍ତି ଦୂରେଇ ଯାଏ । ମଣିଷ ଯେତେ ପାଇଲେ ବି ଆହୁରି ପାଇବାର ଆଶା ନେଇ ସଂଘର୍ଷ କରି ଗ୍ଲେ, ବେଶି ପାଇବାର ଆଶା ହିଁ ମଣିଷକୁ ବେଳେ ବେଳେ ଦୁଃଖ, ଯନ୍ତ୍ରଣା ମାନସିକ କଷ୍ଟ ଦିଏ| ନଜର କର୍ମ, କର୍ତ୍ତବ୍ୟ ଅନୁସାରେ ଯାହା ଯେତେବେଳେ  ଯେତିକି ମିଳୁଛି ସେଥିରେ ଖୁସି ରହିଲେ, ମଣିଷକୁ ନଶ୍ଚିତ ଭ୍ବରେ ଶାନ୍ତି ମିଳ ପାରିବ ।

ପ୍ରତ୍ୟେକ ମଣିଷ କୋଟିପତି ଠୁ ଆରମ୍ଭ କରି ଫୁଟପାଥ ଯାଏ ପ୍ରତି ମଣିଷ ସମସ୍ତେ ବନ୍ଧା ନୟତି ର ହାତେ । ସେହି ଅଦୃଶ୍ୟ ଶକ୍ତିର ହାତରୁ କେହି ପାରିବେନ ମୁକୁଳ, ଜୀବନ ମାନେ ହିଁ ସଂଘର୍ଷ ଜୀବନ ମାନେ ହିଁ ଯନ୍ତ୍ରଣା । ନଜ ନଜର କର୍ମ ଅନୁସାରେ ସମସ୍ତେ ପାଉଛନ୍ତି ନଜ ନଜର ପାଉଣା ।ଏହିତ ଜୀବନ ...ମଣିଷର ଏହି ସଙ୍ଘର୍ଷ ମୟ ଜୀବନ ପଥରେ ସେ ଖୋଜି ଗ୍ଲିଥାଏ କେବଳ ମୁଠାଏ ସୁଖ ଆଉ ଶାନ୍ତି......ତଥାପି କଣ  ଶାନ୍ତି ପାଏ? ଶାନ୍ତି କୁ ଖୋଜିଲେ ମିଳେନ, ଶାନ୍ତିକୁ ନଜ ଭିତରୁ ଆବିଷ୍କାର କରିବାକୁ ପଡେ.....

ଜୀବନ ରେ ଶାନ୍ତି ହିଁ ସୁଖ
ଶାନ୍ତି ହିଁ ସ୍ୱର୍ଗୀୟ ଭ୍ବନା
ଶାନ୍ତି ହିଁ ଦେଇ ଥାଏ ଅନନ୍ଦତା
ଶାନ୍ତି ଜୀବନର ପରିପୂର୍ଣ୍ଣତା ।।

ଶ୍ୟାମପୁର, ଭୁବନେଶ୍ୱର, ଓଡ଼ିଶା

# ଯାଯାବର



ତ୍ରିପତି ପ୍ରଧାନ

ଯାଯାବର ଜୀବନର କଷ୍ଟ
କି
ଦୁର୍ବିସହ, ଯନ୍ତ୍ରଣାଦାୟକ
କୈକେୟୀର ମୂର୍ଖ ଅହମିକା
କରୋନା ..
ଦେଖାଇଦେଲା
ସାରା ବିଶ୍ୱକୁ
ସବୁ ଥାଇବି ମଣିଷ
ଯାଯାବର
ରାମଚନ୍ଦ୍ରଙ୍କ ବନବାସ
ଛାଡି ରାଜଭୋଗ, ପ୍ରଜାପରିଜନ
କନ୍ଦ...
କେତେ ଯେ ରାମଚନ୍ଦ୍ର
ଯାଯାବର
ଆତ୍ମୀୟ ସ୍ୱଜନ ଠିକଣାରେ
ସତ୍ୟ
ଲକ୍ ଡାଉନ୍ ରେ ବନ୍ଧା
ଚଉଦ
କ୍ୱାରେଣ୍ଟିନ୍ ବାସରେ
ଅଶୋକ ବନରେ
ସୀତା
ରଘୁ ବଂଶର
ଦାୟାଦ ଆଶାରେ...

ସଂସ୍କୃତ ଶିକ୍ଷକ, ଚକଟି

# ସକାଳ ସୁନ୍ଦରୀ



ନବ କୁମାର ଦାସ

ସକାଳ ସାଜିଛି ଦେଖ
ଗାଉଁଲି ବଧୂ ଟେ
ମୁଣ୍ଡରେ ଲଗେଇ ଦେଇ
ସିନ୍ଦୁର ବିନ୍ଦୁ ଟେ

ସବୁଜ ରଙ୍ଗକୁ ନେଇ
ନାଇଛି ଓଢଣୀ
ଲାଗୁଛି ଏମିତି ସିଏ
ଗୋପ ଗୋପାଳୁଣୀ

କଳା ମେଘ ରଙ୍ଗ ଆଣି
କଜ୍ୱଳ କରିଛି
ନାଲି ରଙ୍ଗ ଚମକରେ
ସିନ୍ଥି ବାନ୍ଧି ଅଛି

ପକ୍ଷୀ ର୍‌ବ ସ୍ୱର ନେଇ
ପାଉଁଜି ବାନ୍ଧିଛି

ଗାଈ ଗୋଠ ଛାଡିଲାରୁ
ଶବଦେ ଝୁମିଛି

ପ୍ରେମ ପ୍ରୀତି ଛୁଆଁ ନେଇ
ସକାଳ ଆସିଛି
ସୁନ୍ଦରୀ ବେଶରେ ସିଏ
ମନ ମୋହାଉଛି

ବାଲିଆପାଳ, ବାଲେଶ୍ୱର

# ଗ୍ରୀଷ୍ମ କାଳ



ରୋହିତ ସେଠୀ

ବରଷା ଗଲ୍ ଶୀତ ବି ଗଲ୍
ଆସିଲ୍ ଗ୍ରୀଷ୍ମ କାଳ
ଝାଞ୍ଜି ପବନ ଅଥୟ କରେ
ଦେହରୁ ବହେ ଝାଳ ।

ଗ୍ରୀଷ୍ମ ଉତ୍ତାପେ ଶୁଖେ ପୋଖରୀ
ଶୁଖଇ ନଈ ନାଳ
ଗଛର ଛାଇ ଲୋଡ଼ା ସଭିଙ୍କୁ
ଲୋଡ଼ା ଶୀତଳ ଜଳ ।

ଆସର ଜମେ ଆମ୍ବ ତୋଟାରେ
ସାଙ୍ଗ ସାଥିଙ୍କ ମେଳ
କାଚ-କଉଡ଼ି, ଲୁଡୁ ଓ ପଶା
ହୁଅଇ ତାସ୍ ଖେଳ ।

ବାଡ଼ି କାକୁଡ଼ି ଅମୃତଭଣ୍ଡା
ପାଚଲ୍ ଆମ୍ବ ଫଳ
ଲେମ୍ବୁ ମିଶିରି ଥଣ୍ଡା ପାନୀୟ
ସଭିଙ୍କୁ ଲାଗେ ଭଲ ।

ଅଂଶୁଘାତର ଭୟ ଜାଗଇ
ପ୍ରତ୍ୟେକ ଜନ ହୃଦେ
ରକ୍ଷା ପାଇବା ହାତରେ ଛତା
ଚପଲ ଥିଲେ ପାଦେ ।

ବାହାର କାମ ସଅଳ ସାରି
ଫେରିବା ନିଜ ଘର
ଯେତେ ସମ୍ଭବ ଟାଣ ଖରାରୁ
ରହିବା ସଦା ଦୂର ।

ସୂତା ପୋଷାକ ପିନ୍ଧିବା ସର୍ବେ
ଦେହର ଯତ୍ନ ନେବା
ତାହେଲେ ଯାଇଁ ନିଦାଘ କାଳୁ
ଆମେ ରକ୍ଷା ପାଇବା ।

ଶିକ୍ଷକ
ଦୁତୀମେଣ୍ଡି, ଖଜୁରୀପଡ଼ା, କନ୍ଧମାଳ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ମନ କାଗଜ



ରାମ ଚନ୍ଦ୍ର ପ୍ରଧାନ

ସାହସ ହେଉନ ଏତେ ବଡ଼ କଥା
କେମିତି କହିବି ଆସି
କହିପାରେ ନାହିଁ ଭଲପାଏ ବୋଲି
ଜୀବନ ଠୁ ତୋତେ ବେଶି ।
ସେଥିପାଇଁ ଆଜି ସାହସ ଜୁଟାଇ
ଲେଖୁଛି ମୁଁ ପ୍ରେମଚଠି
ମୋ ମନ କାଗଜ ସଫେଦ ପୃଷ୍ଠାରେ
ପ୍ରେମରଙ୍ଗ ଟିକେ ମାଠି ।
ଭାବୁଛି ଅଳପ ହସୁଛି ମୁଁ ବେଶି
ମନେ ଭାଳ ତୋ'ରି କଥା
ସ୍ମୃତିକୁ ସାଉଁଟି ଜାବୁଡି ଧରିଛି
ସ୍ୱପ୍ନ ଶେଜେ ରଖି ମଥା ।
କାଗଜଟେ ବୋଲି ଭାବିବୁନ ପ୍ରିୟା
ପଢ଼ି ମୋର ପ୍ରେମ ଚଠି
ଚଠି ନୁହେଁ ସେତ ମୋ ମନ ଗହନେ
ପ୍ରେମବୋଳା ଅଠାକାଠି ।
ମୋ ପ୍ରେମ ସନ୍ଦକ  ସେ କାଗଜ ଚଠି
ଚରିବୁନ କେବେ ପ୍ରିୟା
ପ୍ରୀତି ଚୁମ୍ବନରେ ସଦା ଚୁମୁଥିବୁ
ଲଗାଇ ପ୍ରେମର ମାୟା ।

ପ୍ରେମ ଆଳାପରେ ଭାବକୁ ପଖାଳ
ଦେଉଥିବୁ ଟିକେ ହସି
ଚଠିର ଉତ୍ତର ଚଠିରେ ଲେଖିବୁ
ଭାବନା ରାଇଜେ ଭାସି ।

ଶିକ୍ଷକ,ସାନ୍ତରାପଲ୍ଲୀ, ଗଞ୍ଜାମ

# ଶଙ୍ଖା ସିନ୍ଦୂର



ବାସନ୍ତୀ ଲତା ଜେନା

ଦୀନବନ୍ଧୁ ରାଉତଙ୍କର ଗୋଟିଏ ବୋଲି ଝିଅ ମଧୁସ୍ମିତା ।ସ୍ନେହ ଯତ୍ନରେ ତାକୁ ଶିକ୍ଷା ଦୀକ୍ଷା ଦେଇ ବଡ଼ କରାଇ ଥିଲେ ।ଉପଯୁକ୍ତ ବୟସ ହେବାରୁ ତାକୁ ନିଜର ବନ୍ଧୁ ଜଗନ୍ନାଥ ସାମଲଙ୍କ ପୁଅ ସୁନୀଲଙ୍କ ସହିତ ବିବାହ କରାଇ ଦେଇ ଥିଲେ । ସୁନୀଲ କୁମାର ଶାନ୍ତ, ଶିଷ୍ଟ ପିଲାଟିଏ । ଶାନ୍ତି ଶୃଙ୍ଖଳା ବିଭାଗର ତାଙ୍କର ଚାକରୀ । ପୋଲିସ ବିଭାଗର ସବଇନସ୍ପେକ୍ଟର ପଦବୀ ପାଇଛନ୍ତି ।ସମୟାନୁବର୍ତ୍ତୀ, କର୍ମତତ୍ପର ସେ । ଘରେ ତାର ବାପା, ମା' ଓ ସ୍ତ୍ରୀ ସସ୍ମିତା । ବାପା ଜଗନ୍ନାଥଙ୍କୁ ଶ୍ୱାସ ରୋଗ ସହିତ ପାରାଲିସିସ ଆଟାକ କରିଛି କିଛି ଦିନ ପୂର୍ବରୁ ।ମା' କୁମୁଦିନୀ ବାପାଙ୍କର ସେବା ଯତ୍ନ କରନ୍ତି । ସସ୍ମିତା ମଧ୍ୟ କାମରେ ଶାଶୁଙ୍କୁ ସାହାଯ୍ୟ କରନ୍ତି ।ବାପା ଜଗନ୍ନାଥଙ୍କର ବ୍ଲଡ଼ପ୍ରେସର ସ୍ଥିର ରହୁ ନ ଥାଏ ।କେତେ ବେଳେ ପ୍ରେସର ବଢ଼ି ଯାଉଛିତ କେତେ ବେଳେ କମି ଯାଉଛି ।ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ଚାଲିଛି ।

ସେଦିନ ଥିଲା ଭାରତ ବନ୍ଦ । ସକାଳ ଛଅଟାରୁ ସନ୍ଧ୍ୟା ଛଅଟା ପର୍ଯ୍ୟନ୍ତ ।ଚକ ଅଖ ସବୁ ବନ୍ଦ ।ଗ୍ରୀଷ୍ମ ଋତୁର ପ୍ରଭାବ ।ସୁନୀଲ ସକାଳେ ସକାଳେ ଚା ବିସ୍କୁଟ ଖାଇ ଦେଇ ବାହାରି ପଡିଲା ଡ୍ୟୁଟିରେ ।ଗଲା ବେଳେ ମା ଓ ସ୍ତ୍ରୀ ସସ୍ମିତାକୁ କହିଗଲା ବାପାଙ୍କର ଧ୍ୟାନ ରଖିବାକୁ । କହିଲା ମା, ଯଦି ବାପାଙ୍କର ଦେହ ଅଧିକ ଖରାପ ହୁଏ, ତେବେ ମୋତେ ଫୋନ କରିବ ।ମୁଁ ଅନୁମତି ନେଇ ଆସିବି ।

ସୁନୀଲ ଚାଲିଗଲା ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ନିଜ କର୍ତ୍ତବ୍ୟ ପଥରେ । ସସ୍ମିତା କହିଲା, ମା ! ତୁମେ ବାପାଙ୍କ ପାଖରେ ଥାଅ, ମୁଁ ରୋଷେଇ କରିବାକୁ ଯାଉଛି । କିଛି ସମୟ ବିତି ଗଲା ପରେ ଜଗନ୍ନାଥ ବାବୁ ହଠାତ ଅଣନିଃଶ୍ୱାସୀ ହୋଇ ପଡିଲେ । ତାଙ୍କ ଛାତିରେ ଯନ୍ତ୍ରଣା ହେବାକୁ ଲାଗିଲା । ସେ ଖାଲି ଛଟ ପଟ ହେଲେ । ଶାଶୁ ବୋହୂ ବ୍ୟସ୍ତ ହୋଇ ପଡିଲେ । କଣ କରିବେ । ଦୁହେଁ ସୁନୀଲକୁ ବାରମ୍ବାର ଫୋନ କରୁଥାନ୍ତି । କିନ୍ତୁ ସୁନୀଲ ଫୋନ ରିସିଭ କରୁ ନ ଥାଏ । ଜଗନ୍ନାଥ ବାବୁଙ୍କର ଅବସ୍ଥା ଶୋଚନୀୟ ହୋଇ ପଡିଲା । ପାଖ ଗାଁରେ ଅଟୋରିକ୍ସା ଚଳାଉଥିବା ଗୋଟିଏ ପିଲାର ଫୋନ ନଂ କୁମୁଦିନୀ ପାଖରେ । କୁମୁଦିନୀ ଫୋନ କରିବାରୁ ଅଟୋବାଲା ଫୋନ ଉଠାଇଲା ସତ କିନ୍ତୁ ମେଡିକାଲ ପେସେଣ୍ଟ ନେଇ ଯିବାକୁ ରାଜି ହେଲାନି । କୁମୁଦିନୀ ବହୁତ ଅନୁନୟ ବିନୟ କରି କହିବାରୁ ଅଟୋବାଲା ପେସେଣ୍ଟ ନେଇ ଡାକ୍ତରଖାନା ବାହାରିଲା । ସାଥିରେ ସସ୍ମିତା ଓ କୁମୁଦିନୀ ଗଲେ । କିନ୍ତୁ ରାସ୍ତାର ଛକ ଜାଗା ମାନଙ୍କରେ କେତେକ ପିଲା ଟାୟାର ଜଳାଇ ରାସ୍ତା ଅବରୋଧ କରିଥିଲେ । ସେମାନେ ଅଟୋକୁ ଆଗକୁ ଯିବାକୁ ଛାଡିଲେ ନାହିଁ । କୁମୁଦିନୀ ସେମାନଙ୍କୁ ହାତ ଯୋଡି ବହୁ ବିନୟ କଲା । ଆଖିରୁ ତାର ଧାର ଧାର ଲୁହ ବହି ଯାଉ ଥାଏ । କିନ୍ତୁ ସେ ମଦୁଆ ମାନଙ୍କର କର୍ଣ୍ଣରେ ପଡିଲା ନାହିଁ । ଓଲଟା ଗାଳିଗୁଲଜ କଲେ । ଅଟୋକୁ ପିଟିଲେ । ବାଧ୍ୟ ହୋଇ ଅଟୋବାଲା ପେସେଣ୍ଟକୁ ଧରି ଘରକୁ ଫେରି ଆସିଲା । ତାଙ୍କୁ ବେଡ଼ରେ ଶୁଆଇ ଦେଲା । ନିଜ ଘରକୁ ନ ଫେରି ସେଠାରେ ରହିଲା ।

ସୁନୀଲ ସନ୍ଧ୍ୟା ୬ଟାରେ ଘରକୁ ଫେରିଲା । ଦେଖିଲା, ତାଙ୍କ ଘର ବାହାରେ କିଛି ସାହି ଲୋକ ରୁଣ୍ଡ ହୋଇଛନ୍ତି । ସୁନୀଲ ଜଣେ ବୟସ୍କ ଲୋକକୁ ପଚାରିଲା । ଦାଦା ! ଆମ ଘର ପାଖରେ ଏତେ ସବୁ ଲୋକ କାହିଁକି ରୁଣ୍ଡ ହୋଇଛନ୍ତି ? ଲୋକ ଜଣଙ୍କ କିଛି ନ କହି ଆଗକୁ ଯିବାକୁ ହାତରେ ସଂକେତ ଦେଲା ।

ସୁନୀଲ ଘର ଭିତରକୁ ପଶି ଯାଇ ଯାହା ଦେଖିଲା, ତାର ପାଦ ତଳୁ ମାଟି ଖସିଗଲା । ସସ୍ମିତା କାନ୍ଦୁଥିଲା । ମା ତାର କାଷ୍ଠ ପଥର ଭଳି ବସି ରହି ଥିଲା ବାପାଙ୍କ ମୁଣ୍ଡ ପାଖରେ ।

ସସ୍ମିତା କହିଲା ତୁମେ ଗଲା ପରେ ବାପାଙ୍କ ଦେହ ହଠାତ ସିରିଏସ ହୋଇଗଲା । ତୁମକୁ ମା ଓ ମୁଁ କେତେ ଫୋନ କଲୁ, ତୁମେ ଫୋନ ଉଠାଇଲ ନାହିଁ । ସୁନୀଲ ଦେଖିଲା, ଫୋନ ସାଇଲେଣ୍ଟ ହୋଇଯାଇଛି । ୪୫ ମିସକଲ ଅଛି ।

ସେ ନିଜକୁ ଧିକାର କଲା । ମା'ର ଦୋଷି ବୋଲି ନିଜକୁ ଭାବିଲା । ସୁନୀଲ ମା ବୋଲି କହି ହଲାଇ ଦେବାରୁ ଚିତ୍କାର କରି କାନ୍ଦି ଉଠିଲା କୁମୁଦିନୀ । ଭାରତ ବନ୍ଦ ତା ଜୀବନରେ କଳା ଦିବସ ହୋଇଗଲା । ତା ଶଙ୍ଖା ସିନ୍ଦୂର ସବୁଦିନ ପାଇଁ ତା ଠାରୁ ପର ହୋଇଗଲା । ତାର ପ୍ରାଣ ପ୍ରିୟକୁ ହରାଇ ସେ ଶ୍ରୀହିନା ହୋଇଗଲା । କୁମୁଦିନୀ ମୁଣ୍ଡ ଉପରେ ଦୁଃଖର ପାହାଡ଼ ଝରି ପଡିଲା । ତା ଜୀବନରେ ଖାଲି ଗରମ ଦୀର୍ଘ ଶ୍ୱାସ ବ୍ୟତୀତ ଆଉ କିଛି ନ ଥିଲା ।

ଶିକ୍ଷୟିତ୍ରୀ
ଗାନ୍ଧୀନଗର, ନବରଙ୍ଗପୁର

# ଜୀବନ ଯୋଉଠି



ପ୍ରକାଶ ଚନ୍ଦ୍ର ପଣ୍ଡା

ଜୀବନ ଆଉ ମରଣ ମଧ୍ୟରେ
ଯନ୍ତ୍ରଣାର ଲୁଚକାଳ ।
ସେଇ ଲୁଚକାଳ ମାନବ ଜୀବନେ
ସାଜିଛି ଆଜି ଶିକୁଳ ॥
ଶିକୁଳର ବଢେ ପଡିଛି ତା ପାଦେ
ଆଶା ହୋଇଛି ନିରାଶା ।
ସେଇ ନିରାଶା ଭରିଛି ଜୀବନେ
ହତାଶ ରୂପି ତମସା ॥
ସେ ତମସାର ଘନ ଅନ୍ଧକାର
ନୁହେଁ ଆଉ ବେଶି ଦୂର ।
ସେହି ଦୂର ଦିନେ ନିକଟ ହୋଇବ
ନୂଆ ଆଶାର ସଂସ୍କର ॥
ସେଇ ଆଶାକୁ ହୃଦୟେ ସାଉଁଟି
ବିତିଯାଉ ପ୍ରଭୁ ଦିନ ।
ଯନ୍ତ୍ରଣା ଯୋଉଠି ଜୀବନ ସେଇଠି
ସବୁତ ତୁମରି ଦାନ ॥
ସୁଖରେ ତ ଖୁସି ହୋଇଛୁ ଅନେକ
ଦୁଃଖରେ ଭାଙ୍ଗିବୁ କିଆଁ ।
ଜୀବନ ଯୋଉଠି ଯନ୍ତ୍ରଣା ସେଇଠି
ସବୁତ ତୁମ କମିଆଁ ॥

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

# ମାରିବୁନ ଟିଟିକାରି



ନରେନ୍ଦ୍ର ପ୍ରସାଦ ବେହେର୍

ଗ୍ରାମର ମୁଖିଆ      ଗ୍ରାମଦେବତୀ ମା
ରହିଛୁ ଗ୍ରାମକୁ ଜଗି
କେତେ ଝଡ ବର୍ଷା      ପାଣି ଓ ପବନ
ତୋ ଦେହେ ଯାଉଛି ଲ୍‌ଗି ।

ଯେତେବେଳେ ଯିଏ  ଡାକଲେ ତାହାଙ୍କୁ
ଅବିଳମ୍ବେ ସାର୍‌ ଦିଏ
ବରଷକେ ଥରେ      ପାଣିମୁନ୍ଦେ ମୁଣ୍ଡେ
ଦେବାକୁ କେହି ନଯାଏ ।

ଗ୍ରାମର ମଝିରେ      ଗ୍ରାମର ବାହାରେ
ରହିଥାଏ ଗାଆଁ ମୁଣ୍ଡେ
ଗାଆଁ ବିପଦକୁ      ଜଗି ରହିଥାଏ
ଶୋଏନାହିଁ କେବେ ଦଣ୍ଡେ ।

ତଥାପି ମଣିଷ      ଚନ୍ତା କରୁନାହିଁ
ଗ୍ରାମ ମୁଖିଆର କଥା

ମନ୍ଦିର ଖଣ୍ଡିଏ     ତୋଳବାକୁ କେବେ
        ଖେଳାଏନ କେହି ମଥା   ।

ରାତି ପାହିଲାରୁ   ରାତି ହେବାଯାଏ
        କରୁଥାନ୍ତି ସୁମରଣା
ମାଆ ଚନ୍ଦ୍ରାକରେ  ପୁଅ ମୋର କେବେ
        ନହେଉରେ ବାଟବଣା   ।

ଜୀବନ ମରଣେ   ରୋଗର ଶଯ୍ୟାରେ
        ଡାକଛାଡେ ମାଆ ରଖ
ସାଙ୍ଗସାଥି ମେଳେ   ହାତ ଠାରି କୁହେ
        କୁକୁର ମୁତୁଛି ଦେଖ   ।

କୁସଙ୍ଗରେ ପଡି     ମଦ ମାଂସ ଖାଇ
        ବେଶ୍ୟା ସଙ୍ଗେ ରାତି କାଟେ
ନିଜ ପରିବାର     ସ୍ତ୍ରୀରୀ ପିଲାଛୁଆ
        ନିଶାରେ ଗୋଡାଇ ପିଟେ   ।

ଖସିଗଲା ଗୋଡ     ପଡିଗଲା ଦିନେ
        ଗୋଡ ହେଲା ଦୁଇ ଖଣ୍ଡ
ଯନ୍ତ୍ରଣାରେ ପଡି     ମନରେ ଭାବିଲା
        କାହିଁକି ଦେଲୁ ମା ଦଣ୍ଡ   ।

ଚନ୍ଦ୍ରାକର ଆଜି     ସେଦିନର ସେହି
        କୁକୁର ମୁତିବା କଥା
ମଦ ମାଂସ ଖିଆ   ସାଙ୍ଗସାଥୀ ସର୍ବେ
        ଖେଳେଇଣ ଦେଲେ ବ୍ୟଥା   ।

ଏବେଳେ ଡାକଇ     ମନର ମଧ୍ୟରେ
ଗ୍ରାମଦେବତୀ ମା ଶୁଣ
ରକ୍ଷାକର ମାଆ     ଏବପଦୁ ମୋତେ
ପଶୁଛି ତୁମ ଶରଣ ।

ତୁମେ ସେହି ମାଆ     ଗ୍ରାମର ମୁଖିଆ
କରନାହିଁ ଆଉ ଟାଣ
ତୁମ ପ୍ରତି ଯେଉଁ     ଅନ୍ୟାୟ କରିଲି
ପାଇଲି କେତେ କଷଣ ।

ଦୂର ହେବ ତୁମ     ଦୁଃଖ ଓ ଯନ୍ତ୍ରଣା
କାନଧରି ଯାଅ ତରି
ଗ୍ରାମର ଦେବତା     ଗ୍ରାମଦେବତୀ ମୁଁ
ମାରିବୁନ ଟିଟିକାରି ।

ଜାଣିଗଲି ଆଜି     ମହିମା ତୁମର
ତୁମେତ ମାଆ ସବୁରି
ସୁଖଦୁଃଖ ସହି     ରହିଛ ଗାଆଁରେ
ବୁଝିବ ଦୁଃଖ ଆମରି ।

କରୁଛି ପ୍ରତିଜ୍ଞା     ତୋଳବି ମନ୍ଦିର
ଗଛମୂଳୁ ନେବି ତୋଳ
ଶକ୍ତି ଦିଅ ମୋତେ     ଯିବି ମୁଁ ଆଗେଇ
ଆଶିଷ ଦିଅ ମା' ଢାଳ ।

ଆଳଦା, ଖଇରା, ବାଲେଶ୍ୱର

# ଶୁଣ ମୋ ଭାଇଭଉଣୀ



ରାଜକିଶୋର ସାଇଁ

ଶୁଣ ମୋ ଭାଇଭଉଣୀ
ରାସ୍ତା ଦୁର୍ଘଟଣା ଦୁଃଖ କାହାଣୀ
ସାରା ଦେଶରେ ପଡେ ଭାଳେଣୀ ।୧।
ନ ମାନିବାରୁ ନିୟମ
ଦୁର୍ଘଟଣା ଘଟଇ ଘନଘନ
କେତେ ସଂସାର ହୁଏ ଉଚ୍ଛନ୍ନ ।୨।
ସେଥିପାଇଁ ସାରା ଦେଶ
ପାଳଇ ସଡକ ସୁରକ୍ଷା ମାସ
ଆସ ପାଳିବା ଏହି ଦିବସ ।୩।
ଆମ ଏ ସାରା ଦେଶରେ
ରାସ୍ତା ଦୁର୍ଘଟଣା ମୃତ୍ୟୁ ହାରରେ
ଆମ ରାଇଜ ଆଛି ଆଗରେ ।୪।
ନିଶା ଯେ ସେବନ କରି
ଅବା କଥା ହୁଏ ମୋବାଇଲ୍ ଧରି
ଦ୍ରୁତ ଗତିରେ ଚଳାଏ ଗାଡି ।୫।
ଯିଏ ବେପରୁଆ ହୋଇ
ଟ୍ରାଫିକ୍ ନିୟମ ମାନଇ ନାହିଁ
ମହା ବିପତ୍ତି ସିଏ ଡାକଇ ।୬।
ଏପରି ଗାଡି ଚାଳନା
ଆଣଇ ଡାକ ରାସ୍ତା ଦୁର୍ଘଟଣା

ପ୍ରାଣହାନୀର ଦିଏ ସୂଚନା ।୭।
ନହେଲେ ଆମେ ସଜାଗ
ସ୍ଥିତି ପୂର୍ବପୂରି ବିଗିଡିଯିବ
ଯେତେ କାନ୍ଦିଲେ ଦୁଃଖ ନଯିବ ।୮।
ଚଳାଇଲା ବେଳେ ଗାଡି
ନିୟମ ସବୁକୁ ଯିବାନି ଭୁଲି
ତେବେ ଦୁର୍ଘଟଣା ଦେବା ଏଡି ।୯।
ସର୍ବେ ସଚେତନ ହେଲେ
ସୁଧାର ଆସିବ ସ୍ଥିତିରେ ଭଲେ
ରକ୍ଷା ହୋଇବ ଜୀବନ ହେଲେ ।୧୦।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

# କରୁଣା ସିନ୍ଧୁ ଶ୍ରୀହରି



ଡଃ ଅର୍ଜୁନ ଚରଣ ବାରିକ

ଈଶ୍ୱର କୃପାମୟ କୃପାସିନ୍ଧୁ । ଯେତେଦୂର ରେ ଥିଲେ ବି ଆର୍ତ୍ତୀର ଆର୍ତ୍ତରେ ଶ୍ରବଣରେ ସକ୍ଷମ । ତେଣୁ ସେ ଅନ୍ତର୍ଯାମୀ ଭକ୍ତ-ପ୍ରେମୀ, ଭକ୍ତ ପାଇଁ ଦଶବତାର । ଅତଏବ ତାଙ୍କର ଶକ୍ତି ସାମର୍ଥ୍ୟ ବିଷୟରେ ମଣିଷ ବା କଣ ଜାଣିବ? ଏପରି ଇତର ପ୍ରାଣୀ ପାଇଁ ସେ କରୁଣାର ଆଳୟ । କରୁଣାସିନ୍ଧୁ ।

ଦିନକର ଘଟଣା । ଜଙ୍ଗଲସ୍ଥ ଏକ ବୃକ୍ଷର ପକ୍ଷୀ ବସା ବାନ୍ଧି ରହିଥାନ୍ତି । ସେଦିନ ସ୍ତ୍ରୀ ପକ୍ଷୀଟି ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ବାହାରକୁ ଯାଇଥାଏ । ପୁରୁଷ ପକ୍ଷୀଟି ବସାରେ ଥିବା ସମୟରେ ବୃକ୍ଷର ନିମ୍ନ ଦେଶରେ ଦେଖିବାକୁ ପାଇଲା ବ୍ୟାଧ ଧନୁତୀର ସଜଲ କରୁଛି । ତକୁ ଶୀକାର କରିବା ପାଇଁ । ଶିକାରୀ ପକ୍ଷୀକୁ ଲକ୍ଷ୍ୟକରି ତୀର ଚାଳନା କରିବାକୁ ଉଦ୍ୟତ ହୁଅନ୍ତେ ପକ୍ଷୀଟି ବିଚାର କଲା ଉଡି ଚାଲିଯିବା ପାଇଁ । ହେଲେ ବିଧି ପ୍ରତିକୂଳ ଥିଲା । ଉପରକୁ ଅନାନ୍ତେ ଦେଖିବାକୁ ପାଇଲା ଏକ ଛଞ୍ଚାଣ ଅଦୂରରେ ଚକ୍କର କାଟୁଛି । ଉଡିଲା ମାନେ ଛଞ୍ଚାଣର ଖାଦ୍ୟ ହେବା ନିଶ୍ଚିତ । ତଳେ କାଳରୂପୀ ବ୍ୟାଧି ନିଶାଣ କରୁଥିବା ବେଳେ ଉପରେ ମୃତ୍ୟୁଦୂତ ସଦୃଶ ଛଞ୍ଚାଣ ଉଭୟଙ୍କର ଲକ୍ଷ୍ୟ ଏକ – ଖାଦ୍ୟଭାବରେ ପକ୍ଷୀକୁ ଗ୍ରହଣ କରିବା । ଏଥର ଉଦ୍ଧାରର ସବୁ ବାଟ ପ୍ରାୟ ବନ୍ଦ । ମୃତ୍ୟୁ ଅବଶ୍ୟାମ୍ଭାବୀ ।

ଦୁଇ ଦିଗରୁ ଏଭଳି ବିପତ୍ତିରେ ଫସିଯାଇଥିବା ପକ୍ଷୀଟି କିଂକର୍ତ୍ତବ୍ୟ ବିମୂଢ ହୋଇଯାଇଥିଲା କିଛି ସମୟ ପାଇଁ । ଏବେ କଣ ବା କରିପାରିବ? ବସାରେ ରହିଲେ ଶୀକାରୀର ତୀରାଘାତରେ ମରିବା ସୁନିଶ୍ଚିତ । ଅନ୍ୟପକ୍ଷରେ ଉଡିପଳାଇଯିବାକୁ ଚେଷ୍ଟା କଲାମାତ୍ର ଛଞ୍ଚାଣର ଶିକାର ହେବା ଧାର୍ଯ୍ୟ । ନିରୁପାୟ ଅବସ୍ଥାରେ ହଠାତ୍ ମନକୁ ଆସିଲା ଦୁଃଖହାରୀ ବିପଦଭଞ୍ଜନକାରୀ ପ୍ରଭୁଙ୍କୁ ପ୍ରାର୍ଥନା କରିବା ପାଇଁ । ସେ ହିଁ ଚାହିଁଲେ ଏହି ବିପତ୍ତିରୁ ଉଦ୍ଧାର କରିପାରିବେ । ସେ ଜୀବନ ଓ ମୃତ୍ୟୁର ନିର୍ଣ୍ଣାୟକ ଦେବତା ।ସ୍ଥିର ଭାବରେ ପକ୍ଷୀଟି ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ଲାଗିଲା ।

ହଠାତ୍ ଶିକାରୀର ଅଜଣାତରେ ବୃକ୍ଷମୂଳରେ ଥିବା ଗାତରୁ ବାହାରିଥିଲା ସର୍ପଟିଏ । ଶିକାରୀ ଏକାଗ୍ର ଚିତ୍ତରେ ଲକ୍ଷ୍ୟ ସ୍ଥିର କରୁଥିବା ବେଳେ ସାପ ତାର ପାଦକୁ ଦଂଶନ କରିଥିଲା । ଦଂଶନ ଜନିତ ଯନ୍ତ୍ରଣାରେ ଜୋରରେ "ଆଃ" ବୋଲି ଚିତ୍କାର କରୁଥିବାରୁ ଲକ୍ଷ୍ୟଭ୍ରଷ୍ଟ ହୋଇ ତୀରଟି ଉପରେ ରହୁଥିବା ଛଞ୍ଚାଣକୁ ଆଘାତ କରିଥିଲା ଓ ଛଞ୍ଚାଣଟି ତୀରବିଦ୍ଧ ହୋଇ ଭୂମିରେ ପଡି ଛଟପଟ ହୋଇ ମୃତ୍ୟୁବରଣ କରିଥିଲା ।

ଏହିଭଳି ଭାବରେ ପକ୍ଷୀର ଆତୁର ପ୍ରାର୍ଥନା ଭଗବାନଙ୍କ ଦରବାରରେ ପହଞ୍ଚିଥିଲା ଓ ଈଶ୍ୱର ତାର ପ୍ରାର୍ଥନା ଶୁଣି ପ୍ରାଣରକ୍ଷା କରିଥିଲେ । ପ୍ରାୟତଃ ଏହା ହୋଇଥାଏ ଯେ ବିପଦ ଘେନେଇ ଆସିଲେ କମ୍ବା ଚତୁଃପାର୍ଶ୍ୱରେ ବିପଦ ଦେଖାଦେଲେ ଅନେକଙ୍କର ବୁଦ୍ଧି ହଜିଯାଇଥାଏ । ଉପସ୍ଥିତି କ୍ଷେତ୍ରରେ ନିଜର କର୍ତ୍ତବ୍ୟ ନିର୍ଦ୍ଧାରଣ କରିପାରି ନଥାନ୍ତି । ତେବେ ମହାପୁରୁଷମାନେ କହିଛନ୍ତି – ପୁରାଣଶାସ୍ତ୍ରରେ ଏକାଧିକ ନିଦର୍ଶନ ଅଛି – ଯେତେବେଳେ ସକଳ ଉପାୟ ଶେଶ ହୋଇଯାଏ, କୌଣସି ଉପାୟ ବଞ୍ଚିନଥାଏ ସେ ସମୟରେ ସର୍ବଶ୍ରେଷ୍ଠ ଓ ସର୍ବଶକ୍ତିମାନ ଉପାୟଟି ଥାଏ – ତାହାହେଲା ଦୁଃଖହାରୀ ପ୍ରଭୁଙ୍କୁ ଏକାଗ୍ର ଚିତ୍ତରେ ସ୍ମରଣ କରି ତାଙ୍କର ସାହାଯ୍ୟ ପ୍ରାର୍ଥନା କରିବା । ଏକନିଷ୍ଠ ଭାବରେ ପ୍ରାର୍ଥନା କଲେ ସେ ନିଷ୍ଚୟ ଶୁଣିଥାନ୍ତି ।

# ଅନ୍ୱେଷଣ



ଅଭିମନ୍ୟୁ ଧଳ

ନିରନ୍ତର ଶତ ଆୟାସ ସତ୍ତ୍ୱେ
ପୁନଶ୍ଚ ସେହି ଆରମ୍ଭବିନ୍ଦୁରେ
ସିସିଫସ ପରି ଭୂମିରୁ ପର୍ବତ ଶିଖରକୁ ନିରନ୍ତର ଯାତ୍ରା
କିନ୍ତୁ ମୋର ଦୁର୍ଭାଗ୍ୟ ନା ନିୟତିର ନିଷ୍ଠୁର ନିର୍ଦ୍ଦେଶ
ତାହା ଜାଣି ପାରେନା
ସ୍ନାୟୁ ସଂଯମୀ ହେବାର ଦୁର୍ବାର ପ୍ରଚେଷ୍ଟା
କିନ୍ତୁ ଗଭୀରକ୍ଷତରେ ସେହି ଅସତର୍କ ଆଙ୍ଗୁଳର ସ୍ପର୍ଶ
ସବୁକିଛି କ୍ଷଣିକେ ହରି ନିଏ
ଟିକିଏ ସ୍ନେହ, ଟିକିଏ ତଥାକଥିତ ପ୍ରେମ
ଯାହାକୁ ପାଥେୟ କରି ଜୀବନ ବଞ୍ଚାଯାଇପାରେ....!
ତଥାପି କେଉଁ ଅଦୃଶ୍ୟ ଶକ୍ତିର ନିରନ୍ତର ପ୍ରେରଣା
ଯଥାର୍ଥ ସତ୍ୟ ର ଅନ୍ୱେଷଣ ପାଇଁ
ଗୃହସ୍ଥ ନା ବୈରାଗ **?....**
ଜନ୍ମ ନା ମୃତ୍ୟୁ **?.....**
ଆସକ୍ତି ନା ସମର୍ପଣ **?....**
ଉଦୟ ନା ଅସ୍ତ **?....**
କେଉଁଟି ଜୀବନରେ ସତ୍ୟ **?......**

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ(ପ୍ରଥମ ବର୍ଷ)
ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାର,ବୁର୍ଲା

# ଦୁଃଖର ଉକ୍ତି



ଅଚ୍ୟୁତାନନ୍ଦ ଭୁଏ

ଶୁଣ ଶୁଣ ସୁଜ୍ଞଜନ ଦେଇ ମନ କର୍ଣ୍ଣ
ଦୁଃଖର ଚରିତ ଆଜି କରୁଛି ବର୍ଣ୍ଣନ।
ନଜଲୋକ ପରକରି ମାନେ ଅନ୍ୟ କଥା
ତାହା ଠାରୁ କଣ ଅଛି ହୃଦୟ ର ବ୍ୟଥା ।

କର୍ଣ୍ଣ ଯଦି ଶୁଣି ଥାଏ ନଜ ନନ୍ଦା କଥା
ଆପେ ଆପେ ନଇଁ ଯାଏ ଆପଣାର ମଥା।
ଜୀବନରେ ଧୋକା ଖାଇ ଥିଲେ ଯେଉଁ ନର
ଆପଣାର ମନ ତନ୍ତ୍ରୀ ବାଜେ ବାରବାର।

ହର୍ଇ ଦୀନ ପସର୍ କାନ୍ଦେ ତାର ପ୍ରାଣ
ଲ୍ଗେ ତାକୁ ଦଶଦିଗ ହୋଇଗଲ୍ ଶୂନ୍ନ।
ଅକାଳରେ କାଳ ଆସି ଯେବେ ପ୍ରାଣ ନଏ
ତାହାଠୁ ବଳ ଯନ୍ତ୍ରଣା ହତଭ୍ଗା ପାଏ।

ଯିଏ ବା ପରମ ଦୁଃଖୀ ସେ ହିଁ ଏକା ଜାଣେ
ଦୁଃଖ ଥଲେ ସୁଖ ମିଳେ ଭ୍ରମୁ ଅକାରଣେ।
'ଦୁ'ରେ ବୁଝିବୁ ଦୁଇ ର୍ମନାମ ସିନା
'ଖ'ରେ ଖଗପତି କରିବୁ ଗଣନା।

ଗୋଲ୍ମାଲ, ରେଂଗାଲି, ସମ୍ବଲପୁର

# ଆତ୍ମଦର୍ଶନେ ମୁଁ
# "ନାରୀ"



ଶୋଭାଗିନ ବିଶି

ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ମୁଁ ଯେ କୁଆଁତାର୍
ମୋ ପିତା ମାତାଙ୍କ ମୁହିଁ ନୟନ ପସର୍ ॥୦॥
ଏକମାତ୍ର ଭାଇର ମୁଁ ଉତ୍ତରୀୟ ପରି,
କାନ୍ଧରେ କାନ୍ଧ ମିଳାଇ ଚାଲି ଅନୁସରି ॥୧॥
ଭଗିନୀ ମାନଙ୍କ ଲାଗି ବାନ୍ଧବୀ ଭଗିନୀ,
ରାଗରୁଷା ଅଭିମନ କରେ ଜାଣିଶୁଣି ॥୨॥
ସାଙ୍ଗ ମାନଙ୍କ ଜୀବନେ ମୋହର ଭୂମିକା
ଯେ ଯାହା ଗ୍ରାହ୍ୟ କରିଛି ତାକୁ ଜଣା ଏକା ॥୩॥
ନାରୀର କାୟାବହନ କରି ମର୍ତ୍ତ୍ୟପୁରେ,
ଭିନ୍ନ ରୂପ ଧାରଣ ମୋ ସମୟ ସାଥିରେ ॥୪॥
ସୁଶୀଳା ସନ୍ତାନ ମୁଁ ମୋ ପରିବାର ପାଇଁ,
ସମ୍ମାନ ମୁଁ ଅପମାନ କେବେ ତ ନୁହଁଇ ॥୫॥
ନାୟକ ହୃଦେ ମୋ ସ୍ଥାନ ପ୍ରେୟସୀ ନାୟିକା,
ବନ୍ଧୁ ବାନ୍ଧବଙ୍କ ପାଇଁ ରୂପ ମୋର ସଖା ॥୬॥
ଗର୍ଭଧାରୀ ମାତା ରୂପେ ଜଗତେ ବିଦିତ,
ଦ୍ୱିତୀୟ ଈଶ୍ୱରୀ ନାମ ମୁହିଁ ଜଗନ୍ନାଥ ॥୭॥
ଜାୟାରୂପ ଧାରଣ ମୋ କୁଳ ରକ୍ଷା ପାଇଁ,
ମୋହ ଲାଗି ସୃଷ୍ଟି ହୁଏ ନାଶମୋହ ପାଇଁ ॥୮॥
ପ୍ରେମ ପ୍ରତିମା ମୁଁ ଜାୟା-ଜନନୀ-ଭଗିନୀ,
ସମ୍ମାନହାନ ସମୟେ ରୂପ ସଂହାରିଣୀ ॥୯॥

କୁଳନନ୍ଦିନୀ ମୁଁ କା ପାଇଁ ମହିଷାମର୍ଦ୍ଦିନୀ,
ସନ୍ତାନ ପ୍ରାଣା ମୁଁ ମାତା ଜଗତ ବନ୍ଦିନୀ ॥୧୦॥
ଆତ୍ମଦର୍ଶନେ ମୁଁ "ନାରୀ", ହୃଦୟର ଆଖି,
ସଂସାରେ ମୋ ସ୍ନେହନାମ ଶୋଭିଗିନ, ଶୋଭି ॥୧୧॥

ଗ୍ରାମ-ଦୁଆନ ପାଲି, ସୋହେଲା, ବରଗଡ଼

# ଡାଆଣୀ



ମୀନାକ୍ଷି ପାଢ଼ୀ

ସେ ଅନେକବେଳୁ ସେମିତି ଛିଣ୍ଡା ମସିଣାଟା ଉପରେ ପଡି ରହିଥିଲା । ଶୁଖିଲା କାଠ ଗଣ୍ଡି ପରି । ଦେହଟା ବି ବହୁତ ଭରୀ ଭରୀ ଲାଗୁଥିଲା ତାକୁ । ଗ୍ରିଆଡ ଖାଁ ଖାଁ । ସନ୍ଧ୍ୟାବେଳୁ ଝିପିଝିପି ବର୍ଷା ହୋଇ ଛାଡି ଯାଇଛି । ଭୋକ ଓ ଶୋଷରେ ତା ଜୀବନ ଛାଡିଗଲା ପରି ଲାଗୁଥିଲା । ସେ ଟିକଏ ପେଟେଇହୋଇ ହାତ ବଧାଇଲା । ମାଟି ସୁରେଇରୁ ଗିଲାସରେ ପାଣି ଢାଳ ପିଇଗଲା ଗୋଟେ ନିଃଶ୍ୱାସରେ ଚଁ ଚଁ କରି । ଶୁଖିଲା ଫଟା ଓଠଟା ଉପରେ ଜିଭଟାକୁ ବୁଲେଇ ଆଣି ବାହାରକୁ ଗ୍ରହିଁଲା ତାଡି କବାଟ ଫାଙ୍କ ଦେଇ । ତାଳପତ୍ରର ଛପରଦେଇ ମେଞ୍ଚାଏ ଜହ୍ନ କରଣ ତାରଛିଣ୍ଡା ମସିଣାଟି ଉପରେ ପଡି ଖୁବ୍ ସ୍ନିଗ୍ଧ ଓ ଆରାମ ଦାୟକ ମନେହେଉଥିଲା । ହେଲେ, ସୌନ୍ଦର୍ଯ୍ୟରେ କଣ ପେଟ ପୁରେ? ଭୋକ ଖାଦ୍ୟ ଲୋଡେ! ନରବଛିନ୍ନ.....ଅହୋରାତ୍ରି । ତା ପେଟରେ ପାଞ୍ଚ ମାସର ଛୁଆ । ଛଟପଟ ହେଉଛି । ଖାଇବାକୁ ମାଗୁଛି । ସ୍ଫୀତ ଉଦର ଉପରେ ଶିରାଳହସ୍ତଟି ବୁଲାଇ ଆଣି ଓଠକୁ କାମୁଡି ଧଇଲା ସେ ।

ସକାଳେ ସେ ଓ ଈଶ୍ୱର ଗୋଟିଏ ମଲା କାଉର ମାଂସ ରାନ୍ଧି ଖାଇଲେ । ସେ କାଉଟି ଇଲେକ୍ଟ୍ରିକ୍ ଖୁଣ୍ଟିରୁ ଝୁଲି ରହିଥିଲା । ଆଉ କଛି କାଉ ସିଝା ମାଂସ ତା ପାଖରେ ବଳ ପଡିଥିଲା । ସେକଛି ଝୋଳ ହାଣ୍ଡି ସହ ଟେକ ଦେଇ ପିଇଲା । ବାକତକ ଈଶ୍ୱର ପାଇଁ ସାଇତି ରଖିଲା । ସଞ୍ଜ ବେଳରୁ ଯାଇଛି ଯେ ଯାଇଛି । କୁଆଡେ ଗଲା? ତାକୁ କାନ୍ଦ ମାଡିଲା । ବାନ୍ତି ବି ଲାଗିଲା । ସେ ବାନ୍ତି କଲା । ଈଶ୍ୱର କହୁଥିଲା, "ନଦୀ କୂଳ ବିଲ ପଟେ ବଡମୂଷା ଥାଆନ୍ତି । ଫାଶଟିଏ ବନେଇଛି । ଦୁଇ ଗ୍ରରିଟା ପଡିଗଲେ କାଲି ଦିନଟା ଚଳଯିବା ।" ସକାଳେ ଗାଧୋଇ ଗଲାବେଳେ ଦୁଇମୁଠା ମଦରଙ୍ଗା ଶାଗ ସେ ଅଣତୁଠ କଡରୁ ସାଉଁଟି ଆଣିଥିଲା । ସେମାନେ ଅଣତୁଠିଆ । ଜାତିରୁ ବାସନ୍ଦ । ସମାଜରୁ ମଧ । ଈଶ୍ୱର ଓ ବନୀତା ଦୁଇପ୍ରାଣୀ । ଦୋଷ, ଅଜାତିରେ ବିବାହ । ନଆଁ ପାଣି ମନା ତାଙ୍କ

ପାଇଁ । କାମ ମିଳେନାହିଁ ଖଟି ଖାଇବାକୁ । ପର ଗାଁକୁ ଗଲେ ମୂଲ କାମ ମିଳବ । ହେଲେ ପନ୍ଦରଦିନ ଧ୍ୱେଗି ଜ୍ୱରରୁ ଉଠିଛି ଇଶ୍ୱର । ଗୋଡ ହାତ ଚଳୁନାହିଁ । ଏଣେ ଭୋକର ଜ୍ୱାଳା ।ଉପରେ ବନୀତାଟି ଗର୍ଭବତୀ । ପେଟରେ ପେଟେ ଛୁଆ ।

ରାତ୍ରି ଘନେଇ ଆସୁଥିଲା । ଖୁଡ଼୍ କରି ଶବ୍ଦ ହେଲେ ଚମକୁ ଥିଲା ବନୀତା । ଲୁଗାପଟା ସଜାଡି କାନ୍ଥ ଆଉଜି ବସିଲା ସେ । ଦୂରରୁ ପେଗୁଆଉ ବିଲୁଆର ରଡି ଭାସି ଆସୁଥିଲା । ଇଶ୍ୱର ପାସି, ଆଦିବାସୀ ଦୀକ୍ଷିତ ଖ୍ରୀଷ୍ଟିଆନ୍ । ବନୀତା ମାରାଣ୍ଡି, ଦୂର ଗାଁଗଉନ୍ତିଆର ଝିଅ । ଅଷ୍ଟମ ଶ୍ରେଣୀ ଯାଏଁ ପଢିଛି । ଶିକ୍ଷିତା, ସାକ୍ଷର । ଇଶ୍ୱର ବଣ ଜଙ୍ଗଲ ବୁଲି ମହୁ ସଂଗ୍ରହ କରି ଗାଁକୁ ଗାଁ ବୁଲି ମହୁ ବିକ୍ରି କରୁଥିବାବେଳେ ମହୁଆ କିଶୋରୀ ବନୀତା ସହ ସାକ୍ଷାତ । ହାତ ପାପୁଲିରେ ଟୋପାଏ ମହୁ ଚାଖୁ ଚାଖୁ ଇଶ୍ୱର ଆଖିରେ ଆଖି, ହସରେ ହସ ଆଉ ହୃଦୟ ରେ ହୃଦୟ ମିଶିଗଲା ପରେହାତରେ ହାତ ରଖି ଦିନେ ଘର ଛାଡିଦେଲା ସେ ତା ଗୌନ୍ତିଆ ବାପର ଅନର କଳିଂ କଥା ଶୁଣିପାରି । ହାତ ଧରି ଘରୁ ଆସିବା ପରଠୁଁ ବଞ୍ଚିବା ଯେପରି ଜୀବନର ଏକ ସଂଗ୍ରାମ ପାଲଟି ଗଲା ଦୁହିଁଙ୍କ ପାଇଁ । ଗାଁ ମହାଜନର ଗୋଟି ଖଟିବା, ପେଟ ପୋଷିବା..... । ଅନଭିଜ୍ଞା ସୁକୁମାରୀ ବନୀତା ହଠାତ୍ ବେମାର ପଡିବା ପରେମହାଜନ ପୁଅ ବିରଜୁ ସହାୟତାର ହାତ ବଢାଇ ପ୍ରତି ବଦଳରେ ତାର ଶରୀର ଚାହିଁବା ସ୍ୱାଭାବିକ । ସେଦିନ ନଦୀ କୂଳରେ ଏକୁଟିଆ ପାଇ ତାକୁ ବିରଜୁର ଦୁଇଗୁଣ୍ଡା ତାକୁ ଆଡଡା ଘରକୁ ଟେକ ନ ନେଇଥିଲେ ହୁଏତ ଏତେ ଦୁର୍ଦ୍ଦଶା ତାର ଆଜି ହୋଇନଥାନ୍ତା । "ଗାଁ ଭିତରେ ରହିବାର ଅଛି ତ ଭଲରେ ଭଲରେ କଥା ମାନ ବନୀତା । ନହେଲେ ଲୁହ ନ କାନ୍ଦି ରକ୍ତ କାନ୍ଦିବୁ, ପିଥିରେ ତୋର କେହି ପଡିବେନ..... ।" ବିରଜୁର ଶେଷ ଚେତାବନୀ ଓ ଜବରଦସ୍ତ ଟଣଓଟରା । ଶକ୍ତ ଚାପୁଡାଟିଏ ବିରଜୁ ଗାଲରେ କଷିଦେଇ ଦୌଡି ପଳାଇଲା ପରେ ମଦ ନଶାରେ ବିରଜୁ କହିଥିବା "ତୋ ସତୀପଣିଆ ଛଡେଇବି...." ମନେ ପଡିଲେ ଦେହ ଶୀତେଇ ଯାଏ ବନୀତାର । କେତେଥର ନେହୁରା ହେଲାଣି ଇଶ୍ୱରକୁ ଗାଁ ଛାଡି ଚାଲିଯିବା ପାଇଁ । ହେଲେ ଭିଟାମାଟିର ମୋହ ଇଶ୍ୱରକୁ କେମିତି ଗୋଟାଏ ବାନ୍ଧି ରଖେ ସେ ଯାଇପାରେନା ଜନ୍ମଭୂମି ଛାଡି । ବିପଦ ଯେପରି ଡେଣା ଲଗେଇ ମାଡି ଆସିଲା । ସେ ବନୀତାରୁ ବନିଗଲା "ବାରଙ୍ଗନା" । ଗାଁ ଟୋକାଏ ପଛରେ ପଛରେ ହେଲେ । ଆଖି ମାରିଲେ, ସିଟି ମାରିଲେ । ପଦାକୁ ବାହାରିବା ମୁସ୍କିଲ୍ ହେଲା ।

ବିରଜୁର ଚୋରି ଟଙ୍କା ମିଳଲା ଈଶ୍ୱରର ଘର ସନ୍ଧିରୁ । ହୁତ୍ ହୁତ୍ ଜଳଲା ଘତି ଅଧରେ ଘର କୁଡିଆ ଖଣ୍ଡକ । ଦୋଘରୁଣୀ ଓ ଚୋରି ଅଭିଯୋଗରେ ସାମାଜିକ ବାସନ୍ଦ ହୋଇ ଦୁହେଁ ଆଶ୍ରୟ ନେଲେ ଗ୍ରାମ ଦେବତୀ ଆସ୍ଥାନ ପଛପଟେ । ସେ ତ ଜଗତଜନନୀ, ଅଖଣ୍ଡ ବିଶ୍ୱାସର ଆଧାର । ହାତ ବଢାଇ ସତେ ଯେପରି ଅଭୟ ଆଶ୍ରୟ ଦେଲା । ଝାଟିମାଟିର ବଖୁରିଏ କୁଡିଆ ତାଳ ପତ୍ରଛପର ମାରି ସେଇଠି ପଡି ରହିଲେ ଦୁହେଁ । ତାର ସତୀ ପଣିଆର ପୂର୍ଣ୍ଣାହୁତି ପଡିଲା ବାସ, ଗ୍ରାସ ସର୍ବସ୍ୱ ହରାଇ ।

କୁଡିଆ ପାଖରେ ଖସଖସ୍ ଶବ୍ଦ । ଆସିଲା କି ଈଶ୍ୱର? "ବନି ଏ ବନି, କବାଟ ଖୋଲ" ଫୁସଫୁସ୍ କରି ଡାକଲା ଈଶ୍ୱର । ସମସ୍ତ ବଳ ସଞ୍ଚୟ କରି ବନୀତା ଉଠିଲା । ଆଣ୍ଠେଇ ଯାଇ ତାଟି କବାଟରେ ବନ୍ଧା ଦଉଡିଟିକୁ ଟାଣିଦେଲା । ଭୁସ୍ କରି ଭିତରକୁ ପଶି ଆସିଲା ଈଶ୍ୱର । ମଲା ମୂଷା ଦୁଇଟା ଘରରେ ଟାଙ୍ଗି ଦେଇ ଲଥ୍ କରି କାନ୍ଥକୁ ଆଉଜି ବସିଗଲା । ଦୀର୍ଘ ନିଃଶ୍ୱାସ ମାରି କହିଲା, "ବେଳ କାଳ ଭଲ ନାଇଁ, କେତେବେଳେ କୋଉ କଥା ।" ବନୀତା ପଚାରିଲା, "ଖାଇବୁ?"

ଈଶ୍ୱର କହିଲା, "ସରପଞ୍ଚର ନାତିଟା ଦୁଇଦିନ ହେଲା ତାର ପତ୍ତା ନାହିଁ । ଆମେ ଏ ଜାଗା ଛାଡି ଦେବାରେ ।"

"କାହିଁକି ଯେ", ପଚାରିଲା ବନୀତା । ଚଉଁକନା ହେଲା ଛାତି । ଧଡ୍ ପଡ୍, ଉଠ୍ ପଡ୍..... ।

"ହାତ ଲାଗିଲେ ଭାତର ଅଭାବ ନାଇଁରେ ।" କିଛି ଭଲ ଲାଗୁନି କହି ପାଣି ଗିଲାସେ ପିଇ ସେଇଠି ବନୀତା ପାଖରେ ଗଡି ପଡିଲା ଈଶ୍ୱର । ଜରୁଆ ଶେଠୁଆ ମୁହଁଟାକୁ ଚାହିଁ ଚାହିଁ ତାରି ପାଖରେ ଶୋଇଗଲା ବନୀତା । ପାହାନ୍ତା ପହରୁ ନିଦ ଭାଙ୍ଗିନାହିଁ । ଅଳ୍ପ ଅଳ୍ପ ଫରଚା ହେଉଛି । ଗ୍ରାମ ଦେବତୀ ମନ୍ଦିର ବେଢାରେ କାଉଟିଏ ଖୁବ୍ ଜୋର୍ ରେ କା" କା" କରୁଛି । ନିଦ ଭାଙ୍ଗିଗଲା ବନୀତାର । ଅଜଣା ଏକ ଆଶଙ୍କାରେ ମନ କାହିଁକି ବ୍ୟାକୁଳ ହୋଇ ଉଠିଲା । ଈଶ୍ୱର ଆଡେ ଚାହିଁଲା ସେ ।ଛାତି ଉପରେ ହାତ ଛନ୍ଦି ନିଘୋଡ ନିଦରେ ଶବଟିଏ ପରି ପଡିରହିଛି । ତାଟି ଘୁଞ୍ଚାଇ ବାହାରକୁ ଚାହିଁଲା । ମନ୍ଦିର ବେଢାରେ ହୋ ହାଲ୍ଲା । ସରପଞ୍ଚ ପୁଅର ମଲା ଦେହ ମିଳିଛି ଈଶ୍ୱର କୁଡିଆ ପଛପଟେ! ମୁଣ୍ଡ ନାହିଁ । ଖାଲି ରକ୍ତ

ସାଲୁସାଲୁ ଗଣ୍ଡି । ସିନ୍ଦୂର, ହଳଦିଆ ଗୁଉଳ ଓ ମନ୍ଦାର ଫୁଲ । କାଲି ସଞ୍ଜବେଳଟାରେ ନଦୀ କୂଳେ ଇଶ୍ୱର କଣ ଖୋଜୁଥିଲା ଏକୁଟିଆ, କେତେ ଭେଣ୍ଡିଆଏ ଦେଖିଛନ୍ତି । ଅଣନଃଶ୍ୱାସୀ ବନୀତା ପଡିଉଠି ଇଶ୍ୱରକୁ ନଦରୁ ଝାଙ୍କି ପକାଇଲା ।

ଇଶୁ, ଇଶୁ, ଉଠ୍ ଜଲଦି ଉଟ୍ । ଗ୍ଭଲ ପଳାଇବା ।ଇଶ୍ୱର ଧଡପଡ ହୋଇ ଉଠି ବସିଲା ।

"କୁଆଡେ**?** କୁଆଡେ ଯିବା**?**" ପ୍ରାଣଶକ୍ତି ନାହିଁ ଦି ପ୍ରାଣୀଙ୍କର । କୁଣ୍ଢାକୁଣ୍ଢି ହୋଇ ତାଟି କବାଟ ବାଟେ ଲୁଚ ଗ୍ଭହିଁଲେ ।ଲାଲ ଲାଲ୍ ଆଖି ତରାଟି ରଡି ଛାଡୁଛି ବିରଜୁ ।

"ଘୁଞ୍ଚିପାରିବନ କଏ କୁଆଡେ, ଖଟ ବୁଲିବ ଆଜି....ଖଟ ।" ଘୋଷାଡି ହୋଇ ଘର ଭିତରେ ପଶି ଦୁହେଁ ପଡିଗଲେ ଦୁଲଦାଲ ହୋଇ । ବହୁ ଅଜଣା ଆଶଙ୍କାରେ ଦୁହେଁ ଆଶଙ୍କିତ । ଘରେ ଭିତରେ ଦୁଇଟି ଯହା ନିର୍ଜୀବ କାଠ କଣ୍ଢେଇ । କେବଳ ଛାତି ଭିତରେ ଦୁଇଟି ହୃତପିଣ୍ଡର ଧକ୍ ଧକ୍ ଶବ୍ଦ ପ୍ରାଣସତ୍ତାର ପ୍ରମାଣ ଦେଉଛି । କେତେ ସମୟ ସେମାନେ ସେମିତି ପଡି ରହିଲେ ଜାଣନ୍ତି ନାଇଁ । ମନ୍ଦିର ପୂଜାରୀ ଲୁଗ୍ଭଇ ଦେଇଥିବା କଛି ପ୍ରସାଦ ଟିକଏ ଖାଇ ଆଉ ଟିକଏ ଚକଟି ଚକଟି ଇଶ୍ୱର ପାଟିରେ ଦେଲା ବନୀତା । ଗାଁ ସାହି ଭିତରେ କଣ ଭାରୀ ହୋ ହାଲ୍ଲା ଗ୍ଭଲିଛି । ପୋଲିସ ଗାଡି ଆସିଛି ପରା । ହୟରେ କାକୁସ୍ଥ ଦୁଇପ୍ରାଣୀ ବିରଜୁ ପୋଲିସ ବାବୁ ଙ୍କୁ ଇଶ୍ୱରର କୁଡିଆ ଦେଖାଇ କଣ କଣ ସବୁ କହୁଥାଏ । ପୋଲିସ୍ ମୁଣ୍ଡ ଟୁଙ୍ଗାରୁଛି । ଇଶ୍ୱର ବନୀତାର ପିଠିକୁ ଆଉଁସି ଧୀରେ କହିଲା, "ଅନ୍ଧାର ହେଉ..... ।"

ଦିନ ତିନଟା ହେବ କ କଣ । ବାଇଦ ବାଜଣା, ହୋ ହୋ ଶବ୍ଦରେ ଚମକ ବସିଲେ ଦୁହେଁ । କାହାରି ପାଟିରେ ଭାଷା ନାହିଁ । "ଭୁସ୍" କରି ତାଟି କବାଟ ଉପରେ ଗୋଇଠା ବସିଲା । ମଡ୍ ମଡ୍ ହୋଇ ଭୁଷୁଡି ପଡିଲା ସେଇଟା । ବାହାରେ ଶହେ ସରିକି ଲୋକ । ଗୋଟିଏ ଖଟିଆ ମୁଣ୍ଡେଇ ଗ୍ଭରିଜଣ ଭେଣ୍ଡିଆ, ଖଟ ବୁଲୁଛି । ଦିସାରି ଗ୍ଭହିଁଛି କନ୍ଦର୍ଯ୍ୟ ରକ୍ତାକ୍ତ ଗ୍ଭହାଣୀରେ । କୁଡିଆ ଭିତରେ ପଶିଗଲେ ଗ୍ଭରି ଭେଣ୍ଡିଆ । ଶୂନ୍ୟେ ଶୂନ୍ୟେ ଇଶ୍ୱରର ଶୁଖିଲା ଛଣ ବିଡା ଦେହଟାକୁ ଫୋପାଡି ଦେଲେ ଗୋଟେ କୋଣରେ ।

ଦି ଗୋଇଠା ବନୀତାର ଅଣ୍ଟାକୁ । "ବୋପା ଲୋ" ବୋଲି ଚକାର କରି ଈଶ୍ୱରର ଚେତାଶୂନ୍ୟ ଦେହଟା ଉପରେ ଢଳିଗଲା ବନୀତା ।

କୁଡିଆ ଭିତରେ କଛି ରକ୍ତର ଛିଟା । ଦୁଇ ଗୁରିଟା ଭଙ୍ଗା ହାଣ୍ଡି କୁଣ୍ଡି । କଛି ସିଝା ବାସି ମାଂସର ଫୁରୁକୁଟିଆ ଗନ୍ଧ । ଗୋଟିଏ କୋଣରେ ତିନଟା ଢିମା ଢିମା ପଥର ମୁହଁମୁହିଁ ଚୁଲି । ଗୋଟିଏ ବାଡିରେ ଭାଙ୍ଗି ଚୁନଚୁନା । କୁଡିଆ ଭିତରେ ରକ୍ତ । କୁଡିଆ ପଛରେ ରକ୍ତ, ମନ୍ଦାର ଫୁଲ, ହଳଦିଆ ଗୁଉଳ, ଲେମ୍ବୁ ଓ ଜଟି ବାଳର ସନ୍ଧାନ । "ମାର୍ ମାର୍ ଦୁଇଟାକୁ, ପିଲାର ଜୀବନ ଖାଇଛି । ଦିଅ ଦୁଇଗଡ କରି" ବିରଜୁର ଚକ୍ରାର । ତାର ବଦାନ୍ୟତା ଓ ଅନୁଗ୍ରହରୁ ବେଦେଶୀ ମାଲ୍ ରେ ମତୁଆଲା ଭେଣ୍ଡିଆଙ୍କ ଅଶ୍ଳୀଳ ଗାଳି ଓ ଅଶାଳୀନ ମନ୍ତବ୍ୟ ।

ଅନ୍ଧାର ଘନେଇ ଆସିଲା । ପେଚ୍ଚା, ବିଲୁଆଙ୍କ କଳକଳା ନାଦରେ ଅନ୍ଧକାରର ଅଟ୍ଟହାସ୍ୟ । ହଠାତ୍ ଆଠ କ ଦଶ ଯୁଆନ୍ ଟୋକା ହାତରେ ନିଆଁହୁଳା ଧରି ଦୌଡି ଆସିଲେ । ହୋ ହୋ ରଡି ଭିତରେ ଚକ୍ରାର, "ଲଗା ଲଗା ନିଆଁ ତାକୁ, ଚୁଟି ଧରି ଆଣ ସେ ରଖେିଲର, ହାରାମଜାଦୀ ନାଟ ଲଗେଇଚ । ମାର୍ ଶଳାକୁ ମାଟିରେ ମିଶା..... ।" କୁଡିଆ ପଛ କାନ୍ଥକୁ ପକାଇଲା ନାତେ ଈଶ୍ୱର । ହାତରେ ଧରି ବନୀତାର ହାତ ଧାଇଁଲା ଉଠିପଡି ଆଗକୁ.....ଅନ୍ଧାରରେ । କୋଉଠୁ ଆସିଲା ଏ ଶତ ସିଂହର ବଳ । କଣ୍ଟା ବୁଦା ରାସ୍ତାଘାଟ କଛି ଦିଶୁନାହିଁ । ପାଞ୍ଚ ମାସର ପେଟିରେ ମାଇକନାକୁ ଘୋଷାଡି ଧାଉଁଛି ସେ ଅମୁଣିଆ, ଏକମୁହଁ, ଅବାଟରେ ।କଣ୍ଟା ଗୋଡ ବାଜି ପାଦ ପେଣ୍ଡା ଚରି ସବୁ ରକ୍ତାକ୍ତ ହେଲାଣି । ହୋ ହୋ ଶବ୍ଦ ପାଖେଇ ଆସୁଛି । ଭୟରେ ଈଶ୍ୱର ଗୋଟିଏ ପରିତ୍ୟକ୍ତ ଘୁଷୁରି ଗୁହାଳ ଭିତରକୁ ଠେଲିଦେଲା ବନୀତାକୁ । ଆଉ ନିଜେ ଘୁଷୁଡି ଘୁଷୁଡି ଧାଇଁଲା ଅନ୍ଧାରରେ । ଧଡାସ୍ କରି ବସିଲା ମଝି ପିଠିରେ ଗୋଟାଏ ପାହାର । ବ୍ରହ୍ମ ଚମକ ଉଠିଲା ଈଶ୍ୱରର । ଗୁରି ଗଡାଣି ଦେଇ ଗଡିଲା ବେଳକୁ ଦୁଇଜଣ ଭେଣ୍ଡିଆ ଶୂନ୍ୟେ ଶୂନ୍ୟେ ଟେକ ନେଇଗଲେ ତାକୁ ।

ଅନ୍ଧାର ଭିତରେ ପାଗଳୀ ପରି ଘୁଷୁଡିଲା ବନୀତା । ହଠାତ୍ ତା ଭିତରେ ଆଶ୍ରୟ ନେଇଥିବା ବାରଟି କଅଁଳା ଛୁଆର ପୋଖତୀ ମା ଘୁଷୁରୀଟି କାମୁଡି ଧରିଲା ତା ମୁହଁକୁ ଜୋରରେ । ଖୁବ୍ ଗୋଟାଏ ଆର୍ତ୍ତ ଚକ୍ରାର କରି ପକାଇଲା ବନୀତା । ଦୁଇଟା ଭେଣ୍ଡିଆ ଖେଦିଗଲେ ଗୁହାଳ ଆଡେ । ଚୁଟି ଧରି ଘୋଷାଡି ନେଲେ ବନୀତାର ମୃତପ୍ରାୟ ଦେହଟିକୁ । ବନୀତାକୁ

ଆଉ କଷ୍ଟ ହେଉଥିଲା କି ନା, ତା ମୁହଁ ତ ଅନ୍ଧାର ଭିତରେ ଦିଶୁନଥିଲା । ପାଞ୍ଚାଳୀକୁ କୁରୁସଭା ତଳେ ଘୋଷାଡିଲା ବେଳେ ବି ପୃଥିବୀମାତା ଏମିତି ଅଥୟ ଅଧୀର ହୋଇ ଥିବ କି ନା ସନ୍ଦେହ । ଦୁଇ ଭେଣ୍ଡିଆ ତାକୁ ଘୋଷାଡି ଘୋଷାଡି ନେଲାବେଳେ ଭାବି ପାରିଲେନି ଯେ ସେଇଟା ଗୋଟିଏ ନିରୀହା । କୋମଳ ବୟସର ତରୁଣୀ । ମଣିଷଟିଏ, ମା ହେବାକୁ ଯାଉଛି । ଗଗନ, ପବନ, ଜଳ, ସ୍ଥଳ ସବୁ ଯେମିତି ସ୍ଥାଣୁ ପାଲଟି ଯଇଥିଲା । ହଲୁ ନଥିଲା ଗଛର ପତ୍ର କି ପକ୍ଷୀର ପର । ଦୂରରୁ କେବଳ ଭାସି ଆସୁଥିଲା ଶ୍ୱାନ, ଶୃଗାଳଙ୍କ ବିକଟାଳ ରଡି ଓ ରାତ୍ରିରେ ପକ୍ଷୀଙ୍କ ଉଦ୍ଭଟ ଚତ୍କାର । ବନୀତାର ଚେତା ଥିଲା କି ନଥିଲ କେଜାଣି, ତାର ନିଷ୍ପ୍ରାଣ ହାଟ ଦୁଇଟି ଜୋର୍ ରେ ଜାବୁଡି ଧରିଥିଲା ତଳପେଟକୁ ଯେଉଁଠି ଥିଲା କଛି ପ୍ରଶ୍ନବାଚୀ ତାର ଆଗାମୀ ଭବିଷ୍ୟତର..... ।

ଦୁଇଟା ଯାକ ଜୀବନ୍ତା ଶବକୁ ଗାଁ ମୁଡ ବରଗଛ ତଳେ ହାତ ଗୋଡ ବାନ୍ଧି ରଖାଯାଇଥିଲା । ରାତି ପାହିବା ପରେ ବିଗ୍ଭର ହେବ । ଏଇ ଡାଆଣୀ ତା ସ୍ୱାମୀ ସହ ମିଶି ସରପଞ୍ଚ ଛୁଆର ବେକ କାଟିଛି । ରାତିଅଧରେ ଲୁଗାପଟା ଥୋଇ ଲଙ୍ଗଳା ହୋଇ ବୁଲୁଛି । ମୁଣ୍ଡ ତଳକୁ ଓ ଗୋଡ ଉପରକୁ କରି ଦୁଇ ହାତରେ ଚଲୁଛି । ମଣିଷ ମଳ ଖାଉଛି । ସେଦିନ ସତରେ ଦେହରେ ଲୁଗା ଥାଇବି ସେ ଥିଲା ଲଙ୍ଗଳା । ଘୋଷାରି ହୋଇ ଲୁଗା ଖଣ୍ଡିକ ତାର ଟୁକୁରା ଟୁକୁରା ହୋଇ ତାର ସାଇତା ଲଜ୍ଜାକୁ ନିଲାମ କରୁଥିଲା । ମାନବିକତାକୁ ବିସର୍ଜନ କରିଥିବା ଏ ସମାଜକୁ ଲଜ୍ଜା ନିବାରଣ କରିବାକୁ ବି ତାର ଉନ୍ମୁକ୍ତ ଜଙ୍ଘ, ବାହୁ, ପେଟ, ସ୍ତନ ଉପହାସ କରୁଥିଲେ । ଲଜ୍ଜା ନିବାରଣ କରିବାକୁ ବି ତାର ହାଟ ଉଠିବାକୁ ବଳ ନଥିଲା । ସେଗୋଟେ ନାରୀ ନୁହେଁ, କାଠ ବା ପଥର । ଈଶ୍ୱର ସମ୍ପୂର୍ଣ୍ଣ ମୂର୍ଚ୍ଛିତ ଥିଲା । ମାଡ ଖାଇଖାଇ ତାର ପ୍ରତେକ ଅଙ୍ଗ ଫୁଲି ଫାଟି ହୋଇଥିଲା ସୋରା ସୋରା ନୋଳା ।

ସେଇ ଦାରୁଣ ରଜନୀର ଅନ୍ତରେ ଉଦିତ ସୂର୍ଯ୍ୟ ଯେପରି ଅଟ୍ଟହାସ୍ୟ କରି........

ଘୁଷୁରି କାମୁଡି ଦେଇଥିବା ତାର ଗାଲରୁ ବୋହିଥିବା ରକ୍ତ ଶୁଖି ସେଥିରେ ଦୁଇ ଗ୍ଭରିଟା ମାଛି ନିଜର ଅଧିକାର ସାବ୍ୟସ୍ତ କରୁଥିଲେ । ହଠାତ୍ ଯନ୍ତ୍ରଣାରେ ଅଧୀର ଦୁଇପ୍ରାଣୀଙ୍କୁ ସମ୍ପୂର୍ଣ୍ଣ ଲଣ୍ଡା କରି ଦିଆଗଲା । ଈଶ୍ୱରର ଗୋଟିଏ ଗାଲରେ ଚୁନ ଓ ଆରଟିରେ କଳା, ଏକରେ ଛିଣ୍ଡା ଜୋତାର ମାଳ । ବନୀତା ଆଗରେ ଭଙ୍ଗା ହାଣ୍ଡି ଛେଲୁଆରେ ପରଶି

ଦିଆଗଲ୍ ମଣିଷ, କୁକୁର, ବିର୍ଡି, ଘୁଷୁରି ଓ କୁକୁଡା ମଳ ସହିତ ଗୋଳା ହୋଇଥିବା ଭ୍ତ । ଜବରଦସ୍ତ ତା ପାଟିରେ ମାରି ଦିଆଗଲ୍ ସେ ଅଖାଦ୍ୟ । ତା ଲୁହ, ଲହୁ, ଲ୍ଳ, ବାନ୍ତି ସହ ସେ ଅଖାଦ୍ୟ ବି ଯେମିତି ତାର ପରିଚୟ ଓ ପାଥେୟ । ହଠାତ୍ ଅଶ୍ରାବ୍ୟ ଗାଳ ସହ ବସିଲ୍ ଗୋଟେ ନର୍ଘାତ ଲ୍ତ । ବନୀତାର ପ୍ରାଣପିଣ୍ଡ ଚମକ ଉଠିଲ୍ । "ମା ଗୋ" ବୋଲି ପାଟିକରି ଢଳ ପଡିଲ୍ ସେ କର୍ଡିହୋଇ । ହାତ ଗୋଡ ଗ୍ରି କାଟ ମେଲି ହୋଇଗଲ୍ । ଦଲକାଏ ରକ୍ତ ବୋହି ଆସିଲ୍ ଦୁଇ ଜଙ୍ଘ ସନ୍ଧି ଦେଇ । ତାର ସମସ୍ତ ସ୍ୱପ୍ନ ଓ ସମ୍ଭାବନାର ପୂର୍ଣ୍ଣାହୁତି ପକାଇ । ଚେତାଶୂନ୍ୟ ହୋଇବେକ ତାର ଢଳଗଲ୍ ଗୋଟିଏ ପଟକୁ । ବାପା ମାଆଙ୍କର ଗୋଟିଏ ବୋଲି ଝିଅ ବନୀତା ଭ୍ରି ଅଲିଅଳୀ ଗେଲବସର । ଉପରେ ଗୋଟିଏ ଭ୍ଇ ଗୋପାଳ କଲେଜରେ ପଢେ । ତାର ପ୍ରିୟ ସାଙ୍ଗ ନର୍ମଳ ଛୁଟିରେ ବେଳେବେଳେ ଗାଁକୁ ଆସେ । ସେନର୍ମଳ ଟା ସହରୀ ଟୋକା । ତେଣୁ ବଣ ମୁଲକରେ ବୁଲ୍ବୁଲି ତାର ପସନ୍ଦ । କ୍ୟାମେର୍ କାନ୍ଧରେ ପଡିଥାଏ । ୨/୩ ଦିନ ରହିଯାଏ ଗୋପାଳ ଘରେ । ଗୋପାଳ ଶିକାରକୁ ଯାଏ । ନର୍ମଳ ଦେଖେ । ସେମାନେ ହରିଣ ପଛରେ ଗୋଡାନ୍ତି, ପାରଅନ୍ତି ନାହିଁ । କନ୍ତୁ ମଜା ଲ୍ଗେ । ନର୍ମଳଭ୍ବେ ହରିଣ ନୁହେଁ ସେ ଯେପରି ବନୀତା ପଛରେ ଧାଉଁଛି । ହଁ, ନର୍ମଳ ବନୀତାକୁ ଭଲପାଏ । ହେଲେ ମନେମନେ । ନର୍ମଳ ଆଖିରେ ଭ୍ଷା ବନୀତା ବୁଝେନା । ପ୍ରେମ କହିଲେ କଣ ଯେ/ ନର୍ମଳ ସାମ୍ବାଦିକତା ପଢେ ।

ଈଶ୍ୱରର ଗାଁ ପାହାଡ ଡେଇଁ ସେ ପାଖେ ତକୁ ଦଶବର୍ଷ ବେଳେ ତା ବାପାକୁ ବାହ ନେଇଗଲ୍ । ପଛେପଛେ ମା ଗ୍ଲିଗଲ୍ ମ୍ୟାଲେରିଆ ଜ୍ୱରରେ । ଉଢି ଜେଜୀ ପାଖରେ ରହି ସେ ଖୋଜିବୁଲିଲ୍ ବଞ୍ଚିବାର ରହା । ପାଠ ଛାଡିଲ୍ ପଞ୍ଚମ ଶ୍ରେଣୀରୁ ଆ ତା ଜମିରେ ଖଟିଲ୍ । ବାରବର୍ଷ ବୟସ ବେଳେ ଜେଜୀ ଗ୍ଲିଗଲ୍ । ତାଙ୍କ ଗାଁର ଗ୍ରାମସେବକ ବାବୁ ତାକୁ ପାଖ ସହରର ଗୋଟିଏ ହୋଟେଲ ରେ ରଖାଇ ଦେଲେ । ହୋଟେଲ ରେ କାମ ବହୁତ । ସେ ହୋଟେଲ ମାଲିକଟା ବଡ ଗୋଡିଏ "ର୍କ୍ଷସ" । ଦିନ ସାର୍ ଦୁଇବେଳା ଖାଇବାକୁ ଦିଏ । ସପ୍ତାହରେ ପଗ୍ଶ ଟଙ୍କା । ପୁଣି କହେ, "ଟଙ୍କାଟା ମୋ ପାଖରେ ଥାଉରେ, ତୁ ପିଲ୍ଲୋକ୍, ହଜେଇ ଦେବୁ ।" ଦିନ ଭିତରେ ଈଶ୍ୱର ଗର୍ଖଙ୍କ ଟେବୁଲ ସଫା କରେ । ପାଣି ଗିଲ୍ସ ରଖେ, ଅଇଁଠା ବାସନ ଉଠାଏ, ମାଜେ । ଘର ଝାଡୁ କରେ । ଗର୍ଖ ଛାଡିଥିବା ଅଇଁଠା ଖାଦ୍ୟ ବି ବେଳେବେଳେ ସେ ଲୁଗ୍ଇକ ପାଟିରେ ପୁର୍ଏ । ର୍ନ୍ଧୁଣିଆ ବେଳେବେଳେ ବଳଥିବା ଚପ୍ ଟାଏ କ ମିଠାଟିଏ ଈଶ୍ୱରକୁ ଲୁଚେଇକ ଦେଇଇଏ । ସେଦିନ

ରାତିରେ ଈଶ୍ୱର ଦୁଇଘଣ୍ଟା ତାର ଗୋଡ, ଦେହ, ହାତ ଘସିବାକୁ ପଡେ । ସେଦିନ ଈଶ୍ୱରର ଦେହଟା କେମିତି ଗୋଟେ ଖୁଜୁବୁଜିଆ ଲାଗୁଥାଏ । ପାଞ୍ଚବର୍ଷ ହୋଟେଲରେ କାମ କଲାପରେ ମାଲିକ କହିଛି ତାକୁ ଆଉ ଟେବୁଲ ପୋଛାଇବ ନାହିଁ । ସେ ବଢାବଢି କାମ କରିବ । ସନ୍ଧ୍ୟାବେଳୁ ଟିକେ ଜ୍ୱର ଜ୍ୱର ଲାଗୁଥାଏ । ଦେହହାତ ଭାରୀ ଭାରୀ ।ବସି ବସି ଶୋଇ ପଡିଲା ସେଇ ଅପରିଷ୍କାର ଟୋଟା ଉପରେ । ଆଉ ନିଦ ଭାଙ୍ଗିଲା ଗୋଟେ ଆର୍ତ୍ତ ଚତ୍କାର ରେ । ମାଲିକ ତତଲା ଲୁହା ଖଡିକାରେ ଚେଙ୍କି ଦେଇ ଥିଲା ତାର ବେକ ପଛକୁ । ସେଇ ରାତାରାତି ସେ ଗାଁରେ ଆସି ପହଞ୍ଚିଲା ଅସୁସ୍ଥତାକୁ ଖାତିର ନକରି ।

ତା ପରଠୁ ଯାହା ତା ବୋଲହାକ କରି, କ୍ଷେତ ବାଡିରେ କୁଲି ଲାଗି, ବଞ୍ଚିବାକୁ ଚେଷ୍ଟା କଲାସେ । ତାକୁ ଭଲ ଲାଗିଲା ସେ ବଣ ପାହାଡ, ନଦୀ, ଆକାଶ । ଭାବିଲା ଭୋକରେ ପଛେ ମରିବି, ଆଉ ଯିବି ନାହିଁ ସହର । ସେଜୁଆନ୍ ହେଲା ।ବଣ ଭିତରେ ବୁଲିବୁଲି ଛତୁ, ପତ୍ର, କନ୍ଦା, ଫୁଲ ମହୁଲ, ମହୁ ଇତ୍ୟାଦି ସଂଗ୍ରହ କଲା, ହାଟରେ ବିକଲା । ତାର ପରି ମହୁଫେଣା ସେ ଖଣ୍ଡ ମଣ୍ଡଳରେ କେହି ଭାଙ୍ଗି ପାରେନା । ଥରେ ମହୁ ଧରି ବିକୁଥିବା ବେଳେ ଏଇ ବନିତା ତାକୁ ମିଳିଥିଲା । ଆଉ ବନିତା ବି ସେଦିନ ବୁଝିଲା ପ୍ରେମ କଣ**?**

ହଠାତ୍ ପୋଲିସ୍ ଗାଡିର ସାଇରନ୍ ଶୁଣି ଈଶ୍ୱରର ଶରୀରରେ ଯେପରି ପ୍ରାଣର ସଞ୍ଚାର ଘଟିଲା । ଧାଏଁ ଧାଏଁ ବନ୍ଧୁକର ଆୱାଜ, ଲୋକଙ୍କ ପ୍ରାଣ ବିକଳରେ ଛତ୍ରଭଙ୍ଗ ଓ ପୋଲିସ୍ ର ସେମାନଙ୍କ ଉପରେ ଲାଠି ପ୍ରହାର । କେହି ଦୁଇଜଣ ଆସି ଈଶ୍ୱରକୁ ଟେକି ନେଇ ଆମ୍ବୁଲାନସ୍ ରେ ଶୁଆଇ ଦେଲେ । ତାର ଅସାଡ ଅନାବୃତ ଦେହକୁ, ହାତରେ ତୋଳଧରି କେହି ଜଣେ ଲୁଗାଟିଏ ଘୋଡାଇ ଦେଉଥିବାର ଅପ୍ରତ୍ୟାଶିତ ଦୃଶ୍ୟକୁ ଅର୍ଦ୍ଧନିମୀଳିତ ଚକ୍ଷୁରେ ଦେଖୁଥିବା ବେଳେ କେହିଜଣେ ବନୀତା କାନରେ ଅତି ଯତ୍ନରେ କହୁଥିଲା, "ବନି, ମୁଁ ଆସିଲିଣି, ତୁ ଚିନ୍ତା କରନି ।" ବନିତା ଠିକ୍ ଜାଣି ପାରିଲା, ଏଇଟା ନିର୍ମଳର କଣ୍ଠସ୍ୱର ।

ଚକଟୀ, ଗଞ୍ଜାମ

# ଏ ମନ ମାନେନା

ନିରଞ୍ଜନ ସାହୁ

ଯେତେ ବୁଝାଇଲେ ଏ ମନ ବୁଝେନା
ବୁଝାଇବ ତାକୁ କିଏ
କେମିତି ବୁଝିବ ପାଗଳା ମନଟା
ଯେତେ ବୁଝାଇଲେ ଯିଏ ॥
ଦିନ ଥିଲା ଦିନେ ଏଇ ମନ ମୋର
ବହୁତ ସରଳ ଥିଲା
ସହଜ ଭାବରେ ବୁଝି ନେଉଥିଲା
ସାଜିକି ଅବୋଧ ପିଲା
ଆଜି ସେହି ମନ ନିଜକୁ ପର୍ବରେ
ଜଟିଳତା କିଏ ଦିଏ?
ଦିନେ ସତ ମିଛ ନ ପରଖି ମନ
ବଞ୍ଚିଥିଲା ବିଶ୍ୱାସରେ
ଆଜି କିନ୍ତୁ ଦେଖେ ବିଷ ଭରିଅଛି
ପ୍ରତିଗୋଟି ନିଶ୍ୱାସରେ
କାହିଁକି ହୋଇଲା କିଏ ଏହା କଲା
କେମିତି ଜୀବନ ଇଏ?

ନିହାଲପ୍ରସାଦ,
ଗନ୍ଦିଆପାଟଣା, ଢେଙ୍କାନାଳ

# ବହି



ଉମେଶ ବିଶ୍ୱାଳ

କେତେଟା ଫର୍ଦ୍ଦ ଓ ଅକ୍ଷରର ସମାହାରରେ
ବନ୍ଧା ପଡିଥିବା ବହିଟି
ଆକୁଳ ଚେହେରାରେ କାକୁତିମିନତି କରି ଡାଉଛି
ଥରୁଟିଏ ପରଶ ପାଇବା ଆଶାରେ
କାହାର ଆଖିରେ ପଡିବାର କାମନାରେ ।

ମନମାରି ଅନେକଦିନ ହେବ
ସିମେଣ୍ଟ୍ କାନ୍ଥକୁ ଆଉଜି ବସିଛି
ବିନା ଖାଦ୍ୟ-ପେୟରେ
ଶରୀରର ରଙ୍ଗଟା ବେରଙ୍ଗ ହୋଇପଦିଛି
ଧୂଳ ଓ ଧୂଳକଣାର ପରଶରେ ।

ପୃଷ୍ଠଭାଗରେ ଥିବା ନାନାପ୍ରକାର ଚନ୍ଦ
ଜୀବନ ହରାଇ ବସିଲେଣି
ଆସ୍ତେ ଆସ୍ତେ ରଙ୍ଗହୀନତାର ପରଶ
ନଷ୍ଟିହ୍ନ କରିଦେଉଛି ଚନ୍ଦର ସମଗ୍ର ରେଖାକୁ
ଅକ୍ଷରଗୁଡିକୁ ପାକୁଳ କରି ।

ଫର୍ଦ୍ଦଗୁଡିକ ଧୂସରିଆ ଦିଶିଲେଣି
ସମୟର ଗତିକୁ ଅନାଇ
ଯେତେ ରଙ୍ଗୀନ୍ ତା ଆଖିରେ ପଡୁଛି

ଖୋଜୁଛି ନଜର ଅସ୍ତିତ୍ୱ
କାଳେ ପାଇବା ଆଶାରେ !

ମନୁଷ୍ୟ ଜୀବନ ବି ସେଇପରି
ରଙ୍ଗବିହୀନ ହୋଇଯାଇଛି
ରଙ୍ଗର ପ୍ରାଚୁର୍ଯ୍ୟରେ
ମନମାରି ଘୂରିକାନ୍ଥ ଭିତରେ ଟିଭି ଦେଖୁଛି
ଆତ୍ମୀୟଜନଙ୍କ ସନ୍ଧାନରେ ।

# "ଅନ୍ୱେଷା"



ଅଜୟ କୁମାର ସାହୁ

ମୋ ଆବେଗ ଭରା ଛାତିରେ ପ୍ରତାରଣାର
କୁଣ୍ଠେମୋଟ ସ୍ୱର
ମୋ ଭିତରେ ଅସହ୍ୟ ଯନ୍ତ୍ରଣା
ସାଉଁଟୁଥିବା ସମୟର ସତେଅବା
ନିର୍ଲିପ୍ତ ପ୍ରହାର।
ଏଇ ଦେଖ
ଚାହିଁ ଦେଖ ସମ୍ମୁଖକୁ
ବୈଶାଖି ଜଳ ପରି
ଫିଙ୍ଗି  ଦେଇଥିବା, ଅତୀତ ପୃଷ୍ଠାକୁ।

ଆଜି ମୁଁ ତୃଷିତ
ସାର ମରୁଭୂମି ପରି
ସତେଅବା ମୃଗତୃଷ୍ଣା
ଭାବି ଭାବି ନିକଟତର ହେଲି,
ତା'ପରେ
କଛି ଦିଶିଲାନି ମୋତେ
ପୁଞ୍ଜାଏ ଅଶ୍ରୁ ଆଉ ସୁଷୁପ୍ତ ସ୍ୱପ୍ନ,
ହଜେଇ ଦେଇଥିବା ଅତୀତ,
ବର୍ତ୍ତମାନ ଓ ଭବିଷ୍ଯତ ପୃଷ୍ଠାଗୁଡିକୁ।
ମୁଁ ଉହଳ ବିକଳ ହେଲି

ଭାବୁଥିଲି ନିଶ୍ଚୟ ଆସିବ ସେଦିନ,
ଶ୍ରାବଣଟିଏ ହୋଇ
ତରୁଲତା ପଲ୍ଲବିତ
ସତେଅବା ବସନ୍ତକୁ ଗୁହିଁ ।
ପିଲାଦିନ ଧୂଳିଖେଳ
ମନେ ପଡେ ମୋର
ତମେ କହୁଥିଲ
    ମୁଁ ଶୁଣୁଥିଲି
ପୁନେଇ ଜହ୍ନର କଥା, କୋଇଲି ବସନ୍ତ କଥା,
ଏଇମିତି କେତେକ'ଣ
ମନେପଡେ  କେତେକଥା କେତେସ୍ମୃତି
ସ୍କୁଲ ସମୟର ସାଥି
କ୍ଲାସ ଘଣ୍ଟି ବାଜିବା ଆଗରୁ
ବରଗଛ ଗାଁ ମୁଣ୍ଡ ଛାଇତଳେ
ସେଦିନର ରୂପକାନ୍ତି
ପାଲଟିଛି ମାୟା ମରିଚିକା
ଫମ୍ପା ମାଠିଆ ପରି ଶୂନ୍ୟ ଇଲାକା ।

ଅଧ୍ୟାପକ,ଓଡିଆ ବିଭାଗ (ବିଭାଗୀୟ ମୁଖ୍ୟ),
ଝାଡେଶ୍ୱର ଡିଗ୍ରୀ କଲେଜ,ଟୋଲକାନୀ,ଯାଜପୁର।

# ଫସର ଫାଟିଲା



କୁଞ୍ଜ ବିହାରୀ ସାହୁ

ମାଛିକୁ ମ କହୁ ନଥିବା ବାଇଧର ଦାସ ଏବେ ଏବେ ପ୍ରମୋସନ ପାଇଛନ୍ତି । ଜିଲ୍ଲାର ଏକ ବିଭାଗର ମୁଖ୍ୟ ହୋଇ ଯୋଗଦାନ କରିଛନ୍ତି । ମୁଣ୍ଡ ଉପରକୁ ହାତ ପାଇଯାଇଛି ଆଉ ଗୋଡ ତଳେ ଲାଗୁନ । ସେ ଜାଣିଛନ୍ତି ପୈସା ଫେକୋ ତମସା ଦେଖୋ ନ୍ୟାୟରେ ଚାଲିଲେ ଅସମ୍ଭବ ବି  ସମ୍ଭବ ହୋଇପାରିବ ।

ଯୋଗଦାନ କରିବାଦିନ କହିଦେଲେ - 'ମୁଁ କାମରେ ବିଶ୍ୱାସ କରେ କଥାରେ ନୁହଁ । ମୋ ପାଖରେ ଚହ୍ନା ଅଚହ୍ନାର ମାପକାଠି ନାହିଁ । ମୁଁ ଯାହା ଚାହିଁବି ସେୟା କରିବାକୁ ପସନ୍ଦ କରେ । ମୁଁ ଉପର ମହଲାରେ ଅର୍ଥ ସହଯୋଗରେ ଏହି ଜିଲ୍ଲାକୁ ଆସିଛି । ହଁ ପ୍ରତିଶ୍ରୁତି ଦେଉଛି ଆପଣଙ୍କ ବ୍ୟକ୍ତିଗତ ସମସ୍ୟାକୁ ଅଗ୍ରାଧିକାର ଦେବି । ମୋତେ ସହଯୋଗ କରନ୍ତୁ ମୁଁ ଆପଣଙ୍କୁ ସହଯୋଗ କରିବି।'

ତାଳ ଉପରେ ତାଳ ଶୁଭିଲା । କୁହାକୁହି ହେଲେ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା - ସତରେ ଭଲ ଅଫିସର ଜଣେ ଏତେ ବର୍ଷ ପରେ ଆସିଛନ୍ତି ।

ଦିନ ପରେ ଦିନ ଗଡିଚାଲିଲା । ନଜର ପଡିଲା ରିହାବିଲେଟସନରେ ଚାକରି ପାଇଥିବା କର୍ମଚାରୀଙ୍କ ଉପରେ । ଏକ ଦୁର୍ନାମ ଅର୍ଜନ କରିଥିବା ରିଟାୟର୍ଡ ଅଫିସରଙ୍କ ବିଷାକ୍ତ କଥାର ଅନୁମୋଦନ ନେଲେ । ପୁରୁଣା ଚହ୍ନା ତଥା କାମିକା ଲୋକଙ୍କୁ ପାଦରେ ଆଡେଇ ନୂଆ ବୋଲକରା / ଅନଭିଜ୍ଞ କରାଣୀଙ୍କୁ ନଜର କରିଲେ । ସେମାନଙ୍କୁ ଭୁଆ ବୁଲେଇ ସରକାରୀ ଗାଡି ବ୍ୟବହାର କଲେ । ପିଲାଛୁଆଙ୍କୁ ଗାଡିରେ ବୁଲାଇବା, ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେବାରେ ନିଜକୁ ନିୟୋଜିତ କଲେ । ସରକାରୀ ପାଣ୍ଠିକୁ ଆତ୍ମସାତ

କଲେ। ବିଧବା କରଣୀକୁ ହଇରଣ ହରକତ କରି ତାଙ୍କ ଇଜ୍ଜତ ନେବାପାଇଁ ଅଗେଇ ଆସିଲେ । ବିଗ୍ରରୀ ସ୍ୱାମୀ ଛେଉଣ୍ଡ ମହିଳା କର୍ମଗ୍ରରୀ ଆଖିରେ ଅନ୍ଧପୁଟୁଳ ବାନ୍ଧି ସମୟ ଦେଖି ଅଫିସରଙ୍କ ଘରେ ରେଷେଇ କଲେ । ବିରାଡି ମୁଣ୍ଡରେ ଶିକା ଛିଣ୍ଡିଲା ପରି ଅଫିସରଙ୍କ ମନ କଚେ ପୁଅ ବାର୍ । ପାଖକୁ ଡାକ ଦେହକୁ ଦେହ ଘଷିହେଲେ । ଓଠକୁ ଓଠ ମିଶାଇଲେ । ମାସ ଶେଷକୁ ମେଡିସିନ ବିଲ ବାବଦକୁ ମନଲାଖି ଟଙ୍କା ବି ଦେଲେ ବିଧବା କରଣୀକୁ ।

କରଣୀ ମାନେ ବୋଲକର, ଲାଞ୍ଚୁଆ । ବାପା ମରିଗଲାନ ବରଂ ପୁଅ ମୁଣ୍ଡରେ ସୁନା କଳସୀ ଥୋଇଦେଲା । ଏମିତିକା ବାପର ପୁଅ କରଣୀ ହୋଇ ଭଲ କାମ କରିବ କ'ଣ ମାଡୁଆ, ଡହର, ମିଛ କହୁଥିବା ଅଫିସର ପାଖରେ ବଢିଆ ବାଗରେ ଚୁଗୁଲି କରି ଫାଇଦା ଉଠେଲେ । ଅଫିସର ବି ସେହିଭଳ କରଣୀମାନଙ୍କୁ ହାତ ମୁଠାରେ ରଖି ଅନୀତି ଅନ୍ୟାୟ ଅତ୍ୟାଗ୍ରର ଆରମ୍ଭ କରିଦେଲେ । କାମରେ ବିଶ୍ୱାସ କରୁଥିବା ଅଫିସର ନଜ ପାରିଲାପଣିଆକୁ ଦ୍ୱାହି ଦେଇ ଷ୍ଟାଫମାନଙ୍କ ଭିତରେ ବିଷ ମଞ୍ଜି ବୁଣିଦେଲେ । କଳତକରାଳ କରି ବିଭେଦ ତିଆରିଲେ । ଜୁଳୁଜୁଳିଆ ପୋକ ପରି ଅନେଇ ରହିଲେ ଦକ୍ଷ କରଣୀମାନଙ୍କୁ।

ସବୁଦିନେ ନୁହେଁ ଗ୍ରନ୍ଦିନୀ ରାତି ଢଙ୍ଗରେ ଜଣେ ଆର.ଟି.ଆଇ. ଆବେଦନକାରୀଙ୍କ ହାତରେ ଧରାପଡିଲେ ଅଫିସର । ସେହି ଆବେଦନକାରୀ ଅନେକ ରହସ୍ୟ ଉନ୍ମୋଚନ କରିଦେଲେ ଅଫିସରଙ୍କର । କଥାଟି ତୁଣ୍ଡ ବାଇଦପରି ଘୂରିବୁଲିଲା । ଉପର ମହଲାରେ ବି ହଇଚଇ ହେଇଗଲା । ବୁଝୁ ବୁଝୁ ଅଫିସରଙ୍କ ସବୁ ଗଲତି ପଦାକୁ ବାହାରିଲା । ଅର୍ଥ ବିନଯୋଗରେ ଫାଇଲ ତଳ ଉପର କରି ପ୍ରମୋଶନକୁ ହାତେଇଛନ୍ତି - କଥାଟି ପଦାକୁ ବାହାରିଆସିଲା । ଉପର ମହଲାରେ ଯୋଉମାନେ ଟଙ୍କା ଗିଳଛନ୍ତି ଆଡେଇଗଲେ ।

ଯୋଉ କରଣୀମାନଙ୍କୁ ଅଣ୍ଟିରେ ପୂରାଇ ଗେଲ କରୁଥିଲେ, ବାପ ଛେଉଣ୍ଡ ବୋଲି ସହାନୁଭୂତି ଦେଖାଉଥିଲେ, ସାମାନ୍ୟ ସ୍ୱାର୍ଥରେ ବାଧା ଆସିବାର ଭିଜିଲାନ୍ସରେ ଅଫିସରେ ଖବର ପହଞ୍ଚାଇଦେଲେ ।

ସେଦିନ ଥିଲା ବୁଧବାର । ପାହାନ୍ତା ପହର । ମାଘୁଆ ଶୀତ । ଶିହରିଯାଉଛି ଦେହ । କମ୍ବଳ ଭିତରେ ଘୁଙ୍ଗୁଡି ମାରୁଥିଲେ ବେପାରୁଆ ଅଫିସର । ଜାବୁଡି ଧରିଲେ ଅଫିସରଙ୍କୁ ଭିଜିଲାନ୍ସ କର୍ମଚାରୀ । ରେଡ୍ ହେଲା ଅଫିସରଙ୍କ ବିଭିନ୍ନ ସ୍ଥାନରେ ଥିବା ବାସଭବନ । ଅଫିସ ଆଉ ପୈତୃକ ସମ୍ପତ୍ତି । ଲଗାମ ଲାଗିଗଲା ସବୁଥିରେ । ବିଚରା ଅଫିସରଙ୍କ ଅକଲଗୁଡୁମ । ଭିଜିଲାନ୍ସ ଗାଡିରେ ଅଫିସର ବସିବାକୁ ବାଧ୍ୟ ହେଲେ । ସବୁ ଯେମିତି ଫସର ଫାଟିଲା । ଯେଉଁ କରଣିମାନେ ଅଫିସରଙ୍କ ଚାମଚାଗିରି କରୁଥିଲେ, କାନ୍ଦିଲେ ମୁହଁ ଲୁଚେଇ । ସ୍ୱାର୍ଥକୁ ଜବରଦସ୍ତ ହାତେଇ ନେଉଥିଲେ । ଏବେ କରିବେ କଣ ? ଭାଳେଣି ପଡିଲା ସେମାନଙ୍କର । ସେମାନେ ଏମିତି ଦଶା ଭୋଗିବେନ ତ ! ପ୍ରଥମେ ମୁହଁ ଲୁଚେଇଲେ । କଛିଦିନ ପରେ ଠୋ..ଠୋ ହୋଇ ହସିଲେ । ସେ ହସ ଥିଲା କୃତିମ ଆଉ ଛଳନା....

ଅଫିସରଙ୍କ କଳା କାରନାମାର ଅନ୍ତ ଘଟିଲା ।

ଏଇଟା କୁଶାସନ ନା ଶାସନକଳକୁ ଭାଙ୍ଗିଦେବାର ଦୁର୍ବାର ପ୍ରୟାସ ଥିଲା ତଳମୁହାଁ କରଣୀ ମାନଙ୍କର ।

ଏଲ୍.ଆଇ.ଜି. ୧୫ ନୟାପଲ୍ଲୀ
ବ୍ରିଟ୍ କଲୋନୀ ଭୁବନେଶ୍ୱର ୭୫୧୦୧୨

# ମୁଁ ନୁହେଁ ପ୍ରେମ



କଳ୍ପନା ସାହୁ

ନାଁ ସିନା ମୋର ପ୍ରେମ,
କିନ୍ତୁ ସେ ଗୋଟେ ପ୍ରକାର କର୍ମ ।
କରିପାରିଲେ ଭଲ,
ନକରିପାରିଲେ ମଲ।
ହାତ ବେଶୀ ଲମ୍ବା ନୁହେଁ,
କିନ୍ତୁ ଜାବୁଡି ଧରିଥାଏ,
ମିଛଟାରେ ଏଣୁତେଣୁ କଥା କୁହେ।
ମିଠା ଗେଲ କିନ୍ତୁ ଥାଏ ଛଳନା,
ବ୍ୟାପକ ସେ ତା'ର ନଥାଏ କଳନା।
ସେ ଅସାନ୍ତ ସମୁଦ୍ର,
କେବେ ଭ୍ବ କେବେ ଉଦ୍ୟତ।
ବିଶ୍ୱାସ ଏହାର ଅନ୍ୟନାମ,
କିନ୍ତୁ ସତ ନଥାଏ ନାଁ ଥାଏ ଟିକେ ପ୍ରେମ।
କେବଳ ନାଁ ଟିଏ ମୁଁ,
କଣବା କହିବି ମୋ ବିଷୟରେ?
କେବଳ ଏତିକିରେ ଇତି,
ମୁଁ ନୁହେଁ ପ୍ରେମ,
ମୋର ଭ୍ବବରେ ଥାଏ ପ୍ରିତି।

# ଅଭୁଲା ସ୍ୱପ୍ନ



ଛବିରାଣୀ ପତି

ବାସ୍ତବତା ଠାରୁ ଅନେକ ଦୂରରେ
ରହିଲା କିଛି ସପନ
ମନେପଡିଗଲେ ଲାଗଇ ବିକଳ
କୋହେ ଭରିଯାଏ ମନ ।

ନଥିଲା ତ ସ୍ୱପ୍ନ ସୁଖ ସ୍ୱଛନ୍ଦ୍ୟର
ତୁଳ ତଳ୍ପ ଗୋଲାପର
ନଥିଲାବି କେବେ ଅବାଞ୍ଛିତ ଇଚ୍ଛା
ସ୍ୱେଚ୍ଛାଚାରିତା ହେବାର ।

ତଥାପି ସମୟ ଦେଖାଇଲା କେତେ
ବଳ ବପୁ ବିଭୀଷିକା
ସମାଜର ତୁଚ୍ଛ ସଂସ୍କାର ଆଳରେ
ମନେ ଭରିଗଲା ଶଙ୍କା ।

ଦିବା ସ୍ୱପ୍ନ ପରି ରହିଗଲା ଜାକ
ଅଶାନ୍ତ ହୃଦୟ ମୋର
ନିର୍ବିକାର ଚିତ୍ତେ ବହିଗଲି ଶ୍ରୋତେ
କର୍ତ୍ତବ୍ୟ ମଣି ନିଜର ।

ବେଳେବେଳେ ସେହି ସୁପ୍ତ ସ୍ୱପ୍ନ ଆସି
ନିଦ୍ରାରୁ ଜାଗ୍ରତ କରି

ଦେଇ ଗ୍ଢଲିଯାଏ କଛି ମିଠା ସ୍ମୃତି
ବ୍ୟଥିତ ସ୍ପନ୍ଦନେ ଭରି ।

ସେ ଅଭୁଲା ସ୍ୱପ୍ନ କୋରିଖାଏ ନିତି
ଯୌବନ ଆଦ୍ୟାରୁ ମୋତେ
ପଶ୍ଚିମ ଆକାଶେ ମୁଁ ଲୋହିତ ଆଭା
ଅପେକ୍ଷା ଯେ ଅସ୍ତମିତେ ।

ବୁଡି ଯାଇଥିବା ସୂର୍ଯ୍ୟଙ୍କୁ ପ୍ରଣାମ
କରନ୍ତିନି କେବେ କେହି
ଅଭୁଲା ହେଲେବି ମନର ସାଇତା
ଅମୂଲ୍ୟ ସପନ ସେହି ।

ଜୀବନର ଏହି ସାୟଂକାଳେ କାହିଁ
ବେଶିବେଶି ପଡେ ମନେ
ହଜିଲା ଦିନକୁ ବଖାଣି କ ଲାଭ
ହସିବେ ଅଜ୍ଞାନୀ ଜନେ ।

ମଧ୍ୟ ଶାସନ, ଜଗତସିଂହପୁର

# ଜୀବନ

ଅନନ୍ତ କୁମାର

ଜୀବନଟା ମୋର ଅଥଳ ନଈ
କେତେବେଳେ ସୁଅ ନେବ ଭସେଇ,
ଜୀବନଟା ମୋର ଟିକ ବାଇ ଚଢେଇ,
କେତେବେଳେ ପବନ ନେବ ଉଡେଇ,
ଜୀବନଟା ମୋର ଦୀପର ସଳତା
କେତେବେଳେ ଜଳଯିବ ମୋ ଯୁଇ ଚତା,
ଜୀବନଟା ମୋର କାଗଜର ଗୁଡି
କେତେବେଳେ ଫୁର୍ କନା ଯିବ ଉଡି,
ଜୀବନଟା ମୋର ବରଷା ପାଣିର ଫୋଟକା
କେତେବେଳେ ପ୍ରାଣରେ ଲାଗିଯିବ ଝଟକା,
ଜୀବନଟା ମୋର ମାଟିର କଣ୍ଢେଇ
କେତେବେଳେ ଗୁଳିଯିବ ମୋତେ ଭଣ୍ଡେଇ,
ପ୍ରଭୁ ଆଜି ମୁଣ୍ଡିଆ ମାରି କହୁଛି ମୁହିଁ
ରଖିବ ମୋ ଜୀବନକୁ ତୁମ
ପତିତ ପାବନ ବାନା ଘୋଡେଇ ।

ତିହିଡି, ଭଦ୍ରକ

# ମଞ୍ଜୁଳ ପ୍ରକୃତି



ଜ୍ୟୋତି ପଧାନ

ମଞ୍ଜୁଳ ପ୍ରକୃତି ତାର ଗ୍ୱରୁକାନ୍ତି
ଦେଖି ଉଲ୍ଲସିତ ଆଖି
ଆନନ୍ଦ ମନରେ ଉତ୍କର୍ଷତା ଭରି
ଓଠରେ ଫୁଟାଇ ହସି ।

ନିର୍ବିକାର ରୂପ ଅପରିହାର୍ଜିତ ସେହି
ସୃଷ୍ଟି ର ସ୍ରଷ୍ଟା ଯେ ଧନ୍ୟ
ବୃକ୍ଷ ଯେ ପୁଷ୍ପ ପୁଷ୍ପପ୍ରସୂ ଭରି
ରହିଛି ଅବନୀ ତଳ।

କୁଳୁକୁଳୁ ନାଦେ ସ୍ରୋତସ୍ୱିନୀ ବହେ
ଗର୍ବ ଗାରିମାକୁ ଧୋଇ
ସୁଲୁସୁଲୁ କରି ପ୍ରଭଞ୍ଜନ ଗ୍ୱଲେ
ମନଦୁଃଖକୁ ଦୂରେଇ ।

ସୂର୍ଯ୍ୟରଶ୍ମୀ ପୁଣି ଢାଳଇ ପ୍ରତ୍ୟୁଷେ
ପ୍ରାଣୀମାନେ ସୁଖ ଶାନ୍ତି
ଦିବାରେ ଅରୁଣ ରଜନୀରେ ଚନ୍ଦ୍ର
ପୃଥ୍ୱୀ ବାସୀଙ୍କର ସାଥି ।

ସମୟ ତାଳରେ ପରିବର୍ତ୍ତନୀୟ
 ଅଟଇ ପ୍ରକୃତି ଗୁଣୀ
ମଣିଷ ସମାଜ ରହିଛି ରହିବ
 ପ୍ରକୃତିର ସାଥେ ଜଡ଼ି ।

ଓଡ଼ିଆ ସମ୍ମାନ, ତୃତୀୟ ବର୍ଷ
ବିଜେପୁର ଡିଗ୍ରୀ କଲେଜ ବିଜେପୁର

# ତ୍ୟାଗ ର ରଙ୍ଗ



ଆଶୁତୋଷ ମେହେର

ଜୀବନ ମାନେ ହିଁ ତ ଦୌଡିବା **!!** ଆଉ ବିବାହ ପରଠୁଁ ପରିସ୍ଥିତିରେ ପଡି ନିଜ ପ୍ରତି ଅବହେଳା କରି ଅନ୍ୟ ମାନଙ୍କ ସୁଖ ସୁବିଧା ଯୋଗାଡ କରିବା ଯେମିତି ଥିଲା ତାଙ୍କ ଦୌଡ ଓ ଜୀବନ ର ଏକମାତ୍ର ଲକ୍ଷ୍ୟ**!!**

ସୁମିତ୍ରା ଭାବୁଥିଲେ**....**

ପଇଁତିରିଶ ବର୍ଷ କିଛି କମ୍ ନୁହେଁ। ଏତେ ସମୟ ଧରି ଅନ୍ଧ ପରି ମାତିଥିଲେ ସେ। ଏ ଘରକୁ ସେ ଆସିଥିଲେ ଘରର ସବା ବଡ ପୁଅ ଶ୍ରୀଧର ଙ୍କ ପତ୍ନୀ**..**ଘରର ବଡ ବୋହୂ ଭାବରେ। ଶ୍ରୀଧର ଙ୍କ ଜନ୍ମ ପରେ ପରେ ଜଟିଳ ରୋଗରେ ପଡିଯାଇଥିଲେ ଶାଶୁ। ଅନେକ ଆଡୁ ଚିକତ୍ସାରେ ଆଖି ଦୃଷ୍ଟିଆ ଉନ୍ନତି ହୋଇ ନଥିଲା ତାଙ୍କ ଅବସ୍ଥାରେ। ପନ୍ଦର ବର୍ଷର ଚିକତ୍ସାରେ ସାମାନ୍ୟ ସୁସ୍ଥତା ପରେ ଜନ୍ମ ନେଇଥିଲେ  ତାଙ୍କର ଯାଁଳା ପୁଅ। କଷ୍ଟେମଷ୍ଟେ ଆଉ ପାଞ୍ଚ ବର୍ଷ ଟାଣି ନେଲେ ସିନା ମନ ତାଙ୍କ ଉଚ୍ଚାଟ ହେଉଥିଲା**....** ସେ ଆଉ ବଞ୍ଚିବେ କି ନାହିଁ। ଶ୍ୱଶୁରଙ୍କ ଆଗେ ଜିଦ୍ କଲେ ବଡପୁଅ ଶ୍ରୀଧର ର ବାହା କାମ କରି**,** ପରିବାରକୁ ସଳଖାଇବାକୁ। ଘରକୁ ବୋହୂ ଟିଏ ଆସିଲେ ସବୁ ଠିକ୍ ହୋଇଯିବ ଯେ**!!**

ଘରର ପରିସ୍ଥିତି ଦେଖି ଶ୍ରୀଧର ଆଇଏ୍ ପାସ କରି ଗାଁ ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ଆଉ ସେତିକି ବେଳେ ଏ ଘରକୁ ବୋହୂ ହୋଇ ଆସିଥିଲେ ସେ। ଘରେ ଦୁଇ ଯାଆଁଳା ଦିଅର ଶ୍ରୀକାନ୍ତ ଓ ଶ୍ରୀମନ୍ତ ଥିଲେ ମାତ୍ର ପାଞ୍ଚ ବର୍ଷର କୋମଳମତି ବାଳକ। ଦୂରାରୋହ୍ୟ ରୋଗରେ ରେ ପିଡିତ ଶାଶୁ ପାଖରେ ବସାଇ ବାରବାର କହୁଥିଲେ**...**ମୁଁ ତ ଆଉ ବେଶୀ ବଞ୍ଚିବିନି ଲୋ ସୁମି**...**ଏ ଦୁଇ ଛୁଆ ତୋତେ ଲାଗିବେ। ଦିଅର ଭାବେ

ନୁହେଁ...ନିଜ ପୁଅ ଭାବେ ପାଳିବୁ ସେ ଦୁହିଁଙ୍କୁ। ମାଁ ହୋଇ ମମତାରେ ଏମିତି ବୁଡାଇ ରଖିବୁ ଯେ ନିଜ ମାଁ କୁ ସେମାନେ ଭୁଲିଯିବେ।

ସେୟା ବି ହେଲା। ଶାଶୁଙ୍କ ଦେହାନ୍ତ ପରେ କୋଳରେ ଜମିଗଲେ ତାଙ୍କର ଦୁଇ ସନ୍ତାନ...ଭୁଲି ଗଲେ ଜନ୍ମିତ କଲା ମାଁ କୁ ପାଖରେ ପାଇ ଗୋଟାଏ ନୂଆଁ ମାଁ।

ଶ୍ରୀଧର ବି ସେଇ କଥା ତାଙ୍କୁ ବୁଝାଇ କହିଥିଲେ...ଆମର ଆଉ ସନ୍ତାନ କଣ ହେବ ସୁମିତ୍ରା...ଏକା ଥରକେ ତ ଆମର ଏ ଦୁଇ ସନ୍ତାନ।ତାଙ୍କୁ ନେଇ ସରିଯିବ ଆମ ସମୟ। କେତେ ସରଳ ନିଃଷ୍କପଟ ଥିଲେ ଶ୍ରୀଧର... ଏତେ ବଡ ତ୍ୟାଗ କରିବାକୁ ପ୍ରସ୍ତୁତ ହୋଇଗଲେ ନିଜର ଛୋଟ ଛୋଟ ଦୁଇ ଭାଇଙ୍କୁ ନେଇ।

କେତେ ଜଲଦି ବି ସମୟ କଟିଗଲା ଜଣାପଡିଲାନି। ଏ ଭିତରେ ନିଜ ଦରମାରୁ..ଗାଁ ଚାଷ ର ଆୟରୁ ପାଖ ସହରରେ ଘର ଖଣ୍ଡେ ବି ତୋଳି ଦେଇଥିଲେ ଶ୍ରୀଧର...ଭାଇ ମାନଙ୍କ ପାଠ ପଢାରେ ସୁବିଧା ପାଇଁ।ଶ୍ରୀକାନ୍ତ ଓ ଶ୍ରୀମନ୍ତ ପାଠପଢା ସାରି ଚାକରୀ ବି ଆରମ୍ଭ କଲେ ସେଇଠି।ତିଥିବାର ଦେଖି ପାଖ ଗାଁର ଯାଁଳା ଭଉଣୀ ଶ୍ରାବଣୀ ଓ ସୁଗନ୍ଧା ଙ୍କ ସହ ବିବାହ କରିଦେଇଥିଲେ ଜାକଜମକରେ।

ସମୟ କାହାକୁ ଅପେକ୍ଷା କରେନା.... କେତେ ଶୀଘ୍ର ବଦଳଯାଏ ସମୟ ପରିସ୍ଥିତି ସବୁକିଛି...ଭାବୁଥିଲେ ସୁମିତ୍ରା....ଯାହା କିଛି ସେ ଆଶା କରି ନଥିଲେ ସେଗୁଡା ଘଟିବା ଆରମ୍ଭ ହୋଇଯାଇଥିଲା କେମିତି କେଜାଣି ତାଙ୍କ ଅଜାଣତରେ ପରିବାର ଭିତରେ। ଦିଅର ଦୁହିଁଙ୍କ ବିବାହ ଦଶ ବର୍ଷ ନ ପୁରୁଣୁ ସବୁ କିଛି ବଦଳିବାକୁ ଆରମ୍ଭ ହୋଇଯାଇଥିଲା। ଏଇ ପରିବାର ଯାହାକୁ ଏତେ ତ୍ୟାଗ ପରିଶ୍ରମ କରି ଗଢିଥିଲେ କେଉଁଠି ଯେମିତି କିଛି ଦୋଷ ରହିଗଲା ବୋଧେ, ଆଜି ଯାହା ଏତେ ବଡ ଫାଙ୍କ ହୋଇ କାନ୍ଥ ଧସିଯିବା ପରି ପରିସ୍ଥିତିରେ ବଦଳି ଗଲା ।

ଏଇ ଆଜି ସକାଳେ, ସାନ ଯା' ଭିତରୁ ବଡ...
ଶ୍ରାବଣୀ ର ସିଧା ସିଧା ଉତ୍ତରରେ କେମିତି ମୂକ ପାଲଟି ଗଲେ, ପଥର ହୋଇଗଲେ ସେ। ଶ୍ରାବଣୀ କହିଥିଲା ଆପଣ ହେଲେ ଆମ ଦୁଇ ଭଉଣୀ ଙ୍କ ବଡ ଯା' ହେଲେ ବୟସରେ ଢେର ବଡ। ଆପଣଙ୍କ ଠାରୁ ଆମେ ଏ କଥା ଆଶା କରି ନ ଥିଲୁ। ସମନା ଭାଗୀଧାର ଏ

ଘରବାଡି ଉପରେ ଆମ ଦୁଇ ଭଉଣୀଙ୍କ। ହେଲେ ଆପଣ ଆମ ଉପରେ ଶାଶୁ ର ହାକମାଡି କରୁଛନ୍ତି!!

ଶ୍ରୀକାନ୍ତ ଓ ଶ୍ରୀମନ୍ତ ବି ଚୁପ୍ ଗୁପ୍ ମୁକ ପାଲଟି ଠିଆ ହୋଇଥିଲେ । ସହମତି ଦେଉଥିଲେ ଦୁଇ ଭଉଣୀଙ୍କ ଅଭିଯୋଗରେ!!!

କଣ ଟା ଭୁଲ କରିଥିଲେ ସେ?? ଯେଉଁ ଦୁଇ ଛୁଆଙ୍କୁ ମାଁ ର ମମତାରେ ବଢାଇଥିଲେ ନିଜ ସମସ୍ତ ଭୋଗ ଲାଳସା କୁ ପଛ କରି ଶେଷରେ ଏୟା ଶୁଣିବାର ଥିଲା !!!

ଚିନ୍ତା କରନି ସୁମିତ୍ରା.....କହିଥିଲେ ଶ୍ରୀଧର।
ତ୍ୟାଗ ର ଦରଦାମ ହୁଏନା କେବେ। ଆମେ ସେ ଦୁହିଁଙ୍କୁ ପାଳିଥିଲା ମାଁ ଙ୍କ ଶେଷ କଥା ରଖିବାକୁ...କାହାଠୁଁ କିଛି ଫେରି ପାଇବାର ଆଶାରୁ ନୁହେଁ...ଆମେ ଦୁହେଁ ଫେରିଯିବା ଗାଁ ପୁରୁଣା ଘରକୁ...ସେଇଠି ରହିବା...ଗୃହବାସ ସମ୍ଭାଳିବା।ସହରର ଏ ଘରେ ...ଦୁଇ ଛୋଟ ଭାଇ ତାଙ୍କ ସଂସାର କରନ୍ତୁ।

କେତେ ସହିବାର ମଣିଷ ସତରେ ଶ୍ରୀଧର !!!ସେ ବି ସ୍ଥିର କରି ନେଲେ ତାଙ୍କ ପରି ସେ ବି ସହ୍ୟ କରିନେବେ... ଶ୍ରାବଣୀ ଓ ସୁଗନ୍ଧା ପାଖକୁ ଡାକଲେ...

ଘରର ଗୁଚ୍ଛି ପେଡ଼ିକୁ ସାନ ଦୁଇ ବୋହୂଙ୍କ ହାତକୁ ବଢାଇ ଦେଉ ଦେଉ ସୁମିତ୍ରା ଭାବୁଥିଲେ, ପରିବାର ଠିକ୍ ଭାବରେ ଚଳାଇବାକୁ ହେଲେ ବଡ ବୋହୂ କୁ ବହୁତ ତ୍ୟାଗ କରିବାକୁ ପଡେ।

ଆଉ ତାଙ୍କର ଏ ତ୍ୟାଗ...ତାଙ୍କ ସ୍ୱାମୀଙ୍କ ତ୍ୟାଗ.....କେଉଁ ତ୍ୟାଗ ର ରଙ୍ଗ ବେଶୀ ଗାଢ???

୫୪ ଆର୍ଯ୍ୟପଲ୍ଲୀ, କଟଛକ ପଟିଆ
ଭୁବନେଶ୍ୱର ୭୫୧୦୨୪

# ପ୍ରତିଶ୍ରୁତି



ଓଜସ୍ୱିନୀ ଶତପଥୀ

ଲେଖନୀରୁ ଯା'ର ଝରୁ ଥିଲା ଅମୃତ ର ଧାର୍
ଚାଲି ଗଲେ ବୁଝି ପାରି ଈଶ୍ୱର ଙ୍କ ଇସାର୍ ।

ଚୈତ୍ର ପୁର୍ଣିମା ର ଜୋସ୍ନାୟିତ ଆକାଶରେ
ମୁଖ୍ୟ ଅତିଥି ଆଜି ସେ ତାର୍ ଗହଣରେ ।

ପଦ୍ମଶ୍ରୀ ପଦ୍ମଭୂଷଣ  ସାହିତ୍ୟ ଶିରୋମଣି
ଦେବଲୋକରେ ଶୁଣାଇବେ ତାଙ୍କ ପ୍ରଥମ କାହାଣୀ ।

ଅନେକ ଦିନ ର ପ୍ରତୀକ୍ଷା ପରେ ଆସିଛି ଏ ବେଳ
ଦେବଲୋକ ଚାଖିବ ଏବେ ଅମୃତ ର ଫଳ ।

ପ୍ରଫୁଲିତ, ହିଲ୍ଲୋଳତ ଆଜି ସ୍ୱର୍ଗ ପୁର
ସଭିଏଁ ଦେଖିବେ ଆଜି ଗାଁ ର ସମୁଦ୍ର ।

ଦେଖିବେ ପର୍ବତ ଘାଟୀ ନଦୀ ଉପତ୍ୟକା
ଶୁଣିବେ ରହସ୍ୟମୟୀ ଭୂତୁଣୀ ର ବ୍ୟାଖ୍ୟା ।

ଗୋଧୂଳର ବାଘ ଏବଂ ଅନ୍ୟାନ୍ୟ କାହାଣୀ
କୃତାର୍ଥ ହେବ ସ୍ୱର୍ଗ ଧାମ ଶୁଣି ତାଙ୍କ ବାଣୀ ।

ଶୋକାତୁର ମ୍ରିୟମାଣ ଆଜି ମର୍ତ୍ତ୍ୟଲୋକ
ନିଃସ୍ୱ ଆଜି ହରାଇ ପ୍ରିୟ ପୂଣ୍ୟ ଶ୍ଳୋକ।

ପୁଣି କେବେ ଫେରିବ ସେ ମାଟି ର ମଣିଷ
ଆଲୋକିତ ହେବ ପୁଣି ଧୂମାଭ ଆକାଶ।

"ଫେରିବି, ଫେରିବି ମୁଁହି " ପ୍ରତିଶ୍ରୁତି ଦେଇ
ଉଡିଗଲା ପକ୍ଷୀ ସେ ଯେ ବାହୁଡିବା ପାଇଁ।

ପ୍ରତିଶ୍ରୁତି ବଦ୍ଧ ସିଏ ମର୍ଯ୍ୟାଦା ପୁରୁଷ
ଫେରି ଆସିବେ ଶିଘ୍ର କାଟି ଗ୍ରୀଷ୍ମ ଅବକାଶ।

ନୂଆଦିଲ୍ଲୀ

# ଓଡ଼ିଆ ନୂଆ ବରଷ



ଦୀନବନ୍ଧୁ ପୋଇ

ନବ ପଲ୍ଲବିତ ସଜେଇ ବସନ୍ତ
ଗୃହିଁ ହେ ନୂଆ ବରଷ
ଫୁଲ ସମ୍ଭାର ରେ ସଜେଇ ଧରାରେ
ସ୍ୱାଗତ କରୁଛି ଆସ ।
ହସ ଖୁସି ଧରି ଆସ ଅବତରି
ଦିଅ ଭରି ମନେ ସୁଖ
ହଟେଇ କରୋନା କର ହେ କରୁଣା
ବିଶ୍ୱେ ଲିଭିଯାଉ ଦୁଃଖ ।।
ସଜେଇ ତୋରଣ କରୁଛି ଜଣାଣ
ଓଡ଼ିଆ ଘର ଘରଣୀ
ଥୋଇ ବସନ୍ତରା ତୁଳସୀ ମଥାନେ
ପୂଜୁଛି ମା ତାରିଣୀ ।।
ଗୁଡ ଦହି ବେଲ କଦଳୀ ନଡ଼ିଆ
ମିଶାଇ ବାଣ୍ଟୁଛି ପଣା
ପଣା ସଙ୍କ୍ରାନ୍ତି ନୂଆ ବର୍ଷ ପର୍ବ
ଓଡ଼ିଆଙ୍କୁ ଏହା ଜଣା ।।
ଆମ ପରମ୍ପରା ଆମର ସଂସ୍କୃତି
ନଆରା ତା ଭବପ୍ରେମ
ବାର ମାସେ ତେର ପରବ ପାଳଇ
ଶ୍ରେଷ୍ଠ ଆମ ପୁରୀ ଧାମ ।।

ଗୋରଡାପାଳ, କରମୂଳ, ଢେଙ୍କାନାଳ

# ନଆଁ - ଝୁଲ



ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି

କର୍ମକୁ ଆଦରି
ସହିଯାଉ ଆମେ,
ବୈଶାଖୀ-ଝାଞ୍ଜି ଖରା;
ମୁଣ୍ଡ-ଝାଳ ତୁଣ୍ଡେ
ମାରି ଦେଇ ଆମେ,
ଖଟୁଥାଉ ଦିନସାରା;
ଆମେ ମଜଦୁର, ଆମେ ଖଟିଖିଆ, ଆମେତ ସର୍ବହରା ।
ଆମ ମଥା ପରେ
ନୀଳ ଆକାଶରୁ
ସୂର୍ଯ୍ୟରୁ ନଆଁ ଝରେ;
ପ୍ରଚଣ୍ଡ ଖରାରେ
କାମ କରୁକରୁ
ଦେହଟା ସିଝେ ନଆଁରେ;
ଆମେତ ଶମିକ, ଆମେତ କୃଷକ ଦିନକାଟୁ ଅଭାବରେ ।
ଧାରା ଶ୍ରାବଣରେ
ଆମ ଗ୍ଲାନଦେଇ
ବରଷାର ଧାରା ଛୁଟେ;
ହାଡ ଭଙ୍ଗା ଶୀତ,
ଫୁଙ୍ଗୁଳା ଦେହରେ
ସହିଯାଉ ଦୁଃଖ କଷ୍ଟେ;

ମୁଣ୍ଡ ଗୁଞ୍ଜିବାକୁ ବାସ ଖଣ୍ଡେ ନାହିଁ ଗଛମୂଳେ ଦିନ କଟେ ।
ଆମ ପାଇଁ ଆମ
ନେତାଏ କାନ୍ଦନ୍ତି
ବହେନା ଆଖିରୁ ଲୁହ;
ଆମ ସମାଜରେ
ଅଯଥା ଛୁଟୁଛି
ଆତ୍ମହତ୍ୟାର ସୁଅ;
ତୁମେ "ଗରିବୀ ହଟାଅ" ସ୍ଲୋଗାନ ଦେଉଥାଅ ।
ଆମରି ରୋଗୀଣା
ଶିଶୁପାଇଁ ଆମେ,
ଆଖିରୁ ଝରାଉ ଲୁହ;
ଗଣମାଧ୍ୟମରେ
କରୁ ଅନୁରୋଧ,
ସହାୟ ଟିକଏ ହୁଏ;
ବିନା ପଇସାରେ ବିନା ଚିକିତ୍ସାରେ ବଞ୍ଚିକ ପାରିବ ପୁଅ?
ଚିକିତ୍ସା ଅଭାବେ
ଆମରି ସନ୍ତାନ
ଅକାଳରେ ଆଖି ବୁଝ;
କଙ୍କାଳ ବେଶରେ
ଆମ ପୁଅ ଝିଅ,
ଅଇଁଠା ପତର ଖୋଜେ;
ପେଟ ଗୁଖଣ୍ଡକ ଭରିବା ପାଇଁକ ଶାନ ସହିତରେ ଯୁଝେ ।
ଦିଅ ଦିଅ ଭାଇ!
ରୀତିକୁ ତୁମର,
ଶୀଘ୍ର ବଦଳାଇ ଦିଅ;
ଘୃଣା ଭାବ ଛାଡି,
ସାମ୍ୟ ନୀତିକୁ

ତୁମେ ଆପଣେଇ ନଅ;
ତୁମ ସମାଜରେ ବଞ୍ଚିବା ପାଇଁ ଆମକୁ ସୁଯୋଗ ଦିଅ ।
ବୁଭୁକ୍ଷିତ ଆମେ;
ଆମକୁ କରୁଛ
କଆଁ ଏତେ କଲବଲ?
ଆମରି ତତଲ୍
ନିଶ୍ୱାସରୁ ଛୁଟେ,
ଅହରହ ନିଆଁ ଝୁଲ;
ବିଦ୍ରୋହର ବହ୍ନି ଜାଳିବା ଆଗରୁ ସୁଧୁରି ଯିବାଟା ଭଲ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ରାଉରକେଲା, ଓଡିଶା

# ସୁବାଷ ସ୍ମରଣେ



ଶେଷଦେବ ପଣ୍ଡା

ଆମ ଏ ଓଡିଶା ସୁନାର ଦେଶ,
ଜନ୍ମ ନେଲେ ଏଠି ସୁବାଷ ବୋଷ ।
ରୂପେ ସୁକୁମାର ଗୁଣେ କେ ସରି,
ସାହସ ବୀରତ୍ୱ ଥିଲ୍ ଆହୁରି ।
ଗୋରା ସରକାରଠାରେ ଚାକରୀ,
କଲେ ନାହିଁ ଗଲେ ସେ ଏଡି କରି ।
ମୁକ୍ତି ଆନ୍ଦୋଳନେ ଦେଲେସେ ଝାସ
ଓଡିଆ ମାଟିର ବୀରପୁରୁଷ ।
ଜାତୀୟ କଂଗ୍ରେସର ସଭାପତି,
ନେତାଜୀ ଭାବରେ ଲଭିଲେ ଖ୍ୟାତି
ଦେଇ କେତେ ଓଜସ୍ୱିନୀ ଭାଷଣ
ଫରୱାଡ ବ୍ଲକ୍ କଲେ ଗଠନ ।
ଡାକଲେ ଆସ ମୋ' ଦେଶ ଜନତା
ରକ୍ତ ଦିଅ ଦେବି ମୁଁ ସ୍ୱାଧୀନତା ।
ଦେଖି କରି ତାଙ୍କ ଦେଶାତ୍ମବୋଧ,
ଗୋରା ସରକାର ଚନ୍ତେ ପ୍ରମାଦ
ନଜରବନ୍ଦୀରେ ରଖେ ଯତନେ,
ଖସିଗଲେ ବୋଷ ଦିନେ ଗୋପନେ
ହିଟଲର ସଙ୍ଗେ ବନ୍ଧୁତା କରି,
ଜର୍ମାନୀ ଜାପାନ ବନ୍ଧୁ ଆବୋରି ।
ଆଜାଦ ହିନ୍ଦ ଫୌଜ କଲେ ଗଠନ

ଦିଲ୍ଲୀ ଚଲୋ କହି ଆସିଲେ ମାଡି,
ଭୟେ ବ୍ରିଟିଶ୍ ଦେଲା ଇମ୍ଫାଲ୍ ଛାଡି
ଜୟହିନ୍ଦ୍ ଧ୍ୱନ ବିହିଲେ ବୀର,
ବୋଇଲେ ଭାଇରେ କମାଣ ଧର
ବିମାନ ଦୁର୍ଘଟଣା ହାୟ ଦୁର୍ଭାଗ୍ୟ,
ଦଇବ ଯୋଗରେ ତାଙ୍କ ବିୟୋଗ ।
ଉତ୍କଳାକାଶର ଜ୍ୟୋତିଷ୍କ ଦୀପ୍ତ,
ସହସ୍ର ବରଷେ ନୋହିବ ପ୍ରାପ୍ତ ।
ତାଙ୍କ ଦେଶପ୍ରେମ ଦେଶ ପୀରତି,
ଅଟେ ଏ ଜାତିର ଅଭୁଲା ସ୍ମୃତି ।
ଜାଗରଣର ସେ ଅଗ୍ର ପୁରୋଧା,
ଦେଶମାତୃକାର ପରମଯୋଦ୍ଧା ।
ତାଙ୍କ ଆଦର୍ଶରେ ଚାଲିବା ଭାଇ,
ଶପଥ କରିବା ଏ ମାଟି ଛୁଇଁ ।

"ସୃଷ୍ଟିନୀଡ"
ମୁଦଲସର, ପାଟଣାଗ, ବଲାଙ୍ଗିର

# ଅଯୋଗ୍ୟ



ସୁଧାଂଶୁ ଶେଖର ଦ୍ୱିବେଦୀ

"ବାପାରେ...., ଆମର ଏକ୍ସିଡେଣ୍ଟ ହେଇଯାଇଛି। ମୋର ସେମିତି କଛି ଗୁରୁତ୍ତର ହୋଇନାହିଁ ହେଲେ ତୋ ମା'ର ଅବସ୍ଥା ବଡ଼ ଖରାପ। କଛି ଟଙ୍କା ଦରକାର ଥିଲା। ତୋ ମା' ଦେହରେ ରକ୍ତ ଦେବାକୁ ପଡିବ।" ୬୫ ବର୍ଷର ମାଧବ ବାବୁ ନଜର ବଡ଼ ପୁଅକୁ ଫୋନ ଦ୍ୱାରା ପରିସ୍ଥିତି ବିଷୟରେ ଜଣାଉଥାଆନ୍ତି।

ସେପଟରୁ ତାଙ୍କ ପୁଅ ଜବାବ ଦେଉଥାଏ,"ବାପା! ମୋତେ ଏବେ ଟିକେବି ବେଳ ମିଳୁନାହିଁ। ବଡ଼ ବ୍ୟସ୍ତରେ ରହୁଛି। ଫରେନରେ ସର୍ଭିସ ପାଇଁ ଅଫର ସହିତ ଭଲ ପ୍ୟାକେଜ ମିଳଛି। ସେଥିପାଇଁ ମୋତେ ପ୍ରସ୍ତୁତ ହେବାକୁ ପଡୁଛି। ମୁଁ ଫରେନରେ ସର୍ଭିସ କରେ ବୋଲି ଦିନେ ତୁମର ବଡ଼ ସ୍ୱପ୍ନ ଥିଲା। ସେ ସ୍ୱପ୍ନ ଆଜି ସାକାର ହୋଇଛି। ଟଙ୍କାର ବ୍ୟବସ୍ଥା କରି ମା'କୁ ହସ୍ପିଟାଲରେ ଦେଖାଇଦେବ। ମୁଁ ପରେ ଦେଇଦେବି।"

ମାଧବ ବାବୁ ବଡ଼ ପୁଅଠାରୁ ଏପ୍ରକାର ଉତ୍ତର ଶୁଣି ଚୁପ ହୋଇ ରହି ପାରିଲେ ନାହିଁ। ସରକାରୀ ହସ୍ପିଟାଲ ବେଡ଼ରେ ଶୋଇଥିବା ସ୍ତ୍ରୀର ଅବସ୍ଥା ସଙ୍କଟାପନ୍ନ। ରକ୍ତ ନଦେଲେ ବଞ୍ଚେଇ ରଖିବା ମୁସ୍କିଲ ହୋଇଯିବ। ସେ ତାଙ୍କ ଡାକ୍ତର ପୁଅ ପାଖକୁ ଫୋନ ଲଗାଇଲେ। ସେ ବି ସେଇ ବଡ଼ ପୁଅ ଭଳ ଏକାପରି ଉତ୍ତର ଦେଲା। କନ୍ତୁ ଟଙ୍କା ର ଆବଶ୍ୟକତା ପୂରଣ କରି ଦେବ ବୋଲି ଆଶ୍ୱାସନା ଦେଇ କଲ କାଟିଦେଲା।

ଦୁଇଜଣ ଯୋଗ୍ୟତମ ପୁଅଙ୍କଠାରୁ ଏଭଳ ଉତ୍ତର ଶୁଣି ମାଧବ ବାବୁ ଉପାୟଶୂନ୍ୟ ହୋଇପଡିଲେ। ଯୋଗ୍ୟ ପୁଅ ଦୁହେଁ ଯେତେ ବେଳେ କଛି ସାହାଯ୍ୟ କରିପାରୁ ନାହାନ୍ତି ଅଯୋଗ୍ୟ ପୁଅକୁ ଫୋନ କରି ଲ୍ଭ କଣ ପାଇବେ? ମନ ମଧ୍ୟରେ ପୁଅମାନଙ୍କ କଥା ଭ୍ବୁ ଭ୍ବୁ ହସ୍ପିଟାଲ ବେଡ଼ ପାଖେ ପହଞ୍ଚି ସାରିଥାଆନ୍ତି ସେ। ବେଡ଼ରେ ତାଙ୍କ ପତ୍ନୀ ନସ୍ତେଜ ହୋଇ ପଡି ରହିଥାଏ। ସମୟ ଅଭ୍ବ। ପାଖରେ ସେତେ ଟଙ୍କା ନାହିଁ ନଜ ଜୀବନ ସାଥୀ ପାଇଁ ରକ୍ତ ସଂଗ୍ରହ କରିବେ? ବଡ଼ ବିଚନ୍ତ୍ର ପରସ୍ଥିତିରେ ବିଚଳତ ହୋଇ ପଡୁ ଥାଆନ୍ତି ସେ।

ମାଧବ ବାବୁ ସାର୍ ଜୀବନ ସ୍କୁଲରେ ଶିକ୍ଷକତା କରି ବିତାଇ ଦେଇଛନ୍ତି। ତିନପୁଅ ଗୋଟେ ଝିଅ ତାଙ୍କର। ବଡ଼ ଇଞ୍ଜିନୟର ମଝିଆ ଡାକ୍ତର। ଦୁହେଁ ବଡ଼ ଘରୁ ବାହାହୋଇ ପତ୍ନୀଙ୍କ ସହିତ ଅଲଗା ଅଲଗା ସହରରେ ରହୁଛନ୍ତି। ଗୋଟିଏ ବୋଲି ଝିଅର ବାହାଘର ମଧ ସାରିଦେଇଛନ୍ତି। ସବୁଠାରୁ ସାନପୁଅ ଠିକଭ୍ବେ ପଢ଼ାପଢ଼ି ନକରି ବାରୁ ୧୦ମ ଶ୍ରେଣୀ ପରେ ଘରେ ରହିଲ୍। ସବୁବେଳେ କହିହେଲ୍ ମୋର ପାଠପଢ଼ା ଦରକାର ନାହିଁ କ ଗ୍ଭକରୀ ଦରକାର ନାହିଁ। ମାଧବ ବାବୁ ତା ଉପରେ ଅସନ୍ତୁଷ୍ଟ ହୋଇ କୁଳାଙ୍ଗାର, ଅଯୋଗ୍ୟ ଭଳ ଭ୍ଷା ପ୍ରୟୋଗ କରି ଗାଳ ଦିଅନ୍ତି। ବଡ଼ ଦୁଇପୁଅ ବାପାଙ୍କ ଆଜ୍ଞାକାରୀ ହୋଇ ପାଠ ପଢ଼ାରେ ପାରଙ୍ଗମ ହେଲେ।

ମାଧବ ବାବୁ ଗ୍ଭକରିରୁ ଅବସର ହେବା ବେଳେ ପାଖରେ ସେମିତି କଛି ଜମାପୁଞ୍ଜି ନଥାଏ। ଯାହାକଛି ମିଳଥିଲ୍ ସେସବୁ ଦୁଇ ପୁଅଙ୍କ ଶିକ୍ଷା ଓ ଝିଅ ବାହାଘରରେ ଖର୍ଚ୍ଚ ସରିଥାଏ। ସେ ଯେତେବେଳେ ଜାଣିଲେ ସାନପୁଅ ଆଉ ସୁଧୁରିବ ନାହିଁ ସମସ୍ତଙ୍କ ମଧ୍ୟରେ ଭ୍ଗ ବାଣ୍ଟ କରିଦେଲେ। ଗାଁରେ କଛି ଜମିଗ୍ଭଷ କରି ଚଳବା ଲ୍ଗି ସାନ ପୁଅକୁ ପଠାଇଦେଲେ। ସାନପୁଅ ଗାଁରେ ଗ୍ଭଷବାସ କରି ସେଇ ଠାରେ ରହିଲ୍। ଆଉ ଦୁଇ ପୁଅକୁ ସହରରେ ରଖି ଖୁବ ପାଠ ପଢ଼ାଇଲେ ମାଧବ ବାବୁ। ତାଙ୍କ ଇଚ୍ଛା ପୂରଣ ହେଲ୍। ଜଣକୁ ଇଞ୍ଜିନୟର ଓ

ଅନ୍ୟଜଣକୁ ଡାକ୍ତର ଭାବେ ତିଆରି କଲେ। ଦୁଇଦିନ ପୂର୍ବରୁ ପତି ପତ୍ନୀ ଦୁହେଁ ପୁରୀ ଜଗନ୍ନାଥ ଧାମକୁ ଯାଉଥିବା ରାସ୍ତା ରେ ଏକ୍ସିଡେଣ୍ଟ ହୋଇଗଲା। ତାଙ୍କର ସେମିତି କଛି ଗୁରୁତ୍ତର ହେଲା ନାହିଁ ଯାହା କେବଳ ଗୋଡ଼ ହାତରେ ସାଧାରଣ ଖଣ୍ଡିଆ ହେଲା ହେଲେ ପତ୍ନୀଙ୍କର ଗୁରୁତ୍ତର ଅବସ୍ଥା ପାଇଁ ସେ ଚନ୍ତାରେ ପଡିଗଲେ।

ବାପା, ବାପା ଶବ୍ଦ ଶୁଣି ହଠାତ ପ୍ରକୃତିସ୍ଥ ହେଲେ ମାଧବ ବାବୁ। ସମ୍ମୁଖରେ ସାନ ପୁଅ ଠିଆ ହୋଇଛି। ବାପାଙ୍କ ପାଦ ସ୍ପର୍ଶ ସହିତ ପ୍ରଣାମ କରି କହିଲା, "ବାପା, ଏତେବଡ଼ ଗୋଟେ ଦୁର୍ଘଟଣା ଘଟି ଗଲା ଅଥଚ ଏ ଅଯୋଗ୍ୟକୁ ଟିକେ ଜଣାଇଲ ନାହିଁ? ଗତକାଲି ରାତିରେ ବଡ଼ଭାଇ ଫୋନ କରି କହିବାରୁ ଜାଣିଲି।"

ତାପରେ ସେ ତା ମା'କୁ ଗୋଟେ ପ୍ରାଇଭେଟ ହସ୍ପିଟାଲରେ ଏଡ଼ମିଶନ କରେଇଲା। ନଜେ ରକ୍ତ ଦେଇ ମା'ର ଅପରେସନ କରାଇଲା । ମା' ସଂପୂର୍ଣ୍ଣ ସୁସ୍ଥ ହେବାଯାଏ ଦିନ ରାତି ହସ୍ପିଟାଲରେ ରହି ସେବା ଶୁଶ୍ରୁଷା କଲା। ଗୋଟେ ମାସ ଭିତରେ ତା ମା' ପୁରା ଭଲ ହୋଇ ଯିବା ପରେ ଦୁହିଁଙ୍କୁ ସହରରେ ଥବା ଘରେ ଛାଡ଼ି ଗାଁକୁ ପଳାଇଗଲା।

ଧିରେ ଧିରେ ସବୁକଛି ସାମାନ୍ୟ ହୋଇଗଲା। ହଠାତ ଦିନେ ମାଧବ ବାବୁ ଓ ତାଙ୍କ ସ୍ତ୍ରୀ ଗାଁରେ ପହଞ୍ଚିଗଲେ। ଗାଁ ଘରେ ତାଲା ପଡିଥିବା ଦେଖି ଆଶ୍ଚର୍ଯ୍ୟଚକତ। ସେଠି କ୍ଷେତରେ କାମ କରୁଥିବା ଜଣେ ଚାଷୀକୁ ପଚାରିବାରୁ ସେ କହିଲା, "ଏସବୁ ଜମି ମୁଁ କଣି ନେଇଛି ଆଜ୍ଞା ।କଛିଦିନ ତଳେ ତାଙ୍କ ବାପା ମା'ଙ୍କର ଏକ୍ସିଡେଣ୍ଟ ହୋଇଥିଲା ସେତେବେଳେ ତାଙ୍କ ପାଖରେ କଛି ଟଙ୍କା ପଇସା ନଥିବାରୁ ଏସବୁ ଜମିକୁ ମୋତେ ବିକଦେଲେ। କେବଳ ଏଇ ଘର ଖଣ୍ଡକ ବ୍ୟତୀତ ଆଉ ସବୁ ଜମି ବିକ୍ରିକରି କାମ ସନ୍ଧାନରେ ସହରକୁ ଚାଲିଯାଇଛନ୍ତି। ଏଇ ନଅନ୍ତୁ ଘରର ଚାବି।"

ମାଧବ ବାବୁ ଘର ତାଲା ଖୋଲିବାପରେ ଦୁହେଁ ଭିତରକୁ ଗଲେ। ଟେବୁଲ ଉପରେ ଥୁଆ ହୋଇଥିବା ହସ୍ପିଟାଲ ବିଲକୁ ଦେଖି ଚକିତ ହୋଇ ସ୍ତ୍ରୀକୁ କହିଲେ, "ବୁଝିଲ ଜାନକୀ ତୁମ ପୁଅ ଅଯୋଗ୍ୟ ଥିଲା ସତ ହେଲେ ଆଜି ଜାଣିଲି ସେ ଜଣେ ମହା ମିଛୁଆ ବି ଥିଲା। ଏଇ ଦେଖ ୯ ଲକ୍ଷ ଟଙ୍କାର ହସ୍ପିଟାଲ ବିଲ। ଅଥଚ ମୁଁ ତାକୁ ଦିନେ ପଚ୍ଚାରିବାରୁ ସେ ମୋତେ କଣ କହିଲା ଜାଣ? ତମ ଚକିତ୍ସା କୁଆଡେ ମାଗଣାରେ ହୋଇଛି। ମିଛୁଆ କୋଉଠିକାର...।" କହୁ କହୁ ତାଙ୍କ ଆଖିରୁ ଗରମ ଲୁହ ଧାର ଧାର ବହି ପଡୁଥାଏ। ଲୁହକୁ ପୋଛି ପିଲାଙ୍କ ଭଳି ଧକେଇ ଧକେଇ ସେଇପରି କହିଚାଲିଥାନ୍ତି, "କୁଆଡେ ତୁ ଚାଲିଗଲୁରେ ହାତଭଙ୍ଗା ଅଯୋଗ୍ୟ। ଫେରିଆରେ ବାପା..ଯେଉଁ ପୁଅ ଦୁହିଁଙ୍କୁ ମୁଁ ଯୋଗ୍ୟ ବୋଲି ମନେ କରିଥିଲି ସେମାନେ ତ ଆମ ଦୁହିଁଙ୍କୁ ସାତପର କରିଦେଲେ। ଥରୁଟିଏ ତୁ ଫେରିଆରେ ବାପା ତୋତେ ମୁଁ ଆଉ ଜନ୍ମରୁ ଛାଡିବିନ।"

ବହୁ ସମୟଯାଏ ସେ ତାଙ୍କ ପୁଅକୁ ମନେ ପକାଇ କାନ୍ଦୁଥାଆନ୍ତି। ତାଙ୍କ ସ୍ତ୍ରୀଙ୍କ ଆଖିରୁ ବି ଲୁହ ଝର ଝର ଝରି ପଡୁଥାଏ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ପ୍ରଣୟନୀ



ବିଜୟ କୁମାର ସାହୁ

ପ୍ରଣୟନୀ ସେ ମୋ ପାରିଜାତ ପୁଷ୍ପ
ସୁଗନ୍ଧରେ ଭର୍‌ି ହୃଦୟ ।
ପ୍ରେମ ବିଞ୍ଚିଦେଇ ରୋମାଞ୍ଚିତ କରେ
ଧନ୍ୟ ସେ ପ୍ରେମିକା ମୋର ।୧।
ହଠାତ୍
ହାୟରେ ବିଧାତା ସେ ତ ନାରୀ ନୁହଁ
କଥା ଦେଇ କଥା ରଖେନା ।
ମୋତେ ଛାଡି ପ୍ରିୟା ପଳାଇଲା କାହିଁ
ସାଜିବାକୁ ବାରାଙ୍ଗନା ॥୨॥
ଦିନେ
ମୋ ବାଡି ପଟ ଝରଣାରେ ପ୍ରିୟା
ଖେଳୁଥିଲା ପଦ୍ମ ହୋଇ ।
ତା ପଦ୍ମ ପାଖୁଡା ମଧୁରସ ପିଇ
ଆମ୍ଭହରା ହେଉଥିଲି ॥୩॥
ଏବେ କଆଁ ମୋର ସ୍ମୃତିରେ ଆସିଲା
ବିଡମ୍ବନା ମୋର ଭାଗ୍ୟ ।
କଇତାର ବାଟ ଗୁହିଁ ଗୁହିଁ ମୁହିଁ
ନନ୍ଦୁଛି କପାଳ ମୋର ॥୪॥
କାହିଁଗଲା ତା ଗଜ ଗାମିନୀ ଠାଣୀ
ତେରେଛା ବାଙ୍କ ଚହାଁଣୀ ।
ମନୋରମା ଥିଲା ଦିନେ ସେ ତ ମୋର
ଏବେ କଆଁ ସେ ଫୁଲେଇ ॥୫॥

ବିଜିଗୋଳ

# ତୁମକୁ ଖୋଜୁଛି



କୀର୍ତ୍ତି ଦେବୀ

ବାବା, ତୁମକୁ ଖୋଜୁଛି........
ମୋ ହୃଦୟ କନ୍ଦରରେ
ହେଲେ ପାଉନାହିଁ ତାର ଠିକଣା
ଅନୁଭବରେ ଜାଣୁଛି ସର୍ବଦା
ତୁମେ ମୋ ଅନ୍ତରରେ ବାସ କର ପ୍ରତିକ୍ଷଣେ ।

ଘର ଦ୍ୱାର, ବାଡି ବଗିଚ୍ଚ, ବଣ ପାହାଡ
ନଦୀ ନାଳ, ସାଗର ମହାସାଗର, ଆକାଶ ମେଘ
ସବୁଠାରେ ତୁମକୁ ଖୋଜୁଛି
ହେଲେ ପାଉନାହିଁ ତାର ଠିକଣା
ଦେଖୁଛି ଏକ ଦିବ୍ୟସତ୍ତା ଓ ଚେତନା
ଯେଉଁଥିରେ ମନଭରି ହୃଦୟଙ୍ଗମ କରୁଛି
ତୁମକୁ ସଦାସର୍ବଦା
ବାବା, ତୁମକୁ ଖୋଜୁଛି........ ।

ସିଭିଲ୍ ଟାଉନ୍ ସିପ୍, ରାଉରକେଲା

# ବୃକ୍ଷ ମହିମା

ଜନ୍ମଜୟ ନାୟକ

ବନାନୀକୁ ନାଶ କଲ୍ ଜନବିସ୍ଫୋରଣ,
ଜଙ୍ଗଲୀ ଜୀବଙ୍କ ବଂଶଲୋପ କାରଣ |
ମାନବ  ସମାଜ କରେ ଜଙ୍ଗଲନଷ୍ଟ,
ଅନାବୃଷ୍ଟି ତାପ ବୃଦ୍ଧି ଦିଅଇ କଷ୍ଟ |୧|

ଆଜି ଏକାଠି ହେଲୁ ଛାତ୍ରଛାତ୍ରୀଗଣ,
ମିଳମିଶି କରିବୁରେ  ବୃକ୍ଷରୋପଣ |
ସମାଜକୁ କରିବୁ ଆମେ ସଚେତନ,
ସଭିଏଁ ଜାଣିବେ ବୃକ୍ଷ କେତେ ମହାନ |୨|

ଫଳମୂଳ ଛାଇ ବୃକ୍ଷକରେ ପ୍ରଦାନ,
ଔଷଧ ସାଜିକରେ ପୀଡାକୁ ହରଣ |
ଶ୍ୱାସକ୍ରିୟା ପାଇଁ ଦିଅଇ ଅମ୍ଳଜାନ,
ବର୍ଷା କରାଇ ବଞ୍ଚାଏ ଆମ ଜୀବନ |୩|

ଖାଦ୍ୟ ବସ୍ତ୍ର ବାସଗୃହ ଗଛ ଯୋଗାଏ,
ମଣିଷ ନବୁଝିଲେ ବଞ୍ଚାଇବ କଏ ?
ପରୋପକାରେ ଏହାର ହୁଏ ଜନମ,
ଜୀବଜଗତ ପାଇଁ ଏ ଦେବତା ସମ |୪|

ସରକାର ତରଫରୁ ବନମହୋତ୍ସବ,
ସ୍ୱଚ୍ଛ ପରିବେଶେ ବିଶୁଦ୍ଧ ବାୟୁ ପାଇବ ।
ପରମମିତ୍ର ବୃକ୍ଷ ଅଟଇ ଆମର,
ବନୀକରଣ ଅଟେ ଦାୟିତ୍ୱ ସଭିଙ୍କର ।୫।

ପକ୍ଷୀଟି ନୀଡ ରଚଇ ଗଛର ଡାଳେ,
ବାଟୋଇ ଥକା ମେଣ୍ଟେ ତା ଛାଇ ତଳେ ।
ତାହାର ଡାଳ ପତ୍ର ହୁଏ ଜାଳେଣି,
ମହାନ୍ ଅଟେ ତାହାର ଜୀବନ କାହାଣୀ ।୬।

ଶିକ୍ଷକ, ଚିଲିକା ନୋଡାଲ ହାଇସ୍କୁଲ୍, ପୁରୀ

# ମା ତାରିଣୀ



ଅମରନାଥ ବାରିକ

ମନ୍ଦାର ମାଳିନୀ ସିନ୍ଦୂର ମୁହିଁ
ତୋ ମମତା ଠାରୁ ମମତା ନାହିଁ ।
ହିମଗିରି ବାସିନୀ ଲୋ ମା ତାରିଣୀ
ମନ୍ଦାର ଫୁଲରେ ପ୍ରିୟ ଦୁଃଖ ହାରିଣୀ ।
ତୋ ପାଦ ପୂଜିବି ସଦା କର ଆଶିଷ
ନିଅ ଘେନ ପ୍ରଣତି ମୋ ଅବଶୋଷ ।
ହିମଗିରି ବାସିନୀ ଲୋ ତୁହି ମା ମଙ୍ଗଳା
ଉଦ୍ଧାର କରାଉ ତୁ ଲୋ ବୁଡିବା ଭେଳା ।
ଯାଜପୁରେ ବିରଜା ଲୋ ରୂପ ଧାରଣ
ସର୍ବ ଦୁଃଖ ବିନାସିନୀ କରୁ ନିବାରଣ ।
ଜୟ ଗୋ ଜୟ ତୁ ମା ହର ଚଣ୍ଡୀ
ମଲ୍ଲିପୁର ଠାରେ ପୁଣି ଜୟ ଚଣ୍ଡୀ ।
ତୁ ମା ସରସ୍ୱତୀ ହିମଗିରି ବାସିନୀ
ଅପୁତ୍ରୀ କୁ ପୁତ୍ର ଦେଉ ବିଦ୍ୟା ପ୍ରଦାୟିନୀ ।
ଅନ୍ଧକୁ ଲୋଚନ ଦେଉ ଛୋଟାକୁ ଚରଣ
ନିର୍ବଳାକୁ ବଳ ଦେଉ ପୂଜିଲେ ଚରଣ ।
ହିମଗିରି ବାସିନୀ ହେମ ନନ୍ଦିନୀ
ଲଙ୍କାରେ ରହିଲେ ହୋଇ ବନ୍ଦୀନ ।
ଲଙ୍କା ଗଡ଼ କଲେ ବିଜୟ ରାଜା
ରାମଚନ୍ଦ୍ର ସଙ୍ଗେ ଧରି ପରଜା ।
ଜୟ ହନୁମାନ ପବନ ସୁତ

ହିମଗିରି ବାସିନୀର ପ୍ରଥମ ପୁତ୍ର ।
କମଳା ବିମଳା ଭକତ ବତ୍ସଳା
ନାରାୟଣୀ ରୂପ ହୋଇଲ ବିମଳା ।
ଜୟ ହିମଗିରି ବାସିନୀ ଜଗନ୍ନାଥଙ୍କ ପତ୍ନୀ
କୃଷ୍ଣଙ୍କୁ ଦେଲ ହେ ଜନମ ଯେବେ ଥିଲ ବନ୍ଦୀନ।

ଯାଜପୁର,ମଙ୍ଗଳପୁର,କୟାଁ

# ଲୋକ ସାହିତ୍ୟିକ ଦୃଷ୍ଟିରେ ଓଡିଶାର କୁମ୍ଭକାର ସମ୍ପ୍ରଦାୟ - ଏକ ଆଲୋଚନା

ଚତୁର୍ଭୁଜ ରଣା

ଲୋକ ସଂସ୍କୃତି  ମାନବ ଜୀବନ ସହ ଓତଃପ୍ରୋତ ଭାବରେ ଜଡିତ | ଜୀବନର ସବୁ କ୍ଷେତ୍ରରେ ଓ ସବୁସ୍ତରରେ ଏହାର ଅବଦାନ ଅନସ୍ୱୀକାର୍ଯ୍ୟ | ଶିଶୁମାନଙ୍କୁ ଏହା ଯେପରି ଖୋରାକ ଯୋଗାଏ, ବୟସ୍କଙ୍କ ପାଇଁ ସେହିପରି ହୋଇଥାଏ ଆନନ୍ଦ ଓ ଆଲୋକର ଉତ୍ସ | ବ୍ୟକ୍ତିର ଜୀବନ କାଳରେ କେବଳ ନୁହେଁ ଜୀବନାବସାନରେ ବି ନାନା ଲୋକାଚାର ପାଳନ ହୋଇଥାଏ | ମଣିଷ ଯେତେ ଶିକ୍ଷିତ ହେଲେ ବି  ସଭ୍ୟତା ଯେତେ ଅଗ୍ରଗତି କଲେବି ଲୋକସଂସ୍କୃତି ପାରମ୍ପରିକ ରୂପରେ ବା ପରିବର୍ତ୍ତିତ ରୂପରେ ନଜର ପ୍ରଭାବ ବଜାୟ ରଖିଥାଏ |

ଲୋକ ସଂସ୍କୃତିର ମୂଳଦୁଆ ଉପରେ ସମଗ୍ର ମାନବ ସଭ୍ୟତା ଗଢିଉଠିଛି |  ଏହାର ଐତିହାସିକ, ସାମାଜିକ, ନୃତାତ୍ତ୍ୱିକ ଓ ନାନ୍ଦନିକ ମୂଲ୍ୟ ଅକଳନୀୟ । ପୃଥିବୀର ବିଭିନ୍ନ ପ୍ରାନ୍ତରେ ପ୍ରଚଳତ ଲୋକସଂସ୍କୃତି ମଧ୍ୟରେ ସାମ୍ୟ ଦେଖିଲେ ଏହାର ଅନ୍ତର୍ଜାତିକ ଗୁରୁତ୍ୱ ଅନୁଭବ କରିହେବ |

ଏହି 'ଲୋକସଂସ୍କୃତି' କୁ ଇଂରାଜୀ ରେ 'ଫୋକ୍ ଲୋର୍ (FOLK LORE) ର ପରିଭାଷିକ ଶବ୍ଦ ଭାବରେ ବ୍ୟବହାର କରାଯାଇଛି । ଏହାର ଅନ୍ୟ କେତେକ ପ୍ରସ୍ତାବିତ ପ୍ରତିଶବ୍ଦ ବା ପର୍ଯ୍ୟାୟବାଚୀ ଶବ୍ଦ ହେଲା "ଲୋକବିଦ୍ୟା", "ଲୋକଯାନ", "ଲୋକବିଜ୍ଞାନ", "ଲୋକଚର୍ଯ୍ୟା", "ଲୋକଧାରା" ଆଦି ଅନେକ ଶବ୍ଦ ବ୍ୟବହୃତ ହେଲେ ମଧ୍ୟ "ଲୋକ ସଂସ୍କୃତି" ଶବ୍ଦ ହିଁ ସର୍ବାଧିକ ଗ୍ରହଣଯୋଗ୍ୟ |

ଲୋକସଂସ୍କୃତି କହିଲେ ସାଧାରଣତଃ ଗୋଟିଏ ଗୋଷ୍ଠୀର ଅନୌପଚାରିକ ଅଣ ଆନୁଷ୍ଠାନିକ ଜ୍ଞାନ, ଯାହା ସମ୍ପୃକ୍ତ ଗୋଷ୍ଠୀର ସଦସ୍ୟ ସେମାନଙ୍କ ଦୈନନ୍ଦିନ ଜୀବନ ଚର୍ଯ୍ୟା ଭିତରେ

ପାରମ୍ପରିକ ଭାବେ ଜଣକରୁ ଆଉ ଜଣକ ପାଖକୁ ତଥା ଗୋଟିଏ ପୀଢ଼ିରୁ ଆଉ ଗୋଟିଏ ପୀଢ଼ିକୁ ସମ୍ପ୍ରସାରିତ ହୋଇଥାଏ ।

ପୁଣି ଲୋକସଂସ୍କୃତି ହେଉଛି ମୌଖିକ ରୀତି, ପ୍ରଥା ବା ଚଳଣି ମାଧ୍ୟମରେ ଗଢ଼ିଆସୁଥିବା ଉପାଦାନ । ଏଗୁଡ଼ିକ ଲୋକଗୀତ, କାହାଣୀ, ନାଁ ଦିଆ (ଧନ୍ଦା), ପ୍ରବାଦ, ପ୍ରବଚନ ବା ମୌଖିକ ଧାରାରେ ପ୍ରଚଳିତ ଯେ କୌଣସି ଉପାଦାନ ହୋଇପାରେ ।ପାରମ୍ପରିକ ଯନ୍ତ୍ରପାତି ଓ ବ୍ୟବହାରିତ ବସ୍ତୁ ହୋଇପାରେ, ପାରମ୍ପରିକ ବିଶ୍ୱାସ ମଧ୍ୟ ହୋଇପାରେ ।

"ଉଭୟ ଆଦିମ ଓ ସଭ୍ୟ ଜାତିର ପାରମ୍ପରିକ ସୃଷ୍ଟି ହିଁ 'ଲୋକସଂସ୍କୃତି" ଏଗୁଡ଼ିକ ଛନ୍ଦାୟିତ ଶବ୍ଦ ବା ଗଦ୍ୟମୟ ଭାଷାରେ ପ୍ରକାଶ ପାଇଥାଏ । ଲୋକବିଶ୍ୱାସ, ଚଳଣି, ଅନୁଷ୍ଠାନ, ନୃତ୍ୟ, ନାଟକ ରୂପରେ ମଧ୍ୟ ଦେଖା ଦେଇଥାଏ ।

ମାକ୍ ଏଡଓ୍ୱାର୍ଡ ଲିଚଙ୍କ ମତରେ ବିଭିନ୍ନ ପ୍ରଥା, ବିଶ୍ୱାସ, ଚଳଣି, କାହାଣୀ, ଯାଦୁ, ପ୍ରବାଦ -ପ୍ରବଚନ ଓ ଗୀତ ଆଦିକୁ ଚିହ୍ନିତ କରିବା ପାଇଁ ଏହା ଏକ ପର୍ଯ୍ୟାୟବାଚୀ ଶବ୍ଦ, ସଂକ୍ଷେପରେ କୌଣସି ଅକୃତ୍ରିମ ସଂହତ ଜନଗୋଷ୍ଠୀର ସଂଗୃହିତ ଜ୍ଞାନସଂପଦ।

୧୯୮୭ ମସିହାରେ ୟୁନେସ୍କୋ କମିଟି ମତରେ ଲୋକସଂସ୍କୃତି ହେଉଛି ଗୋଷ୍ଠୀ କୈନ୍ଦ୍ରିକ, ପରମ୍ପରାଶ୍ରୟୀ, ବ୍ୟକ୍ତି ସମୂହ ର ସୃଷ୍ଟି, ଯେଉଁଥିରେ କ ଉକ୍ତ ଗୋଷ୍ଠୀର ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ଓ ତାର ଆଶା-ଆକାଂକ୍ଷା। ବହୁଳ ଭାବରେ ପ୍ରତିଫଳିତ ହୋଇଥାଏ ।

ଲୋକସଂସ୍କୃତି ମୌଖିକ ରୀତିରେ, ଅନୁକରଣ ଦ୍ୱାରା ବା ଅନ୍ୟ ମାଧ୍ୟମରେ ପ୍ରସାରିତ ହୋଇଥାଏ । ଏହା ଭାଷା, ସାହିତ୍ୟ, ନୃତ୍ୟ, ଖେଳ, ପୁରାଣ କଥା, କ୍ରିୟାକର୍ମ, ପ୍ରଥା, ହସ୍ତ ଶିଳ୍ପ, ସ୍ଥାପତ୍ୟ ଓ ଅନ୍ୟାନ୍ୟ କଳା ରୂପରେ ପ୍ରକାଶ ପାଇଥାଏ । ଲୋକସଂସ୍କୃତି ର ବ୍ୟାପକ ପରିସର ପ୍ରତି ଦୃଷ୍ଟି ଦେଲେ ଏହାର ସ୍ୱରୂପ ଅଧିକ ସ୍ପଷ୍ଟ ହେବ ।

## କୁମ୍ଭକାର ସମ୍ପ୍ରଦାୟ ଓ କୌଳିକ ବୃତ୍ତି -

ମାନବ ସଭ୍ୟତାର ସୃଷ୍ଟି ସମ୍ପର୍କରେ ଅନୁଧ୍ୟାନ କଲେ ଆମେ ସବୁ ମଣିଷ ମାଙ୍କଡର ବଂଶଧର ବୋଲି ଅନେକ ଦାର୍ଶନିକ ଓ ଐତିହାସିକ ମତ ଦେଇଛନ୍ତି । ବଣ ମଣିଷ - ଆଦିମ ମଣିଷ ଭଳି ଆମର ପୂର୍ବ ପୁରୁଷ ମାନବ ସଭ୍ୟତା ସୃଷ୍ଟି ପୂର୍ବରୁ ଉଲଗ୍ନ ହୋଇ ବଣ-ଜଙ୍ଗଲରେ ରହିବା ସହିତ ଜଙ୍ଗଲରୁ ଫଳମୂଳ ଖାଇ ବଞ୍ଚୁଥିଲେ । ଗଛରେ ଗଛ ଘଷି ହୋଇ ଜଙ୍ଗଲରେ ନିଆଁ ଲାଗି ଗଛଲତା ପୋଡିଗଲା ପରେ ଭୋକବିକଳରେ ସେ

ପୋଡା ଫଳ ଖାଇଥିଲା, ଯାହା ତାକୁ ଆହୁରି ସୁଆଦିଆ ଲାଗିଲା ଧିରେଧିରେ ଜୀବନ ଶୈଳୀରେ ପରିବର୍ତ୍ତନ ହେଲା ସେ ଫଳମୂଳ ଓ ପୋଡା ଖାଦ୍ୟ ଖାଇବା ଶିଖିଲା | ରନ୍ଧା ଖାଦ୍ୟ ପ୍ରସ୍ତୁତ ପାଇଁ ପାତ୍ର ଦରକାର ପଡିଲା ଏବଂ ଏହି ପାତ୍ର ତିଆରି କରିଥିଲା କୁମ୍ଭାର | 'କୁମ୍ଭାର'/କୁମ୍ଭାଳ/କୁମ୍ଭକାର ନାମରେ ପରିଚତ ଏହି ସମ୍ପ୍ରଦାୟ ଯୋଗୁଁ ମଣିଷ ସମାଜ ରନ୍ଧା ଖାଦ୍ୟ ଖାଇ ପାରିଥିଲା ।

## କୁମ୍ଭାର ସମ୍ପ୍ରଦାୟ-

ତେବେ କୁମ୍ଭାର ସମ୍ପ୍ରଦାୟର ସଂଜ୍ଞା ଦେବାକୁ ଯାଇ ଯେଉଁ କେତେକ ମତ ରହିଛି ଯଥା –

- କୁମ୍ଭକାର-(କୁମ୍ଭ +କୃ +ଅ)-ଜାତି ବିଶେଷ କୁମ୍ଭାର ।

-କୁମ୍ଭାର -(କୁମ୍ଭକାର ଶବ୍ଦଜ) ମାଟିରୁ ହାଣ୍ଡି ପ୍ରଭୃତି ତିଆରି କରିବା ଜାତି ।

-ଇଂରାଜୀରେ ଏହି ଜାତିକୁ "potter" କୁହାଯାଏ ଯାହାର ଅର୍ଥ - potter-maker of earthenware vassels

-'କୁଲାଳ' ଶବ୍ଦ 'କୁମ୍ଭାଳ' ଶବ୍ଦ ବିବର୍ତିତ ହୋଇଛି ।

- 'କୁମ୍ଭକାର'ରୁ 'କୁମ୍ଭାର' ଶବ୍ଦ ର ନମିତ ହୋଇ ଆସୁଅଛି ।

-ବିହାର, ମଧ୍ୟପ୍ରଦେଶ ଅଞ୍ଚଳ ରେ ଏମାନଙ୍କୁ 'କୁହ୍ମାର' କୁହାଯାଉଥିବାର ଦେଖାଯାଏ । ଅବଶ୍ୟ 'କୁଲାଳ' ରୁ 'କରାଳ' ଓ 'କୁମ୍ଭକାର' ରୁ 'କୁମ୍ଭାର' ବା 'କୁହ୍ମାର' ଶବ୍ଦ ଅପଭ୍ରଂଶିତ ହୋଇଛି ।

କୁମ୍ଭାଳ ଶବ୍ଦର ବ୍ୟୁତ୍ପତି ସମ୍ପର୍କରେ ସଂସ୍କୃତ ବ୍ୟାକରଣ ଦୃଷ୍ଟିରୁ "କୁ" ଅର୍ଥାତ ପୃଥିବୀ ବା (ମାଟି)କୁ 'ଲାତି' ଗୁହ୍ମାଦି ସ୍ୱାର୍ଥେ 'ଅଜ' ପ୍ରତ୍ୟୟ ଯୋଗେ କୁମ୍ଭାଳ ଶବ୍ଦ ସୃଷ୍ଟି ।

-କୁଲାଲ କୁମ୍ଭକୃତ ଚକ୍ରୀ8 - ମେଦିଙ୍କା କୋଷ କୁମ୍ଭ -ଘଟ ଘଟ - କୁମ୍ଭ, ଶରୀର

-କୁମ୍ଭକାର ଓ ଭଗବାନ ଉଭୟ ଙ୍କୁ "ଚକ୍ରୀ" ଆଖ୍ୟା ପୁରାଣରେ ଦିଆଯାଇଛି । ଉପରୋକ୍ତ ତଥ୍ୟ ଗୁଡିକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଯେଉଁ ବ୍ୟକ୍ତି ମୃତ୍ତିକାକୁ ଦେଇ ଦଣ୍ଡ, ଚକ୍ର ଓ ସୂତ୍ର ସହାୟତାରେ କଳସାଦି ପାତ୍ର ନର୍ମାଣ କରେ ସେ ଆର୍ଯ୍ୟ ସଭ୍ୟତାର ଉନ୍ମେଷ କାଳରେ ପଣ୍ଡିତ ମାନଙ୍କ ଦ୍ୱାରା କୁଲାଲ ବା କୁମ୍ଭାର ଭାବେ ସମାଜରେ ନାମିତ ହୋଇଥିଲା ।

## କୁମ୍ଭାର ସଂପ୍ରଦାୟର ଉତ୍ପତ୍ତି :-

ଆମେ ସମସ୍ତେ ଜାଣିଛେ ଯେ ମନୁଷ୍ୟ ପ୍ରଥମେ ଜଙ୍ଗଲରେ ବସବାସ କରି ପରେ ପରେ ସଭ୍ୟତାର ବିକାଶ ଫଳରେ ସାମାଜିକ ପ୍ରାଣୀ ଭାବରେ ପରିଚିତ ହୁଏ । ପ୍ରଥମେ ସେ କଞ୍ଚାମାଂସ ଖାଉଥିଲା । ପରେ ପରେ ସେ ଜଙ୍ଗଲ ରେ ନିଆଁ ଲାଗିବାରୁ ସେ ନିଆଁର ଆବିଷ୍କାର ଓ ପୋଡା ଖାଦ୍ୟ ର ସ୍ୱାଦ ତାକୁ କଲା ଧିରେ ଧିରେ ସଭ୍ୟ । ପରେ ପରେ ଚକର ବ୍ୟବହାର ଜାଣି କୃଷିକାର୍ଯ୍ୟ କରି ଶସ୍ୟ ଉତ୍ପାଦନ କଲା । ସେହି କୃଷିକାର୍ଯ୍ୟ ରୁ ଉତ୍ପାଦିତ ଶସ୍ୟ କୁ ଖାଦ୍ୟ ଭାବରେ ପ୍ରସ୍ତୁତ କରିବା ପାଇଁ ଦରକାର ପଡିଲା ପାତ୍ରର ଆବଶ୍ୟକତା, ଏଥିରୁହିଁ ସେ ଚକକୁ ବ୍ୟବହାର କରି ସୃଷ୍ଟିକଲା ମାଟିପାତ୍ର, ତେବେ ଏହି ଧାରାକୁ ଯଦି ଆମେ ବିଶ୍ଳେଷଣ କରିବା ତେବେ କୁମ୍ଭକାର ମାନେ ଅତି ପ୍ରାଚୀନ ସଂପ୍ରଦାୟ। ଏହାବି କୁହାଯାଇପାରେ ଯେ ମଣିଷ ସମ୍ପ୍ରଦାୟ ପ୍ରଥମେ କୃଷକ ଓ ପରେ କୁମ୍ଭକାର ଭାବରେ ହିଁ ଜୀବନଯାପନ କରିଛି । ପୁଣି ସମାଜ ଓ ସଭ୍ୟତା ସୃଷ୍ଟି ସମୟରୁ ହିଁ ମଣିଷ କୁମ୍ଭକାର ବା ମାଟିପାତ୍ର ନିର୍ମାତା ଭାବେ ନିଜର ପରିଚୟ ଦେଇଛି ।

ଏଣୁ ମଣିଷର ଐତିହାସିକ ବିବର୍ତନକୁ ଅନୁଧ୍ୟାନ କଲେ ସଂସାରରେ ପ୍ରତ୍ୟେକ ମଣିଷର ପୂର୍ବ ପୁରୁଷ ମଟିପାତ୍ର ପ୍ରସ୍ତୁତ କରିଥିଲେ । ଏ ସମୟରେ ସମାଜରେ ଜାତିପ୍ରଥା ନଥିଲା ପରେପରେ ମଣିଷ ସଭ୍ୟତାର ଉନ୍ନତି ସହ ସଭ୍ୟ ହେବାରେ ଲାଗିଲା । ଏବଂ ନିଜର ଇଚ୍ଛା ଓ ମନ ପସନ୍ଦ ଅନୁଯାୟୀ ସେ ନିଜ କାର୍ଯ୍ୟ ପ୍ରଣାଳୀ ବାଛିନେଲା । ଏହି ସମୟରେ ବୃତ୍ତିକୁ ଆଧାର କରି ଜାତି ବିଚାର ଥିଲା, ଯେପରି ଯେ ମାଟିହାଣ୍ଡି ଗଢେ ସେ କୁମ୍ଭାର, ଯେ ଲୁହା କାମ କରେ ସେ ଲୁହୁରା, ଯେ ତନ୍ତ ବୁଣେ ସେ ତନ୍ତୀ, ଯେ ତେଲ ପେଡେ ସେ ତେଲି । ଏହିପରି ଭାବରେ ସମାଜରେ ବୃତ୍ତିକୁ ନେଇ ସମାଜ ପରିଚାଳିତ ହେଉଥିଲା । ପରେ ପରେ ଆର୍ଯ୍ୟ ମାନଙ୍କ ଆଗମନରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଭାବରେ ଚତୁଃବର୍ଗର ସୃଷ୍ଟି ଓ ଉପଜାତିର ସୃଷ୍ଟି ଯୋଗୁଁ ସମାଜରେ ଜାତିବ୍ୟବସ୍ଥା ହୋଇଉଠିଲା ଜଟିଳରୁ ଜଟିଳ, ପୁଣି କର୍ମକୁ ନେଇ ଉଚ୍ଚ ନୀଚ, ଛୁଆଁ -ଅଛୁଆଁ ସୃଷ୍ଟି ହେଲା। ତେବେ କୁମ୍ଭକାର ସମ୍ପ୍ରଦାୟକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ସମ୍ପ୍ରଦାୟ ବୃତ୍ତିକୁ ଆଧାର କରି ଗଢି ଉଠିଥିବା ଏକ ଜାତି। ପୁଣି ପୃଥିବୀର ପ୍ରତ୍ୟେକ ଅଞ୍ଚଳରେ ଏହି ସମ୍ପ୍ରଦାୟର ଉପସ୍ଥିତି ରହିଛି ।

ପ୍ରାଚୀନ ସଭ୍ୟତା ମଧ୍ୟରେ ହରପ୍ପା ଓ ମହେଞ୍ଜୋଦାରୋ ସଭ୍ୟତାରୁ ମିଳୁଥିବା ମାଟିପାତ୍ର ଓ ନଗର ଶୈଳୀ ଓ ସ୍ନାନାଗାରକୁ ଦେଖିଲେ ଜଣାପଡେ ଯେ ସେ ସମୟରେ କୁମ୍ଭକାର ସମ୍ପ୍ରଦାୟର ଉନ୍ନତି ବିଶେଷ ଭାବେ ସାଧିତ ହୋଇଥିଲା। ଏ ସମୟରେ ଅନେକ କୁଶଳୀ କୁମ୍ଭକାର ମାନେ ସମାଜରେ ବସତି ସ୍ଥାପନ କରିଥିଲେ ।

## ପୁରାଣ ଓ ମିଥରେ କୁମ୍ଭକାର ସମ୍ପ୍ରଦାୟ -

ଭାରତୀୟ ପୁରାଣ ମିଥ୍ ଓ କିମ୍ବଦନ୍ତୀରେ କୁମ୍ଭକାର ସମ୍ପ୍ରଦାୟର ଅନେକ ସ୍ୱାତନ୍ତ୍ର୍ୟ ଓ ମହାନତା ଦେଖିବାକୁ ମିଳେ । ମହାଭାରତରେ ଦ୍ରୌପଦୀ ଙ୍କ ବିବାହ ପରେ ସେ ମଧୁଶଯ୍ୟା କୁମ୍ଭାର ଘରେ ରହିଥିବା ସମୟ ରେ କରିଛନ୍ତି |

ଏତତ୍ ବ୍ୟତୀତ କୁମ୍ଭକାର ସମ୍ପ୍ରଦାୟର ଜାତୀୟ ସମ୍ପତ୍ତି ହେଉଛି "କୁରାଳପୁରାଣ" ଏହାର ପ୍ରଥମ ରଚୟିତା ପଞ୍ଚସଖା ଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ ବଲରାମ ଦାସ ପରେ କବି ଦୀନକୃଷ୍ଣ ଦାସ ମଧ୍ୟ ଆଉ ଏକ କୁରାଳ ପୁରାଣ ରଚନା କରିଛନ୍ତି ।

କୁରାଳ ପୁରାଣ ର ମୁଖ୍ୟ ବିଷୟବସ୍ତୁ ଭଗବାନ ଙ୍କ ସୃଷ୍ଟି ପ୍ରକ୍ରିୟା ଓ ମଣିଷ (କୁରାଳ)ର ସୃଷ୍ଟି ଓ କୁମ୍ଭାର ସମ୍ପ୍ରଦାୟର ଉତ୍ପତ୍ତି ଓ ଏହାର ମହତ୍ୱ ଦର୍ଶାଯାଇଛି |

ଏଥିରେ ଭଗବାନଙ୍କ ଦ୍ୱାରା ପୃଥିବୀ ରେ ରୁଦ୍ରପାଳ ଓ ରତ୍ନେଶ୍ୱରୀ ନାମକ ଦୁଇଜଣ ପୁରୁଷ ଓ ନାରୀ ସୃଷ୍ଟି ଏବଂ ଏହାଙ୍କ ଦ୍ୱାରା କୁମ୍ଭକାର କାର୍ଯ୍ୟ ଆରମ୍ଭ ଓ ତାଙ୍କ ବଂଶଜ ମାନେ ପରବର୍ତ୍ତୀ ସମୟରେ କୁମ୍ଭକାର ବା କୁମ୍ଭାର ଭାବରେ ପରିଚତ ବୋଲି ଦର୍ଶାଯାଇଛି । ଏଣୁ ଆଜି ମଧ୍ୟ କୁମ୍ଭକାର ସମ୍ପ୍ରଦାୟ ନିଜକୁ ରୁଦ୍ରପାଳ ଓ ରତ୍ନେଶ୍ୱରୀ ଙ୍କ ସନ୍ତାନ ଭାବେ ଗ୍ରହଣ କରି ତାଙ୍କ ଉଦ୍ଦେଶ୍ୟରେ ମାର୍ଗଶିର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ "କୁରାଳପଞ୍ଚମୀ" ପର୍ବ ସମସ୍ତ କୁମ୍ଭାର ସମ୍ପ୍ରଦାୟ ହର୍ଷ ଓ ଉଲ୍ଲାସରେ  ପାଳନ କରିଥାନ୍ତି ।

## ଓଡିଶାର କୁମ୍ଭକାର ସଂପ୍ରଦାୟ –

ସାଂପ୍ରତିକ ଓଡିଶାରେ ପ୍ରତ୍ୟେକ ଜିଲ୍ଲାରେ କୁମ୍ଭକାର ସଂପ୍ରଦାୟର ଅବସ୍ଥିତି ରହିଛି | ରାଜ୍ୟର ଉତ୍ତରାଞ୍ଚଳରେ  ବାଲେଶ୍ୱର, ମୟୂରଭଞ୍ଜ । କେନ୍ଦ୍ରାଞ୍ଚଳରେ ପୁରୀ, କଟକ, ଖୋର୍ଦ୍ଧା, ଢେଙ୍କାନାଳ ପଶ୍ଚିମାଞ୍ଚଳରେ ବଲାଙ୍ଗିର, କଳାହାଣ୍ଡି, ନୂଆପଡା, ବୌଦ୍ଧ, ସୋନପୁର ଦକ୍ଷିଣାଞ୍ଚଳରେ ରାୟଗଡା, କୋରାପୁଟ ଆଦିଜିଲ୍ଲା ଗୁଡିକରେ ଏହି ସଂପ୍ରଦାୟର ଲୋକସଂଖ୍ୟା ଅଧିକ ।

ଓଡିଶାର ମୁଖ୍ୟତଃ -  ଦୁଇ ପ୍ରକାର କୁମ୍ଭକାର ସଂପ୍ରଦାୟ ଦେଖାଯାଆନ୍ତି ୧ - ଓଡିଆ କୁମ୍ଭାର, ୨ - ଲରିଆ କୁମ୍ଭାର ମାତ୍ର ବର୍ତ୍ତମାନ ଜଗତୀକରଣ ଦୁନିଆରେ ଭାରତର ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା ଅନେକ ନୂତନ ସଂପ୍ରଦାୟ  ମଧ୍ୟ ବସବାସ କରୁଛନ୍ତି  | ସେହିପରି କୌନ୍ରୁ କୁମ୍ଭାର (ଗୋଆ), ମହାତୋ କୁମ୍ଭାର ପ୍ରଜାପତି ସମାଜ ଭାବରେ ମଧ୍ୟ

ପରିଚତ ଅଛନ୍ତି । ଏତତ୍ ବ୍ୟତୀତ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ କାଶ୍ମୀର ଅଞ୍ଚଳ ରେ ଅନେକ ମୁସଲମାନ କୁମ୍ଭକାର ବୃତ୍ତି କରି ଜୀବିକା ନିର୍ବାହ କରନ୍ତି । ଏଣୁ କୁମ୍ଭକାର କୁ ଏକ ଜାତି ଭାବରେ ଉପସ୍ଥାପନା ନ କରି ସଂପ୍ରଦାୟ ଭାବରେ ଉପସ୍ଥାପନା କରିବା ଅନେକ ଯୁକ୍ତିଯୁକ୍ତ ମନେହୁଏ ।

ଓଡିଶାରେ ଯେଉଁ ବିଭିନ୍ନ ପ୍ରକାର କୁମ୍ଭକାର ସଂପ୍ରଦାୟ ଦେଖାଯାଆନ୍ତି ପ୍ରତ୍ୟେକଙ୍କ ଏକ ସ୍ୱତନ୍ତ୍ର ବଂଶ ଗୋତ୍ର ସଂଜ୍ଞା ବା ଉପନାମ ଦେଖାଯାଏ । ମୁଖ୍ୟତଃ କୁର୍ଲପୁର୍ଣର ରୁଦ୍ରପାଳଙ୍କ ପୁତ୍ରକୁ ଆଧାର କରି ସେମାନଙ୍କ ବଂଶ ଗୋତ୍ର ପରିଲକ୍ଷିତ ହୁଏ । ମୁଖ୍ୟତଃ ପଶ୍ଚିମ ଓଡିଶାରେ କୋଡିଏ ଘରିଆ କୁମ୍ଭକାର ଦେଖାଯାଆନ୍ତି ।

ଶେଷରେ ଏତିକ କୁହାଯାଇପାରେ କ ଯେ ଓଡିଶାରେ ଯେଉଁ ସବୁ ସଂପ୍ରଦାୟ ମାନେ ରହିଛନ୍ତି ସେମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅପେକ୍ଷା ରଖି କୁମ୍ଭକାର ସଂପ୍ରଦାୟ । ନିଜର ସ୍ୱତନ୍ତ୍ର ସୃଜନଶୀଳତା ଗୁଣ ବୈଜ୍ଞାନିକ ମନୋବୃତ୍ତି ଏବଂ ଶିଳ୍ପକାରିଗରୀ କାର୍ଯ୍ୟ ତାକୁ ଅନ୍ୟ ସମ୍ପ୍ରଦାୟରୁ ଅଲଗା କରୁଥାଏ । ବର୍ତ୍ତମାନ ଏକବିଂଶ ଶତାବ୍ଦୀରେ ଯଦି ଏହି ସଂପ୍ରଦାୟ କୁ ତିଷ୍ଠି ରହିବାକୁ ହେଲେ, ଅନେକ ସମସ୍ୟା ଗୁଡିକର ସମାଧାନ ଦରକାର । ଏହିସବୁ ଯୁଗପୋଯୋଗୀ ସୌଖୀନ ସାମଗ୍ରୀ ସହ ସ୍ୱତନ୍ତ୍ର ଆନ୍ତର୍ଜାତୀୟ ବଜାରର ଅପେକ୍ଷା ରଖେ, ନଚେତ ସମୟ ଆସିବ ମାନବ ଜାତିରେ କୁମ୍ଭକାର ସଂପ୍ରଦାୟ ରହିଥିବେ ମାତ୍ର ସେମାନଙ୍କ କୌଳିକ ବୃତ୍ତି ଓ ପରିଚୟ ନ ଥିବ । ସେମାନଙ୍କୁ ମ୍ୟୁଜିୟମ ରେ ରଖିବାକୁ ପଡିବ ।

ଏଣୁ ଆଜି ସମୟ ଆସିଛି ସମସ୍ତଙ୍କୁ ଏହି ଦିଗ ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ହେବ ଏବଂ ଏହି ସଂପ୍ରଦାୟର ସଂସ୍କୃତି ରୀତିନୀତି ଏବଂ କଳାଶିଳ୍ପ ର ପରିଚୟ ପାଇଁ ବିଶେଷ ଗବେଷଣାର କରିବାକୁ ପଡିବ । ଏଣୁ ଏହି ଉପରେ ଗବେଷଣା କରିବା ପାଇଁ ମୋର ଏ ପ୍ରୟାସ ମାତ୍ର ।

ଗବେଷକ, ଉତ୍କଳ ବିଶ୍ୱବିଦ୍ୟାଳୟ

# ରେ ଶକୁନ



ନୂତନ କୁମାର ବେହେରା

ରେ ଶକୁନ...
ମହାଭାରତର ତୁ ଏକ
ଅଦ୍ଭୁତ ବିଚିତ୍ର ମଣିଷ
ଭୟଙ୍କର ତୋର ସ୍ୱଭାବ ଚରିତ୍ର
ପଶାର ନିଶାରେ ଖେଳ ଖେଳାଇଲୁ
ଯେଉଁ ଲୋମହର୍ଷଣକାରୀ ଖେଳ
ତାର ପରିଣାମ ହେଲା
କୁରୁକ୍ଷେତ୍ରରେ ଅଠର ଦିନ ମହାଯୁଦ୍ଧ
ବହିଲା ରକ୍ତର ନଦୀ
ଆହତ ନିହତ ହେଲେ ଅସଂଖ୍ୟ ନିରୀହ
ସଙ୍ଗେ କୌରବ ସମୂହ
ଶେଷେ ତୋର ବି ହେଲା ବିନାଶ।
କପଟ ପଶା ଖେଳର ପରାଭବ
ପାଇ ବି ତୁ ସୁଧୁରିଲୁ ନାହିଁ ଜମା
ଏ ଜନ୍ମରେ ପୁଣି ମାତିଛୁ ସେ ଖେଳେ
ଭୁଲି ଗଲୁ ଭୀଷ୍ମଙ୍କ ଶପଥ
ଦେଖି ସ୍ତବ୍ଧ ହେଲୁ ନାହିଁ ବୀର ଅର୍ଜୁନଙ୍କ
ଗାଣ୍ଡିବର ସେ ଟଙ୍କାର
ହୃଦୟ ତୋର ତରଳିଲା ନାହିଁ
ଦେଖି ଯାଜ୍ଞସେନୀଙ୍କ ଆକୁଳ ନିବେଦନ
ନିର୍ଯ୍ୟାତନା ଦେବାରେ ଯୋଗାଇଲୁ ଇନ୍ଧନ

ମହାମାନୀ ଅହଂକାରୀ ଗର୍ବୀ ଦୁର୍ଯ୍ୟୋଧନକୁ
ଅନ୍ଧ ଧୃତରାଷ୍ଟ୍ରଙ୍କୁ ଦେଖାଇଲୁ ଭେଳକ
ତୋ ଚରିତ୍ରର ଏ କ ଦୂରଭିସନ୍ଧି...?
ଆରେ ତୁ ତ ଥିଲୁ ଗାନ୍ଧାରର ଯୁବରାଜ
କଣ ଅଧିକ ଥିଲା ଦରକାର...?
ଦୁର୍ଯ୍ୟୋଧନ ବନ୍ଦୀଶାଳାରୁ ହୋଇ ତୁ ଉଦ୍ଧାର
ପ୍ରତିଶୋଧ ନେବାର କ ଏ ଥିଲା ଉପାୟ ?
ଶତ୍ରୁ ସାଥେ ନରୀହଙ୍କୁ ମାରିବା କ
ତୋ ନକଟେ ଉଚତ ନ୍ୟାୟ ?
ବୁଝିଲୁନ ଥରେ ଚକ୍ରଧାରୀ ନାରାୟଣଙ୍କୁ
ନରସ୍ତ୍ର ହେଲେ ବି ସାରଥୀ ଶ୍ରୀକୃଷ୍ଣ
ସବୁ ଅସ୍ତ୍ରର ଊର୍ଦ୍ଧ୍ୱରେ ସେ
ସୃଷ୍ଟି ସ୍ଥିତି ସଂହାରର ସର୍ବମୟ କର୍ତ୍ତା ସେ |
ଏବେ ତୋର ସେଇ କୁଟଚକ୍ର ଦୁର୍ବୁଦ୍ଧି
ଜନ୍ମ ଜନ୍ମାନ୍ତରରେ ବି ନାହିଁ ପରିବର୍ତ୍ତନ
ଭାବିଛୁ କ ଛଳ ବଳ କୁଟ କପଟରେ
ଜୟ କରିଯିବୁ ଏ ଧରାକୁ...
କେବେ ତୁ ଜିତିଛୁ କ...
ନା' ଆଉ କେହି ଜିତି ଯାଇଛନ୍ତି...
ନଜର ଟିକଏ ପକା ଇତିହାସକୁ
ନମିତ୍ତ ମାତ୍ର ପାଇଁ କରୁ କାହିଁକି ଆସ୍ଫାଳନ
ସୁନ୍ଦର ଦୁର୍ଲଭ ଜୀବନ ପାଇଛୁ
ସୁଖ ଶାନ୍ତିରେ ଉପଭୋଗ କର
ସମୂହ କଲ୍ୟାଣେ ମନ ନବେଶ କର
କଛି ଯଦି ନ ଲାଗୁଛି ଭଲ
ଅନ୍ତତଃ ନଜର ସର୍ବନାଶ ସଙ୍ଗେ ସଙ୍ଗେ
କର ନା ତୁ ଅନ୍ୟର ଧ୍ୱଂସ କାମନା

ଆରେ ତୁ କଏ କରିବାକୁ ସଂସାରର ମୀମାଂସା **?**
କର୍ମର ଅଧିନରେ ସବୁ ପାପ ପୁଣ୍ୟ
ଭାଗ୍ୟ ତାର ସହଚର
ସତ୍ କର୍ମ ନ କଲେ ପାଇବୁନ
ଜନ୍ମ ଜନ୍ମ ଧରି ତୁ ନସ୍ତାର
କେବଳ ମାତ୍ର କେତୋଟି ମୁହୂର୍ତ୍ତ ପାଇଁ
ତୋର ଏ ଆଡମ୍ବର ଅହଂକାର ଦମ୍ଭ ଗର୍ବ
ସମୟ ହେବା ଆଗୁରୁ ଥରେ ବୁଝି ଯା
ପାଇବୁ ପରମ ଶାନ୍ତି ସନ୍ତୋଷ
ଏ ଜନ୍ମ ତୋର ହୋଇବ ସାର୍ଥକ**...।**

ବାରିପଦା**,** ମୟୂରଭଞ୍ଜ

ବେଦାନ୍ତୀର ଆଗାମୀ ସଂଖ୍ୟାମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ**5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ **–** vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଋତୁରାଜ ବସନ୍ତ

ଉମାରାଣୀ ବେହେରା

ମଧୁମାସ ନାମଧାରୀ
ଫାଲଗୁନ, ଚୈତ୍ର ମାସକୁ ଆବରି,
ଶୀତ ଉଷ୍ମ ପ୍ରକୋପକୁ ସାଥିରେ ସେ ଧରି
ମାତା ବସୁନ୍ଧରା ପୃଷ୍ଠେ ଅବତରି ।୧ ।
ଆଗମିତ ଅଧରେ ସ୍ମିତହାସ ତୋଳ
ବହି ଆଣେ ପ୍ରାଙ୍ଗଣେ ସେ ବିହଙ୍ଗ କାକଳ
ନାଲି, ନୀଳ, ପୀତ, ଶ୍ୱେତ କୁସୁମ ବିଛେଇ
ରୂପର ସମ୍ଭାର ତାର ଶ୍ରୀ ଅଙ୍ଗରେ ବୋଳ ।୨ ।
ପରିସ୍ଫୁଟ ବାସ୍ନା ତାର ହୁଏ ଚଉଦିଗେ
ପ୍ରିୟତମା ଆଶ୍ରୟୀ ଯେ ତା ପ୍ରିୟର ଅଙ୍ଗେ
ରଙ୍ଗହୀନ କାୟାକୁ ହୋଲିର ସାତରଙ୍ଗେ
ରଙ୍ଗାଏ ବସନ୍ତ ଯେ ତାର ନାନା ଭଙ୍ଗେ ।୩ ।
ଦିଗଙ୍ଗନା ଶୋଭାପାଏ ପିନ୍ଧି ନାଲି ପାଟ
ପକ୍ଷୀ ଯୁଗଳ ଉଡନ୍ତି ବନ ପରବତ,
କି କହିବା ଆଲୋ ସଖି ତାହାର ମହତ
ତେଣୁ ବୋଲାଏ ସେ ଋତୁ ରାଜ ଯେ ବସନ୍ତ ।୪ ।
        ଋତୁ ରାଜ ଯେ ବସନ୍ତ.....
        ଋତୁ ରାଜ ଯେ ବସନ୍ତ.....

ବରଗଡ

# ଶିକ୍ଷକତାର ଆବାହନୀ ସଙ୍ଗୀତ



ଆଲୋକ କୁମାର ପଣ୍ଡା

ବାଇଶି ବର୍ଷର କଠୋର ସାଧନା
ମୋର ଆଜି ହେଲା ଫଳବତୀ,
ବାପା ମାଆ ସ୍ୱପ୍ନ ପୂରଣ ହୋଇଲା
ସାହା ହେଲେ ମାଆ ଭଗବତୀ ।।

ସକାଳ ହେଲେ ମୁଁ ଯିବି କର୍ମକ୍ଷେତ୍ର
ସମୟେ ପହଞ୍ଚିବାକୁ ହେବ,
ଆହେ ଦୟାମୟ ବିଶ୍ୱବିହାରୀ ଶୁଣି
ଦିନ ମୋ' ଅୟମାରମ୍ଭ ହେବ,
ଏବେ ଯାଏ ବାଲିଘର ଗଢୁଥିଲି
କାଲିଠାରୁ ମଣିଷ ଗଢିବି,
ରାଧାକ୍ରିଷ୍ଣନ୍ ଗୋପବନ୍ଧୁଙ୍କ ଭଳି
ଆଦର୍ଶ ଶିକ୍ଷକ ମୁଁ ହୋଇବି ।।

ଭାବୁଥିଲି ମୁହିଁ ସେହି ପିଲାଦିନ
ସତେ କି ଥରୁଟେ ଫେରନ୍ତା,
ସେଥିପାଇଁ ବୋଧେ ଶିକ୍ଷକ କରିଲେ
ମୋତେ ସେହି ବିଶ୍ୱନୟନ୍ତା,
କୁନାକୁନି ସହ ସମୟ କାଟିବି
ଟୁଆଁ ଟୁଇଁ ଗୀତ ଗାଇ ଗାଇ,
କାଲିଠାରୁ ଦିନ ହେବ ଅବଶେଷ
କଅଁଳ ମୁହଁକୁ ଚାହିଁ ଚାହିଁ ।।

କୁନା କହୁଥିବ ଆସି ମୋ' ଆଗରେ
କୁନଟା ହେଉଛି ବଡ ଦୁଷ୍ଟ,
ବହି ଝାମ୍ପିନେଲା କାହାକୁ ଗ୍ପିଲା
ଅବା କାହାକୁ ସେ ଦେଲା କଷ୍ଟ,
କେତେ ଅଭିଯୋଗ କେତେ ଗ୍ରେଷ
ଗ୍ରଗ ସବୁ ମୁଁ କରିବି ସମାଧାନ,
ଗାନ୍ଧି ସୁବାଷ ମୋ' ହାତେ ଗଢିବି
ଆଶିର୍ବାଦ ଦିଅ ଗଜାନନ ।।

ବିଦ୍ୟାଳୟ ଘଣ୍ଟି ହୋଇବ ମୋ'ପାଇଁ
ସତେ କ ଦେଉଳର ଘଣ୍ଟି,
ପରବପର୍ବାଣି ସ୍ୱାଧୀନତା ଦିବସରେ
କେତେ ମିଠା ବଣ୍ଟାବଣ୍ଟି,
ସହଜ କାମ ତ ନୁହେଁ ପାଠପଢା
ଏ ପର୍ ମଣିଷଗଢା କାମ,
ମଣିଷ ତିଆରି କାରଖାନା ଏ ଯେ
ସରସ୍ୱତୀଙ୍କର ଦିବ୍ୟଧାମ ।।

କେତେ ଦିନପରେ ସ୍ୱପ୍ନ ସତ ହେଲା
ବାପା ମୋର ଠିକ୍ କହୁଥିଲେ,
କର୍ମର ସୁଫଳ ନଷ୍ଟେ ମିଳେ ବାବୁ
ପରିଶ୍ରମ ବୃକ୍ଷ ରୋପିଥିଲେ,
ନୂତନ ମଞ୍ଚରେ ନୂତନ ଭୂମିକା
ଦେଇଛନ୍ତି ମୋତେ ଗଣନାଥ,
ଆଦର୍ଶ ଶିକ୍ଷକ ହୋଇବି ମୁଁ ନଷ୍ଟେ
କରୁଛି ଆଜିଠୁଁ ଶପଥ ।।

ଶିକ୍ଷକ, କପସିପାଲି ଆଶ୍ରମ ବିଦ୍ୟାଳୟ,ବଲାଙ୍ଗିର

# ଇଂରେଜଙ୍କ ଦୃଷ୍ଟିରେ ସିପାହୀ ବିଦ୍ରୋହ: ଚର୍ବିଲଗା ଗୁଳିର କାହାଣୀ

ପ୍ରିୟବ୍ରତ ପାଣ୍ଡା

## ଭାଗ-୨

### ଦୁର୍ଗ ପତନର ବେଳ

ଏଥର ଆସିଲା ଦୁର୍ଗ ପତନର ବେଳ, ଜୁଆରୀ ଢେଉରେ ଭଟ୍ଟା ପଡିବାର ବେଳ। ସିପାହୀମାନେ ଯେଉଁ ବେଗରେ ମାଡିଆସିଥିଲେ ସେଉଁ ବେଗରେ ପର୍ଯ୍ୟୁଦସ୍ତ ହେଲେ। ଆମର ମୁଷ୍ଟିମେୟ ସୈନ୍ୟ ଭାରତର ଏତେବଡ ବିଶୃଙ୍ଖଳ ସିପାହୀ ସେନାଙ୍କୁ ସାମନା କରିବାକୁ ବଦ୍ଧପରିକର ହେଲେ। ଦୀର୍ଘ ଶହେଦିନ କାଳ ଦିଲ୍ଲୀ ଅବରୁଦ୍ଧ ହୋଇ ରହିବା ପରେ ସେନାପତି ନିକୋଲସନ୍ ଦିଲ୍ଲୀ ମୁକ୍ତ କରିବାପାଇଁ ବାହାରିଲେ। ଉଦ୍ଦୀପ୍ତ ତରୁଣ ନିକୋଲସନ୍ ଏପରି ଲୋକପ୍ରିୟ ଥିଲେ ଯେ ଅନୁଗତ ଭାରତୀୟ ସୈନ୍ୟମାନେ ତାଙ୍କପାଇଁ ପ୍ରାଣପାତ କରିବାକୁ ପ୍ରସ୍ତୁତ ଥିଲେ। କିଛି ଶିଖ୍ ଏହି ବୀରଙ୍କୁ ପୂଜା କରୁଥିଲେ ଏବଂ ନିଜକୁ ନିକୋଲସିଅନ୍-ପଞ୍ଜାବୀ ବୋଲି ପରିଚୟ ଦେଉଥିଲେ।

କାଶ୍ମୀରଘାଟ ଗେଟ୍, କାବୁଲ୍ ଗେଟ୍, କାଶ୍ମୀର ଗେଟ୍, ଲାହୋର ଗେଟ୍, ମୋଗଲ ଗେଟ୍- ଆଦି ଗୋଟିଏ ପରେ ଗୋଟିଏ ଗେଟ୍ କୁ ଧ୍ୱଂସକରି ଆଅ ସେନା ଦିଲ୍ଲୀ ଅକ୍ତିଆର କରିବାକୁ ଚାଲିଥିଲେ। ଆମକୁ ଯିଏ ପ୍ରତିରୋଧ କଲା ପୋକମାଛି ପରି ମରିବା ସାର ହେଲା। ଶେଷକୁ ଆସିଲା ଲାଲକିଲ୍ଲା, ଯେଉଁଠି ବାଦଶାହା ଜାଫର୍ ରହୁଥିଲେ। ଆମର କ୍ରମାଗତ ବିଜୟର ଖବର ପାଇ ବାଦଶାହା ନିଜର ଦୁଇପୁଅ ଓ ନାତି ସହ ସାତ ମାଇଲ୍ ଦୂର ହୁମାୟୁନଙ୍କ ଗମ୍ବୁଜ ଭିତରେ ଆତ୍ମଗୋପନ କରିଥିଲେ। କ୍ୟାପଟେନ୍ ହଡସନ୍ ଏକ ଦୁଃସାହସ କ୍ରମେ ଗମ୍ବୁଜ ଭିତରୁ ବାଦଶାହାଙ୍କୁ ଘୋଷାରି କରି ଆଣିଲେ ଏବଂ ବନ୍ଦୀକଲେ। ବାଦଶାହାଙ୍କ ଦୁଇ ପୁଅ ଓ ନାତି, ଯେଉଁମାନେ କି ଅସଲରେ ଜଣେ ଜଣେ ଖଳନାୟକ ଥିଲେ, ସେମାନେ

ସମସ୍ତେ ଏକ ବଳଦଟଣା ଗାଡିରେ ଖସି ଚାଲିଯାଉଥିଲେ । ହଡସନ୍ ସେଇ ଗାଡି ଅଟକେଇଲେ ଏବଂ ଚତ୍କାର କରି କହିଲେ - ମୋ ଦେଶର ଭଦ୍ରଲୋକ ଓ ମହିଳାଙ୍କୁ ତୁମେ ମାରିଛ, ଏବେ ନିଜ ମୃତ୍ୟୁ ପାଇଁ ପ୍ରସ୍ତୁତ ହୁଅ । ଅଣ୍ଟାରେ ଝୁଲୁଥିବା ପିସ୍ତଲ ବାହାର କରି ହଡସନ୍ ଗୁଳି ଚଳେଇଲେ ଏବଂ ତିନି ଭିଲିଆନ୍ କୁକୁର ପରି ସେଠାରେ ଟଳି ପଡିଲେ । ବାଦଶାହାଙ୍କୁ ତାଙ୍କ ନିଜ ବାସଭବନ ଲାଲକିଲ୍ଲାକୁ ବନ୍ଦୀ କରି ଅଣାଗଲା ଏବଂ ସେଠାରେ ହିଁ ତାଙ୍କର ବିଚାରଣା ଆରମ୍ଭ ହେଲା । ଯଥେଷ୍ଟ ନିରପେକ୍ଷତାମୂଳକ ଓ ନ୍ୟାୟସଙ୍ଗତ ଭାବେ ଏହି ବିଚାରଣା ଚାଲିଲା । ସାର୍ ଆର୍. ଟେମ୍ପୁଲ୍ ଯିଏକି ଏହି ବିଚାରଣାର ଏକ ଲିଖିତ ରିପୋର୍ଟ ଇଂଲଣ୍ଡ ସରକାରଙ୍କ ନିକଟରେ ଦାଖଲ କରିବାକୁ ନିଯୁକ୍ତି ହୋଇଥିଲେ, ତାଙ୍କରି ଭାଷାରେ ସେହି ବିଚାରଣାକାଳୀନ ଦୃଶ୍ୟଟି ଏପରି ଥିଲା –

ନିଜ ରାଜଉଆସର କୌଣସି ଏକ ଅନ୍ଧାରୁଆ କୋଣରେ ବସିଥିଲେ ବାଦଶାହା । ତାଙ୍କରି ମୁଣ୍ଡଟି ନଇଁପଡି ସଫେଦ ଦାଢିଭିତରେ ଲୁଚି ଯାଉଥିଲା । ଅଦ୍ଭୁତ ନୀରବତା ଭିତରେ କିଛି କାଗଜପତ୍ର ଏପଟସେପଟ ହେବାର ଶବ୍ଦ ଯାହା ଶୁଭୁଥିଲା । ତାହାଥିଲା ଭାରତ ଇତିହାସର ଏକ ବିଚିତ୍ର ତଥା ଅଭୂତପୂର୍ବ ମୂହୁର୍ତ୍ତ । ଏକାଅଶୀ ବର୍ଷ ବୟସ୍କ ବାଦଶାହାଙ୍କ ଥିଲା ସୁଠାମ ଶରୀର, ଧନୁ ପରି ବଙ୍କେଇ ଯାଇଥିଲା ଭୃଲତା ଓ ପିଠି, ହଳଦିଆ ତାମ୍ର ଅର୍ଣ୍ଣର ରୁଗୁଣା ଗ୍ଲୋନତ ଚର୍ମ ଓ ସ୍ନାୟବିକ ଦୁର୍ବଳତାରେ କୁଞ୍ଚିତ ମୁଖମଣ୍ଡଳ । କୋମଳ ଆଙ୍ଗୁଳି ସବୁ ସ୍ଫଟିକ ଥିବା ଜପାମାଳି ଗଡେଇବାରେ ବ୍ୟସ୍ତ ଥିଲେ । ବାଦଶାହା ତାଙ୍କର ବାହ୍ୟ ବ୍ୟବହାରରୁ ଅତ୍ୟନ୍ତ ଉତକ୍ଷିପ୍ତ ଜଣା ପଡୁଥିଲେ । ଅନ୍ତତଃ ଅସିଆ ମହାଦେଶର ଇତିହାସ ସହ ଯାହାର ପରିଚିତ ଥିବ ବା ମୋଗଲ ସମ୍ରାଟମାନଙ୍କ ଆକାଶ ଚୁମ୍ବୀ ଆକାଂକ୍ଷା ସହ ପରିଚିତ ଥିବ, ସେ ଏଭଳି ଏକ ପରିସ୍ଥିତିରେ ଶେଷ ମୋଗଲ ସମ୍ରାଟ – ଯାହାର ପୂର୍ବ ପୁରୁଷମାନେ ଗଲା ଦୁଇ ଶତାବ୍ଦୀ ଧରି ଏହି ସମୃଦ୍ଧ ଦେଶକୁ ଶାସନ କରୁଥିଲେ । ସେ ବର୍ତ୍ତମାନ ବଞ୍ଚିବେ କି ମରିବେ ସେ କଥା ନିର୍ଦ୍ଧାରୀତ କରୁଥିଲେ ଦଳେ ବିଚାରପତି, ଯେଉଁମାନଙ୍କ ପୂର୍ବପୁରୁଷମାନେ ଏକଦା ଏହି ସମ୍ରାଟଙ୍କ ପୂର୍ବପୁରୁଷଙ୍କ ପାଖରେ ଭିକ୍ଷାଥାଳି ଧରି ପହଞ୍ଚିଥିଲେ, ବ୍ୟବସାୟ ପାଇଁ କିଛି ଜମି, କିଛି ସୁରକ୍ଷା ଓ କିଛି ଆଶୀର୍ବାଦର ଭିକ୍ଷା ନେଇ । ଯଦିଓ ବାଦଶାହା ନିଜ ଅଳିକ କଳ୍ପନାରେ ନିଜକୁ ଜଣେ ସମ୍ରାଟ ବୋଲି ଭାବୁଥିଲେ, ବାସ୍ତବତା ଜାଣି ସୁଦ୍ଧା ଆମେ ତାଙ୍କୁ ରାଜକୀୟ ସମ୍ମାନ ଦେଉଥିଲୁ । ମୃତ୍ୟୁଦଣ୍ଡ ପାଇଁ ଯଥେଷ୍ଟ ଅକାଟ୍ୟ ପ୍ରମାଣ ଥାଇ ସୁଦ୍ଧା ଆମେ ତାଙ୍କୁ ଜୀବନ ଦାନ ଦେଇ ଆମର

ଧୈର୍ଯ୍ୟର ପ୍ରମାଣ ଦେଇଥିଲୁ । ଦଣ୍ଡ ସ୍ୱରୂପ ବାଦଶାହାଙ୍କୁ ଯାବତ୍ ଜୀବନ ଦେଶାନ୍ତର କାର୍‌ଦଣ୍ଡରେ ରେଙ୍ଗୁନ୍ ଜେଲ୍ କୁ ପଠାଇ ଦେଇଥିଲୁ ।

ଦିଲ୍ଲୀ ବିଜୟ ପରେ କାନପୁରକୁ ମଧ୍ୟ ଆମେ ନିୟନ୍ତ୍ରଣରେ ଆଣିଥିଲୁ । ନାନାଙ୍କ ଅନୁଚରଙ୍କୁ ଆମେ ବିଭିନ୍ନ ଇଲାକାର ହଟେଇ ଦେଇଥିଲୁ । ସେଥିପାଇଁ ଆମକୁ ବହୁତ କଛି ବଳଦାନ ଦେବାକୁ ପଡିଛି । ଦିଲ୍ଲୀପରେ ଆସିଲା ଲକ୍ଷ୍ନୌ ରେସିଡେନ୍ସି ର ପାଳ । ଗୁରିପଟୁ ସିପାହୀଙ୍କ ଦ୍ୱାର୍ ଆକ୍ରାନ୍ତ ଓ ଅବରୁଦ୍ଧ ହୋଇ ଆମ ଲୋକେ ଦୀର୍ଘ ଛ ମାସ ଧରି ସେଠାରେ ରହିଥିଲେ । ଆମର ସେନା ଯେବେ ସେମାନଙ୍କ ମୁକ୍ତି ପାଇଁ ସେଠାରେ ପହଞ୍ଚିଲେ, ସେଠାକାର ଜଣେ ଅନ୍ତେବାସୀଙ୍କ ଅଙ୍ଗେନଭି କଥା ହେଲା – ନଜର ବିଖ୍ୟାତ ସେନାଙ୍କୁ ଧରି ବୀର ହାଭଲକ୍ ଲୋ ଓଟ୍ରାମ୍ ଆମକୁ ରକ୍ଷା କରିବାକୁ ଆସୁଛନ୍ତି ଜାଣି ଆମେ ଆନନ୍ଦରେ ଆତ୍ମହରା ହୋଇଗଲୁ । କଛି ଲୋକେ ଖୁସିରେ କାନ୍ଦି ପକେଇଲେ । ରେସିଡେନ୍ସିର ପ୍ରତି ଗାତ, ଟ୍ରେଞ୍ଚ ଓ ଅସ୍ତ୍ରାଗାରରୁ ଢାଲ ପରି କାମ ଦେଉଥିବା ପ୍ରତି ବାଲି ବସ୍ତା ପଛରୁ, ପ୍ରତି ଛକ ଓ ପହରା ଦେବା ଜାଗାରୁ ଆମେ ଅନ୍ତେବାସୀମାନେ ଜୟ ଜୟକାର ଶବ୍ଦରେ ଆକାଶ ଫଟେଇ ଦେଲେ । ଆମ ସେନା ସିପାହୀଙ୍କୁ ରାସ୍ତାରୁ ହଟେଇ ରେସିଡେନ୍ସି ଭିତରକୁ ଆସିଗଲେ ଏବଂ ସର୍ବ ପ୍ରଥମେ ଡକ୍ଟର ଫେରେରେ ଙ୍କ ଘରକୁ ଆସିଲେ । ସେମାନେ ପ୍ରଥମେ ମହିଳା ଓ ପିଲାଙ୍କୁ ଭେଟିଲେ । ସୁଦୂର ଇଂଲଣ୍ଡରୁ ଆସି ଆମେ ଏଠାରେ କଭଳ ପରିସ୍ଥିତିରେ ମୃତ୍ୟୁକୁ ଅପେକ୍ଷା କରି ରହିଥିଲୁ – ସେକଥା ଭୁକ୍ତଭୋଗୀ ହିଁ ଅନୁଭବ କରିବ । ଆମେ ପୁରୁଷମାନେ ଦାଢୀ ସାଲୁବାଲୁ ହୋଇ ରହିଥିଲୁ, ମହିଳାମାନେ ଅନବରତ ଚନ୍ତା ଓ ଉଦବେଗରେ ଜର୍ଜରୀତ ହୋଇ ରହିଥିଲେ, ପିଲାଙ୍କ ଅବସ୍ଥା ଆହୁରୀ ଦୟନୀୟ ଥିଲା । ଆମ ରକ୍ଷାକର୍ତ୍ତାମାନେ ସବୁ ପୁରୁଷ ଓ ମହିଳାଙ୍କ କରମର୍ଦ୍ଦନ କଲେ ଓ ପିଲାଙ୍କୁ କୋଳକୁ ଟେକନେଇ – ଆଉ ଡରିବା ଆବଶ୍ୟକ ନାହିଁ ବୋଲି କହିଲେ । ତାପରେ ଗ୍ୱଲିଲା ଗଳ୍ପ ଛ ମାସରେ ରେସିଡେନ୍ସିରେ ମୃତାହତଙ୍କ ହିସାବ ଓ ଅନେକ ଲୋମହର୍ଷକାରୀ ଘଟଣାର ଅଙ୍ଗେଲିଭି କଥା । ସେତେବେଳେ ଆମେ ସମସ୍ତେ କାନପୁର ଗ୍ୱଲିଯିବା ସମ୍ଭବ ନଥିଲା । କାରଣ ଲକ୍ଷ୍ନୌର ଗଳକନ୍ଦି ସାର୍ ସିପାହୀମାନେ ଉନ୍ମୁକ୍ତ ଖଡଗ ଓ ବନ୍ଧୁକ ଧରି ବୁଲୁଥିଲେ । ଘଟଣା ଏପରି ହେଲା ଆମର ରକ୍ଷାକର୍ତ୍ତାମାନେ ଆମ ସହ ପାଖାପାଖି ଦୁଇମାସ କାଳ ରେସିଡେନ୍ସିରେ ଅବରୁଦ୍ଧ ହୋଇ ରହିଗଲେ ।

ସାର୍ କଲିନ୍ କ୍ୟାମ୍ପବେଲ୍ ନଜର ଦୁର୍ଦ୍ଧର୍ଷ ସେନା ନେଇ ଆମ ସମସ୍ତଙ୍କୁ ମୁକ୍ତ କରିବା ପାଇଁ ଆସିଲେ । ୨୨ ନଭେମ୍ବର ୧୮୫୭ ସନ୍ଧ୍ୟାରେ ଗୁପ୍ତରେ ସମସ୍ତଙ୍କୁ ଖବର କରିଦିଆଗଲା ଯେ, ମଧ୍ୟରାତ୍ର ବେଳକୁ ସମସ୍ତେ ରେସିଡେନ୍ସି ଛାଡିବେ । ଠିକ୍ ମଧ୍ୟ ରାତ୍ର ବେଳକୁ ବାହାରେ ସିପାହୀମାନେ ଯେବେ ଶୋଇଯାଇଥିଲେ, ଆମେ ସମସ୍ତେ ଯଥେଷ୍ଟ ଗୋପନୀୟ ଭାବେ ପଛ ରାସ୍ତା ଦେଇ ଖସିଗଲୁ ଏବଂ ଆଲମବାଗ୍ ରେ ଯାଇ ଡେରା ପକାଇଲୁ । ପରେ ସେଠାରୁ କାନପୁର ଦିଗେ ପ୍ରସ୍ଥାନ କରିଥିଲୁ । ସକାଳୁ ଯେବେ ସିପାହୀମାନେ ରେସିଡେନ୍ସିକୁ ଆକ୍ରମଣ ପାଇଁ ବାହାରିଲେ, ପାଲଟା ଆକ୍ରମଣ ଭାବେ ଗୋଟିଏ ବି ଗୁଳି ଆସିଲା ନାହିଁ । ସେମାନେ ଭିତରେ ପଶି ଦେଖିଲା ବେଳକୁ ଜଣେ ମଧ୍ୟ ଗୋରା ଲୋକ ସେଠାରେ ନଥିଲେ । ଆମ ସେନାପତିମାନଙ୍କ ସୁଚିନ୍ତିତ ରଣକୌଶଳ ଫଳ ସ୍ୱରୂପ ଆମେ ଏତେବଡ ଦଳ ସିପାହୀଙ୍କ ଆଖିରେ ଧୂଳି ଦେଇ ଖସିଗଲୁ ।

ଏହି କ୍ରମରେ ଆମେ ହରେଇଥିବା ସବୁତକ ଜାଗା ଧିରେ ଧିରେ ଫେରି ପାଇଲୁ । ଆବଶ୍ୟକ ସ୍ଥଳେ ବିଦ୍ରୋହୀ ସିପାହୀମାନଙ୍କୁ ହତ୍ୟା କରାଯାଇଥିଲା, ତୋପ ଆଗରେ ଠିଆ କରି ଉଡେଇ ଦିଆଯାଇଥିଲା – ଯାହାକି ସେମାନଙ୍କ କୃତକର୍ମର ପୁରସ୍କାର ଥିଲା । ଭାରତ ଛାଡି, ସଂଗ୍ରାମ ଛାଡି, ଭୟଭୀତ ନାନା ସାହେବ ନେପାଳର ଘନ ଜଙ୍ଗଲରେ ଛଦ୍ମବେଶ ଧରି ଲୁଚି ରହିଲେ । ସେ ସ୍ୱଇଚ୍ଛାରେ ନିର୍ବାସିତ ହୋଇ ରହିଲେ- ଯାହାକି ଆମେ ଚାହୁଁଥିଲୁ । ଲକ୍ଷ୍ମୀବାଇଙ୍କୁ ହତ୍ୟା କରାଯାଇ ଝାନସୀ ବୁନ୍ଦେଲଖଣ୍ଡ ଅଞ୍ଚଳରେ ଶାନ୍ତି ଫେରେଇ ଅଣାଗଲା । ତାନ୍ତିଆ ଟୋପିକୁ ଫାଶି ଦିଆଗଲା । କୁଆଁରସିଂହକୁ ମଧ୍ୟ ହତ୍ୟା କରାଯାଇ ସିପାହୀ ବିଦ୍ରୋହର ଯବନୀକା ପାତ କରାଗଲା ।

ଅନେକ ପ୍ରଶ୍ନ ପଚାରନ୍ତି ସିପାହୀ ବିଦ୍ରୋହ ସଫଳ ହୋଇଥିଲେ କଣ ହୋଇଥାନ୍ତା? ସେଭଳି ହୋଇଥିଲେ ଆମର ଯେତିକି କ୍ଷତି ହୋଇ ନଥାନ୍ତା, ଭାରତକୁ ତା ଠୁ ବଳି କ୍ଷତି ହୋଇଥାନ୍ତା । ୟୁନିଅନ୍ ଜ୍ୟାକ୍ ଉଡୁଥିବା ପୃଥିବୀର ଅର୍ଦ୍ଧେକ ଯାଗାରୁ ଭାରତ ଗୋଟିଏ ଥିଲା । ଆମେ ଆମର ଶକ୍ତି ଦକ୍ଷିଣ ଆମେରିକା, ଆରବ, ଆଫ୍ରିକା ବା ଅନ୍ୟ କେଉଁଠି ଲଗେଇଥାନ୍ତୁ । କିନ୍ତୁ ଆମ ପରେ ଭାରତର ଅବସ୍ଥା ଭୟଙ୍କର ହୋଇ ପଡିଥାନ୍ତା । ଦିଲ୍ଲୀ ବାଦଶାହାଙ୍କ ନେତୃତ୍ୱକୁ ବିରୋଧକରି ନାନା ସାହେବଙ୍କ ସେନା ଯୁଦ୍ଧ କରୁଥାନ୍ତେ । ଫଳରେ ସମଗ୍ର ଉତ୍ତର ଭାରତରେ ହିନ୍ଦୁ ଓ ମୁସଲମାନ ମାନଙ୍କ ଭିତରେ ଭୟଙ୍କର ଯୁଦ୍ଧ

ହୋଇଥାନ୍ତା । ନାନାଙ୍କ କ୍ଷମତାକୁ ଇର୍ଷା କରି ଅନ୍ୟ ମରାଠାମାନେ ଗୋଆଲିଅର୍ ଓ ମହାରାଷ୍ଟ୍ରର ଦକ୍ଷିଣରେ ଶକ୍ତିଶାଳୀ ରାଜାଙ୍କ ସହ ମେଣ୍ଟ କରିଥାନ୍ତେ । ଫଳରେ ହାଇଦ୍ରାବାଦର ନିଜାମ ଓ ମହିଶୁର ରାଜା ଙ୍କ ସହ ଯୁଦ୍ଧରେ ସାମିଲ ହୋଇଥାନ୍ତେ । ଏପରି ହୋଇଥାନ୍ତା – ନେତୃତ୍ୱ ଓ ଆଧିପତ୍ୟକୁ ନେଇ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ ହୋଇଯାଇଥାନ୍ତା । ଏପଟେ ପଞ୍ଜାବ ସବୁଦିନ ପାଇଁ ଭାରତ ଭୂଖଣ୍ଡରେ ଗୋଟିଏ ଅଲଗା ସ୍ୱାଧୀନ ଓ ଶକ୍ତିଶାଳୀ ରାଜ୍ୟ ଭାବେ ଉଭା ହୋଇଥାନ୍ତା । ଦୁର୍ବଳ ପରିସ୍ଥିତିର ସୁଯୋଗ ନେଇ ଯୁଦ୍ଧକ୍ଳାନ୍ତ ରାଜ୍ୟକୁ ଅଚରେ ପରାସ୍ତ କରି ନେପାଳ ଉତ୍ତର ଭାରତ ଓ ବିହାରର ଅନେକ ଉର୍ବର ଜାଗା ଅକ୍ତିଆର କରିନେଇଥାନ୍ତା । ଭାରତରେ ପେଶାଦାର ସୈନ୍ୟ ଭାବେ କେହି ନଥିବା କାରଣରୁ ଚାଷୀମାନେ ହିଁ ଯୁଦ୍ଧବେଳେ ସୈନ୍ୟ ରୂପେ କାର୍ଯ୍ୟ କରୁଥିଲେ । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ବ୍ୟବହାର ଫଳରେ ଏହି ଅଳ୍ପ ଶିକ୍ଷିତ ଅଣକୁଶଳୀ ଚାଷୀ ସୈନ୍ୟମାନେ ଲକ୍ଷଲକ୍ଷ ସଂଖ୍ୟାରେ ମରିଥାନ୍ତେ ଏବଂ ଦେଶ ସହସ୍ର ଭାଗରେ ବିଭକ୍ତ ହୋଇଥାନ୍ତା । ଆମେ ଦମନ ପାଇଁ କେତେହଜାର ସିପାହୀଙ୍କୁ ମାରିଥାଇ ପାରୁ, କିନ୍ତୁ ତାହାଦ୍ୱାରା ଲକ୍ଷ ଲକ୍ଷ ଲୋକେ ସମ୍ଭାବ୍ୟ ଗୃହଯୁଦ୍ଧରୁ ବର୍ତ୍ତିଗଲେ । ତେଣୁ ସିପାହୀ ବିଦ୍ରୋହର ମୃତାହତଙ୍କୁ ନେଇ ଆମର କୌଣସି କ୍ଷୋଭ ନାହିଁ। ଆମେ ଆମର ବୀର କ୍ଲାଇବ୍ (ଏଠାରେ ଆମ ମତରେ ସେ ଏକ କାପୁରୁଷ), କୋଟେ, ଗଫ୍, ନିକୋଲସନ୍, ହାଭଲକ୍, ରୋଜ୍, ଓଟ୍ରାମ୍ ଆଦିଙ୍କୁ ସ୍ମରଣ କରୁଛୁ, କାରଣ ଭାରତରେ ଆମ ସାମ୍ରାଜ୍ୟର ମୁକୁଟରେ ଏମାନେ ଗୋଟିଏ ଗୋଟିଏ ଅମୂଲ୍ୟ ହୀରା । ଆସନ୍ନ ଗୃହଯୁଦ୍ଧ, ବ୍ୟାପକ ଜୀବନହାନୀ, ତଥା ଶତାଧା ବିଭକ୍ତି କାରଣକୁ ରୋକ ଦେଇଥିବା ଏହି ବୀରମାନଙ୍କୁ ଆମେ ଇଂରେଜମାନେ ପୁଣିଥରେ ଧନ୍ୟବାଦ ଜଣାଉଛୁ ।

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

# ଭୁଲ



ଅନଙ୍ଗ ମଞ୍ଜରୀ

ବଡ ସଙ୍କଟ ସମୟ ରେ ଏ ହୁଏ
ଜୀବନ କଣ  ଜାଣିପାରେନା
ନାହିଁ ମୋର କଛି ଭୁଲ ନଥାଇ
ଆଜି ସେ ଦୋଷି ହୋଇ ଯାଉଛି
ଭୁଲ କଣ**?** ପ୍ରଶ୍ନ ଆସି ଯାଉଛି।

ଭଲ ପାଇବା**,** ଗ୍ଚେରି କରିବା**,** ଅନ୍ୟକୁ ଠକବା
କେତେ ପ୍ରକାର ଭୁଲ ସମାଜ ରେ
ବଡ ଠୁ ନେଇ ଛୋଟ ପର୍ଯ୍ୟନ୍ତ ପରିଚତ
ଅଜବ ଦୁନଆରେ ବଡ କାମ ଭୁଲର
ଭୁଲ କଣ**?** ଏକ ପରିଚୟ ପନ୍ନ।

ସତ ବଡ ସୁନ୍ଦର**,** ମିଛ ର କୋଉଠି ସ୍ଥାନ ନାହିଁ
ଭୁଲ ମଧ ବଡ ସମସ୍ୟା ରେ ଗତି କରେ
ଚନ୍ତାରେ ପକେଇ ପକେଇ ମାରେ
କନ୍ତୁ ବହୁ ବ୍ୟକ୍ତି ଏ ଭୁଲ ମାନବାକୁ ନାହିଁ
ଭୁଲ କଣ**?** ଏହା ସ୍ୱାର୍ଥପର।

ପୁସ୍ତକପଢୁ**,** ଗୁରୁଜନଙ୍କଠୁ ସିଖୁ ଆଉ ଭୁଲ
କରିବନ**!!!!!**
ସଂସ୍କାର ଭଉତକଛି ଉପଦେଶ ଦେଇଥାଏ
ଭୁଲର **!!!**

କିନ୍ତୁ ଏ ବୟସ, ସମୟ କଣ ତାକୁ ଟାଣି ନଏ?
ଏପରି ଏକ ଭୁଲ ର ଦିଗକୁ ଦିଗହରା ହୁଏ
ଭୁଲ କଣ? ଆତ୍ମସନ୍ତୋଷ।

ପିଲାଟିକୁ ଛୋଟୋରୁ କୁହାଯାଏ
ଆଉ ଭୁଲ କରିବୁନି
ଲେଖିବାରେ, ପଢ଼ିବାରେ, ବସିବାରେ, ଉଠିବାରେ ::::;;;
ଏମିତି କି ପ୍ରତେକ ଦିନ କାର୍ଯ୍ୟକ୍ରମରେ
ସତରେ ଏ ଭୁଲ କଣ?
କେବେ କେବେ ପଗ୍ଭରିବା ଗ୍ଭଲ ନିଜକୁ!!!

ହାଇଦ୍ରାବାଦ

# ଅସହାୟ ଅନୁଗତ



ଧୀରେନ୍ଦ୍ର କୁମାର ପ୍ରଧାନ

ତମେ ଛିଞ୍ଚାଡି ଦିଅ
ମୁଁ ଧରୁଥିବି ହାତ,
ତମେ ଧିକାରୀ ଦିଅ
ମୁଁ ପଛପଛେ ଅନୁଗତ।
ମନପ୍ରାଣ ଡେରି ଗୃହିଁଥାଏ ଶୁଣିବାକୁ
ତୁମ ସ୍ୱର ଟିକେ,,,
କାହିଁକି ସାଜ ବୈଶାଖର
ଦିପହର କଂକ୍ରିଟ ପଥ
ଏଇ ନଶଢତାରେ
ମୁହୂର୍ତ୍ତକେ ହୋଇଯାଏ
ମୁଠାଏ ପାଉଁଶ,,,

ତଥାପି ହସେ
ଏ ହସ କୁ କେବେ ଦେଖିଛ ନରେଖି?
ଆବେଗଭରା ମୁହଁତଳେ
ଦିକଦିକ ଜଳୁଥିବା ଅସହାୟ ବନାନୀ ରେ
ମୁଁ ଏକ ଅର୍ଦ୍ଧ ଦଗ୍ଧ ଆକାଶିଆ ଗଛ
ଠିଆ ହୋଇଛି ଆକାଶକୁ ଗୃହିଁ
ଭ୍ରୁକ୍ଷେପ ନକରି
ଅବିରତ, ନର୍ବିବାକ ନୟନରେ, ଆଶାନେଇ
ଘୁଞ୍ଚିପାରୁନ, କାଳେ ଆସିବ, ନପାଇ ଫେରିଯିବ।

କେବେ ଆସିବ ବାଦଲର ମୃଦୁ ପରଶନେଇ
କେବେ ଆସିବ ଶୀତଳସମୀର ହୋଇ
ମଧୁର ସଙ୍ଗୀତ ଝଙ୍କାର ମହ୍ଲାର ହୋଇ
କେବେ ବର୍ଷିବ ,
ଢାଳିବ ପ୍ରେମର ସଂଜିବନୀ ଆଉ
ଆଙ୍କିଦେବ ପ୍ରଣୟର ସାତରଙ୍ଗ ।
କେବେ
ବଢ଼ୁରିବି,,,, ମିଳେଇଯିବି,,,,,
ଆଉ ଭିଜଭିଜି କଇଁକଇଁ ହୋଇ ହସିବି?????

ମୁଁ ଜାଣିନ ବୋଧେ
ମୁଁ ଏକ ଶୁଖିଲା ଆକାଶ ତଳେ ଥାଇ
ମରିଚୀକାକୁ ଭଲପାଉଛି।।।।

ଝଜିରୀବାହାଳ

# ହେ ଯୁବକ !



ଜଗନ୍ନାଥ ପ୍ରଧାନ

ତମେ ନିମଗ୍ନ ହୁଅ ସାଧନାରେ
ଯେମିତି ବୈଶାଖର ପ୍ରଚଣ୍ଡ ଖର୍‌ରେ ବି
ଲଭିବ ଚନ୍ଦନର ସ୍ନିଗ୍ଧତା
ଶ୍ରାବଣର ପ୍ରବଳ ବର୍ଷାରେ ବି
ତମକୁ ଛୁଇଁ ପାରିବନି ଆର୍ଦ୍ରତା

ତମେ ନୀତିନିଷ୍ଠ ହୋଇ ଆଗେଇ ଯାଅ
ଜୀବନର ପ୍ରକୃତ ଲକ୍ଷ୍ୟପଥରେ ।

ନିଜକୁ ହଜାଇ ଦିଅ ନିଷ୍ଠାର ନିଶାରେ
ତମ କଙ୍କାଳରେ ଭରିଯାଉ
ଶୃଙ୍ଖଳ ଛିଣ୍ଡାଇବାର ଜୋଶ୍
ନିଃସ୍ୱାର୍ଥପର ସେବା କରି
ଭରିଦିଅ ଜୀବନ ସବୁ କଙ୍କାଳରେ ।

ତମେ ମାତାଲ୍ ହୁଅ
ଇନ୍ଦ୍ରିୟ ଆସକ୍ତିର ବାହାରେ
ପାର୍ଥିବ ବିଳାସର ଊର୍ଦ୍ଧ୍ୱରେ
ଏଡ଼ାଇ ଦିଅ ସୁର୍ ସାକର ମୋହ
ଚେତନା ଓ ଚିନ୍ତନର ମନ୍ଥନ କରି
ଖୋଜ ଜୀବନର ମୂଳତତ୍ତ୍ୱ
ସ୍ୱାର୍ଥହୀନ ଖମ୍ବ ହୋଇ
ତୋଳଦିଅ ସଭ୍ୟତାର ଅଭ୍ରଂକଷ ଅଟ୍ଟାଳିକା ।

କେଳାକଟା, ବୌଦ୍ଧ

# ଇଚ୍ଛା



ଭକ୍ତବନ୍ଧୁ ବିଶ୍ୱାଳ

ଇଚ୍ଛାର ସାମ୍ରାଜ୍ୟ ଇଚ୍ଛା ପ୍ରାତଃ ସଞ୍ଜ
ଇଚ୍ଛାମୟ ଇଚ୍ଛାଦଣ୍ଡ,
ଇଚ୍ଛାରେ ବ୍ୟଥିତ ଇଚ୍ଛାଧାରୀ କ୍ଷାନ୍ତ
ଇଚ୍ଛାଇଚ୍ଛା ବୋଲି ହତ ॥
ଇଚ୍ଛାଫଳ ଯଦି ଇଚ୍ଛାରେ ମିଳନ୍ତା
ଇଚ୍ଛା ହିଁ ସବୁଠି ଶସ୍ତା,
ଇଚ୍ଛା ଭାବନାରେ ଇଚ୍ଛା ସମହାରେ
ଇଚ୍ଛା ସହଜେ ହିନସ୍ତା ॥
ଇଚ୍ଛା ଭାଷା ଯୋଡି ଇଚ୍ଛାରେ ଉଗାଡି
ଇଚ୍ଛା ଅଗ୍ରେ ଇଚ୍ଛା ଦ୍ୱନ୍ଦ,
ଇଚ୍ଛା ହିଁ ଅପେକ୍ଷା ଇଚ୍ଛା ଯେ ଉପେକ୍ଷା
ଇଚ୍ଛା ଗନ୍ତବ୍ୟର ଛନ୍ଦ ॥
ଇଚ୍ଛା ପାଇଁ ଲଜ୍ଜା, ଇଚ୍ଛା ମାନ ଧଜା
ଇଚ୍ଛା କର୍ତ୍ତବ୍ୟ ଇଙ୍ଗିତ,
ଇଚ୍ଛା ପ୍ରେମ ଯଜ୍ଞ ଇଚ୍ଛା କୃତ ମଗ୍ନ
ଇଚ୍ଛା ମନ୍ତ୍ର ଇଚ୍ଛା ମତ ॥
ଇଚ୍ଛା ବିନା ତୁଚ୍ଛ ଇଚ୍ଛା ସ୍ୱପ୍ନ ଗୁଚ୍ଛ
ଇଚ୍ଛାରେ ଧାଏଁ ସମାଜ,
ଇଚ୍ଛା ପରଖି ଇଚ୍ଛା ଲକ୍ଷ୍ୟ ରଖି
ଇଚ୍ଛା ହିତ କର୍ମେହେଜ ॥

ଘସିଏନ, ପାଟଣାଗଡ, ବଲାଙ୍ଗିର

# ଗବର ଓ ନିର୍ବାଚନ



ବିଜୟ କୁମାର ଜେନା

(ଏକ ଲଘୁ କଥା)

---

ରାମଗଡ଼ରେ ଭୋଟ ହେବାକୁ ଥାଏ। ସେହି ସମୟରେ ଗବର୍ ସିଂ ର ଭାରି ଚର୍ଚ୍ଚା ରାମଗଡ଼ ଆଖ ପାଖରେ। ଛୋଟ ଛୁଆକୁ ମାଆ ଡରାଏ, -"ଜଲଦି ଜଲଦି ଶୋଇ ପଡ଼, ନହେଲେ ଗବର୍ ଆସିଯିବ।" ତେଣୁ, ଗବର ସିଂ ବି କାହିଁକି ପଛରେ ରହନ୍ତା ! ସେ ମଧ୍ୟ ଠିକ ସମୟରେ ତା ଦଳବଳ ନେଇ, 'ମେହବୁବା - ମେହବୁବା' ଗୀତ ବଜେଇ ବଜେଇ ଯାଇ, ତା ନାମାଙ୍କନ ପତ୍ର ଦାଖଲ କଲା। ଏପଟେ ରାମଗଡ଼ ଗାଆଁ ଲୋକେ ତାଙ୍କ ପ୍ରିୟ ନେତା 'ଠାକୁର ସାହେବ'ଙ୍କୁ ପ୍ରାର୍ଥୀ କଲେ।

ନିର୍ବାଚନୀ ଚିହ୍ନ ଭାବରେ ଗବର ସିଂକୁ ବନ୍ଧୁକ ଚିହ୍ନ ଓ ଠାକୁର ସାହେବଙ୍କୁ ଲଣ୍ଠନ ଚିହ୍ନ ମିଳିଲା।

ଗବର ସିଂ ତରଫରୁ ତାର ସମସ୍ତ ଡକାୟତ ସାଥୀ ଓ ତାଙ୍କ ଦଳ ଭିତରୁ ଶାମ୍ଭା, କାଳିଆ, ଜଗୁ, ବାଙ୍କା, କଲେଶର, ରମେଶର ଇତ୍ୟାଦି ଚାଳିଶରୁ ଅଧିକ ଲୋକ ଭୋଟ ପ୍ରଚାର କଲେ। ଗବର ନିଜେ ମଇଦାନ ଉପରକୁ ଆସିବା ଦରକାର ପଡ଼ି ନଥାଏ।

ଏପଟେ ଠାକୁର ସାହେବଙ୍କ ତରଫରୁ ତାଙ୍କ ସମର୍ଥକ ମାନଙ୍କ ମଧ୍ୟରୁ ବାସନ୍ତୀ, ରାମଲାଲ, ଦିନଦୟାଲ ଇତ୍ୟାଦି ଲାଗି ପଡ଼ିଲେ। ଠାକୁର ସାହେବଙ୍କ "ବହୁ" ସହିତ ବାସନ୍ତୀ'ର "ମାଉସୀ" ଧଳା ଶାଢ଼ୀ ପିନ୍ଧି - ମୁଣ୍ଡରେ ଓଢ଼ଣା ଟାଣି, ଘର ଘର ବୁଲି ପ୍ରଚାର କଲେ।

ଯା ଭିତରେ ଠାକୁର ସାହେବ ତାଙ୍କର ଦୁଇ ପୁରୁଣା ସହଯୋଗୀ ଜୟ ଓ ବିରୁଙ୍କୁ ଭୋଟ ପ୍ରଚାରରେ ସାହାଯ୍ୟ କରିବା ପାଇଁ ଡକେଇ ଆଣିଲେ। ବିରୁ ତାର ନିଜ ଢଙ୍ଗରେ କେତେବେଳେ ପାଣି ଟାଙ୍କି ଉପରେ ଚଢ଼ିଯାଇ ପୁଣି କେବେ ଶିବ ମନ୍ଦିରରୁ ଚିଲ୍ଲେଇ ଚିଲ୍ଲେଇ ପ୍ରଚାର କରୁଥାଏ। ଠାକୁର ସାହେବଙ୍କ "ବହୁ" କେତେବେଳେ ଲୋକଙ୍କ ଆଗରେ ଲଣ୍ଠନ ଜଳେଇ ପୁଣି କେତେବେଳେ ଜଳୁଥିବା ଲଣ୍ଠନକୁ ସମସ୍ତଙ୍କ ଆଗରେ ଲିଭେଇ ଠାକୁର ସାହେବଙ୍କୁ ଏହି ଲଣ୍ଠନ ଚିହ୍ନରେ ମୋହର ମାରି ଜୟଯୁକ୍ତ କରିବା ପାଇଁ ଭୋଟରଙ୍କୁ ନିବେଦନ କରୁଥାଏ।

ଏପଟେ ଜୟ ଟିକେ ଢିଲା ପଡ଼ିଥାଏ। ସେ ପ୍ରଚାର ପାଇଁ ଅଳ୍ପ ସମୟ ଦେଇ, ତାର ମାଉଥ ଅର୍ଗାନ ବଜାଇବାରେ ବେଶି ସମୟ ବିତାଉ ଥାଏ। ମାଉସୀ ତାର ହାତ ତିଆରି ବିଞ୍ଚଣା ଖଣ୍ଡକରେ ବିଞ୍ଚି ହେଇ ହେଇ, ଘର ଘର ବୁଲି ପ୍ରଚାର କରୁଥାଏ। ବାସନ୍ତୀ ତା ଧନ୍ନୁ ଘୋଡିକୁ ଗାଡିରେ ଯୋଚି ବୁଲୁଥାଏ। ଯିଏ ବି ତା ଟାଙ୍ଗାରେ ବସିଲା, ତାକୁ ବାସନ୍ତୀ ବୁଝେଇଲା ଯେ ଏହି ଗାଆଁର ସର୍ବାଙ୍ଗୀନ ଉନ୍ନତି ପାଇଁ ଠାକୁର ସାହେବ ହିଁ ଏକମାତ୍ର ଯୋଗ୍ୟ ବ୍ୟକ୍ତି - ତାଙ୍କୁ ଜିତେଇବା ପାଇଁ ଲଣ୍ଠନ ଚିହ୍ନରେ ଭୋଟ ଦେବା ଆବଶ୍ୟକ।

ଏସବୁ ପ୍ରଚାର କାମରେ ସମୟ ଖର୍ଚ୍ଚ ନକରି ଗବର ସିଂ ଦଳ ରାତି ହେଲେ ଡକେଇତି କରୁଥାନ୍ତି ଓ ଦିନସାରା ମଦ ପିଇ ବାଇ ନାଚରେ ମସଗୁଲ ରହୁଥାନ୍ତି। କେବେ କେବେ ଲୋକ ଗହଳ ଭିତରକୁ ପଶି ଆସି ତାଙ୍କ ବନ୍ଧୁକରୁ ଆକାଶ ଆଡ଼କୁ ଲକ୍ଷ୍ୟ କରି ଗୁଳି ଫୁଟେଇ ଜଣେଇ ଦେଉ ଥାଆନ୍ତି ଯେ, ଏହି ବନ୍ଧୁକ ଚିହ୍ନ ଗବର ସିଂର। ଏସବୁ ପ୍ରଚାର ଦେଖି ଦେଖି, ଭୋଟ ଓ ଭୋଟର ସବୁ କିଛି ଏକ ତରଫା ଭାବରେ ଠାକୁର ସାହେବଙ୍କ ଆଡ଼କୁ ଯାଉଥିବା କଥା ସମସ୍ତେ କହୁଥାନ୍ତି।

ଗବର ସିଂର କିଛି ଚିନ୍ତା ନ ଥାଏ। କିନ୍ତୁ ଡରୁ ଥାଆନ୍ତି କାଳିଆ ଶାମ୍ଭା ଇତ୍ୟାଦି ଅନୁଚର ମାନେ। କହୁଥାନ୍ତି -"ସର୍ଦ୍ଦାର, କିଛି କରନ୍ତୁ - ନହେଲେ ଆମେ ଶୋଚନୀୟ ପରାଜୟ ବରଣ କରିବା।"

ସର୍ଦ୍ଦାର, -"ଆରେ ହେ ଶାମ୍ବା, ମୋତେ ଧରେଇ ଦେଲେ କେତେ ପୁରସ୍କାର ଦେବେ ବୋଲି ସରକାର ଘୋଷଣା କରିଛନ୍ତି କରେ **?**"

ଶାମ୍ବା, -"ପୁରା ପଚ୍ଚଶ ହଜାର ଟଙ୍କା ସର୍ଦ୍ଦାର **!**"

ଗବର, -"ଠିକ୍ ଅଛି। କାଲି ରାମଗଡ଼ ଯାଇ ସମସ୍ତଙ୍କୁ କହିଦିଅ ଯେ, ଯଦି ଗବର ସିଂ ଜିତିବ, ତେବେ ଜଣକା ପଚ୍ଚଶ ହଜାର ଲେଖାଏଁ ଟଙ୍କା ସମଗ୍ର ରାମଗଡ଼ ବାସୀଙ୍କୁ ମିଳବ।"

ତହିଁ ଆରଦିନ ରାମଗଡ଼ ଯାଇ, କାଳଆ ଆଉ ଶାମ୍ବା ବୁଲି ବୁଲି ଏହି କଥା ପ୍ରଚାର କରିଦେଲେ। ଏମନ୍ତ ପଚ୍ଚଶ ହଜାର ଟଙ୍କା ମିଳବା କଥାରେ କଛି ରାମଗଡ଼ ବାସୀ ଗବାର ସିଂ ଆଡ଼କୁ ଢଳୁଥିବାର ଦେଖାଗଲା। କନ୍ତୁ ସମର୍ଥକଙ୍କ ସଂଖ୍ୟା ଥିଲା ଅତି ଅଳ୍ପ। ଆହୁରି ଅଧିକ ଭୋଟର ଆବଶ୍ୟକ।

"ସର୍ଦ୍ଦାର, ଆଉ କଛି କର **!**" କହିଲା ଶାମ୍ବା।

ଏତିକ ଶୁଣି, ହାଇ ଟିଏ ମାରି, ଖଇନୀ ଦଳୁ ଦଳୁ ଗବର ସିଂ କହିଲା, -"ଠିକ୍ ଅଛି, କାଲି ଆଉଥରେ ରାମଗଡ଼ ଯାଇ ଘୋଷଣା କରିଦିଅ ଯେ, ଏଥର ଯଦି ଗବର ଜିତିଯାଏ, ତେବେ ରାମଗଡ଼ରେ ଆଉ ଡକେଇତି ହେବ ନାହିଁ - ଏଥର ସମସ୍ତଙ୍କ ପାଇଁ 'ଆଚ୍ଛା ଦିନ' ଆସିଯିବ।"

ଦିନଟିଏ ଯାଇନ, ରାମଗଡ଼ ଭିତରେ ପ୍ରଚାର ହେଇଗଲା ଯେ, ଏଥର 'ଆଚ୍ଛା ଦିନ' ଆସୁଛି। ଗବର ସିଂ ତା ଡକେଇତି ବନ୍ଦ କରିଦେବ। ଏତିକ ଶୁଣି, ପୁଣି କଛି ଲୋକ ଗବର ସିଂ ଦଳ ଆଡ଼କୁ ଢଳଲେ। କନ୍ତୁ, ଏତିକ ବି ସଂଖ୍ୟାରେ ବହୁମତ ଠାରୁ ବହୁତ କମ ରହିଲା ପରି ଲାଗୁଥାଏ। ପୁରା ରାମଗଡ଼ ବାସୀ ଠାକୁର ସାହେବଙ୍କ ସପକ୍ଷରେ ଥିବା ଜଣା ପଡୁଥାଏ। ବର୍ତ୍ତମାନ ଗବର ବି ଡରିବା ଆରମ୍ଭ କଲା; ଲାଗିଲାଣି ଯେ ହାରିବା ସୁନଶ୍ଚିତ।

ଆଉ ତା'ପରେ...

ମତଦାନ ଦିବସର ଠିକ ଦୁଇ ଦିନ ପୂର୍ବରୁ ଗବର ନିଜେ ରାମଗଡ଼ ରେ ପହଞ୍ଚିଲା। ସାଙ୍ଗରେ ତାର ସମସ୍ତ ଡକାୟତ ଦଳ ଥାଆନ୍ତି।

ଗାଆଁ ମଝି ଚଉତରା ଉପରେ ଠିଆ ହେଇ ଗବର ସିଂ ତା'ର ଚରିତ୍ରଚରିତ ଢଙ୍ଗରେ ହୁଙ୍କାର ଦେଇ କହିଲା, -"ମିତ୍ରମାନେ, ମୋ ପ୍ରିୟ ରାମଗଡ଼ ବାସୀ !! କେବେ ଥରେ ଭାବି ଦେଖିଛ କି, ଆମେ ସଂଖ୍ୟାଧିକ ହିନ୍ଦୁ ରହୁଥିବା ଏହି ରାମଗଡ଼ ଗାଆଁରେ ଏ ଅନ୍ଧ ମୁଲ୍ଲା ରେହମାନ ଚାଚା କାହିଁକି ରହୁଛି ? ଯେଉଁ ରେହମାନ ଚାଚା'ର ହାତଧରି ବାଟ କଢ଼େଇ ଦୈନିକ ଆଜାନ ପାଇଁ ତୁମ ଭିତରୁ କେହି କେହି, ତାକୁ ଏହି ମସଜିଦ ଆଡ଼କୁ ନେଇ ଯାଉଛ; କେବେ ତାକୁ ପଚାରିଛ କି, ଏହି ମସଜିଦ ନିର୍ମାଣ ପାଇଁ ପଇସା ଆସିଲା କୋଉଠୁ !! ରାମଗଡ଼ ବାସୀ, ଜାଣିଥା !! ତୁମେ ଗାଇ ପାଳୁଛ - ଗାଇକୁ ଗୋ ମାତା କହି ପୂଜା କରୁଛ; କିନ୍ତୁ ଏ ରେହମାନର ପରିବାର ଗାଇ ଖାଆନ୍ତି। ମିତ୍ରଗଣ, ମୁଁ ଯଦି ଏଠାରୁ ନିର୍ବାଚନ ଜିତିବି, ତେବେ ପ୍ରଥମେ ଏହି କଥା ଯାଞ୍ଚ କରେଇବି ଯେ ଏ ମସଜିଦ ପାଇଁ ପଇସା ଆସିଲା କୋଉଠୁ ଆଉ ଏ ରେହମାନର ପରିବାର, କେମିତି କୋଉଠୁ କେବେ ଆସି ଏଇଠି ସ୍ଥାୟୀ ବାସିନ୍ଦା ହେଇଗଲେ !!"

ରାମଗଡ଼ରେ ଭୋଟ ହେଲା ଏବଂ ଗବର୍ ସିଂ ନିର୍ବାଚନ ଜିତିଲା।

...........

କେମିତି କଣ ହେଲା ଯେ, ଠାକୁର ସାହେବଙ୍କୁ ଗବର୍ ସିଂ ହରେଇ ଦେଲା ??

ଏହାର ଉତ୍ତର ବନ୍ଧୁ ରଙ୍ଗାଚରଣ ପ୍ରଧାନ, ଅତି ସରଳ ଭାଷାର ବୁଝେଇ ଦେଲେ। ଯେମିତି କି ଆମ ଦେଶରେ ଏବେ ସେୟା ହିଁ ହେଉଛି।

ଆପଣ କ'ଣ ଭାବୁଛନ୍ତି ଯେ କୃଷୀ ଆନ୍ଦୋଳନ ଓ ପେଟ୍ରୋଲ ଦରବୃଦ୍ଧି ପ୍ରଭାବ ଆମର ଏଠି ଭୋଟ ଉପରେ ପଡ଼ିବ ? ଯେମିତି ଭୋଟ ଆସିବ, ଏହି ଆନ୍ଦୋଳନକାରୀ ମାନେ ଆଜିର ଗବରକୁ ଭୋଟ ଦେବେ। କାରଣ ସେତେବେଳକୁ ଦେଶର ଗଣମାଧ୍ୟମ ଲୋକଙ୍କ ପ୍ରସଙ୍ଗ ଚୋରି କରି ନେଇଥିବ। ଲୋକଙ୍କୁ ନେତାଙ୍କ ଇମେଜ୍ ଦେଖାଉଥିବ। ଆଇପିଏଲ ଷ୍ଟାଇଲରେ ଯେମିତି ସାଇ ବସ୍ତି ଭିତରେ ଜୁଆ ଖେଳ ଚାଲିଛି, ଏଠି ବି ସେମିତି, କିଏ ଜିତିବ ସେ

ବିଷୟରେ ଚର୍ଚ୍ଚା କରୁଥିବେ ସବୁଆଡ଼େ। ମିଡିଆ ଦେଖାଉଥିବ - କଏ କେଉଁ ପଟକୁ ଡେଇଁଲା - ଓପିନିଅନ୍ ପୋଲ୍ କ'ଣ କହୁଛି ଇତ୍ୟାଦି। ବଡ଼ ବଡ଼ ରାଲିର ସୀଧା ପ୍ରସାରଣ କରୁଥିବ। ଲୋକେ ବି ବୁଦ୍ଧି ଖର୍ଚ୍ଚ କରି ଭୋଟ ଦେବେ; ଯେମିତିକ ସେମାନଙ୍କ ଭୋଟ ଖଣ୍ଡିକ ନଷ୍ଟ ନ ହୋଇ ଯାଏ - ଅର୍ଥାତ୍ ହାରିବା ଦଳକୁ ଚାଲି ନଯାଏ। ସତେ ଯେପରି ସେମାନେ ସେୟାର୍ କଣୁଛନ୍ତି କମ୍ବା ଜୁଆରେ ଟଙ୍କା ଲଗେଇଛନ୍ତି। ଯେମିତିକ ସେମାନେ ମୁମ୍ବାଇ ଇଣ୍ଡିଆନ କମ୍ବା ରାଜସ୍ଥାନ ରୟାଲ କୁ ସମର୍ଥନ କରୁଛନ୍ତି **!!**

ଗଣତନ୍ତ୍ରକୁ ବିଭ୍ରାଟ କରିବା ପାଇଁ ସମସ୍ତ ବାଟ କରି ସାରିବା ପରେ**,** ଏଇମାନେ ହିଁ କହିବେ ବିପୁଳ ସଂଖ୍ୟାରେ ଭୋଟ ଦେଇ କାଳି ଲାଗିଥିବା ଆଙ୍ଗୁଳ ସହ ହାତ ଦେଖାନ୍ତୁ। ଏଇଟା ହିଁ ଗଣତନ୍ତ୍ର ବୋଲି ସେମାନେ କୁହନ୍ତି। ଯଦି ଏଇଟା ହିଁ ଗଣତନ୍ତ୍ର ତେବେ ନବରଙ୍ଗପୁର ଅଞ୍ଚଳରେ ତ ସର୍ବାଧିକ ଭୋଟ ପଡେ। କେତେ ବିକାଶ ହୋଇଛି ସେ ଅଞ୍ଚଳରେ **?** ଅସଲରେ ଭୋଟ ସହିତ ଓ ଗଣତନ୍ତ୍ର ସହିତ ଲୋକଙ୍କ ପ୍ରସଙ୍ଗର ସମସ୍ତ ଲିଙ୍କକୁ ମଝିରେ ରହି ଏ ମିଡ଼ିଆଜିବୀ ମାନେ କାଟି ଦେଇଛନ୍ତି।

ତାହେଲେ ଏବେ ଗବର୍ ସିଂ ନ ଜିତିବ କେମିତି **!!**

ଦାମନଯୋଡି

# ଅର୍ଜୁନ



ମଧୁସ୍ମିତା ପୃଷ୍ଟି

କାହିଁଗଲା ତୁମ ଦର୍ପ ଦମ୍ଭ ବଳ
ଅମୋଘ ଧନୁ ଟଙ୍କାର,
ଦିବ୍ୟ ଅସ୍ତ୍ରଶସ୍ତ୍ର ହଜିଗଲା କାହିଁ
ଖାଲି ପଡିଛି ତୁଣୀର ।

ତୁମେ କ ଜାଣନା ଆଜିବି ସଂସାରେ
ହୁଏ ଦ୍ରୌପଦୀ ହରଣ,
ଛଳନାର ପଶାପାଲି ଖେଳ ଚାଲେ
ପାପୀ ହୁଏ ବଳବାନ ।

କାହିଁ ଚାଲିଗଲେ ରଥର ସାରଥୀ
ଯୁଦ୍ଧଭୂମି ରଣଛାଡ଼ି ।
ଶୁଭୁନାହିଁ ଆଉ ପଞ୍ଚଜନ୍ୟ ଶଙ୍ଖ
ବୀରର ହୁଙ୍କାର ରଡ଼ି ।

ପାପ ଥିଲା ସେବେ ଅଛି ପୁଣି ଏବେ
ଏତେ ପକ୍ଷପାତ କାହିଁ,
ଛାତ୍ରଛାୟା ତଳେ ସୁରକ୍ଷିତ ଭାବେ
ଦିଅ ପାପୀଙ୍କୁ ଲୁଚାଇ ।

କେତେ ପାପ ଆଉ ସହିବ ଧରିତ୍ରୀ
ଶକୁନର କୋପ ବଢ଼େ,
ଆଉ ଏକ ଯୁଦ୍ଧ ପ୍ରସ୍ତୁତ ଚାଲିଛି
ହିଂସା ବଢ଼େ ଚାରିଆଡେ ।

ହେ ବୀର ଅର୍ଜୁନ ରଖ ସନମାନ
ପୋଛି ନାରୀ ଆଖି ଲୁହ,
କଳିଜୁଗେ ନାରୀ ନହେଲେ ଦ୍ରୌପଦୀ
ମାଆ ପରିଚୟ ଦିଅ ।

ଭୁବନେଶ୍ୱର,ଖୋର୍ଦ୍ଧା

# ଖୋଲ୍ ଆକାଶ ର ପ୍ରେମ



ମୈତ୍ରେୟୀ କମିଳା

ଆକାଶ କୁ କଣ କଛି କହି ହୁଏ
ତଥାପି ନୀରବତାର ଅବୁଝା
କାହାଣୀ କେମିତି ବୁଝି ନଏ କେଜାଣି, ଠିକ ଯେମିତି

ବେରଙ୍ଗ ତୁଠ ପଥର ଟା
ନର୍ଜୀବ ନୁହେଁ କେବେ,
କେତେ କେତେ ସାଉଁଟା ସ୍ମୃତି ର ବହଳ ପରସ୍ତ ତା ଦେହ ରେ।

ମେଘ ଉହାଡ଼ ରେ ସ୍ୱପ୍ନ ଟିଏ ଛାଡି ଆସିଥିଲ୍ କେହି
ଫୁଲର ଋତୁ ଟିଏ ଭ୍ବି,
ପାହାଡ଼ ସେପାଖ ବର୍ଷା
ଦୂର ଦିଗବଳୟକୁ ଛୁଉଁ ଥିଲ୍,
ଧାରେ ପାଣି ରେ
ଭିଜୁଥିଲ୍ ଝରକା ର ଏପାଖ ସେପାଖ

ମୁମ୍ବାଇ, ମହାରାଷ୍ଟ୍ର

# କଣଟା କରିଛ?



ଡ. ଜ୍ଞାନେଶ୍ୱର ମିଶ୍ର

ଏତେ ପାଠ ପଢି
ସରକାରୀ ଚାକରୀ କରି
କଣ ଟା କରିଛ?
ଏ କୋଠାଘର
ପାଞ୍ଚ ଡିସିମିଲି ଘରବାଡି
ନୁରିଆ ବାଇଗଣ ପାଳ ଠାରୁ ସାନ
ଛବି ବହି ଦେଖି ନଥିବା
ବିକଳ ଜେନାର ଇନ୍ଦିରା ଆବାସ ଠାରୁ ହୀନ

ଏ ଧତଡ଼ା ପୁରୁଣା ମଡେଲ କାର
ଚାଲୁ ଚାଲୁ ବନ୍ଦ ହୁଏ ପାଞ୍ଚ ସାତଥର
ଧକ୍କା ମରିବାକୁ ହୁଏ ପାଞ୍ଚ ସାତଥର
ନକୁଳା ଅଟୋବାଲାର ଚାରି ଚାରିଟା ନୂଆ କାର
କଂପାନୀରେ ଖଟୁଛି
ଘରେ ବସି ମାସକୁ ମାସ ମୋଟା
ପଇସା ଆସୁଛି

ମୁଁ ଆଣିଥିବା ଓ୍ୱାଶିଂ ମେସିନ୍, ଫ୍ରିଜ ସବୁ
ପୁରୁଣା ହେଲାଣି, କଛି ପାର୍ଟ ଭଙ୍ଗିବି ଗଲାଣି
କାନ୍ଥରୁ ଫଡା ଫଡା ସିମେଣ୍ଟ ଖସୁଛି
ପ୍ରତିମାସ ଦୁଇ ଚାରିଥର ଏକଥା କହୁଛି

ଭଲ ଖାଉଛ, ବଜାରରୁ କଣି ଏହିତ ଫୁଟାଣି
ଡାଇବେଟିସ୍, ରକ୍ତଗ୍ରୁପ ସବୁରୋଗ ତୁମରି ଦେହରେ
ଶହ ଶହ ଟଂକା ଯାଉଛି ଔଷଧ ଓ ଡାକ୍ତର ଫିସ୍ ରେ
ଭିମାଟା ମଦ, ମଟନ, ଚକେନ୍, ପାନ, ବିଡି, ଗୁଟକା ଖାଉଛି
ବଜାରରେ ହାକୁଡି ମାରି ସେ ବୁଲୁଛି
ଯାଇନାହିଁ କେବେ ହସପିଟାଲ୍ ଅବା ଡାକ୍ତର ଦୁଆର
ଜାଣି ନଥିଲି ଏତେ କଷ୍ଟ ଲେଖାଥିଲା କପାଳରେ ମୋର

ଶୁଣ, "ମୁଁ" ତ "ମୁଁ"
କଏ କଣ କଲା ମୋର ନାହିଁ ଦରକାର
ଆଉ ବାକୀ ରହିଲା – ମୁଁ କଣଟା କରିଛି
ତୁମକୁ ମୁଁ ଭୁଲ ବୁଝିଥିଲି
ଏବେ ଠିକ୍ ବୁଝି ମୁଁ ପାରିଛି ॥

୪୯/୫, କାର୍ଲମାର୍କ୍ସ ସରଣୀ, କଲିକତା

# ଆହ୍ୱାନ



ବିନୟ ମିଶ୍ର

ଆହ୍ୱାନରେ ଭ୍ବବନାର ଶୁଷ୍କ ଗୋମୟ ଚୂର୍ଣ୍ଣ,
ଚେତନାର ବଲ୍ମୀକାଗ୍ର ମୃତ୍ତିକା ମିଶ୍ରିତ ବର୍ଣ୍ଣ ।

ମନର ନଦୀରେ ଆବେଗର ଘୂର୍ଣ୍ଣିତ ବାଲୁକାରେ ଥରେ,
ସୃଷ୍ଟି ସବୁ ପଞ୍ଚଶସ୍ୟ ହୋଇ ଶୟନରେ ।

ବାନ୍ଧି ରଖ ସମ୍ଭାବନାର ଏକ ଏକ ସ୍ୱପ୍ନ,
ବୁଣିବାକୁ ଶାନ୍ତି ଯଜ୍ଞ ର ଶୁଭ  ଅଙ୍କୁର୍ ରୋ୍ପଣ।

ନଆଳ ଖୋର୍ଦ୍ଧା

# ଏମିତି ବି ହୁଏ



ଝରଣା ବାରିକ

ଗାଁ ମଝିରେ ନୂଆଁଣିଆ ଗ୍ଭଳଘର ଟିଏ । ଘର ଗ୍ଭରି ପାଖରେ ଗଛଲତା ର ଖୁବ୍ ସୁନ୍ଦର ପରିବେଶ । ସେଇ ଘରର ପୁଅ ବାବୁ। ରୂପ ଯେମିତି ଗୁଣ ବି ସେମିତି । ବୟସ ଅଠର, ଯୁକ୍ତ ଦୁଇ ପରୀକ୍ଷା ସରି ଯାଇଥାଏ। ନୂଆ କଲେଜ ରେ ଆଡ଼ମିଶନ କରିବାପାଇଁ ଯାଇଥାଏ। ସେଇଠି ଦେଖାହୁଏ। ଗୋଟିଏ ଝିଅ ସହିତ । ନାଁ ତା'ରପ୍ରିୟା । ପ୍ରିୟା ସେହି କଲେଜର ଯୁକ୍ତ ଦୁଇ ଦିତୀୟ ବର୍ଷର ଛାତ୍ରୀ। ବେଶୀ ସୁନ୍ଦରୀ ନହେଲେବି ଅସୁନ୍ଦରୀ ନୁହେଁ । ବାବୁ ର ନଜର ପଡେ ତା ଉପରେ । କାହିଁକି କେଜାଣି ଭ୍ବରୀ ସୁନ୍ଦର ଲ୍ଗେ ସେଇ ଝିଅଟି । ବାରମ୍ବାର ତାର ଅଜାଣତରେ ବି ନଜର ଗ୍ଭଲିଯାଏ ତା ଆଡକୁ । ଝିଅଟି ବି କମ୍ ନୁହେଁ । ବାବୁ ଆଖିରେ ଆଖି ମିଶାଇବାକୁ ଯେମିତି ଗ୍ଭହିଁ ରହିଥାଏ। ଘରକୁ ଫେରିଲ୍ ବାବୁ । ମନ ତାର ବୋଲ ମାନୁନଥାଏ । ସେଇ ଝିଅର ଚେହେର୍ ବାରମ୍ବାର ତା ଆଖି ଆଗରେ ନାଚ ଯାଉଥାଏ । ଏମିତି ପରିବର୍ତ୍ତନ ର କାରଣ ସେ ଜାଣି ପାରୁନଥାଏ। କାହିଁକି ତା ସହିତ ଏମିତି ହେଉଛି । ନିଜକୁ ନିଜେ ପ୍ରଶ୍ନ କରୁଥାଏ ବାବୁ । ବାବୁ ଠାରୁ ପ୍ରିୟା ବହୁତ ଗ୍ଭଲ୍କ । ପୁଅ ମାନଙ୍କୁ ଫସେଇ କେମିତି ପ୍ରେମ ରେ ପକେଇ ପାରିବ। ସେହି ଉପାୟ ତାକୁ ବେଶ ଭଲ ଭ୍ବରେ ଜଣା । ବାବୁ ସହିତ ପୁଣି ଦେଖାହୁଏ ପ୍ରିୟାର। ବାବୁ କିଛି କହିବା ପୂର୍ବରୁ ପ୍ରିୟା ବାବୁ କୁ ତାର ନାଁ ପଗ୍ଭରେ । ବାବୁ ତା ନାଁ ପଗ୍ଭରିବା ପୂର୍ବରୁ ମୋ ନାଁ ପ୍ରିୟା ବୋଲି କହେ ସେ । **(ଯୌବନେ ମର୍କଟି ରମ୍ଭା)** ପରି ପ୍ରିୟା ଦିନକୁ ଦିନ ଖୁବ୍ ସୁନ୍ଦର ଦିଶୁଥାଏ ବାବୁକୁ । ଦିନେ ନ ଦେଖିଲେ ବିଚଳିତ ହୋଇ ଉଠେ ବାବୁ । ପ୍ରିୟା ବି ଠିକ୍ ଏଇଆ ହିଁ ଆଶା କରୁଥିଲ୍ ବାବୁ ଠୁଁ । ତାର ମତଲବ ଅଲଗା।

ଯ୍ୟା ଭିତରେ କିଛି ଦିନ ବିତି ଯାଇଥାଏ । ଦୁହିଁଙ୍କ ସମ୍ପର୍କ ଖୁବ୍ ନିବିଡ ହେଇଯାଏ । କଲେଜ ଠାରୁ ଆରମ୍ଭ କରି ସମସ୍ତେ ଏମାନଙ୍କ ବିଷୟରେ ଜାଣି ସାରିଥାନ୍ତି । ଖୋଲା ଆକାଶ ରେ ବିହଙ୍ଗ ଟିଏ ପରି ଉଡି ବୁଲନ୍ତି ଦୁହେଁ।କାହାକୁ ଡରିବାର ଭୟ ନଥାଏ ଦୁହିଙ୍କର । ବାବୁ ଘରେ କିନ୍ତୁ ଏସବୁ ପସନ୍ଦ କରନ୍ତି ନାହିଁ । ପ୍ରିୟା ଠାରୁ ଦୂରେଇ ରହିବାକୁ ବାରମ୍ବାର ବାରଣ କରନ୍ତି ବାବୁ ର ବାପା । ବାବୁ କିନ୍ତୁ ସେ କଥା କାନକୁ ନଏ ନାହିଁ । ପ୍ରିୟା ସହିତ ଗୋଟିଏ ଦିନ ଦେଖା ନ କଲେ ଗୋଟିଏ ଯୁଗ ଭଳି ମନେ ହେଉଥାଏ ବାବୁକୁ । ପାର୍ଟି ପିକନିକ ପାର୍କ ସବୁ ଠି ଏମାନଙ୍କୁ ଏକାଠି ଦେଖି ବାକୁ ମିଳେ । ହୃଦୟ ଦେଇ ଭଲ ପାଉଥାଏ ବାବୁ । କିନ୍ତୁ ପ୍ରିୟା ର ଭଲ ପାଇବା ଥିଲା ଛଳନା । ଏ କଥା ବାବୁ କୁ ଜଣା ନ ଥିଲା ।

ଭଲ ପାଇବାର ଅଭିନୟ କରି, ବାବୁ କୁ ଖରାପ ରାସ୍ତାରେ ନେବା ତାର ଲକ୍ଷ୍ୟ ଥିଲା । ନିଜ ର ଅଙ୍ଗ ଭଙ୍ଗି ଦେଖାଇ ତା ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କରୁଥିଲା ପ୍ରିୟା । ବାବୁର ଏସବୁକୁ ନଜର ନଥାଏ । ଭଲ ପାଇବାର ଅର୍ଥ ଯେ କାମନା ଏ ସବୁ ତାଠୁ ବହୁତ ଦୂରରେ । ବାବୁ ର ଏମିତି ନଜର ଅନ୍ଦାଜ ପ୍ରିୟା କୁ ବହୁତ କଷ୍ଟ ଦେଉଥାଏ । ବାବୁ କୁ ବିବାହ କରିବାକୁ ବାଧ୍ୟ କରେ ପ୍ରିୟା ତା କଥା ରଖିବାକୁ ରାଜି ହେଇଥାଏ ବାବୁ । ତା ପରଦିନ ସକାଳୁ ବାବୁ ତାର ଗୋଟିଏ ସାଙ୍ଗ କୁ ନେଇ ପହଞ୍ଚିଲା ମନ୍ଦିର ରେ। ପ୍ରିୟା ଆଗରୁ ଆସି ଅପେକ୍ଷା କରି ରହିଥିଲା । ଲୁଚ ଲୁଚ ପ୍ରିୟା ମଥାରେ ସିନ୍ଦୂର ଟୋପାଏ ଲଗେଇ ଦେଲା । ସେତେବେଳକୁ ଭୟରେ ତା ଛାତି ଭିତରେ ଯେମିତି ଟ୍ରେନ ଦୌଡି ବା ପରି ମନେ ହେଉଥାଏ । ସାହାସ କରି ସେଦିନ ଫେରିଥିଲା ଘରକୁ । ଲୁଚ ଲୁଚ ଏସବୁ କରିଥିବାରୁ ପ୍ରିୟା କୁ ତାଙ୍କ ଘରେ ଛାଡ଼ିଦେଇ ଆସିଥିଲା । ବାହାଘର ସରିଛି କହି, ବାବୁ କୁ ବାଧ୍ୟ କରେ ପ୍ରିୟା । ଏ ସବୁ ଖରାପ କହି ବୁଝେଇବା କୁ ଚେଷ୍ଟା କରେ। ପ୍ରିୟା ମୁଣ୍ଡରେ ତ ଭୂତ ପଶିଛି ସିଏ ବା କେମିତି ବୁଝି ପାରିବ। ଶେଷ ରେ ପ୍ରିୟା ନିରାଶ ହୁଏ ।

ବାବୁଠାରୁ ଦୂରେଇ ଯାଏ ପ୍ରିୟା । ବାବୁ ର ଭଲପାଇବା କିନ୍ତୁ ଯେମିତି ସେମିତି ହିଁ ଥାଏ । ବାବୁ ଦିନେ କଲେଜରୁ ଫେରିବା ବେଳକୁ ଦେଖିଲା ପ୍ରିୟା କାହାସହ କଥା ହେଉଛି । ନ ଦେଖିଲା ପରି ଚାଲିଗଲା ବାବୁ । ତାପର ଦିନ ପ୍ରିୟା କୁ ଏ ବିଷୟରେ ପଚାରିଲା । ସେ ମତେ ଭଉଣୀ କରିଛନ୍ତି ବୋଲି କହିଲା ପ୍ରିୟା । ଅନେକ ଥର ପ୍ରିୟା ର ଚାଲିରି ବାବୁ ଆଖିରେ ପଡିଲା । ଖରାପ ଚନ୍ତା ଧାରା ନ ଥିବା ପିଲା ମୁଣ୍ଡ ରେ କେବେ ବି କାହାର ଭୁଲ୍

ଦେଖାଯାଏ ନାହିଁ । ଭଲ ପାଇବାର ଅଭିନୟ କରି ପ୍ରିୟା ଦିନକୁଦିନ ବୋକା ମନେଇ ଚାଲୁଥାଏ ବାବୁକୁ । କିଛି ଦିନ ପରେ ପ୍ରିୟା ମାଆ ହେବାକୁ ଯାଉଛି ବୋଲି ବାବୁ ଜାଣିଲା । ଏଥିପାଇଁ ବାବୁ ଦାୟୀ ବୋଲି ସମସ୍ତ ଙ୍କୁ କହିଲା । ବାବୁ କୁ ସମସ୍ତେ ଛି ଛାକର କରି କହିଲେ । ଏସବୁ ଶୁଣି ବାବୁ ମୁଣ୍ଡ ଉପରେ ଆକାଶଟା ଖସି ପଡିଲା ପରି ଲାଗୁଥିଲା । ଯୋଉ ଭୁଲ ସେ କରିନାହିଁ ତାର ଦଣ୍ଡ ହିଁ ତାକୁ ଦିଆଯାଇଛି । ଅନ୍ଧାର ରାତି ଶୁନଶାନ୍ ରାସ୍ତା ଗାଡ଼ି ନେଇ ଆଗକୁ ଆଗେଇ ଚାଲିଥାଏ ବାବୁ । ଲକ୍ଷ ତାର ପ୍ରିୟା ର ଘର । ସତଟା କ'ଣ ନିଶ୍ଚୟ ଜାଣିବାକୁ ପଡିବ । ପ୍ରିୟା ଘରେ ପହଞ୍ଚିଲା ବେଳକୁ ରାତି ବାରଟା । ଝରକା ଫାଙ୍କରେ ଯାହା ଦେଖିଲା ଆବାକ ହେଇଗଲା ବାବୁ । ଯାହା ସହିତ ଦିନେ ପ୍ରିୟା କଥା ହେଉଥିଲା ସେଇ ପିଲା ପ୍ରିୟା ର ଘର ଭିତରେ କ'ଣ କରୁଛି । ଆଉ କିଛି ବୁଝିବାକୁ ବାକି ରହିଲା ନାହିଁ ବାବୁ କୁ । ନିଜକୁ ନିଜେ ଧିକ୍କାର କରୁଥିଲା ବାବୁ । ଘରେ ଆସି ପହଞ୍ଚିଲା ବେଳକୁ ଦେଖିଲା ତା ନାଁ ରେ ଗୋଟିଏ ଚିଠି ଆସିଛି । ସେଥିରେ ଲେଖାଥିଲା ବାବୁ ମୁଁ ଜାଣିନି ତମେ ମୋତେ ଜାଣିଛ କି ନାହିଁ । ମୁଁ ତୁମକୁ ସ୍କୁଲ ପଢ଼ିବା ଦିନ ରୁ ଭଲ ପାଏ । କିଛି ଦିନ ପରେ ମୋ ବାହାଘର ତମେ ଆସିଲେ ମୁଁ ଖୁସି ହେବି । **(ଇତି) ପୂଜା !**

ଜଣେ ଗୋଇଠା ମାରିଲା ବେଳକୁ ଆଉ ଜଣେ କୋଳକୁ ଟାଣିନେଲା ଭଳି ଲାଗୁଥିଲା ବାବୁ କୁ । ପୂଜା ଘର ର ଅନୁମତି ନେଇ ପୂଜା ସହିତ ବିବାହ କଲା ବାବୁ । ଏବେ ଦୁହେଁ ଖୁବ୍ ଖୁସିରେ ଅଛନ୍ତି ।

ସମଲ, ତାଳଚେର, ଅନୁଗୋଳ

# ଫଗୁଣ ଫଗୁରେ ଖେଳ ହୋଲି



ସରୋଜ କୁମାର ଜେନା

ଆମ୍ର ତରୁ ଡାଳେ ପଲ୍ଲବର ମେଳେ
ସୁବୁଛି କୋଇଳ ସ୍ୱନ,
ପଳାଶ ସୁମନ କଣିନଏ ମନ
ଫେରିଛି ପର୍ବ ଫଗୁଣ ।

ଫଗୁଣ ଫଗୁରେ ଖେଳନଅ ଥରେ
ରଙ୍ଗର ପରବ ହୋଲି,
ବରଷକେ ଥରେ ଆସେ ସିଏ ଧିରେ
ନଥିବ ଆଉସେ କାଲି ॥

ସଭିଙ୍କୁ ମୋହର ଶୁଭ ହୋଲି
ଖେଳଦିଅ ଥରେ ରଙ୍ଗ ନାଲି

ବାଲିଝରୀ, ନରସିଂହପୁର, କଟକ

# ଭକ୍ତ ଓ ଭକ୍ତି



ସୁଲୋଚନା ବେହେରା

ଭାବରୁ ଭକତି
ଭକତିରୁ ଭକ୍ତ
ଭକତରୁ ମିଳେ ପ୍ରାପ୍ତି,
ପ୍ରାପ୍ତି ରୁ ଶକତି
ଶକତିରୁ ମୁକ୍ତି
ମୁକତିରୁ ବ୍ରହ୍ମ ଯାତ୍ରୀ।

ଭକତି ବଳରେ
ଦାସିଆ ବାଉରୀ
ଶ୍ରୀଫଳ ନେଲେ ଶ୍ରୀହରି,
ଭକ୍ତ ବଳରାମ
ବାଲି ରଥେ ବିଜେ
ହୋଇଥିଲେ ଚକ୍ରଧାରି ।

ସୁଦାମା ର ଖୁଦ
ଭଜାରେ ଆନନ୍ଦ
ବିଦୁରର ଶାଗଭଜା,
ଧ୍ରୁବ ପ୍ରହଲ୍ଲାଦ
ସାହା ହୋଇଥିଲେ
ମାରିଲେ ହିରଣ୍ୟ ରାଜା।

ଭକ୍ତ ସାଲବେଗ
ଭକତି ବଳରେ
ବଡଦାଣ୍ଡେ ରହେ ରଥ,
ଜୟଦେବ ଗୀତ  ଗୋବିନ୍ଦ ପାଇଁ କ
ନଜେ ଲେଖି ଥିଲେ ପଦ।

ବନ୍ଧୁ ମହାନ୍ତି ର
ବନ୍ଧୁ ପଣ ପାଇଁ
ଟେକ ଦେଇ ଥିଲେ ହାତ,
ଭକତଙ୍କ ପାଇଁ
ଆଜି ଶ୍ରୀମନ୍ଦିରେ
ନୀଳଚକ୍ରେ ଉଡ଼େ ନେତ।

ଶ୍ରୀୟା ଚଣ୍ଡାଳୁଣୀ
ଅଗାଧ ଭକ୍ତିରେ
ଉଭା ହେଲେ ପଦ୍ମାଳୟା,
ଯୋଗୀ ବେଶୁ ଭେଗି
ହୋଇଲେ ପିନାକୀ
ସାଧନା ରେ ହରପ୍ରିୟା।

ଗଜ ଉଦ୍ଧାରଣ
ମୃଗୁଣୀ ରକ୍ଷଣ
ଦ୍ରୌପଦୀ କୁ କୋଟି ବସ୍ତ୍ର,
ସଭିଏଁ ଭକତ
ବାସ କରିଥିଲେ
ଭକତିକୁ କରି ଅସ୍ତ୍ର ।

ପିତୃ ଭକ୍ତି ପାଇଁ
ଶ୍ରବଣ କୁମାର
ନାମ ଯୁଗେ ଯୁଗେ ଖ୍ୟାତ
ରାମଚନ୍ଦ୍ର ରାଜ୍ୟ
ତୁଚ୍ଛ ମଣି ବନେ
ଗଲେ ପାଳ ପିତୃସତ୍ୟ।

ପିତା ମାତା ଠାରେ
ଭକ୍ତି ରଖି ଥିବ
କଥା ସଦା ମାରୁଥିବ,
ତାଙ୍କରି ଆଶିଷେ
ପ୍ରତିଷ୍ଠିତ ହୋଇ
ଦୁନିଆଁ ରେ ବଡ଼ ହେବ।

ନିର୍ମଳ ହୃଦୟେ
ଭକ୍ତି ରେ ପୂଜିଲେ
ଗୁରୁ ପିତା ବିଭୁ ପଦ,
ଯୁଗେ ଯୁଗେ ତୁହି
ମହାନ ହୋଇବୁ
ଏ କଥାଟି ଧ୍ରୁବ ସତ୍ୟ।

ବଇଁଚୁଆ,ବାଳକାଟି, ଖୋର୍ଦ୍ଧା।

# ଗଙ୍ଗ ଶିଉଳ



ବିଶ୍ୱ ରଞ୍ଜନ ମହାନ୍ତି

ଗଙ୍ଗ ଶିଉଳ ତୁ ଫୁଟିଥିଲୁ କାହିଁ
ଆହାକ ସୁନ୍ଦର ରୂପ
କାକରରେ ଭିଜା ମୋତିର ପାଖୁଡା
ପୋହଳାରେ ଗଢ଼ା ଡେମ୍ଫ ।

ସକାଳୁ ବିକଳେ ଲୋଟୁଛୁ ତୁ ତଳେ
ସୁବାସ ତୋ ଗଲା କାହିଁ
କାଲି ଆନନ୍ଦରେ ନଘୋଡ଼ ରାତିରେ
ବାସୁଥିଲୁ ମହକାଇ ।



ଜାଣି ନଥିଲୁ ତୁ ସେହି ଶୁଭରାତି
ସେହି ପାହାନ୍ତିଆ କାଳ
ରାତି ପାହିଗଲା ସବିତା ଆସିଲା
ଫଟାଇ ତୋର କପାଳ ।

ଧୂଳ ଧୂସରିତ ଧରଣୀ ଉପରେ
ଲୋଟୁଛି ଦେହ ତୋହର
ତଥାପି ସାର୍ଥକ ହେବ ତୋର ତନୁ
ଦେବ ଗଳେ ହୋଇ ହାର ।

କରେ ତୋତେ ଭିକ୍ଷା ଦିଅ ମୋତେ  ଶିକ୍ଷା
ଏ ଜୀବନ ତୋହ ପରି
ହେଲେ ଅବାଂଛିତ ନୋହିବି କାତର
ଏ ଦେହେ ପର୍ଣ୍ଣ ଧରି ।

ତୋ ସଙ୍ଗେ ଜୀବନ ହୋଇବ ସମାନ
ଏହି ହେଉ  ମୋର  ବ୍ରତ
ଲ୍ଗେଟି ଧରଣୀରେ ଲ୍ଗେ କା କାମରେ
ତୋପରି  ଭୁଲି  ଅତୀତ ।

କୁଳସାହି, ଅଲଣା ହାଟ
ଜଗତସିଂହପୁର

# ଆଜିର ପ୍ରକୃତି



ସରୋଜ କୁମାର ସାହୁ

ଲୁଚ ତ ଗଲ୍‌ଣି ଘଞ୍ଚ ଅରଣ୍ୟଟା
ଜନବସତିର କୋଳେ
ଶୁଭୁନାହିଁ କାନେ ପଶୁପକ୍ଷୀ ରବ
ଫୁଲଭର୍ ଏଇ ଡାଳେ।
ଶାଳ ପିଆଶାଳ ଅସନ କୁସୁମ
ବଣରୁ ଗଲ୍‌ଣି କମି
ଲୁହ ଢାଳୁଥାଏ ଛୋଟ ବଣବୁଦା
ଠାଏ ଠାଏ ଦିଶେ ଭୂମି।
ନାହିଁଆଉ ଚହ୍ଲ ଶାଗୁଣା ଛଞ୍ଚାଣ
ବାଘଭାଲୁଙ୍କର ରଡି
ସାତସପନ ତ ଝୁଣା ଲଖ ମହୁ
ଫୁଲଫଳ ଯାଏ ଝଡି।
ଝରଣାର ଧାର କୁଳୁକୁଳୁ ତାନ
ନାହିଁ ତାର ପ୍ରଖରତା
ଲଣ୍ଡାପାହାଡଟା ଗୁମୁରି କାନ୍ଦୁଛି
ଝଡିପଡେ ନରବତା।
ଅବାଧ ପ୍ରବେଶ ବଢାଉଛି ହ୍ରାସ
ପଶୁପକ୍ଷୀଙ୍କର ହତ୍ୟା
ପ୍ରକୃତି ପ୍ରକୋପ ପାଉଅଛି ବୃଦ୍ଧି
ମରୁଡି ବନ୍ୟା ବାତ୍ୟା।

ଆଠଗଡ, କଟକ

# ଅଚହ୍ନା ବନ୍ଧନ

## (ଧାରାବାହିକ)



ଜୟଲକ୍ଷ୍ମୀ ସେଠୀ

ରବିବାର ସକାଳ। ସୂର୍ଯ୍ୟ କିରଣରେ ସାତରଙ୍ଗ ନାଚ ଉଠୁଥାନ୍ତି। ଘାସ କାକର ବୁନ୍ଦା ଯେମିତି ଅଭିମାନରେ ଲୁଚ ଯାଉଥାନ୍ତି। ମିତା ଖରାକୁ ପିଠିକରି ଖରା ପାଉଥାଏ। ଚୁପି ଚୁପି ହସି ଆନନ୍ଦାଶ୍ରୁ ଝରାଇ ଟିକିପିଲାଟିକୁ ଚୁମା ଦେଉଥାଏ। ଗାଁ ଯାକର ଆନନ୍ଦର ଜୁଆର ଖେଳଯାଇଛି। ନାରୀ, ସ୍ରଷ୍ଟାଙ୍କର ସମସ୍ତ ବିଚିତ୍ର ସୃଷ୍ଟିଠାରୁ ଅନ୍ୟତମ ସୃଷ୍ଟି। ସେ ଏକ ଧାରାରେ ଭଗିନୀ, ଜନନୀ ଓ ଜାୟା। ତା ବିନା ସୃଷ୍ଟି ଅସମ୍ଭବ। ତଥାପି ତାକୁ ସମାଜରେ ଅବହେଳତ ହୋଇ ବଞ୍ଚିବାକୁ ପଡିଥାଏ। ଯେତେ ଶିକ୍ଷା ଆଡକୁ ଅଗ୍ରୀମ ହେଉଛି ସେତେ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି।ନାରୀ ଦେବୀଙ୍କର ଅନ୍ୟ ଏକ ରୂପ। ସମସ୍ତ ଧାର୍ମିକ କାର୍ଯ୍ୟରେ ସେ ହିଁ ମୂଳସୂତ୍ର। ଯେଉଁ ଘରେ ସ୍ତ୍ରୀ ରୁହେ ସେ ଘର ସ୍ୱର୍ଗ ପରି ବୋଧ ହୁଏ ଏବଂ ସେହି ଘରେ ନାରାୟଣ ମଧ୍ୟ ଅବସ୍ଥାପନ କରନ୍ତି। ସଂସାରରେ ମା ହିଁ ସବୁଠାରୁ ସମ୍ମାନନୀୟା, ଆଦରଣୀୟା ଓ ବନ୍ଦନୀୟା, ହେଲେ ଅନ୍ୟପକ୍ଷରେ ଦେଖାଯାଏ ସ୍ୱାଧୀନତା ବୋଲି କିଛି ନଥାଏ। କାରଣ ଝିଅ ବେଳେ ମାଙ୍କ ଅଧୀନରେ, ବିବାହିତ ଜୀବନରେ ସ୍ୱାମୀଙ୍କ ଅଧୀନରେ ରହେ। କାରଣ ସେ ଅବଳା, ଦୁର୍ବଳା ଓ ଅସହାୟ ଭାବେ ପୁରୁଷ ସମାଜ। ଏପର୍କି ସ୍ତ୍ରୀ ଉପରେ ଅତ୍ୟାଚାର କରିବାକୁ ତିଳେମାତ୍ର ପଛଘୁଞ୍ଚା ଦିଅନ୍ତି ନାହିଁ ପୁରୁଷ ସମାଜ। ଯାହା ଫଳରେ ପ୍ରତ୍ୟେକ କ୍ଷେତ୍ରରେ ନିନ୍ଦିତ ଓ ଅପମାନତ ହେବାକୁ ପଡେ। ତଥାପି ସେ ସର୍ବସଂହା କରୁଣାର ମୂର୍ତ୍ତିମନ୍ତ ପ୍ରତୀକ। ମମତାମୟୀ ଟିକିଏ ସ୍ନେହ ଦରଦକୁ ଆପଣାର କରି ନେଇଥାଏ । କିନ୍ତୁ ସମସ୍ତେ ଯୁକ୍ତି ବାଢନ୍ତି, ପୁରୁଷ ବିନା ନାରୀର ଗତିମୁକ୍ତି ନାହିଁ। ମାନବାକୁ ନାରାଜ ଯେ ନାରୀ ବିନା ପୁରୁଷର ଅସ୍ତିତ୍ୱ ମୂଲ୍ୟହୀନ। ଗତିହୀନ, ସ୍ତ୍ରୀ ପୁରୁଷର ଶକ୍ତିସ୍ୱରୂପା। ଗୋଟିଏ ସୁସ୍ଥ ସମାଜ ପାଇଁ ନାରୀ ପୁରୁଷର

ସହଯୋଗ ନହାତି ଆବଶ୍ୟକ । ନାରୀ ସମାଜର ସାଂସ୍କୃତିକ ମେରୁଦଣ୍ଡ । ଏତେ ଉଚ୍ଚ ସ୍ଥାନ ଥାଇ ବି କଛି ଭୁଲ କଲେ ବହୁତ ଦଣ୍ଡ ଦିଆଯାଇ ଥିଲ୍‌ବେଳେ ଗୋଟିଏ ପୁରୁଷକୁ କାହିଁକ ଭୋଗିବାକୁ ପଡେନା କନ୍ତୁ ନାରୀ ନର୍ଯ୍ୟାତିତା ଓ ଅବହେଳତା, କେତେବେଳେ ଯୌତୁକ ପାଇଁ ତ କେତେବେଳେ ସନ୍ତାନ ମାନଙ୍କୁ ନେଇ । ପୁଣି କେତେବେଳେ ଛୋଟିଆ ଜୀବନକୁ ନେଇ ଖେଳନ୍ତି ସମାଜର ଧନୀ ଲୋକମାନେ । ଏମିତି କେତେ କଣ ଶବ୍ଦ ବାଡେଇ ହେଉଥିଲା ମିତା ମନରେ ।

ଅଜବ ଅନୁଭୂତି ଆମ ସଂସ୍କୃତିର । ସାର୍ ଜୀବନ ଅପାସୋର୍, ଅତୀତକୁ ଲେଉଟାଇଲେ ସମାଜର ଲୋକମାନଙ୍କର ବିଚନ୍ ଚନ୍ତାଧାର୍ ଉପରେ ଅନେକ ପ୍ରଶ୍ନ ଆସେ । ହୃଦୟର ତାତି ନୁଖୁର୍ ହୋଇଯାଏ । କେତେବେଳେ ସଂପର୍କ ତୋଫାନ ହୋଇଯାଏ ତ କୋହ ଆଉ ଲୁହ ଭରିଦିଏ । ଗଛ ଥୁଣ୍ଟା ପରେ କଅଁଳେ ବସନ୍ତରେ ଭିଜି ହେଲେ ଆଖିରେ ଭିଡି ରହିଥାଏ କୋହ । ପାର୍ଥିବ ସୁଖରେ ମଣିଷ ନଜର ବିବେକପଣିଆକୁ ହଜାଇ ଦିଏ । ପଶୁ ପାଲଟିଯାଏ ନଜର ସ୍ୱାର୍ଥ ହାସଲପାଇଁ, ହିତାହିତ ଜ୍ଞାନ ହର୍‌ଇବସେ । ସତ୍ୟ ଆଉ ମିଥ୍ୟାର ମୀନାର ଝଲସି ଉଠେ ଆଖି ଆଗରେ, ବୃଥା କଳ, ଦ୍ୱେଷ, ହିଂସାରେ ଅତି ଆପଣାର ବଳ ପଡିଯାଏ । ଅସତ୍ୟର ସହର ତିଆରି କରି ଯନ୍ତ୍ରଣାରେ ଜଳୁଥାଏ । ସେଥିପାଇଁ ତ ପ୍ରଭୁ ଶ୍ରୀ ଜଗନ୍ନାଥ ନଜର ପ୍ରାଣପ୍ରିୟା ଲକ୍ଷ୍ମୀଠାକୁର୍‌ଣୀଙ୍କ ଅଭିମାନକୁ  ସମ୍ମାନ ଦେବାକୁ ଯାଇ ସବୁ ନାମର ପ୍ରଥମରେ ଶ୍ରୀ ଲଗେଇଛନ୍ତି । ସମାଜକୁ ଚେତେଇ ଦେଇଛନ୍ତି ଯେ, ହେ ମାନବ ସମାଜ, ପ୍ରତ୍ୟେକ ସ୍ତ୍ରୀ ଜାତିକୁ ସମ୍ମାନ କର । ନଜ ସ୍ତ୍ରୀ  କୁ ଯିଏ ଯେତେ ସମ୍ମାନ ଦେବ, ତାଙ୍କ ଘରେ ଲକ୍ଷ୍ମୀ ବାସ କରିବେ  । ଅସମ୍ମାନ କରୁଥିବା ବ୍ୟକ୍ତି ନର୍କଗାମୀ ହେବେ । ସେଥିପାଇଁ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ଶ୍ରୀଠାକୁର ଆଦି ସବୁର ଆରମ୍ଭରେ ଶ୍ରୀ ମାନେ ଲକ୍ଷ୍ମୀଙ୍କୁ ରଖିଛନ୍ତି । ଏହା ହେଉଛି ନାରୀ ଜାତି ପାଇଁ ଏକ ଶ୍ରେଷ୍ଠ ସମ୍ମାନ, ଲକ୍ଷ୍ମୀ ପୁର୍‌ଣରେ ମଧ ଲକ୍ଷ୍ମୀଙ୍କର ମହିମା ବେଶ ହୃଦୟସ୍ପର୍ଶୀ । ହେଲେ ଆଜିର ମଣିଷ ବୁଝିଲେ ତ । କେତେ ଜୀବନ ବିନା ଅଧିକାରରେ ବଞ୍ଚିବାକୁ ହୋଇଥାଏ । ଦ୍ୱନ୍ଦ୍ୱର ଝଡ ସଂପର୍କକୁ ଦୂରେଇ ଦେଇଥାଏ । କେଜାଣି କାହିଁକ ଭ୍‌ବନାରେ ଦୁଃଖ ହଜିଯାଏ । ଲୁହ ବି ଶୋଇଯାଆନ୍ତି, ଲୁଚ

ଲୁଚ ଅତୀତକୁ ଜାବୁଡି ଧରି, ସତ ସମ୍ପର୍କକୁ ପାପୁଲି ପତାଇ ଝୁଙ୍କିପଡେ ଟିକଏ ସ୍ନେହ ଲୋଭରେ । ସ୍ନେହ ପଣତରେ ପ୍ରୀତିର ମହ୍ଲାର ତୋଳ ବିଶ୍ୱାସ ଗଣ୍ଠିରେ ବାନ୍ଧି ଦେଉଥାଏ ମନ ଅଗଣାରେ । ଗ୍ରୈଷ୍ମ ଚଇତାଳ ହୋଇ ଫଗୁଣ ବାରବାର ଛୁଇଁଯାଏ । ନଛାଟିଆ ଲାଗେ ସଂପର୍କ । ବେଳେବେଳେ ମନରେ ତାରାଫୁଲ ଫୁଟିପଡେ । ଚହ୍ଲା ଝରକାର ସୂର୍ଯ୍ୟ କଣ ବଦଳଯାଏ । ଚେନାଏଁ ବିଶ୍ୱାସ ସଜାଇବାକୁ ଯାଇ ଅମାନିଆ ହୋଇ ଉଠେ ଭାବନା ସବୁ । ଛନ୍ଦ ତୋଳେ ବିଧୁର ପ୍ରାଣରେ । ସମାଜର ଅଳଙ୍କାର ନାରୀ, ପୂର୍ଣ୍ଣିମା ଗ୍ରହପରି । ବିରହୀ ପ୍ରେମୀର ସ୍ୱରସମ୍ଭାର ନାରୀ । ଦୀର୍ଘ ଶୀତଳ ମମତାର ଘର ନାରୀ, ତା ପରେ ବି ପୁରୁଷ ନାରୀକୁ ନିନ୍ଦିତ କରିବାକୁ ପଛାଏ ନାହିଁ । ନିଜର ଦୋଷକୁ ନ ଦେଖି ସ୍ତ୍ରୀର ଦୋଷକୁ ଖୋଜିବୁଲେ । ପାଇଗଲେ, ଶତ ଧିକ୍କାର କରି ପୋକ ମାଛିପରି ନିଜର ଅସ୍ତିତ୍ୱକୁ ଜାହିର କରେ । ଏତେ ସତ୍ତ୍ୱେ ବି ପତିକୁ ପରମେଶ୍ୱର କରି ସାଧାରଣ ନାରୀପରି ମିତା ଅପେକ୍ଷା କରିଆସୁଛି । ଅମାବାସ୍ୟାର ଶୂନଶାନ ମଧ୍ୟରାତ୍ରିରେ କେତେବେଳେ ପର୍ବପର୍ବାଣିର ଘନଗହଳରେ ସଫଳତାର ରାଜ୍ୟାଭିଷେକର ବିଫଳତାର ରାଜଦଣ୍ଡରେ ମନେ ମନେ ଖୋଜିବୁଲେ । ଗୋଧୂଳି ବେଳାରେ, ଚନ୍ଦ୍ରଶାଳାରେ କୁଆଁ ତାରାରେ ଆଉ ନିଆଁ ଖରାରେ, ମନର ମାନଚିତ୍ରରେ ପୁଣି ସପନର ସ୍ୱର୍ଣ୍ଣ ମହଲରେ ଛାତିତଳେ ପ୍ରେମଶାଳା ଅମାନିଆ ହୋଇଉଠେ ଯେମିତି । ନୀରବତା ଉତ୍ସର୍ଗତାରେ ସ୍ନେହ ମମତାରେ ପ୍ରାଣ ସାଥିଟିଏ କରି । ଗୋଟିଏ ବରଗଛ ସାଜି ତୁମ ଘରକୁ ବୋହୂ ହୋଇ ଯାଇଥିଲି । ଶୀତଳ ପବନ ଛାଇ ଦେବାପାଇଁ, ଆପଣାର କରି ସୁନାର ସଂସାର ଗଢିବାକୁ ସ୍ୱପ୍ନ ତୋଳିଥିଲି । ହେଲେ ମା ପୁଅ ମିଶି ନିର୍ମମ ଭାବରେ ନିଷ୍ଠୁର ହୃଦୟ କରି ଦୁଇଟି ପୋଲାଙ୍କ ସହିତ ଗୋଟେ ଗର୍ଭବତୀ ମା ଙ୍କୁ ବାହାର କରିଦେଇଥିଲେ । ମିତା ଆଖିରୁ ସେଦିନର ବର୍ଷା ପରି ଝରିପଡୁଥିଲା ଅଭିମାନିଆ ଲୁହ ସବୁ । ସୁଖର ସପନ ସବୁ ଭାଙ୍ଗି ଚୂରମାର ହୋଇ ଯାଇଥିଲା । ପାପୁଲିର ଭାଗ୍ୟଲେଖା ଯାହା ଲେଖୁ ପଛେ ତୁମେ ମୋ ପାଇଁ ଶାଶ୍ୱତ ହୋଇ ରହିଥିବ ବାଇନ । ତୁମରି ପାଇଁ ତ ଆଜି ପୁତ୍ର ସନ୍ତାନ ଲାଭ କରିଛି । ତା ହସରେ ମିଟିମିଟି ଗ୍ରହାଣିରେ ମୋର ସବୁ ଦୁଃଖ ଭୁଲି ଯାଇଛି । ସମୟର ସବୁ ତାସ୍ମଲ୍ୟ ଲିଭେଇ ଦେଇଛି । ଏହା ହେଉଛି ଆମ ସଂସ୍କୃତି ନାରୀ ମାନଙ୍କ ର ମହାନତା ସ୍ୱାମୀ ଯାହା ବି ହୁଅନ୍ତୁ ଦେବତା

ପରି ପୂଜା କରିବା ସେମାନଙ୍କର ଯେମିତି ଏକ ସଂସ୍କାର । ଦାସୀ ପରି ସେବା କରିବା ଯେମିତି ବଳଦାନ ।

ହଠାତ୍ ବାଇକ୍ ବ୍ରେକ୍ ଦେଲା । ତା ଶବ୍ଦରେ ଦେହଟା ଶୀତେଇ ଉଠିଲା । କିଏ ଆସିଲା କି**?** ଭୟର ଛାତିଟି ଉଠୁଥାଏ ପଡୁଥାଏ । ବାହାରକୁ ବାହାରିଆସି ଦେଖିଲା ଛ ଫୁଟ ଉଚ୍ଚତାର ଦୀର୍ଘ ଦେହ ବଳିଷ୍ଠ ମାଂସପେଶୀ ଥିବା ମିତାର ସ୍ୱାମୀ । ତାଙ୍କ ସହିତ ଗାଆଁର ମଣ୍ଟୁ ମଧ୍ଯ ଆସିଥାନ୍ତି । କଣ କଥା**?** ପୁଣି କଣ କାମ ମୋ ପାଖରେ**?** ବହୁତ ଦୁଃଖ ଦେଇ ବାହାର କରି ଦେବା ପରେ ଆସିବାର କଣ କାରଣ**?** ମୁଁ କେବେ କ୍ଷମା କରିପାରିବିନି ବାଇନ**?** କେମିତି ବଞ୍ଚିଛି**,** ଝିଅ ଦୁଇଟି କିପରି ରହିଛନ୍ତି**,** କଣ ତୁମର ବୁଝିବାର କର୍ତ୍ତବ୍ୟ ନଥିଲା କି**?**

ମଣ୍ଟୁ ଭିତରକୁ ଆସି ଜୁହାର ଭାଉଜ କହିଲା । ଆମ ଟୋକାଟା କାହିଁ**?** ଡାକ୍ତର ଦିଦି କହୁଥିଲେ**,** ସେ କୁଆଡେ ବହୁତ ସୁନ୍ଦର ହୋଇଛି । ଦିଅନା ଭାଉଜ । ମୁଁ ଟିକିଏ ଗେଲ କରିଦିଏ । କହି ଭିତରକୁ ଗ୍ଲଲିଗଲା ।

ଦୀର୍ଘଶ୍ୱାସଟିଏ ପକାଇଲା ମିତା । ଏ ଯାଏ ବାଇନ ଅପରାଧୀ ପରି ଛିଡା ହୋଇଥାନ୍ତି । ପିଣ୍ଡା ପାଖରେ ଶୂନ୍ୟ ହୃଦୟରେ ଭରିଯାଇଥିଲା ଅପାର ଆନନ୍ଦ । ସତେ ଅବା ପୁଣ୍ୟ ମକରନ୍ଦ ଝରିପଡୁଥିଲା ତାଙ୍କ ଓଠ ଅଗଣାରୁ । ମୃତ୍ୟୁର ଅମଡାବାଟରେ ପଥିକ ସଜାଇ ମରୁମାୟାରେ ଅନ୍ଧ ହୋଇ ବହୁତ ଦୁଃଖ ଦେଇଛି ମିତାକୁ । ଆଜି ସାହସ ହେଉନାହିଁ ତା ପାଖକୁ ଯିବାକୁ । ଦୁଃଖର ବିଭିନ୍ନ ରଙ୍ଗର କଷ୍ଟରେ ବହୁ ରୂପରେ ତାଚ୍ଛଲ୍ୟର ପ୍ରତି ମୁର୍ତ୍ତୀଟିଏ ହୋଇ ଛିଡା ହୋଇଛନ୍ତି ମଝି ଖୁଣ୍ଟଟିଏ ଭଳି । ଭଲ ପାଇବା ଓ ଘୃଣାର ଭିତରେ ନିଜକୁ ଧିକ୍କାର ଲାଗୁଛି ।

କରୁଣ ଗୃହାଣିକୁ ଦେଖି**....**ମିତା କହିଲା ଭିତରକୁ ଆସ**.....**

ସତେ ଯେମିତି ଆକାଶରୁ ଫୁଲ ବର୍ଷା ହୋଇ ଚୁମିଗଲା ହୃଦୟ ବେଳାକୁ । ସବୁ ଯେମିତି କ୍ଷମି ହୋଇଗଲା ।

ମିତା **!** ମତେ କ୍ଷମା କରିଦେଇଛ ତ **!**

ମୁଁ ସତରେ ବଡ ଅପରାଧି ଟେ । ଡାକ୍ତର ଦିଦି ପାଖରୁ ପୁଅର ଜନ୍ମ କଥା ଶୁଣି ରହିପାରିଲିନାହିଁ । କାଲି ସନ୍ଧ୍ୟାବେଳେ ମଣ୍ଟୁର ମା କୁ ଡାକ୍ତର ଖାନାକୁ ନେଇ ଯାଇଥିଲି । ମତେ ଦେଖି ଡାକ୍ତର କହିଲେ ବାଇନ ତୁ ଯାହାକୁ ମାରିଦେବାକୁ ଚାହୁଁଥିଲୁ ସେ ତୋ ପୁଅ, ଗତକାଲି ଜନ୍ମ ହୋଇ ଘରକୁ ପଳେଇ ଯାଇଛନ୍ତି । ମୁଁ ରହିପାରିଲିନ ମିତା । ମଣ୍ଟୁକୁ ଧରି ଚାଲିଆସିଲି । ମୋ ଭୁଲ୍ ପାଇଁ ଦଣ୍ଡ ପାଇସାରିଛି । ମତେ କ୍ଷମା କରିଦିଅ ମିତା । ଆମ ଛକର ପାନ ଦୋକାନ କରିଥିବା ରମେଶ ସାହୁ ମତେ ସବୁ କହିଛନ୍ତି । ତାଙ୍କର ଚାରୋଟି ପୁଅ । କୌଣସି ପୁଅ ବାପା ମାଙ୍କୁ ରଖିବାକୁ ରାଜି ହେଉ ନାହାନ୍ତି ବାଧ୍ୟ ହୋଇ ସେମାନେ ଦୋକାନ କରି ପେଟ ପୋଶୁଛନ୍ତି । ମୁଁ ପୁଅ ପାଇଁ ଆସିନାହିଁ ମିତା । ତୁମ ସମସ୍ତିଙ୍କୁ ନେଇ ଯିବାକୁ ଆସିଛି । ମିତା ଉଠି ଛିଡା ହେଲା, କିଛି ଜବାବ ନ ଦେଇ ଭିତରକୁ ପଳେଇ ଯିବାକୁ ଉଠିବାରୁ ବାଇନ ମିତାର ହାତକୁ ଧରିଦେଇ – ତୁମକୁ ଛାଡି ରହିପାରିବିନ ମିତା, ଆତ୍ମହତ୍ୟା କରିଦେବି । ବହୁତ କଷ୍ଟ ପାଇସାରିଲିଣି । ବୋଉ ବି ରୋଗରେ ବିଛଣାରେ ପଡିଛି । ତୋତେ ସବୁବେଳେ ଖୋଜୁଛି ।

ନା....ନା ସେ ଯାଇପାରିବ ନାହିଁ । ରାଜୁଆ ଘରକୁ ପଶୁପଶୁ କହିଲା ।

ଥରି ଉଠିଲା ବାଇନ । ମିତାର ହାତ ଛାଡିଦେଇ ଘୁଞ୍ଚିଗଲା ଗୋଟେ ପାଖକୁ । ମୋତେ କ୍ଷମା କରିଦିଅନ୍ତୁ ବାପା । ହାବୁକେ ପବନ ଯେମିତି ରୁନ୍ଧିହୋଇ ରହିଗଲା ରାଜୁଆ ଛାତିତଳେ । ସବୁ ଭାବନା ଯେମିତି ଫିକା ପଡିଗଲା ମାନସପଟରେ । କିଛି ନକହି ଘର ଭିତରକୁ ଚାଲିଗଲେ । ମିତା ଆଖିରେ ଇସାରା ଦେଇ ବାଇନକୁ ଭିତରକୁ ଯିବାକୁ କହିଲା ।

କ୍ରମଶଃ...

ସଂଯୋଜିକା, ସମ୍ପାଦିକା, ଔପନ୍ୟାସିକା, କବି,
ଜୀବନୀ ଲେଖିକା ଓ ସମାଜସେବୀ
ଡ୍ରିମସ୍ ଷ୍ଟାଫ୍ କ୍ୱାଟର,ଟାଙ୍ଗୀ, କଟକ – ୭୫୪୦୨୨
ଭ୍ରାମ୍ୟଭାଷ –୯୯୩୭୩୪୭୩୧୮

# ସ୍ୱାର୍ଥପର



ତପସ୍ୱିନୀ ଷଡ଼ଙ୍ଗୀ

ଅଶାନ୍ତ ସାଗର     ପ୍ରଶସ୍ତ ବେଳାରେ
ପାଦେ ଯେବେ ମୁହିଁ ଗ୍ଲେ
ନିର୍ଜନତା ମତେ     ବାରମ୍ବାର ଆସି
ଏକାନ୍ତରେ ପ୍ରଶ୍ନ କରେ।।

କହତୁ ଯିଏ ସେ     ତତେ ଛାଡ଼ିଗଲ୍
ନିଜ ଖୁସି ପାଇଁ ଗ୍ଲି
କହିପାରିବୁକ     ସମ୍ପର୍କରେ ତାର
ସ୍ୱାର୍ଥ ନଥିଲ୍ ବୋଲି।।

ଉନ୍ମୁକ୍ତ କବରୀ     ବିଳାପ କରୁଛି
ଲୁହରେ ଧୌତ କଜ୍ଜ୍ୱଳ
ଅତ୍ୟଧିକ ତୋର     ବିଶ୍ୱାସ କରିବା
ଦେଲ୍ ଆଜି ଏହି ଫଳ।।

ମଧୁର ବଚନ     କହୁଥିଲ୍ ସତେ
ଜିହ୍ୱାରେ ମାରି ଜହର
ସ୍ୱାର୍ଥସିଦ୍ଧି ପାଇଁ     ସମ୍ପର୍କ ଯୋଡନ୍ତି
ନାଁ ତାଙ୍କ ସ୍ୱାର୍ଥପର।।

ଅପର ଯାତନା   କପରି ଜାଣିବେ
ବେଦରଦୀ ତାଙ୍କ ମନ
ଫଟା କପାଳ ତୋ   ଭାଗ୍ୟ ବିଡମ୍ବନା
ହାତ ତୋର ଆଜି ଶୂନ୍ୟ । ।

ଦେଲା ଯିଏ ନେଇ   ତୋ ମଥା ସିନ୍ଦୂର
ଆଉ କା ସୀମନ୍ତେ ନେଇ
ତୁ କାହିଁ ବୁଝୁନୁ   ଲୁହ ଝରାଉଛୁ
ତା ସ୍ୱାର୍ଥର ସୀମା ନାହିଁ । ।

କର୍ମଫଳ ତାକୁ   ମିଳବ ନଶ୍ଚିତ
ଭାଗବତେ ଲେଖା ଅଛି
ଆଉ କାହା ଖୁସି   ଛଡାଇ ନେଇଣ
କଏବା ଖୁସିରେ ଅଛି । ।

କଟକ, ଓଡ଼ିଶା

# "ମୀରା୍‌ବାଇ" ପରି ପ୍ରେମ



ଶଶୀକାନ୍ତ ମେହେର

ଏ କଳୟୁଗରେ ଭି  ତତେ ଜଣେ ମୀର୍ ପରି ପ୍ରେମ କରୁଥିଲ୍,
କୃଷ୍ଣ ଙ୍କୁ ପାଇବା କଠିନ ଥିଲେ ଭି ଯେପରି ମୀର୍
କୃଷ୍ଣ ଙ୍କୁ ଦୁରରୁ ଦେଖି ପ୍ରେମ କରୁଥିଲ୍ ||

ସେ ପିଲ୍ ଭି ତତେ ସେମିତି ପ୍ରେମ କରୁଥିଲ୍
ତତେ ପାଇବା ଆଶା ନଥିଲ୍ କନ୍ତୁ ସେ
ତତେ ହୃଦୟ ରୁ ପ୍ରେମ କରୁଥିଲ୍,
ଏ କଲି ଗୁଗରେ ଭି ତତେ ଜଣେ ମୀର୍ ପରି  ପ୍ରେମ କରୁଥିଲ୍ ||

ମୀର୍ ଜେପରି "ଗିରିଧାରୀ" ଙ୍କ ମୂର୍ତ୍ତି ସହ ସବୁ ବେଳେ ଖେଳୁଥିଲ୍,
ସେ ସେଇ "ଗିରିଧାରୀ" ଙ୍କୁ ମନେ ନଜ "ପତ୍ନୀ" ମାନ ନେଇଥିଲ୍
ସେ ଯେପରି ସବୁବେଳେ ତା କଥା ଭବୁଥିଲ୍ ||

ସେ ପିଲ୍ ମଧ ତତେ ସେମିତି ହିଁ ଗ୍ହୁଁଥିଲ୍
ତୋର ଛବି ତା ପାଖରେ ରଖିଥିଲ୍
ପୁଣି ତୋ ଛବି ସହ ସେ ସବୁବେଳେ ଖେଳୁଥିଲ୍,
ହଁ ଏ କଳ ଗୁଗରେ ଭି ତତେ ଜଣେ ମୀର୍ ପରି ପ୍ରେମ କରୁଥିଲ୍ ||

ସେ ମନେ ମନେ ତତେ ନଜର ଭିବି ନେଇ ଥିଲ୍
ହଁ ସେ ହୃଦୟରୁ ତତେ ଭଲ ପାଉଥିଲ୍

ସେ ତତେ ନିଜ ପତ୍ନୀ ପରି ମଣି ନେଲା,
ହଁ ଏ କଲି ଯୁଗରେ ଭି ତତେ ଜଣେ ମୀରା ପରି ପ୍ରେମ କରୁଥିଲା ||

ମୀରା ଯେପରି "ଗିରିଧାରୀ" ଙ୍କ ଦର୍ଶନ ପାଇଁ ଘୁରି ବୁଲୁଥିଲା
ଠିକ୍ ସେଇ ପରି ସେ  ଭି ତତେ ଦେଖିବା ପାଇଁ ବ୍ୟାକୁଳ ଥିଲା,
ଏ କଳି ଯୁଗରେ ଭି ତତେ ଜଣେ ମୀରା ପରି ପ୍ରେମ କରୁଥିଲା ||

ମୀରା ଯେପରି ଏକାକି ରେ ବସି କୃଷ୍ଣ ଙ୍କ ମୂର୍ତ୍ତି ସହ କଥା ହେଉଥିଲା
ଠିକ୍ ସେ ପିଲା ମଧ୍ୟ ତୋର ଛବି ସହ ଏକାକି ରେ ବସି କଥା ହେଉଥିଲା,
ତୁ କଣ ମଣୁ ଜାଣିନି ଲୋ କିନ୍ତୁ ସେ ତତେ ନିଜର ମଣି ନେଇ ଥିଲା,
ହଁ ଏ କଲି ଯୁଗରେ ଭି ତତେ ଜଣେ ମୀରା ପରି ପ୍ରେମ କରୁଥିଲା ||

ତାର ହୃଦୟ, ମନ, ପ୍ରେମ, ସବୁ ତୋ ଠି ସମର୍ପି ଦେଇ ଥିଲା
ହଁ ଲୋ ସେ ତତେ ସତ୍ ହୃଦୟ ରୁ ପ୍ରେମ କରୁଥିଲା,
ମୀରା ଯେପରି କୃଷ୍ଣ ଙ୍କୁ ଗୁହୁଁଥିଲା
ଠିକ୍ ସେ ଭି ତତେ ସେପରି ଗୁହୁଁଥିଲା,

ଏ କଳିଯୁଗରେ ଭି ସେ ତତେ ମୀରା ବାଇ ପରି ପ୍ରେମ କରୁଥିଲା
ଏ କଳିଯୁଗରେ ଭି ତତେ ଜଣେ ମୀରା ପରି ପ୍ରେମ କରୁଥିଲା ||

ଜମଲା, ପଦ୍ମପୁର,ବରଗଡ଼

# ରେ ମଣିଷ



ସମ୍ବିତ ଦାଶ

ରେ ମଣିଷ
ଗଛ ଆଉ କେତେ କାଟିବୁ
ଗଛ ଲଗାଇବା ତ ଶିଖ ।

ରେ ମଣିଷ
ପରିବେଶ କେତେ ପ୍ରଦୂଷଣ କରିବୁ
ପ୍ରଦୂଷଣ ମୁକ୍ତ କରିବା ଶିଖ ।

ରେ ମଣିଷ
ଜଳକୁ ଆଉ କେତେ ପ୍ରଦୂଷଣ କରିବୁ
କିଛି ସଂଚୟ କରିବା ଶିଖ ।

ରେ ମଣିଷ
ପଶୁ ପକ୍ଷୀଙ୍କୁ କେତେ ଅତ୍ୟାଚ୍ଚର କରିବୁ
ଅତ୍ୟାଚ୍ଚର ନ କରିବା ଶିଖ ।

ରେ ମଣିଷ
ପ୍ରକୃତି ଆଖିରେ ଲୁହ ଅଛି
କେମିତି ଲୁହ ନ ରହିବ ଶିଖ ।

ରେ ମଣିଷ
କେତେ ସୁଖରେ ରହିଛୁ
ପ୍ରକୃତିକୁ ସୁଖରେ ରଖିବା ଶିଖ ।

ପଲ୍ଲୀକଣ୍ଠା, ଏରସମା, ଜଗତସିଂହପୁର

# ଜ୍ଞାନ



ନଲେଶ କୁମାର ଭୋଇ

ଜ୍ଞାନକୁ ମନ୍ଥିଲେ ଆହୁରି
ସୁ-ଜ୍ଞାନ ମିଳବ ଯେ' ଜାଣ,
ସମୁଦ୍ର ମନ୍ଥନେ 'ମାଁ ସରସ୍ୱତୀ'
କହେ' ବେଦପୁରାଣ ।୧।

ଲକ୍ଷ୍ମୀ ଆବିର୍ଭାବ ହେଲେ ସେହି
ସମୁଦ୍ର ଗର୍ଭରୁ ଜାତ,
ସୂର୍ଯ୍ୟଜାତ ହେଲେ ଅନାଦିକାଳେ
କହେ ଗୀତା, ଭଗବତ ।୨।

ବିଶେଷ ଜ୍ଞାନ'ର ଅଧିକାରୀ
ତାକୁ ବୈଜ୍ଞାନିକ ବୋଲଇ,
ଆଧ୍ୟାତ୍ମିକଜ୍ଞାନ ଅଟେ ଶ୍ରେଷ୍ଠ
ସାରା ବିଶ୍ୱ ରହିଛି ଗୃହିଁ ।୩।

ଜ୍ଞାନର ପରିମାପେ ଏହି
ଦୁନଆଁରେ ନାହିଁ ଯନ୍ତ୍ର,
ଜ୍ଞାନ ଅଟେ ନୀଳ ଆକାଶରେ
ଅବା ଅଗାଧ ସମୁଦ୍ର ।୪।

କୁ-ଜ୍ଞାନ ଅରଜନେ ନର ଯେ'
ପଶୁ ତୁଲ୍ୟ ଅଟଇ,
ସୁ-ଜ୍ଞାନ ଅରଜନେ ଏହିମଣିଷ
ପଣ୍ଡିତ ଯେ' ବୋଲାଇ ।୫।

ଜ୍ଞାନେ ନାହିଁ କଏ ବଡ଼, ଛୋଟ
ଏଠି ସଭିଏଁ ସମାନ,
ବାଳୁତ ଧର୍ମପଦ ରଖିଗଲେ
ବାରସହ ବଢ଼େଇଙ୍କ ଜୀବନ ।୬।

ବିନା ପୁସ୍ତକରେ ଯେଉଁ ଜ୍ଞାନ
ମିଳେ ତାହା' ହିଁ ପ୍ରକୃତ ଜ୍ଞାନ,
ମୂର୍ଖ କାଳିଦାସ ରଚଲେ
ସଂସ୍କୃତେ ଭାଷା ପୁରାଣ ।୭।

କଟ୍ ବିଶ୍ୱ ବିଦ୍ୟାଳୟ ପୁରାତନ ଛାତ୍ର (ବଲାଙ୍ଗୀର)

# ଅଣୁ ଗଳ୍ପ "ଫଟୋ"



ସିଦ୍ଧେଶ୍ୱର ତ୍ରିପାଠୀ

ପ୍ରିୟଙ୍କା ମିଶ୍ର ବାହା ହେବାର ଦଶ ବର୍ଷ ହୋଇଗଲାଣି । ସେ ଏବେ ଶିକ୍ଷୟିତ୍ରୀ, ନିଜ ଗାଁ ଶାଶୁଘର ଗାଁ ଛାଡି ସେ ଏବେ ଅନ୍ୟ ଜିଲ୍ଲାରେ । ପ୍ରିୟଙ୍କା ବୃତ୍ତିଗତ ଜୀବନ ବିତାଉଛି ।

ନୂଆ ସହରରେ ଦିନେ ସ୍କୁଟିରେ ଝିଅକୁ ନେଇ ବୁଲିବା ବେଳେ ଗୋଟେ ଘର ଆଗରେ ଅଟକି ଗଲା ପ୍ରିୟଙ୍କା । ଅଜଣା ଅଶୁଣା ସେ ଘର ଭିତରକୁ ପସିଗଲା । ଜଣେ ସମ ବୟସ୍କା ବିବାହିତ ମହିଳା ତାଙ୍କୁ ଆଦରରେ ପାଛୋଟି ନେଲେ ।

ମାଆ ଝିଅଙ୍କୁ ଚା ଜଳଖିଆ ଦେଇ ସବୁ ଘର ବୁଲେଇଲେ । ପ୍ରିୟଙ୍କା ପଚାରିଲା ଆପଣ ମୋତେ ଜାଣନ୍ତି । ମୁଁ ତ ପ୍ରକାଶଙ୍କ ନାଁ ସାଥିରେ ଇଞ୍ଜିନିୟର ଶବ୍ଦଟା ଦେଖି ଘର ଭିତରକୁ ଚାଲି ଆସିଲି । ଟିକେ ହସିଦେଇ ନିରବ ରହିଲେ ସେ| ପ୍ରକାଶ ନାହାନ୍ତିକି? ସେ କହିଲେ ସିଏ ଗୋଟେ ଜରୁରୀ କାମରେ ଦିଲ୍ଲୀ ଯାଇଛନ୍ତି । ଆଉ ଆପଣଙ୍କ ସନ୍ତାନ । ହଁ ଗୋଟେ ପୁଅ ତା ମାମୁ ସହିତ ମନ୍ଦିର ଯାଇଛି । ଏଠି କେବେଠୁ ରହୁଛନ୍ତି । ହଁ ଏଇ ତିନିବର୍ଷ ହେଲା ।

ଠିକ୍ ଏତିକି ବେଳକୁ ସେମାନେ ପହଞ୍ଚି ସାରିଥିଲେ ପ୍ରକାଶଙ୍କ ପଢ଼ା ରୁମ ଭିତରେ ଯୋଉଠି ଟେବୁଲ ଉପରେ ସାଇତା ହୋଇ ରହିଥିଲା ପ୍ରିୟଙ୍କାର ଫଟୋ । ଦୁଇ ଅପରିଚିତ ମହିଳାଙ୍କ ଆଖି ମିଶିଲା ବେଳକୁ ପ୍ରିୟଙ୍କାର ମୁହଁ ମଉଳ ଯାଉଥିଲା ।

ପ୍ରିୟଙ୍କା ଝିଅକୁ ନେଇ ସ୍କୁଟିରେ ନିଜ ଘରକୁ ଫେରୁଥାଏ । ଅତୀତର ସ୍ମୃତି ସବୁ ଗୋଟି ଗୋଟି ହୋଇ ଝଲସି ଉଠୁଥାଏ ପ୍ରିୟଙ୍କା ଆଖି ଆଗରେ । ଦୁଇଜଣଙ୍କ କଲେଜ ପାଖାପାଖି ଥିଲା । ପ୍ରକାଶକୁ ସେ 'ପ୍ରେମ ନିବେଦନ କରିଥିଲା । କିଛି ଦିନର ମଧୁର ମୁହୂର୍ତ୍ତ ମିଠା

ମିଠା ଜହ୍ନରାତି । ଆଉ ପ୍ରିୟଙ୍କାର ପ୍ରତାରଣା ସରକାରୀ ଚାକରିଆ ବର ମୋହରେ ପ୍ରକାଶର କେଇଦିନର ସ୍ୱୀକାରୋକ୍ତି କୁ ପାଦରେ ଆଡେଇ ଦେଇ ସେ ଭଲ ଘର ଭଲ ବର ଦେଖି ବାଛି ନେଇଥିଲା ତା'ର ନୂଆ ଠିକଣା ।

ପ୍ରକାଶକୁ ଶେଷଥର ପାଇଁ କହିଥିଲା ମୋତେ ଭୁଲିଯିବ ମୋତେ ଫୋନ କରି ମେସେଜ କରି ବିରକ୍ତ କରିବନି। ମୋର ସବୁ ଫଟୋ ଉପହାର କୁ ଯେତେ ଶୀଘ୍ର ହଜେଇଦେବ ତମ ପାଇଁ ଆଉ ମୋ ପାଇଁ ଭଲ ହେବ । ଆଉ କେବେ ମୋ କଥା ସ୍ୱପ୍ନରେ ବି ଭାବିବନି । ଏତେ ବର୍ଷ ପରେ ଆଜି ପ୍ରକାଶ ଘରେ ନିଜ ଫଟୋକୁ ଦେଖି ପଶ୍ଚାତାପ ର ବହ୍ନିରେ ତାର ଅତୀତ ଆଉ ବର୍ତ୍ତମାନ ଅତି ସହଜରେ ତରଳି ଯାଉଥିଲା ।

ପଛରେ ବସିଥିବା ବୁଲ୍ଟି ପଚାରିଲା ମମା ତୁମ ଫଟୋ ସେ ଆଣ୍ଟିଙ୍କ ଘରକୁ କେମିତି ଆସିଲା। ଆଠ ବର୍ଷର ଝିଅ ର ଏଇ ପ୍ରଶ୍ନ ଶୁଣି ଥତମତ ହୋଇ ଯାଉଥିଲା ପ୍ରିୟଙ୍କା ଅତୀତର ସ୍ୱାର୍ଥପରତା ପାଇଁ ପଶ୍ଚାତାପର ଭାବନା ଉଚ୍ଛୁରି ଆସୁଥିଲେ ତା ଦୁଇ ଆଖିର ଲୁହ ସାଥିରେ ସ୍କୁଟିର ଗତି ଧିରେ ଧିରେ ବଢୁଥିଲା ବାଟ ସରିବା ଯାଏ ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

# "ଅଭିଶପ୍ତ" ସହର



ଅଜିତ ପାଢ଼ି

ବୁକୁଚରି ପସିଗଲା ଗଳାକଣ୍ଠ ବାଟ ଦେଇ ଓଲ୍ଭନ ଝଡ (Virus)
ସ୍ତବ୍ଧ, ଚକିତ, ସ୍ତବିଂତ ସିଏ ! କ୍ରନ୍ଦନ ଭିତରେ ଆଜି "ଓଲ୍ଭନ ସହର" ।
ସତେ ପାଲଟି ଯିବ "ମୃତ୍ୟୁଦ୍ୱାର" ।
ଶବ ଭିତରେ ଅଭିଶପ୍ତ ଜିଅନ୍ତା ମୁଁ,
ଟାଣି ଆଣିଲା ମତେ ତୋ ପଣତ ତଳକୁ ।

ଯେଉଁ ସହର ଥିଲା ଦିନେ ଗୋଲାପ ମାୟା ର ମଧୁରତା
"ଶବ ବାହକ" ସାଜେ ଆଜି ଏତେ ନିଷ୍ଠୁରତା,
ପ୍ରେମ, ସତେ କଣ ଏକ ମାୟାର "କୁହେଳିକା"
ଶବ ଉଠାଇବାରେ ଏତେ "ନିର୍ଲଜତା" ।
ଭୟ, କାତୁରତା, ନିର୍ଦ୍ଦୟତା ର ମୁଁ ଅଟେ ପାଗଳ ମଣିଷ
ଆସିଛି ନିର୍ଲଜ ସାହି ବାତ୍ସଲ୍ୟ ର ପଣତ ତଳକୁ ।

ପଢିଥାନ୍ତି ଯଦି ମହାଭ୍ଭରତ, ଗୀତା,
ନିର୍ଲଜତା, କୃପଣତା ଥିଲା ଦୁର୍ଯ୍ୟଧନ ର ଜୀବନ ।
ନିଶ୍ଚିତ, ସେ ଭ୍ରାତୃତ୍ୱ ବିନାଶ ର କାରଣ ।
ସତ୍ୟ, ଧର୍ମର ଜୟ ଗାନ୍ଧାରୀଙ୍କ କରୁଣ ଗାଥା ।
ଧିକ୍କାରୁଛି ମାଟି ମତେ, ଆଣିଛି ମୁଁ ବାଣ୍ଟିବାକୁ ଘୃଣ୍ୟ ର ବାରତା ।

ଅନୁତପ୍ତେ ଜଡିତ ମୁଁ, କରୋନା ବ୍ୟାଧୀରେ
ନିସ୍ତବତା, ନିରବତା ଭିତରେ ମୁଁ ଅଭିଶପ୍ତ ମଣିଷଟିଏ
କ୍ଷମା କରି ଆଶ୍ରା ଦିଅ ତୋ ପଣତ କାନିରେ ।
ଅଭିଶପ୍ତ ମୁଁ ଗୋ ମାମ୍, ଯାଉଛି ତୋ ପୁରେ ।

**(ପାଶ୍ଚାତ୍ୟ ଚାକଚକ୍ୟ, ଶିକ୍ଷାରେ ଅନୁପ୍ରାଣିତ ବ୍ୟକ୍ତି, ଭାରତୀୟ ସଂସ୍କୃତିକୁ ଭୁଲିନଯାଇ ମାତୃଭୂମି କୁ କଳୁଷିତ ନକରିବା ନିମିତ୍ତ "ପଦେ" ।)**

ଘାସିରାମ ମାଝୀ ହାଇସ୍କୁଲ, ନୂଆଗାଁ

# ରାୟଗଡ଼ାର ନାଗାବଳୀ ନଦୀ ଓ ନୟମଗିରି ପାହାଡ଼



ପ୍ରଦୀପ କୁମାର ଜିଲିକାର୍

କହ ନାଗାବଳୀ କହ ?

ରାୟଗଡ଼ ମାଟି ପିଠି ଉପରେ
ନାଗାବଳୀ ନଦୀ ଯାଏ ବହି ରେ
ପ୍ରଲମ୍ବିତ ତାର ଶରୀର
ପୁଳନେ ତାହାର କେତେ ଅଟ୍ଟାଳିକା
କେତେ ତରୁ ଲତା ଭେଳ ଭେଳକା
କେତେ ଯେ କୁଡିଆ ଘର
କୋଉଠୁ ଆସିଛି କୋଉଠି ସରିଛି
କୋଉଠି ତାହାର ଜନ୍ମ
କଏ ତା ଜନନୀ କଏ ତା ପିଅର
କଏ ପୁଣି ତାର ସାଥି ସହୋଦର
କଏ ବୁଝେ ତାର ମର୍ମ
ଶରୀର ତାହାର ଦିଶୁଛି ମଳିନ
ଦିନେ ଥିଲା ଏ ତ ପୀୟୂଷ ରତନ
କଏ ଢାଳ ଦେଲା ବିଷ
କେତେ ପଶୁ ପକ୍ଷୀ ଜୀବ ଜଳଚର
ସ୍ନାନ କରୁଥିଲେ ମନୁଷ୍ୟ ଯାକର
ପାନେ କଲେ ହୋଇ ତୋଷ
କଳକାରଖାନା ମଳ ଆବର୍ଜନା
କେତେ ନ ମିଶି ମଇଳା

ଶୁଭ୍ର ତୋର ଦେହ ଦେହ ବସନକୁ
କରିଲ୍ ରଙ୍ଗ କୋଇଲ୍
ଏବେ କ ହୋଇଲ୍ ମଣିଷ ରଚଲ୍
କ କାରଣେ କୁଟଚକ୍ର
କେତେ ଆବର୍ଜନା ନଷ୍କାସନ ଜଳ
ଭରିଦେଲ୍ ତୋ ଦେହର
ମନ୍ଦାକନୀ ପରି ପବିତ୍ର ତୋ ଜଳ
କାଚକେନ୍ଦୁ ପରି ଥିଲ୍
କେଉଁ ପାପ କର୍ମ ଭ୍ର ବହିବାକୁ
ଦୁଃଖେ ତୋ ଜୀବନ ଗଲ୍
ନର୍ଦ୍ଦମାର ଜଳ ମିଶିଲ୍ ତୋ ଅଙ୍ଗେ
ମୀନ ଖେଳୁଥିଲେ କେତେ ନାନା ରଙ୍ଗେ
ଉଭେଇଲେ ଜଳଚର
ଆଖିରେ ମଳନ ଦିଶଇ ବଦନ
ବାସ୍ନାରେ ଅଟକେ ପ୍ରାଣ
କୋଉ ପାପ ଭ୍ର ସମ୍ଭାଳ ରଖିଛୁ
କହ ନାଗାବଳୀ କହ
ଆଉ କେତେ ଦିନ ତୋହର ପର୍‌ଣ
ହେବ ଗନ୍ଧ ବହବହ
କହ ନାଗାବଳୀ କହ **?**

---

## ପାହାଡ଼ ମୁଁ ନୟମଗିରି

---

ପାହାଡ଼ ମୁଁ ନୟମଗିରି
ମୋ ଅଧିପତି ନୟମରଜା
ଅଟବୀ ବିଟପୀ ବଲ୍ଲୀରେ ପୂରିଛି
ଝରଣା ଝରିକ ନେଉଛି ମଜା

ପାହାଡ଼ ମୁଁ ନିୟମଗିରି
ମୋ ପିଠିରେ ଉଟଜ ପଲ୍ଲୀ
କେତେ ଜନଜାତି କନ୍ଧ ଡଙ୍ଗରିଆ
ମନଟା ତାଙ୍କର ସୁଗନ୍ଧ ମଲ୍ଲୀ

ପାହାଡ଼ ମୁଁ ନିୟମଗିରି
ମୋ ଉଦରେ ପୂରିଛି କେତେ ଯେ ଶିରୀ
କୋଟି କୋଟି ଅର୍ଥ ବଳ ମୂଲ୍ୟ
ଖଣିଜ ସଂପଦ ରହିଛି ପୂରି

ପାହାଡ଼ ମୁଁ ନିୟମଗିରି
ମୋ ଛାତି ଉପରେ ବହୁଛି ନଈ
ଜଳପ୍ରପାତର ଶିରୀ ଗୁରୁଚନ୍ଦ
ଦେଖିବା ଜନକୁ ନେଉଛି ମୋହି

ପାହାଡ଼ ମୁଁ ନିୟମଗିରି
କେତେ ଫୁଲ ଫଳ ଗଛରେ ପୂରି
ଔଷଧୀୟ ତରୁଲତାରେ ପୂରିଛି
କେତେ ଗୁଣ ଅଛି ମୋ ମନେ ଭରି

ପାହାଡ଼ ମୁଁ ନିୟମଗିରି
ମୋ ଆଶାରେ ସନ୍ତାନ ଡଙ୍ଗରିଆ
ମୋ ପିଠିରେ ରହି ଗୃହବାସ କରି
କହନ୍ତି ନିଜକୁ ମୁଁ ଡଙ୍ଗରିଆ ।

ହାଡ଼ଶିଙ୍ଗୁଳା, ଗୁଟିକୋଣା
ବିଷମକଟକ, ରାୟଗଡ଼ା

# ସନ୍ଦେହୀ ପ୍ରିୟା



ତପନ କୁମାର ସାହୁ

ତୋ ପାଖେ ସନ୍ଦେହର ଅଜସ୍ର ପ୍ରଶ୍ନ ?
ନଶା କହିଲେ ମୁଁ ବୁଝେ
ୱାଇନ ସପ୍ ର ଲମ୍ବା ଧାଡ଼ି
ତୋତେ ଲାଗେ ବ୍ରେକ୍- ଅପ୍ ପରେ ପରେ
ମୋ ଗାର୍ଲ୍ ଫ୍ରେଣ୍ଡ୍ ର ନା' ପରି **!!!**

ତୋ ସନ୍ଦେହ ର ଆଖି ଏବେବି ମୋ ଆଇନା ରେ
ନାଲି ବିନ୍ଦି ହୋଇ ଲଟକି ରହିଛି
ନଘା ନେଉଛି ମୋ ପ୍ରେମିକପଣ ର
ଆଇନା କେବେ ମିଛ କହେନା
ତୋତେ କନ୍ତୁ ଠିକ୍ ଓଲଟା ଦିସେ
ତୋ ପ୍ରେମିକାର ପ୍ରତିବିମ୍ବ **!!!**

ତୋ ପାଖେ ଘୃଣା ର ଘୁର୍ଣ୍ଣିଝଡ
ଆଶା କହିଲେ ମୁ ବୁଝେ
ଶୂନ୍ୟ ଆକାଶର ଶୂନ୍ୟତା କୁ
ଯାହା ପାଖେ ଏବେ ଆଉ ନାହିଁ
ପଶ୍ଚାତାପ ଓ ଅବଶୋଷ ର କଳା ବାଦଲ
ତୋତେ ଲାଗେ ମୁଁ ତ ଏବେ ଏବେ
'ଆଶା' ର ଅଶ୍ରାରେ ପ୍ରେମ ବାଣ୍ଟୁଛି **!!!**

ତୋ ଅବିଶ୍ୱାସର ଲକେଟ କୁ ଏବେ ବି ପିନ୍ଧିଛି
ତୁ ନ ହେଲେ ନାହିଁ
ସେ କନ୍ତୁ ଭ୍ରି ବିଶ୍ୱସ୍ତ
ମୋ ଛାତିରେ ଝୁଲୁଛି ଅହରହ ଛାତି ହୋଇ
ଗଣୁଛି ଅବଶିଷ୍ଟ ପ୍ରେମାୟୁଶ ର ସ୍ପନ୍ଦନ କୁ **!!!**

ବେଲଗାଁ, ଏମ୍. ରାମପୁର
କଳାହାଣ୍ଡି

ବେଦାନ୍ତୀର ଆଗାମୀ ସଂଖ୍ୟାମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ପ୍ରତିମାସ**5** ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୧୯୮୪ - ଡାଃ ଏସ୍.ଏନ୍. ଫେଦେରଭ

୧୯୮୦ର ଅନୁଭୂତି । ଡାଃ କାର୍ଲ କୁଫରଙ୍କ ଟୀମ୍ ମୋ' ଦ୍ୱାରା ଆୟୋଜିତ ନେତ୍ର ଶିବିର ପରିଦର୍ଶନ କରିଥିଲେ । ସେମାନଙ୍କୁ ମୋ'ର କେଉଁ କାର୍ଯ୍ୟକଳାପ ଭଲ ଲାଗିଥିଲା କହିବା ମୋ' ପକ୍ଷରେ ସମ୍ଭବ ନୁହେଁ, ମାତ୍ର ବାଲ୍‌ଟିମୋର ହେଡ୍ ଅଫିସ୍‌ରୁ ମୋ' ଟ୍ରେନିଂ ପାଇଁ ଆହ୍ୱାନ ଆସିଥିଲା । ବାହାର ଦେଶରେ ଟ୍ରେନିଂ ପାଇଁ ଯିବାକୁ ହେଲେ ସରକାରୀ ଡାକ୍ତରମାନଙ୍କୁ ବହୁପ୍ରକାର ଫର୍ମାଲିଟି ସଂପୂର୍ଣ୍ଣ କରିବାକୁ ହୁଏ । ସମସ୍ତ କିଛି ପୂର୍ଣ୍ଣ କରିବା ପରେ ୧୯୮୨ ମସିହା ସେପ୍ଟେମ୍ବର ପ୍ରଥମ ତାରିଖରୁ ଯିବାର ସ୍ଥିର ହୋଇଥିଲା । ମୋ' ତରଫରୁ ମତେ ପରିବାର ଏବଂ ହସ୍‌ପିଟାଲ ଡିଉଟି ପାଇଁ ବହୁ କିଛି ଆୟୋଜନ କରିବାକୁ ପଡ଼ିଥିଲା । ହୁଏତ ଭିତିରି କଥା ବିଷୟରେ ମୁଁ ଅଜ୍ଞ ଥିଲି । ଯିବା ପାଇଁ ମାତ୍ର ଚାରିଦିନ ବାକି ଥିଲା । ମୋ' ପାଖକୁ ଅର୍ଡ଼ର ଆସିଲା, ଫିରୋଜପୁର ଝରକା କ୍ୟାମ୍ପ ଆର୍.ପି.ସେଣ୍ଟର୍ ପାଇଁ ।

ଖୁବ୍ ପ୍ରେସ୍‌ଟିଜିଅସ୍ । ତା'ଛଡ଼ା, ଆୟୋଜକମାନେ ମୋ' ଦ୍ୱାରା କରାଇବା ପାଇଁ ଇଚ୍ଛୁକ । ତେଣୁ ନିଜ ଟିମ୍‌ର ଆୟୋଜନ କରି ଦୁଇ ସପ୍ତାହ ପାଇଁ ଆଇ କ୍ୟାମ୍ପ ଯିବାକୁ ହେବ । ହୁଏତ ମୋ' ବାଲ୍‌ଟିମୋର ଯାତ୍ରା ବିଷୟରେ ସେ ଜାଣି ନାହାନ୍ତି ତେଣୁ ବାଲ୍‌ଟିମୋର ଅର୍ଡ଼ର ସହିତ ତାଙ୍କ ପାଖକୁ ଯାଇ ହତୋତ୍ସାହ ହୋଇ ଫେରିଲି ।

ଦୁଇ ବର୍ଷ ମଧ୍ୟରେ ବହୁକିଛି ବଦଳ ଯାଇଥିଲା । ଆମେରିକା ନ ଯାଇ ପାରିବାର ଦୁଃଖ ମଧ୍ୟ ମନ ଭିତରୁ ପ୍ରାୟ ଲିଭି ଯାଇଥିଲା । ସେଣ୍ଟର ମୁଖ୍ୟଙ୍କ ଠାରୁ ଡାକରା ଆସିଲା । କିଛି ଜରୁରୀ କାମ ଥାଇପାରେ! ପହଞ୍ଚି ଗଲି । ଆମେରିକା ନ ଯାଇ ପାରିବାର କ୍ଷତ ଲିଭି ଗଲାଣି ତ!

କ୍ଷତପୂର୍ଣ୍ଣ କରିବା ପାଇଁ ସମୟର ଅବଦାନ ବହୁତ ବେଶୀ ସାର୍ । ତେବେ ଅନ୍ୟ କିଛି ପ୍ରୋଗ୍ରାମ ବିଷୟରେ ଚିନ୍ତା କରିବା?

କିଛି ନ କହି ମୁଁ ଚୁପ୍ ରହିଲି । ଆସନ୍ତା ମାସ ଇଣ୍ଡୋରୁଷିଆ (ମସ୍କୋ) ଏକ୍ସଚେଞ୍ଜ ପ୍ରୋଗ୍ରାମ ପାଇଁ ସେଣ୍ଟର୍‌ରୁ ଛଅ ଜଣଙ୍କର ନାମ ମନୋନୀତ କରାଯାଇଛି । ତୁମେ ସେମାନଙ୍କ ମଧ୍ୟରୁ ଜଣେ । ତୁମକୁ ଜଣାଥିବ, ଫେଦେରଭ୍ ଇନ୍‌ଷ୍ଟିଚ୍ୟୁଟ୍ ରେଡ଼ିଆଲ କେରାଟୋଟୋମୀ ପାଇଁ ବିଶ୍ୱପ୍ରସିଦ୍ଧ । ସେଠାରୁ ଗୋଟିଏ ମାସ ଅଭିଜ୍ଞତା ଲାଭ କରି ଆସିବା ପରେ ଆମେ ଭାରତରେ ରିଫ୍ରାକ୍‌ଟିଭ ସର୍ଜରୀ (ଆର୍.କେ) ଆରମ୍ଭ କରିବା । ମୋ'ର ତୁମ ଉପରେ ଅଗାଢ଼ ବିଶ୍ୱାସ ଅଛି, ଯିବାପାଇଁ ଘରେ ବ୍ୟବସ୍ଥା କର । ମାସଟାଏ କେମିତି ଗଡ଼ିଯିବ ଜଣା ପଡ଼ିବନି ।

ପ୍ରଫେସର ମଦନ ମୋହନଙ୍କୁ ଧନ୍ୟବାଦ ଜଣାଇ ଘରକୁ ଫେରିଲି । ପରିବାରରେ ଆମେ ମାତ୍ର ତିନିଜଣ । ପୁଅର ବୟସ ଖୁବ୍ ଅଳ୍ପ । ତଥାପି ମାତ୍ର ମାସକର କଥା । ଆମେରିକା ଯାତ୍ରା ପାଇଁ ବହୁଜଣଙ୍କୁ ପୁଅର ଦାୟିତ୍ୱ ନେବାପାଇଁ ଅନୁରୋଧ କରି ହତୋତ୍ସାହ ହୋଇଥିଲୁ। ବର୍ତ୍ତମାନ ମାସକ ଭିତରୁ ଦୁର୍ଗା ପୂଜା ଏବଂ ଦୀପାବଳୀ ଛୁଟୀ, ରବିବାର ପ୍ରାୟ ପନ୍ଦରଦିନ ।

ତେଣୁ ଅନ୍ୟ କାହାଠାରୁ ସାହାଯ୍ୟ ଭିକ୍ଷା ନ କରି ସ୍ୱାମୀ ଯୋସେଫ୍ ଏବଂ ବୀରର ସାହାଯ୍ୟ ନେଇ ଚଳାଇନେବେ ବୋଲି ସ୍ୱୀକୃତି ପ୍ରଦାନ କଲେ । ମୋ'ର ପ୍ରଥମ ବିଦେଶ ଯାତ୍ରା, ତେଣୁ ଖୁବ୍ ସତର୍କତା ସହ ଯିବାପାଇଁ ଆୟୋଜନ କଲି । ସେଣ୍ଟର ତରଫରୁ ଟିକେଟ୍, ଭିସା ପ୍ରଭୃତି ଯୋଗାଡ଼ କରାଯାଇଥିଲା । ସର୍ବୋପରି ଆମେ ଛଅଜଣ ଯାଉଥିଲୁ । ତେଣୁ ମନକୁ ଟିକିଏ ବି ଭୟ ଆସୁ ନ ଥିଲା ।

ଏହା ପୂର୍ବରୁ କେତେଥର ଉଡ଼ାଜାହାଜରେ ଭ୍ରମଣ କରିଥିଲେ ମଧ୍ୟ ଏହା ବହୁ ସମୟ ପାଇଁ। ତା'ଛଡ଼ା ଏୟାର ଇଣ୍ଡିଆରେ ପ୍ରଥମ ଯାତ୍ରା । ଆମେ ଛଅଜଣ ଗୋଟିଏ ଲାଇନ୍‌ରେ ବସିଥିଲୁ। ଏୟାର ଇଣ୍ଡିଆର ସମସ୍ତ କର୍ମଚାରୀ ଭାରତୀୟ । ତେଣୁ ବହିର୍ଦେଶକୁ ଯାଉଥିଲୁ ବୋଲି ମନେ ହେଉ ନ ଥିଲା । ଅଳ୍ପ ସମୟ ପରେ ଦେଖାଗଲା । ଡାଃ ଘୋଷ ନିଜ ବସିବା ସ୍ଥାନ ଛାଡ଼ି ଏପଟ ସେପଟ ହେଉଛନ୍ତି । ଆମେ ଚାରିଜଣ ଜୁନିଅର ଏବଂ ଦୁଇଜଣ ପ୍ରଫେସର ଥିଲେ । ଡାଃ ଘୋଷଙ୍କ ଇତଃସ୍ତତଃ ଭାବ ଦେଖି ଡାଃ ସତପାଲ୍ ଏବଂ ଡାଃ ଆଜାଦ୍ କିଛି କହିବା ଆରମ୍ଭ କରୁଥିଲେ । ପ୍ରଫେସର ସୁଦ୍ ଏବଂ ପ୍ରେମପ୍ରକାଶ ସେ ଦୁହିଙ୍କୁ ବାରଣ କଲେ । ବହୁ ସମୟ ଅନ୍ୟ ସ୍ଥାନରେ ବସିବା ପରେ ଲଞ୍ଚ ଟାଇମ୍‌କୁ ଡାଃ ଘୋଷ ଆମମାନଙ୍କ ପାଖକୁ ଆସିଗଲେ ।

ଫ୍ରି ମିଳେ । ଆଉ ଦୁଇଟା ପେଗ୍... ଡାଃ ସୁଦ୍ ଆଜାଦକୁ ଆଗକୁ ନ କହିବା ପାଇଁ ବାରଣ କଲେ । ସମସ୍ତେ ଭେଜିଟେରିଆନ ଥିଲୁ । ଭାରତୀୟ ଖାଦ୍ୟର ଉପଯୁକ୍ତ ବ୍ୟବହାର କଲୁ । ଯା' ଭିତରେ ପ୍ରଫେସର ସୁଦ୍ କର୍ମଚାରୀ ଏବଂ ପାଇଲଟ୍‌ଙ୍କ ସହ କ'ଣ ଆଲୋଚନା କରିଥିଲେ କେଜାଣି ଆମ ମାନଙ୍କର ନାମ ଜଣକ ପରେ ଜଣେ କକ୍‌ପିଟ୍ ଯିବା ପାଇଁ ଘୋଷଣା କରାଯାଇଥିଲା । କକ୍‌ପିଟ୍‌ରୁ ବାହାରର ସେଇ ମନୋରମ ଦୃଶ୍ୟ । ଆଜି ମଧ୍ୟ ମନ ଭିତରେ ଲେସି ହୋଇ ରହିଛି ।

ଏତେଟା ମନୋରଞ୍ଜନ ମଧ୍ୟରେ ଯେମିତି ଏକ ଧକ୍କା । ପ୍ରଫେସର ପ୍ରେମପ୍ରକାଶ କହୁଥିଲେ "ଚଳି ଆସୁଥିବା ପ୍ରଥା ଅନୁସାରେ ମସ୍କୋରୁ ଫେରିବା ପରେ କ୍ଲାସ୍‌ରେ ଅନୁଭୂତି ପ୍ରେଜେଣ୍ଟ କରିବାକୁ ହୁଏ । ତେଣୁ ତୁମ ଚାରିଜଣଙ୍କ ମଧ୍ୟରୁ ଜଣେ ଏ ଦାୟିତ୍ୱ ବହନ କର। ମତେ ବାଦ୍ ଦେଇ ତିନିଜଣ ଯାକ କିଛି ନା କିଛି କହି ନିଜର ପ୍ରତିରକ୍ଷା କରିବାର ପ୍ରୟାସ କରୁଥିଲେ । ସମସ୍ତଙ୍କର ଦୃଷ୍ଟି ମୋ' ପ୍ରତି ଆକର୍ଷିତ ହେଲା, ଇଏ ଚୁପ୍‌ଚାପ୍ ବସିଛି । ଏଇ କରିବ । କହିଲା ସତ୍‌ପାଲ୍ ।

ମୁଁ କଥାର ମର୍ମ୍ମ ନ ବୁଝି କହିଲି, ଜାଣିଛି, ସମସ୍ତଙ୍କୁ କରିବାକୁ ହେବ । ପ୍ରଫେସର ମଦନ ମୋହନ କହୁଥିଲେ । ସେଇ ଦିନଠାରୁ ମୁଁ ବହୁ କିଛି ତଥ୍ୟ ସଂଗ୍ରହ କରି ପଢ଼ିବା ଆରମ୍ଭ

କରି ଦେଇଛି । ତା'ଛଡ଼ା ଯାହା ଶିଖିବା, ଯାହା ଦେଖିବା ତା'ର ମଧ୍ୟ ବିବରଣୀ ଦେବା । ଦେବା ନୁହେଁ ଦେବୁ । ତୁ ବିବରଣୀ ଦେବୁ । ଗ୍ରୁପ୍‌ର ଜଣକୁ ଦେବାକୁ ହୁଏ । ତେବେ ଡାଃ ଘୋଷ ଦେବେ । ପ୍ରଥମତଃ ତାଙ୍କର ଇଂଲିଶ୍ ବହୁତ ଭଲ । ତା'ଛଡ଼ା ସେ ବହୁ ଦେଶ ବିଦେଶ ଭ୍ରମଣ କରିଛନ୍ତି ।

ସୁପ୍ରିୟୋ... ନାଁ... ନାଁ... ତେବେ ସେଦିନ କ୍ଲାସ୍ ଆଠଟାରୁ ପାଞ୍ଚଟା ହୋଇଯିବ । ବିଚରା ରୋଗୀମାନେ, କହିଲେ ପ୍ରଫେସର ପ୍ରେମପ୍ରକାଶ ।

ଆଚ୍ଛା ଦେଖିବା । ପର କଥା ପରେ । ଏବେ ଶୁଣିବା ଅନୀତା କ'ଣ ସବୁ ପଢ଼ିବା ଆରମ୍ଭ କରିଛି । କଥା ବାଆଁରେଇବାର ପ୍ରୟାସ କଲେ ପ୍ରଫେସର ସୁଦ୍ ।

ସେମିତି ବେଶୀ କିଛି ନୁହେଁ ସାର୍ । କେବେଳ ଡାଃ ଫେଦେରଭ୍‌ଙ୍କ ବିଷୟରେ –ଆଚ୍ଛା କହ, ସମସ୍ତେ ଶୁଣିବା ।

୧୯୨୭ରେ ଡାଃ ଫେଦେରଭଙ୍କର ଜନ୍ମ ଇଉକ୍ରେନର ପ୍ରସକୁରଭ ସହରରେ ହୋଇଥିଲା । (ବର୍ତ୍ତମାନ ତାହା କୋମେଲନଷ୍ଟି) । ତାଙ୍କର ମାତା ପିତା ରୁଷ ଦେଶର! ୧୯୫୨ରେ ଫେଦରଭ ରସ୍ତୋର ଅନ୍ ଡନ୍ ମେଡ଼ିକାଲ୍ ସ୍କୁଲରୁ ଏମ୍.ବି.ବି.ଏସ୍ ସଂପର୍ଣ୍ଣ କରିଥିଲେ । ତା'ପରେ ସେ ରସ୍ତୋ ଆବାସ ନାମକ ଗୋଟିଏ ଛୋଟ ସହରରେ ନେତ୍ରରୋଗୀ ମାନଙ୍କୁ ପରୀକ୍ଷା କରୁଥିଲେ । ୧୯୫୩-୫୫ ପର୍ଯ୍ୟନ୍ତ ସେ ଲିସଭା ସିଟି ହସ୍‌ପିଟାଲ୍‌ରେ ମୁଖ୍ୟ ଭାବେ କାମ କରୁଥିଲେ । ତା'ପରେ ସେ ରସ୍ତୋ ମେଡ଼ିକାଲ୍ ସ୍କୁଲ୍‌ରେ ପୋଷ୍ଟ ଡକ୍‌ଟରାଲ୍ ଛାତ୍ର ରୂପେ ଯୋଗ ଦେଇଥିଲେ । ୧୯୫୭ରୁ ସେ ହେଲ୍‌ମହୋଜ୍ ଅପ୍‌ଥାଲମିକ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଚେକୋସାରୀ ଶାଖାର ଦାୟିତ୍ୱ ବହନ କରିଥିଲେ । ୧୯୬୦ ମସିହାରେ ସେ ରୁଷ୍‌ରେ ପ୍ରଥମ କୃତ୍ରିମ ଲେନ୍‌ସ ଆଖି ଭିତରେ ରୋପଣ କରିଥିଲେ । ୧୯୬୦ରୁ ୧୯୬୭ ପର୍ଯ୍ୟନ୍ତ ସେ ଆର୍ଖାଞ୍ଜେଲ୍ ମେଡ଼ିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ନେତ୍ର ବିଭାଗର ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ମସ୍କୋ ଆସିବା ପରେ ସେ କୃତ୍ରିମ ଲେନ୍‌ସ ଲାବୋରେଟୋରୀର ମୁଖ୍ୟ ରୂପେ ନିଯୁକ୍ତ ହେଲେ । ତାଙ୍କର ଗବେଷଣା କୃତ୍ରିମ କର୍ଣ୍ଣିଆ, ଗ୍ଲୁକୋମା ଏବଂ ମାୟୋପିଆ ଅପରେସନ ଉପରେ ଥିଲା । ୧୯୮୦ରେ ସେ ଆଇ ମାଇକ୍ରୋସର୍ଜରୀ ଫାଉଣ୍ଡେସନ

ଗଢ଼ିଥିଲେ ଯାହାର ନାମ ଗତବର୍ଷ ଅର୍ଥାତ୍ ୧୯୮୩ରେ ଆଇ ମାଇକ୍ରୋସର୍ଜରୀ ସେଣ୍ଟର ରୂପେ ପ୍ରତିଷ୍ଠା କରିଥିଲେ । ସେ ରୁଷ୍ ଏକାଡ଼େମୀ ସାଇନ୍ସର ମେମ୍ବର ଏବଂ ଅଲ୍ ରୁଷ୍ ସାଇଣ୍ଟିଫିକ୍ ସୋସାଇଟିର ଚେୟାରମ୍ୟାନ୍ । ଏତଦ୍ ବ୍ୟତୀତ ସେ ସରକାରୀ ସ୍ତରରେ ବହୁ ସମ୍ମାନ ଲାଭ କରିଛନ୍ତି । ତତ୍‌ମଧ୍ୟରୁ ପାଲିଓଲଗ୍ ଏବଂ ପେରିକ୍ ଲେସ୍ ପ୍ରାଇଜ ପ୍ରମୁଖ ।

ଡାଃ ଫେଦେରଭ ପ୍ରଥମ କରି ବିଶ୍ୱରେ କନ୍‌ଭେୟର ବେଲ୍‌ଟି ସିଷ୍ଟମ ଅପରେସନ୍ ରୁମ୍‌ରେ ପ୍ରତିଷ୍ଠା କରିଥିଲେ । ମାୟୋପିଆ ସର୍ଜରୀର ସେ ପ୍ରଥମ ସୂତ୍ରଧାର । ତାଙ୍କରି ପାଖକୁ ମୁଁ ରେଡ଼ିଆଲ୍ କେରାଟୋଟୋମୀ ଶିଖିବାକୁ ଯାଉଛି ।

ବାସ୍... ବାସ୍... ବାସ୍... ଏତିକ କହିଦେଲେ ତ ସମସ୍ତେ ଖୁସି । ତା'ଛଡ଼ା ସେଠାରେ କ'ଣ ସବୁ ଶିଖିଲୁ ତାହା ମଧ୍ୟ ଯୋଡ଼ିବୁ । ବର୍ତ୍ତମାନ ପାଇଁ ଏ ସବୁ ବନ୍ଦ କରି ଭଲ ଭାବେ ମାସକ ପାଇଁ ଭାରତୀୟ ଖାଇବା ପେଟ ଭର୍ତ୍ତି କରି ଖାଇନଅ । ସେଠାରେ କେବଳ ବ୍ରେଡ୍, ବଟର୍ ଚଜ୍ ଖାଇବାକୁ ମିଳବ ।

ପ୍ରଫେସର ସୁଦ୍‌ଙ୍କ କଥା କାଟି କହିଲେ ପ୍ରଫେସର ପ୍ରେମପ୍ରକାଶ । ରୁଟି, ଡାଲି ମିଳବନ? ଧେତ୍ କେମିତିକା ଦେଶଟାଏ – ବ୍ରେଡ୍ ତ କେବଳ ଜଳଖିଆ ପାଇଁ ବ୍ୟବହାର ହୁଏ । ପୁଣି ମୋ' ଆଡ଼କୁ ଗ୍ରହିଁ କହିଲ୍ ସପୋଲ୍, ତୁ କାହିଁକ ଖିଁ ଖିଁ ହେଉଛୁ?

ତୁ ତ ପବନାହାରୀ । ମାସକରେ ଆମେ ସଢ଼ିଯିବୁ । ଏଇତକ ଏତେ ଯୋର କରି କହିଲ୍ ଯେ ଅନ୍ୟ ଯାତ୍ରୀମାନେ ଆଶ୍ଚର୍ଯ୍ୟ ହୋଇ ଗ୍ରହିଁଲେ । କ'ଣ ହେଲ୍ ବୋଲି ଏୟାର ହୋଷ୍ଟେସ୍ ଦଉଡ଼ି ଆସିଲ୍ । ପ୍ରଫେସର ସୁଦ୍ ସାଇଡ୍ ସିଟ୍‌ରେ ବସିଥିଲେ, ତାକୁ ବୁଝାଇ ଦେଲେ ଆଚ୍ଛା ଏବେ ଘୋଷ ବାବୁଙ୍କୁ ପଗ୍ଚରିବା ସେ କ'ଣ ଖାଇବେ । କହିଲେ ଡାଃ ଆଜାଦ୍ । ସୁପ୍ରିୟୋ ପାଇଁ ଚନ୍ତା କରନା ଗ୍ରଜ । ସେ କେବଳ ଚକେନ୍ ଖାଇବ । ମନ୍ତବ୍ୟ ଦେଲେ ପ୍ରଫେସର୍ ପ୍ରେମପ୍ରକାଶ ।

ଫ୍ଲାଇଟ୍‌ରୁ ଓହ୍ଲାଉ ଓହ୍ଲାଉ ଜଣେ ଭଦ୍ରମହିଳା ଆମ ମାନଙ୍କ ନକଟରେ ପହଞ୍ଚିଲେ । କଷ୍ଟମ୍ କ୍ଲିଅରାନ୍ସ ପାଇଁ କଛି ବି ସମୟ ନଷ୍ଟ ହୋଇ ନ ଥିଲ୍ । ଆମମାନଙ୍କୁ ନେଇ ଏକ ସୁନ୍ଦର

ହୋଟେଲ୍‌ରେ ରଖାଇ ଷ୍ଟାରୁ କଛି ବ୍ରେଡ୍, ବଟର ଚଜ୍ କଣାଇ ଦେଇଥିଲେ, ବାହାରକୁ ବାହାରିବା ପାଇଁ ବାରଣ କରି ବିଦାୟ ନେଲେ । ମିଶା ଅଳ୍ପ କଛି କଛି ଗ୍ରହି ଭୋଜନ ଶେଷ କରି ଆମେ ବିଶ୍ରାମ ନେଲୁ ।

ତହିଁ ଆରଦିନ ସକାଳ ସାତଟାରେ ଅନ୍ୟ ଜଣେ ଭଦ୍ରମହିଳାଙ୍କ ସହ ମିଶା ରିସେପସନ୍‌ରେ ଆମମାନଙ୍କ ପାଇଁ ଅପେକ୍ଷା, ଆମ ସଂଗେ ରହିବ କହି ଗାଡ଼ି ଚଲାଇବା ପାଇଁ । ମିଶା ଡ୍ରାଇଭରକୁ ନର୍ଦ୍ଦେଶ କଲେ । ପ୍ରଫେସର ଫେଦେରଭଙ୍କୁ ବହୁଜଣ ଟାଇଗର୍ ନାମରେ ସମ୍ବୋଧନ କରନ୍ତି ବୋଲି ଶୁଣିଥିଲୁ । ତାଙ୍କୁ ଦେଖିବା ପରେ ଆମର ସନ୍ଦେହ ଦୂର ହୋଇଗଲା । ପ୍ରଫେସର ସୁଦ୍ ଏବଂ ପ୍ରଫେସର ପ୍ରେମପ୍ରକାଶ ତାଙ୍କ ସଂଗେ ଦୈନନ୍ଦିନ କାର୍ଯ୍ୟକଳାପ ବିଷୟରେ ବହୁ ସମୟ ଆଲୋଚନା କଲେ । ଆମେ ଗ୍ୱରିଜଣ କେବଳ ଶୁଣୁଥିଲୁ । କଫି ଆସର ସମୟରେ ପୁର୍ ମାସକର ପ୍ରୋଗ୍ରାମ ବିଷୟରେ ଆମକୁ ବିବରଣୀ ଦେଲେ ।

ଡ଼ାଃ ଢ୍ରେଭ ଆମକୁ ସଂପୂର୍ଣ୍ଣ ଇନ୍‌ଷ୍ଟିଚ୍ୟୁଟ୍ ବୁଲାଇ ଦେଖାଇଲେ । କହିଲେ ଫେଦେରଭଙ୍କର ଅଫିସ ସଂଗେ ସମସ୍ତ ଅପରେସନ ଥିଏଟର ସିସି ଟିଭି ଦ୍ୱାର୍ ସଂପୃକ୍ତ । ଡ଼ାଃ ଫେଦେରଭଙ୍କୁ ସମସ୍ତେ ଟାଇଗର ଆଖ୍ୟା ଦେଇଥାନ୍ତି । କେଉଁ ଗୋଟିଏ ବି ଷ୍ଟେପ୍‌ରେ ଭୂଲ୍ ହେଲେ ଓଟିକୁ ତାଙ୍କର ଗମ୍ଭୀର ସ୍ୱର ଶୁଣା ଯାଇଥାଏ । ଖୁବ୍ ଇମ୍ପ୍ରେସିଭ ମନେ ହେଲା । ତହିଁ ଆରଦିନ ସକାଳେ ଆମେ ଓଟି ଗଲୁ । ଆମ ଓଟି ମାନଙ୍କ ଭଳ ସେଠାରେ ସର୍ଜନ ମୁଭ୍ କରନ୍ତିନ । ଗୋଟିଏ ଷ୍ଟେପ୍ ଶେଷ ହେଲା ପରେ ରୋଗୀର ଟେବୁଲ୍ ପରବର୍ତ୍ତୀ ଷ୍ଟେପ୍ ପାଇଁ ଡାହାଣକୁ ମୁଭ୍ କରିଥାଏ ଏବଂ ବାମ ପାଶ୍ୱର୍ରୁ ଅନ୍ୟ ଏକ ରୋଗୀର ଟେବୁଲ୍ ଆସି ଖାଲି ସ୍ଥାନ ଅଧିକାର କରିଥାଏ । ରିଏଲି ଇଣ୍ଟେରଷ୍ଟିଙ୍ଗ୍ । ଆମ ରହଣୀ ଭିତରେ ଆମେ ବହୁତ କଛି ଶିଖିବାର ସୁଯୋଗ ପାଇଥିଲୁ । ଆଉ ଗୋଟିଏ ଟ୍ରିପ୍ ଓଡ଼ିଶା ପାଇଁ କରିବାକୁ ସେ ମତ ପ୍ରଦାନ କରିଥିଲେ ।

ଲାଧା ସବୁଦିନ ଆମକୁ ହସ୍‌ପିଟାଲ୍‌ରୁ ହୋଟେଲ୍ ଆଣିବା ସମୟରେ ଗୋଟିଏ ଗୋଟିଏ ଦର୍ଶନୀୟ ସ୍ଥାନ ଦେଖାଇଥାଏ ଯା' ଭିତରେ ଆମେ କ୍ରେମ୍‌ଲିନ୍, ରେଡ୍ ସ୍କୋୟାର୍, ପିଟର୍ ହଫ ପ୍ୟାଲେସ୍, ଉଇଣ୍ଟର ପାଲେସ, ହରମିଟେଜ୍ ମ୍ୟୁଜିଅମ୍, ବୈକଲ ଲେକ୍ ଇତ୍ୟାଦି

ଇତ୍ୟାଦି ବୁଲି ଦେଖ ସାରିଥିଲୁ ସିନା ମାତ୍ର ଆମେମାନେ ବନ୍ଦୀ କହିଲେ ଭୁଲ୍ ହେବନି । କାରଣ ଗାଡ଼ିରୁ ଓହ୍ଲାଇ ପୁଣି ଭିତରେ ପଶିବା ପର୍ଯ୍ୟନ୍ତ ଲିଧା ଆମ ସଂଗେ ସଂଗେ ଥାଏ । ଚୁପ୍ ଚୁପ୍ କରି ପ୍ରଫେସର ପ୍ରେମପ୍ରକାଶ ବହୁବାର କହିଥାନ୍ତି, ବନ୍ଦୀ ଆଉ ଆମ ଭିତରେ କିଛି ଫରକ୍ ନାହିଁ । ଦେଶଟା ସେମିତି । ଯେ ଦେଶ ଯାଇ ସେ ଫଳ ଖାଇ । ମନ୍ତବ୍ୟ ଦେଲେ ପ୍ରଫେସର ସୁଦ୍ ।

ଆମ ମାନଙ୍କର ମସ୍କୋ ପ୍ରଥମ ଭିଜିଟ୍ ଥିଲେ ମଧ୍ୟ ଡାଃ ଘୋଷ(ସୁପ୍ରିୟୋ) ପୂର୍ବରୁ ତାଙ୍କ ବାପାଙ୍କ ସଂଗେ ବହୁ ଦେଶ ଭ୍ରମଣ ସହ ମସ୍କୋ ମଧ୍ୟ ଯାତ୍ରା କରିଥିଲେ । ତେଣୁ ସେ ଆନ୍ନାଙ୍କୁ ଆମମାନଙ୍କୁ ସେଣ୍ଟ ପିଟର୍ସବର୍ଗ ଏଫ୍ ମାନ୍ ବାଲେ ଦେଖାଇବା ପାଇଁ ଅନୁରୋଧ କରିଥିଲେ । ଟିକେଟ୍ ଅଭାବରୁ ଆମ ଆସିବା ପୂର୍ବଦିନ ଦେଖିବାର ସୌଭାଗ୍ୟ ମିଳିଲା । ସେଠାରେ ଆମେ ଜାଣିବାକୁ ପାଇଲୁ ଯେ ବାଲେ ଟିକେଟ୍ ଖୁବ୍ ଦାମ୍ । ଲିଧାଙ୍କୁ ପଚାରିଥିଲୁ କମନ୍ ମ୍ୟାନ୍ ଏହା କେମିତି ଦେଖିବାକୁ ସକ୍ଷମ ହୁଅନ୍ତି?

ତାଙ୍କର ଉତ୍ତର ଥିଲା, ଉଣେଇଶ ଶତାବ୍ଦୀରେ କମନ୍ ମ୍ୟାନ୍ଙ୍କ ପାଇଁ ଶସ୍ତା ଟିକେଟ୍ ମିଳୁଥିଲା । ସେଥିପାଇଁ ଅଲଗା କାଠ ବେଞ୍ଚରେ ବସିବାର ବ୍ୟବସ୍ଥା ଥିଲା ଯାହାକୁ ସ୍ୱର୍ଗ ବା ପାରାଡ଼ାଇଜ୍ ଗ୍ୟାଲେରୀ କୁହାଯାଇଥାଏ । ବର୍ତ୍ତମାନ ସେ ସୁବିଧା ଆଉ ନାହିଁ । ବର୍ତ୍ତମାନର ଲକ୍ଷ୍ୟ ହେଲା ତାଙ୍କ ସଂସ୍କୃତିର ପ୍ରଚାର ।

ଆଉ ଏକ ଘଟଣା । ବ୍ରେଡ୍, ବଟର, ଚଜ୍ ଖାଇ ଖାଇ ଆମ ସମସ୍ତଙ୍କୁ ବିଢ଼ିବିଢ଼ା ଲାଗି ଯାଇଥିଲା । ସମସ୍ତେ ମତ ଦେଲେ ମିଶା (ଡ଼ାଃ ଫେଦେରଭଙ୍କ ପିଏ) ସଂଗେ ମୋ'ର ଘନିଷ୍ଠତା ଖୁବ୍ ବେଶୀ । ତେଣୁ ତାଙ୍କୁ କହିବି ଆମ ପାଇଁ କିଛି ଗରମ ଖାଦ୍ୟର ବ୍ୟବସ୍ଥା କରିବେ । ସେଇଆ ହେଲା । ମିଶା ଆମ ପାଇଁ ଛଅଟି ସୁପ୍ ପ୍ୟାକେଟ୍ ଆଣିଦେଲେ । ଗରମ ପାଣିରେ ମିଶାଇ ପିଇବାକୁ ହେବ । ମସ୍କୋର ପ୍ରସିଦ୍ଧ ସୁପ୍ । ଖୁବ୍ ସୁସ୍ୱାଦୁ । ହୋଟେଲ୍‌ରେ ପହଞ୍ଚି ସନ୍ଧ୍ୟାରେ ମୋ'ର କାମ ଆରମ୍ଭ ହେଲା । ରଡ୍ ସାହାଯ୍ୟରେ ଗରମ ପାଣି କରି ଜଣ ଜଣ କରି ପିଇବାକୁ ଦେଲି । ଆଃ... କେତେଦିନ ପରେ ମଣିଷକୁ ଟିକିଏ ଗରମ ଜିନିଷ ମିଳିଲା... ଏମିତି ସବୁ ମତାମତ ସମୟରେ ସତ୍‌ପାଲ୍ ଖୁବ୍ ଜୋର୍‌ରେ କହିଲା "ବକ୍‌ବାସ୍!

ତୁ ଯେମିତି ତୋ ସହେଲୀ ସେମିତି । ଏ ଗୁଡ଼ା ମଣିଷ ପିଅନ୍ତି!!!”

ତହିଁ ଆରଦିନ ସକାଳେ ଲିଧା ଆମକୁ ନେବାକୁ ଆସିଲି । ସଂଗରେ ମିଶା ମଧ ଥିଲି । ପ୍ରଥମେ ଗୁଡ୍ ମର୍ଣ୍ଣିଙ୍ଗ୍ କହି ପରେ ପରେ କହିଲେ, ମୁଁ ବହୁ ଦୁଃଖୀତା ଡାଃ ପଣ୍ଡା । ସୁପ୍ ଓ୍ୱାଜ୍ ନଟ୍ ଗୁଡ୍ । ତେଣୁ ଆପଣଙ୍କୁ ବହୁ କଛି ଶୁଣିବାକୁ ମିଳଲି । ସେଦିନ ହୋଟେଲ୍ ଫେରିବା ପୂର୍ବରୁ ଆମକୁ ସେ ଗୋଟିଏ ରେଷ୍ଟୁରାଣ୍ଟ ନେଇଯାଇଥିଲେ । ଡାଃ ସୁପ୍ରିୟୋ ଘୋଷ ତାଙ୍କର ନନ୍‌ଭେଜିଟେରିୟାନ୍ ଡିସେସ୍ ଏଞ୍ଜୟ କରୁଥିବା ସମୟରେ ଆମେ ସବୁ ଗରମ ଆଳୁକୁ ଚକଟି ବଟର ଲୁଣ ମିଶାଇ ଖାଇବାରେ ଲାଗିଲୁ ।

ହୋଟେଲ୍‌ରେ ପହଞ୍ଚିବା ପୂର୍ବରୁ ପ୍ରଫେସର ପ୍ରେମପ୍ରକାଶ କହିଥିଲେ ଏଠା ରୁମ୍ ମାନଙ୍କରେ ମାଇକ୍ରୋଫୋନ୍ ଫିଟ୍ ହୋଇଥାଏ, ଯାହା କଛି କଥାବାର୍ତ୍ତା ଇଣ୍ଟରପ୍ରିଟର ମାନଙ୍କ ଦ୍ୱାରା ଅନୁବାଦ କରାଯାଇଥାଏ । ରୁମ୍‌ରେ ଯାଡୁ ସାଡୁ କଥାବାର୍ତ୍ତା କରିବନ ।

ମାଇକ୍ରୋଫେନ୍ ତ! ସିସି ଟିଭି ନୁହେଁ । ରାଜବର୍ଦ୍ଧନର ମନ୍ତବ୍ୟ । ସମସ୍ତେ ଜୋର୍‌ରେ ହସି ଉଠିଲେ ।

ଭାରତ ଫେରିବା ଅଳ୍ପଦିନ ପୂର୍ବରୁ ଆମେ ଇଣ୍ଡିଆନ୍ ଆମ୍ବାସାଡ଼ରଙ୍କ ଅଫିସ୍‌କୁ ସାକ୍ଷାତ କରିବାକୁ ଯାଇଥିଲୁ । ତାଙ୍କ ସଂଗେ ମୋ'ର ପୂର୍ବର ପରିଚୟ । ଫେରିବା ସମୟରେ ମୁଁ ଭାଉଜଙ୍କ ବିଷୟରେ ପଚାରିଥିଲି । ଧୀର ଭାଇ ଆମ ସମସ୍ତଙ୍କୁ ତାଙ୍କ ଘରକୁ ରାତି ଭୋଜ ପାଇଁ ନିମନ୍ତ୍ରଣ କରିଥିଲେ । ରାତି ଭୋଜରୁ ହୋଟେଲ୍ ଫେରିବା ସମୟରେ ଡାଃ ପ୍ରେମପ୍ରକାଶ ମନ୍ତବ୍ୟ ଦେଇଥିଲେ “ସୋମାଲୟରୁ ଫେରିଥିବା ମଣିଷ ଭଳି ତୁମେମାନେ ଖାଦ୍ୟ ପଦାର୍ଥ ଉପରକୁ ଡେଇଁ ପଡ଼ିଥିଲ” । ଡାଃ ସୁଦ୍ ମଜା କରି କହିଲେ ଭୋଜନ ଶୟନରେ ଲଜ୍ଜ୍ୟା କରାଯାଏନା ।

ତହିଁ ଆରଦିନ ଲିଧା ଆମମାନଙ୍କୁ ସପିଙ୍ଗ୍ ବିଷୟରେ ପ୍ରଶ୍ନ କରିଥିଲେ । ସେଦିନ ପ୍ର: ପ୍ରେମପ୍ରକାଶଙ୍କ ଅସୁସ୍ଥତା ଯୋଗୁ ଆପଣମାନଙ୍କର ସପିଙ୍ଗ୍ ରେ ବ୍ୟାଘାତ ଘଟିଥିଲି । ବର୍ତ୍ତମାନ ଆପଣମାନଙ୍କ ହାତରେ ସମୟ ଖୁବ୍ ଅଳ୍ପ ଅଛି । ଯିବାକୁ ଇଚ୍ଛା ଥିଲେ

ଆସନ୍ତାକାଲି ଯାଇପାରିବା । ଆମେ ସମସ୍ତେ ରଷିୟାନ୍ ଓଭରକୋର୍ଟ ବିଷୟରେ ବହୁ ପ୍ରଶଂସା ଶୁଣିଥିଲୁ ।

ପ୍ର: ପ୍ରେମପ୍ରକାଶ ତାଙ୍କ କୋର୍ଟ ଦେଖାଇ କହିଲେ "ଏଇଟା ମୋ'ର ପୂର୍ବ ଭିଜିଟ୍‌ର କୋର୍ଟ ହେଲେ ସେଥିପାଇଁ ସ୍ପେସିଆଲ୍ ଷ୍ଟୋର୍ ଯିବାକୁ ହେବ । ଲ୍ଧା ପାଳ ଧରିଲା, "ୟେସ୍ ଡକ୍ଟର, ସମସ୍ତ ଇଣ୍ଡିଆନ୍ ମାନେ ଚିଲ୍ଡ୍ରେନ୍ ଷ୍ଟୋର୍‌ରୁ ଗାର୍ମେଣ୍ଟ କଣିଥାନ୍ତି । ତାହାହିଁ ସେମାନଙ୍କୁ ଫିଟ୍ କରେ ।"

ପ୍ର: ପ୍ରେମପ୍ରକାଶଙ୍କ ମସ୍କୋ ବିଷୟରେ ବହୁ ଜ୍ଞାନ ଥିଲା । ସେଠାର କଟ୍ ଗ୍ଲାସ୍ ଆଉ କଟ୍‌ଲରୀର ବହୁ ପ୍ରଶଂସା କରିଥିଲେ । ମୋ'ର କଟ୍ ଗ୍ଲାସ୍ ବହୁ ପ୍ରିୟ ବୋଲି ସମସ୍ତଙ୍କୁ ଜଣାଥିଲା । ସତ୍‌ପାଲ୍ କହିଲା ୟା' ପସନ୍ଦ ଦୋକାନକୁ ଆମେ ପ୍ରଥମେ ଯିବାନ । କଟ୍‌ଲରୀ କଣି ସାରିବା ପରେ ଚନ୍ତା କରିବା । ସେଇଆ ହେଲା । ସମସ୍ତେ ମିଶି କଟଲରୀ ପସନ୍ଦ କରୁଥିଲୁ । ସତ୍‌ପାଲ୍ ମୋ' ଉପରେ ମନ୍ତବ୍ୟ ଦେଇ ଗ୍ଲିଥିଲା ।" ରନ୍ଧା ତ ଆସେ ନା ସୁନ୍ଦର କଟଲରୀ ରେଷେୟା ପାଇଁ କଣୁଛୁ! ହଠାତ୍ ଆମେ ଅନୁଭବ କଲୁ ପ୍ର: ପ୍ରେମପ୍ରକାଶ ଅନ୍‌ଇଜି ଫିଲ୍ କରୁଛନ୍ତି । ଗୋଟିଏ ଷ୍ଟୁଲ୍ ଉପରେ ବସି ପାଣି ମଗାଇ ପିଇଲେ । ପ୍ର: ସୁଦ୍ ତାଙ୍କ ପାଖକୁ ଯାଇ ଯଥା ଶୀଘ୍ର ତାଙ୍କୁ କାଡ଼ିଓଲୋଜିଷ୍ଟ ପାଖକୁ ନେଇଗଲେ । କଟ୍‌ଲରୀ କଣିବା ସେଇଠି ବନ୍ଦ ହେଲା ପରେ ପରେ ଆମେମାନେ ମଧ ତାଙ୍କ ପାଖରେ ପହଞ୍ଚିଲୁ ।

ପ୍ର: ପ୍ରେମପ୍ରକାଶ ଗୋଟିଏ ବେଡ୍‌ରେ ଶୋଇଥିଲେ । ହସ୍‌ପିଟାଲ୍ କର୍ମଗ୍ଧରୀଙ୍କ ଆଦେଶ କ୍ରମେ ଆମେ ଜଣେ ଜଣେ କରି ତାଙ୍କ ପାଖକୁ ଗଲୁ । ସମସ୍ତଙ୍କୁ ସେ ଗୋଟିଏ କଥା କହୁଥିଲେ, "ମୁଁ ଭଲ ଅଛି, ଡା: ସୁଦ୍ ପାଖରେ ଅଛନ୍ତି । ତୁମେମାନେ ହୋଟେଲ୍ ଫେରିଯାଅ ।" ବାହାରି ଆସିବା ପାଇଁ ମୋ' ମନ ଜମା ମାନୁ ନ ଥିଲା । ପର୍ସରୁ ଗୋଟିଏ ରୁମାଲ୍‌ରେ ବନ୍ଧା ଥିବା ଆମ ଇଷ୍ଟଦେବଙ୍କର ଫୁଲ ତୁଳସୀ ତାଙ୍କ ତକଆ ତଳେ ରଖି ଭଗବାନ୍‌ଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି ରୁମ୍‌ରୁ ବାହାରକୁ ଆସିଲି ।

ପ୍ରଫେସର ପ୍ରେମପ୍ରକାଶ ଭଲ ହୋଇ ହୋଟେଲ୍ ଫେରିଥିଲେ । ଆମ ଆସିବା ଦିନ ବହୁତ ପାଖେଇ ଆସିଥିଲା । ଡାଃ ଫେଦେରଭଙ୍କର ଓଡ଼େଶା ଯିବାର ଥିଲା । ତେଣୁ ଆମ

ସମସ୍ତଙ୍କୁ ତାଙ୍କ ଅଫିସ୍‌କୁ ଡକାଇ ଥିଲେ । ଏହା ପୂର୍ବରୁ ଲୀଧା ଆମମାନଙ୍କୁ ଓଡ଼େଶା ବିଷୟରେ ବହୁ କଛି ବର୍ଣ୍ଣନା କରିଥିଲା । ଏହା ୧୭୯୪ରେ ସ୍ଥାପିତ ହୋଇଥିଲା । ୧୮୧୯ରୁ ୧୮୫୮ ପର୍ଯ୍ୟନ୍ତ ଏହା ଏକ ଫ୍ରି ପୋର୍ଟ ଥିଲା ଯାହା ସୋଭିଏଟ୍ ୟୁନଅନ୍‌ର ବହୁ ପ୍ରଖ୍ୟାତ ପୋର୍ଟ । ସେକେଣ୍ଡ ୱାର୍ଲଡ୍ ୱାର୍ ସମୟରେ ଏହା ୧୯୪୧ ଅଗଷ୍ଟ ମାସରେ ରୋମାନଆନ୍ ଏବଂ ଜର୍ମାନ ଟ୍ରୁପ୍ ଦ୍ୱାରା ଆକ୍ରାନ୍ତିତ ହୋଇଥିଲା । ଏଥିପାଇଁ ପାଞ୍ଚ ଅଗଷ୍ଟରୁ ଷୋହଳ ଅକ୍ଟୋବର ପର୍ଯ୍ୟନ୍ତ (୭୩ ଦିନ) ତିନ ଲାଇନ୍‌ରେ ଡିପେନ୍‌ସ ଆୟୋଜନ କରାଯାଇଥିଲା ଯେଉଁଥିପାଇଁ ଏହାକୁ ଡିସେମ୍ବର ବାଇଶ ୧୯୪୨ରେ ପଦକ ପ୍ରାପ୍ତ ହୋଇଥିଲା । ଦେଖିବାକୁ ଗଲେ ଓଡ଼େଶାର ପ୍ରଗତି ୧୯୬୦ରୁ ୧୯୭୦ ଭିତରେ ହୋଇଥିଲା ।

ଡ଼ାଃ ଫେଦେରଭ ଫିଲାଟୋଭ ଇନ୍‌ଷ୍ଟିଚ୍ୟୁଟ୍ ଯାଉଥିଲେ । ଖୁବ୍ ଆପ୍ୟାୟିତ ହୋଇ କହିଲି, "ଭି.ପି.ଫିଲାଟୋଭ ଫାଦର ଅଫ୍ କେରାଟୋପ୍ଲାଷ୍ଟି । ତାଙ୍କ ସହ ସାକ୍ଷାତ କରିବାର ସୌଭାଗ୍ୟ ମିଳପାରିଲାନ । ସତ୍‌ପାଲ୍ ଚୁପ୍ କରି କହିଲା, ମା' ପେଟରେ ରହି ଦେଖିନୁ!

ଚୁପ୍ କର - ୧୯୫୬ରେ (ଫିଲାଟଭ୍‌ଙ୍କର ତିରୋଧାନ) ମୁଁ ମୋ' ପେଟରେ ନ ଥିଲି । ତୁମକୁ ସାଂଗରେ ନେଇ ପାରିବିନ । ଆମ ଦେଶରେ ଖୁବ୍ ବେଶୀ ସୀମାବଦ୍ଧତା । ଭାରତରୁ ଅନୁମତି ନେଇ ଆସିବାକୁ ହେବ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

# ମୋ ବାହାଘର



ସଙ୍ଗୀତା ମହାନ୍ତି

ବୋଉଲେ ମୋ ବୋଉ ମତେ କରିବୁ ତୁ ପର
ବିଦା କରିଦେବୁ ମତେ ଶାଶୂଘର
କେମିତି ଛାଡି ରହିବି ତୁମକୁ
ପରଦେଶେ ନେଇ ଛାଡିଲୁ ମତେ
କେମିତି ଭୁଲିବି ମୁଁ ତତେ
କେତେ କଷ୍ଟ କରି ପାଠ ପଢେଇ ମଣିଷ କଲୁ
ହେଲେ ଆଜି ଅନ୍ୟ ହାତରେ ମତେ ଟେକଦେଲୁ
ଘରେ ମତେ କଣ୍ଢେଇ ପରି ରଖିଥିଲୁ
ଆଜି କାହିଁକି ମତେ ପର ଘରକୁ ପଠେଇ ଦେଲୁ
ବୋଉ ମତେ ହାଣ୍ଡିଶାଳ ମଡେଇ ଦେଇନ
ସେଇଠି କେମିତି ରାନ୍ଧିବି ମୁଁ ଜାଣିପାରୁନ
ଘରଠୁ ଦୂର କେବେ ମୁଁ ଜମା ହେଇନ
ଜୀବନ ଜଞ୍ଜାଳେ କେମିତି ଚାଲିବି ବୁଝି ପାରୁନ
ଏମିତି ଭାଗ୍ୟ କଣ ସବୁ ଝିଅଙ୍କର
ହେ ଈଶ୍ୱର ମତେ ରକ୍ଷା କର
ତୁମ ହାତ ବିନା ବାପା ମୁଁ ଚାଲିବା ଶିଖିନ
ଆଉ କାହା ହାତ ମୁଁ କେମିତି ଧରିବି
ସମ୍ପର୍କ ଛିଣ୍ଡାଇ କେମିତି ସମ୍ପର୍କ ଗଢିବି
ଘର ଛାଡି କେମିତି ସେ ଘରେ ରହିବି
ସଂସାର ର ଭାରକୁ ମତେ ଲଦି ଦେଇ

ଭାବୁଛ କି ତୁମ ବୋଝ ଦେବ କମେଇ
କାଢି ଦେବ ଘରୁ ମତେ ବିଦା କରି ଦେଇ
ମନରୁ କେମିତି କାଢିବ, ଦେବ କି କହି
ଶୁଣି ଯାଉଛି ମୁଁ ମୋ ଶାଶୁ ଘରକୁ
ରହିବି ସେଠି ଆଦରି ମୋ ଭାଗ୍ୟକୁ
କରମ କରିବି ନିଜ ଲୁହକୁ ନିଜେ ପିଇବି
ତୁମ ନା କେବେ ତଳେ ନ ପକାଇବି
ସର୍ବସଂହା ମୁଁ, ଯନ୍ତ୍ରଣା ଦୁଃଖ ସବୁ ମୋହର

ତୁଳସୀପୁର, ମଠସାହି

# ଉତ୍କଳ ଦିବସ



ସେବକାନ୍ତ ନନ୍ଦ

ସ୍ୱତନ୍ତ୍ରତା ପାଇଁ ଓଡିଶା ମୋ ଦେଶ
କରିଥିଲ୍ ସେ ପ୍ରଆସ,
ତାର ଶ୍ରମେ ଆଜି ଏସ୍ବଇଜ ଜନ
ସୁଖେ କରୁଛନ୍ତି ବାସ ।
ଧନ୍ୟ ତୁମ୍ଭେ ବୀର ଦେଇଛ ଜୀବନ
ଉତ୍କଳ ଗଠନ ପାଇଁ,
ତୁମ ଶ୍ରମ ଆଜି ସାର୍ଥକ ହୋଇଛି
ଉତ୍କଳ ଗୌରବ ହୋଇ ।
ଇଂରେଜ ପ୍ରହାର ହୃଦେ କରିହାର
ସାହସିକ ଦେଖାଇଲ,
ତବ ବୀରପଣ ଯୁଗେ ଯୁଗେ ଖ୍ୟାତି
ଯଶ କର୍ତ୍ତି ରଗୁଇଲ ।
ଜୟୀ ରାଜଗୁରୁ ହେ ବୀର ସୁରେନ୍ଦ୍ର !
ଉତ୍କଳର ବରପୁତ୍ର,
ଇଂରେଜ ହାତରେ ପରାଣ ତେଜିଲ
ଯଶ ରଖିଲ ସର୍ବତ୍ର ।

ଧନ୍ୟ ଧନ୍ୟ ତୁମେ ଉତ୍କଳର ବୀର
ଧନ୍ୟ ଧନ୍ୟ ତୁମ୍ଭ ଶକ୍ତି,
ତୁମ୍ଭ ଗୁଣ ଗାନ ବର୍ଣ୍ଣିବାକୁ ମୋର
ନାହିଁ ମୋର ପାଖେ ଶକ୍ତି ।
ଦେଖାଇ କୌଶଳ ଗଢିଲ ଉତ୍କଳ
ଇଂରେଜ ଛାଡିଲ୍ ଦେଶ,
ଏପ୍ରିଲ "ଏକ" ରୁ ସ୍ୱତନ୍ତ୍ର ହୋଇଲା
ପାଳ ଉତ୍କଳ ଦିବସ ॥

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,
ମଲ୍ଲାଡ, ଗଞ୍ଜାମ

# କରୋନା କୋଇଲି....

ସୂର୍ଯ୍ୟକାନ୍ତ ମଲିକ

କୋଇଲିଲୋ..
କ କହିବି ସଂସାରର ଦୁଃଖ
କହିଲେ ତ ନ ସରିବ କରୋନାର ପ୍ରଭାବ

କୋଇଲି ଲୋ
ଖାଁ ଖାଁ ଦିଶୁଛି ଯେ ସାରି ଭୁବନ
ଖାଦ୍ୟ ନ ପାଇ ଲୋକେ ହେଉଛନ୍ତି ଛଟପଟ

କୋଇଲିଲୋ
ଗାଡି ଯେବେ ନ ଗଡ଼ିଲା ବାଟେ
ଗାଁରୁ ଯାଇ ସହରେ ଫସିଛନ୍ତି ପିଲା କେତେ

କୋଇଲିଲୋ
ଘଣ୍ଟାକୁ ଘଣ୍ଟା ବଢୁଛି ବ୍ୟାଧି
ଘଡଘଡି ପଡିଲା ପରି ଶୀରଯେ ଛିଣ୍ଡୁଛି

କୋଇଲିଲୋ
ଅସ୍ଥିର ହଉଛି ସବୁ ମନ
ଅଉଷଧ କେବେ ଆସିବ ହୋଇ ଯେ ନିର୍ମାଣ

କୋଇଲିଲୋ

ଗୁଇନାରୁ ଯେ ଆସିଲା ମାଡି
ଗୁହୁଁଗୁହୁଁ ଏ ସାରା ବୁକ୍କୁ ଦେଲା ଥରେଇ

କୋଇଲିଲୋ

ଛବି କେବେ ନ ଦିଶିଲା ତାର
ଛାଇପରି ରହି ନଉଛି କେତେଯେ ଜୀବନ

କୋଇଲିଲୋ

ଜଗତକୁ ଗ୍ରାସିଛି କରୋନା
ଜିଇଂବା ପାଇଁ ଲୋକେ କରୁଛି କେତେ ଯୋଜନା

କୋଇଲିଲୋ

ଝିମିଝିମି ହଉଅଛି ମଥା
ଝଡିଝଡି ଆସୁଛିକ ଜୀବନର ପାଖୁଡା

କୋଇଲିଲୋ

ଉଭେଇବ କେବେ ଭାଇରସ
ଉଦୟ ହୋଇବ ନୂଆ ସକାଳର ସେ ସୂର୍ଯ୍ୟ

କୋଇଲିଲୋ

ଟାଣଟାଣ ହୋଇ ଯାଉଛି ସେ
ଟାଣ ତା'ର ଭାରିଲୋ ବଳେ ପଶେନ ପାଖେ

କୋଇଲିଲୋ

ଠକବ ବୋଲି ତାକୁ ଯେ ଭାବେ

ଠକାମିରେ ପଡଇ ସିଏ ଯେ ବାହାରେ ବୁଲେ

କୋଇଲିଲୋ

ଡାକ୍ତର ନର୍ସ ମିଶିଯେ ସବୁ
ଡେର୍ ପକାଇ ସେବା କରନ୍ତି ବିପଦ ଟଳୁ

କୋଇଲିଲୋ

ଢେଉଯେ ଖେଳେ ଅସ୍ଥିର ନେନ୍ଦେ
ଢଳଢଳ ହୋଇଣ କେତେ ଲୁହଯେ ବାହାରେ

କୋଇଲିଲୋ

ଏ ରୋଗ ପାଇଁ ନାହିଁ ଔଷଧ
ଏପାଇଁ ଲାଗିଛନ୍ତି କେତେ ଜ୍ଞାନୀ ବୈଜ୍ଞାନିକ

କୋଇଲିଲୋ

ତାହାରି ପାଇଁ ଆଜି ଏ ବିଶ୍ୱ
ତଳ ତଳାନ୍ତ ହେଲାଣି ପାଉ ନାହିଁ ଉପାୟ

କୋଇଲିଲୋ

ଥିରି ଥିରି ସେ ଦେହେ ଭେଦଇ
ଥରେ ଛୁଇଁ ଦେଲେ ସିଏ ଆଉଯେ ନ ଛାଡାଇ

କୋଇଲିଲୋ

ଦୁଇରୁ ଅଧିକ ହେଲେ ମେଳ
ଦୁଃଖ ଦିଏ ସେ ନକରି ଆଉ କାଳ ବିଳମ୍ବ

କୋଇଲିଲୋ

ଧନୀ ଦରିଦ୍ର ଦେଖେନ ସିଏ
ଧଳା ଅବା କଳା ସବୁ ତୁଚ୍ଛ ତାହାରି ପାଖେ

କୋଇଲିଲୋ
ନ ଦିଶୁଅଛି ବୁଦ୍ଧିକ ବାଟ
ନବୀନ ଆଲୋକ ଏ ବିଶ୍ୱଯେ କେବେ ଦେଖିବ

କୋଇଲିଲୋ
ପାଦ ପାଣି ନାହିଁ ଯେ ତାହାର
ପାଦେ ନଆସି ପୁଣି ଘରେ କରଇସେ  ବାସ

କୋଇଲିଲୋ
ଫାଙ୍କ ଫାଙ୍କ ହୋଇଯେ ରହିବ
ଫେରିଯିବ ସିଏ  କେବେଯେ  ପାଖେ ନ ପଶିବ

କୋଇଲିଲୋ
ବଡ଼ ଦାରୁଣ ଅଟଇ ସିଏ
ବଦଳାଏ ଦୁନଆ ପୁଣି ସେ ସମ୍ପର୍କ କାଟେ

କୋଇଲିଲୋ
ଭଲ ମନ୍ଦ କଛି ସେ ନଜାଣେ
ଭାଇ ବନ୍ଧୁ କୁଟୁମ୍ବ ଠାରୁ ଯେ ଦୁରେଇ ରଖେ

କୋଇଲିଲୋ
ମହା ମୁନ ମାନଙ୍କର  ମତ
ମାଳକାରେ ଲେଖିଛନ୍ତି ଯାହା ହୋଉଛି ପୂର୍ଣ୍ଣ

କୋଇଲିଲୋ
ଯାନ ଯାତ୍ରା ଯେବେ ନ ହୋଇଲା
ଯାନ ବାହାନ ଯେ ପଥରେ ଆଉ ନ ଗଡ଼ିଲା

କୋଇଲିଲୋ
ରକ୍ଷା କରିବାକୁ ନିଜ ପ୍ରାଣ
ରୁହନ୍ତି ଘରେ ତାଲା ବନ୍ଧକୁ ଦେଇ ସମ୍ମାନ

କୋଇଲିଲୋ
ଲକ-ଡାଉନ୍ କୁ ଯେ ନମାନେ
ଲୁହରେ ଭିଜଇ ସିଏ କେଇ ପାଖେ ନ ଯାଏ

କୋଇଲିଲୋ
ବଢ଼େ ଏ ରୋଗ ଦିନକୁ ଦିନ
ବେଷ୍ଟ କରଏ କେତେ ଯେ ସରକାରଙ୍କ ମନ

କୋଇଲିଲୋ
ଶୈଶବରୁ ପୁଣି ବୃଦ୍ଧା କେତେ
ଶକ୍ତି ହୀନ ହେଲାଣି ଶିଳ୍ପ ଆଉ କଳ ଯେତେ

କୋଇଲିଲୋ
ଷଟଶକ୍ତିଙ୍କୁ ପୂଜନ୍ତି ଲୋକେ
ଷଡ଼କ୍ଷରମନ୍ତ୍ର ପୁଣି ଜପୁଛନ୍ତି ଯେ କେତେ

କୋଇଲିଲୋ
ସକଳଙ୍କର ଏହି ସଂଗ୍ରାମେ
ସୁଖଟିକେ ପାଇଁ ଲଢୁଛନ୍ତି ଯୋଦ୍ଧା ଯେ କେତେ

କୋଇଲିଲୋ

ହାରିବୁନ ଏ ଜୀବନ ଯୁଦ୍ଧେ
ହାତଯେ ସଫା ରଖିଣ ମାସ୍କ ପିନ୍ଧିବୁ ତେବେ

କୋଇଲିଲୋ

କ୍ଷମା ଦବ ନଗଣିବ ଦୋଷେ
କ୍ଷୀଣ ମସ୍ତେ ରଚଲି ଏହା ଯା ଆସିଲ୍ ଚତ୍ତେ.. ॥

ଘଣ୍ଟପଦା, କେନ୍ଦ୍ରାପଡ଼ା

# ପରୀକ୍ଷା



ଖଗେଶ୍ୱର ବାଗ

ଅବଶିଷ୍ଟ ଜୀବନକୁ ସରଳ, ସୁନ୍ଦର ଓ ସୁଖମୟ କରିବା ନିମନ୍ତେ ପରୀକ୍ଷା ସର୍ବଦା ଅପରିହାର୍ଯ୍ୟ। ଏହି ମର୍ମରେ କେବଳ ଶିକ୍ଷାର୍ଥୀ ପରୀକ୍ଷାର ସମ୍ମୁଖୀନ ହୁଏ ନାହିଁ। ପୃଥିବୀର ସମସ୍ତ ଜୀବକୁ ପରୀକ୍ଷା ଦେବାକୁ ପଡେ। ପ୍ରସ୍ଫୁଟିତ କୁସୁମଟି ପୂର୍ବାବସ୍ଥାରେ ଝଡଝଞ୍ଜା, ପ୍ରଚଣ୍ଡ ରୌଦ୍ରତାପ, ଅସରାଏ ବର୍ଷା ଏବଂ ବିଭିନ୍ନ ବାଧାବିଘ୍ନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚଉଦିଗକୁ ସୁବାସ ବିତରଣ କରେ। କିନ୍ତୁ ଯେଉଁ ପୁଷ୍ପ ଝାଉଁଳି ଯାଇ ତଳେ ପଡିଯାଏ ସେ କାହାର ପ୍ରିୟ ହୋଇ ରହେ ନାହିଁ। ତା'କୁ ସମସ୍ତେ ହତାଦର କରନ୍ତି। ପୁନଶ୍ଚ କୌଣସି ଶୁଭ କାର୍ଯ୍ୟ ବା ପ୍ରସ୍ତରେ ନିର୍ମିତ ଦେବାଦେବୀଙ୍କ ବିଗ୍ରହର ଚରଣ କିଙ୍କର ହେବାର ଯୋଗ୍ୟତା ହରାଇ ବସେ। ତେଣୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସମସ୍ତେ ପ୍ରାଣପଣେ ପ୍ରୟାସ କରିବା ବିଧେୟ।

ବିଗତ ଶତାବ୍ଦୀର ଅନ୍ତରାଳରେ ଯେଉଁମାନେ ପରୀକ୍ଷା ଦେଇଛନ୍ତି ତାହା ଅତ୍ୟନ୍ତ ଶୋକାକୁଳ ମନେହୁଏ। ପତିବ୍ରତା ନାରୀ ସୀତା ଦେବୀଙ୍କ ଅଗ୍ନି ପରୀକ୍ଷା ଏହାର ଏକ ଜ୍ୱଳନ୍ତ ଉଦାହରଣ। ଶ୍ରୀରାମଚନ୍ଦ୍ର ଜନକ ନନ୍ଦିନୀ ସୀତାଙ୍କୁ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଦେଖି ସୁଦ୍ଧା ତା'ଙ୍କୁ ସୁଖ ସମ୍ଭୋଗ ନିମନ୍ତେ ଅଧିକାର ନଦେଇ ଅନ୍ତଃସତ୍ତ୍ୱା ଅବସ୍ଥାରେ ନିଘଞ୍ଚ ଅରଣ୍ୟରେ ଏକକୀ ଛାଡି ଦେବାର କଠୋର ପରୀକ୍ଷା ଭଳି ଆଉ ଦୁଃଖର ବିଷୟ କ'ଣ? ମନେହୁଏ ଅଗ୍ନି ପରୀକ୍ଷାରେ ବୈଦେହୀ ଅଗ୍ନି ଦେବତାଙ୍କୁ ପ୍ରଚୁର ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ ଅଥବା ସ୍ନେହ ଲାଞ୍ଚ ଦେଇଥିଲେ। ତା'ନହେଲେ ଅସ୍ଥି, ମାଂସ ଓ ରକ୍ତରେ ଗଢା ନଶ୍ୱର ଶରୀର ସତରେ କ'ଣ ଅଗ୍ନିରୁ ପାର ପାଇ ଯାଇଥା'ନ୍ତା । ବଳଦେବ ରଥଙ୍କ 'ଜଗନ୍ନାଥ ଜଣାଣ'ରେ ବର୍ଣ୍ଣିତ ଲୀଳାମୟ ପୁରୁଷ ଶ୍ରୀକୃଷ୍ଣ ପାଣ୍ଡବଙ୍କ ଠାରୁ ଅପାର କାଞ୍ଚନ ଲାଞ୍ଚ ନେଇ କୁରୁ ସଭାରେ ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ପ୍ରଦାନ କରି ଲଜ୍ଜା ନିବାରଣ କରିଥିବା

ଭଳ। ସତେ ଯେମିତି ଏହି ଲାଞ୍ଚ ନେବାଟା ସମାଜରେ କ୍ରମାନ୍ୱୟରେ ଚଳି ଆସୁଛି ସଭ୍ୟତାର ଏକ ଅପରିହାର୍ଯ୍ୟ ଅଙ୍ଗ ପରି। ବର୍ତ୍ତମାନ ଯୁଗରେ ଏହା ସବୁ କ୍ଷେତ୍ରରେ ଗ୍ରହଣୀୟ।

ଯେଉଁ ଛାତ୍ରଛାତ୍ରୀ ପରିଶ୍ରମ ନକରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ନୀଳସ୍ୱପ୍ନ ଦେଖୁଥା'ନ୍ତି କେବଳ ସେମାନେ ହିଁ ଭାବନ୍ତି ଯେ ପରୀକ୍ଷାରେ ପାସ୍ କରିବାଟା କେତେ ସହଜ। ତେଣୁ କେବେ ବି ଜୀବନ ଓ  ଯୌବନକୁ ପୂର୍ଣ୍ଣ ମାତ୍ରାରେ ଉପଭୋଗ କରିବାର ସୁଯୋଗରୁ ବଞ୍ଚିତ ହୁଅନ୍ତି ନାହିଁ। ପରୀକ୍ଷା ଆସିଲେ ବଣ୍ଡଲ ବଣ୍ଡଲ କପି ନେଇ ଉତ୍ତରପତ୍ରରେ ଲେଖନ୍ତି। ପୁଣି ପରୀକ୍ଷାର୍ଥୀଙ୍କ ଅଭିଭାବକ ଓ ବନ୍ଧୁବାନ୍ଧବଙ୍କ ଠାରୁ ଏତେ ପରିମାଣରେ କପି ବୃଷ୍ଟି ହୁଏ ଯେ, ମନେହୁଏ'କପି ବିହୁନେ ପରୀକ୍ଷା ନାଶ ଏବଂ କପି ବହୁଳେ ପରୀକ୍ଷା ନାଶ'। ନିଜର ପ୍ରିୟ ଜିନିଷକୁ ହଜେଇ ଦେଲେ ଅଥବା ଜଣେ ଅନ୍ତରଙ୍ଗ ବନ୍ଧୁ ଠାରୁ ଚିର ଦିନ ପାଇଁ ବିଦାୟ ନେଲେ ଅହେତୁକ ଯନ୍ତ୍ରଣା ପାଇଲା ଭଳି ଏଥିରେ କେବଳ ଜଣେ ହିଁ ଦୁଃଖ ଅନୁଭବ କରେ। ଆଉ ସେ ହେଉଛି ଶିଲାବସ ଅନ୍ତର୍ଭୁକ୍ତ ଏମ୍.ବି. ଡି.,ଟି.ବି.ଡବ୍ଲ୍ୟୁ., ଟେଷ୍ଟ ପେପର ପ୍ରଭୃତିର ବ୍ୟବଚ୍ଛେଦ ପୃଷ୍ଠାଗୁଡ଼ିକ। ଗୋଟିଏ ଶରୀରରୁ ଏକ ଅଙ୍ଗକୁ କାଟି ନେଇ ଅନ୍ୟତ୍ର ଫୋପାଡି ଦେଲା ଭଳି ଟେଷ୍ଟ ପେପରରୁ କାଟି ନେଇ ପରୀକ୍ଷାରେ ପଡି ନଥିଲେ ନିର୍ଦ୍ଦୟ ଭାବରେ ତା'କୁ ଫୋପାଡ଼ି ଦିଅନ୍ତି ପରୀକ୍ଷାର୍ଥୀମାନେ। ବିଚରା କେଉଁ ପାପର ପ୍ରାୟଶ୍ଚିତ୍ତରେ ଅଙ୍ଗ ଓ ସାଥୀହରା ହୋଇ ପଡି ରହେ ଅବିଚଳିତ ଭାବରେ। ପବନର ଘୂର୍ଣ୍ଣନ ଓ ଶ୍ରାବଣର ଆଦ୍ୟ ବାରିପାତରେ ଦିଗହରା ସାଥୀଟିକୁ ଖୋଜି ବସେ ମ୍ରିୟମାଣ ହୋଇ। ହେଲେ ଖୋଜି ପାଏନି।

ପରୀକ୍ଷାର୍ଥୀଙ୍କ ସମ୍ପର୍କୀୟ ଏହା ଚାହାଁନ୍ତି ଯେ ତା'ଙ୍କ ପୁଅ ପରୀକ୍ଷାରେ ଭଲ କରୁ, ଭଲ ଡିଭିଜନଟି ଆଣୁ, ଚାକରିଟି ପାଇଯାଉ। ସମସ୍ତ ମାଆ ବାପା ନିଜ ସନ୍ତାନର ଭଲ ଚାହାଁନ୍ତି। ହେଲେ ଏହି ଚାହିଁବାର ଅନ୍ତରାଳରେ ଯେଉଁ କପି ଜନିତ ଦୁର୍ନୀତି ଲୋକଲୋଚନେ ଦର୍ପଣରେ ନିଜର ପ୍ରତିବିମ୍ବ ଦିଶିବା ଭଳି ସ୍ପଷ୍ଟ ରୂପେ ଦେଖାଯାଏ ଯେ ତା'କୁ ଘୋଡାଇବା ନିମନ୍ତେ ଟିକିଏ ହେଲେ ଚେଷ୍ଟା କରନ୍ତି ନାହିଁ। ଖୋଲାଖୋଲି ଭାବରେ ଦୌଡି ଯାଇ କପି ଦିଅନ୍ତି। ସମ୍ବିଧାନର ୪୫ ଧାରାରେ ଥିବା ଛଅରୁ ଚଉଦ ବର୍ଷ ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନର ଠିକ୍ ତଳକୁ ଯଦି 'କେବଳ ଝିଅମାନେ ହିଁ କପି କରିପାରିବେ' ବୋଲି

ନୂତନ ନୟମଟି ଯୋଗ କରି ଦିଆଯାଏ ତେବେ ନଷ୍ଟୟ ପରୀକ୍ଷାର୍ଥୀଙ୍କ ସହ ପରୀକ୍ଷାର୍ଥୀର ନୁହେଁ, ଅଭିଭାବକଙ୍କ ସହିତ ଅଭିଭାବକର ଯୁଦ୍ଧ ହୁଅନ୍ତା। ଶିକ୍ଷା କ୍ଷେତ୍ରରେ ଦେଶର ଅବସ୍ଥା ଏତିକ ତଳକୁ ଗତି କଲାଣି ଯେ,ତାହା ଅଧୋଃପତନର ଶେଷ ଦ୍ୱାରରେ ଆସି ଠକ୍ ଠକ୍ କରିବାରେ ବ୍ୟସ୍ତ।

ଏକଦା ମାଟ୍ରିକ ପରୀକ୍ଷାରେ ଜଣେ ଝିଅ ଅର୍ଥାତ୍ ତା'ର କେହି ଜଣେ ସମ୍ପର୍କୀୟ ପରୀକ୍ଷାର୍ଥୀଙ୍କୁ କପି ଦେବା ପାଇଁ ଆସିଲେ। ଇଂରେଜ ବିରୁଦ୍ଧରେ ଝାନସୀ ରାଣୀଙ୍କ ଅସ୍ତ୍ରଚାଳନା କରିବାର ଦୁଃସାହସ ଭଳି ସମ୍ବିଧାନର ନୟମ ବିରୁଦ୍ଧରେ ଓ ପୋଲିସ ସମ୍ମୁଖରେ ତାଙ୍କର କପି ଦେବାର ଦୁଃସାହସ ଉପସ୍ଥିତ ଜନତାଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା। କପି ଦେଇ ପ୍ରତ୍ୟାବର୍ତ୍ତନ କଲା ବେଳେ ଜଣେ ପୋଲିସ ଯୁବତୀଙ୍କୁ ଦୌଡାଇଲେ ଓ ତାଙ୍କର ହାତ ଯାଇ ରମଣୀର ଓଢଣୀରେ ପଡିଲା।ଚତୁରୀ ତରୁଣୀ ଓଢଣୀଟିକୁ ଛାଡ଼ି ଦେଇ ଦୌଡି ପଳାୟନ କଲେ। ମାୟାବୀ ସୂର୍ଯ୍ୟ ଯୁବକ ବ୍ରାହ୍ମଣ ବେଶେ ଚନ୍ଦ୍ରଭାଗାର ଅପରୂପ ସୌନ୍ଦର୍ଯ୍ୟରେ ବଶୀଭୂତ ହୋଇ ତା'କୁ ଧରିବା ପାଇଁ ଦୌଡାଇଲେ ମଧ ପାଇ ନପାରିଲା ଭଳି ପୋଲିସ ଜଣକ ପ୍ରଶାସନର ନୟମ ଉଲଘଂନ କରିଥିବା ଯୁବତୀଙ୍କୁ ଧରି ପାରିନଥିଲେ। କ ସୁନ୍ଦର ସେ ଦୃଶ୍ୟ! ହଳଦୀ ବସନ୍ତ ଏକାକୀ ଜୀବନ ବିକଳରେ ବିଚଳିତ ହୋଇ ମୂହୁର୍ତ୍ତକ ମଧରେ ସତେ ଯେପରି ସେ ଧରା ପଡିଗଲା ଛଞ୍ଚାଣ ମୁଖରେ ବା ସେହି ମୂହୁର୍ତ୍ତରେ ଖସି ଗଲା ଭଳି ଧାରଣା ହେଉଥାଏ। ଦୌଡି ପଳାୟନ ଅବସ୍ଥାରେ ଯୁବତୀଟି ବେଶ୍ ସୁନ୍ଦର ଦେଖାଯାଉଥିଲା। ବିଶେଷ କରି ଅସଂଯତ ହୋଇ ପଡିଥିବା ତା'ର ଶରୀରର ବେଶଭୂଷା ତା'ରୂପକୁ ଅଧିକ ଆକର୍ଷଣୀୟ କରି ପକାଉଥିଲା।

ଉତ୍ପାଦନର ଅଭିବୃଦ୍ଧିରେ ଦରଦାମ କମି ଯିବା ଏବଂ ଉତ୍ପାଦନ ହ୍ରାସ ପାଇଲେ ଦାମ ବଢିଯିବା ଭଳି ଅବସ୍ଥା ମାଟ୍ରିକ ପରୀକ୍ଷାରେ ଦେଖାଦିଏ। ପ୍ରଥମ ଦିନରେ ଗୋଟିଏ କପି ନେଇ ଦେବା ପାଇଁ ଦଶ ଟଙ୍କା, ଦ୍ୱିତୀୟ ଦିନରେ କୋଡିଏ, ତୃତୀୟ ଦିନରେ ତିରିଶ ଟଙ୍କା ନେଇ ଏଭଳି ଭାବରେ କେତେକ ସ୍ୱାର୍ଥପର ମେଷଶାବକମାନେ ଦୁଇ ପଇସା ରୋଜଗାର କରନ୍ତି।

ପରୀକ୍ଷାର୍ଥୀମାନେ ନିଜର ପରୀକ୍ଷାକୁ ନେଇ ସେତିକି ଚିନ୍ତିତ ନୁହନ୍ତି ଯେତିକି ଚିନ୍ତିତ ସେମାନଙ୍କ ସମ୍ପର୍କୀୟମାନେ ଥାଆନ୍ତି। ପରୀକ୍ଷା ଆରମ୍ଭର କିଛି ସମୟ ପରେ ଜନତା ଏପଟ ସେପଟ ବ୍ୟସ୍ତ ବିବ୍ରତ ହୋଇ ଦୌଡୁଥିବାର ଦେଖାଯାଏ। ଇନ୍ଦ୍ରଙ୍କ ପ୍ରକୋପରେ ଅସରନ୍ତି ବର୍ଷାରୁ ରକ୍ଷା ପାଇବା ପାଇଁ ଗୋପ ନିବାସୀ ବ୍ୟାକୁଳ ଚିତ୍ତେ ଧାଇଁଲା ଭଳି ଏମାନଙ୍କ ଅବସ୍ଥା।ଯୁବକର ଏକ ଶକ୍ତ ଧକ୍କାରେ ଅନ୍ଧ ବୃଦ୍ଧ ହସ୍ତରୁ ବାଡିଟି ପଡିଗଲେ ସେ ଯେମିତି ବିଚଳିତ ହୋଇ ଖୋଜି ବସେ, ଠିକ୍ ସେହିପରି ପରୀକ୍ଷା ହଲରୁ ପ୍ରଶ୍ନପତ୍ର ବାହାରିଲେ ଜନତା ଏପଟ ସେପଟ ଟେଷ୍ଟ ପେପର ସବୁକୁ ବ୍ୟସ୍ତ ହୋଇ ଖୋଜନ୍ତି। ବଂଶୀ କଣ୍ଟାରେ ଜିଆ ପୁରାଇ ମାଛ ଧରିବାର ଯେଉଁ ଅଭିନବ ପଦ୍ଧତି ଗ୍ରାମ୍ୟ ବାଳକଗଣ କରନ୍ତି ଠିକ୍ ସେହିପରି ଲୋକେ ଏକ ଲମ୍ବା ବାଉଁଶର ଅଗ୍ରରେ କପି ରଖି ମାଛ ସଦୃଶ ପରୀକ୍ଷାର୍ଥୀଙ୍କ ନିକଟକୁ ଝରକା ଦେଇ ବଢାଉ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ପରୀକ୍ଷାର୍ଥୀ ଝଟ୍ କରି କପି ସେଥିରୁ ନେଇଗଲେ ବାଉଁଶଟି ଧୀରେ ଧୀରେ ଝରକା ଡେଇଁ ପୂର୍ବାବସ୍ଥାକୁ ଫେରି ଆସେ। ଏତାଦୃଶ ଦେଖି ଯେତିକି ହସ ମାଡିଲା ସେତିକି ମନରେ ଲଜ୍ଜାବୋଧ ମଧ୍ୟ ହେଲା ଏଇ ପ୍ରଣାଳୀରେ କପି ଦେବା ପାଇଁ ଲୋକଙ୍କ ମଧ୍ୟରେ ବିବାଦ ଉପୁଜୁଥିଲା। ଏଇ ତ ସୁଶିକ୍ଷିତ ଜନତାଙ୍କ କାର୍ଯ୍ୟକଳାପ? ଦଳବଦ୍ଧ କୁକୁରମାନେ ପରସ୍ପର ମଧ୍ୟରେ ସେମିତି ଗଣ୍ଡଗୋଳ କରୁନଥିବେ ଖଣ୍ଡିଏ ଅସ୍ଥିରେ ପେଣ୍ଡାଏ ମାଂସ ଦେଖି। ଆଜିର ସମାଜ ଲାଞ୍ଚ ଓ ପରୀକ୍ଷାରେ କପି କରିବାର ଦୁର୍ନୀତି କରିବାକୁ ବାଧ କରୁଛି। ଆମେ ନୀତି ବିରୁଦ୍ଧରେ କାର୍ଯ୍ୟ କରି ଯେତିକି ଆଗେଇ ଯିବାର ସ୍ୱପ୍ନ ଦେଖୁଛୁ,ତା'ର ପରିଣାମ ଭୋଗିବାକୁ ବାଧ ଅଟୁ। ତେଣୁ ନୀତିହୀନ କାର୍ଯ୍ୟରୁ ସର୍ବଦା ବିଚ୍ୟୁତ ରହିବା ମଣିଷ ପକ୍ଷରେ ଶ୍ରେୟସ୍କର ହେବ।

ଗୋଟିଏ ପୁସ୍ତକକୁ ପଢିବା ପାଇଁ ଆମକୁ ତିନି ଶହ ପଞ୍ଚଷଠି ଦିନ ଦିଆଯାଉଛି। ଯଦି ଜଣେ ଛାତ୍ର ୧୦୦ ମାର୍କରୁ ୯୮ ମାର୍କ ପାଇ ପାରୁଛି ତେବେ ଆମ୍ଭେମାନେ କାହିଁକି ପାଇ ପାରିବା ନାହିଁ? ସେ କ'ଣ ସ୍ୱୟଂ ଭଗବାନ? ସେ କ'ଣ ବହିଟାକୁ ପାଣିରେ ମିଶାଇ ପିଇ ଦେଇଛି? ଆଉ ଆମେ----? ମୁଖ୍ୟ କଥା ହେଲା ଆମର ପାଠ ପଢାରେ ଆଦୌ ଆଗ୍ରହ ନାହିଁ। ଆମେ ପ୍ରତିଯୋଗୀତା ମନୋଭାବ ନେଇ ପାଠ ପଢୁନାହୁଁ। କଲେଜ ଯାଉଛୁଁ ନିଜର ସରଳ ସୁନ୍ଦର ଚେହେରାଟିକୁ ଲୋକଲୋଚନରେ ଦେଖାଇବା ପାଇଁ। ବସରେ ଚଢି କେବଳ ଅଯଥା ବିଷୟରେ ଗପୁଛୁଁ ନିଜର ଭାବଭଙ୍ଗୀ ପ୍ରକାଶ କରି। ହୁଏତ ଆମର ଗପିବାଟା ଯାତ୍ରୀମାନଙ୍କୁ

ବିବ୍ରତ କରୁ ଥାଇପାରେ। କନ୍ତୁ ଏଥିପାଇଁ ଆମର ଟିକଏ ମଧ ଚନ୍ତା ନାହିଁ। ଚନ୍ତା ନାହିଁ ମାଆ ବାପା କେମିତି ଟଙ୍କା ବ୍ୟୟ କରି ଆମକୁ ପାଠ ପଢ଼ାଉଛନ୍ତି। ଏଇ ତ ପାଠ ପଢା**?** ସତର କମ୍ବା କୋଡିଏ ବର୍ଷ ପରେ ଯେଉଁ ପାଠ ପଢା ତପସ୍ୟାର ହତାଶ ଜନକ ଫଳାଫଳ ପାଇବା ତେବେ ନଜର କଥା ତ ଛାଡ**,**ମାଆ ବାପାଙ୍କ ଅବସ୍ଥା କ'ଣ ହେବ ଟିକେ ଭିବିଛୁଁ**?** ଗୃତକ ପକ୍ଷୀ ଭଳ ଯେଉଁ ଆଶା ନେଇ ଆମ୍ଭମାନଙ୍କୁ ପାଠ ପଢ଼ାଉଛନ୍ତି ଆମର ହତାଶଜନକ ଫଳାଫଳରେ ସେମାନେ କ'ଣ ଆତ୍ମତୃପ୍ତି ଲଭ କରି ପାରିବେ**?** ନା**,**କଦାପି ନୁହେଁ।

ଜଣେ ଛାତ୍ର ପରୀକ୍ଷାରେ ଆଶାତୀତ ଫଳାଫଳ ଆଣି ପାରିବ ଯଦି ସେ କେତେକ ନୟମକୁ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରେ। ପ୍ରଥମତଃ ରତ୍ରି ଭୋଜନ ତା' ପାଇଁ ସ୍ୱଳ୍ପ ହେବା ଉଚତ। ଏହା ଦ୍ୱାର୍ ସେ ଗାଢ଼ ନଦ୍ରାରୁ ନଶ୍ଚୟ ବଞ୍ଚିତ ହେବ ଓ ପାଠ ପଢିବ। ଦ୍ୱିତୀୟରେ କାକ ସ୍ନାନ। ସାଙ୍ଗସାଥୀକୁ ଛାଡି ଶୀଘ୍ର ଗାଧୋଇ ସାରି ଚ୍ଲି ଆସିବା। ତୃତୀୟତଃ ଧ୍ୟାନ**,** ମାନେ ସଫଳତା ପାଇବା ପର୍ଯ୍ୟନ୍ତ କଠୋର ତପସ୍ୟା ନତାନ୍ତ ଆବଶ୍ୟକ। ଚତୁର୍ଥରେ ଦୃଢ଼ ମନୋବଳ। ପ୍ରତିଜ୍ଞାବଦ୍ଧ ହୋଇ ଏକାଗ୍ରତା ସହିତ ପଢିବା। ଯଦି ଆଜିର କାମକୁ କାଲି ପାଇଁ ରଖାଯାଏ ତେବେ ସେହି କାର୍ଯ୍ୟର ପ୍ରାରମ୍ଭ ହିଁ ଅର୍ଥ ହୀନ। ସ୍ମରଣ ଶକ୍ତି ପ୍ରଖର ଥିବା ଅଥବା ଜଣେ ପରିଶ୍ରମୀ ଛାତ୍ର ମନରେ ନେପୋଲିୟନଙ୍କ ପରି ସଫଳତା ନମନ୍ତେ **'**ଅସମ୍ଭବ**'** ତାଙ୍କର ଅଭିଧାନ ବହିର୍ଭୁତ ଶବ୍ଦଟିଏ। ପ୍ରାୟ ଛାତ୍ର ଯେଉଁମାନେ ପରୀକ୍ଷାରେ ପ୍ରଥମ ସ୍ଥାନର ଅଧିକାରୀ ହୋଇଥାଆନ୍ତି ପୃଥିବୀ ନଜ ଚ୍ରିପଟେ ଥରେ ଘୁରି ଆସିବାକୁ ଯେତେ ସମୟ ନଏ ସେଥିରୁ ସେମାନେ ଅଠର ଘଣ୍ଟା କେବଳ ପାଠ ପଢାରେ ବିନଯୋଗ କରନ୍ତି। ତେଣୁ ପରୀକ୍ଷା ତା'ଙ୍କ ପାଇଁ ଏକ ଅଦିନଆ ଝଡ଼ କ ମହାମାରୀ ଭଳ ଲ୍ଗେ ନାହିଁ ବରଂ ଗୋଟିଏ ଶିଶୁର ପ୍ରିୟ ଖେଳ ପରି ମନେହୁଏ।

ବୁଦ୍ଧିକୋମନା**,** ଜିଲ୍ଲା ନୂଆପଡ଼ା

# କାମନା



ସୁଶୀଲ୍ କୁମାର ଭୋଇ

"ତୁମ ଚଞ୍ଚଳତାରେ ଥିଲା ଯେ କଛି ଛଳନା
ଜାଣି ପାରିଥିଲି ମୁଁ କରି କଳନା
ଅଟକାଇ ରଖିଥିଲି ମୁଁ ଜିଦ୍ ଖୋର ମନରେ
ଅଟକ ଯାଇଥିଲ ତୁମେ ଯେ ବହୁ କଷ୍ଟରେ
କରିଥିଲ ପ୍ରେମାଳାପ ଆଶଙ୍କା ଓ ଆବେଗରେ ।|

ସାକ୍ଷୀଅଛି ସେ'ତରୁ-ଲତା ଅରଣ୍ୟ ଓ ହନ୍ତାଳ ବନ
ଦୃଷ୍ଟି ଦେଇଥିଲେ କେତେ ଯେ ବିହଙ୍ଗ, ସରୀସୃପ ଗଣ
ନର୍ଭୟରେ ଗ୍ହିଁରହି କରି ଗ୍ଲିଥିଲ ଚକ୍ଷୁସହ ଚକ୍ଷୁ ମିଳନ,
ମିଳନ ମିଳନରେ ଅତିବାହିତ ହୋଇଥିଲା ସମୟ ଯାନ ।|

ଅତିବାହିତ ହୋଇ ଗ୍ଲିଗଲା ସିନା ସେ ସମୟ
ହେଲେ ଛାଡ଼ି ଗ୍ଲି ଯାଇଥିଲ ତୁମେ ପ୍ରୀତିର ଚୁମ୍ବନ ଚହ୍ନ
ହୃଦୟରେ ଖେଳ ଯାଉଥିଲା ତୁମ ହୃଦୟର ସିଂହରଣ,
ଛାଡ଼ି ଗ୍ଲିଯାଇ ଥିଲ ଦୀର୍ଘ ନଶ୍ୱାସର ନର୍ବାରଣ ।|

ନେଉଥିଲି ମୁଁ ଯେବେ ବିଶ୍ରାମ
ଭ୍ବୁଥିଲି ତୁମ ସହିତ ଅତିବାହିତର
ସେ ସ୍ମରଣୀୟ ସମୟ,
ଅଭୁଲା ଦିନକୁ ମୁଁ କେବେ ପାଶୋରିବି ନାହିଁ,

କାଟିଥିବା ତୁମ ସହ ସେ ସ୍ମରଣୀୟ
ସମୟକୁ କେବେବି ମୁଁ ଭୁଲିବି ନାହିଁ ।

ମୋ ପାଇଁ ତୁମେ ସହିଥିଲ କେତେ ଯେ ଯନ୍ତ୍ରଣା
ଦେଇଥିଲ ତୁମେ ତୁମ ଜୀବନର ସର୍ବସ୍ୱ ପାଉଣା,
ଯାଚଥିଲ ତୁମେ ତୁମ ପ୍ରେମର ଠିକଣା
ପାଇଥିଲି ମୁଁ ' ତୁମ ପ୍ରେମର ବାସନା
ଦେଇଥିଲି ତୁମକୁ ମୁଁ ' ନିର୍ଯାତନା
ଭରିଗଲା ବୋଲି ମୋ'ମନର କାମନା ।|

ଭୁବନେଶ୍ୱର-୨ (ସମାଜ ସେବୀ)

# ଅପେକ୍ଷା ମିଠା ଦୁର୍ଘଟଣାକୁ



ଶରତ କୁମାର ନାଏକ

ଅନେକ ମରିଛି ଅନେକ ଜିଇଁଛି
ରାତିର ଜହ୍ନକୁ ଦେଖି,
ହେଲେ ଜହ୍ନ ବି ଆପଣେଇଚ ଶଠତା
ଗୋଟିଏ ପାର୍ଶ୍ୱକୁ ଲୁଚେଇ ରଖି ।।

ମୋ ମୌନତାରେ ବି
ତୁମର ହିଁ ଅବସ୍ଥାନ
ଭାବନାରେ
ତୁମର ହିଁ ଶୁଭାଗମନ
ସ୍ୱେଦାର୍ଜିତ ସ୍ୱପ୍ନରେ ବି
ହୋଇପଡ ତୁମେ
ନବତରୁଣୀ ପରି ଲଜ୍ଜାରୁଣ ।।

ବସନ୍ତର ମୃଦୁମଲୟକୁ
ଥାପିଛି ହୃଦୟରେ
ଶପ୍ତରଙ୍ଗୀ ଇନ୍ଦ୍ରଧନୁକୁ
ଆଙ୍କିଛି ଶବ୍ଦରେ
ନିଦାଘରେ କରିଛି
ବର୍ଷଣର ଅନୁଭବ
ଭେଟିଛି ତୁମକୁ
ପ୍ରତି ଅଧ୍ୟାୟରେ ।।

ନରୋନ୍ଲା ଜାଗାରେ
ବିରଳ ମନରେ
ଅନୁଧ୍ୟାନ କରିଗ୍ଲିଛି
ଜୀବନର ପ୍ରତିକ୍ଷଣେ
ସ୍ୱପ୍ନ ନେବ ନକ
ବାସ୍ତବତା ର ରୂପାନ୍ତରଣ ।|

କରିଛି ମୁଁ ଅଘୋଷିତ ଯୁଦ୍ଧ
ନଦ୍ରା ବିରୁଦ୍ଧେ ସ୍ୱପ୍ନ ସହ
ସ୍ମୃତିର ପାନ୍ଥଶାଳାରେ ରହି
ପରନ୍ତୁ,,
ମୁଁ ତ ପ୍ରଥମରୁ ହିଁ କ୍ଷତ
ତୁମ ଗ୍ଳହାଁଣୀର
ତୀକ୍ଷ୍ଣ ତୀରରେ ।|

ଗ୍ଲହେଁ ମୁଁ ପରାସ୍ତ ହେବାକୁ
ଏ ଯୁଦ୍ଧରେ
ହେବାକୁ ଗ୍ଲହେଁ ପ୍ରେମିକ କଏଦୀ
ଥିବି ତୁମ ହୃଦୟରେ ଚର ବନ୍ଦୀ ।।

ଗନ୍ତବ୍ୟ ଯେ ଦୂର ନୁହଁ
ଖଣ୍ଡିଏ କାଗଜ ଫର୍ଦ,କଲମ
ଓ ମୁଠାଏ ଭ୍ବନାର ବିଦ୍ରୋହ
ଟାଣିନେବ ଦିନେ ବାସ୍ତବତା ର ବଜାରକୁ
ଅପେକ୍ଷା ସେହି
ମିଠା ଦୁର୍ଘଟଣାକୁ

# ମା



ସନାତନ ଦାସ

ମା ର ପଣତକାନ,
ଅଭୟର ଚାଦର ପରି,
ଲୁଚାଇ ରଖେ ସବୁ ବିପଦ ଆପଦ ରୁ
ସନ୍ତାନର ସୁରକ୍ଷା ପାଇଁ!!

ନଜେ ନ ଖାଇ ପିଲ୍ ମୁହଁରେ ଦିଏ ଆହାର,
ମମତା ର ଛୁଆଁ ରେ ଝଡିଯାଏ ସବୁ
ଦେହ କଷଣ,
ସ୍ୱାର୍ଥ ବିହୀନ ପ୍ରେମରେ ନ ଥାଏ
କଛି ପାଇବାର ଆଶା!!

ସ୍ନେହ ଶ୍ରଦ୍ଧା ର ରଜ୍ଜୁରେ ବାନ୍ଧି ରଖେ
ସବୁ ରାଗ ରୋଷ ଦ୍ୱେଷ କୁ,
ଓଠରେ ଧରେ ହସ ଖେଳାଇ
ସହିନଏ ସବୁ ଦୁଃଖ କଷ୍ଟ!!

ତଥାପି କରେନ ପ୍ରତିବାଦ,
ଅନବରତ କରି ଚାଲେ,
ତାର କର୍ତ୍ତବ୍ୟ ତ୍ରୁଟି ବିହୀନ ଜୀବନରେ!!

ମାଆ, ସତରେ ତୋ ପରି ଆଉ କେହି ନାହିଁ,
ପ୍ରତି ଜନ୍ମରେ ଚାହେଁ ତୋରି କୋଳରେ ଜନ୍ମ ନେବା ପାଇଁ!!

ସଅଁରା, ଜଗତସିଂହପୁର

# ଗୁରୁ



କେଶରୀ ପ୍ରସାଦ ମହାନ୍ତି

ଗୁରୁ ଓ ଶିଷ୍ୟ ଗୋଟିଏ ମୁଦ୍ରା ର ଦୁଇଟି ପାର୍ଶ୍ଵ ପରି । ଭାରତ ବର୍ଷ ରେ ଗୁରୁ ମାନଙ୍କ ସ୍ଥାନ ଖୁବ ଉର୍ଦ୍ଧ ରେ । ବେଦ, ପୁରାଣ, ଉପନଷେଧ ସବୁଥିରେ ଗୁରୁଙ୍କୁ ଉଚ୍ଚ ଆସନ ପ୍ରଦାନ କରାଯାଇଛି । ଓଡିଶା ଭାଗବତ କହେ, "ଗୁରୁ ଙ୍କୁ ନ ମଣିବ ନର । ଗୁରୁ ଯେ ସାକ୍ଷାତ ଇଶ୍ଵର"।

ପିଲାଟିଏ ତା ନଜର ଜନ୍ମ ପାଇଁ ତା ପିତା ମାତା ଙ୍କ ନକଟ ରେ ଋଣୀ ହେଲେ ତା ଜୀବନ ଗଠନ ପାଇଁ ଗୁରୁ ଙ୍କ ନକଟରେ ସଦାସର୍ବଦା ଋଣୀ ରୁହେ । ଜଣେ ଜୀବନ ରେ ସବୁ ଋଣ ସୁଝି ପରେ ହେଲେ ପିତୃ ଋଣ, ମାତୃ ଋଣ ଓ ଗୁରୁ ଋଣ କେହି କେବେ ସୁଝି ପାରନ୍ତି ନାହିଁ। ଗୁରୁ ହେଉଛନ୍ତି ପିତା, ମାତା, ଜ୍ଞାନ ଦାତା, ଛାତ୍ର ପାଇଁ ସେ ଅନ୍ଧ ର ଲାଉଡି, ଅଜ୍ଞାନ ଅନ୍ଧକାର ରେ ଆଲୋକ ର ଉତ୍ସ । ସେ ଶାଶ୍ଵତ, ଶାନ୍ତ, ନର୍ମଳ ଓ ନରାକାର । ସେ ହେଉଛନ୍ତି ସ୍ରଷ୍ଟା, ସେ ହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ଵର ଙ୍କ ମିଳତ ସ୍ଵରୂପ ।

"ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ଵର
ଗୁରୁ ସାକ୍ଷାତ ପରମବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମ "

ଗୁରୁ ଯେତେବେଳେ ନିଜେ ସ୍ୱାର୍ଥ ରେ ଅନ୍ଧ ହୁଅନ୍ତି ଅଥବା ଠିକ ଭୁଲ ର ବିଗ୍ଭର ଶକ୍ତି ହରେଇ ବସନ୍ତି ସେତେବେଳେ ସେ ନିଜ ର ଗୁରୁ ପଦ ହରନ୍ତି । ଯେତେବେଳେ ଜ୍ଞାନ କୁ ଗୁରୁତ୍ୱ ନ ଦିଅନ୍ତି ସେତେବେଳେ ନିଜର ଗୁରୁତ୍ୱ ଲୋପ ହୁଏ ।

ତଥାପି ଗୋଟିଏ ଶିକ୍ଷିତ ସମାଜ ଗଠନ ରେ ଗୁରୁ ଙ୍କ ଭୂମିକା ଅତୁଳନୀୟ ।

ବି. --

ଲେଖା ଟି ର କାହାରି ବ୍ୟକ୍ତିଗତ ଜୀବନୀ ସହ କୌଣସି ସାମଞ୍ଜସ୍ୟ ନାହିଁ । କାହା ର ହୃଦୟ କୁ ଆଘାତ ଦେଲେ କ୍ଷମା କରିବେ ।

**ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,**
**ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଯାଜପୁର**

# ଜିଇଁ ବାର କଳା



ଗୁପ୍ତେଶ୍ୱର ଗୁନ୍ଦ

ଜୀବନ  କୁ କଏ ବୁଝେ କେଉଁ ଭଳି
ଜାଣେନା ଯଦିଓ ମୁହିଁ ।
ଜୀବନ ଟା ଏକ ଅପୂର୍ବ ସୁଯୋଗ
ମୁହିଁ ଯା ମନେ ଭାବଇ ॥ 1
ନିଜକୁ ଚିହ୍ନି କି ଆନ କୁ ଜାଣିବା
ପାଇଁ ଏକ ଅବସର ।
ନିଜ ପରିଚୟ ସୃଷ୍ଟି କରିବାକୁ
ବିଧାତା ଙ୍କ ପୂଣ୍ୟ ବର ॥2
ଜୀବନ ହେଉଛି ଜିଇଁ ବାର କଳା
ମନୋରମ କଉଶଳ ।
ଯେ ଯେତେ ମାତ୍ରାରେ ଆହରଣ କଲା
ସେ ହୁଏ ସେତେ ସଫଳ ॥3
ଏ ଜୀବନ ଆମ ଜ୍ଞାନ ର ସ୍ୱର୍ଗଙ୍ଗା
ସ୍ୱଚ୍ଛ ତା' ଶୀତଳ ଧାର୍ ।
ସେ ଅମୃତ ଜଳେ ଯେ ଯେତେକ ବାର
ସ୍ନାନ କରେ ସେ ନିଆର୍ ॥4
କେ ହେବ ତା' ସମ ସେ ଯେ ଅନୁପମ
ଦିବ୍ୟାତ୍ମା ଧନ୍ୟ ଏ ଧର୍ ।
ତା' ବୁଦ୍ଧି ବିବେକ ତା' ଚିନ୍ତା ଚେତନା
ଗଗନ କୁ ଛୁଏଁ ପର୍ ॥5

ମାୟାର ଶିକୁଳ ଯେତେ ଶକ୍ତ ହେଉ
ବାନ୍ଧି ନ ପାରଇ ତା'ରେ ।
ସ୍ୱାଧୀନ ସଦା ସେ ମୁକ୍ତ ବିହଙ୍ଗ
ଆନନ୍ଦେ ନଭେ ବିଚରେ ।।6
ପର ଆପଣାର ବିଗ୍ଭର ନାହିଁ ତା'
ସଭିଏଁ ତା' ଆପଣାର ।
ଧନ୍ୟ ସେହି ନର ମହୀରେ ସଭିଙ୍କି
କରି ପାରେ ଯେ ନଜର ।।7
ବିଷାଦ ଯୋଗ ତା' ପାଖକୁ ନ ଆସେ
ସେ ପ୍ରକୃତ କର୍ମ ବୀର ।
ଏ ଜୀବନ ମହା ସମରେ ବିଜୟ
ଶିରୀ ଚୁମ୍ବଇ ପୟର ।।8
ଆସ ହେ ସରବେ ଶିଖିବା ହରଷେ
ବିଶ୍ୱେ ବଞ୍ଚିବାର କଳା ।
ଶସ୍ୟ ଶ୍ୟାମଳା ସୁଜଳା ସୁଫଳା
ପୂର୍ଣ୍ଣ ହେବ କ୍ଷେତ ଖଳା ।।9
କା' ଦୋଷ ନ ଦେଖି ମିଷ୍ଟ ଭାଷୀ ହେବା
ଦେଖିବା ସର୍ବଦା ଧଳା ।
ଏ ଅସଲ ଗୀତା ପାଠ କରିବାକୁ
କହିଛନ୍ତି ନନ୍ଦ ବଳା ।।10

ଗ୍ରା/ପୋ :-ସମାସିଂହା.
ଜିଲ୍ଲା -ଝାରସୁଗୁଡା

# କବିତା



ଜଗନ୍ନାଥ ରଥ

ପ୍ରକୃତିର ବାସ୍ନା ଆଉ
ସଂଘର୍ଷର ଜୀବନ ଯୁଦ୍ଧରେ..
ନିଜକୁ ହଜେଇଦେଇ
ମଜେଇ ଦେଇ
କଳ୍ପନାର ତୂଳୀରେ
ଅନୁଭବ ର ରଙ୍ଗ ଦେଇ
କିଛି ଲେଖିବାକୁ ଚେଷ୍ଟା କରେ...

କିଛି ଲୋକ ଏହାକୁ ବୁଝି ପାରନ୍ତି ତ..
ଆଉ କିଛି ଲୋକ..
ମୋ ତୂଳୀରେ ଲାଗିଥିବା ରଙ୍ଗକୁ
ସଜାଡିବାର ପ୍ରୟାସ କରନ୍ତି..

ଏଭଳି ଜାଦୁଗରି ଦୁନିଆଁରେ ପାଦ ରଖି
ଲେଖୁ ଲେଖୁ କିଛି ଲେଖିଦେଲି...
ଏବେ କିଛି ପାଠକ କହୁଛନ୍ତି
କାଳେ.. ୟାକୁ ବି କୁହାଯାଇପାରେ କବିତା.....

ଘୁ.ଉଦୟଗିରି, କନ୍ଧମାଳ

# ମୃତ୍ୟୁ



ଜନ୍ମଜୟ ନାୟକ

କେହିବି ରହେ ନାହିଁ ଅମର ହୋଇ,
ଜୀବନ ପାଣି ଫୋଟୋକାଟେ ଅଟଇ ।
କେତେ ଦିନ ପାଇଁ ଏ ଧନ ଗରବ,
ମୃତ୍ୟୁ ଦିନେ ନା ଦିନେ ନିଶ୍ଚେ ଆସିବ।୧।

ମିଛ ମୋହମାୟାର ମିଛ ସଂସାର,
ସ୍ୱାର୍ଥ ପୂରଣ ପରେ କରିବେ ପର ।
ସୁଖ ପଛରେ ତୁମେ ଯେତେ ଧାଇଁବ,
କାଳ ଯମ ସହିତ ଶୀଘ୍ର ଭେଟିବ।୨।

ଆଜି ଯିଏ ନିଜର କାଲି ଅଜଣା,
ବଦଳେ ଜୀବନ ଗସ୍ତାର ଠିକଣା ।
ଅତି ଲୋଭେ ବହୁତ କ୍ଷତି ସହିବ,
ଶେଷରେ ମୃତ୍ୟୁ ପାଖକୁ ଡାକିବ।୩।

ଲୋଭ ଓ ସ୍ୱାର୍ଥ ଜାଲରେ ପଡିଯାଇ,
ବିଚାର୍ ପ୍ରାଣୀଟି ବହୁ କଷ୍ଟ ପାଇ ।
କାଳର କରାଳ ଗର୍ଭେ ପଡ଼ିଥାଇ,
ନିଃଶ୍ୱାସ ବି ତାହାକୁ ଧୋକା ଦିଅଇ।୪।

ଯେତେ ଦିନ ବଞ୍ଚିଛ ଧରମ କର,
ମାନବ ଜୀବନକୁ ସାର୍ଥକ କର ।
ପାଇବାର ଲାଳସା ହଟାଇ ଦିଅ,
ସତ୍ କରମ କରି ସୁଫଳ ପାଅ ।୫।

ଗଣିତ ଶିକ୍ଷକ
ଚଲିକା ନୋଡାଲ ହାଇସ୍କୁଲ
ପୁରୀ

# ଜୟ ମା ବାଗୀଶ୍ୱରୀ



ଜ୍ୟୋତିର୍ମୟୀ ପଣ୍ଡା

ତୁହି ବାଗୀଶ୍ୱରୀ ତୁହି ସିଦ୍ଧେଶ୍ୱରୀ
ତୁହି ମା ମରାଳ ବାହିନୀ,
ଶ୍ୱେତପଦ୍ମାସନୀ ମାଗୋ ବିଣାପାଣୀ
ତୁହି ମା ଅଭୟ ଦାୟିନୀ ।୧।

ତୁହି ବାକ୍ୟ ଦେବୀ ତୁହି ମା ବାଗ୍ଦେବୀ
ତୁହି ମା ସ୍ଫଟିକ ଧାରିଣୀ,
ତୁହିମା ଶାରଦା ତୁହିମା ବରଦା
କରୁଛି ତୋ ପାଦେ ଦୟନୀ ।।୨।।

ତୁହି ମା ଶାରଳା ଲମ୍ବିଅଛି ମାଳା
ଗଳାରୁ ଚରଣ ଛୁଇଁଣ,
ହୋଇଥାଏ ଜ୍ଞାନୀ ଗୁଣରେ ଗୁଣିତା
ତୋହରି କରୁଣା ପାଇଁଣ ।।୩।।

ଖଳଦ୍ଧିପି, ଜାନସାହି, ବଡ଼ମ୍ବା ,କଟକ

# ଅବଶୋଷ ପ୍ରେମ



ଦୁଷ୍ମନ୍ତ ବେହେରା

ସହରର କଲେଜ ରେ ପ୍ରଥମ କରି ନାମ ଲେଖାଇବା ପାଇଁ ଡୁଲୁନ୍ ଯାଇଥିଲେ । ପ୍ରଥମ ଭେଟ ହେଲା ସେପ୍ତା ସହିତ..

Hello ମୁଁ ଡୁଲୁନ୍
ତୁମ ନାମ କ'ଣ ?

ମୁଁ ସେପ୍ତା
"Oh " Nice Name

ଡୁଲୁନ୍ ମୁଁ ଏଇ କଲେଜ କୁ ମୋର ନାମ ଲେଖାଇବା ପାଇଁ ଆସିଛି। ଫର୍ମ ପୂରଣ କରି ସମିଟ୍ କରିବା ପାଇଁ ଆସିଛି। କନ୍ତୁ ଅଜାଣତ ରେ ମୁଁ କଲମ ଛାଡି ଆସିଛି ।

ଏ Hello ଟିକେ ଦବ କ
ସେପ୍ତା: କ'ଣ
ଡୁଲୁନ୍: ଏଇ କଲମଟା ମୋ ଦିଅ
ସେପ୍ତା: ନଅ
ଡୁଲୁନ୍: ପ୍ରଥମ ଦେଖାରେ ମନ କହୁଥିଲା ତୁମେ ମୋର...

କଜଳ ନୟନେ ଛାପିଦେଲ
ମୋ ମନ ହୃଦୟ ରେ ତୁମ ଛବି
ସୁନ୍ଦର ଯୌବନ ଚେହେରାରେ ହାଣି

ମନ ମୋ ନେଇଛ ଟାଣି ତୁମ ପାଖକୁ

ଏଇ........

**ସେପ୍ତା:** A Hello କଉ ଡ୍ରିମ୍ ରେ ପଳେଇ ଗଲ ମୋ କଲମ ଦିଅ ମୁଁ ବି ଫର୍ମ ପୂରଣ କରିବି

**ଡୁଲୁନ୍:** ଓଃ yes yes ଏଇ ନଅ କହି କହିଲା..

କାନ୍ଥ ଶିଉଳରେ ଲେଖିବି ତୁମନାମ
ଲଫାପା ରଖିଛି ସାଇତି
ଠିକଣା ଦେଲେ ଲେଖିବି ଉତ୍ତର
ମୋ ପ୍ରେମ ଇତିହାସ...

କଛିଦିନ ଗଲାପରେ କଲେଜ ରେ ପ୍ରଥମ କ୍ଲାସ୍ ରୁମ୍ ରେ ଦେଖା ପରସ୍ପର କୁ ଗ୍ଧହିଁ ଆଖି ଆଖି ର ଇସାରା ରେ ମନ ମନ ସହିତ ଯୋଛନାରେ ପ୍ରେମର ଯୌବନ ଦେହ ସିଂହରଣ ପ୍ରେମ ଗୁଡିକ ଯେମିତି ଭାସୁଥିଲା । ଦେହ ଛବି ଅଙ୍କନରେ ପ୍ରେମ ମିଠା ପୃଷ୍ଠା ଟି ଲେଖି ଯାଉଥିଲା ଏଇ ମୁଁ ତୁମର... କଛି ସମୟ ପରେ ଦୁହେଁ କ୍ଲାସ୍ ରୁମ୍ ଭିତରକୁ ଗ୍ଧଲିଗଲେ ।

ସେପ୍ତା ପ୍ରେମ ଅପେକ୍ଷା ପାଠକୁ ବେଶୀ ଗୁରୁତ୍ୱ ଦିଏ। ଡୁଲୁନ୍ ର ପ୍ରେମକୁ ନ ଜାଣିଲା ପରି ଅଭିନୟ କରେ। କନ୍ତୁ ମନ ଭିତରେ ଥାଏ ଡୁଲୁନ୍ ର ପ୍ରେମ ଭରା ସ୍ମୃତି।

ଡୁଲୁନ୍ ପାଠପଢା ସଙ୍ଗେ ସଙ୍ଗେ ସେପ୍ତା ବାଟକୁ ଗ୍ଧହିଁ ବସିଥାଏ ...

କେତେବେଳେ ଆସିବ ତୁମେ
ପାଦଗ୍ଧଲା ପାଉଁଜି ମୋ କାନେ
ଶବ୍ଦ ଭାଷା କହୁଥିବ ମୁଁ
ଏଇ ଆସିଛି ତୁମ ପାଇଁ.....

ସେପ୍ତା ପାଠପଢା ରେ ଅଧିକ ମନ ଦିଏ। ଓ କେମିତି ଭଲ ପାଠରେ କରିବ।

ବାର୍ଷିକ ପରୀକ୍ଷା ଆସିଲା ଏବଂ ତାରିଖ ଘୋଷଣା ହେଲା ପରୀକ୍ଷା ପାଇଁ। ପରୀକ୍ଷା ଦେଲେ ସମୟ ରେ ବେଞ୍ଚ ତଲେ ସେପ୍ତା ର କୋଡିଏ ଟଙ୍କା ପଡି ଯାଇଥିଲା। ପରୀକ୍ଷା ଶେଷ ହେଲା ପରେ କୋଡିଏ ଟଙ୍କା ଆଣି ନଜ ପାଖରେ ରଖିଲା । ଗୋଟିଏ ପରେ ଗୋଟିଏ ବିଷୟ ଶେଷ ହେଲା। ଦୁଇ ମାସ ଗଲା ପରେ ପରୀକ୍ଷା ଫଳ ଘୋଷଣା ହେଲା । କଲେଜ ରେ ସବୁଠାରୁ ଅଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କଲା ।

ଏବେ ତ କଲେଜ ଛାଡିବା ସମୟ ଆସିଲା କନ୍ତୁ ସେପ୍ତା ସ୍ମୃତି କୁ ମନେ ପକାଇ ଡୁଲୁନ୍। ସେପ୍ତା ବସିଥିବା ବେଞ୍ଚ ତଳେ ପଡିଯାଇଥିବା କୋଡିଏ ଟଙ୍କା ଧରି.....

ଗଲାବେଳେ ଏମିତି ଗଲ ମୁଁ
ଯେମିତି ତୁମର ଚହ୍ନାଠାରୁ ବେଶୀଦୂର
ମୁଁ ତୁମକୁ ଅପେକ୍ଷା କରିବି
ଅବଶୋଷ ପ୍ରେମ ପର୍ଯ୍ୟନ୍ତ.....

ତୁମେ ସିନା ଗ୍ଲିଗଲ ପଦିଏ କଥା କହିଲ ନାହିଁ। ତୁମର ପ୍ରେମକୁ ଆଜି ଏଇ କୋଡ଼ିଏ ଟଙ୍କା ବାନ୍ଧି ରଖିଛି ।

ସେପ୍ତା କଲେଜ ହଷ୍ଟେଲ ଛାଡି ଜିବା ଶେଷ ସମୟ ରେ ଯିବା ବାଟରେ ଡୁଲୁନ୍ ଖଣ୍ଡିଏ ଚଠି ସେପ୍ତା ଉପରକୁ ପକେଇ ଦେଇ ....

ପ୍ରିୟା ସେପ୍ତା

ଲେଖୁଛି ମୁଁ ପ୍ରଥମ ଚଠି
କରିବନ ମୋତେ ଘୃଣା ଇତି
ବାନ୍ଧିଲ ତୁମ ପ୍ରେମ ବନ୍ଧନେ
ଭୁଲି ପାରୁନାହିଁ ତୁମ ଛବି

 ଅପେକ୍ଷା କରେଇଲ ମନକୁ
 ଦେଖେଇଲ ନୂଆ ଆଶା
 ଭୁଲିବନ ମୋତେ ମୁଁ ତମ
 ପ୍ରେମ ର ଇତି ଢୁଲୁନ୍....

ସେପ୍ତା ଚଠି କୁ ଗୋଟେଇ ପଢିଲେ କଛି ସମୟ ଭବି ହସି ଗ୍ଲିଗଲେ। ଗଲ୍ ବେଳେ କଥା ପଦେ କହିଲେ ନାହିଁ। ତୁମ ଆସିବା ବାଟକୁ ଗ୍ହିଁ ବସିଥିବି ମୁଁ ।

କଛି ବର୍ଷ ଗଲ୍‌ପରେ ସେପ୍ତା ସରକାରୀ ଗ୍କରି କରି ଏବଂ ବିବାହ ହୋଇ ଘର ସଂସାର ପରିବାର ରେ ବାନ୍ଧି ହୋଇ ଯାଇଛି । ବେଶ ହସ ଖୁସିରେ ପରିବାର ସହିତ ଚଳ ଆସନ୍ତି ସେପ୍ତା। କନ୍ତୁ ଦିନେ ଘରର ଜିନଷ ସଜାଡୁ ସଜାଡୁ ହଠାତ୍ ନଜର ପଡିଲ୍ ଡାଏରୀ ଉପରେ। ଡାଏରୀ ର ପୃଷ୍ଠା ଗୁଡିକ ଆଡଉ ଆଡଉ ଢୁଲୁନ୍ ଦେଇଥିବା ଚଠି ଉପରେ ଆଖି ପଡିଲ୍। ଚଠି କୁ ଖୋଲି ପଢୁ ପଢୁ ଲୋହ ଭର୍ ଆଖି ଦୁଇଟି ଛଳ ଛଳ ହୋଇ ଚଠିର ଶେଷ ରେ ଲେଖା ହୋଇଥିଲ୍ ମୋତେ ଟିକେ ମନେ ପକେଇ କଲ୍ କରିବ ।

ସେଇ ସଙ୍ଗେ ସଙ୍ଗେ ମୋବାଇଲ ଆଣି କଲ୍ କଲେ ସେପ୍ତା। କଲ୍ ରିଙ୍ଗ ହେଲ୍
ଢୁଲୁନ୍: କଲ୍ ରିସିଭ୍ କରି ହେଲୋ କଏ
ସେପ୍ତା: ହଁ ହେଲୋ ମୁଁ ସେପ୍ତା ତୁମେ କେମିତି ଅଛ
ଢୁଲୁନ୍: ହଁ ମୁଁ ତୁମ ପ୍ରେମର ଅପେକ୍ଷା ରେ ଅଛି । କେବେ ଆସିବ ସେପ୍ତା
ସେପ୍ତା: ମୁଁ ବୁଝିବାରେ ଡେରି କରିଦେଲି ତୁମକୁ
ଢୁଲୁନ୍: ହଁ ସେପ୍ତା ଡେରିତ ମୁଁ କରିଦେଲି ତୁମକୁ ବୁଝିବାରେ ତୁମ ଅବଶୋଷ ପ୍ରେମକୁ.....

 ତୁମ ଅବଶୋଷ ପ୍ରେମ
 ଗ୍ଖିଲେ ମିଠା ଲ୍ଗେ
 ତୁମ ମନ ତଳ ଭ୍ଷାକୁ
 ବୁଝିବା ବଡ କଷ୍ଟ ଲ୍ଗେ....

ମୁଁ ଏଇ ଅପେକ୍ଷା ର ଅବଶୋଷ ପ୍ରେମ କୁ ଧରି ସମୟ ପଗ୍ଡରେ କ'ଣ ତୁମ ଅବଶୋଷ ପ୍ରେମ ପରିହାସର ଅପେକ୍ଷାରେ ମୁଁ ଆଜି ମୋ ପ୍ରେମ ଅପେକ୍ଷାରେ ମୋ ଜୀବନ ର ଲକ୍ଷ୍ୟ ବରବାଦ କରିଦେଇଛି ।

ନଜର ଠିକଣା ଖୋଜିଲ୍ ବେଳେକୁ ଦୁନଆ ପରିହାସ କରେ। କ'ଣ କହିବି ମୁଁ ଏଇ ଅବଶୋଷ ପ୍ରେମ**................**

ଗ୍ୱସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

# ମୁଁ ଯଦି



ଅର୍ଜୁନ ଦାସ

ମୁଁ
ଯଦି
ପକ୍ଷୀ ଟେ
ହୋଇଥାନ୍ତି
ଗଗନେ ଘୁରି
ଦେଖି ଆସିଥାନ୍ତି
କ ସୁନ୍ଦର ଆହା ସେ
ପ୍ରାକୃତିକ ଭେଷ ଭୂଷା ।।

ମୁଁ
ଯଦି
ଫୁଲ ଟେ
ହୋଇଥାନ୍ତି
ନତି ପ୍ରଭାତେ
ପ୍ରଭୁ ପାଦତଳେ
ଲାଗି କରି ସତେ ମୁଁ
ସ୍ଵର୍ଗୀୟ ସୁଖ ଭୋଗନ୍ତି ।।

ମୁଁ
ଯଦି
ଗଛ ଟେ
ହୋଇଥାନ୍ତି
ଖରା ବରଷା ରେ
ସାହା ହୋଇ ସତେ ମୁଁ
ଛାଇ ଟିକେ ଦେଇଥାନ୍ତି ।।।

ନଆଳୀ, କଟକ

# ଅଦୃଶ୍ୟ ଦାନବର ଯନ୍ତ୍ରଣା

ମୟଙ୍କ

ଅମୂଲ୍ୟ ଜୀବନ ମୂହୁର୍ତ୍ତରେ ହଜି ଯାଉଛି
ଅଦୃଶ୍ୟ ଦାନବର କବଳରେ କବଳତ
ଯନ୍ତ୍ରଣାରେ ଛଟପଟ ମଣିଷ
କ୍ଷଣକରେ ହର୍‌ଇବସେ ଆମ୍ଭିୟ ସ୍ୱଜନ
ଅନାଥ ଅସହାୟ ହୋଇ ଯାଏ ଜୀବନ
କଣ ବା ସାମର୍ଥ୍ୟ ଅଛି ଅହଂକାରୀ ମାନବର
ଶ୍ରେଷ୍ଠତ୍ୱର ଡିଣ୍ଡିମ ପିଟୁ ଥିବା ମନୁଷ୍ୟ
ଆଜି ତ୍ରାହି-ତ୍ରାହି ଧ୍ୱନରେ କରେ ଗୁଞ୍ଜରଣ ।

ସମ୍ଭ୍ରାନ୍ତ , ପୁଞ୍ଜିପତି ,ର୍‌ାଜନେତା ଓ ଶାସକ
କର୍‌ୋନା ଭୟାବହତାରେ ସମସ୍ତେ ଚନ୍ତିତ
କୃଷକ, ଶ୍ରମିକର ଦୁଃଖ ଆହୁରି ଅସହ୍ୟ
ସରକାର ଦାନ ଦେଇଥିବା କଞ୍ଚିତ ଆହାର
କେତେଦିନ ତାର କ୍ଷୁଧାକୁ ତୃପ୍ତ କରି ପାରିବ
ଘରେ ବନ୍ଦୀ ସଦୃଶ ହାତବାନ୍ଧି ବସି ରହିବା
କେବଳ ପ୍ରାଣର ସଂରକ୍ଷଣ ନମିତ୍ତ ।

ଡାକବାଜି ଯନ୍ତ୍ରରେ ବାରମ୍ବାର ଶୁଣା ଯାଏ
ସହର ଠାରୁ ଗାଁ ଗଳକନ୍ଦି ରେ
ସଚେତନତା ହିଁ ଜୀବନର ରକ୍ଷା କବଚ
ଅ୍ସ୍ବୃ ଶ୍ବ ମନୁଷ୍ୟମନୁଷ୍ୟ ଠାରୁ

ସାମାଜିକ ଦୂରତ୍ୱ ଏକ ସାଧନ
ଏ ଅଦୃଶ୍ୟ ଦାନବର ପଥ ଅବରୋଧର ।

କିଛି ଦିନରେ ହଠାତ୍ ବଦଳ ଯାଉଛି
ଦୈନନ୍ଦିନ ଜୀବନର ଜୀବନ ଶୈଳୀ
ଶିକ୍ଷା ଯେମିତି ଅଲୋଡା ଜୀବନ ଆଗରେ
ପ୍ରଥମେ ବଞ୍ଚିବା ତା ପରେ ବିକାଶର ମନ୍ତ୍ର
ହରାଇବାକୁ ଅଛି ଅଦୃଶ୍ୟ ଦାନବକୁ
ପୁଣି ଆଶାବାନ ଜୀବନ ବଞ୍ଚିବା ପାଇଁ ।

ବୌଦ୍ଧ

# ଖରାଦିନ



ଯଶୋବନ୍ତ ନାୟକ

ଧୀରେଧୀରେ ଆସିଯାଏ ଖରାଦିନ
ଫାଲଗୁନ ମାସପରେ ।
ନାଳ ନଈ ପୋଖରୀ ଶୁଖାଇ
ଚାଲିଯାଏ ତା ବାଟରେ ॥

ସୂର୍ଯ୍ୟଙ୍କ ତେଜ ହୁଅଇ ପ୍ରଖର
ଜଳହୁଏ ବାଷ୍ପୀଭୂତ ।
କଷ୍ଟଦାୟକ ଗରମ ପବନ
ମନକୁ କରେ ଭ୍ରମିତ ॥

ଝାଳ ବହୁଥାଏ ଶରୀର ଉପରେ
ସବୁ ଦିନ ସବୁ ଘଡି ।
ଖାଇବାକୁ ଯମା ଭଲଲାଗେ ନାହିଁ
ଶୋଷ ଲାଗୁଥାଏ ଅତି ॥

ଜଳ ପରିମାଣ କମି କମି ଯାଏ
ଲାଗେ ଭାରି ଦୁରୁବଳ ।
ଅଂଶୁଘାତ ମୁଣ୍ଡବିନ୍ଧା ବିପଦ
କରିଥାଏ କଲବଲ ॥

ଘରୁ ବାହାରି ହୋଇନାଥାଏ
ଲାଗେ ସତେ କେତେ କଷ୍ଟ ।
ଝାଞ୍ଜି ଖରାରେ ଓହଳ ବିକଳ
ଶୁଖି ଯାଏ ସଦା ଓଷ୍ଠ ॥

ଆଜିଠୁ ସମସ୍ତେ ସାବଧାନ ହୁଏ
ଖରାବେଳେ ଘରେ ରୁହ ।
ପିଏ ହେ ଭାଇ ପଇଡ ପାଣି ଦହି
ସୁସ୍ଥ ସତେଜ ରହିବ ଦେହ ॥

ଖରାବେଳେ ନଶା ସେବନ
ନିଜ ଜୀବନ ପ୍ରତି ବିପଦ
ମଦ ସିଗାରେଟ ପୁଡିଆ ଛାଡି
ଘର ରୁହ ସଦା ସୁରକ୍ଷିତ ॥

କଛିଟିକେ ହେଲେ ଧର୍ଯ୍ୟ ଧରିବା
ହେବା ନାହିଁ ଭୟଭୀତ ।
ଖରାଦିନ ଭାରି ଶଙ୍କଟ ଅଟଇ
ବେଳୁ ହୋଇବା ଜାଗ୍ରତ ॥

ମୋତିଗାଁ, ଚନ୍ଦାହାଣ୍ଡି
ନବରଙ୍ଗପୁର

# ପ୍ରିୟତମା




ଦୀନେଶ ଅଗ୍ରୱାଲ୍

ପ୍ରିୟତମା
ପାଦତଳୁ ମାଟି ଖସିଯାଇପାରେ
ଆକାଶଠୁ ବି ବେଦନାର ଲୁହ
ବର୍ଷିଯାଇପାରେ
ପ୍ରେମର ମିଠା ମିଠା
ଆତ୍ମୀୟ ଆକର୍ଷଣରେ ।
କହିପାରିବ,
କହିପାରିବ ପ୍ରିୟତମା ମୋର
ଆଖିରୁ ଢଗିଡି ଯାଉଥିବା
ଉଷୁମ ଲୁହକୁ
ଓଠ କାହିଁକି ପିଇଯାଏ?

ଦେଇପାରିବ,
ଦେଇପାରିବ ମୋର ପ୍ରଶ୍ନର ଉତ୍ତର
ତୁମ ହାତର କୋମଳ ସ୍ପର୍ଶରେ
ମୋ ଦେହ କାହିଁ ଶିହରି ଉଠେ?

ପ୍ରିୟତମା
ସେଇଥି ପାଇଁ ତ ମତେ ଲାଗେ
ମୁଁ ତୁମ ଜୀବନ ବଞ୍ଚୁଛି
ଆଉ ତୁମେ ମୋର ।

ଓଡ଼ିଆ ଅଧ୍ୟାପକ
ବିଜେପୁର ଡିଗ୍ରୀ ମହାବିଦ୍ୟାଳୟ, ବିଜେପୁର

# ମୁଇଁ ତ ଗରିବ ଛାତ୍ର

## ଭାଗ-୪



ମହେଶ୍ୱର ସାହୁ

ପ୍ରଧାନ ଶିକ୍ଷକଙ୍କ ସ୍ମିତ ହାସ୍ୟ ଭରା ମୁଖ ମଣ୍ଡଳରେ, ଲୁଚ ରହିଥିଲା ଏକ ସ୍ନେହ ଓ ମମତା ଭରା ଆବେଗ । ବହୁତ ଭାବି ଚନ୍ତି ସେ ତପନର ନାମ ପଞ୍ଜିକରଣ କରିଛନ୍ତି । ତପନ ହୃଷ୍ଟପୃଷ୍ଟ ଥିବାରୁ ଦୌଡ଼ ପ୍ରତିଯୋଗିତାରେ ବିଦ୍ୟାଳୟରେ ପ୍ରଥମ ହୋଇଥାଏ । କନ୍ତୁ କୌଣସି ଜିଲ୍ଲା ସ୍ତରୀୟ ହେଉ କ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ କେବେ ଅଂଶଗ୍ରହଣ କରି ନ ଥିଲା । କାରଣ ତା ମାଆ ତାକୁ କେବେ ଛାଡିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ଏହି ପ୍ରତିଯୋଗିତାରେ ତାକୁ ଥରେ ସୁଯୋଗ ଦେଇ ଦେଖିବା । ରାଜେଶ ଓ ମହେଶ ଆଗରୁ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ମାନଙ୍କରେ ଏତେଟା ଭଲ କରି ନ ଥିଲେ ।

ପ୍ରଧାନ ଶିକ୍ଷକ ବୁଝେଇ ଦେଇଥିଲେ ରାଜେଶ ଓ ମହେଶକୁ ଯେ ତୁମେ ଦୁଇଜଣ ଗୁଣି ଓ ଜ୍ଞାନୀ ହେଲେ ଆଜିର ପ୍ରତିଯୋଗୀ ହିସାବରେ ମୁଁ ତପନର ନାଁ ପଞ୍ଜିକରଣ କରିଛି । ତୁମେ ଦୁଇଜଣ ମନ ଦୁଖ କର ନାହିଁ । ଆଗକୁ ନଶ୍ଚୟ ସୁଯୋଗ ମିଳବ ।

ତପନ ସାର ଙ୍କର ଏତକ କଥା ଶୁଣି ଆଖିରୁ ଦୁଇଟୋପା ଲୁହ ଝରେଇ ଦେଲା । କହି ପକେଇଲା "ସାର ଆପଣ ମୋତେ କାହିଁକ ସୁଯୋଗ ଦେଲେ ! ଏମାନଙ୍କର ବାପା ଆସି ଆପଣଙ୍କ ଉପରେ ଦାଉ ସାଧିବେ । ମୁଁ ଚାହେଁ ନାହିଁ ମୋ ଗୁରୁଜୀ ଆମ ଅଭିଭାବକ ମାନଙ୍କ ନକଟରେ ଅପମାନତ ହୁଅନ୍ତୁ । ମୋତେ ସୁଯୋଗ ଦେଇ ନ ଥିଲେ କୌଣସି ଅସୁବିଧା ନ ଥିଲା । କାରଣ ମୋର ନାଁ ବାପା ଅଛନ୍ତି କହିବାକୁ ନାଁ ଅନ୍ୟ କେହି । " ତପନର ନୟନ ଯୁଗଳରୁ ବୋହିଯାଉଥାଏ ଆନନ୍ଦାଶ୍ରୁ । କଣ ଜଣେ ଶିକ୍ଷକ ମଧ ଅସହାୟ ପିଲାଟିଏ ପାଇଁ କଛି କର୍ତ୍ତବ୍ୟ ଲିଭାଇ ଥାନ୍ତି । କଣ ମୋ ପ୍ରଧାନ ଶିକ୍ଷକ ମୋ ପାଇଁ ନଜ ସମ୍ମାନକୁ

ଜଳାଞ୍ଜଳି ଦେଇ ଦେଲେ ? କଛିଟା ଆନନ୍ଦ ଭିତରେ ଅସୁମାରୀ ପ୍ରଶ୍ନର ଛାୟା ଆନ୍ଦୋଳିତ କରୁଥାଏ ତପନର ମନ ଓ ହୃଦୟରେ ।

ଠିକ ଅଛି ଆମେ ଦେଖିବା ଆଗକୁ କଣ ହେବ । ତୁମେ ମାନେ କେହି ଚିନ୍ତା କର ନାହିଁ । ଯାହା ହେବ ମୁଁ ବୁଝିବି ହେଲେ ଏଠାରେ ଆମ ମାନଙ୍କ ପାଇଁ ନାସ୍ତାର ବ୍ୟବସ୍ଥା ହୋଇଛି ଚାଲ କଛି ନାସ୍ତା କରିବ । ସକାଳ ପହରୁ ଆସିଲଣି । ପିଲାଙ୍କୁ ଧରି ପ୍ରଧାନ ଶିକ୍ଷକ ନାସ୍ତା କରେଇବାକୁ ନେଇଗଲେ ।

ନାସ୍ତା ସରିଲା ପରେ ପଞ୍ଜିକରଣ କେନ୍ଦ୍ରରୁ ଟୋକନ ସଂଗ୍ରହ କରି, ଟୋକନରେ ଥିବା ନମ୍ବର ଅନୁସାରେ ପ୍ରଧାନ ଶିକ୍ଷକ ନିଜ କ୍ୟାବିନ ଭିତରକୁ ଗଲେ ।

ଦିନ ଦଶଟାରେ ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେବ ଏହି ପ୍ରତିଯୋଗିତା ରହିଥିଲା ତିନି ଶହ ମିଟର ବିଶିଷ୍ଟ । ଆସିଥିବା ପ୍ରତିଯୋଗୀ ମାନଙ୍କୁ କେତୋଟି ଗ୍ରୁପ ରେ ବିଭକ୍ତ କରା ଯାଇଥିଲା । ପ୍ରତି ଗ୍ରୁପର ବିଜେତାଙ୍କୁ ନେଇ ସେମି ଫାଇନାଲ ଓ ସେମି ଫାଇନାଲର ବିଜେତାଙ୍କୁ ନେଇ ଫାଇନାଲ ମ୍ୟାଚ କରାଯିବ । ତେଣୁ ପ୍ରଥମ ଗ୍ରୁପରେ ତିରିଶି ଜଣଙ୍କ ସହିତ ତପନ ଦୌଡ଼ ପ୍ରକ୍ରିୟା ପାଇଁ ମାଇକରେ ଡକା ଗଲା । ତପନ ପ୍ରଥମେ ପ୍ରଧାନ ଶିକ୍ଷକଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ହୋଇ କହିଲା "ସାର ମୋତେ ଆଶୀର୍ବାଦ କରନ୍ତୁ । ମୁଁ ଯେମିତି ପବନର ତାଳେ ତାଳେ ଦୌଡି ପାରେ ।" ସାର କହିଲେ ମୋ ଆଶୀର୍ବାଦ ଠାରୁ ତୁମର ଚେଷ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୁମ ସ୍ୱର୍ଗବାସୀ ବାପା ନିଶ୍ଚୟ ଦେଖୁଥିବେ ତୁମେ ଆଗେଇ ଚାଲ । ତପନ ନିଜର ସ୍ପୋର୍ଟସ କପଡା ପିନ୍ଧି ବିର ଦର୍ପରେ ଯାଇ ଲାଇନ ରେ ଠିଆ ହୋଇଗଲା । ଜଜ୍ ହୁଇସିଲ ଦେଇ ୱାନ, ଟୁ ଓ ଥ୍ରୀ କହି ଷ୍ଟାର୍ଟ କହିଦେଲେ । ପିଲାମାନେ ଏକ ସାଥିରେ ଦୌଡ଼ିବା ଆରମ୍ଭ କରିଦେଲେ । ତପନ ପ୍ରଥମେ ଟିକେ ପଛେଇ ଯିବା ଭଳି ଦେଖା ଦେଇଥିଲା । ଷ୍ଟାଡିଅମ ଭିତରେ ଥିବା ସମସ୍ତ ଦର୍ଶକ ବହୁତ ଜୋରରେ ହୋ ହଲା କରୁଥାନ୍ତି । ପ୍ରଧାନ ଶିକ୍ଷକ ତପନ ତପନ ଡାକ ଛାଡିଲେ । ସମସ୍ତ ହୋ ହଲା ଶବ୍ଦକୁ ଚିରି ସାର ଙ୍କର ଶବ୍ଦ ତପନର କାନରେ କୁହୁକ ଜାଦୁ ଭଳି ଉତ୍ସାହ ଢାଳି ଦେଲା । ଭିଡ଼ ଭିତରେ ସାର କେଉଁଠି ଡାକ ଛାଡୁଛନ୍ତି ସେ ଜାଣି ପାରିଲା ନାହିଁ ହେଲେ ସେ ଏଇନେ ପାଞ୍ଚ ଜଣଙ୍କ ଠାରୁ ପଛରେ ଅଛି । ହେ ଭଗବନ ମୋତେ ଶକ୍ତି ଦିଅ କହି ପ୍ରଖର ବେଗରେ ଆଗକୁ ଆଗକୁ ସମସ୍ତଙ୍କୁ ଅତିକ୍ରମ କରି ମାଡି ଚାଲିଲା ଏକ କ୍ଷୁଦାର୍ଥ ସିଂହ ଭଳି ।

ସମସ୍ତ ପ୍ରତି ଦ୍ଵନ୍ଦୀଙ୍କ ଠାରୁ ତପନ ଆଗେଇ ଯାଇଥିଲା ଓ ପ୍ରଥମ ହୋଇ ସେମି ଫାଇନାଲ ରେ ପହଞ୍ଚି ଗଲା ।

ବହୁତ ଦୁର୍ବଳତା ଯୋଗୁଁ ସେବାକାରି ମାନେ ତାକୁ ଗ୍ଲୁକୋଜ ପାଣି ପିଇବାକୁ ଦେଲେ ଏବଂ ବିଶ୍ରାମ ନେବାକୁ କହିଲେ ସେମି ଫାଇନାଲ ପାଇଁ । ତଥାପି ସେ ପ୍ରଧାନ ଶିକ୍ଷକଙ୍କୁ ଗ୍ୟାଲେରୀ ମଧ୍ୟରେ ଦେଖି ପାରୁ ନ ଥିଲା ।

ସେମି ଫାଇନାଲ ରାଉଣ୍ଡରେ ମଧ୍ୟ ସମସ୍ତଙ୍କୁ ପଛରେ ପକାଇ ଏକ ନମ୍ବର ହୋଇ ଯାଇଥିଲା। ଏବେ ପ୍ରଧାନ ଶିକ୍ଷା ନିଜ କେବିନ ରୁ ତଳକୁ ଦୌଡ଼ି ଆସି ତାପକୁ କୁଣ୍ଢେଇ ବହୁତ ଗେହ୍ଲା କଲେ । ତପନ କହିଲା "ସାର ମୋତେ ବହୁତ ଭୋକ ହେଲାଣି । ଖାଇବାକୁ ଇଛା ହେଉଛି ।" ସାର କହିଲେ "ନାଇଁରେ ବାପା ଏଇନେ ଖାଇଲେ ଫାଇନାଲ ରେ ଦୌଡ଼ିବୁ କେମିତି କହିଲୁ ! ତା ପରେ ଏଠି କଣ ଅଛି ଖାଇବାକୁ ଯେ ! ଖାଇବାର ବ୍ୟବସ୍ଥା ମଧ୍ୟାହ୍ନ ସମୟରେ ହୋଇଥାଏ" ତପନ ଅନୁରୋଧ କଲା "ସାର ମୋତେ ଟିକେ କେବିନ ମଧ୍ୟକୁ ନେଇଚାଲନ୍ତୁ । ମୋ ବ୍ୟାଗରେ ମାଆ ଦେଇଥିବା କଛି ଖାଦ୍ୟ ଅଛି ଖାଇବି । କାରଣ ପୁଣି ଫାଇନାଲ ହେବାକୁ ଅଧ ଘଣ୍ଟା ସମୟ ଲାଗିବ "

ହଉ ଠିକ ଅଛି କହି ତପନ ସାରଙ୍କ ସହିତ କେବିନ କୁ ଗଲା । କେବିନ ଭିତରେ ଠିକାଦାର ଦେଇଥିବା ବ୍ୟାଗ ଭିତରୁ ଏକ ପଖାଳ କଂଶା କାଢ଼ିଲା । ସେଥିରେ ତା ମାଆ ତା ପାଇଁ କଦଳୀ ପତ୍ରରେ ବନ୍ଧା ହୋଇଥିବା ଆଳୁ ଚଗଟା ଓ ପଖାଳ ଭରି ଦେଇଛନ୍ତି । ଉପସ୍ଥିତ କେବିନ ନିକଟସ୍ଥ ସମସ୍ତ ଦର୍ଶକଙ୍କ ସାମନାରେ ତପନ ପାଖଳରେ ପାଣି ଢାଳି ଆଳୁ ଚଗଟା ସହିତ ଖୁବ ଆନନ୍ଦରେ ଖାଇବାକୁ ଲାଗିଲା । ଏମିତି ଖାଉଥିବାର ଦେଖି ଆଧୁନିକ ଯୁଗର ପିଲାମାନେ ଖୁବ ତାଳି ମାରିଲେ । ସେମାନେ ତପନ ପଖାଳ ଖାଇବାର ଦୃଶ୍ୟର ବହୁତ ମଜାକ କରୁଥିଲେ । ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ଟିକେ ଅଡୁଆ ଅଡୁଆ ଲାଗୁଥିଲେ ହେଲେ ପିଲାଟାକୁ ଭୋକ ଲାଗିଛି ଓ ଗଣ୍ଡେ ଖାଇଦେଲା ଭାବି ସେମିତି ଅନାଉ ଥିଲେ । ତପନ କହିଲା "ସାର ପିଲା ମାନେ ହସୁଛନ୍ତି ବୋଲି ଭାବିଲେ କି ? ମୋତେ ଏଇ ପଖାଳ ଗଣ୍ଡାକ ନ ଖାଇଲେ ଆଦୌ କେଉଁଥିରେ ବି ମନ ଲାଗେ ନାହିଁ । ସାର ମୁଁ ପଖାଳ ନ ଖାଇଲେ କଛି ବି କରି ପାରେନା । ସେଇଥି ପାଇଁ ମୋ ମାଆ ମୋତେ ଦେଇଥିଲା ଓ କହିଥିଲା ଭୋକ ଲାଗିଲେ ଖାଇନେବୁ । ସାର କିଏ ହସିଲେ କି କେହି ମଜାକ କଲେ ଆମର

ପେଟ ପୁରି ଯାଇନଥାଏ । ଭଗବାନ ପର୍ ମୋତେ ଗରିବ ଛାତ୍ର ଭାବେ ତିଆରି କରିଛନ୍ତି କେବଳ ଏଇ ପଖାଳ ପାଇଁ । ଆପଣ ତ ଧନୀ ଲୋକ ଆପଣ ବି ହସୁଛନ୍ତି କ? " ପ୍ରଧାନ ଶିକ୍ଷକ ସାନ୍ତ୍ୱନା ଦେଇ କହିଲେ " ସତରେ ତପନ ତୋର କେତେ ବୁଦ୍ଧି ଓ କେତେ ଅନୁଚନ୍ତା ମୂଳକ ଭାବନା ! ଧନ୍ୟ ତୋର ମାଆ । ଯିଏ ପଖାଳ ଭିତରେ ସ୍ନେହ ଓ ମମତା ଭରି ଦେଇଛନ୍ତି । ତୋ ମାଆଙ୍କର ପଖାଳର ମୂଲ୍ୟ ତୋତେ ଆଜି ଷ୍ଟାଡିଅମ ଭିତରେ ଦେବାକୁ ପଡିବ । ଆଗେଇ ଚାଲ ଆଗକୁ ଆଗକୁ ବହୁତ ଆଗକୁ । ତପନ ନିଶ୍ଚୟ ଆଦର୍ଶ ଓ ପ୍ରେରଣା ହେବା ଦରକାର ଅନ୍ୟ ଛାତ୍ର ଓ ଛାତ୍ରୀ ମାନଙ୍କ ପାଇଁ ।

ତପନର ଫାଇନାଲ ଖେଳ ପାଇଁ ଡାକରା ହେଲା । ଜଜ୍ ସାର ପିଲା ମାନଙ୍କୁ ଲାଇନ ରେ ଠିଆ କରେଇ ଦେଲେ । ପୁଣି ହୁଇସିଲ ବାଜି ଉଠିଲା ୱାନ, ଟୁ, ଥ୍ରୀ ସହିତ ଷ୍ଟାର୍ଟ.. ଦୌଡ଼ିଲେ ସମସ୍ତ ଫାଇନାଲିଷ୍ଟ ପିଲା ମାନେ । ତପନ ଭିତରେ ସତ ସିଂହର ପରାକ୍ରମ ଆନ୍ଦୋଳିତ ହେଉଥାଏ । ସାର ଚିତ୍କାର କରୁଥାନ୍ତି ତପନ ମାଡି ଚାଲ । ଏବେ ତପନ କାହାକୁ ନ ଅନେଇ ଆଗକୁ ଆଗକୁ ମାଡି ଚାଲିଲା ଖୁବ ପ୍ରଖର ବେଗରେ । ମନ ମଧ୍ୟରେ ବିଦ୍ୟାଳୟର ଚନ୍ତା । ମୁଁ ନିଶ୍ଚୟ ମୋ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିବି । ମୁଁ ନିଶ୍ଚୟ ମୋ ବିଦ୍ୟାଳୟକୁ ଆମ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଗୁଞ୍ଜାଇତ କରିବି । ମୋ ମାଆର ନାଁ ଉଜ୍ଜ୍ୱଳ କରିବି । ଯିଏ ମୋ ପାଇଁ ଦିନ ରାତି ପର ଘରର ବାସନ ମାଜୁଛି । ତା ମନରେ ଅକୁହା ଭାବନା ଉଙ୍କି ମାରୁଥାଏ । ଭାବନା ମଧ୍ୟରେ ସେ ତିନ ଶହ ମିଟର ଦୌଡ଼ି ସାରିଥିଲା। ସମସ୍ତ ଖେଳାଳିଙ୍କୁ ପଛରେ ପକାଇ ସିଏ ଯାଇ ସିଧା ପଡିଯାଇଥିଲା ନିଜର ଲକ୍ଷ ରେଖାର ଆର ଆରପାରିରେ । ଚେତା ଶୂନ୍ୟ ଅବସ୍ଥାରେ ତାକୁ ନେଇ ଯାଇଥିଲେ ସେବକ ପିଲା ମାନେ ।

ଓଡ଼ିଶାର ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀ ମାନଙ୍କୁ ପଛରେ ପକାଇ ତପନ ହେଇଥିଲା ଦୌଡ଼ରେ ପ୍ରଥମ। କିନ୍ତୁ ଯିଏ ଦୁଇଟି ପ୍ରତିଯୋଗିତା ରେ ପ୍ରଥମ ହେବ ସେ ହେବ ରାଜ୍ୟ ସ୍ତରୀୟ କ୍ରୀଡା ଉତ୍ସବର ଚମ୍ପିୟାନ । ପ୍ରତିଯୋଗୀତା ଶେଷ ହୋଇ ନ ଥାଏ । ଏବେ ପୁଣି ହେବ ଲମ୍ବା ଡିଆଁ ର ପ୍ରତିଯୋଗିତା । ତପନ ନିଜକୁ ସୁସ୍ଥ ଅନୁଭବ କରୁଥାଏ । ପ୍ରଧାନ ଶିକ୍ଷକ କହିଲେ "ତପନ ପୁଣି ତତେ ପ୍ରସ୍ତୁତ ହେବାକୁ ପଡିବ ଲମ୍ବା ଡିଆଁ ପାଇଁ । ମୁଁ ଭାବୁଛି ତପନ ନିଶ୍ଚୟ ଉତ୍ତୀର୍ଣ୍ଣ ହେବ ।"

ମହେଶ କହିଲା "ସାର ମୁଁ ଭାଗ ନେଇ ପାରିବି କି?" ରାଜେଶ ମଧ୍ୟ ଅନୁରୋଧ କଲା "ସାର ମୋତେ ଗୋଟେ ସୁଯୋଗ ଦିଅନ୍ତୁ ।" ପ୍ରଧାନ ଶିକ୍ଷକ କହିଲେ "ଏଇଟା ଆମ ବିଦ୍ୟାଳୟ କଥା ନୁହେଁ । ଏଠି ଯେଉଁ ନିୟମ ହୋଇଥାଏ ସମସ୍ତଙ୍କ ପାଇଁ ହୋଇଥାଏ । ସେମାନେ କେବଳ ଜଣକୁ ପଞ୍ଜିକରଣ କରିବେ ଓ ଦୁଇଟି ପ୍ରତିଯୋଗିତାର ଭାଗ ନେବାକୁ ସୁଯୋଗ ଦେବେ । ତେଣୁ ମନ ଦୁଖ କର ନାହିଁ । ତପନ ଆମ ବିଦ୍ୟାଳୟର ନାମ ଉଜ୍ଜ୍ୱଳ କରିସାରିଛି ଏବଂ ଆଗକୁ ମଧ୍ୟ କରିବ । ତେଣୁ ତୁମେ ବ୍ୟସ୍ତ ହୁଅ ନାହିଁ ସମୟକୁ ଅପେକ୍ଷା କର । ଆମେ ଶିକ୍ଷକ ହିସାବରେ ଜାଣି ପାରୁ କାହା ଦ୍ୱାରା କେଉଁ କାମ ହୋଇପାରିବ । ତେଣୁ କଥରେ ଅଛି ଗୁଣ ଚନ୍ଦ୍ରେ ଗୁଣିଆ ଓ ସୁନା ଚନ୍ଦ୍ରେ ବଣିଆ ।"

ଏବେ ରାଜେଶ ଓ ମହେଶ ବୁଝି ପାରିଲେ ଯେ ତପନ ଭିତରେ କିଛି ଗୁଣ ଅଛି ଯାହା ପାଇଁ ସେ ଆଜି ଓଡ଼ିଶାର ଦୌଡ଼ରେ ପ୍ରଥମ ହେଇ ପାରିଲା । ଆମକୁ ମଧ୍ୟ ତା ଠାରୁ କିଛି ଶିଖିବାର ଅଛି । ଆମେ ତାକୁ ବହୁତ ଘୃଣ୍ୟ ଦୃଷ୍ଟିରେ ଦେଖୁ ହେଲେ ତା ଅନ୍ତରରେ କେବେ ଆମ ପ୍ରତି କୌଣସି ଭାବନା ନ ଥିଲା । ଆମେ ଯେତେବେଳେ ଯାହା କହିଲେ କି ଥଟ୍ଟା କଲେ, ସେ ଗୁରୁତ୍ୱ ଦିଏ ନାହିଁ । ନିଜ କର୍ମକୁ ନିଜେ ବଡ଼ ଭାବି କରିଗଲେ ।

ଲମ୍ବ ଡିଆଁ ଆରମ୍ଭର ପ୍ରତିଯୋଗିତା ଆରମ୍ଭ ହେଲା । ସେମିତି ସମସ୍ତ ପ୍ରତିଯୋଗୀ ମାନଙ୍କୁ ଗୋଟିଏ ଗୋଟିଏ ଗ୍ରୁପ କରାଯାଇଥାଏ । ତପନର ନାଁ ଡକା ଗଲା । ତପନ ଜଜ୍ ଙ୍କର ନିର୍ଦ୍ଦେଶ ଅନୁସାରେ ଯାଇ ଠିକ ଲାଇନ ରେ ଠିଆ ହୋଇଗଲା । ଏବେ ଆରମ୍ଭ ହେବ ଲମ୍ବ ଡିଆଁ ପ୍ରତିଯୋଗିତା । ପିଲାମାନେ ନିଜ ବଳ ଓ ଶକ୍ତି ମୁତାବକ ଲମ୍ଫ ପ୍ରଦାନ କରୁଥାନ୍ତି । ତପନ ବାରି ଆସିଲା । ତପନ ମଧ୍ୟ ଲମ୍ବ ଡିଆଁ ମାରିଲା । କିଏ କେତେ ଦୂରତା ଡିଆଁ ମାରୁଥାଏ ତାହା ଶେଷରେ କୁହାଯାଏ । ପ୍ରଥମ ରାଉଣ୍ଡରେ ତପନ ତା ଗ୍ରୁପରେ ସମସ୍ତଙ୍କୁ ପଛରେ ପକାଇ ସେମି ଫାଇନାଲକୁ ଯାଇଛି । ପ୍ରଧାନ ଶିକ୍ଷକଙ୍କର ଖୁସି କହିଲେ ନ ସରେ। ତପନ ଉପରେ ଏବେ ସବୁ ପିଲାଙ୍କ ନଜର । କାରଣ ଘୋଷଣା କରୁଥିବା ଲୋକ ଜଣଙ୍କ ଅଧିକ ତପନ ନାଁ ଟିକୁ ପ୍ରଚାର କରୁଥାନ୍ତି । ବହୁତ ଜୋରରେ ତପନ ନାଁ କହୁଥାନ୍ତି। ଯେମିତି ବିଜୁଳି ମାରିଲା ପରେ ଘଡ଼ ଘଡି ଶବ୍ଦ ହୁଏ । ସବୁରି କାନରେ ତପନ ତପନ । ମଝିରେ ମଝିରେ ଘୋଷଣାକାରୀ କହୁଥାନ୍ତି ଧନ୍ୟ ତପନର ବାପା ମାଆ ଧନ୍ୟ

ତାଙ୍କର ଶିକ୍ଷକ । ଏମିତି ଶବ୍ଦ ଶୁଣି ପ୍ରଧାନ ଶିକ୍ଷକଙ୍କ ଛାତି କୁଣ୍ଢେ ମୋଟ ହୋଇଯାଉଥାଏ। ଆନନ୍ଦରେ ଠିଆ ହୋଇ ହାତ ଟେକ ଦେଉଥାନ୍ତି । ଟିକେ ସ୍ମିତ ହସ ହସି ଦେଇ ପଡିଆ ମଧ୍ୟରେ ତପନକୁ ଅନେଇ ନଜ ଛାତିକୁ ଦୁଇ ଗୁପୁଡ଼ା ମାରି ଦେଉଥାନ୍ତି । ମୋ ହିରେ଼ ତପନ । ମୁଁ ଆଜି ତା ପାଇଁ ଗର୍ବିତ । ମହେଶ ଓ ଗ୍ରେଜଶ ପିଠିରେ ହାତ ବୁଲେଇ ଦେଇ ଥାପୁଡ଼େଇ ଦେଉଥାନ୍ତି । ଏବେ ସତରେ ମହେଶ ଓ ଗ୍ରେଜେଶ ମଧ୍ୟ ଖୁସି ଅନୁଭବ କରୁଛନ୍ତି । ସେମାନେ ଜାଣିପାରୁଛନ୍ତି ଆମେ ପଢୁଥିବା ବିଦ୍ୟାଳୟର ନାଁ ତପନ ମାଧ୍ୟମରେ ଓଡିଶା ବକ୍ଷରେ ଗୁଞ୍ଜରିତ ହେଉଛି । ଆମ ପ୍ରଧାନ ଶିକ୍ଷକଙ୍କ ଖୁସି ହିଁ ଆମର ଖୁସି । ଏଇ ଚନ୍ତା ଧାର୍ ତାଙ୍କ ମନରେ ଆସିଯାଇଥାଏ ।

କହିବାକୁ ଗଲେ ଯେତେବେଳେ ଏକ ବିଦ୍ୟାଳୟର ନାଁ କୌଣସି ବି ଛାତ୍ର ଦ୍ଵାର୍ ସର୍ବୋଚକୁ ଯାଇଥାଏ ନା ସେତେବେଳେ ସେଇ ବିଦ୍ୟାଳୟରେ ପଢିଥିବା ପ୍ରକୃତ ଛାତ୍ର ଓ ଶିକ୍ଷକ ବହୁତ ଗର୍ବ କରିଥାନ୍ତି । ସେମାନେ ନଜ ଭାଗ୍ୟ ଓ କର୍ମ ଅନୁସାରେ ଯେଉଁ କାମ କରୁଥାନ୍ତୁ ନା କାହିଁକ ! ମୁଁ ଏହି ବିଦ୍ୟାଳୟରେ ପଢ଼ିଥିଲି କ ପଢ଼ାଉ ଥିଲି କହି ନଶ୍ଚୟ ନଜ ଛାତିରେ ଦୁଇ ଜବଡା ମାରି ଦେଇଥାନ୍ତି ।

ସେମି ଫାଇନାଲର ପ୍ରତି ଯୋଗୀତା ଆରମ୍ଭ ହେବ । ସମସ୍ତ ପ୍ରତିଯୋଗୀ ଆସି ଯାଇଥାନ୍ତି ଷ୍ଟାଡିଅମ ମଧ୍ୟସ୍ତ ପଡିଆ ମଧ୍ୟକୁ । ତପନ ମଧ୍ୟ ନଜ ବାରି ପାଇଁ ଅପେକ୍ଷା କରିଥାଏ । ଜଣକ ପରେ ଜଣେ ଲମ୍ବ ଡିଆଁ ମାରୁଥାନ୍ତି ଓ ତାହା ଜଜ୍ ନୋଟ କରୁଥାନ୍ତି । ଏମିତିରେ ତପନ ମଧ୍ୟ ଡିଆଁ ମାରିବା ପାଇଁ ନାଁ ଡାକଗ୍ ହେଲ୍ । ତପନ ଯାଇ ଛିଡା ହୋଇଗଲ୍ ଡିଆଁ ମାରିବାକୁ । ପଡ଼ିଆର ସମସ୍ତ ଦର୍ଶକ ଓ ଦର୍ଶିକା କର ତାଳରେ ତପନ ତପନ କହି ଅଭିବାଦନ କରୁଥାନ୍ତି । ତପନ ଦୌଡ଼ି ଦୌଡ଼ି ଯାଇ ଡିଆଁ ମାରିଲ୍ । ଡିଆଁ ମରିସାରିବା ପରେ କଣ ହେଲ୍ କେଜାଣି ତା ଗୋଡ଼ ମୋଡି ଯିବାରୁ ଦୁମ କଣା ପଡିଗଲ୍ । ଗୋଡ଼ରେ ଓ ମୁହଁରେ ବଡ଼ ଆଘାତ ଲ୍ଗିଲ୍ । ରକ୍ତ ବୋହିଯାଉଥାଏ । ପୁର୍ ରକ୍ତ ଜୁଡୁବୁଡୁ ମୁହଁ । ସେବକ ମାନେ ଉଠାଇ ନେଇଥିଲେ ଷ୍ଟାଡିଅମରେ ଥିବା ଡାକ୍ତରଙ୍କ ପାଖକୁ । ଡାକ୍ତର ଦେଖିଲେ ମୁହଁ ସାର୍ ରକ୍ତ । ପୋଛା ପୋଛି କରି ଔଷଧ ଲଗାଇଦେଲେ ଡାକ୍ତର ମହାଶୟ। ଓଠ ଫାଟି ଯାଇଥିବାରୁ ଭାରି ଯନ୍ତ୍ରଣା ହେଉଥାଏ । ପ୍ରଧାନ ଶିକ୍ଷକ କାନ୍ଦ କାନ୍ଦ ହୋଇ ଦେହ ହାତ ଆଉଁସି ଦେଉଥାନ୍ତି । ଠିକ ଏଇ ସମୟରେ ଘୋଷଣା ହେଲ୍ ତପନ

ଫାଇନାଲକୁ ପ୍ରବେଶ କରିଛି ! ପ୍ରଧାନ ଶିକ୍ଷକ ମନେ ମନେ ଭଗବାନଙ୍କୁ ଡାକଲେ "ହେ ଭଗବାନ ତପନ ଫାଇନାଲ କୁ ଯାଇଛି ହେଲେ ସେ କେମିତି ଖେଳବ ?"

ତପନ ରକ୍ତାତ ଓଠ ରେ ଟିକେ ସ୍ମିତ ହସ ଦେଇ କହିଲା "ସାର ଆପଣ କଛି ଭାବୁଛନ୍ତି ଯେ! କଛି ଭାବନ୍ତୁ ନାହିଁ । ମୁଁ ନଶ୍ଚୟ ଡିଆଁ ମାରିବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଗୋଡ଼ରେ ଡିଆଁ ମରାଯାଏ ସାର ମୁହଁରେ ନୁହଁ ! ଏମିତି ଟିକେ ଗୋଡ଼ ଖସିଗଲା" । ସାର ତପନକୁ କୁଣ୍ଢାଇ ପକାଇଲେ । ସାର ଙ୍କ ଆଖିରୁ ବୋହିଯାଇଥିଲା ଦୁଇଟୋପା ଆନନ୍ଦାଶ୍ରୁ । ତପନ ଝାଡୀ ଝୁଡ଼ି ହୋଇ ଉଠି ବସିଲା । ମୁହଁରେ ଦୁଇଟି ସ୍ଥାନରେ ସିଲେଇ ପଡିଛି । ତଥାପି ନଜର ମନୋବଳ ଦୃଢ଼ ରହିଛି । ଯାହାର ମନୋବଳ ଯେତେ ଦୃଢ଼ ଓ ଧର୍ଯ୍ୟ ଯେତେ ବଳଷ୍ଠ ସେ କୌଣସି କାମରେ ପଛ ଘୁଞ୍ଚା ଦିଏ ନାହିଁ ।

ଫାଇନାଲ ରାଉଣ୍ଡ ରେ ତପନ ପାଦ ଦେଇଛି । ସୁସ୍ଥ ପିଲା ଭଳ ସାରଙ୍କ ପାଦ ଛୁଇଁ ପଡିଆ ଭିତରକୁ ଗଲା । ଘୋଷଣା ହେଉଥାଏ ଘାଇଲା ବାଘ ତପନ ନଜ ବିଦ୍ୟାଳୟ ପାଇଁ ପୁଣି ଥରେ ଫାଇନାଲ ରେ ଚମ୍ପିୟାନ ଟ୍ରଫି ପାଇଁ ଦଣ୍ଡାୟ ମାନ ।

ଜଜ୍ ଙ୍କ ନର୍ଦ୍ଦେଶ କ୍ରମେ ସମସ୍ତ ପ୍ରତିଯୋଗୀ ନଜ ନଜ ସ୍ଥାନରେ ଜଣକ ପରେ ଜଣେ ସେମିଫାଇନାଲିଷ୍ଟଙ୍କୁ ଡିଆଁ ମାରିବାକୁ ଡାକରା ହେଉଥାଏ । ତପନର ମଧ୍ୟ ପାଳ ପଡିଲା । ତପନକୁ ଦେଖି ସମ୍ପୂର୍ଣ ପଡ଼ିଆରେ ଆନନ୍ଦର ଲହରୀ । ତପନର ଏବେ ଦର୍ଶକ ମାନଙ୍କ ସହିତ ପଖାଳ ଭାତର ଥଟ୍ଟା ମଜାକ ନଥିଲା । ଅତ୍ୟନ୍ତ ସ୍ନେହ ଓ ପ୍ରେମ ର ଭାବନା ସହିତ ଉତ୍ସାହିତର ବାର୍ତ୍ତା ଆସୁଥିଲା । ସମସ୍ତ ଦର୍ଶକ ତପନ ତପନ କହି ଉତ୍ସାହିତ କରୁଥାନ୍ତି । ପ୍ରଧାନ ଶିକ୍ଷକ ମଧ୍ୟ ଅତି ଗର୍ବର ସହ ତପନ ତପନ ମାଡି ଚାଲ ଓ ଆଗେଇ ଚାଲ କହି କମ୍ପମାନ କରୁଥାନ୍ତି । ତପନ ଦୌଡ଼ି ଦୌଡ଼ି ଯାଇ ଲମ୍ବ ଡିଆଁ ମାରିଲା । ଜଜ୍ ଦୂରତା ନୋଟ କରିନେଲେ ।

ଭୋଜନ ପରେ ଘୋଷଣା ହେବ କେତେଜଣ ବିଜେତା ଓ ରନର ସହିତ ଦୁଇଟି ଜାକର ବିଜେତାକୁ ଦିଆଯିବ ରାଜ୍ୟ ସ୍ତରୀୟ କ୍ରୀଡା ସମ୍ମିଳନୀର ଚମ୍ପିୟାନ ଟ୍ରଫି । ଭୋଜନ ପାଇଁ ପ୍ରତିଯୋଗୀ ମାନଙ୍କୁ ଟୋକନ ଦିଆଯାଇଥାଏ ।

ପ୍ରଧାନ ଶିକ୍ଷକ ରାଜେଶ, ମହେଶ ସହିତ ତପନକୁ ନେଇ ପହଁଚଲେ ମଧ୍ୟାହ୍ନ ଭୋଜନ ମଣ୍ଡପ ପାଖରେ । ଭାତ, ଡାଲମା , ଚଟଣି ସହିତ ଘାଣ୍ଟ ତରକାରୀ ହୋଇଥାଏ । ସମସ୍ତେ ଏକ ଏକ ପ୍ଲେଟ ନେଇ ଖାଇବା ଦ୍ରବ୍ୟ ସଂଗ୍ରହ କଲେ ।

ତପନ ଓଠରେ ଦାନ୍ତ ପସିଯାଇଥିବାରୁ ବହୁତ ଯନ୍ତ୍ରଣା ହେଉଥାଏ । "ସାର ମୋତେ ବହୁତ ଯନ୍ତ୍ରଣା ହେଉଛି । ଖାଇ ପାରିବି ନାହିଁ !" ପ୍ରଧାନ ଶିକ୍ଷକ କହିଲେ ବାପାଟା ପର୍ ଅଳ୍ପ ଗଣ୍ଡେ ଖାଇ ଦେ । ନହେଲେ ଭୋକରେ କେମିତି ରହିବୁ ? ତପନ ମୁହଁ ସୁଖେଇ କହିଲା "ସାର ବହୁତ ଭଲ ବାସ୍ନା ଆସୁଛି ତରକାରୀ ରୁ । ପାଟିକୁ ସୁସ୍ୱାଦୁ ଜଣା ପଡୁଛି ହେଲେ ମୁଁ ଖାଇ ପାରୁନ ସାର ।"

"ଠିକ ଅଛି ଭାତ ସହିତ ଡାଲମା ଗୋଳେଇ ପିଇ ପାରିବୁ ତ । ତୋ ପଖାଳ ବେଳ୍ କାଢ଼ ସେଇଥିରେ ଭାତ ସହିତ ଡାଲମା ଗୋଳେଇ ଚଗଟି ଦେବୀ ତୁ ପିଇଦେବୁ ।" ଅତ୍ୟନ୍ତ ଦୁଃଖରେ ପ୍ରଧାନ ଶିକ୍ଷକ ସାନ୍ତ୍ୱନା ଦେଉଥାନ୍ତି । ଭାବୁଥାନ୍ତି ଭୋକ ଆତୁର୍ ପିଲାଟା ଗଣ୍ଡେ ଭଲ ସେ ଖାଇବି ପାରିବ ନାହିଁ ।

ପ୍ରଧାନ ଶିକ୍ଷକ ଭାତ ସହିତ ଡାଲମା ଗୋଳେଇ ଚଗଟି ତରଳ ପାନୀୟ ଖାଦ୍ୟ ଭଳ କରିଦେଲେ । ତପନ ଆଖି ବନ୍ଧ କରି ଭୋକରେ ପିଇଗଲା । ଏଇ ସମୟରେ ଲମ୍ବ ଡିଆଁର ଘୋଷଣା ଶୁଣା ଗଲା କ ତପନ ଲମ୍ବ ଡିଆଁରେ ମଧ ସମସ୍ତଙ୍କୁ ପଛକୁ ପକାଇ ବିଜେତା ହୋଇଛି । କେବଳ ବିଜେତା ନୁହେଁ ସେ ପୁର୍ ଆଜିର ମଞ୍ଚ ପାଇଁ ହିରୋ ହୋଇ ଯାଇଛି । ଦୁଇ ଦୁଇଟି ଖେଳର ବିଜେତା ହୋଇ ସେ ଓଡିଶାର ରାଜ୍ୟ ସ୍ତରୀୟ କ୍ରୀଡା ଉତ୍ସବର ଚମ୍ପିୟାନ ହେବାରେ ସୌଭାଗ୍ୟ ଅର୍ଜନ କରିପାରିଛି । କଛି ସମୟ ପରେ ମୁଖ୍ୟମନ୍ତ୍ରୀ ଆସିବେ ପୁରୃସ୍କ ତକରିବା ପାଇଁ ।

ତପନର ଖୁସି କହିଲେ ନ ସରେ । ମୁଖ୍ୟ ମଞ୍ଚକୁ ପ୍ରଥମେ ତପନର ପ୍ରଧାନ ଶିକ୍ଷକଙ୍କୁ ଡକା ଗଲା । ଏଥି ସହିତ ଅତିଥି ଆସନ ଦିଆ ଗଲା । ପାଖ ଚେୟାରରେ ରାଜେଶ ଓ ମହେଶ ବସିବାର ସୌଭାଗ୍ୟ ମଧ ପାଇଲେ । ଅନ୍ୟ ଖେଳର ବିଜେତା ମାନେ ମଧ ମଞ୍ଚ

ନିକଟସ୍ଥ ଚେୟାର ମାନଙ୍କରେ ବସିଥାନ୍ତି । ସାମ୍ବାଦିକ ମାନେ ପ୍ରଧାନ ଶିକ୍ଷକଙ୍କୁ କେତେ କଣ ପ୍ରଶ୍ନ ପଚାରୁଥାନ୍ତି । ପଡିଆ ଭିତରେ ଓ ଗ୍ୟାଲେରୀ ଭିତରେ ଦର୍ଶକ ମାନେ ସୁନ୍ଦର ମୁହୂର୍ତ୍ତକୁ ଉପଭୋଗ କରୁଥାନ୍ତି । ଠିକ ଏଇ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଶିକ୍ଷା ଓ କ୍ରୀଡା ମନ୍ତ୍ରୀ ମଞ୍ଚରେ ପହଁଚଲେ । ମୁଖ୍ୟମନ୍ତ୍ରୀ ନିଜର ଅଭିଭାଷଣ ରଖି ଶିକ୍ଷାର ବିକାଶ ଓ କ୍ରୀଡ଼ାର ବିକାଶ ବିଷୟରେ ଗୁରୁତ୍ୱାରୋପ କରିବାର ସଂକଳ୍ପ କଲେ । କ୍ରୀଡା ହେଉଛି ନିରୋଗ ରହିବାର ମାଧ୍ୟମ ବୋଲି କ୍ରୀଡା ମନ୍ତ୍ରୀ ଅଭିଭାଷଣ ଦେଲେ । ଶିକ୍ଷାର ବିକାଶରେ ଦେଶର କୃଷି ଓ ଶିଳ୍ପ ର ବିକାଶ ହୋଇଥାଏ ବୋଲି ଶିକ୍ଷା ମନ୍ତ୍ରୀଙ୍କର ଉଦ୍ବୋଧନ ରହିଥିଲା ।

ସର୍ବଶେଷରେ ପୁରସ୍କାର ବିତରଣର ସମୟ ଆସିଲା । ଚମ୍ପିୟାନ ହୋଇଥିବା ପିଲାକୁ ମୁଖ୍ୟମନ୍ତ୍ରୀ ଏକ ଲକ୍ଷ ଟଙ୍କା ସହିତ ଏକ ସ୍ୱର୍ଣ୍ଣ ପଦକ ଅର୍ପଣ କଲେ । ସେଇ ପିଲା କେବଳ ତପନ ହିଁ ଥିଲା । ମୁହଁରେ ଦୁଇଜଗା ବଡ଼ ବଡ଼ ଘାଆ ସହିତ ଓଠ ଫୁଲି ଯାଇଛି । ଓଠରେ ହେଇଥିବା ଘାଆରୁ ନସି ବାହାରୁଛି ଅନବରତ । ଟିଭି ରେ ସିଧା ପ୍ରସାରଣ ଚାଲିଥାଏ । ତପନର ଗାଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହିତ ଅନ୍ୟମାନେ ଆଗଭର ହୋଇ ଦେଖୁଥାନ୍ତି ଟିଭି ମାଧ୍ୟମରେ । ଏବେ ତପନକୁ କଛି କହିବା ପାଇଁ ଦିଆ ଗଲା । ତପନ ଆଗରେ କୋଡିଏଟି ମିଡିଆ ବାଲାଙ୍କ ମାଇକ୍ରୋଫୋନ ଲାଗିଥାଏ । " ମଞ୍ଚାସିନ ପୂଜନୀୟ ମୋ ପ୍ରଧାନ ଶିକ୍ଷକ ମହୋଦୟ, ଯାହାଙ୍କ ପାଇଁ ମୁଁ ଏଇ ଗୌରବ ଅର୍ଜନ କରିଛି " କହି ପ୍ରଧାନ ଶିକ୍ଷକଙ୍କ ଆଡକୁ ଅନାଇ ପ୍ରଣାମ ଜଣାଇଲା । ପୁଣି ଆରମ୍ଭ କଲା ତାର ମଞ୍ଚ ପାଇଁ ବକ୍ତୃତା । " ସମ୍ମାନୀୟ ମୁଖ୍ୟମନ୍ତ୍ରୀ ମହାଶୟ, ଶିକ୍ଷା ମନ୍ତ୍ରୀ ମହାଶୟ, କ୍ରୀଡା ମନ୍ତ୍ରୀ ମହାଶୟ,ଏବଂ ଉପସ୍ଥିତ ଗୁରୁଜୀ ଓ ଗୁରୁଜନ ମାନଙ୍କୁ ମୋର ପ୍ରଣାମ, ଭାଇ ଓ ଭଉଣୀ ମାନଙ୍କୁ ମୋର ଆନ୍ତରିକ ସ୍ନେହ ।

ଜିତିବା ଓ ହାରିବା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ତେଣୁ ଯେଉଁମାନେ ଏଠାକୁ ଆସି ଅଂଶଗ୍ରହଣ କରିଥିଲେ ଓ ନିଜର କଠିନ ପରିଶ୍ରମ ସହିତ ସଂଘର୍ଷ ପୂର୍ଣ୍ଣ ଚେଷ୍ଟା କରି ପରାଜୟ ସ୍ୱୀକାର କରିଛନ୍ତି ସେମାନେ ନିଜର ଚେଷ୍ଟା ଜାରି ରଖନ୍ତୁ ଆଗକୁ ନିଶ୍ଚୟ ଉତ୍ତୀର୍ଣ୍ଣ ହେବେ । ମୁଁ ଆଜି ଚମ୍ପିୟାନ ହେବା ପଛରେ ପ୍ରଥମେ ମୋର ପ୍ରିୟ ପ୍ରଧାନ ଶିକ୍ଷକ ଓ ଦ୍ୱିତୀୟରେ ମୋର ଦୁଇ ବନ୍ଧୁ, ଯିଏକ ଆମ ବିଦ୍ୟାଳୟର ସହପାଠୀ ମହେଶ ଓ ରାଜେଶ ମଧ୍ୟ ଭାଗିଦାରୀ ଅଟନ୍ତି । ରାଜେଶ ଓ ମହେଶ ପ୍ରତିଯୋଗିତାରେ ଭାଗ ନେବାକୁ ଆସି


କେବଳ ମୋ ପାଇଁ ନିରବ ଦ୍ରଷ୍ଟା ହୋଇ ରହିଗଲେ । କାରଣ ପ୍ରତ୍ୟକ ବିଦ୍ୟାଳୟରୁ କେବଳ ଜଣେ ପ୍ରତିଯୋଗୀ ଅଂଶଗ୍ରହଣ କରି ପାରିବେ ବୋଲି । ଆଜିର ପୁରସ୍କାର ଅର୍ଥ ଆମ ତିନିଜଣଙ୍କର ବୋଲି ମୁଁ ଘୋଷଣା କରୁଛି । ଏଥି ସହିତ ମୋତେ ମିଳିଥିବା ସ୍ୱର୍ଣ୍ଣ ପଦକ ଓ ଟ୍ରଫି ମଧ୍ୟ ଆମ ବିଦ୍ୟାଳୟ ଥିବା ଯାଏ, ବିଦ୍ୟାଳୟରେ ହିଁ ରହିବ । ମୋ ବିଦ୍ୟାଳୟ ଆମ ପାଇଁ ଗର୍ବ ଓ ଗୌରବ । ଆପଣ ମାନେ ଜାଣନ୍ତି; ମୁଁ ଖୁସି ହୋଇ ବାପା ଡାକିବା ପୂର୍ବରୁ ମୋ ବାପା ମରିଯାଇଥିଲେ । ମୋ ମାଆଙ୍କୁ ମୋ ଜେଜେ ଓ ଜେଜେମାଆ ଆଖି କୋଣରେ ଦେଖିଲେ ନାହିଁ । କକାଙ୍କର ଅତ୍ୟାଗ୍ଚର ସହି ନ ପାରି ମୋ ମାଆ ମୋ ମାମୁଁ ଘରକୁ ପଳେଇ ଆସିଲେ । ଆମେ ମାମୁଁ ଘରେ ରହିବା ପରେ ମାମୁଁଙ୍କର ବିବାହ ହୋଇଥିଲା । ମୋ ମାଇଁଙ୍କ କଥାରେ ମୋ ମାମୁଁ ଆମକୁ ଘରୁ ଧକ୍କା ଦେଇ କାଢି ଦେଇଥିଲେ। ଆମକୁ ବାଧ୍ୟ ହୋଇ ସରକାରୀ ଗୋଚର ଜମିରେ ଝୁପୁଡି ଘର କରି ରହିବାକୁ ପଡିଥିଲା । ଏମିତି କି ଆମ ଭଳି ନିଃସହାୟ ମାଆ ପୁଅଙ୍କୁ କୌଣସି ସରକାରୀ ସହାୟତା ମିଳିଲା ନାହିଁ । ସରକାରୀ ଟଙ୍କାକଆ ଗ୍ଚଉଳ ଆମ ନାଁରେ ମିଳୁଥିଲେ ବି କକା ନେଇ ଯାଉଛନ୍ତି । ପ୍ରତିବାଦ କରିବାରୁ କକା ଆମକୁ ବହୁତ ବାଡେଇଥିଲେ । ଏବେ କେବଳ ମୋ ମାଆ ଯିଏକି ବାର ଘରେ ବାସନ ମାଜି ନିଜ ପେଟରେ ଓଦା କନା ଦେଇ ମୋ ପେଟ ଭରି ଥାଏ ସେ ହିଁ ମୋ ଶକ୍ତି ଓ ସାଧନାର ମୂଳ ଉତ୍ସ । ଆମ ଘରେତ ଟିଭି ନାହିଁ ନ ହେଲେ ମୋ ମାଆ ନିଶ୍ଚୟ ଦେଖୁଥାନ୍ତା । ଶେଷରେ ମୁଁ ଆମ ପ୍ରଧାନ ଶିକ୍ଷକଙ୍କ ମୁହଁରୁ ଏହି ମଞ୍ଚରେ କିଛି ଶୁଣିବାକୁ ଚାଁହୁଛି । ଏତିକ ହିଁ ମୋ ଭଳି ଜଣେ ଗରିବ ଛାତ୍ରର ବକ୍ତବ୍ୟ ଥିଲା। ଜୟ ଉତ୍କଳ ଜନନୀ "

ପ୍ରଧାନ ଶିକ୍ଷକଙ୍କୁ ମଞ୍ଚକୁ ଡକାଗଲା ।

(ଆଗାମୀ ଅଧ୍ୟାୟରେ ଭାଗ-୪ ନିଶ୍ଚୟ ପଢିବେ )

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ
ବାଲେଶ୍ୱର(ଭଦ୍ରକ)

# ଶିକ୍ଷକ



ଲକ୍ଷ୍ମୀ ନାରାୟଣ ରଥ

ଶିକ୍ଷଣ ଯେଉଁଠି        କ୍ଷତିଗ୍ରସ୍ତ ହୁଏ
    କଚ୍ଛପ ଗତିରେ ଗ୍ଭଲଇ ଦେଶ
ଶିକ୍ଷକ ସେଇଠି        କ୍ଷଣିକ ମଧରେ
    କଷ୍ଟ ହେଉ ପଛେ ଧାଏଁ ଅବଶ୍ୟ ।

ଶିକ୍ଷଣ କାର୍ଯ୍ୟରେ    କ୍ଷତ୍ରିୟଙ୍କ ପରି
    କଲମ ରୂପକ ଖଣ୍ଡାକୁ ଧରି
ଶିକ୍ଷାଦାନ ପାଇଁ       କ୍ଷଣପ୍ରଭ୍ ବେଗେ
    କଟାକ୍ଷ ନକରି ଯାଏ ବାହାରି ।

ଶିକ୍ଷଣୀୟ ଯାହା       କ୍ଷତିକୁ ନଡ଼ରି
    କଅଁଳ ଶିଶୁଙ୍କୁ ଦିଏ ଶିଖାଇ
ଶିକ୍ଷା ପ୍ରାପ୍ତ ପରେ      କ୍ଷମା କରନ୍ତି ସେ
    କଟୁକଥା ଯଦି ସିଏ କହଇ ।

ଶିଖିବା ସମୟେ       କ୍ଷତି ହେବ ଭ୍ବି
    କକ୍ଷତ୍ୟାଗ କରି ଯଦି ଯାଇଛି
ଶିକ୍ଷାଗ୍ରୁର ହୀନ       କ୍ଷମା ଯୋଗ୍ୟ ନୁହଁ
    କଚଡା କଷଣ ମଧ ପାଇଛି ।

ଶିକ୍ଷାର ସମ୍ମାନ       କ୍ଷୟ ହେଉଥିଲେ
କଦାପି ନହେବ ଦେଶ ଆଗୁଆ
ଶିକ୍ଷକର ନିନ୍ଦା       କ୍ଷମଣୀୟ ନୁହେଁ
କରିବା ଲୋକଟା ପର୍  ଭକୁଆ ।

ଶିଷ୍ୟ ରୂପେ ମୁହିଁ     କ୍ଷମାଯେ ମାଗଇ
କରିଥିବି ଯଦି କପଟ କଛି
ଶିକ୍ଷାଦାତା ମୋର     କ୍ଷତ ଭୁଲିଯାଇ
କରିବେ ମାର୍ଜନା ମନେ ଭାବୁଛି ।

ଗୌର୍‌ଦେଇପୁର,କୋଦଳା,ଗଞ୍ଜାମ,ଓଡିଶା

# ମୋ ଗାଁ ହସୁଛି



ଲଲ୍ଟେନ୍ଦୁ ବାରିକ

ଗୁଳର ଛପର ଆଗଭଳ ନାହିଁ
ପକା ଘର ସ୍ଥାନ ପାଉଛି
ମାଟିର ସଡ଼କ ସତ୍ତା ହରେଇଛି
ସଡ଼କ ଯୋଜନା ନାମ ଟେକୁଛି
ତଥାପି ମୋ ଗାଁ ହସୁଛି !!!!!!

ଭାଗବତ ଟୁଙ୍ଗୀ ହଜିତ ଗଲାଣି
କ୍ଲବ ଘର ମାନ ହେଲାଣି
ପୂଜା ପାର୍ବଣ ରେ ମାଦଳ ବାଜୁନ
ଡିଜେ, ଆଲ୍ ବମ୍ ସଙ୍ଗ ଜମୁଛି
ତଥାପି ମୋ ଗାଁ ହସୁଛି!!!!!!

ବୋଉ,ବାପା ଡାକ ଆଉ ଶୁଭୁନାହିଁ
ମମି, ଡାଡ ଡାକ ଶୁଭୁଛି
ରୀମା, ସିମା ଆମ ହ୍ୟାଲୋ ହାଏ କୁହେ
କନ୍ ଭେଟ ସ୍କୁଲ ଯାଉଛି
ତଥାପି ମୋ ଗାଁ ହସୁଛି!!!!!!

ହଳ, ଲଙ୍ଗଳ ଖତ ଖାଇଲାଣି
ଯନ୍ତ୍ର ପାତି ସ୍ଥାନ ନେଲାଣି
ଖତ ବଦଳରେ ସାରିଆ ମା ଟା

ରସାୟନକ ସାର ଦେଉଛି
ତଥାପି ମୋ ଗାଁ ହସୁଛି!!!!!!

ପିଠା, ପଣା ଆଦି ଲୋପ ପାଇଲାଣି
ଫାଷ୍ଟ ଫୁଡ୍ ସ୍ଥାନ ନେଲାଣି
ସୁମି,ମିନା, ରୀମା ବଜାର ଯାଆନ୍ତି
ହାଫ୍ କଟ୍ ଡ୍ରେସ୍ ପିନ୍ଧି କ
ତଥାପି ମୋ ଗାଁ ହସୁଛି!!!!!!!!

ବାସୁଦେବପୁର, ଭଦ୍ରକ

# ଇନ୍ଦ୍ରଧନୁର ଛାଇ

ଜ୍ୟୋତିର୍ମୟୀ ପାଣିଗ୍ରାହୀ

ସୁଖ ଦୁଃଖ ଭରା ମାନବ ଜୀବନ
ସେ ଯେ ଅମୃତ ସନ୍ତାନ
ପୁଣ୍ୟବଳେ ମିଳେ ଦୁର୍ଲଭ ଜୀବନ
ଆନନ୍ଦେ କାଟଇ ଦିନ ।୧ ।
ସୁଖ ଦୁଃଖ ତାର ଚର ସହଚର
ଦୁଃଖେ ନହୁଅ ଅଧୀର
ସୁଖର ସମୟ ରହେନାହିଁ ସ୍ଥିର
ଦୁଃଖ ରହିଥାଏ ସ୍ଥିର ।୨ ।
ସୁଖର ପ୍ରଭାବ ଇନ୍ଦ୍ରଧନୁ ସମ
ଲିଭିଯାଏ କ୍ଷଣକରେ
ଦୁଃଖ ଦରିଆରେ ଭାସିଭାସି ଯାଏ
ମାନବ ଭବ ସଂସାରେ ।୩ ।
ଜୀବନରେ ସୁଖ ଅଟଇ କ୍ଷଣିକ
ସୁଖ ଦିଏ ପ୍ରସନ୍ନତା
ମାନବେ ଜୀବନେ ଦୁଃଖ ଯେ ପ୍ରବଳ
କଷ୍ଟ ଦିଏ ଜୀବସତ୍ତା ।୪ ।
ସୁଖକୁ ପ୍ରତୀକ୍ଷା କରି ବସିଥାଏ
ଏ ଚଳଚଞ୍ଚଳ ମନ
ଦୁଃଖ ଛପି ରହିଥାଏ ଆଢ଼ିଆଳେ
କରିବାକୁ ହୀନମାନ ।୫ ।
ଲହୁ ଲୁହ ଭରା ମାନବ ସଂସାର
ପାଇବାକୁ ଟିକେ ସୁଖ
ସୁଖର ବଦଳେ ମିଳଇ କେବଳ

ଅନେକ ଦାରୁଣ ଦୁଃଖ ।୬।
ସୁଖମିଳୁ ଅବା ମିଳୁ ଦୁଃଖ କଷ୍ଟ
ନର୍ବିକାର ରହୁ ମନ
ଆକୁଳେ ବିକଳେ ନ କାନ୍ଦୁ ହୃଦୟ
କରି ସୁଖ ଆମନ୍ତ୍ରଣ ।୭।
ବିଧାତା ଲିଖନ କେ କରିବ ଆନ
ସବୁ ତ ତାଙ୍କ ଭିଆଣ
ସୁଖେ ଆତ୍ମ ବିଭୋର ଦୁଃଖେ କାତର
ନର୍‌ଶ ନହୁଅ ମନେ ।୮।

ସୁନ୍ଦରଗଡ, ଓଡିଶା

# ଜନନୀ



ଦେବାର୍ଚ୍ଚନ ମେହେର

ମାଆ ଗୋ ଜନମ ଜନନୀ ଜଗତଧାତ୍ରୀ,
ତୁମରି ପାଦ ପଦ୍ମରେ କୋଟି ପ୍ରଣତି।

ଧନ୍ୟ ଧନ୍ୟ ତୁମ ଧୈର୍ଯ୍ୟ ମାଆ ଗୋ ସ୍ନେହମୟୀ,
ନାହିଁ ତୁମ ଅନ୍ତ ରେ ଅହଙ୍କାର ମା ଗୋ କରୁଣାମୟୀ।

ନାହିଁ ସନ୍ତାନ ପ୍ରତି ବାଛ୍ଛ ବିଗ୍ଭର ସମସ୍ତଙ୍କୁ କରୁ ନଜର,
ଢ଼ାଲୁ ତୋ କରୁଣା ପୁଅ ଝିଅ ଭ୍ବୁ ସଭିଙ୍କୁ ତୋର।

କେତେ କଷ୍ଟ ସହି ଅନ୍ତ ଫାଡ଼ି ଦେଲ ଜନମ,
ତୋ ତ୍ୟାଗ କୁ ଆଜି ମନେ ପକେଇ ମୁଁ ଧରେ କଲମ।

ତୋହରି ଆଶୀର୍ବାଦ ମୋ ମସ୍ତକରେ ରହୁ,
ତୋ ପରି ମାଆ ଟିଏ ପାଇବି ମୁଁ ଆଉ କାହୁଁ।

ଗ୍ରାମ - ବାପୁଜନଗର
ଜିଲ୍ଲା – ବୌଦ୍ଧ

# ସନ୍ନ୍ୟାସୀ ବାବାଙ୍କ ପ୍ରତ୍ୟାବର୍ତ୍ତନ



ବାଲ୍ମୀକି ନାୟକ

ମୁଁ ଏହା ପୂର୍ବରୁ ଗୋଟିଏ ଗଳ୍ପ "ମୋ ସାଙ୍ଗ ସନିଆ ଓରଫ ସନ୍ନ୍ୟାସୀ ବାବା" ରେ ସନ୍ନ୍ୟାସୀର ଜୀବନ ବୃତ୍ତାନ୍ତ ଓ ତା'ର ବିଚାରଧାରା ସମ୍ପର୍କରେ ଲେଖିଥିଲି । ଆମର ଚାଳିଶି ବର୍ଷର ବ୍ୟବଧାନ ପରେ ଦୁହେଁ ମିଶିଥିଲୁ । ଆମେ ପିଲାଦିନର ଅନ୍ତରଙ୍ଗ ସାଙ୍ଗ ହୋଇଥିବାରୁ ଆମ ଭିତରେ କିଛି ଲୁଚା ଛପା ରହୁ ନଥିଲା । ସେଦିନ ସେ ମୋ ଆଗରେ ତା'ର ଜୀବନର ସବୁକିଛି ପାପ ଓ ପୁଣ୍ୟର କାହାଣୀ ବଖାଣି ଦେବାକୁ ଚାହିଁଥିଲା । କାରଣ ଆମର ଚିନ୍ତାଧାରା ପ୍ରାୟ ଏକାଭଳି ଥିଲା । ପିଲାଦିନେ ଦୁହେଁ ମନ୍ଦିରକୁ ଯାଉ କେବଳ ଭୋଗ ଖାଇବା ପାଇଁ । ଠାକୁରଙ୍କୁ ପୂଜା କରୁନଥିଲୁ । କାଳେ କିଛି ଅନିଷ୍ଟ ଘଟିଯିବାର ଭୟ ତ ମନରେ ରହୁଥିଲା କିନ୍ତୁ ଆମେ ଦେଖୁଥିଲୁ ଯେ ଯେଉଁ ଦିନ ଆମେ ପୂଜା କରିନାହୁଁ ସେଦିନ ତ ଆମର କିଛି ଅନିଷ୍ଟ ହେଉନାହିଁ । କାର୍ତ୍ତିକ ମାସର ପଞ୍ଚୁକ ପାଞ୍ଚ ଦିନରେ ମଧ୍ୟ ଆମେ ହୋଟେଲରେ ଆମିଷ ଭୋଜନ କରିଛୁ । କିଛି ତ ଅଘଟଣ ଘଟିନି । ଥରେ ଆମ ଗାଆଁର ଗୋଟିଏ ଲୋକର ବାର୍ଷିକ ଶ୍ରାଦ୍ଧ ହେଉଥାଏ । ମୃତ ବ୍ୟକ୍ତିଙ୍କ ବଡ଼ପୁଅ ତାଙ୍କ ଘରେ ପୂଜା କରିସାରି ପିଣ୍ଡ ଦାନ କରିବାପାଇଁ ଚାରି ଗୋଟି କାକରା ପିଠା, ତାଟିଏ ଖିରୀ ଆଦି ଆଣି ଗାଁ' ବାହାରେ ଥିବା ବାପାଙ୍କର ସମାଧି ଉପରେ କଦଳୀ ପତ୍ରରେ ବାଢ଼ିଦେଇ, ସମାଧିକୁ ମୁଣ୍ଡିଆ ମାରିଚାଲିଗଲେ । ଆମେ ଦୁଇ ସାଙ୍ଗ ସେତିକିବେଳେ ସେହି ବାଟେ କୌଣସି କାମରେ ଯାଉଥିଲୁ। ସେ କ'ଣ କରୁଛି ଦେଖିବାକୁ ଖଣ୍ଡେ ଦୂରରେ ଠିଆ ହୋଇଥିଲୁ । ଲୋକଟି ଚାଲିଗଲା ପରେ ମୁଁ କହିଲି - "ସନିଆ ଦେଖ କି ବଢିଆ କାକରା ପିଠା, ଖିରୀ ବଢ଼ା ହୋଇଛି । ଏଠାରେ ତ କାଉ କି କୁକୁର କିଛି ନାହାନ୍ତି । କେହି ଲୋକ ମଧ୍ୟ ଦେଖିବାକୁ ନାହାନ୍ତି । ଆମେ ସେସବୁ ଖାଇଦେଲେ କ'ଣ ହେବ ?"

ସେ କହିଲା - "କଛି ହେବନ । ତା' ବାପା ମଲାଣି ବର୍ଷେ ହେଲାଣି ଆଉ ଆତ୍ମା ଆସି ଆମକୁ ଡ଼ରାଇବ କଅଣ ?"

ଆମେ ଆଉ କାଳ ବିଳମ୍ବ ନ କରି ଦୁହେଁ ସବୁତକ ଖାଇ ଦେଲୁ । ତାପରେ ସତରେ ଆମର କଛି ବି ହେଲାନ । ଏମିତି ଅନେକ ଘଟଣା ପରେ ଆମର ମନରୁ ଭୟ ଦୂର ହୋଇଯାଇଥାଏ ।

ଆମେ ମାଟ୍ରିକ ପଢିବା ବର୍ଷ ପୁରୀରେ ଜଗନ୍ନାଥଙ୍କ ନବ କଳେବର ଯାତ୍ରା ହେଲା । ଆମେ ଦୁଇସାଙ୍ଗ ଗଲୁ ରଥ ଯାତ୍ରା ଦେଖିବା ପାଇଁ । ଦୁହେଁ ଖୁବ ମସ୍ତି କଲୁ । ସମୁଦ୍ରରେ ଗାଧୋଇବା, ବାଲିରେ ଖେଳବା, ରାସ୍ତାକଡ଼ ଦୋକାନରୁ ମନ ସୁଆଦିଆ ଖାଦ୍ୟ କଣି ଖାଇବା, ସିନେମା ଦେଖିବା, ଦିନରେ ମନ୍ଦିରର ଅବଢ଼ା ଖାଇ, ରାତିରେ ହୋଟେଲରେ ମାଂସ ଭାତ ଖାଇଲୁ । ଆମେ ଭକ୍ତଙ୍କ ଭିଡରେ ପଶି ରଥ ଦଉଡି ଟାଣିବାକୁ ମୋଟେ ଗଲୁନାହିଁ । ଆମେ ଦୁଇ ଦିନ ପରେ ଗାଆଁକୁ ଫେରିବା ବାଟରେ ସନ୍ତଆ କହିଲା - "ଆରେ ଆମେ ଯେଉଁ କାମ ପାଇଁ ପୁରୀ ଯାଇଥିଲେ ସେହି କାମ ତ କଲେ ନାହିଁ । କାଳେ କଛି ଅଘଟଣ ଘଟିବକ ?" ମୁଁ କହିଲି - "ନାଇଁରେ ! ଆଜି ପର୍ଯ୍ୟନ୍ତ କଛି ହେଲାନ ଆଉ କ'ଣ ହେବ ?" ସତରେ କଛି ବି ହେଲାନ ।

ଆମ ଦୁହିଁଙ୍କ ମଧରେ ଆଧାତ୍ମିକ ବିଚାରଧାରା ସିନା ଏକା ଥିଲା କନ୍ତୁ ଆମ ଦୁହିଁଙ୍କ ଚରିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା । ସେ ଯୌବନର ତାଡ଼ନାରେ କଛି ଭୁଲ କରିଦେଉଥିଲା ଯାହା ସମାଜ ଦ୍ୱାରା ଗ୍ରହଣୀୟ ନୁହେଁ । ମୁଁ ସେ ସବୁର ଧାରଧାରେ ନାହିଁ । ତା'ର ଥିଲେ ଏକାଧିକ ପ୍ରେମିକା, ମୋର ଗୋଟିଏ ବି ନଥିଲେ । ସେଇ ଗୋଟିଏ ଭୁଲ ଯୋଗୁ ସିଏ ଘର ଛାଡିବାକୁ ବାଧ ହୋଇଥିଲା ।

ମୁଁ ଗତ ଥର ତା'ର ପ୍ରବଚନ ମଣ୍ଡପରେ ମିଶି ଥିଲି । ସେ ମୋତେ ତା'ର କୋଠାଘରକୁ ନେଇଯାଇଥିଲା । ସେତେବେଳେ ସେ ଅବିବାହିତ ଥିଲା । ତା'ର ସୁସଜିତ କୋଠରୀରେ ଆମେ ଦୁହେଁ ଗୋଟିଏ ରାତି କେବଳ ବାର୍ତ୍ତାଳାପରେ ବିତେଇ ଥିଲୁ । ସେ ସେତେବେଳେ ନଜ ଜୀବନରେ ନାସ୍ତିକରୁ ଆସ୍ତିକ କପରି ହେଲା ? ପରେ ସେ ପୁଣି ନରୀଶ୍ୱରବାଦକୁ

କାହିଁକି ସମର୍ଥନ କରୁଛି ? ତଥାପି ଏହି "ବାବା" ପଦ କାହିଁକି ଛାଡି ପାରୁନ ଇତ୍ୟାଦି ଉପରେ ସେ ମୋତେ ତର୍କ ସଙ୍ଗତ ଭାବେ ବୁଝାଇ କହିଥିଲା ।

ମୁଁ ତାକୁ ପରାମର୍ଶ ଦେଇଥିଲି - "ତୁ ଯଦି ବୁଝି ପାରିଛୁ ଯେ ଈଶ୍ୱର ଓ ଧର୍ମ ବୋଲି କିଛି ନାହିଁ ତେବେ ଏବେ ଏହି "ବାବା" ଖୋଳ ତ୍ୟାଗ କରିଦେଲେ କୌଣସି ଅସୁବିଧା ହେବନି । ଏପରିକି ବାବା-ବେଶରେ ଥାଇ ମଧ୍ୟ ଲୋକମାନଙ୍କୁ ଧାର୍ମିକ ପ୍ରବଚନ ବଦଳରେ ବୈଜ୍ଞାନିକ ଚିନ୍ତନ ପ୍ରଚାର କରିପାରିବୁ । ସମାଜରେ ଆହୁରି ଅନେକ ପ୍ରକାର ସେବା କର୍ମ ରହିଛି , ଯାହାକୁ କରିବାପାଇଁ ଜନ ସମର୍ଥନ ମଧ୍ୟ ପାଇବୁ । ତୋର ବୟସ ମଧ୍ୟ ବେଶୀ ହୋଇନାହିଁ। ତୁ' ଚାହିଁଲେ ମନ ପସନ୍ଦର ସ୍ତ୍ରୀଟିଏ ମିଳିପାରିବ । ତୋ' ପାଖରେ ବର୍ତ୍ତମାନ ଧନ ସମ୍ପତ୍ତିର ଅଭାବ ନାହିଁ । କେବଳ ଜୀବନ ସାଥିଟିଏ ମିଳିଗଲେ ସବୁ କିଛି ଆହୁରି ସହଜ ହୋଇଯିବ ।"

ଇତି ମଧ୍ୟରେ ଗୋଟିଏ ବର୍ଷ ବିତି ଯାଇଥିଲା । ସନିଆ ସହିତ ମୋର ଫୋନରେ ମଝିରେ ମଝିରେ କଥାବାର୍ତ୍ତା ମଧ୍ୟ ହେଉଥିଲା । ସେ ଧାର୍ମିକ ପ୍ରବଚନ ଦେବା ଧିରେ ଧିରେ ବନ୍ଦ କରିଦେଇଥିଲା । ନିଜେ ଅକ୍ଲାନ୍ତ ପରିଶ୍ରମ କରି ନିଜର ବାସଭବନରେ ଗୋଟିଏ 'ଅନାଥାଳୟ' ଖୋଲିଦେଇଥିବା କଥା କହୁଥିଲା । ରାସ୍ତା କଡ଼ରୁ ଭିକ ମାଗୁଥିବା ପିଲାଙ୍କୁ ମନେଇ ନିଜ ଘରକୁ ନେଇ ଆସୁଥିଲା । ସେମାନଙ୍କ ପାଇଁ ଖାଇବା ଓ ରହିବାର ସୁବିଧା କରି ପାଠ ପଢ଼ାଇବା କାମ ବି କରୁଥିଲା । ଏଥିପାଇଁ କିଛି ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳୁଥିଲା । ମୁଁ ତା'କୁ ଅଭିନନ୍ଦନ ଜଣାଇ ଉତ୍ସାହିତ କରୁଥିଲି ।

ମୁଁ ତା'ର ଏହି ପରିବର୍ତ୍ତନ ଦେଖିବାକୁ ଥରେ ତା'ର ସହରକୁ ଯିବା ଅତ୍ୟନ୍ତ ଜରୁରୀ ମନେକଲି । ତା'କୁ ପୂର୍ବ ସୂଚନା ନ ଦେଇ ଦିନେ ସିଧା ତା' ଘରେ ପହଞ୍ଚିଗଲି । ସେ ମୋତେ ଦେଖି ଭାବାବେଗରେ କୁଣ୍ଢାଇ ପକାଇଲା । ମୋ ହାତ ଧରି ଟାଣି ନେଇଗଲା ତା'ର ସେହି ପୂର୍ବ କୋଠରୀକୁ । ଯେଉଁଠି ଆମେ ବସି ସିଗାର ଟାଣୁଥିଲୁ । କୋଠରୀଟି ପୂର୍ବ ଭଳି ସଜେଇ ହୋଇ ରହିଛି । ମୁଁ ଦେଖିଲି ତା'ର ଆଲମିରାରେ ପୂର୍ବ ଭଳି ବହି ସବୁ ଭର୍ତ୍ତି ହୋଇଛି କିନ୍ତୁ ଧର୍ମଗ୍ରନ୍ଥ ଗୁଡିକ ନାହିଁ । ତା' ବଦଳରେ ଅନେକ ଜ୍ଞାନ ବିଜ୍ଞାନର ଶିକ୍ଷଣୀୟ ବହି ଅଛି ।

ମୁଁ ପଗ୍ଚରିଦେଲି - କରେ ସେଗୁଡିକ କାହିଁ ?

ସେ କହିଲା - "ସେ ସବୁକୁ ମୁଁ ଗଣ୍ଠିଲି ବାନ୍ଧି ଷ୍ଟୋର ରୁମରେ ସାଇତି ଦେଇଛି ।"

ମୁଁ କହିଲି - ଆଜି ଆଉ ସିଗାର ଟାଣିବାକୁ ଦେବୁ ନାହିଁ ?

ସେ କହିଲା - "ନାହିଁ ! ମୁଁ ସବୁ ନିଶାଦ୍ରବ୍ୟ ସେବନ କରିବା ଛାଡି ଦେଇଛି ।"

ଏହି ସମୟରେ ଜଣେ ସୁନ୍ଦର, ସୁଠାମ ବୟସ୍କା ସ୍ତ୍ରୀଲୋକ କୋଠରୀକୁ ପଶି ଆସିଲେ । ହାତରେ କେବଳ ଦୁଇ ଦୁଇ ପଟ ସୁନା ଚୁଡ଼ି, ମୁଣ୍ଡରେ ସିନ୍ଦୁର ନାହିଁ କିନ୍ତୁ ଗୋଟିଏ ଛୋଟ ନାଲି ଟିକଲି ଲଗାଇଛନ୍ତି । ସୁନ୍ଦର ଦାମିକା ଶାଢୀରେ ଭଦ୍ର ମହିଳା ଗୋଟିଏ ସମ୍ଭ୍ରାନ୍ତ ଘରର ଗୃହିଣୀ ଭଳି ଲାଗୁଥିଲେ । ମୁଁ କିଛି କହିବା ପୂର୍ବରୁ ସେ ମୋତେ ଅତି ନମ୍ରତାର ସହ ନମସ୍କାର ଜଣାଇଲେ । ମୁଁ ବି ପ୍ରତି ନମସ୍କାର ଜଣାଇଲି । ଭାବୁଥିଲି -ସନିଆର କେହିଜଣେ ନାରୀ ବନ୍ଧୁ ହୋଇଥିବେ ।

ସେ ମୋତେ ଆଶ୍ଚର୍ଯ୍ୟ କରିବା ପାଇଁ କହିଲେ - "ମୁଁ ଆପଣଙ୍କୁ ଜାଣେ । ଆପଣ ସନ୍ୟାସୀ ବାବୁଙ୍କର ପିଲାଦିନର ଅତି ପ୍ରିୟ ସାଙ୍ଗ । ଆପଣଙ୍କର ଗୋଟିଏ ଫୋଟ ଆମର ଶୟନ କକ୍ଷରେ ଟଙ୍ଗା  ହୋଇଛି ।"

ମୁଁ ପ୍ରଶ୍ନବାଚୀ ଦୃଷ୍ଟିରେ ଏହାର ଉତ୍ତର ଜାଣିବାକୁ ସନିଆକୁ ଗ୍ଚହିଁଲି । ସନିଆ ଦୁଷ୍ଟାମୀ ଆଖିରେ ମୋତେ ଗ୍ଚହିଁ କହିଲା - "ସେ ହେଉଛନ୍ତି ତୋ' ପାଇଁ ସରପ୍ରାଇଜ । ସେ ବର୍ତ୍ତମାନ ମୋର ଜୀବନ ସାଥି । ଆମର ଯଥାରୀତିରେ କୋର୍ଟ ମ୍ୟାରେଜ ହୋଇଛି । ତାଙ୍କ ନାଁ' 'ସୁନନ୍ଦା' ।"

ମୁଁ ତ ସତରେ ସରପ୍ରାଇଜ ହୋଇ ପଡିଲି । କହିଲି - "ତୁମ ଦୁହିଁଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।"

ସନଆ କହିଲା - "କ୍ଷମା ଚାହୁଁଛି । ତୋତେ ଆମର ବିବାହ ବେଳକୁ ଜାଣି ଶୁଣି ନିମନ୍ତ୍ରଣ କରିନାହିଁ । ତୁ' ଯେମିତିକା ଲୋକ ମୋତେ ହଜାରେ ପ୍ରଶ୍ନ କରିଥାନ୍ତୁ । ସେହି ଭୟରେ ତୋତେ କେବଳ ସରପ୍ରାଇଜ ଦେବା ପାଇଁ ଏହି ଖବରଟି ଲୁଚାଇ ଦେଇଥିଲି ।"

ଏଥର ସୁନନ୍ଦା ଖୁବ ଆତ୍ମୀୟତାର ସହ ତାଙ୍କର ପରିଚୟ ଦେଇ କହିଲେ - " ମୁଁ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ । ନିକଟସ୍ଥ ଗୋଟିଏ ହାଇସ୍କୁଲରେ ପଢାଉଛି । ଗତ ଛଅ ବର୍ଷ ହେଲା ମୋ ସ୍ୱାମୀଙ୍କର ଦେହାନ୍ତ ହୋଇଯାଇଛି । ମୋର ଗୋଟିଏ ପୁଅ ଉଚ୍ଚ ଶିକ୍ଷିତ । ସେ ବିବାହିତ ଏବଂ ବର୍ତ୍ତମାନ ବିଦେଶରେ ଅଛି । ମୁଁ ଘରେ ନିହାତି ଏକାକୀ ଥିଲି । ସନ୍ନ୍ୟାସୀ ବାବୁଙ୍କ ପ୍ରବଚନ ଶୁଣିବାକୁ ମୁଁ କେବେ ଆସି ନାହିଁ । ମୁଁ ଜଣେ ବିଜ୍ଞାନର ଛାତ୍ରୀ ଏବଂ ମୋର ବୈଜ୍ଞାନିକ ଦୃଷ୍ଟିକୋଣ ଅଛି । ସେ ଯେତେବେଳେ ନିଜ ଘରେ ଅନାଥାଳୟ ଖୋଲିଲେ ମୁଁ ଭାବିଲି ମୋର ଖାଲି ସମୟ ଟିକ ବିତାଇବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ । ମୁଁ ସନ୍ନ୍ୟାସୀ ବାବୁଙ୍କୁ ପ୍ରସ୍ତାବ ଦେଲି - "ମୁଁ ବିନା ଦରମାରେ ପିଲାଙ୍କୁ ବିଜ୍ଞାନ ପଢାଇବି ।" ସେ ଖୁସିରେ ମୋର ପ୍ରସ୍ତାବ ଗ୍ରହଣ କଲେ । ମୁଁ ମୋର ଫ୍ରି ସମୟରେ ଆସେ । ପିଲାଙ୍କୁ ପାଠ ପଢ଼ାଏ । ସନ୍ନ୍ୟାସୀ ବାବୁଙ୍କ ସହ ବେଳେ ବେଳେ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ରୂଢ଼ିବାଦୀ ପରମ୍ପରା ଉପରେ ଆଲୋଚନା ହୁଏ । ମୁଁ ଧିରେ ଧିରେ ତାଙ୍କର ତର୍କ ସଙ୍ଗତ ଉତ୍ତର ଶୁଣି ତାଙ୍କୁ ପସନ୍ଦ କରିବାକୁ ଲାଗିଲି । ଆମ ଦୁହିଁଙ୍କ ବିଚାର ମେଳ ଖାଉଥିବାରୁ ଦୁହେଁ ଦୁହିଁଙ୍କୁ ଭଲ ପାଇବାରେ ଅସୁବିଧା ହେଲାନି । ମୋ ବିଷୟରେ ସେ ସବୁ ଜାଣି ସାରିଥିଲେ ତେଣୁ ଆମେ ଦୁହେଁ ନିଷ୍ପତି କଲୁ ବିବାହ କରି ରହିଲେ କୌଣସି ଅସୁବିଧା ନାହିଁ । ମୁଁ ମୋର ପୁଅକୁ ମଧ୍ୟ ବୁଝାଇଲି । ସେ ବି ଖୁସିରେ ସମ୍ମତି ପ୍ରଦାନ କଲା । ଆମେ ଦୁହେଁ ମିଶି ବର୍ତ୍ତମାନ ଅନାଥ ପିଲାମାନଙ୍କ ଦାୟିତ୍ୱ ସମ୍ଭାଳୁଛୁ । ଗୋଟିଏ କଥା କିନ୍ତୁ କହିବାକୁ ମୁଁ ଭୁଲିବି ନାହିଁ ଯେ ଆପଣଙ୍କ ଉଚିତ ମାର୍ଗ ଦର୍ଶନ ଯୋଗୁ ହିଁ ସେ ନିଜ ଜୀବନରେ ଏତେ ବଡ଼ ପରିବର୍ତ୍ତନ ଆଣି ପାରିଛନ୍ତି ବୋଲି ସେ ମୋତେ ବାରମ୍ବାର କହିଛନ୍ତି । ତେଣୁ ଆପଣଙ୍କୁ କେବେ ଦେଖିବି ବୋଲି ପ୍ରତୀକ୍ଷା କରିଥିଲି ।”

ମୁଁ ଭଦ୍ର ମହିଳାଙ୍କର ସ୍ପଷ୍ଟ ଓ ଦୃଢ଼ ବକ୍ତବ୍ୟ ଆଗରେ ନିରୁତ୍ତର ହୋଇଗଲି ।

ସନ୍ନ୍ୟାସୀଙ୍କୁ 'ସନଆ' ବୋଲି ଡାକୁଥିବା ସାଙ୍ଗ ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ବଢିଯାଇଥିଲା । ସେଦିନ ରାତିରେ ସୁନନ୍ଦାଙ୍କ ହାତରନ୍ଧା ଖାଦ୍ୟ ମୋତେ ଅମୃତ ତୁଲ୍ୟ ସ୍ୱାଦିଷ୍ଟ ଲାଗିଥିଲା । ଆମର ଖାଇବା ଶେଷ ହେବା ପରେ ସୁନନ୍ଦା ଆମକୁ ଛାଡି ଅନ୍ୟ କାମରେ ଚାଲିଗଲେ ।

ସନଆ ମୋତେ କହିଲା - "ଏଥର ତୋତେ ଆଉ କିଛି ମଜା କହୁଛି ଶୁଣ - ସାଧୁ ବା ବାବାମାନଙ୍କ ଠାରୁ ଲୋକମାନେ କ'ଣ କ'ଣ ଆଶା କରୁଛନ୍ତି ତା'ର ଉଦାହରଣ ଦେଉଛି । ଗୋଟିଏ ଶିକ୍ଷିତ ଧନୀ ପରିବାରରେ ବିଧବା ଶାଶୁ, ପୁଅ ଓ ବୋହୂ ରହୁଛନ୍ତି । ତାଙ୍କ ଘରେ ଶାଶୁ ଓ ବୋହୂଙ୍କ ଭିତରେ ସବୁବେଳେ ମନୋମାଳନ୍ୟ ରହୁଥାଏ । ମୋ ସମ୍ପର୍କରେ ଶୁଣି ଦିନେ ଶାଶୁ ଆସି ମୋ ସହିତ ଏକାକୀ କଥାବାର୍ତ୍ତା କରିବାପାଇଁ ଅନୁରୋଧ କଲେ । ମୁଁ ତାଙ୍କୁ ସମୟ ଦେଲି । ସେ ଆସି କହିଲେ - "ମୁଁ ଗତ ଦଶ ବର୍ଷ ହେଲା ବିଧବା ହେଲିଣି । ଧନ ସମ୍ପତ୍ତିର ଅଭାବ ନାହିଁ । ଏକ ମାତ୍ର ପୁଅକୁ ପାଠ ପଢାଇ ମଣିଷ କଲି । ଦେଖି ଚାହିଁ ଭଲ ଘରର ଶିକ୍ଷିତା ଝିଅଟିଏ ସହ ବିବାହ କରାଇଲି । ବୋହୂର ବାକି ସବୁ ଭଲ ହେଲେ ମୋ ପୁଅକୁ ବଶ୍ୟ କରି ରଖିଛି । ଆଗରୁ ମୋତେ ନ ପଚାରି ପୁଅ କୌଣସି କାମ କରୁ ନଥିଲା । ଏବେ ସେ କେବଳ ତା'ର ସ୍ତ୍ରୀ କଥା ମାନୁଛି, ମୋ କଥା ଜମାମାନୁନ । ବାବା ଆପଣ କିଛି ଚମତ୍କାର କରିଦିଅନ୍ତୁ ଯେ ମୋ ପୁଅ ମୋ କଥା ମାନିବ । ଆପଣ ଯାହା ମାଗିବେ ମୁଁ ଦେବାକୁ ରାଜି ଅଛି ।"

ମୁଁ ତାଙ୍କ କଥା ଶୁଣି ହସିବି କି କାନ୍ଦିବି ବୁଝି ପାରୁ ନଥାଏ । ତଥାପି ତାଙ୍କ କଥା ଧୈର୍ଯ୍ୟଧରି ଶୁଣି ସାରି କହିଲି - ଦେଖ ମାଆ, ମୁଁ ତୁମ କଥା ବୁଝି ପାରୁଛି । ଏଥିରେ ତୁମର ପୁଅ ବା ବୋହୂର କିଛି ଦୋଷ ନାହିଁ । ପୁଅ ତ ଭଲ ବୋଲି ତୁମେ ଜାଣିଛ । ବୋହୂଟି ମଧ୍ୟ ବାକି ସବୁରେ ଭଲ ବୋଲି କହୁଛ । ବର୍ତ୍ତମାନ ସମସ୍ୟା ହେଉଛି - ତୁମର ଆତ୍ମସମ୍ମାନକୁ ବାଧା ଲାଗୁଛି । ଆଜି ଯାଏଁ ପୁଅ ତୁମର ପଣତ କାନି ତଳେ ରହୁଥିଲା । ବର୍ତ୍ତମାନ ଗୋଟିଏ ଯୁବତୀ ତା' ଜୀବନରେ ଆସିଛି । ପୁଅର ପ୍ରାକୃତିକ ଆବଶ୍ୟକତା କେବଳ ସେ ହିଁ ପୂରଣ କରୁଛି । ତେଣୁ ତୁମ ପୁଅ ସ୍ୱାଭାବିକ ଭାବେ ତା' ସ୍ତ୍ରୀର କଥାକୁ ମାନିବ । ତୁମେ ଟିକିଏ ଭଲଭାବେ ମନେ ପକାଅ ଯୌବନ କାଳରେ ତୁମ ସ୍ୱାମୀ ତୁମ କଥା ମାନୁଥିଲେ କି ନାହିଁ ? ଯେବେ ନ ମାନୁଥିଲେ ତୁମକୁ ଦୁଃଖ ଲାଗୁଥିଲା କି ନାହିଁ ? ତୁମ ବୋହୂକୁ କୌଣସି ଯାଦୁ ମନ୍ତ୍ର ଜଣା ନାହିଁ । ସେ କେବଳ ତା'ର କର୍ତ୍ତବ୍ୟ କରୁଛି । ତୁମେ ଯଦି ସତରେ ତୁମ ପୁଅକୁ

ଭଲ ପାଉଛ ତେବେ ଯେଉଁ ଝିଅଟି ତୁମ ପୁଅକୁ ଖୁସି ଦେଉଛି ତୁମେ ମଧ୍ୟ ସେହି ଝିଅଟିକୁ ଭଲ ପାଅ । ବର୍ତ୍ତମାନ ତୁମର ବୟସ ଅନୁସାରେ ଘର ଜଞ୍ଜାଳରୁ ନିଜକୁ ମୁକ୍ତ କରି ଦିଅ । ସେମାନେ ଘର ସମ୍ଭାଳନ୍ତୁ । ତୁମେ ଧର୍ମ କର୍ମରେ ମନ ଦିଅ ଘରେ ଆପେ ଶାନ୍ତି ଫେରି ଆସିବ ।"

ମୁଁ ଏତିକ କହି ତାଙ୍କ ମୁହଁକୁ ଚାହିଁଲି । ସେ ମୋ କଥାରେ ଟିକଏ ମଧ୍ୟ ଖୁସି ହେଲେନ । ମୁହଁରେ ବିରକ୍ତି ଭାବ ପ୍ରକଟ କରି ଉଠି ଚାଲିଗଲେ । ତା'ପର ଦିନ ଖବର ପାଇଲି ସେ ମୋ ବିଷୟରେ କୁତ୍ସା ରଟନା କରୁଛନ୍ତି - "ସନ୍ୟାସୀ ବାବା ଜଣେ ମହାଠକ ତା ପାଖରେ କୌଣସି ଦୈବୀଶକ୍ତି ନାହିଁ ।"ଇତ୍ୟାଦି ଇତ୍ୟାଦି ।

ତାଙ୍କର ବୋହୂ ଶୁଣିଲା ଯେ ଶାଶୁ ମୋ ପାଖକୁ ଆସିଥିଲେ । ସେ ବି ଦିନେ ଆସି ମୋ ସହ ଏକାନ୍ତରେ କଥା ହେବାକୁ ଅନୁରୋଧ କଲା । ମୁଁ ସମୟ ଦେଲି । ସେ କହିଲା - "ବାବା ମୋ ଶାଶୁ ଆପଣଙ୍କ ପାଖକୁ ଆସିଥିଲେ ବୋଲି ଶୁଣିଲି । ତେଣୁ ମୋର ଦୁଃଖ ମଧ୍ୟ ଆପଣ ଶୁଣନ୍ତୁ । ମୋର ସ୍ୱାମୀ ବହୁତ ଭଲ, ହେଲେ ମୋ ଶାଶୁ ସବୁବେଳେ ତାଙ୍କୁ ନିଜ ପଣତ କାନିରେ ବାନ୍ଧି ରଖିବାକୁ ଚାହୁଁଛନ୍ତି । ଆପଣ ମୋତେ ଟିକଏ ସାହାଯ୍ୟ କଲେ ମୋର ଦୁଃଖ ଦୂର ହୋଇପାରିବ । ଆପଣ ଯେତିକ ଟଙ୍କା ଚାହିଁବେ ମୁଁ ଦେବି ।"

ମୁଁ ତାକୁ ବୁଝାଇବା ପାଇଁ କହିଲି -"ମୁଁ ତୋର ଶାଶୁଙ୍କୁ ବୁଝାଇ ଦେଇଛି । ତୁ' ବି ବୁଝିବାକୁ ଚେଷ୍ଟା କର । ଯଦି ତୋ ସ୍ୱାମୀ ତାଙ୍କ ମାଆଙ୍କୁ ଭକ୍ତି କରୁଛନ୍ତି ଓ ତାଙ୍କ କଥା ମାନୁଛନ୍ତି ତେବେ ତୁ' ତାଙ୍କ ପାଇଁ ଗର୍ବ କରିବା କଥା ଯେ ତାଙ୍କ ଭଳି ଜଣେ ଶ୍ରେଷ୍ଠ ପୁରୁଷକୁ ତୁ' ସ୍ୱାମୀ ଭାବେ ପାଇଛୁ । ନଚେତ ଆଜିର ଯୁଗରେ ପୁଅମାନେ ବିବାହ କରିବା ପରେ ନିଜର ବାପା ଓ ମାଆଙ୍କୁ ଅବହେଳା କରୁଥିବା ଦୃଶ୍ୟ ବେଶୀ ଦେଖିବାକୁ ମିଳୁଛି । ତୁ' ତ ଏହି ଘରକୁ କାଲି ଆସିଛୁ । ତା' ପୂର୍ବରୁ ତୋ ସ୍ୱାମୀର ସମସ୍ତ ଦାୟିତ୍ୱ ତ ତାଙ୍କ ମା' ହିଁ ତୁଲାଉଥିଲେ । ତାଙ୍କୁ ଯୋଗ୍ୟ କରିଥିବାରୁ ତ ତୁ' ସ୍ୱାମୀ ଭାବେ ଗ୍ରହଣ କଲୁ । ତେଣୁ ତୁ' ଯଦି ତାଙ୍କ ମା'ଙ୍କୁ ସମ୍ମାନ ଦେବୁ, ତାଙ୍କର ମନଜାଣି ସେବା କରିବୁ ତେବେ ତୋ ସ୍ୱାମୀ ମଧ୍ୟ ତୋତେ ବେଶୀ ଭଲ ପାଇବେ । ଏଥିରେ ସନ୍ଦେହ ନାହିଁ । ତୋର କୌଣସି ଦୁଃଖ ରହିବନାହିଁ ।"

ମୁଁ ଦେଖିଲି - "ମୋ କଥା ଶୁଣି ଝିଅଟିର ମୁହଁରେ ମଧ୍ୟ ଖୁସି ନାହିଁ । ସେ ମଧ୍ୟ ଉଦାସ ହୋଇ ଫେରିଗଲା । ସେ ଦୁହେଁ ଗୁହୁଁଥିଲେ - (ମିଛରେ ହେଉ ପଛେ) ମୁଁ ତାଙ୍କୁ କଛି ଚମତ୍କାରୀ ମନ୍ତ୍ର ପଢାଇ ଥା'ନ୍ତି କମ୍ବା ମନ୍ତ୍ରସିଦ୍ଧ ତେଉଁରିଆ ବା ତାବିଜ ଦେଇଥା'ନ୍ତି । ସେଥିପାଇଁ ମୁଁ ଯେତେଟଙ୍କା ମାଗିଥା'ନ୍ତି ସେ ଦେଇଥା'ନ୍ତେ ।"

ଆଉ ଗୋଟିଏ ଉଦାହରଣ ଶୁଣିବୁ ? ଜଣେ ଧନୀ ଓ ଶିକ୍ଷିତ ମଧ୍ୟ ବୟସ୍କ ବ୍ୟକ୍ତି ମୋ ପାଖକୁ ଆସି କହିଲେ - "ବାବା ମୋତେ କ୍ୟାନସର ହୋଇଛି ବୋଲି ଡାକ୍ତର କହୁଛନ୍ତି । ମୁଁ କନ୍ତୁ ବିଶ୍ୱାସ କରୁନ । ଆପଣ ତ ଜଣେ ସିଦ୍ଧ ପୁରୁଷ । ତେଣୁ ଆପଣ ଗୁହିଁଲେ ଦୈବୀଶକ୍ତି ବଳରେ ମୋତେ ଆରୋଗ୍ୟ କରି ଦେଇପାରିବେ ।"

ମୁଁ ତାଙ୍କୁ କହିଲି - "ଡାକ୍ତର ପରୀକ୍ଷା କରି ଯଦି କ୍ୟାନସର ହୋଇଛି ବୋଲି କହୁଛନ୍ତି, ଆପଣ ତାହା ବିଶ୍ୱାସ କରନ୍ତୁ । ଆଜିକାଲି ଚକତ୍ସା ବିଜ୍ଞାନ ବହୁତ ଉନ୍ନତି କଲାଣି । ଆପଣ କୌଣସି ଭଲ ହସପିଟାଲକୁ ଯାଇ ଚକତ୍ସା କରାନ୍ତୁ, ନଶ୍ଚୟ ଆରୋଗ୍ୟ ହୋଇଯିବେ ।"

ମୋ କଥା ଶୁଣି ସେ ଓଲଟା ମୋତେ ପ୍ରଶ୍ନ କଲେ - "ଆପଣଙ୍କ ପାଖରେ ଯଦି କୌଣସି ଦୈବୀଶକ୍ତି ନାହିଁ ତେବେ ଆପଣ କାହିଁକ ସାଧୁବାବା ସାଜି ବସିଛନ୍ତି ?"

ମୁଁ କହିଲି - "ଆପଣ ଠିକ କହିଛନ୍ତି । କେବଳ ମୋ ପାଖରେ ନାହିଁ, ଦୁନଆର କୌଣସି ସାଧୁବାବା ପାଖରେ ମଧ୍ୟ ଦୈବୀଶକ୍ତି ନାହିଁ । ଆପଣ ଯାଇ ବିଭିନ୍ନ ବାବାଙ୍କ ପାଖରେ ପରୀକ୍ଷା କରିପାରନ୍ତି । ଏଇଟା ସତ କଥା ଯେ ଆପଣ ଯଦି କୌଣସି ଡାକ୍ତରୀ ଚକତ୍ସା ନକରିବେ ତେବେ ଆପଣ ଆରୋଗ୍ୟ ଲାଭ କରିବେ ନାହିଁ । ତେଣିକ ଆପଣଙ୍କ ଇଚ୍ଛା ।"

ସେଦିନ ମୁଁ ଭଲ କରି ଅନୁଭବ କଲି ଯେ ଅନ୍ଧଶ୍ରଦ୍ଧାର କୌଣସି ସୀମା ନାହିଁ । ଲୋକମାନେ କେବଳ ମିଥ୍ୟା ଆଶ୍ୱାସନା ଗୁହୁଁଛନ୍ତି । ମୁଁ ଆଗରୁ କେବଳ ସେହିଭଳ ଅନ୍ଧଭକ୍ତମାନଙ୍କୁ ଠକୁ ନଥିଲି ବରଂ ମୁଁ ନଜକୁ ମଧ୍ୟ ଠକୁ ଥିଲି । ସେତେବେଳେ ତୋ କଥା ମନେ ପଡିଲା । ମୁଁ

ଏହି ସାଧୁ ବେଶରେ ରହି ମଧ୍ୟ ସମାଜ ସେବା କରିପାରିବି । ମୋର ଜ୍ଞାନ ଉଦୟ ହେଲା । ମୋର ଏହି ପ୍ରତ୍ୟାବର୍ତ୍ତନ ପାଇଁ ତୁ' ହିଁ ମୋର ଗୁରୁ ହୋଇ ଯାଇଛୁ ।

ମୁଁ କହିଲି - "ଶିଷ୍ୟ ଯଦି ଜ୍ଞାନ ଗ୍ରହଣ କରିବାର ଯୋଗ୍ୟ ନଥାଏ, ତେବେ କୌଣସି ଗୁରୁଙ୍କର ମୂଲ୍ୟ ନାହିଁ । ତେଣୁ ଅସଲ ସମ୍ମାନର ଅଧିକାରୀ ତୁ', ମୁଁ ନୁହେଁ ।

ସେ ହସିଲା, କହିଲା - "ତୋତେ ପାରି ହେବନିରେ ସାଙ୍ଗ ।"

***********

କେ.ଆର. ପୁରମ, ବାଙ୍ଗାଲୋର

# ପରିଚୟ



ବିନ୍ଧ୍ୟାରାଣୀ ଦାଶ

ଜୀବନ ଯାହା ପର ଆଖିରୁ
ଝରାଇ ଦିଏ ଦି ଟୋପା ଲୁହ,
ସୁଖ ବଦଳରେ ଦୁଃଖ ଭରିଦିଏ
ଆନନ୍ଦ ଛଡେଇ ଭରି ଦେଇଥାଏ କୋହ
ନର ନୁହେ ସେହି ଅଟେ ନରାଧମ
ଏ କଥାଟି ମନେ ରଖ।
କଥା ଦେଇ ଯିଏ ରଖି ପାରେ ନାହିଁ
ବୁଝି ନ ପାରଇ ମନ,
ଜଳନ୍ତା ନିଆଁରେ ଢାଳେ ଯିଏ ଘିଅ
ମଣିଷ କପରି କହିବ ତାହାକୁ
ଅଧମ ଚରିତ୍ର ଯେ ତାର
ପାଏ ନାହି ସନମାନ ।
କଣ୍ଠେ ରଖି ବିଷ କହୁଥାଏ କଥା
ମଣିଷ ସେ ନାଗରୁପି,
ମୁହଁ ଦେଖି ଯିଏ ଜାଣିପାରେ ନାହିଁ
ଅନ୍ତରର ପ୍ରତିଛବି
ତାକୁ କପରି କହିବା ଅନୁଭବୀ
ସିଏ କ ଭାବୁକ କବି।
ଅନ୍ଧାରକୁ ଦୂର ଆଲୋକ କରଇ
ଶତ୍ରୁକୁ ଜିତଇ ପ୍ରେମ,
ବିଶ୍ୱାସ ର ବଳେ ସମ୍ପର୍କ ଅଟଇ
ଅବିଶ୍ୱାସେ ନାହିଁ ନାମ।

ମଣିଷ ଜୀବନ ହୋଇବ ସାର୍ଥକ
ଯେବେ ମଣିଷତ୍ୱର ପାଇବ ଜ୍ଞାନ,
ଜ୍ଞାନ, ବୁଦ୍ଧି, ବିଦ୍ୟା, ପରୋପକାର
ଯେବେ ସମର୍ପିବ ମନ।
ପର ଦୁଃଖ ଯେବେ କରି ପାରିବ ହରଣ
ମନଷେ ହୋଇବ ଗଣା
ଏହାହିଁ ମଣିଷ ପରିଚୟ ଭବେ ଜଣା।

ସୁବର୍ଣ୍ଣପୁର

# ବସନ୍ତ ପ୍ରବେଶ



ରଞ୍ଜନ କୁମାର ବ୍ରହ୍ମା

ଛଅ ଋତୁ ଛଅ ଭଉଣୀ ପରି
ଧରାକୁ ଆସନ୍ତି ହାତକୁ ଧରି ।

ଗ୍ରୀଷମ ବରଷା ଶରତ ଯାଇ
ହେମନ୍ତ ଶୀତ ବସନ୍ତ ଆସଇ ।

ରୁକ୍ଷ ଶୀତଋତୁ ବିଗାଡିଥିଲେ
ପ୍ରାଣୀକୁ ନୀରସ ଶ୍ରୀହୀନ କରେ ।

ଧରିତ୍ରୀ ଅଙ୍କରେ ରଙ୍ଗକୁ ବୋଳ
ବସନ୍ତ ହରିଲା ଦୁଃଖ ସବୁରି ।

ଡାକିଲା କୋକିଳ ଆମ୍ର ବୃକ୍ଷରୁ
ନବ ପତ୍ରପୁଷ୍ପେ ଚହଟେ ତରୁ ।

ଉପବନ ଖେଳେ ମଧୁପ ଦଳେ
ଦିଆନଆ ଭାବ ସୁନ୍ଦର ବଢେ ।

ରବି ଶସ୍ୟ କ୍ଷେତ ମୁଣ୍ଡ ଉଠାଇ
ମଳୟ ପବନେ ହସି ନାଚଇ ।

ବୀଣାସ୍ୱନେ ଦେବୀ କହନ୍ତି ଆସି
ଶ୍ରମରେ ବିଦ୍ୟାକୁ ରଖହେ ଖୋସି ।

ସଠିକ୍ ପ୍ରୟୋଗେ ଲଭ ମିଳଇ
ଜୀବନ ଜୀବିକା ହସି ଉଠଇ ।

ଯିଏ ଯେଉଁ କାମକରୁଛ କର
ହାତରୁ ପୋଥିକୁ ତିଳେ ନ ଛାଡ଼ ।

ପ୍ରସନ୍ନ ବଦନ ଦିଏ ଆନନ୍ଦ
ପୁରୋଷୋତ୍ତମ ଶ୍ରୀ ରାମଚନ୍ଦ୍ର ।

ମହାଶିବରାତ୍ରି କହଇ କାନେ
ଧର୍ମପାଇଁ ପ୍ରାଣ ରଖ ଜୀବନେ ।

ଭୁଲି ଭେଦଭାବ ହୋଲିକୁ ବୋଳ
ବସନ୍ତ ଉତ୍ସବେ କରିବା ମେଳ ।

ସୁନ୍ଦର ଋତୁରେ ହଜୁଛି ମନ
ରଞ୍ଜନ ଲେଖଇ ଧରି କଲମ ।

ବସନ୍ତ ପ୍ରବେଶି କମିଆ କଲା
ଧରଣୀ ଶ୍ରୀଅଙ୍କ ତୋର ଦିଶିଲା ।

ଶିକ୍ଷକ, ଚକଟୀ ଗଡ଼, ଗଞ୍ଜାମ

# ମୋତେ କେହି ଭୁଲିବନି



ବିଜୟ କୁମାର ଛାଟୋଇ

ନିଛାଟିଆ ରାତି । ନିଶା ଗରଜୁଥାଏ । ପବନ ବି ସୁଉସୁଉ ହୋଇ ବହିଯାଉଥିଲା । ପବନ ଜୋରରେ ନ ହେଉଥିଲେ ବି ରାତିରେ ବହୁ ଜୋରରେ ବହିଲାପରି ଜଣା ପଡୁଥାଏ । ବେଳେବେଳେ ତାଳ ଓ ନଡିଆ ବାହୁଙ୍ଗା ପବନରେ ଦୋହଲି ଯିବାରୁ ଶବ୍ଦ କରୁଥାଏ । ମଝିରେ ମଝିରେ ବିଲୁଆ ଓ କୁକୁର ନିର୍ଜନତାରେ ଯେଉଁ ବିକଳ ରାବ କରନ୍ତି ସେଥିରେ ସମ୍ବିତର ମନ ଭୟରେ ନରମି ଆସୁଥିଲା । ସେହି ଗାଆଁରେ ଭୂତ ବାହାରେ ବୋଲି ସମ୍ବିତ୍ କୁ ତାର ମାଉସୀ ସୂଚାଇ ଦେଇଥାଆନ୍ତି । ସେ ଏସବୁ ଘଟଣା ଆଦୌ ଶୁଣିନି କି ଜାଣିନି । ଭୂତ ବିଷୟରେ ତାର ଧାରଣା ହିଁ ନ ଥାଏ ।  ସେ ସହରରୁ ରାୟପୁର ଗାଆଁକୁ ନୂଆ ନୂଆ ଆସିଥାଏ । ଏହି ଗାଁରେ ତାର ମଉସାଙ୍କ ଘର । ସମ୍ବିତ ଖରାଦିନ ଛୁଟି କାଟିବାକୁ ମଉସାଙ୍କ ଘରକୁ ଆସିଛି । ସେ ଗାଉଁଲି ଲୋକଙ୍କ କଥାବାର୍ତ୍ତା ଓ ଚାଲିଚଳନକୁ ଦେଖି ଯେତିକି ଖୁସି ହେଉଥାଏ ସେତିକି ମଧ୍ୟ ଉପହାସ କରୁଥାଏ । ସକାଳ ହେଲେ ଗାଁ ଦାଣ୍ଡରେ ଲୋକେ ରୁଣ୍ଡହୋଇ କେତେ କଥାପ କାଇ ଥାଆନ୍ତି । ଏକାଠି ରୁଣ୍ଡ ହେବାର ପରମ୍ପରା ବୋଧହୁଏ ଗାଆଁରୁ ଆରମ୍ଭ ହୋଇଛି ।  ଆଉ ଦଳେଲୋକ ଭୂତର ଜିଅଁନ୍ତା କାହାଣୀ ବଖାଣି ପିଲାମାନଙ୍କ ମନରେ ଭୂତ ଭୟର କୁହେଳିକା ବୁଣିଦିଅନ୍ତି ।  ପିଲାମାନେ ଭୂତ ଭୟରେ ଦ୍ୱିପହର ଖରାରେ ଆମ୍ବ ଝଡେଇବାକୁ କିମ୍ବା କୋଳି ଖାଇବାକୁ ନ ଯାଇ ଘରେ ଶୋଇରହନ୍ତି । ଆଉ କେଉଁଠି ବୁଢ଼ୀମାଆ ବସି ପିଲାମାନଙ୍କ ରଚତ ବିନୋଦନ ନିମନ୍ତେ ଗପ ପସରା ଖୋଲି ମନମତାଣିଆ ଗପ ଶୁଣାନ୍ତି । ପୁଣି କୃଷକ ଭାଇ ତାର କ୍ଷେତକୁ ଯାଇ କାମରେ ଲାଗିଥାଏ । ବିଲରେ ଉନ୍ନତ ଫସଲ କମାଇ ଲକ୍ଷ୍ୟେ ଜୀବଙ୍କୁ ପୋଷେ । ଗାଆଁର ଝିଅ ବୋହୁମାନେ ଏକାଠି ହୋଇ ପୋଖରୀ ତୁଠକୁ ଗାଧୋଇବାକୁ ଏବଂ ବାସନ ମାଜିବାକୁ ଯାଆନ୍ତି ଏବଂ ଯଦି ସେମାନଙ୍କୁ ସମୟ ମିଳେ ତାସ୍ ପାଲି ପକାଇ ଦିଅନ୍ତି । ସଞ୍ଜ ନଇଁ

ଆସିଲେ ଗାଆଁ ଦାଣ୍ଡରେ ସଂଜ ବଇଠିରେ ଦୀପ ଜଳ ଉଠିଥାଏ। ଭାଗବତ ଟୁଙ୍ଗୀରେ ସଭିଏଁ ମେଳ ହୋଇ ପୁରାଣ ପଢା ସାଙ୍ଗକୁ ଗାଆଁର ଭଲମନ୍ଦ କଥା ପକାଇଥାନ୍ତି ।

ଶେଷରେ ଠାକୁରାଣୀ ମାଆଙ୍କର ଆଳତୀ ଦର୍ଶନ କରି ଲୋକେ ସୁଖରେ ଘରେ ଶୋଇ ଯାଆନ୍ତି। ଏ ସବୁ କଥା ସମ୍ବିତ୍ ଜାଣି ନ ଥିଲା କି ଶୁଣି ନ ଥିଲା ! ସେଦିନ ରବିବାର ହୋଇଥିବାରୁ ସମ୍ବିତ୍ ର ମାଉସୀ ସୂର୍ଯ୍ୟ ନାରାୟଣଙ୍କର ବ୍ରତ ପାଳନ କରୁଥାନ୍ତି। ସେଥିପାଇଁ ସେ ପୂର୍ବ ରାତିରୁ ଉଠି ନିତ୍ୟକର୍ମ ସାରି ହାତରେ ଫୁଲ ଓ ଅନ୍ୟାନ୍ୟ ଭୋଗ ଧରି ସୂର୍ଯ୍ୟ ପୂଜା କରିବା ନିମନ୍ତେ କୋଣାର୍କ ମନ୍ଦିରକୁ ବାହାରିଲେ। ମାଉସୀଙ୍କ ସାଥିରେ ସମ୍ବିତ୍ ଯିବ ବୋଲି ଜିଦ୍ ଧରିଲା । ସମ୍ବିତ୍ ର ଅଝଟନ ସହି ତାକୁତାର ମାଉସୀ ସାଥିରେ ନେଲେ। ସେଠାରେ ସେ ବୁଲାବୁଲି କରି ଫେରି ଆସିଥାଏ। ଗାଆଁକୁ ଯଦି କେହି ନୂଆ ଲୋକ ଆସିଥିବେ ଲୋକେ ବାରବାର ପଚାରି ବୁଝୁଥିବେ ଯେ ସେ ପିଲାଟି କିଏ? କାହାଘରକୁ ଆସିଛି ? ସିଏ ତାଙ୍କର କେଉଁଆଡୁ ବନ୍ଧୁ ହେବ ? ଏପରି କେତେ କଥା ଓ କେତେ ପ୍ରଶ୍ନ । ସମ୍ବିତ ମଉସାଙ୍କ ଘରେ ରହିବା ମାତ୍ର ଚାରିଦିନ ହୋଇଥାଏ। ଏହି ଚାରିଦିନ ତାକୁ ଚାରିବର୍ଷ ପରି ଲାଗିଲାଣି। ସିଏ ତ ସହରର ଚାକଚକ୍ୟରେ ବଢିଛି ତାକୁବା କିପରି ଗାଆଁ ଭଲ ଲାଗିବ ? ତଥାପି ସେ ଗାଁ ପରିବେଶ ସହିତ ଖାପ ଖୁଆଇ ଚଳିବା ଶିଖିଗଲା । ସମ୍ବିତ୍ ର ତା' ବାପାଙ୍କ କଥା ଭାରି ମନେପଡିଲା। ଦିନେ ସମ୍ବିତ୍ ର ବାପା ସମ୍ବିତ୍ କୁ କହିଥିଲେ, "ପୁଅରେ! ତୁ ଘରେ ଯେଉଁ ସୁବିଧା ସୁଯୋଗ ପାଉଛୁ ତାହା ଯଦି ବିଦେଶରେ ନ ପାଇବୁ ବିଚଳିତ ହେବୁନି। ସବୁଠାରେ ଏକାପ୍ରକାର ସୁବିଧା ସୁଯୋଗ ମିଳି ନ ଥାଏ। ଯେଉଁ ଦେଶକୁ ଯିବା ସେହି ଦେଶର ଫଳ ଖାଇ ବଞ୍ଚିବା" ।

ସମ୍ବିତ୍ ତା'ମଉସାଙ୍କ ଘରେ ଦୁଇମାସ ରହିଲା। ସେ ସହରରେ ଏକା ରହିବା ଏକାଏକା ସମୟ ବିତାଇବା ଶିଖିଥିଲା ତେଣୁ ସେ ପ୍ରଥମେ ପ୍ରଥମେ କାହା ସହିତ ନ ମିଶି ଏକଲା ରହିଲା। ଏବେ ତାର ସାଙ୍ଗ ସାଥି ବହୁତ ହୋଇଗଲାଣି । ସେମାନେ ସାଥିହୋଇ ମେଳନ ଦେଖିବାକୁ ଯାଉଥାଆନ୍ତି। ଗାଆଁରେ ଦୋଳ ଉତ୍ସବ ଅନୁଷ୍ଠିତ ହେଉଥାଏ । ସେଥିରେ ସେ ଭାଗ ନେଲା। ଗାଆଁର ଭାଇଚାରା ଏବଂ ତାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସବୁ ତା ମୁଣ୍ଡରେ ବସା ବାନ୍ଧିବସିଲା। ସମ୍ବିତ ସହରରେ ଥିଲାବେଳେ ନିଜେ ସୁଖରେ ରହିବା କଥା ଚିନ୍ତା କରୁଥିଲା। ଏବେ ସେ ସମସ୍ତଙ୍କର ମଙ୍ଗଳ କାମନା କରୁଛି। ଗାଆଁର ଦାଣ୍ଡ ଧୂଳି,

ଗାଆଁମୁଣ୍ଡ ବରଗଛ, ଗାଆଁ ଭଗବତ ଟୁଙ୍ଗୀ, ଠାକୁରାଣୀ ମନ୍ଦିରରେ ଆଳତୀ, ଗାଆଁର ସାଙ୍ଗସାଥି, ଗାଆଁ ନଈ ଓ ପୋଖରୀ ଏବଂ ଗାଆଁ ମଶାଣିରେ ଶବଧାରରେ ଶୋକାକୁଳ ପରିବେଶର ଅମାପ ଲୁହ ଆଦି ଘଟଣା ସମ୍ବିତ୍ ର ମନକୁ ଭୁଲାଇଦେଲା ସହରର ଚାକଚକ୍ୟତାକୁ । ସେ ଏଥର ଗାଁ ରେ ଗାଉଁଲି ହୋଇ ରହିବାକୁ ସ୍ଥିର କରିଛି । ସହରର ବିଷାକ୍ତ ପରିବେଶରେ ସମ୍ବିତ୍ ଆଉ ରହିବାକୁ ମନ ବଳାଉ ନ ଥାଏ ।

ଖରାଦିନ ଛୁଟି ଦୁଇଦିନ ବାକିଥାଏ । ଛୁଟିସମୟ ସରି ସରି ଆସିବାରୁ ସମ୍ବିତ୍ ର ମନରେ ବେଶିକି ବେଶି କୋହ ବଢୁଥାଏ । ସେ ସହରକୁ କେବେ ଯିବନି ବୋଲି ମନସ୍ଥ କରିଛି । କିନ୍ତୁ କଣ ହେବ? ସହରକୁ ତ ଯିବାକୁ ପଡିବ! ସ୍କୁଲ ଖୋଲିଗଲେ ପାଠ ପଢିବା ପାଇଁ ନହାତି ସ୍କୁଲ୍ ଯିବାକୁ ହେବ। ଏହି କଥା ଭାବି ସମ୍ବିତ୍ ର ଆଖିରୁ ଲୁହ ବୋହି ପଡୁଥାଏ । ତାର ଗୋଟାଏ ଜିଦ୍ । ସେ ଆଉ ସହରକୁ ଯିବନି । ହେଲେ ତାର ମାଉସୀ ବା କଣ କରିପାରିବେ? ସେ ସମ୍ବିତ୍ କୁ ବୁଝାଉ ଥାଆନ୍ତି । ତୁ ଆରସାଲେ ପୁଣି ଆସିବୁ । ବ୍ୟସ୍ତ ହୁଅନା । ସ୍କୁଲ୍ ଖୋଲିଯିବାରୁ ସମ୍ବିତ୍ ର ବାପା ସମ୍ବିତ୍ କୁ ଗାଡିରେ ବସାଇ ସହରକୁ ନେଇଗଲେ । ସମ୍ବିତ ଗଲାଏଳେ ତାର ସାଙ୍ଗସାଥି ବିକଳରେ ଗାଡି ପଛେପଛେ କାନ୍ଦି କାନ୍ଦି ଗୋଡେଇ ଗୋଡେଇ ଯାଉଥାଆନ୍ତି । ସମ୍ବିତ୍ ତାର ସାଥି ମାନଙ୍କୁ ଶେଷ ବିଦାୟ ଜଣାଇ ସଭିଙ୍କ ଆଖିଆଗରୁ ଦୂରକୁ ଦୂରକୁ ଚାଲିଯାଉଥାଏ । ଶେଷରେ ସେ କହୁଥିଲା–ସାଙ୍ଗମାନେ ମୋତେ କେହି ଭୁଲିବନି । **(ଶେଷ)**

ମହୁରା, ପୁରୀ

# ତୁମକୁ ପଗ୍ଡରେ...



ସୌମ୍ୟ ରଂଜନ ଦାସ

ସେଦିନ ଥିଲା ..
ଫୁଲର ମହକ ଭଲଲାଗୁଥିଲା
ମନ ଭ୍ରମର ପରି ଗୀତ ଗାଉଥିଲା ...

ଲୁଚ ଲୁଚ ଦୁହେଁ ମିଶିବା
ଆଉ ତାପରେ  ଦୁନଆକୁ ଭୁଲିବା
ପ୍ରିତିର ବରଷାରେ ଓଦା ହେଇବି
ଅସ୍ଥିର ମନକୁ ବାରମ୍ବାର ସମ୍ଭାଳବା...

ଆଉ ପୁଣି ମନେପଡେ
ଦିଅଁ ଆଗେ ମନାସିବା
ସପନର ନଅର ତୋଳବା
ସାତ ଜନମକୁ ସାଥିହେଇ ବଞ୍ଚିବା

ଏମିତିବି ଦୀନ ଆସିଲା
ହୃଦୟ କୋହରେ ଭରିଗଲା
ସତରେ ଏ ଦୁନଆ କେଡେ ନଷ୍ଟୁର
ଛୁଆଁ ଅଛୁଆଁର ପାଚେରି ପାରେ
ତମକୁ ମତେ ଅଲଗା କଲା

ସବୁରି ଶେଷରେ
ଆର ଜନମରେ ସାଥି ହେଇ ଆମେ ଜିଇଁବା
ହଁ ବୋଲି ଥରେ କହିଦିଅ
କେବଳ ମୁଁ ତୁମକୁ ପଗ୍ଡରେ......

ବରିକୂଳ,
ଯାଜପୁର

# ନାରୀ



ଦୀପକ କୁମାର ନାୟକ

ଗଢ଼ିଛି ବିଧାତା ସୃଷ୍ଟିର ରଚୟିତା
ଜଗତ ହିତ ଉପକାର ପାଇଁ ।
ଖୋଲେ ନାହିଁ କେବେ କୋହର ଗଣ୍ଠିଲି
ଦୁଃଖ ଅନୁତାପ ଅପମାନ ସହି ।
ହୁଏ ନାହିଁ କେବେ ବିଚଳତ
ଛାତି ତଳେ ଲୁଗ୍ଚଇ କୋହ ।
ପର କ ଆପଣା ନଥାଏ ତାକୁ ଜଣା
ସଭିଙ୍କୁ ଦିଏ ସେ ସମ୍ମାନ ଆଦର ସଦା ।
କେବେ ସେ ଜନନୀ ସନ୍ତାନର
କେବେ ସେ ଭଗିନୀ ଭାଇର ।
ନାରୀର ଜୀବନ କେହି ମୁହୁର୍ତ୍ତରେ
ହୋଇଯାଏ ପରିବର୍ତ୍ତନ ।
ବିବାହ ବେଦୀରେ  ପଡିଯାଏ
ତା'ର ସମ୍ପର୍କରେ ସେତୁବନ୍ଧ ।
ବାହା ବେଦୀ ହୋମ ନଆଁ
ହାତ ଗଣ୍ଠି ପରେ ବଢିଯାଏ ତା' ପରିଚୟ ।
ଝିଅ ହୋଇଯାଏ ବୋହୂ
ଆପଣା ହୋଇଯାନ୍ତି ପର ।
ଏଇତ ନାରୀର ଜୀବନ
ସଦା ଦୁଃଖ ସୁଖ ଭରା ।
କେଡେ ବିଚତ୍ର ନୟମ ତୁମ ପ୍ରଭୁ
କେହି ମୁହୁର୍ତ୍ତରେ ବଦଳ ଯାଏ ସବୁ ।

ଆପଣାକୁ କରେ ପର
ପରକୁ କରେ ଆପଣା l
ଧନ୍ୟ ତୁ ନାରୀ ଦେବୀ
ତୋ' ହୃଦୟ ବିଶାଳ ସାଗର l
ନାରୀର ଜୀବନ ସବୁବେଳେ
କର୍ତ୍ତବ୍ୟ କର୍ମରେ ବନ୍ଧା l
ଜଳୁଥାଏ ସେ ସଦା
ଦିପ ପରି ତିଳ ତିଳ l
ନାରୀର କେତେବେଳେ ଆରମ୍ଭ ହୁଏ
ସକାଳର ସେବାରେ
ପୁଣି ଶେଷ ହୁଏ ରଜନିର ପ୍ରହରରେ l
ନାରୀ ଘର ଅଗଣାର ଲକ୍ଷ୍ମୀ ପ୍ରତିମା
ନାରୀ ଅଟେ ଧ୍ୱଂସ କରତା।
ନାରୀ ହିଁ ସର୍ବ ସଂହିତା
ନାରୀ ହିଁ ଦେବୀ ଜନନୀ l
ଆଜି କାହିଁ ଏ ବଛା ବିଗ୍ଭର
କନ୍ୟା ସନ୍ତାନ ଅଲୋଡ଼ା l
ଧନ୍ୟ ତୁ ନାରୀ
ତୋ ପାଦ ତଳେ କରେ ଦଣ୍ଡବତ l

ଧର୍ମଶାଳା, ଯାଜପୁର

# ଆଜି ମୁଁ ଏକା



ପବିତ୍ର ବେହେରା

ସମୟ ସ୍ରୋତରେ ଭସି ଯାଉଛି ମୁଁ,
କେହି ନୁହେଁ ମୋର ଆପଣାର ।

ହୃଦୟର ସାମୁକା ଭିତରେ ସୁସଜ୍ଜିତ,
ହୋଇ ରହିଯାଇଛି ସବୁ ସ୍ମୃତି ମୋର

ଭାବନାର ଗନ୍ତାଘରେ ବାନ୍ଧି ରଖୁଛି,
ମୁଁ ଯାହାକୁ ହୋଇଯାଉଛି ସେ ପର ।

ମନ୍ଦ, ମନ୍ଦ ହୋଇ ହୋଜି ଯାଉଛି ଖୁସି ମୋର,
କାହାକୁ ନଜର ଭାବିବି ସବୁ ଏଠି ସ୍ୱାର୍ଥପର।

ଅଧା ଲେଖା ଗଳ୍ପ ମୋର ଅଧାରେ ରହିଗଲା,
ଜୀବନ ନଉକା ରେ କାହାର ନଜର ଲାଗିଲା।

ଲିଭି, ଲିଭି ଆସୁଛି ମୋର ପୁରାତନ ସ୍ମୃତି,
କାହାକୁ ନେଇ ଲେଖିବି ଜୀବନର ନୂଆ ଗୀତି।

ଆଖିର ସ୍ୱପ୍ନ ମୋର ଆଖିର ରହିଗଲା,
ଗଢିପାରିଲିନି ଜୀବନର ସ୍ୱର୍ଣ୍ଣ ମନ୍ଦିର ।

ସମୟ ସ୍ରୋତରେ ସବୁ ଦୂରେଇ ଗଲେ,
ଲିଭିଗଲା ହୃଦୟ ରୁ ସବୁ ସ୍ମୃତି ମୋର ।

ଅଳ୍ପ ଦିନର ବ୍ୟବଧାନରେ ଗଢି ହୁଏ ସମ୍ପର୍କ,
ସମୟ ସରିଗଲେ କିଏ ଅବା କାହାର।

ମନ ଅଗଣାରେ ଆଜି ବି ଲୁଚ ଯାଉଛି।
ସେହି ସ୍ମୃତି ମୋର, ଯାହା ପାଇଁ ବଞ୍ଚି ରହିଛି ।

ଦୁଃଖ ସମୁଦ୍ର ରେ ନାଉରୀ ସାଜି ମୁଁ,
ଏକା ବଞ୍ଚିବା ପାଇଁ ସଂଗ୍ରାମ କରିଚାଲିଛି।

ବାହାଲପୁର, ଗଞ୍ଜାମ

# ନିଦାଘରେ ବସନ୍ତ

ମନଜିତ ମୋହନ ଗୁନ୍ଦ

ବସନ୍ତ ଆଉ ବସନ୍ତ ପରି ନାହିଁ
ଉତ୍ସାହିତ ନିଦାଘର ଆଗମନ
ଅକସ୍ମାତ୍ ସବୁ ବଦଳ ଯାଏ
ପ୍ରେମର ବାର୍ତ୍ତା ନେଇ ଆସିଥିବା ବସନ୍ତ
ହତୋତ୍ସାହିତ ହୋଇ ଯାଏ
ସୂରୁଜର ଉତପ୍ତ ବିରହ ବହ୍ନି ରେ ।

ଆମ୍ବ ବଣରେ ଆସିଥିବା ବଉଳର ବାସ୍ନା
ଅଦିନଆ ବର୍ଷା ଆଉ ଝଡ଼ରେ ଲୁପ୍ତ ପ୍ରାୟ
କୋମଳ କୋକିଳ ର କୁଞ୍ଜନ ଆଉ କାହିଁ
ବସନ୍ତ ହୃଦୟରେ ଅଗ୍ନିବର୍ଷା କେତେ ଯେ ନିଷ୍ଠୁର
କବିର କଳ୍ପନାର ଦୃଶ୍ୟପଟ୍ଟ କେବଳ ଅଙ୍କିତ
ସେ ଅତୀତର ବର୍ଷା ହେଉ ଅବା ବସନ୍ତ ।

ମଳୟ ପବନର ମୁହଁ ହୋଇଛି ମଳିନ
ବସନ୍ତର ଅଭିଭୂତ ବାସ୍ନା ଆଜି ନିଶ୍ଚିହ୍ନ
ପ୍ରେମିକର ପ୍ରତୀକ୍ଷାରେ ଉତ୍କଣ୍ଠିତ ନାୟିକା
ବସନ୍ତରେ ମିଳନର ସ୍ୱପ୍ନ ଆହା ! କି ମନୋରମ
ଫୁଲର ସମ୍ଭାର ସହ ତୈଳାକ୍ତ ଗନ୍ଧରେ ସିଞ୍ଚିତ
ବସନ୍ତର ମୋହିତ ସୌନ୍ଦର୍ଯ୍ୟ ସର୍ବଦା କରେ ଆକର୍ଷିତ ।

ମାଷ୍ଟର ଲାଇନ୍, ବୌଦ୍ଧ

# ଆମ୍ରପଲ୍ଲୀ



ମେନନ୍ ସାହୁ

ପ୍ରାଚୀନ କାଳରେ ବୈଶାଳୀ ନଗରର ନଗରବଧୂ ଆମ୍ରପଲ୍ଲୀ ଯାହାକୁ ସମସ୍ତେ ଚରିତ୍ରହୀନା ଗଣିକା ଓ ବୈଶ୍ୟା ରୂପେ ଜାଣନ୍ତି । ତା ଯୌବନର ପ୍ରତ୍ୟେକ ପାହାଚରେ ସେ ଭେଟଛି କେତେ ନୂଆଁ ନୂଆଁ ମୁହଁ । ଜଣେ ବୌଦ୍ଧ ଭିକ୍ଷୁଙ୍କ ପ୍ରବ୍ରେଚନାରେ ଜୀବନର ପରମ ସତ୍ୟକୁ ସେ ଅତି ନିକଟରୁ ଉପଲବ୍ଧି କରିପାରିଛି । ବୌଦ୍ଧଙ୍କ ନିର୍ମିତ ମାର୍ଗକୁ ଜୀବନର ଶ୍ରେଷ୍ଠ ମାର୍ଗ ରୂପେ ବାଛି ଶେଷରେ ମହାନିର୍ବାଣ ପାଇଛି । ଯାହାକୁ ସାରା ସଂସାର କଳଙ୍କିନୀର ଆଖ୍ୟା ଦେଇଛି ବୌଦ୍ଧ ତାଙ୍କୁ ନିଷ୍କଳନୀ ତଥା ପବିତ୍ର ବୋଲି କହିଛନ୍ତି ।

ଆଜିର ଆମ୍ରପଲ୍ଲୀ ମହାନିର୍ବାଣ ପାଇଁ କେତେ ସାଧୁ, ସନ୍ଥ, ବାବା, ରହୁଥିବା ଆଶ୍ରମକୁ ଧାଇଁଛି ହେଲେ ସେ କେଉଁଠାରେ ବି ମହାନିର୍ବାଣ ପାଉ ନାହିଁ । ରାଜଧାନୀ ଭୁବନେଶ୍ୱରର ରାସ୍ତା କଡରେ ଏକ ଚାଳିଆ ଘରେ ରହୁଛି ଆମ୍ରପଲ୍ଲୀ । ବେଶ୍ ରୂପବତୀ, ଗୁଣବତୀ ହେବା ସହ ମିଷ୍ଟଭାଷୀ ମଧ୍ୟ ଥରେ ଯିଏ ତା ପାଖକୁ ଯାଇଛି ସେ କେବେ ତା ହୃଦୟରୁ ତାକୁ ଭୁଲିବ ନାହିଁ । ହସ ହସ ତାର ପ୍ରସନ୍ନ ମୁଖ ଯିଏ ଥରେ ଦେଖିଛି ଜୀବନ ସାରା ତା'ର ଚେହେରାକୁ ଭୁଲିବ ନାହିଁ । ପ୍ରେମ, ସ୍ନେହ, ମମତା ଦେଇ ନିଜ ପାଖକୁ ଟାଣିବାର କଳା ତାକୁ ବେଶ୍ ଜଣା ।

ଆଜକୁ ପୁରା କୋଡିଏ ବର୍ଷ ପୂର୍ବରୁ ତା'ର ବାପା ମା ଉଭୟ ଗାଡି ଦୁର୍ଘଟଣାରେ ମୃତ୍ୟୁ ଦ୍ୱାରକୁ ଚାଲି ଯାଇଥିଲେ । ବାପା ମା'ଙ୍କର ଗୋଟିଏ ବୋଲି ଝିଅ ଆମରୀ । ସେତେବେଳେ ଆମରୀ ଗାଁ'ରେ ରହୁଥାଏ । ବୟସ ମାତ୍ର ସତରକୁ ଡେଇଁଥିଲା । ଗାଁ'ରେ ଏକ ଯୁବକକୁ ସେ ଯୌବନର ଆଦ୍ୟବସ୍ଥାରେ ମନ ଦେଇ ବସିଥିଲା । କିଛିଦିନର ପ୍ରେମ ସମ୍ପର୍କ ପରେ ସେ ଯୁବକ ତାକୁ ଧୋକ୍କା ଦେଇଥିଲା । ବାପା ମା'ଙ୍କ ଯିବାପରେ ନିଜକୁ ଯେତିକି ଏକୁଟିଆ ଓ ଅସହାୟ ଭାବି ନ ଥିଲା ଜୀବନର ପ୍ରଥମ ପ୍ରିୟ ପୁରୁଷ ଠାରୁ ଧୋକ୍କା ଖାଇଲା ପରେ

ତା'ଠାରୁ କେତେ ଅଧିକ ନିଜକୁ ଅସହାୟ ମନେ କରିଛି । ଗାଁ'ର ଜଣେ ଉଚ୍ଚ ଧନୀ ଲୋକ ସାହାଯ୍ ଦେବା ନାଁ'ରେ ତାକୁ ନିଜ ଘରକୁ ନେଇଛନ୍ତି । ହେଲେ ଆମରୀର ଯୌବନରେ ସେ ଏତେ ପାଗଳ ଥିଲେ ଯେ ଯେଉଁଦିନ ତାକୁ ସେ ଘରକୁ ନେଲେ ସେହି ଦିନ ରାତିରେ ତା ସହ ଦୁଷ୍କର୍ମ କରିବାକୁ ପଛାଇଲେ ନାହିଁ ପରେ ଚେତାଶୂନ୍ୟ ଆମରୀର ଶରୀର କୁ ଗାଁ ମୁଣ୍ଡ କେନାଲ ପାଖରେ ଛାଡି ଦେଇ ଆସିଛନ୍ତି ।

(୧)

ପାହାନ୍ତିଆ କାଉ ଓ କୁକୁଡାର ରାବ ଶୁଣି ସେ ଉଠିଛି । ସୁନ୍ଦର ସବୁଜ ମୟ ଧରା ଆଉ ନୀଳଧଳା ମିଶା ଆକାଶ ତାକୁ ତୁଚ୍ଛ ଲାଗିଛି । ଏ ଭଳ ମଣିଷ ଜାତି ପ୍ରତି ତା'ର ଘୃଣା ଭାବ ଆସିଛି । ଏବେ ସେ ଧୀରେ ଧୀରେ ବୁଝିବାକୁ ଲାଗିଲାଣି କ ସମାଜ କଣ ଏଠି ଗୋଟିଏ ଅସହାୟ ନାରୀର ସ୍ଥିତି କଣ । ଭୋକର ଜ୍ୱାଳାରେ ହାତପାତି ଦି'ଟା ଖାଇବାକୁ ମାଗିଲେ ଠେଲି ଦିଅନ୍ତି । କିନ୍ତୁ ନାରୀକୁ ଉପଭୋଗ କରିବା ପାଇଁ ନିଜର ସର୍ବସ୍ୱ ବାଣ୍ଟନ୍ତି । ଏମିତି ଏକ ଅସଭ୍ୟ ଅସାମାଜିକତା ପରିବେଶ ଠାରୁ ଦୂରେଇ ସେ ଆସିଛି ଭୁବନେଶ୍ୱରକୁ ଜୀବନର ନୂତନ ଆଲୋକ ଦେଖିବା ଆଶାରେ । ଭାବିଛି ଜାଗା ବଦଳଛି ମଣିଷ ମାନେ ମଧ୍ୟ ବଦଳ ଥିବେ ହେଲେ ଏଠି ମଧ୍ୟ ସେୟା ସହରରେ ଜଣ ବ୍ୟକ୍ତି ଚାକିରି ଦେବା ନାଁ'ରେ ତାକୁ ଧର୍ଷଣ କରିଛି । ନ୍ୟାୟ ପାଇଁ ଯାହା ପାଖକୁ ଯାଇଛି ସେଠି ମଧ୍ୟ ଧୋକ୍କା ଖାଇଛି । ନ୍ୟାୟ ଦେବା ବାହାନାରେ ସମସ୍ତେ ତା'ର ସରଳତାର ଫାଇଦା ଉଠାଇଛନ୍ତି । ପ୍ରଥମେ ଯୌବନର ଆଦ୍ୟବସ୍ଥାରେ ଧୋକ୍କା ଖାଇଲା ଏବଂ ଯୌବନର ମଧ୍ୟବସ୍ଥାରେ ଭୁବନେଶ୍ୱରରେ ଧୋକ୍କା ଖାଇଲା । ପ୍ରତ୍ୟେକ ସ୍ଥାନରେ ବାରମ୍ବାର ଏପରି ଧୋକ୍କା ପାଇଛି । ପ୍ରାଶାସନିକ ବ୍ୟବସ୍ଥା ଓ ନ୍ୟାୟିକ ବ୍ୟବସ୍ଥା ଉପରୁ ଭରସା ଉଠି ଯାଇଛି ତା'ର । ବାରମ୍ବାର ଧୋକ୍କା ଖାଇବା ପରେ ଚଳିବା ମୁସ୍କିଲ୍ ହୋଇଛି । ଜୀବନ ବଞ୍ଚାଇବା ଲୋଭରେ ଶେଷରେ ସେ ବୈଶ୍ୟା ବୃତ୍ତିକୁ ଆପଣାଇ ନେଇଛି । ପଲ୍ଲୀର ଆମରୀ ଭୁବନେଶ୍ୱରରେ ଆମ୍ରପଲ୍ଲୀ ଭାବେ ପରିଚତ ହୋଇଛି। ପ୍ରତ୍ୟେକ ରାତି କେତେ କେତେ ନୂତନ ପୁରୁଷକୁ ଭେଟିଛି । ଦେହର ଝାଳ ଗନ୍ଧ ଓ ଆଧୁନିକ ଅତର ବାସ୍ନା ଉଭୟ ତା ପାଇଁ ସମାନ ହୋଇଛି । ଅନିଦ୍ରା ରହି ରାତିର ଘନ ଅନ୍ଧାର ଠାରୁ ସକାଳର ସୂର୍ଯ୍ୟୋଦୟ ହେବା ପର୍ଯ୍ୟନ୍ତ ମଣିଷର ପ୍ରାକୃତିକୁ ଦେଖିଛି । ଭିନ୍ନ ଭିନ୍ନ ଧର୍ମ, କୂଳ, ଜାତିକୁ ନିଜ ଛାତିରେ ସ୍ଥାନ ଦେଇଛି । ସମ୍ମାନର ସହ ବଞ୍ଚିବାକୁ ଚାହୁଁଥିବାବେଳେ ଏ

ସାମାଜ ତାକୁ ପଥ ହରା କରି ଦେଇଛି । କାମ ଖଣ୍ଡିଏ ପାଇଁ ବହୁତ୍ ଚେଷ୍ଟା କରିଥିଲେ ମଧ୍ୟ ବିଫଳତା ମିଳଛି । ହଠାତ୍ ଦିନେ ତା ଜୀବନରେ ଏକ ବିସ୍ମୟକର ଘଟଣା ଘଟିଛି । ସନ୍ଧ୍ୟା ସମୟରେ ଦୁଇ ଜଣ ଯୁବକ ତା କୁଟୀର ମଧ୍ୟକୁ ପ୍ରବେଶ କରିଛନ୍ତି । ସେ ଦର୍ପଣ ସମ୍ମୁଖରେ ବସି ନିଜକୁ ଆଉ ଏକ କାଳ ଗତିକୁ ସମର୍ପଣ କରିବା ଉଦ୍ଦେଶ୍ୟରେ ସଜେଇ ହେଉଥାଏ । ଏହି ସମୟରେ କବାଟ ଖୋଲି ସେଇ ଦୁଇ ଯୁବକ ଗୃହ ମଧ୍ୟକୁ ପ୍ରବେଶ କରିବାରେ ଶବ୍ଦ ଆମ୍ରପଲ୍ଲୀକୁ ଶୁଭିଗଲା । ଆମ୍ରପଲ୍ଲୀ ଦର୍ପଣ ଆଗରେ ଏବଂ ତା ପଛକୁ ଦୃଶ୍ୟ ହେଉନଥିବ ସେଇ ଦୁଇ ଯୁବକର ଗୁଲିବା ଶବ୍ଦ ଶୁଣି ଆମ୍ରପଲ୍ଲୀକୁ ବୁଝିବାକୁ ବାକ ରହିଲା ନାହିଁ ଯେ କେହି ଗ୍ରାହକ ଆସିଛନ୍ତି ।

(୨)

ତେଣୁ ସେ ତାର ସୁରୀଲା କଣ୍ଠରେ କହିଛି । ହିନ୍ଦୁ ଧର୍ମରେ ସନ୍ଧ୍ୟା ସମୟରେ ସଭିଏଁ ଦେବାଦେବୀ ଆରାଧନା ଦେଖିବା ପାଇଁ ଏହି ସମୟରେ କେଉଁଠାକୁ ନା କେଉଁଠାକୁ ଯାଇଥାନ୍ତି । ହେଲେ ତମେ କେଡେ ଅଭାଗା ଯେ ଏବେ ମୋ ପାଖକୁ ଆସିଛ ଆଉ ମୁଁ କେଡେ ଅଭାଗିନୀ ଯେ ଏବେ ତୁମ ପରି ପୁରୁଷ ଅପେକ୍ଷାରେ ରହିଛି । ଏହା ଶୁଣି ଯୁବକ ଦୁଇ ଜଣ କଛି ମୁହୂର୍ତ୍ତ ଚୁପ୍ ରହି ପରେ ଜଣେ କହିଲା ମୋତ ଭୋକ ଲାଗୁଚ କଛି ଖାଇବାକୁ ମିଳବ**?** ସଙ୍ଗେ ସଙ୍ଗେ ଅନ୍ୟ ଜଣଙ୍କ ମଧ୍ୟ କହିଲେ ମୁଁ ତୁମକୁ ଉପଭୋଗ କରିବାକୁ ଆସିଛି ମୋ ଆଶା ପୂରଣ ହୋଇପାରିବ **?** ଏହାଶୁଣି ଆମ୍ରପଲ୍ଲୀ ନିଜ ଭିତରେ ଏକ ଅଦଭୁତ ସ୍ଥିତି ଅନୁଭବ କଲା । ଦର୍ପଣ ସମ୍ମୁଖରେ ନିଜକୁ ଆଉ ଥରେ ଦେଖିଲା । ସେ ଦ୍ୱନ୍ଦରେ ପଡିଗଲା କାହାକୁ ରଖିବ ଆଉ କାହାକୁ ଫେରାଇ ଦେବ । ଗୋଟିଏ ପଟେ ତା'ର କର୍ମ ତ ଅନ୍ୟ ପଟେ ଧର୍ମ । ଶେଷରେ ତା'ର କର୍ମକୁ ଭୂଲି ଧର୍ମ ସହିତ ରହିଛି । ଗ୍ରାହକ ଜଣକୁ ଫେରାଇ ଭୋକଲା ପେଟକୁ ଖାଦ୍ୟ ଦେବା ଉଦ୍ଦେଶ୍ୟରେ ଭୋକର ଥିବା ଯୁବକଟିକୁ ପାଖରେ ରଖିଛି । ନିଜ ହାତରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ତାକୁ ଅତି ଶ୍ରଦ୍ଧାରେ ପରସି ଦେଇଛି । ଖାଇବା ଆସନ ପାଖରେ ବସି ଯେତେବେଳେ ଯାହା ଆବଶ୍ୟକ ପଡୁଛି ତାହା ଯୋଗାଇ ଦେଉଛି । ଖାଇବା ପରେ ଯୁବକଙ୍କୁ ବିଶ୍ରାମ ଦେବା ପାଇଁ ନିଜ ପଲଙ୍କ ଉପରକୁ ନେଇଛି । ସେଇଠି ଯୁବକ ଜଣଙ୍କ କଛି ସମୟ ପାଇଁ ବିଶ୍ରାମ ନେଇଛନ୍ତି । ଆମ୍ରପଲ୍ଲୀ ଅତିଥି ସେବାରେ ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରି ଦେଇଛି । ଶୋଇବା ସ୍ଥାନରେ ବିଞ୍ଚଣା ଧରି ଅତିଥିଙ୍କୁ ଶୀତଳ ବାୟୁର ସ୍ପର୍ଶ ଦେଇଥାଏ । ଦୁଇ ହାତରେ ଅତିଥିଙ୍କୁ

ଗୋଡ ମୋଡି ଦେଇଥାଏ । ଯୁବକର ଦେହରେ ଲାଗିଥିବା ସମସ୍ତ ଅପଦାର୍ଥ ନିଜ ହାତରେ ଝାଡି ସଫା କରିଛି । ଏ ସବୁ କରିବା ଦ୍ୱାରା ମନରେ ତା'ର ଏକ ଅଜଣା ଆନନ୍ଦ ଭରି ଯାଇଛି । ଏମିତି ଖୁସି ସେ ଜନ୍ମରୁ ଆଜି ଯାଏ ପାଇ ନଥିଲା । ଅନ୍ୟର ସେବାରେ ଯେଉଁ ଖୁସି ଆଜି ସେ ଅନୁଭବ କରୁଛି ସେଇ ଖୁସି ପୃଥିବୀର କୌଣସି ମନୁଷ୍ୟ ତାକୁ ଆଜି ଯାଏ ଦେଇ ପାରି ନାହିଁ । ତା ଅଜାଣତରେ ଆଖିରୁ ତା'ର ଲୁହର ଧାର କେତେବେଳେ ବୋହି ଯାଇଛି ସେ ଜାଣିପାରି ନାହିଁ । ମନେମନେ ଭାବିଛି ସନ୍ଧ୍ୟା ସମୟରେ କେଉଁ ଭଗବାନ ତା କୁଟୀରକୁ ପଳାଇ ଆସିଛନ୍ତି ଏକ ଭିକ୍ଷୁ ରୂପରେ । ହିନ୍ଦୁ ଧର୍ମରେ ଅତିଥି ଦେବତା ସଦୃଶ ତେଣୁ ତାଙ୍କ ସେବାରେ ଇଶ୍ୱର ସନ୍ତୋଷ୍ଟ ହୁଅନ୍ତି । ତେଣୁ ସେ ଯୁବକର ଶରୀରକୁ ନିଜ ଶରୀର ସଦୃଶ ସେବା କରି ଲାଗିଥିବା ଧୂଳକୁ ଝାଡି ଦେଇଛି । ଅତି ସ୍ନେହ ଭରା ଦୁଇ ହାତରେ ତାକୁ ଖାଇବାକୁ ଦେଇଛି । ଶ୍ରଦ୍ଧାରେ ତାର ମୁଣ୍ଡକୁ ଆଉଁସି ଦେଉଛି । ନିଜ କୋଳରେ ତାର ମୁଣ୍ଡ ରଖି ତାକୁ ଶୋଆଇଛି । ଏମିତିକା ଆନନ୍ଦ ସେ ଜନ୍ମରୁ ଏ ପର୍ଯ୍ୟନ୍ତ କେବେ ପାଇନଥିଲା । ତା'ର ମନ ସମ୍ପୂର୍ଣ୍ଣ ପୁଲକତ ହୋଇ ଉଠୁଥିଲା । ସେ ଅନୁଭବ କରିଛି ଏକ ନୂତନ ପୃଥିବୀକୁ ।

**(୩)**

ଏ ସମାଜରେ ରହୁଥିବା କାପୁରୁଷମାନେ ତାକୁ କେବେ ଏତେ ସୁନ୍ଦର ଅନୁଭବ ଦେଇ ପାରିନଥିଲେ ଯାହା ଆଜି ସେ ଏହି ଅପରିଚତ ମନୁଷ୍ୟର ସେବାରୁ ପାଇଛି । ଏମିତି ଅନେକ ଅଜଣା ଖୁସି ଭିତରେ ବୁଲୁବୁଲୁ ହଠାତ୍ ଦେଖିଲା ଯୁବକଟିର ଜୀବନ ଚାଲି ଯାଇଛି । ଗୋଟିଏ ମୁହୂର୍ତ୍ତରେ ସେ ଏସବୁ ଘଟଣାକୁ ବିଶ୍ୱାସ କରିପାରିଲା ନାହିଁ । କିଛି ସମୟ ପୂର୍ବରୁ ତା ମନରେ କେତେ ଖୁସି କେତେ ଆନନ୍ଦ ଥିଲା ଏବେ ହଠାତ୍ ତାହା ଦୁଃଖ ଯନ୍ତ୍ରଣାରେ ପରିଣତ ହୋଇଗଲା । ଏହାପରେ ସେ ଜୀବନର ପରମ ସତ୍ୟକୁ ଉପଲବ୍ଧ କରିଛି । ସୁଖ, ଦୁଃଖ, ଆନନ୍ଦ, ହତାଶ, ନିରାଶ, ହିଂସା ମିଥ୍ୟା ଏସବୁ ଜୀବନଚକ୍ରର ଏକ କ୍ଷଣିକ ବସ୍ତୁ । ଏହା କେବେଳ ଆମ ଜୀବନକୁ ଅଚହ୍ନା ଦିଗକୁ ଟାଣିନିଏ । ଯେଉଁଠାରେ କିଛି ପ୍ରାପ୍ତିର ଆଶା ନଥାଏ । ମୋକ୍ଷର ଦ୍ୱାର ନଥାଏ । ଏହା ପରେ ତା ଜୀବନରେ ବିରାଟ ପରିବର୍ତ୍ତନ ଆସିଛି। ସେଦିନ ବୈଶାଳୀର ଆମ୍ରପଲ୍ଲୀ ବୌଦ୍ଧ ଭିକ୍ଷୁଙ୍କ ଦ୍ୱାରା ପ୍ରଭାବିତ ହୋଇ ଗୌତମ ବୁଦ୍ଧଙ୍କ ମାର୍ଗରେ ଚାଲିଥିଲା କିନ୍ତୁ ଆଜିର ଆମ୍ରପଲ୍ଲୀ ଗୌତମ ବୁଦ୍ଧଙ୍କୁ ପାଇଲା ନାହିଁ ବରଂ ପାଇଛି କେତେକ ହତ୍ୟାକାରୀ, ଅତ୍ୟାଚାରୀ ବାବା ଓ ସାଧୁମାନଙ୍କୁ । ପ୍ରବଚନ ଓ ଆଧାମ୍ଭିକ

ଭାବନାରେ ନିଜ ଜୀବନକୁ ପରିବର୍ତ୍ତନର  କରିବାର ଆଶା ରଖି ଯାଇଛି କେତେ ଆଶ୍ରମ କେତେ ଅନୁଷ୍ଠାନ l ହେଲେ କେଉଁଠାରେ ତାକୁ ଶାନ୍ତି ମିଳନାହିଁ l କେଉଁଠାରେ ଗୋଟିଏ ଦିନ ରହିଛି ତ  ଆଉ କେଉଁଠାରେ ଦୁଇଦିନ l ଅତି ବେଶୀରେ କେଉଁଠାରେ ଦଶ ଦିନ ରହିଛି l ଥରେ ଜଣେ ବିଶିଷ୍ଟ ପ୍ରବଚନ ପ୍ରବକ୍ତାଙ୍କ ପାଖକୁ ଯାଇଛି । ତାଙ୍କ ଆଶ୍ରମରେ କିଛିଦିନ ରହିବା ପରେ ହଠାତ୍ ଦିନେ ସେ ପ୍ରବଚନ ପ୍ରବକ୍ତା ସରକାରୀ ଜମି ହଡ଼ପ ଓ ଦୁଷ୍କର୍ମ ଅପରାଧରେ ଜେଲ ଗ୍ଭଲି ଯାଇଛନ୍ତି l ଶେଷରେ ଏମିତି ଅନେକ ଠକ୍ ଭଣ୍ଡ ସାଧୁମାନଙ୍କ ଅସଲ ଚେହେରାକୁ ସେ ମର୍ମେ ମର୍ମେ ଦେଖିଛି । ଅନେକ ଜାଗା ବୁଲିଲା ପରେ କେଉଁଠାରେ ବି ତାକୁ ଶାନ୍ତି ମିଳନାହିଁ l ଏବେ ସେ ଭଲ ଭାବରେ ଉପଲବ୍ଧ କରିସାରିଛି କି ଏସବୁ ଦ୍ୱାରା ତାକୁ ମହାନିର୍ବାଣ ମିଳିବ ନାହିଁ l ତେଣୁ ସେ ଜନ ଗହଳ ପରିବେଶରୁ ଦୂରେଇ ଜଙ୍ଗଲକୁ ଗ୍ଭଲିଯାଇଛି । ସେଠି କେବଳ ଭଗବାନଙ୍କ ନାମ ସ୍ମରଣ କରି ତାର ଶେଷ ଜୀବନ ଶାନ୍ତିରେ କାଟିଛି l ଈଶ୍ୱରଙ୍କ ନାମ ସ୍ମରଣ କରି ତାକୁ ମହାନିର୍ବାଣ ମିଳିଛି l

ପର୍ଜଙ୍ଗ, ଢେଙ୍କାନାଳ

# କାହିଁକି ଏମିତି କଲ



ବିଶ୍ୱନାଥ ସେଠୀ

ହେ ପ୍ରିୟତମା ଏତେ ଦିନ ଯାଏଁ
କେଉଁଠି ରହିଲ ଯାଇ,
କେମିତି ଅଛ ହେ ଜାଣି ପାରିଲିନ
ଖବର ବି ଦେଲ ନାହିଁ ।
କଥା ଦେଇଥିଲ ଶୀଘ୍ର ଫେରିବାକୁ
ଏ ଯାଏଁ ଫେରିଲ ନାହିଁ,
ଏଣୁ ତେଣୁ କେତେ ତୁମକଥା ସବୁ
ଭାବୁଛି ମୁଁ ଏଠି ଥାଇ ।
ହାତ ରଖି ହାତେ କଥା ଦେଇଥିଲ
ଯିବ ନାହିଁ ମତେଭୁଲି,
ପ୍ରତିଶ୍ରୁତି କେବେ ଭାଙ୍ଗିବନ ବୋଲି
ମନେ ମନେ ଭାବିଥିଲି ।
ଚଠି କ ପତର ଦେଲ ନାହିଁ କଛି
କାହିଁକି ଏମିତି କଲ,
ଭୁଲି ଯାଇ ତୁମେ ସବୁକଛି ପ୍ରିୟା
ମୋ ପାଖୁ ଦୂରେଇ ଗଲ ।
କେଉଁ ଦୋଷ ଅବା ଥିଲା ମୋର ସାଥୀ
କରିଦେଲ ମତେ ପର,
ମତେ ଏଠି ତୁମେ ଏକୁଟିଆ କରି
ଚାଲିଗଲ ବହୁ ଦୂର ।
ଦିନ ସରୁନାହିଁ ରାତି କଟୁନାହିଁ
ତୁମ କଥାଭାବି ଭାବି,

ଏଠି ଏକା ଏକା ସାର୍‌ ଜୀବନ ଟା
କେମିତି ମୁଁ ବିତାଇବି ।
ନିଜଠୁ ଅଧିକ ଭଲ ପାଉଥିଲି
ତୁମକୁ ହେ ପ୍ରିୟତମା,
ଆଜି ବି ରଖିଛି ମୋ ହୃଦେ ତୁମକୁ
ଭୁଲି ପାରୁନାହିଁ ଜମା ।
କାହିଁକି ଏମିତି କଲ ମୋ ସାଥିରେ
ବୁଝି ମୁଁ ପାରୁନି ସତେ,
ଯଦି କିଛି ଭୁଲ କରିଥାଏ ମୁହିଁ
କ୍ଷମା କରିଦେବ ମତେ ॥

# ଅଭିମାନୀ ପ୍ରିୟତମା



ଆନନ୍ଦ ସାହୁ

ପ୍ରେୟସି ଗୋ ଅଭିମାନୀ ଆଲୋ ପ୍ରିୟତମା
ବୁଝାଇଲେ ବୁଝୁନାହଁ କାହିଁ ତୁମେଜମା ।
କରନାହିଁ ମୋହଠାରେ ଆଉ ଅଭିମାନ
ତୁମବିନା ଦୁନଆରେ ନାହିଁ ମୋର ମନ ।।
ରାଗ, ରୁଷା, ଅଭିମାନ ଯାଅସବୁ ଭୂଳ
ଜୀବନତ ଆଜି ଅଛି କାଳ ଯିବଗୁଲି ।
କହିଲେ ମୁଁ ଆଣିଦେବି ଜହ୍ନଠୁ ଯୋଛନା
ସୋଇଲେ ସେଜରେ ତୁମେ ବିଂଚବି ବିଞ୍ଚଣା ।।
ପଦାକୁ ଦେବି ତୁମରି ପାଦର ପାଉଁଜି
ଯାହା କହିବ ମତେ ତୁମ କଥାରେ ରାଜି ।
ଦିବା, ନିଷି ଦେଖେ ତୁମ ସର୍ବାଙ୍ଗ ଛବିକୁ
ହୃଦେ ମୋର ଛବିଆଙ୍କି ବୁଝାଏ ମନକୁ ।।
ନୀଳ କାଇଁ ପରି ତୁମ ଚନ୍ଦ୍ରମା ବଦନ
କଜଳୀ କଜଳୀ ତୁମ ଦୁଇଟି ନୟନ ।
ଓଠ ତୁମ ରଙ୍ଗାସତେ ତାମ୍ବୁଳ ରସରେ
ମକରନ୍ଦ ପାଇଗଲି ସତେକ ଆହାରେ ।।
ମୋହଠାରେ ପ୍ରିୟା କେବେ ନ କରିବମାନ
ମୋହରି ହୃଦେ ପର୍ କରିଛ ଅବସ୍ଥାନ ।
ତୁମକୁ ମୁଁ ସାଇତିଛି ହୃଦୟ ଅନ୍ତରେ
କହୁଛି ଗୋ ପ୍ରିୟା ଅଛିବୋଲି ଅଧିକାରେ ।।

ସିଲେଟପଦର୍,ସଇଁନ୍ତଲା, ଜି-ବଲାଙ୍ଗୀର

# ବାପୁ ତମେ କଣ ଭୁଲ କଲ

ସୁଧାଂଶୁ କୁମାର ନାୟକ (ବିକ)

ବାପୁ ତମେ ବୋଧେ ଭୁଲ୍ କଲ

ଦେଶକୁ ସ୍ୱାଧୀନତା ଦେଇ ବଡ ଭୁଲ୍ ଟେକଲ

ଇଂରେଜମାନଙ୍କୁ ସିନା ତଡିଦେଲ

କଛି ଗ୍ରକ୍ଷସମାନଙ୍କୁ ସ୍ୱାଧୀନତା ଦେଇଦେଲ

ବାପୁ ତମେ ସ୍ୱାଧୀନତା ଦେଇ ବୋଧେ ଭୁଲ କଲ

ସବୁଦିନନାରୀ ନର୍ଯ୍ୟାତନା ଦେଖିବାକୁ ଦେଶକୁ ସ୍ୱାଧୀନ କଲ

ଦେଶର ମୂରବୀ ହୋଇ ସନ୍ତାନ ମାନଙ୍କୁ ବେମୁରିଆ କରିଦେଲ

ବାପୁ ତୁମେ ସ୍ୱାଧୀନତା ଦେଇ ବୋଧେ ଭୁଲ କଲ

ବେଳେବେଳେ ଲାଗେ ଭଲ ହେଲା ତମେ ଆରପାରିକୁ ଗ୍ଭଲିଗଲ

ଦେଶର ଏଇଭଳ ଦିନକୁ ଦେଖିବାକୁ ନ ରହିଲ

(ସତେ କଣ ବାପୁ ତମେ ଭୁଲ୍ କଲ)

# ମହାଭାରତ କଥା.. (୪)



ନରେନ୍ଦ୍ର ପ୍ରସାଦ ବେହେରା

## [ଭୀମଙ୍କର ଶରୀରରେ ଅଶୀ ହାତୀଙ୍କର ଶକ୍ତି ସଞ୍ଚାର ହେଲା କପରି]

ରାଜପରିବାରରେ ପାଣ୍ଡୁଙ୍କ ପୁତ୍ରମାନେ ଧୃତରାଷ୍ଟ୍ରଙ୍କର ପୁତ୍ରମାନଙ୍କ ସହିତ ଏକତ୍ର ରହିଥାନ୍ତି । ଏହି ବାଲ୍ୟକାଳରୁ ହିଁ ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନର ମନରେ ପାଣ୍ଡବ ପାଞ୍ଚଭାଇଙ୍କ ପ୍ରତି ଏକ ଅସୂୟାଭାବ ବସା ବାନ୍ଧିବାକୁ ଆରମ୍ଭ କରେ । ସେ ଏମାନଙ୍କୁ କାହାରିକୁ ଭଲ ଆଖିରେ ଦେଖିପାରେ ନାହିଁ । ଯୁଧିଷ୍ଠିର ସମସ୍ତଙ୍କ ଅପେକ୍ଷା ବୟସରେ ବଡ଼ ହୋଇଥିବା ଦୃଷ୍ଟିରୁ ପିତା ଧୃତରାଷ୍ଟ୍ର କାଳେ ଯୁଧିଷ୍ଠିରଙ୍କୁ ନଜର ଉତ୍ତରାଧିକାରୀ କରିବେ ଏହା ଭାବି ଦୁର୍ଯ୍ୟୋଧନ ସର୍ବଦା ଈର୍ଷାରେ ଜଳୁଥାଏ । ସେ ଜଣ ଜଣ କରି ପାଞ୍ଚଭାଇଙ୍କୁ ଜୀବନରେ ମାରିଦେବା ପାଇଁ ଯୋଜନା କରି ପ୍ରଥମେ ଭୀମଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏକ ବଣଭୋଜିର ଆୟୋଜନ କଲା ଏବଂ ସେହି ଭୋଜିରେ ଭୀମଙ୍କୁ ବିଷଲଡୁ ଖୁଆଇ ସେ ଅଚେତ ହୋଇ ଯାଇଥିବା ଅବସ୍ଥାରେ ତାଙ୍କୁ ମୃତ ବୋଲି ଭାବି ନଦୀ ଗର୍ଭକୁ ଫିଙ୍ଗି ଦେଇଥିଲା । ଭୀମ ନଦୀ ଜଳରେ ଅଚେତ ଅବସ୍ଥାରେ ଭାସି ଭାସି ଯାଇ ଏକ ସର୍ପବଣରେ ଲାଗିଲେ । ସର୍ପମାନେ ତାଙ୍କୁ ଦଂଶନ କରିବା ଯୋଗୁ 'ବିଷକୁ ବିଷ କାଟେ' ନ୍ୟାୟରେ ତାଙ୍କର ଚେତା ଫେରି ଆସିଲା । ଏହା ଦେଖି ସର୍ପମାନେ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କର ମୁଖ୍ୟ ନାଗରାଜାଙ୍କୁ ଏକଥା ଜଣାଇଲେ । ନାଗରାଜା ଆସି ଭୀମଙ୍କ ନିକଟରେ ପହଞ୍ଚି ତାଙ୍କଠାରୁ ଇତିପୂର୍ବରୁ ଘଟିଯାଇଥିବା ସମସ୍ତ ଘଟଣାର ବୃତ୍ତାନ୍ତ ଶୁଣି ତାଙ୍କୁ ଏକ ରସକୁଣ୍ଡ ଦେଇ ତାହା ପାନ କରାଇଥିଲେ, ଯାହା ଫଳରେ ଭୀମଙ୍କ ଶରୀରରେ ଅଶୀ ହାତୀଙ୍କର ଶକ୍ତି ସଞ୍ଚାର ହୋଇଥିଲା ।

ଏଣେ ଭୀମ ବଣଭୋଜିରୁ ନ ଫେରିବା ଦେଖି ମା' କୁନ୍ତୀ ଅତ୍ୟନ୍ତ ବ୍ୟସ୍ତ ହୋଇ ତାଙ୍କ ଦେବର ବିଦୂରଙ୍କୁ ଡକାଇ କହିଲେ, ଦୁର୍ଯ୍ୟୋଧନ ତ ମୋ ପୁତ୍ରମାନଙ୍କୁ ଭଲ ପାଏ ନାହିଁ । ସେ ବୋଧହୁଏ ଭୀମକୁ ବଣଭୋଜିକୁ ଡାକ ନେଇ ମାରି ଫୋପାଡ଼ି ଦେଇଛି । ବିଦୂର କୁନ୍ତୀଙ୍କୁ ଆଶ୍ୱାସନା ଦେଇ କହିଲେ, ଭାଉଜ,ତୁମେ ଆଦୌ ଚନ୍ତା କର ନାହିଁ । ତୁମେ କ'ଣ ଭୁଲିଗଲ, ଅନେକ ଦିନ ତଳେ ଜଣେ ଋଷି ଭୀମକୁ ଆର୍ଶୀବାଦ ଦେଇ କହିଥିଲେ, ତୁମର ଏ ପୁତ୍ରଟି ଅତୁଳନୀୟ ଶକ୍ତିର ଅଧିକାରୀ ହେବ ଏବଂ କେହି ଏହାର କୌଣସି ଅନଷ୍ଟ କରି ପାରିବେ ନାହିଁ ବୋଲି । ଭୀମ ନଶ୍ଚୟ ଫେରି ଆସିବ । ବିଦୁରଙ୍କ କଥା ଶୁଣି କୁନ୍ତୀ ଆଶ୍ୱ ହୋଇଥିଲେ । ଏହାର କଛି ଦିନ ପରେ ଭୀମ ହସ୍ତିନାପୁରକୁ ଫେରି ଆସି ମାତା ଓ ଅନ୍ୟ ଭାଇମାନଙ୍କ ନକଟରେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ । ଏହା ଶୁଣି ଯୁଧିଷ୍ଠିର ଭୀମଙ୍କ କାନ ପାଖରେ ଧୀର ଗଳାରେ କହିଲେ, ତୁ ଏସବୁ କଥା ଅନ୍ୟ କାହାରି ନକଟରେ ପ୍ରକାଶ କରିବୁ ନାହିଁ । ଏଣିକ ଆମେ ସବୁ ସାବଧାନ ହୋଇ ରହିବା । ଭୀମ ଜୀବିତାବସ୍ଥାରେ ହସ୍ତିନାପୁରକୁ ଫେରି ଆସିଥିବାରୁ ଦୁର୍ଯ୍ୟୋଧନ ମନେ ମନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲା । ଏଥିଯୋଗୁଁ ତାର କ୍ରୋଧ ମଧ ଦ୍ୱିଗୁଣିତ ହୋଇ ଉଠିଲା । ଦିନ ପରେ ଦିନ ଗଡିଯିବାରେ ଲାଗିଥାଏ । ଧୃତରାଷ୍ଟ୍ର ବୃଦ୍ଧ ହୋଇଯାଇଥାନ୍ତି । ଏଣିକ ସେ ତାଙ୍କର ଜଣେ ଉତ୍ତରାଧିକାରୀ ବାଛିବା କଥା । ଭୀଷ୍ମ ତାଙ୍କୁ ପରାମର୍ଶ ଦେଇ କହିଲେ ଯେ ସବୁ ଭାଇଙ୍କ ମଧରେ ବୟୋଜ୍ୟେଷ୍ଠ ଏବଂ ଧର୍ମପରାୟଣ ଯୁଧିଷ୍ଠିର ହେଉଛନ୍ତି ରାଜସିଂହାସନ ଆରୋହଣ କରିବାର ଏକମାତ୍ର ଯୋଗ୍ୟ ବ୍ୟକ୍ତି । ତେଣୁ ଧୃତରାଷ୍ଟ୍ର ତାଙ୍କର ପୁତୁରା ଯୁଧିଷ୍ଠିରଙ୍କୁ ଯୁବରାଜ ବୋଲି ଘୋଷଣା କରିଦିଅନ୍ତି, ଏହା ଫଳରେ ଦୁର୍ଯ୍ୟୋଧନର ମନରେ ଈର୍ଷାର ବହ୍ନି ଶତଗୁଣରେ ପ୍ରଜ୍ଜ୍ୱଳତ ହୋଇଉଠିଲା । ପାଣ୍ଡବମାନଙ୍କୁ ସମୂଳେ ବିନାଶ କରିଦେବା ପାଇଁ ସେ ସାହାଯ୍ୟ କଲେ ।

ହସ୍ତିନାପୁର ଠାରୁ କଛି ଦୂରରେ ଥିବା ଶିବଙ୍କ ମନ୍ଦିରରେ ଏକ ମେଳା ହେଉଥାଏ । ଏହି ମେଳାରେ ଯୋଗ ଦେବା ଲାଗି ରାଜ ପରିବାରର ସବୁ ସଦସ୍ୟ ସେଠାକୁ ଯାଇଥାନ୍ତି । ସେଠାରେ ଗୋଟିଏ ରାତି ବିତାଇ ସମସ୍ତେ ତା' ପରଦିନ ସକାଳେ ଫେରି ଆସିବା କଥା । ପାଣ୍ଡବ ପାଞ୍ଚଭାଇ ସେମାନଙ୍କ ମା' ଙ୍କ ସହିତ ରହିବା ପାଇଁ ଦୁର୍ଯ୍ୟୋଧନ ସେଠାରେ ଏକ ସୁନ୍ଦର ଜଉ ଘର ନର୍ମାଣ କରାଇଥାଏ, ଯେଉଁଥିରେ କ ନଆଁ ଲାଗିଲେ କ୍ଷଣକ ମଧରେ ଘରଟି ଭସ୍ମୀଭୂତ ହୋଇଯିବ । ବିଦୂର ଏହି ଷଡଯନ୍ତ୍ରର ସୁରାକ ପାଇ ଆଗରୁ ଏକ ସୁଡଙ୍ଗ ନର୍ମାଣ କରାଇଥାନ୍ତି ଏବଂ ଘର ଭିତରୁ ଖସି ପଳାଇଯିବା ଲାଗି କୁନ୍ତୀ ଓ ତାଙ୍କର ପୁତ୍ରମାନଙ୍କୁ

ସତର୍କ କରାଇ ଦେଇଥାନ୍ତି । ସେମାନେ ମେଳା ଦେଖିସାରି ସେହି ଗୃହ ମଧ୍ୟରେ ରାତିରେ ବିଶ୍ରାମ ନେବା ପରିବର୍ତ୍ତେ ଖସି ପଳାଇଥିଲେ । ଦୁର୍ଯ୍ୟୋଧନ ରାତି ଅଧରେ ସେହି ଘରେ ନିଆଁ ଲଗାଇ ଦେଲା । ଘରଟି ହୁତୁହୁତ୍ ହୋଇ ଜଳ ଉଠିବାରୁ ଦୁର୍ଯ୍ୟୋଧନ ମନେ ମନେ ଖୁସି ହେଲା ଏବଂ ତାର ଶତ୍ରୁମାନଙ୍କୁ ସେ ନିପାତ କରିଦେଇଛି ବୋଲି ଭାବି ନିଶ୍ଚିନ୍ତ ହୋଇ ଖୁସି ମନରେ ରାଜଧାନୀକୁ ଫେରି ଆସିଲା । ଏଣେ ଘରେ  ନିଆଁ ଲାଗିବା ପୂର୍ବରୁ ମା' କୁନ୍ତୀଙ୍କ ସହିତ ପାଞ୍ଚଭାଇ ବିଦୂରଙ୍କ ଦ୍ୱାରା ପୂର୍ବରୁ ନିର୍ମିତ ସୁଡଙ୍ଗ ମଧ ଦେଇ ବାହାରକୁ ଚାଲି ଆସି ରାତିସାରା ଚାଲି ଚାଲି ଏକ ଜଙ୍ଗଲ ମଧ୍ୟରେ ପ୍ରବେଶ କଲେ । ଭୀମ ତାଙ୍କ ଦୁଇ ବଳିଷ୍ଠ ବାହୁ ଉପରେ ମା' ଓ ଅନ୍ୟ ଭାଇମାନଙ୍କୁ ବସାଇ ଦ୍ରୁତ ଗତିରେ ଯାଇ ଏକଚକ୍ର ନାମକ ଏକ ଗ୍ରାମରେ ପହଞ୍ଚିଲେ । ସେମାନେ ବ୍ରାହ୍ମଣ ବେଶରେ ସେହି ଗ୍ରାମରେ ରହିବାକୁ ଲାଗିଲେ ।

ଏହି ଗ୍ରାମରେ ରହିବାର କିଛିଦିନ ପରେ ସେମାନେ ଶୁଣିବାକୁ ପାଇଲେ ଯେ ପାଞ୍ଚାଳର ରାଜା ଦ୍ରୁପଦ ତାଙ୍କର ଏକମାତ୍ର କନ୍ୟାର ବିବାହ ନିମନ୍ତେ ଏକ ସ୍ୱୟମ୍ବର କରୁଛନ୍ତି । ଏହି ପାଞ୍ଚଭାଇ ବ୍ରାହ୍ମଣ ବେଶରେ ଯାଇ ପାଞ୍ଚାଳ ନଗରୀରେ ପହଞ୍ଚିଲେ । ଅର୍ଜୁନ ଧନୁର୍ବିଦ୍ୟାରେ ଧୁରନ୍ଧର ଥିବାରୁ ସ୍ୱୟମ୍ବର ସ୍ଥଳୀରେ ଲକ୍ଷ୍ୟଭେଦ ପ୍ରତିଦ୍ୱନ୍ଦିତାରେ ବିମଣ୍ଡିତ ହୋଇ ଦ୍ରୌପଦୀଙ୍କର ବରଣମାଳାର ଅଧିକାରୀ ହୋଇଥିଲେ । ସେମାନେ ଯେତେବେଳେ ଦ୍ରୌପଦୀଙ୍କୁ ସଙ୍ଗରେ ଧରି ସେମାନଙ୍କ ଆଶ୍ରୟସ୍ଥଳୀକୁ ଫେରି ଆସି ଦୂରରୁ ଡାକଛାଡି କହିଲେ, ମା ଆମେ ତୁମ ପାଇଁ ଗୋଟିଏ ଭଲ ଉପହାର ଆଣିଛୁ କୁନ୍ତୀ ଘର ଭିତରେ ଥାଇ ଉତ୍ତର ଦେଲେ, ତୁମେ ପାଞ୍ଚଭାଇ ସେହି ଉପହାରକୁ ବାଣ୍ଟିନିଅ । କୁନ୍ତୀ ଏହା କହିସାରି ବାହାରକୁ ଆସି ଦେଖନ୍ତି ତ ତାଙ୍କ ପାଞ୍ଚ ପୁଅ ଦ୍ରୌପଦୀଙ୍କ ସହିତ ଠିଆ ହୋଇଛନ୍ତି । ସ୍ୱୟମ୍ବରର ସମସ୍ତ ବୃତ୍ତାନ୍ତ ଶୁଣି କୁନ୍ତୀ ନବବଧୂ ଦ୍ରୌପଦୀଙ୍କୁ ଆନନ୍ଦରେ ଆଲିଙ୍ଗନ କରି ଆର୍ଶୀବାଦ ପ୍ରଦାନ କରି କହିଲେ, ତୁ ଏମାନଙ୍କର ସମସ୍ତଙ୍କର ହୋଇ ରହିଥା । ମା' ମୁହଁରୁ ବାହାରିଥିବା କଥା ଅନ୍ୟଥା ହେବାର ନୁହେଁ । ତେଣୁ ଦ୍ରୌପଦୀ ପାଞ୍ଚଭାଇଙ୍କର ପତ୍ନୀ ହୋଇ ରହିଲେ ।।

ଇତି.....(କ୍ରମଶଃ)

ସଂଗ୍ରହକାରୀ--ନରେନ୍ଦ୍ର ପ୍ରସାଦ ବେହେରା,
ସମ୍ପାଦକ--ମୋ ଅନୁଷ୍ଠାନ, ଆଳଦା, ଖଇରା,ବାଲେଶ୍ୱର

# ଗୁରୁଜୀ ଓ ଗୁରୁମା



ରାଧାରାଣୀ ରାଉଳ

ଗୁରୁଜୀ ଗୁରୁମା ହେଲେ ଆମେ ଦେବତା
କରୁଥିବା ଆମେ ତାଙ୍କରି ପୂଜା
ଗୁରୁଜୀ ଗୁରୁମା ବାପା ମାଆ ଭଳି
କରନ୍ତି ଆମରି ସେବା
ନ ଆସିଲେ ପାଠ ବୁଝାଇ କହନ୍ତି
ନ ଦିଶିଲେ ପଥ ସାହସ ଦିଅନ୍ତି
ଅନ୍ଧ ପରି ଭାବି ଚକ୍ଷୁ ଦାନ ଦେଇ
ଗଢାନ୍ତି ଆମ ଭବିଷ୍ୟତ ସେଇ
ପଛେଇ ଗଲେ ବି ଆଗକୁ ନଅନ୍ତି
ମନରେ ସାହସ ଦେଇ
କହନ୍ତି ଆଗେଇ ଚାଲରେ ପିଲାଏ
ଚାଲିବାକୁ ଅଛି ଅନେକ ବାଟ
ଥକ ପଡ ନାହିଁ ବାଟରେ
ମଥରେ ସାହସ ରଖି ଆଗେଇ ଚାଲରେ
ତୁମ ଭବିଷ୍ୟତ ପାଇଁ ଶପଥ ନେଉଛୁ
ଦେବୁନାହିଁ କେବେ ଠକ ।
ଦୁର୍ବଳ ହେଲେ ବି କରନାହିଁ ଭୟ
ମୂର୍ଖ ହେଲେ ବି ନ ହୁଅ କଳଙ୍କ
ଆଗେଇ ଚାଲିଲେ ଉଜ୍ଜ୍ୱଳ ହୋଇବ
ତୁମ ଭବିଷ୍ୟତ କାଳ ।

କଟିକଟା, ଯାଜପୁର

# ତୁମେ ଆଉ ମୁଁ



କରଣ ମନଷା ମହାନ୍ତି

ତୁମେ ଏବେ ଫେରି ଯାଅ
ମୁଁ ଶୋଇପଡିବି
ତୁମେ ଏବେ ସୁରକ୍ଷିତ
ମୋର ଅସଂଖ୍ୟ
ପ୍ରଶ୍ନର ଭିଡ଼ ଭିତରୁ

ମୁଁ ଶୋଇପଡିଛି ଥରେ
ଚାହିଁ ଦେଖ
ତୁମ ପ୍ରେମିକାର
ଶବ ଟିଏ ହୋଇ
ପାରିବତ ଥରୁଟିଏ
ବୁଲି ଚାହିଁବ
ତୁମର ସେ ଘୃଣାଭରା
ଆଖିରେ

ଦେଖିବ ମୁଁ ଜୀଇଁଯିବି
ଚର ଦିନ ପାଇଁ
ତୁମ ପ୍ରେମିକା ଟିଏ ହୋଇ
ରାତିର ଗାଢ଼ କଳା ଅନ୍ଧାରରେ
ମୁଁ ଲୁଚ ଯିବି
ସଭିଙ୍କ ମନରୁ

ତୁମେ ଏବେ ଫେରିଯାଅ
ତୁମର ସେ ସୁନ୍ଦର ଅତୀତକୁ
ଯେଉଁଠି ନଥିବ
ମୋ ପ୍ରଶ୍ନର ଭିଡ଼
ନା ଥିବ ତୁମେ ଛୁଇଁ ଥିବା
ମୋ ଗୋଲାପୀ ଓଠ

ଯଦି କେବେ ଅବେଳରେ
ମନେ ପଡେ ମୁଁ
ତୁମେ ଆସିବ
ମୋ ମଶାଣୀର ଘରକୁ
ଦେଖିବ ତ ମୁଁ ସୋଇଥିବି
ନୀରବରେ ତୁମ
ଅଦୃଶ୍ୟ ପ୍ରେମିକା ଟିଏ ହୋଇ

ମୁଁ ଜାଣେ ତୁମ ଆଖିରୁ
ଲୁହ ଝରିବନ
ତିଣ୍ଡିବାକୁ ମାଟିର ଦେହ
ତଥାପି ନରେଖିବ ମୋତେ
ମୁଁ ଶୋଇପଡିଥିବି
ଅଭିମାନରେ
ତୁମର ପ୍ରେମିକା ଟିଏ ହୋଇ

# ଆଞ୍ଚଳିକ

# ଦାଦନ୍



ବାଙ୍କାବିହାରି ମହାକୁର

ଧନ୍ ରଜାକେ କାଏଁ ଅଭ୍‌ବ୍ ଖଜା
ନାଇଁ କରେ ଲେଖା ହେଜା
ରକମ୍ ରକମ୍ ଦର୍'ବ ଠୁଲ୍ଇ
ସୁଖେ ମାରୁଥିସି ମଜା ।

ନୁହିଲ୍ ବିଚ୍'ର୍ କେଡେ ଲଲ୍‌ଗୁଲ୍
ପର୍ ଭୁଡିକରି ଚଲେ
କବାର୍ କଲେ ଚୁଲ୍'ହି ଜଲେ ନହେଲେ
ଭୁକ୍ ସୁଶେ ଛୁଆପିଲେ ।

ଦୁଖର୍ ଜିବନ୍ ଚର୍ କପଟାଟେ
ପୁର୍ ପୁର୍ ହେସି ଚରି
ଫାଲ୍'କେ ଛାପ୍'ଲେ ଦୁସ୍'ର୍‌ଟା ମେଲ୍
ନପାରେ ଛାପ୍'କ ଧରି ।

ନାଇଁ ମାଟିଭୁଇଁ ନାଇଁ କାମ୍'ବୁତା
କେନ୍'ତି ବୁଝ୍'ବା ମନ୍
କୁଟୁମ୍ ଭରନ୍ ପୁଷଣ କର୍ବାକେ
ଦେଖ୍'ସି କେତେ ସପନ୍ ।

ପେଟର୍  ଭୁକ୍  ଛୁଆର୍ ମୁଖ୍ ତାକେ
କରୁଥିସି ତନାବନା
ଭର୍'ନା କେନ୍'ତି ହେବା ଭାବୁଥିସି
ମୁଠେ ଖାନା ଖଁଡେ କନା ।

ଦିହର୍ ରକତ୍'କେ ପାନ୍ ଫଟାଇ
ଭର୍ନା କର୍ବାକେ ସପନ୍
ଡର୍'କେ ପାସ୍'ରି ଆଗ୍'କେ ଖେପ୍'ସି
ବାଜି ଲଗାଇ ଜିବନ୍ ।

ରାଏଜ୍ ଦେଶ୍ ବାହାର୍'କେ ପଲ୍‌ସି
ମୁର୍ଛ  କରି ଗାଆଁ ମାଆଁ
କୁଟୁମ୍'ହିତ ଲାଗି ଠାନ୍  ବଦ୍ଲେଇ
ପାଏସି ଦାଦନ୍ ନାଆଁ ।

ବୁରୁବୁଡା  ବୀରମହାରାଜପୁର  ସୁବର୍ଣ୍ଣପୁର

# ଦୁହି ପର୍‌ବନର୍ ଭାଞ୍ଜୁର୍ କୁଟୁର୍



ମନୋରଞ୍ଜନ ସୁରୁଜାଲ

ଜୁଲି ହେଇ ଡାହି ଖୁଜିଖୁଜି
ଅନଏତ୍ ....

ଆସ୍ରେ ଅଛେ
ଏଦେ ପାର୍ମି ସେଦେ ପାର୍ମି
ଘର୍ କର୍‌ ସୁଖ୍
ଇନର୍ କାଠି ସେନର୍ କୁଟା
ଊଁଢେଇ କରି ବେଟିସାଆଁଟି
ଟେକଛେଁ
ବଡିଶ୍ବୁଁଧ୍ନର ଘର୍ ।

ହେଦ୍ରେ,
କଲ୍ ଝିମ୍ ଝିମ୍ ମେଘ୍
ସର୍ସର୍‌ଲ୍ ନ
ରୁକ ଦେବା ଘଲେ୍‌ଘଲେ୍
ଧୁକାଗର୍ଡି ବହଁକ ଆଉଛେ
ମନ୍ କେ ଲ୍‌ଗୁଛେ ଡର୍ ....

ଭ୍ଏଲ୍ ଭଙ୍ଗି ଯିବା
ଆମର ବନାଲ୍ ଘର୍ ।

ଉସ୍ନେଇ କରି ଫୁଟେଇଛେଁ
ଭୁଖେଁଶୁଷେଁ କେଡେ ଦୁଖେଁ
ଉଡିଗଲେ ଫୁର୍ ।

ଡେନା ବହାରଲେ କଏ ପଚରେ
ବଲ୍ଫୁଁ ଅଛେ ବେଲେ ଜିଁ,
ନାଇଁ ହେଲେ ମର୍ ।

ଦୁହି ପଖନର୍ ଖଞ୍ଜୁର୍କୁ ଟୁର୍
ଜିବନ୍ ଇନେଗା ଜହର୍.....

ଅଇଁଲାପାଲି ଧମା ସମ୍ବଲପୁର

# ପସ୍ତଉଥିବୁ ମନେ

ଶ୍ୟାମସୁନ୍ଦର କୁମ୍ଭାର

ସକାଲୁ ଦିନେ ମଟର୍ସାଇକଲେଁ
ଆଏଲେ କମ୍ପାନିର ଲୋକ୍
ବଏଲେ ଆଗୋ ମା ମାନେ ଗୁରୁପ୍ଟେ କର
ପାଏବ ଗୁର୍ଦ୍ଦୁଟେ ଲୋଟ୍ ।

ଜମି ସୁନା କଛି ନେଇଁନ୍‌ଲଗେ ବନ୍ଧା ଖାଲି
ମାହେଜି ମୁନ୍ସର ଆଧାର୍
ଜୁଲ୍କି ଫଟୁ ଲାଗ୍ବା ଦୁଇଟା
ଏଭି ଡକୁମେଣ୍ଟ ଦର୍କାର ।

ମାଇକନା ଟୁକ୍ଲେ ଉସତ୍ ହେଲେ
ଗୁରୁପ୍ ଗୁଟେ କଲେ
ଆଧାର୍ କାର୍ଡ ଜୁଲ୍କି ଫଟୁ
ସବୁ ଯୁଗାଡ୍ କଲେ ।

ଝନେ ଝନେ କେ ପଚଶ ହଜାର୍
ଋଣ ହେଇଗଲା ସେକ୍ସନ୍
ବେଙ୍କ ଏକାଉଣ୍ଟନୁ ଉଠାଲେ ଟଂକା
ସଭେ ଗହକ ମନ୍ ।

ମାସ୍ ପୁର୍ଲା କସ୍ତି ଦେବାର୍ ସମିଆଁ
ଆସି ପୁହୁଁଚଲା
କୁନ୍ଥା କୁହୁଁର୍ ଭଜୁର୍ କୁଟୁର୍ ଘରେ ଘରେ
ସବୁ ମାଇପିଲା ।

ଦୁଇ ତିନ୍ ମାସ୍ ଦେଲା ଉତ୍ତାରୁ
ଅଭ୍ରବ୍ ଗୁଡ଼େଇ ଆଏଲା
କଲକଳର ମା ଟଙ୍କା ଖୁଜି ନୁରି
କେନ୍ ଠାନୁ ନେଇଁ ପାଏଲା ।

ଗୁରୁପ୍ ପାର୍ଟି ଘେରେଇ ଦେଲେ
ତାର୍ ଘରର୍ ବାଟ୍ ମୁହେଁ
କମ୍ପାନୀ ବାଲା କହୁଛେ ଟଙ୍କା ନେଇଁଦେଲେ
ଇଠାନୁ ନେଇଁ ଯାଏଁ ।

କଲକଳର ମାର ଉପେ ସରଲା
ରସନ୍ କାର୍ଡ଼କେ ହେତାଲା
ମାହାଜନ୍ ବୁଢ଼ାନେ ଗହନା ଦେଇ
କସ୍ତି ଟଂକା ତାର୍ ଶୁଝ୍ଲା ।

କାର୍ଡ ନୁହେଁ ତାକର୍ ଭତ୍ ହାଏଁଡ଼ ହେଟା
ମିଲୁଥିଲା ହେଡି ଚଉଲ୍
ଅଡ଼ିଆ ଟିକାକ ଚଲିଯଉଥିଲା

ମାର୍ଗୁଲି ତେଲ୍ ନୁନ୍ ।

ବେଲେ ଖାଇ ବେଲେ ଭୁକେଁ ରହି
କଲ୍ଲି ହେଲା କମ୍ ଯୋର୍
ମରନ୍ ମୁଛନ୍ ପଡ଼ଲା ବେମାର୍
ବୁଡ଼ିଗଲା ତାର୍ ସୋର୍ ।

ଘରେ ନେଇଁନ ଫଟା କଉଡ଼ି
କର୍ବାକେ ତାର ଚକସା
ଅଦିନେ କଲ୍ଲି ଆଏଁଖ୍ ମୁଜିଦେଲା
ବୁଡ଼ିଗଲା ଆଶା ଭରସା ।

ଆନ ନେଇ ଯଦି ଥୁଇ ଯାନ୍ତୁ
କମ୍ପାନୀ ଉଧାର୍ ବନେ
ନ ହେଲେ ବାବୁ ବୁଡ଼୍ବା ଭେଲା
ପସ୍ତଉଥିବୁ ମନେ ।

ସନ୍ଧିବାହାଲ, ଗାଇସିଲେଟ
ବରଗଡ଼

# ମୁନୁଷ୍ ରୂପୀ ରାକ୍ଷସ



ଦିନେଶ ମେହେର

ଜୟ ମାଁ ମାଣିକେଶ୍ୱରୀ
ସୁନଯା ଥରେ ମାଁ ମୋର୍ ଗୁହାରୀ।
ଜିବନ୍ ମରନ୍ ସବୁ ତୋର ହାତେ ଅଛେ,
ଫିର୍ ଇ ମୁନୁଷ୍ ହାତେ କାଏଁ ଯେ ମରୁଛେ।

ମାଁ
ମୁଇଁ କାଏଁ ଟା କରମି ?
କାହାକେ ଭରସା କରମି ?
ଇ ରାକ୍ଷସ ବାଗିର ମୁନୁଷ୍ କେ,
କ ଇ ନରୀହ ପଶୁ ପକ୍ଷୀ କେ।

ସମ୍ କେ ବନେଇ ଦେଇଛେ
ଖାଏବା କେ ବି ଦେଇଛେ
କଥା କହେବା ଟା ନାଇ ଶିଖିଲୁ।
କାନ୍ ବି ଦେଇଛେ ନାକ୍ ବି ଦେଇଛେ
ଆଏଁଖ୍ ବି ଦେଇଛେ
ଦେଖିବା ଟା ଶିଖି ନେଇ ପାରିଲୁ ,
ହାତ୍ ବି ଦେଇଛେ
ଗୋଡ଼ ବି ଦେଇଛେ
କାମ କରିବାର ଟା ନେଇ ଶିଖିଲୁ।

ଗୋଟେ ମାଁ ର ପୂଜା ଲଗି
ଗୋଟେ ଛୁଆ କେ ବଳୀ ଦଉଛୁ
ଆଏ  ମୁନୁଷ୍ ତୁଇ ମୁନୁଷ୍ ନୁହେଁ ସେ
ତୁଇ ଗୋଟେ ମୁନୁଷ୍ ରୂପୀ ର୍‌କ୍ଷାସ ।

ଚର୍ଚ୍ଚେଗୁଡ଼ା ମହାବିଦ୍ୟାଳୟ ଚର୍ଚ୍ଚେଗୁଡ଼ା, କଳାହାଣ୍ଡି

# ଧାନ୍ ମଣ୍ଡି



ସନ୍ତୋଷ କୁମାର ଅଦାବର

ଦିନ୍ ର୍ଏତ୍ ଗୁଟେ କରି ମୁଇଁ
କରିଛେଁ ଧାନ୍ ଗ୍ଋଷ୍
କୁଟୁମ୍ ଆର୍ ଦେଶ୍ ପୁଷ୍ମି ବୋଲି
ଥିସି ମୋର୍ ଗୁଟେ ଆଶ୍ ।।
ଗ୍ଋଷ୍ କାମ୍ ଯାର୍ କେତେ ସୁଖ୍ ତାର୍
ଲୋ୍କେ କହେସନ୍ ଇ କଥା
ହେଲେ, ମୋର୍ ମନ୍ ଜାନୁଛେ ମୁଇଁ
ହେସିଁ କେତେ ଯେ ଉର୍ଘାବଥା ।।
ଖର୍ ବର୍ଷା ଜାଡ୍ କାକର୍ ଆର୍
ଧୁକା ଧୁଇଁନ୍ ରୋ୍ଗ୍ପୋକ୍
ଦିହଁର୍ ରକତ୍ ମାଁଉସ୍ ଝାଲ୍ ବୁହେଇ
ସହେସିଁ କେତ୍ନ ଦୁଖ୍ ।।
ଧାନ୍ ଦୁର୍ ପାଏଲେ ଉସତ୍ ଲ୍ଗ୍ସି
ମନ୍ ମୋର୍ ନାଚୁଥିସି
ବିକ୍ମି ବୋଲି ମଣ୍ଡିକେ ଧାନ୍
ରେହେଁପେଚେ ଦୁହାରି ନେସି ।।
କାଗଜ୍ ପତର୍ ଲେଖାପଢ଼ା କେ
ଟାକଥିସିଁ ଆଁ କରି
ଆଏଜ୍ ଆଏବା କାଏଲ୍ ଆଏବା
କେଭେ ଆଏବା ମୋର୍ ପାଲି ।।
ଜାଡ୍ କାକ୍ରେ ଧାନ୍ ବସ୍ତା ଉପ୍ରେ

ଗ୍ଏତ୍ ସର୍ତା ଥିସି ଜୁଗି
ଲଘୁଗ୍ରପ୍ ମେଘ୍ ରୁକ୍ଲେ ଅଛ୍ରେ
ଆତୁର୍ସେ ଧାନ୍ ଦେସି ଢାପି ।।
ପୁଲ୍ କଁଠା ବୋଲି ବଅନା ବିଛ୍ନା
କଟ୍ନ ଛଟ୍ନ କେତେ ନାଟ୍
ସବୁକେ ସହି ମୁଇଁ ବିକ୍ସିଁ ଧାନ୍
ନାଇଁ ଆରୁ ମୋର୍ ଦୁସ୍ର୍ ବାଟ୍ ।।
ତୁଇ ଦେଖାସୁ ବଁଚ୍ବାର୍ ବାଟ୍
ହାଏରେ ମୋର୍ ଧାନ୍ ମଣ୍ଡି
ତୋର୍ ଠାନେ ମୋର୍ ଭ୍ରବ୍ ଅଛେ
ଘେଁସ୍ରି ଲଟ୍କ ଉଣ୍ଡି ଉଣ୍ଡି ।।

ସହକାରୀ ଶିକ୍ଷକ, ବୀରମହାରାଜପୁର,ସୁବର୍ଣ୍ଣପୁର

# ଅଁହକାର୍ ମୋର୍ ବୁଝା



ଶୁକଦେବ ସାହୁ

ସୁରଷ୍ଟି ସିରଜିନା ବେଲେଁ ଛପନ୍ କୁଟି
ଜୀବ୍ ଗଢଲ୍ ଭଗବାନ୍
ସବୁ ଜଁତୁ ଭିତରେ ମାହାପୁରୁ ମତେ
ଦେଇଥିଲ୍ ସିଘା ଠାନ୍ ।୧।
ଅଏନ୍ ଥିଲ୍ ଯେଭେଁ ଥିଲିଁ ଅଗ୍ୟାନ୍
ଉସନାକେ ରହୁଥିଲିଁ
କୋର୍ କପଟନୁଁ ଥିଲିଁ କୁଶେ ଧୁରେ
ଉଲେଦୁଲେ ଜିଉଁଥିଲିଁ ।୨।
ସଭ୍ଯତାର୍ ବଢତି ହେଲ୍ ଉତାରୁ
ଉଦେ ହେଲ୍ ବୁଧି ଗିଆନ୍
ପାଠସାଠ୍ ପଢି ଆଘକେ ବଢଲିଁ
ହେଲିଁ ମୁଇଁ ତେହେରୁ ସିଆନ୍ ।୩।
ଗୃକରି ନଉକରି ପାଏଲ୍ ଦିନୁଁ
ବଘଲିଁ କାର୍ ଆରୁ ଫଟଫଟି
ସାଇକଲ୍ ବଘଲ୍ ଲୁକକୁଁ ଦେଖଲେ
ନାକ୍ ଯାଏସି ମୋର୍ ସରକଟି ।୪।
ପକା ମହଲ୍ ଘର୍ ତିଆରି କରିଛେଁ
ତଲେ ବିଛେଇଛେଁ ଟାଇଲ୍
ମାଟିର୍ ଘରେ ମୁଇଁ ପାହା ନାଇଁ ଥାପେଁ
ଲ୍ଗବା ବଲି ଗୁଡେ ଧୁଇଲ୍ ।୫।
ଜିନ୍ ବେଲଅମ୍ ଚଛମା ସୁଟ ବୁଟ୍

ପିଁଧନ୍ ଉଢନ୍ ମୋର୍
ଧୁତି କରିଆ ପିଂଧା ଲୋକଟେ ଦେଖଲେ
ଭାବସିଁ ହେଇଥିବା ଗ୍ଲେର୍।୬।
କଥା କଥାକେ ମୋର୍ ଟୁଁଡୁ ବାହାରସି
ଇଂଗଲିସ୍ ଭାଷାର ବୁଲି
ଇଡିଏଟ୍ ସବଦ୍ ନାଇଁ ଲଗାଲେ ମତେ
ଦରଖଁଡିଆ ଲାଗେ ଗାଲି।୭।
ମୋର୍ ମୁହଁର୍ କଥା ବେଦର୍ ଗାର୍
ବାକି ଲୁକର୍ କଥା ହୀନ୍
ଗୁଟେ କାନେ ସୁନ ଆରଥି ଗଲାଁସି
ରୁବାବ୍ ଆଏ ମୋର୍ ଭିନ୍।୮।
ପାଁଚ୍ ଲୋକ୍ ସଂଗେ ମିସବାର୍ ଲାଗି
ନାଇଁ ଯାଏଁ କାହାର ପାସ୍
କାଣି ଗାଏର୍ ଅଲଗା ଗୁଠ୍ ବାଗିର୍
ଘର୍ ଭିତରେ ମୋର୍ ବାସ୍।୯।
ବୁଆ,କକା,ଭାଏ, ମିତ୍,ମଏତର୍
ଭାବ୍ ଲେତାଗୁତା ଛୁଗ୍ଲ
ମୁନୁଷ୍ ଭିତରେ ମୁଇଁ ଅନମୁନଷିଆଟେ
ଅହଁକାର ମୋର୍ ବୁଝା।୧୦।

ଖାରୀ,ତରଭା,ସୁବର୍ଣ୍ଣପୁର

# ଶିଶୁ ବିଭାଗ



# ପଡ଼ିଶା ବାଡ଼ିର ଫଳ




ଡ଼ଃ ରଞ୍ଜିତ କୁମାର ସାହୁ

"ନିଜ ଘରେ ପଲ୍ଲବ ହେଉଥିଲେ ମଧ, ପଡ଼ିଶା ଘରର ତରକାରୀ ହିଁ ସୁଆଦିଆ ଲାଗେ, ଏହି ବାପ ଝିଅଙ୍କୁ । ବାଡ଼ିରେ ପିଜୁଳି, ଏତେ ଫଳୁଛି, ସେଥିରୁ ନ ଖାଇକି, ପଡିଶା ଘର ବାଡିରୁ ଏ ସବୁ ଆଣିବାକୁ ତୋତେ କିଏ କହୁଥିଲା?" ବୋଉର ରୋଷେଇ ଘରୁ ପାଟି ଶୁଭୁଥାଏ ।

ମିଲି ମୁଣ୍ଡ ତଳକୁ କରି ଠିଆ ହେଇଛି । ଆଜି ବୋଉ ପୁଣି ରାଗିଛି । ପଡ଼ିଶା ଘର ବାଡିରୁ ସେ ନାଲି ନାଲି ଫଳ କିଛି ଆଣିଥିବାର ଅଭିଯୋଗ ହେଇଛି ମିଲି ଉପରେ । ମିଲି କିନ୍ତୁ କୈଫିୟତ ଦେଉଛି, ସିଏ ଆଜି ପଡିଶା ଘର ବାଡ଼ିକୁ ଯାଇନି, ତାଙ୍କର ବାଡିରୁ ସେ କୋଳି ସବୁ ଆଣିଛି । ବୋଉକୁ କହିଲା ଯାଇକି ଦେଖି ଆସିବାକୁ ବାଡ଼ିରେ । ବୋଉ ବ୍ୟସ୍ତ ଘର କାମରେ ଆଉ ବାଡ଼ିକୁ ଯିବାକୁ ସମୟ ନାହିଁ । ବୋଉ ମାନିବାକୁ ନାରାଜ୍ । ଭୁଲ କରିଛୁ ପୁଣି ମିଛ କହୁଛୁ କହି ବୋଉ ଅଧିକ ବିଗିଡିଛି । ଆମ ବାଡ଼ିରେ ତ ସେ କୋଳି ଲାଗିନି, ସେଇଟା ଫଳିବ କେମିତି ? ବାପା ଆସିଲେ ଯାହା ବିଚାର ହେବ । ମିଲିର ବହୁତ ଇଚ୍ଛା ହେଉଥିଲା, ଟେବୁଲ ଉପରେ ଥୁଆ ହେଇଥିବା ସେ ବାକି ଗୋରିଟା ମଧ ଖାଇଦେବ । ନା ପ୍ରମାଣ ରହିବ ନା, ଶାସ୍ତି ମିଳିବ । କିନ୍ତୁ ଟେବୁଲ ପାଖକୁ ଯିବାକୁ ସାହସ ପାଉ ନ ଥାଏ । ଟୁକୁର ଟୁକୁର କରି ଚାହିଁ ରହି ଥାଏ ପ୍ଲେଟରେ ଥୁଆ ହେଇଥିବା ଗୋରିଟା ଫଳ କୁ । ଏତିକି ବେଳେ ବାପା କାମରୁ ଫେରିଗଲେ ।

ବାପାଙ୍କୁ ଦେଖିକି ମିଲି ଟିକେ ଆଶ୍ୱସ୍ତି ବୋଧ କଲା । ବୋଉ ଯେତେ ବିଗିଡ଼େ ମିଲି ଉପରେ ବାପା ସେତେ ତାହାର ପକ୍ଷରେ ବାହାରନ୍ତି ।



ବୋଉର ଅଭିଯୋଗ ଶୁଣି ବାପା କହିଲେ, "ଓଃ, ତମେ ମିଲି ଉପରେ ଏମିତି ବିଗୁଡୁଛ କାହିଁକ? ତାହା କଥା ମଧ୍ଯ ଶୁଣିବା ଦରକାର । ମୋତେ ଲ୍ଗିଥିଲ୍ ଆମ ବାଡ଼ିରେ ଏଇଟା ଉଠିଛି କନ୍ତୁ ଦି ମାସ ହେଲ୍ ମୁଁ ଯାଇନ ବାଡ଼ି ଆଡକୁ । ପଡିଶା ଘରେ ଲ୍ଗିଛି । ଏଇଟା ମାଳବା କସମର ତୃଣ ଯେମିତି ତୁମ ପୁଦିନା ପତ୍ର । ଯେମିତି ସେଇଟା ମାଳ ଆସିଥିଲ୍ ବେଳେ ଖୁସି ହେଇଯାଇଥିଲ୍ ଆଉ ସଜାଡି କ ରଖିଥିଲ, ଏଇଟା କୁ ମଧ୍ଯ ରଖ । ସେତେବେଳେ ତ କହି ନଥିଲ, ଏଇଟା ପଡିଶା ଘରର ପୁଦିନା ଗଛ ଓପାଡି ଫୋପାଡ଼ି ଦିଅ ବୋଲି?" ବାପା କହିଲେ । ଏଇଟା ହେଲ୍ ଷ୍ଟ୍ରବେରୀ । ମଣିଷ ବ୍ୟବହାର କରୁଥବା ପ୍ରାଚୀନତମ ଫଳ ମଧ୍ଯରୁ ଗୋଟିଏ ।"

"ମୁଁ କେମିତି ଜାଣିବି? ମୁଁ କଣ କେବେ ୟାକୁ ଲଗେଇଛି ନା ଦେଖିଛି ? ଯାହା ବଜାରରୁ ଥରେ ଆଣିଥିଲ ଖାଇଛି । ମହଙ୍ଗା ବୋଲି ତ ତୁମେ ଆଣ ନାହିଁ," ବୋଉ କହିଲେ ।

"ହଉ ଯଦି ଜାଣିନ ଏବେ ଜାଣ । ଷ୍ଟ୍ରବେରିରେ ପ୍ରଚୁର ପରିମାଣରେ ଭିଟାମିନ ସି, ଭିଟାମିନ ଏ, ଭିଟାମିନବି 1, ଭିଟାମିନବି 2, ଲୌହ, ମାଙ୍ଗନଜ, ପୋଟାସିଅମ ଏବଂ

ଫୋସ୍ଫୋରସ ଅଛି । ଏହା ସହିତ ଅନେକ ଏଣ୍ଟିଅକ୍ସିଡେଣ୍ଟ ଅଛି କିନ୍ତୁ ଏଥିରେ ସ୍ନେହସାର ନାହିଁ । ଏଠା ତନ୍ତୁର ଏକ ଉତ୍ସ ମଧ୍ଯ । ତେଣୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକାରକ । ଅନେକ ସମୟରେ ବିଭିନ୍ନ ପ୍ରକାର ରୋଗ ଏବଂ କୀଟ ଠାରୁ ଏହାକୁ ରକ୍ଷା କରିବାକୁ, ବିଭିନ୍ନ ପ୍ରକାର କୀଟନାଶକ ପ୍ରୟୋଗ କରି ଯାଇଥାଏ । ତେଣୁ ଷ୍ଟ୍ରବେରିକୁ ଭଲ ଭାବରେ ଧୋଇବା ଉଚିତ । ପ୍ରଥମେ ଧୋଇକି ତାହା ପରେ ଏହାର ମୂଳ ଆଡକୁ ଲାଗିଥିବା ପତ୍ରକୁ କାଟି ବାହାର କରି ଯାଏ, ନଚେତ କାଟିକି ଧୋଇଲେ, ଏଥିରୁ କିଛି ପରିମାଣରେ ଖାଦ୍ୟ ତତ୍ୱ ନଷ୍ଟ ହେବା ସହିତ, ଏହାର ସ୍ୱାଦରେ ପ୍ରଭାବ ପକାଇ ଥାଏ । ତେଣୁ ଗତ ଥର ଭଳି କାଟିକି ଧୋଇବନି, ଧୋଇକି ଏହାର ପତ୍ର କାଟିବ," ବାପା କହିଲେ ।



"ହଉ, କିନ୍ତୁ ମୋର ସମୟ ନାହିଁ, ମିଲି ତାକୁ ଧୋଇବା ଆଉ କାଟିବ ଆଉ ଖାଇବ," ବୋଉ କହିଲେ ।

"ଷ୍ଟ୍ରବେରି ବିଷୟରେ ଏ କଥା ତା ମୁଁ ଜାଣି ନଥିଲି, ମିଲି କହିଲା । ମୁଁ ତା ଖାଲି ଜାଣିଛି, ଏହାକୁ ଜମି, ଜାମ୍, ଜୁସ୍, ଆଇସକ୍ରିମ୍, କେକ୍ ଇତ୍ୟାଦିରେ ବ୍ୟବହାର କରି ଯାଏ । ଏହାର ଉତ୍ପାଦନ ସବୁଠାରୁ ବେଶୀ ଚୀନରେ ଏବଂ ଯୁକ୍ତ ରାଷ୍ଟ୍ର ଆମେରିକାରେ ହୁଏ । କିଛି ଲୋକଙ୍କର ଏହାକୁ ଖାଇବା ଦ୍ୱାରା ଏଲଏରଜି ମଧ୍ଯ ହୁଏ । ଆମ ସ୍କୁଲ ସାର କହିଥିଲେ । ତେଣୁ କୌଣସି ନୂଆ ଫଳ ଖାଇବା ଆଗରୁ ତାହାକୁ ଅଳ୍ପ ପରିମାଣରେ ଖାଇକି ପ୍ରଥମେ ଦେଖିବା ଦରକାର କି କୌଣସି ପ୍ରତିକାର ପ୍ରଭାବ ପଡୁ ନାହିଁ ତ? ମୁଁ ସେଥି ପାଇଁ ଅଳ୍ପ ହିଁ ଆଣି ଥିଲି, ଆଉ ଥୋଡ଼ାଏ ଅଛି ବାଡ଼ିରେ," ମିଲି କହିଲା ।

"ଭଲ କରିଛୁ ବାପା କହିଲେ । କନ୍ତୁ ତୁ ଆର ଥର ଖାଇ ସାରିଛୁ, ବଜ଼ାରରୁ ଆଣିଥିବା ଷ୍ଟ୍ରବେରି । କଛି ହେଇନ ତୋହର । ତେଣୁ ଠିକ ଅଛି ଖାଇବା ପାଇଁ ତୋ ଲ୍‌ଗି । ଜାଣିଛୁ, ଆମେ ଯାହାକୁ ଫଳ ଭ୍ବି ଖାଉଛୁ ତାହା ପ୍ରକୃତରେ ଫଳ ନୁହେଁ । ଫଳ କୁ ଧରିଥିବା ଡେମ୍ଫର ଏକାକୀକରଣ । ଏହାର ଫଳ ସବୁ ଛୋଟ ଛୋଟ ଏବଂ ମଞ୍ଜି ଗୁଡିକ ବାହାରକୁ ଦିଶେ । ଏହି ଯେଉଁ ଛୋଟ ଛୋଟ ମାଟିଆ ଆଉ କଳା ରଙ୍ଗର ଦାନା ଭଳ ଦିଶୁଛି ସେଗୁଡିକ ହେଲ୍‌ ତାହାର ମଞ୍ଜି ।

କେତେ ଆଶ୍ଚର୍ଯ୍ୟ କଥା ସତେ, ଏହାର ମଞ୍ଜି ସବୁ ଫଳ ଭିତରେ ନ ରହି ବାହାରେ ଥାଏ ଏବଂ ଯାହାକୁ ଆମେ ଫଳ ଭ୍ବୁଛି ତାହା ଅନେକ ଛୋଟ ଛୋଟ ଫାଲର୍‌ ଏକନ୍ଦ୍ରିକରଣ**!**

"ହଉ ଯା ଖାଇଦେ । ଏଥର ଆମ ବାଡ଼ିରେ ବି ମାଡି ଯିବ । ତାକୁ ଯତ୍ନ ନେଲେ ତୋତେ ନ୍ୟମିତ ଭ୍ବରେ ମିଳବ, ଆଉ ବଜାରରୁ ଆଣିବାକୁ ପଡ଼ିବନ । ଘରେ ଫଳଥିବା ପନ ପରିବା ଆଉ ଫଳ ମୂଳ ଦେହ ପାଇଁ ସବୁ ଠାରୁ ହିତକାରକ କାରଣ ଏଥିରେ ଆମେ କୌଣସି ର୍‌ସାୟନ ବ୍ୟବହାର କରୁ ନାହୁ," ବାପା କହିଲେ ।

ମିଲି ତ କେତେ ବେଳୁ ଗ୍ହିଁ ବସିଥାଏ, ସଂଗେ ସଂଗେ ଯାଇକ ଷ୍ଟ୍ରବେରି ଗୁଡ଼ିକୁ ଧୋଇକ ତାହାର ପନ୍ର କାଟିକ, ଖାଇ ଦେଲ୍‌ । ସତରେ କେତେ ସୁଆଦିଆ **!** ବୋଉ ମୁରୁକ ମୁରୁକ ହସୁଥାଏ ।

ଯୁକ୍ତର୍‌ଷ୍ଟ୍ର ଆମେରିକା

# ପଢ଼ା ଲେଖା ସେତ



ଅଜୟ କୁମାର ବେହେରା

ନିତିଅକରମ ସାରି
ଅଲ୍ପାହାର କରି ବସି ଯିବ ତୁମେ
ନିଜ ନିଜ ବହି ଧରି ।୧।

ବିଭୁ ଠାରେ ମନ ପଢ଼ାରେଟି ଧ୍ୟାନ
ସଦା ଥିବ ତୁମେ ଦେଇ
ଜୀବନେ ଦେଖିବ ସଫଳତା ଖାଲି
ବିଫଳ ହୋଇବ ନାହିଁ ।୨।

ପଢ଼ା ଲେଖା ସେତ ମଣିଷ କରଇ
ସଭିଙ୍କୁ ସତରେ ପୁଣି
କଥାରେ ମୋହର ଦେଇଥିଲେ ଧ୍ୟାନ
ଆକାଶ ଛୁଇଁବ ଜାଣି ।୩।

ଜ୍ଞାନଟି ତୁମର କେବଳ ନିଜର
ଭାଗ କେବେ ହେବ ନାହିଁ
ସମୟ ଆସିଲେ ସବୁ ପର ହେବେ
ଜ୍ଞାନ ଧକ୍କା ଦେବ ନାହିଁ ।୪।

ଜୀବନେ ତୁମର　　　ସେହି ଏକା ସାହା
　　ବାକ ସ୍ୱାର୍ଥେ ସବୁ ବସ
ସ୍ୱାର୍ଥ ଊଣା ହେଲେ　　　ନଜଲୋ୍କ ଯେତେ
　　ଶେଷରେ ଦେବେ ଟି ଦୋଷ।୫।

ଜ୍ଞାନ ଶୂନ୍ୟ ଯିଏ　　　କଛି ବୁଝେ ନାହିଁ
　　ଠକାମୀ ଶିକାର ହୁଏ
ନଷ୍କପଟ ମନେ　　　ନରବି ଯାଏ ସେ
　　ନରୁତ୍ତର ରହି ଥାଏ।୬।

ମୋରଡ଼ା, ମୟୂରଭଞ୍ଜ

# ଚତୁର ଠେକୁଆ



ଦୀପ୍ତିମୟୀ ସାହୁ

ଗୋଟେ ଜଙ୍ଗଲରେ ସବୁ ଜାତିର ପଶୁପକ୍ଷୀ ମିଳମିଶି ରହୁଥିଲେ । ସମସ୍ତଙ୍କ ମଧ୍ୟରେ ଏକତା ଥିଲା । ତେଣୁ ସଭିଏଁ ଛୋଟବଡ ବିପଦକୁ ଏକାଠି ସାମ୍ନା କରୁଥିଲେ ।

ସମସ୍ତଙ୍କ ଭିତରେ ଗୁଲୁ ନାମରେ ଗୋଟେ ଗୁଲୁଗୁଲିଆ ଠେକୁଆଟିଏ ରହୁଥିଲା । ଦେଖିବାକୁ ସେ ଧୋବଫରଫର ଡଉଲଡାଉଲ ଥିଲା । କାଉ ଚୁଲୁ ସାଙ୍ଗରେ ତାର ଭଲ ବନ୍ଧୁତା ଥିଲା । ଝଙ୍କାଳିଆ ବୁଦାରେ ରହୁଥିବା ବେଳେ କାଉ ପାଖରେ ଥିବା ଏକ ମହୁଲ ଗଛରେ ରହୁଥିଲା ।

ବଣର ରାଜା ବାଘ ଠେକୁଆ ଗୁଲୁକୁ ଖାଇ ଭଲ ପାଉଥିଲେ । ସେ ବହୁ ଦୂରରୁ ଆସୁଥିବା ଶବ୍ଦକୁ ଶୁଣିପାରି ଅଗତ୍ୟା ନିଜ ସୁବୁଦ୍ଧି ବ୍ୟବହାର କରି ବଣ ଜୀବଜନ୍ତୁ ସହ ନିଜକୁ ରକ୍ଷା କରେ । ତେଣୁ ତାକୁ ସଭିଏଁ ଚତୁର ଠେକୁଆ ବୋଲି କହୁଥିଲେ ।

ବଣର ସମସ୍ତ ଜୀବଜନ୍ତୁଙ୍କ ଭିତରେ କୋକଶିଆଳ, ଠେକୁଆ ଗୁଲୁକୁ କେହି ପ୍ରଶଂସା କଲେ ସହି ପାରୁନଥିଲା । ସେ ମନେମନେ ଇର୍ଷାରେ ଜଳୁଯାଉଥିଲା । ସେ ଭାବେ ସେ ହିଁ ସମସ୍ତଙ୍କ ମଧ୍ୟରେ ଚତୁର ଆଉ ବୁଦ୍ଧିଆ, ଏ ଗୁଲୁ ଠେକୁଆ ନୁହଁ ।

କୋକଶିଆଳ ଗୁଲୁକୁ ଇର୍ଷା କରେ ଏ କଥା ସେ ଜାଣିଥିଲା । ତେଣୁ କୋକ ପାଖରୁ ଗୁଲୁ ନିଜକୁ ଦୂରେଇ ରଖୁଥିଲା ।

କୋକ ଦିନକୁ ଦିନ ଗୁଲୁର ପ୍ରଶଂସା ଶୁଣି ଆଉ ସହିପାରିଲାନ । ଭାବିଲା ଗୁଲୁକୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ନଜେ ବଣରେ ଚତୁର କୋକ ବୁଲାଇବ । ଏଥିପାଇଁ ସେ ତ ଏ ବଣର କୌଣସି ଜନ୍ତୁକୁ ସାହାଯ୍ୟ ମାଗିପାରିବନ । ତେଣୁ ସେ ଅନ୍ୟ ଏକ ବଣରୁ ଡାକ କହିଲା-ବନ୍ଧୁ ଗଧିଆ । ଆମ ବଣର ସମସ୍ତ ଜନ୍ତୁ ଗୁଲୁକୁ ଭାରି ଭଲ ପାନ୍ତି । କେହି ତା ବିରୁଦ୍ଧରେ ଯଆନ୍ତିନ । ତେଣୁ ତମକୁ ଡାକ ମୋର ଶତ୍ରୁ ଗୁଲୁକୁ ମାରିବାକୁ ମନେକଲି । ଗଧିଆ ପାଖ ବଣର ରାଜା ବାଘର ଗୁପ୍ତଚର ଥିଲା । ଗୁଲୁ ଠେକୁଆ କଥା ତାକୁ ଜଣାଥିଲା । ଏଇ ବଣର ଚତୁର ଠେକୁଆ ପାଇଁ ସବୁଥର ଆମ ବଣର ରାଜା ଏ ବଣକୁ ଅକ୍ତିଆର କରିପାରୁ ନାହାନ୍ତି । ଗୁଲୁ ବୁଦ୍ଧିରେ ଏ ବନର ବାଘ ଆମ ରାଜାଙ୍କୁ ହରାଇ ଦେଇ ସବୁଥର ପରାଜୟ କରୁଛି । ତେଣୁ ନଜ ବଣର ରାଜା ବାଘ ଗୋଟାଏ ଠେକୁଆ ଗୁଲୁକୁ ମାରିବା ପାଇଁ ଗଧିଆକୁ ଏ ବଣକୁ ପଠାଇ ଥିଲେ । ମଳୁ ଖୋଜୁଥିଲା କାକର ପାଣି , ବଇଦ କହିଲା ଦେ ତୋରାଣ । ବାଣୀ ପରି ତାର କୋକ ଭଳ ଏକ ମୋହରା ମିଳଗଲା ଭାବି ଖୁସି ହେଇଗଲା ।

କୋକ, ଗଧିଆ ଉଭୟ ମିଶି ଠେକୁଆକୁ ମାରିବାକୁ ଯୋଜନା କରିବା ବିଷୟ ଗୁଲୁର ବନ୍ଧୁ ଚୁଲୁ ଶୁଣିଦେଲା । ସେ ଯାଇ ଗୁଲୁକୁ ଏ କଥା କହିଲା ।

କୋକ, ଗଧିଆ ଭଳ ଧୂର୍ତ୍ତକୁ-ଚକ୍ରୀ ପ୍ରାଣୀଙ୍କ ଶାସ୍ତି ଦେବା ପାଇଁ ଚୁଲୁ ଗୁଲୁକୁ କହିଲା ।

ଦୁହେଁ ଯାଇ ରାଜାଙ୍କୁ ଏ କଥା କହିଲେ । ବାଘ ଘୋର ଗର୍ଜନ କରି ରାଗିଗଲା । ସଙ୍ଗେସଙ୍ଗେ ସେ ଦୁହିଁଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ରାଜା ଘୋଷଣା କରିବାକୁ କହିବାରୁ ଠେକୁଆ ମନାକଲା । ଯେସାକୁ ତେସା ନୀତିରେ ତାଙ୍କୁ ଦଣ୍ଡ ଦେବାକୁ ରାଜା ବାଘକୁ କହିଲା ।

ସଭିଏଁ ସତର୍କ ହେଇଗଲେ । କଛି ନ ଜାଣିଲା ପରି ଅଭିନୟ କରି ରହିଲେ । କଛି ସମୟ ପରେ କୋକଶିଆଳ ଗୁଲୁ ପାଖକୁ ଆସିଲା । ପାଖ ଘାଟିରେ ଭଲଭଲ କଅଁଳଆ ଘାସ ହେଇଛି ଗାଲ ସାଙ୍ଗ ହେଇ ଯିବା, ତମେ ସେ ଘାସ ଖାଇଲେ ଆହୁରି ସୁନ୍ଦର ଦିଶିବ ।

କୋକ କଥା ଶୁଣି ଠେକୁଆ ଜାଣିପାରିଲା ତା ଷଡଯନ୍ତ୍ର ସେଇ ଘାଟିରେ ଅଛି ବୋଲି । ଗୁଲୁ କହି – ତମେ ଆଉ ତମ ବନ୍ଧୁ ଗଧିଆ ମୋ ସାଙ୍ଗରେ ଯିବ ତ ?

କୋକ କହିଲା – ହଁ । ସେଇଠି ଆମ ପାଇଁ ଭଲ ଭଲ ମିଠା ଫଳ ମିଳବ । ସେଇ ଡେଙ୍ଗା କେନ୍ଦୁ ଗଛରୁ ଆମେ ଫଳ ଖାଇବୁ ; ଆଉ ତମେ ସେଇ ଘାଟି ପଡିଆରୁ ସୁନ୍ଦର କଅଁଳଆ ଘାସ ଖାଇବ ।
ସ୍ଥିର ହେଲା ପରଦିନ ସକାଳୁ ତିନହେଁ ସେ ଘାଟି ପଡିଆକୁ ଯିବେ । ଏ କଥା ରାଜା ଓ ତ ବନ୍ଧୁ ଚୁଲୁକୁ କହିଦେଲା । ସଭିଏଁ ଛକ ରହିଲେ ସେ ଦୁହିଁଙ୍କର ଯୋଜନାକୁ ପଣ୍ଡ କରିବା ପାଇଁ ।

କୋକ, ଗଧିଆ, ଗୁଲୁ ଘାଟିରେ ପହଂଚ ଦେଖିଲେ ସେଠି ସୁନ୍ଦର କଅଁଳଆ ଛନଛନଆ ଘାସ ହୋଇଛି । ସେମାନେ ଦୁହେଁ ଗୁଲୁକୁ କହିଲେ – ତମେ ଘାସ ଖାଅ ଆମେ ସେ ଗଛରୁ ଫଳ ଖାଉଛୁ । ଗୁଲୁତ ଥିଲା ଭାରି ବୁଦ୍ଧିଆ । ସେ କହିଲା – ତାକୁ ପଦାର ମଝାମଝିରେ ଯାଇ ଛାଡି ଆସିବାକୁ । ଏକାଏକା ଯିବାକୁ କ ଖାଇବାକୁ ତାକୁ ଭଲ ଲାଗେନ । ସେଠି ଛାଡି ଦେଇ ଆସିଲେ ସେ ନିଶ୍ଚିତରେ ବସି ଘାସ ଖାଇବ ।

ଏମାନେ ଭାବିଲେ ହଉ ତାକୁ ତ ଆମେ ଛାଡି ଆସିବା, ଆଉ କଣ ସେଠି ରହିବା ଯେ ଆମକୁ ବିପଦ ଖାଇବ ? ଏ କଥା ଭାବି ଗୁଲୁ ସାଙ୍ଗରେ ଦୁହେଁ ଗଲେ ମଝିରେ ଥିବା ସୁନ୍ଦର ଘାସ ପାଖକୁ ।

ଠେକୁଆ ଆଜି ମରିବ । ଶତ୍ରୁ ମୂଳରୁ ନିପାତ ହେବ, ଭାବି ଆନନ୍ଦରେ ଡଗଡଗ କରି ଆଗକୁ ମାଡି ଯାଉଥାଆନ୍ତି । କେମିତି ଶିଘ୍ର ଗୁଲୁକୁ ଛାଡି ସେ ମରଣ ଯନ୍ତାରୁ ଫେରି ଆସିବେ ବୋଲି ଭାବୁଥାଆନ୍ତି ।

କିଛି ବାଟ ହେଇଛନ୍ତି ଗୁଲୁ ନିଜ ପ୍ରଖର ଶୁଣିବା ଶକ୍ତିରେ ଜାଣିପାରିଲା ଏଠାକାର ଜଗୁଆଳ ନାଗରାଜ ତାଙ୍କ ଆଡକୁ ମାଡି ଆସୁଛନ୍ତି । ଏ ଇଲାକାଟା ନାଗଙ୍କର ବୋଲି ଗୁଲୁକୁ ଆଗରୁ ଜଣାଥିଲା । ସେ ସଙ୍ଗେସଙ୍ଗେ କୋକ ଆଉ ଗଧିଆକୁ କହିଲା – କଉ ଜାଗାରେ ବସି ଖାଇବି ମୋତେ ଚହ୍ନଟ କରିଦେଇ ଚାଲିଆସ । ମୋ ଗୋଡରେ ଏବେ ରକା ପଶିଯାଇଛି । ମୁଁ ତମ ଭଳି ଡଗଡଗ ଚାଲିପାରୁନ । ତମେ କେତେ ଜଲ୍ଦି ଚାଲିଯାଉଛ । ତମେ ଜାଗା ଚହ୍ନାଇ ଦିଅ, ମୁଁ ଯାଇ ସେଠି ଖାଇବି, ତମେ ଚାଲିଆସିବ ।

ଦୁହେଁ ଗୁଲୁ କଥାକୁ ଠିକ୍ ଭାବି ଆଗକୁ ଜଲ୍‌ଦି ଜଲ୍‌ଦି ମାଡିଗଲେ । ଗୁଲୁ ଧିରେ ଧିରେ ତାଙ୍କ ପଛେ ଗଲା । ମଝାମଝି ଜାଗାକୁ ଚହ୍ଞେଇବାକୁ ଗୁଲୁକୁ ପଛକୁ ଫେରି ଗ୍ଭହାଁନ୍ତିତ ସେଠାରୁ ଗୁଲୁ ତୀବ୍ର ଗତିରେ ଦୌଡି ଗଲାଣି । ଆଗକୁ ଗ୍ଭହିଁ ଦେଖନ୍ତିତ ନାଗରାଜ ତାଙ୍କୁ ମାରିବାକୁ ଉଦ୍ୟତ ହେଲେଣି । କଣ କରିବେ ? ଠେକୁଆ ଏଠି ଘାସ ଖାଇ ନାଗ ଗ୍ଭେଟରେ ମରିବ । ସାପ ମରିବ କନ୍ତୁ ବାଡି ଭାଙ୍ଗିବନ । ହେଲେ ନଜ ପକା ଯନ୍ତାରେ ଦୁହେଁ ଗ୍ଭେଟ ଖାଇ ମଲେ ।

ଗୁଲୁର ବୁଦ୍ଧିକୁ ବାଘ, କାଉ ପ୍ରଶଂସା କଲେ । ଦୁହିଁଙ୍କୁ ଉଚତ୍ ଶାସ୍ତି ମିଳଛି କହି ସେଠାରୁ ଗ୍ଭଲି ଆସିଲେ ।

ଗେଙ୍ଗୁଟିଆ, ଅନୁଗୁଳ

# ଆମରି ପୁଷି



ମନୋରମା ସାହୁ

ଆମରି ପୁଷି
ଲୁଚ ବସିଥାଏ ଖଟ ତଳେ ସିଏ
ମାରିବ ବୋଲି ମୂଷି ।

ତା ମିଆଁଉ ଡାକ
ଶୁଣି ମୂଷାଙ୍କର ଜର ଆସିଯାଏ
ମାଡନ୍ତିନ କେହି ପାଖ ।

ଧରି ଗ୍ଳାକ ସିଏ
କ୍ଷୀର, ଘିଅ, ଦହି ଦେଖିଦେଲେ ସିଏ
ଗୃଟି ସଫା କରିଦିଏ ।

ମୂଷା ମାରିବାକୁ ବୀର
ସେମାନଙ୍କୁ ମାରି ଆମ ପାଇଁ ସିଏ
କରେ ବଡ ଉପକାର ।

ନାଁ ଟି ତାର ଲୁସି
ଗେଲ କଲେ ସିଏ ପାଖକୁ ଆସେ
ରାଗିଲେ ଯାଏ ରୁଷି ।

ଜୟପୁର ଶାସନ ପିପିଲି ପୁରୀ

# ଶାଳବଣର ଛାଇ



ନୀଳମାଧବ ସାହୁ

ଯେବେ ବି ମିତା ପ୍ରଭୁ ଶିବଙ୍କ ଦର୍ଶନ ପାଇଁ ଯାଏ, ତାକୁ ଶାଳବଣ ଦେଇ ଯାଇଥିବା ରାସ୍ତାରେ ଯିବାକୁ ପଡେ | ଶାଳଗଛର ଛାଇ ସହିତ କେବେ ମୋଟର ସାଇକେଲରେ ତ କେବେ କାରରେ ଯାତ୍ରା କରିବା ଭଲଲାଗେ ତାକୁ | ସବୁବେଳେ ଗାଡିକୁ ରଖି ଶାଳବଣରେ କିଛି ସମୟ କଟାଏ ଓ ପ୍ରକୃତିକୁ ଉପଭୋଗ କରେ | ପରିବାରରେ କିଏ ବି ଗଲେ ମିତା ପ୍ରଥମେ ବାହାରିଯାଏ ସଜବାଜ ହୋଇ ଓ କହେ ମୁଁ ବି ଯିବି |

କିନ୍ତୁ ଏହି ବର୍ଷ ଶିବରାତ୍ରିରେ ଯେତେବେଳେ ମିତା ତା' ବାପାଙ୍କ ସହ ସେହି ରାସ୍ତାରେ ଶିବମନ୍ଦିର ଭ୍ରମଣରେ ବାହାରିଲା, ବହୁତ କିଛି ବ୍ୟତିକ୍ରମ ଦେଖିବାକୁ ପାଇଲା | ଜଙ୍ଗଲନିଆଁ ସେ ଦିନ ଶାଳବଣର ଛାଇକୁ ମାଟିରେ ମିଶାଇ ଦେଇଥିଲା | ସେ ଯେଉଁଦିନ ଯାଇଥିଲା, ତାର କିଛି ଦିନ ଆଗରୁ ଜଙ୍ଗଲ ସାରା ନିଆଁ ଲାଗିଯାଇଥିଲା ଓ ତାହାକୁ ଲିଭାଇବା ପାଇଁ ଲାଗିପଡ଼ିଥିଲେ ଜଙ୍ଗଲ କର୍ମଚାରୀ ଓ କିଛି ଗାଁ ଲୋକ | ନିଆଁ ସିନା ଲିଭିଗଲା ହେଲେ ବହୁତ କିଛି ନିଆଁରେ ଜଳ ପାଉଁଶ ହୋଇଗଲା |



ଶାଳଗଛମାନଙ୍କରେ ଗୋଟିଏ ବି ସବୁଜ ପତ୍ର ନଥିଲା ଓ ଜଙ୍ଗଲଟି ପୁରା ଖାଲି ଖାଲି ଲାଗୁଥିଲା | ନା ଶୁଭୁଥିଲା ଭଳି ଭଳିକ ଚଢେଇଙ୍କ ରାବ ନା ପାତିମାନଙ୍କ ନଖରାମି | ରଙ୍ଗବିରଙ୍ଗ ପ୍ରଜାପତି ବି ଦେଖିବାକୁ ମିଳୁନଥିଲା | ରାତିହେଲେ ନିଜ ଛାଇ ଯେପରି ନିଜକୁ ଛାଡି ପଳାଏ ଠିକ ସେହିପରି ଜଙ୍ଗଲନିଆଁ ରୂପକ ରାତି ଯୋଗୁଁ ବିଭିନ୍ନ ଔଷଧୀୟ ଗୁଳ୍ମ, ଲତା, ଘାସ ଓ ଗଛ, ବିଭିନ୍ନ କୀଟପତଂଗ, ପକ୍ଷୀ, ସରୀସୃପ ଓ ଅନ୍ୟ ସ୍ତନ୍ୟପାୟୀ ପଶୁ ବି ଜଙ୍ଗଲରୁ ଉଭେଇଯାଇଛନ୍ତି | ମିତାର ମନରେ ଉଙ୍କି ମାରିଲା ଯେ ହୁଏତ କିଛି ଜୀବ ଜଙ୍ଗଲନିଆଁରେ ଜଳଗଲେ ଓ କିଛି ଅନ୍ୟ ପାଖ ଜଙ୍ଗଲକୁ ଚାଲିଗଲେ | ସେହି ଜଙ୍ଗଲଟି ଶୂନ୍ୟ ହୋଇଗଲା | "କେଜାଣି ସେ ଜଙ୍ଗଲ ପୁଣି କେବେ ସବୁଜିମା ହେବ ଓ ବନ୍ୟଜୀବ ପୁଣି ଫେରିବେ ଓ ପୂର୍ବ ଭଳି ଜଙ୍ଗଲ ହସି ଉଠିବ !", ଏହି ସବୁ ବିଷୟ ମିତା ତା' ଭାଇକୁ ଜଣାଉଥାଏ | "ଜଙ୍ଗଲ ପୁଣି ହସି ଉଠିବ ଓ ପଶୁ ପକ୍ଷୀମାନେ ବି ଫେରିବେ, କିନ୍ତୁ କେତକ ଗୁଳ୍ମ, ଲତା ଓ ପଶୁପକ୍ଷୀ ପୁଣି ଫେରିନପାରନ୍ତି ", ମିତାର ଭାଇ ଜଣାଇଲା |

ପାଖ ଗାଁ ଲୋକମାନେ କହୁଥିଲେ ଏଠି ଶାଳଗଛ ସହ ଅନ୍ୟ ଗଛ ବି ଅଛି ଯେପରିକି ମହୁଲ, କେନ୍ଦୁ, ଅର୍ଜୁନ ଓ ବହୁତ କିଛି | ଆଗରୁ ଗାଁ ଲୋକମାନେ ପାଖ ଜଙ୍ଗଲରୁ ମହୁଲ ଫୁଲ, କେନ୍ଦୁ ପତ୍ର ଓ ଫଳ, ଶାଳପତ୍ର, ଲାଖ, ଝୁଣା, ମହୁ ଓ ଅନ୍ୟ ବନ୍ୟଜାତ ପଦାର୍ଥ ସଂଗ୍ରହ କରୁଥିଲେ | ଜଙ୍ଗଲରେ ନିଆଁ ଲାଗିବା ପରଠୁ ସେମାନଙ୍କୁ ଜଙ୍ଗଲ ଜାତ ଦ୍ରବ୍ୟ

ମିଳପାରୁ ନାହିଁ । ଯାହାଫଳରେ ସେମାନଙ୍କ ଓ ନିତିଦିନିଆ ରୋଜଗାର ବନ୍ଦ ହେଇଯାଉଛି। କେବଳ ଲୋକମାନେ ନୁହନ୍ତି, ଜଙ୍ଗଲୀ ଜୀବଜନ୍ତୁମାନେ ମଧ୍ୟ ବଂଚିବା ପାଇଁ ସଂଘର୍ଷ କରନ୍ତି । ଏହି ଜଙ୍ଗଲ ନିଆଁ ଯୋଗୁ ସେମାନଙ୍କ ବାସସ୍ଥାନର ନଷ୍ଟ ହୋଇଯାଇଛି ଓ ସେମାନେ ବଂଚିବା ପାଇଁ ଅନ୍ୟତ୍ର ପଳାୟନ କରିଛନ୍ତି ଓ କିଛି ଜୀବ ଲୋପ ବି ପାଇଥିବେ। କହିବାକୁ ଗଲେ ଜଙ୍ଗଲ ପରିବେଶରେ ଥିବା ସନ୍ତୁଳନ ସମ୍ପୂର୍ଣ ରୂପେ ନଷ୍ଟହୁଏ । ପୁଣିଥରେ ସେହି ପୂର୍ବ ଅବସ୍ଥାକୁ ଫେରିବାକୁ ମାସ ମାସ ବା ବର୍ଷ ବର୍ଷ ସମୟ ଲାଗିଯାଏ । ଯେଉଁ ଗଛ ଜୀବିତ ଥାଏ ତାହା ୨-୩ ମାସରେ ପୁଣି ନୂତନ ପତ୍ର କଅଁଳଥାଏ । କିନ୍ତୁ ପୂର୍ବଭଳି ପଶୁପକ୍ଷୀ ଦେଖାଯାଏ ନାହିଁ ଓ ତା'ର ଭରଣା ପାଇଁ ବହୁତ ସମୟ ମଧ୍ୟ ଲାଗେ । ଗାଁ ଲୋକମାନେ ପାଠ ନପଢିଥିଲେ ବି ଜଙ୍ଗଲ ବିଷୟରେ ବହୁତ କିଛି କହିଲେ ଯାହାକୁ ମିତା ସବୁ ମନେ ରଖୁଥାଏ ।



ଶେଷରେ ମିତାର ବାପା ବୁଝେଇଲେ ଯେ ଜଙ୍ଗଲ ନିଆଁ ସିଧାସଳଖ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧିରେ ସହାୟକ ହୁଏ । ଯାହାଫଳରେ ତାହା ମନୁଷ୍ୟ ପାଇଁ ଭବିଷ୍ୟତରେ ବିପଦ ସୃଷ୍ଟି କରେ । ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବା, ବର୍ଷା ଠିକ ସମୟରେ ଓ ଠିକ ପରିମାଣରେ ନ ହେବା, ଶୁଷ ଜମିର ଜଳୀୟ ଅଂଶ କମିଯିବା ଓ ଶେଷରେ ମରୁଡି ଦେଖାଯିବା ଆଦି ସମସ୍ୟା ଦେଖାଯିବାର ସମ୍ଭାବନା ଯଥେଷ୍ଟ ଅଧିକ ଅଟେ । ମିତାର ବାପାଙ୍କ ଟିପ୍ପଣୀ ସରୁସରୁ ମିତାର ଜେଜେ ସବୁଠୁ ମୂଲ୍ୟବାନ ଜିନିଷ ଅବଗତ କରାଇଲେ ଯେ ଆମେ ମନୁଷ୍ୟମାନେ ନିଜର ଗୋଡ଼କୁ ନିଜେ କୁରାଢ଼ୀ

ପକାଉଛୁ | ଯେଉଁ ବଣ ଆମମାନଙ୍କ ମୌଳିକ ଆବଶ୍ୟକତା ( ଶୁଦ୍ଧ ବାୟୁ, ଜଳ, ଖାଦ୍ୟ, ବାସସ୍ଥାନ ଓ ବସ୍ତ୍ର) ପୂରଣ କରେ ଆମେ ନଷ୍ଟ କରୁଛନ୍ତି | ଆମ ସମସ୍ତଙ୍କୁ ବେଳ ଥାଉଥାଉ ପରିବେଶର ମହତ୍ୱକୁ ବୁଝି ତା'ର ଯତ୍ନ ଓ ସଂରକ୍ଷଣ ନିତାନ୍ତ ଆବଶ୍ୟକ | ଆମ ଭବିଷ୍ୟତ ପିଢ଼ି ପାଇଁ ପ୍ରକୃତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ଅଟେ |



ମିତା ସମସ୍ତଙ୍କଠୁ କଛିକଛି ଜଙ୍ଗଲ ବିଷୟରେ ଶୁଣି ଜାଣିଲା ଯେ ଶାଳବଣ ଓ ଅନ୍ୟ ଜଙ୍ଗଲ କେବଳ ଛାଇ ଦିଏନ ତା'ସହ ଲୋକମାନଙ୍କୁ ବଂଚବା ପାଇଁ ମୌଳିକ ଉପାଦାନ, ରୋଜଗାର, ପ୍ରାକୃତିକ ସୌନ୍ଦର୍ଯ୍ୟ, ଦେଶର ଅର୍ଥନୀତି, ଅନ୍ୟ ଜୀବଜନ୍ତୁଙ୍କ ପାଇଁ ଆଶ୍ରୟ ସ୍ଥଳୀ ଓ ସମସ୍ତଙ୍କୁ ବଂଚବାର ସାହାଯ୍ୟ ଯୋଗାଇଥାଏ | ତେଣୁ ଜଙ୍ଗଲ ଯେପରି ଆମକୁ ସବୁବେଳେ ଛାଇ ଦେବ, ସେହି ଶାଳବଣର ଛାଇ ଯେପରି ସବୁବେଳେ ସେମିତି ରହିବ ଓ ସବୁବେଳେ ସେହି ଛାଇକୁ ଆମେ ଉପଭୋଗ କରିବା ସେଥିପ୍ରତି ଧ୍ୟାନ ଦେବାକୁ ପଡିବ |

ସମରଝୋଳ, ଗଂଜାମ, ଓଡିଶା

# ଦୁଇବନ୍ଧୁଙ୍କ କଥା



ବିନୟ କୁମାର ଦାସ

ସେ ଦୁଇଜଣ ବନ୍ଧୁ ଥିଲେ ।

ଦୁଇଜଣ ମାନେ ଦୁଇଟି ମଞ୍ଜି । ସେମାନଙ୍କୁ ଚାରା କରାଇବା ପାଇଁ ମାଟିରେ ପୋତି ଦିଆଗଲା । ମୁନ୍ଦେ ମୁନ୍ଦେ ପାଣି ଦିଆଗଲା । ବାସ୍, ସେ ଦୁହେଁ ଅନ୍ୟ ମଞ୍ଜିଙ୍କ ସହିତ ଚାରାରେ ପରିଣତ ହୋଇଗଲେ । ଛନଛନଆ କଅଁଳ ପତରରେ ସେମାନେ ଖୁବ୍ ସୁନ୍ଦର ଦେଖାଗଲେ । ମନ ଖୁସିରେ ନାଚଲେ ଧୀର ପବନ ର ତାଳେତାଳେ । ଜଣେ ଆଉଜଣକୁ କହିଲା, " ମଞ୍ଜିବେଳରୁ ଆମେ ଦୁହେଁ ବନ୍ଧୁ । ଚାରା ହୋଇଗଲୁ । ଆଉ କେଇଟା ଦିନ ପରେ ଗଛ ରେ ପରିଣତ ହୋଇଯିବୁ । ପାଖାପାଖି ରହି ସୁଖଦୁଃଖ ହେଉଥିବୁ ମରିବା ପର୍ଯ୍ୟନ୍ତ ।" ତହୁଁ ଅନ୍ୟ ଚାରାଟି କହିଲା , " ସେମିତି ଭାବିଲେ କଛି ଲାଭ ହେବ ନାହିଁ ବନ୍ଧୁ। କଏ ଜାଣେ, ଆମେ ଗୋଟିଏ ପାଖରେ ରହି ପାରିବୁକ ନା । ମାନେ ଆମକୁ ନେଇ ଯୋଉଠି ପୋତି ଦିଆହେବ, ଆମେ ତ ସେଇଠି ଗଛ ହବୁ । ତେଣୁ ଏ ଚାରା ଅବସ୍ଥାରୁଏତେ ସ୍ୱପ୍ନ ଦେଖିଲେ କଣ ହେବ **?**"

ସତକୁସତ ସେମାନେ ପରଷ୍ପରଠାରୁ ଦୂରେଇ ଗଲେ । ଜଣେ ଚାଲିଗଲା ସହରକୁ ଅନ୍ୟ ଚାରା ସହିତ ଆଉ ଅନ୍ୟଟି ରହିଗଲା ଗାଁରେ । ଆଉ ସେମାନଙ୍କର ଦେଖାସାକ୍ଷାତ ହେବାର ସମ୍ଭାବନା ରହିଲା ନାହିଁ ।

ଗୋଟିଏ ବର୍ଷ ବିତିଗଲା । ଗାଁରେ ରହିଥିବା ଚାରା ଏବେ ଏକ ସୁନ୍ଦର ଗଛରେ ପରିଣତ ହୋଇ ଯାଇଛି । ତା ଦେହ ସାରା ସବୁଜ ଗହଳଆ ପତ୍ର, କଢ ଆଉ ଫୁଲରେ ଭରି ଉଠିଲାଣି । ସେ ନଜକୁ ଖୁବ୍ ଭାଗ୍ୟବାନ ମନେ କରୁଥାଏ ତା ସୁନ୍ଦର ରୂପ ଦେଖି । ଭାବୁଥାଏ, ଆଉ କେଇଟା ଦିନ ଗଲେ ସେ ବେଶ୍ ଝଙ୍କାଳଆ ହୋଇଯିବ । ଅନ୍ୟକୁ ଖରା

ଦିନେ ଛାଇ ଦେଇ ପାରିବ । ତା ଦେହରେଭ ରି ଯିବ ମିଠା ସୁସ୍ୱାଦୁ ଫଳ । ପିଲ୍ଏ ଫଳ ଖାଇବା ପାଇଁ ତା ପାଖକୁ ଆସିବେ । ଚଢେଇମାନେ ତା ଡାଳରେ ବସା ଦେବେ । ତା ବନ୍ଧୁ ତା ପାଖରେ ଥିଲେ କେତେ ମଜା ହୋଇଥାନ୍ତା । ବନ୍ଧୁ ପାଇଁତା ମନ ବହୁତ ବ୍ୟାକୁଳ ହେଲା ।

ତହିଁ ପରଦିନ ତା ଆତ୍ମା ଗ୍ଲିଲା ସହର ଅଭିମୁଖେ । ଠିକଣା ଜାଗାରେ ପହଂଚଗଲା । ବନ୍ଧୁକୁ ଦେଖିତା ମନ କନ୍ତ ଦୁଃଖ ହୋଇଗଲା । ତା ଦେହରେ କଛି ପତ୍ର ନାହିଁ । ଯେଉଁ ଦୁଇ ଗ୍ଲିରିଟା ଅଛି, ସେଗୁଡା ଶୁଖିଗଲାଣି । ଥୁଂଟା ଗଛକୁ ଦେଖି ତା ଆଖିରୁ ଲୁହ ଝରି ଆସିଲା ।

" ତୋ ଅବସ୍ଥା ଏମିତି କଣ ବନ୍ଧୁ **?** ଏମିତି ଦରମର୍ ଅବସ୍ଥା ଯେ**..?**"

"ମରିବା ପୂର୍ବରୁ ତୁ ମୋତେ ଦେଖା କରିବାକୁ ଆସି ପାରିଛୁ, ସେଇ ମୋର ଭାଗ୍ୟ ବନ୍ଧୁ । ମୋ ଦେହରୁ ପ୍ରାଣବାହାରି ଯିବା ପୂର୍ବରୁ ତୋ ସହିତ ଭେଟ ହୋଇଗଲା, ସେତିକ ମୋ ପାଇଁ ଯଥେଷ୍ଟ । ତୁ ସତ କହିଥିଲୁ ସେ ଦିନ । ହେଲେ ତୋ କଥା କୁ ସେଦିନ ମୁଁ ହସି ଉଡାଇ ଦେଇଥିଲି ।"

"ସେ କଥା ଛାଡ୍, ତୋ ଅବସ୍ଥା ଏମିତି କଣ ପାଇଁ ମୋତେ କହ ।"

"ମୁଁ ଯେଉଁଦିନ ଏଠାକୁ ଆସିଲ, ସେଦିନ ଥିଲା ଏକ ବିଶେଷ ଦିନ । କଣ ଗୋଟିଏ ସବୁଜ ବିପ୍ଳବ ର ସ୍ଲୋଗାନ ଦିଆ ହେଉଥିଲା ସେଦିନ । ବିରାଟ ଏକ ସଭାକାର୍ଯ୍ୟ ର ଆୟୋଜନ କରା ଯାଇଥିଲା । ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ, ସମାଜର ଗଣମାନ୍ୟ ବ୍ୟକ୍ତି ବିଶେଷ, ସରକାରୀ ଅଫିସର ଆଉ ମନ୍ତ୍ରୀଙ୍କ ସହିତ କଛି ବଡବଡ ନେତାମାନେ ବି ଆସିଥିଲେ । ମାଇକ୍‌ରେ ଗୀତ ବାଜୁଥିଲା । ମଂଚରେ ବହୁତ ଭାଷଣ ଦିଆଗଲା । ସାଂସ୍କୃତିକ କାର୍ଯ୍ୟକ୍ରମ ହେଲା । ଖୋଦ୍ ମନ୍ତ୍ରୀ ମହୋଦୟ ମୋତେ ତାଙ୍କ କରକମଳରେ ଏଠାରେ ପୋତିଲେ । ବହୁତ ଫୋଟ ଉଠିଲା । ଟିଭିରେ ଏହାର ପ୍ରସାରଣ ବି ହେଲା । ମୁଁ ସେଦିନ ତୋ କଥା ବହୁତ ମନେ ପକାଇଛି । ଭାବୁଥିଲି, ତୁମୋ ପାଖରେ ଥିଲେ ଏ ଭବ୍ୟ

ଆୟୋଜନ ଦେଖି ପାରିଥାନ୍ତ । ହେଲେ, ତାପରେ ଆସିଗଲା ମୋର ଦୁର୍ଦ୍ଦିନ । ତହିଁ ପରଦିନ ଠାରୁ କେହି ମୋ ପାଖକୁ ଆଉ ଆସିଲେ ନାହିଁ । ମୋ ଦେହରେ ଯେଉଁ କେତୋଟି ପତର କଅଁଳଥିଲା, ତାକୁ ବି ଗାଇଛେଳ ଖାଇଦେଲେ । ମୋ ମୂଳରେ କେହି ପାଣି ମୁନ୍ଦିଏ ଦେଲେ ନାହିଁ । କେବେ କେମିତି ଅସରାଏ ବର୍ଷାହେଲେ ମୋ ଚେର ପାଣି ପାଉଥିଲା । ପତର କଅଁଳଲା ମାତ୍ରେ ଛେଳ ଖାଇ ଦଉଥାଏ । ମୁଣ୍ଡଫଟା ଖରାରେ ମୁଁ ଏମିତି ଏଇଠି ପଡି ରହିଛି । ତୋ ସହିତ ଦେଖାହେଲା, ଏବେ ମୁଁ ଶାନ୍ତିରେ ମରି ପାରିବି ବନ୍ଧୁ । ତୋ କଥା କଣ କହ । ”

“ସହରରେ ଏମିତିସବୁ ହୁଏବୋଲି ମୁଁ ତ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲି । ମୁଁ ତ ଭାବୁଥିଲି, ମୋ ବନ୍ଧୁ ସହରରେ ଖୁବ୍ ଆରାମରେ ବଢୁଥିବ । ହେଲେ ମୋ ଭାବନା ସବୁ ଓଲଟ ପାଲଟ ହୋଇଗଲାରେ । ମୋର ତ ସେଠି ଗାଁ ତାହାଲେ ଖୁବ୍ ଭଲ । ମୋତେ ଯେଉଁଠି ପୋତାହେଲା, ପ୍ରଥମେ ମୋ ଚାରି ପଖରେ ବାଡ ଘେରି ଦିଆଗଲା । ପ୍ରତିଦିନ କେହି ନା କେହି ମୋ ମୂଳରେ ପାଣି ଦେଲେ । ମୋ ମୂଳକୁ ଖୋସାଇ ଦେଲେ, ମୂଳରୁ ଅନାବନା ଘାସ ଉପାଡି ଦେଲେ । ମୁଁ ଛନଛନ ହୋଇ ବଢିବାକୁ ଲାଗିଲି । ମୋ ଦେହରେ ଏବେ ବହୁତ ପତର ଆଉ ଫୁଲ । ପ୍ରଜାପତିମାନେ ଫୁଲ ସହିତ ଖେଳୁଛନ୍ତି । ମୋ ଦେହରେ ଫଳର କଷିବି ଆସିଗଲାଣି ।”

“ଯାହାହେଉ , ତୁ ସେମିତି ଭଲରେ ଭଲରେ ଥା ସେଇଠି ।”

“ସତ କହୁଛି ବନ୍ଧୁ, ମୋ ଗାଁ ମୋତେ ଭଲ । ଚାରିପାଖେ ଭରା ସବୁଜିମା । ତୁମର ତ ଏଠି କାହିଁ କୋଉଠି ଗଛଟିଏ ଦେଖିବାକୁ ମିଳୁନ । ଖାଲି କୋଠା ଆଉ କୋଠା । ନ ଆସିଥିଲେ ସହରର ଏ ରୂପ ଦେଖି ପାରି ନଥାନ୍ତି । ହଉ, ମୁଁ ଫେରି ଯାଉଛି ମୋ ଗାଁକୁ । ତୋ ଭାଗ୍ୟରେ ଯାହା ଥିବ, ସେଇଆ ହିଁ ଘଟିବ । ବିଦାୟବନ୍ଧୁ..ବିଦାୟ ।”

ଏକ ଦୀର୍ଘଶ୍ୱାସ ଛାଡି ଗାଁ ଗଛର ଆତ୍ମା ଫେରି ଆସିଲା ତା ନିଜ ସ୍ଥାନକୁ ।

ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୧

# ଚିତ୍ର



ରିୟାନ୍ସ ପଣ୍ଡା



ଷ୍ଟାଣ୍ଡର୍ଡ଼ ୧,ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ୍,
ବାଙ୍ଗାଲୋର

# ଚିତ୍ର



ସାଇ ସ୍ୱରୂପ ପଣ୍ଡା



ସେଣ୍ଟ ଜାଭିଅର ସ୍କୁଲ, ଷ୍ଟାଣ୍ଡର୍ଡ -୨ ମାର୍କୋଣା ,ବାଲେଶ୍ୱର

# ମଇ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୫/୨୦୨୧ | ଶ୍ରମିକ ଦିବସ |
| ୦୨/୦୫/୨୦୨୧ | ଶରଣ ଆରମ୍ଭ |
| ୦୭/୦୫/୨୦୨୧ | ବରୁଥିନୀ ଏକାଦଶୀ, ଶରଣ ଶେଷ |
| ୧୦/୦୫/୨୦୨୧ | ଶିବ ଚତୁର୍ଦ୍ଦଶୀ ଉପବାସ, ସବେ-କଦର (ପୂର୍ବରାତ୍ରି) |
| ୧୧/୦୫/୨୦୨୧ | ରୁକ୍ମିଣୀ ଅମାବାସ୍ୟା, ଗୋସହସ୍ରୀ ସ୍ନାନ |
| ୧୩/୦୫/୨୦୨୧ | ଦ୍ୱିତୀୟାର ଚନ୍ଦ୍ରଦର୍ଶନ |
| ୧୪/୦୫/୨୦୨୧ | ଇଦୁଲ୍ ଫିତର୍ ଓ ମାସାନ୍ତ |
| ୧୫/୦୫/୨୦୨୧ | ବୃଷ ସଂକ୍ରାନ୍ତି, ଅକ୍ଷୟ ତୃତୀୟା |
| ୧୭/୦୫/୨୦୨୧ | ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ |
| ୧୮/୦୫/୨୦୨୧ | ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ |
| ୨୦/୦୫/୨୦୨୧ | ନୀଳାଦ୍ରୀ ମହୋଦୟାଷ୍ଟମୀ |
| ୨୧/୦୫/୨୦୨୧ | ସୀତା ନବମୀ |
| ୨୨/୦୫/୨୦୨୧ | ଶନିଷ୍ଟର ଯଜ୍ଞ |
| ୨୩/୦୫/୨୦୨୧ | ମୋହିନୀ ଏକାଦଶୀ ଓ ରବିନାରାୟଣ ବ୍ରତ |
| ୨୬/୦୫/୨୦୨୧ | ଚନ୍ଦନ ଓ ବୁଦ୍ଧ ପୂର୍ଣ୍ଣିମା, ବୈଶାଖ ବ୍ରତ ସମାପନ ଓ ଚନ୍ଦ୍ରପୂଜା |
| ୨୯/୦୫/୨୦୨୧ | ଶରଣ ଆରମ୍ଭ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା –vedantimagazine@gmail.com/ editor.vedantimagazine@gmail.com

## ଅପ୍ରେଲ ମାସର ବିଜେତାଙ୍କ ନାମ



ବରଗଛ ଛାଇ ପର୍ଯ୍ୟାପ୍ତ ନୁହଁଇ
ନୁହଁ ଏ ମିଟିଂ ବେଳ
କରୋନା ସମୟ ଘୋର ବିପର୍ଯ୍ୟୟ
ତୁଟି ଯାଏ ମନ ବଳ ।
ସାବଧାନ ରୁହ ଭାଇ,
ଦୂରେ ଦୂରେ ରହି ମାସ୍କ ପିନ୍ଧୁଥିବା

ସାନଟାଇଜରରେ ହାତ ଧୋଉଥିବା
ଆମର ଅମୂଲ୍ୟ ଜୀବନ ପାଇଁ ॥

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ପଟିଆ, ଭୁବନେଶ୍ୱର

କରିବା ଯତନ ବୃକ୍ଷ ସଂରକ୍ଷଣ
ଆମ ବୃକ୍ଷ ରୁଜୀ ଆମ ସଂପଦ,
ବୃକ୍ଷ ରୋପଣ ର ମହତ କାମର
କରି ସହାୟତା ବଢାଇ ହାତ,
ବାୟୁ ପ୍ରଦୂଷଣ ଅନାବୃଷ୍ଟି ହେତୁ
ଜଳୁଛି ଜଙ୍ଗଲ ବଢୁଛି ତାତି,
ଅମ ପିଢୀ ଯଦି ସଚେତ ନ ହେବ
ଆଗାମୀ ଦିନ ରେ ବିଷମ ସ୍ଥିତି

ବିଜେତା: ମୀନାକ୍ଷି ପାଢୀ, ଥାନେ, ମହାରାଷ୍ଟ୍ର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା –
vedantimagazine@gmail.com

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପ୍ରତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତି ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.com visit କରନ୍ତୁ ।

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**